# ଓଡ଼ିଆ କବି ଓ କାବ୍ୟ

ପଣ୍ଡିତ ନୀଳମଣି ମିଶ୍ର

ଓଡ଼ିଶା ସାହିତ୍ୟ ଏକାଡ଼େମୀ
ଭୁବନେଶ୍ୱର

ପ୍ରଥମ ମୁଦ୍ରଣ—୧୦୦୦
୧୯୭୯

Rs 5-25

ଓଡ଼ିଶାର ଦକ୍ଷିଣାଞ୍ଚଳ ରାଜସ୍ୱ କମିସନର୍

ସଂସ୍କୃତଜ୍ଞ

ଶ୍ରୀଯୁକ୍ତ ବିମଳ କିଶୋର ମିଶ୍ର, ଆଇ. ଏ. ଏସ୍.

ମହୋଦୟଙ୍କ

କରକମଳରେ

ଭକତ

ନୀଳମଣି

# ପଦେ ଅଧେ

ଓଡ଼ିଶାର କବି ଓ କାବ୍ୟ ଗୁଡ଼ିକ ସମ୍ବନ୍ଧରେ ଆଜିସୁଦ୍ଧା ଏକ ପୂର୍ଣ୍ଣାଙ୍ଗ ଇତିହାସ ରଚିତ ହୋଇ ପାରି ନାହିଁ ଏବଂ ଏଭଳି ଇତିହାସ ଲେଖିବା ମଧ୍ୟ ସହଜ ସାଧ୍ୟ ବ୍ୟାପାର ନୁହେଁ । ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଏତେ କବି ଓ ତାଙ୍କ ଦ୍ୱାରା ରଚିତ କାବ୍ୟମାନ ରହିଛି, ଯାହାକି ଏ ପର୍ଯ୍ୟନ୍ତ ଲୋକଲୋଚନର ଗୋଚରକୁ ଆସି ନାହିଁ । ତନ୍ମଧ୍ୟରୁ ଅନେକ ଅପ୍ରକାଶିତ ଗ୍ରନ୍ଥ କାଳର ବିସ୍ମୃତି-ଗର୍ଭରେ ବିଲୀନ ହୋଇ-ଗଲାଣି । ତଥାପି ଅଦ୍ୟାପି ଯେତିକି ଗ୍ରନ୍ଥର ସନ୍ଧାନ ମିଳୁଛି, ସେଗୁଡ଼ିକର ପୁନରୁଦ୍ଧାର ନ ହେବା ପର୍ଯ୍ୟନ୍ତ ଓଡ଼ିଆ ସାହିତ୍ୟର ଏକ ପୂର୍ଣ୍ଣାଙ୍ଗ ଇତିହାସ ଲେଖାଯିବା ସମ୍ଭବ ନୁହେଁ ।

ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ସଂଗୃହୀତ ହୋଇ ଅନେକ ଅପ୍ରକାଶିତ ତାଳପତ୍ର ପୋଥି ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ସଂରକ୍ଷିତ ହୋଇଛି । ରାଜ୍ୟ ସଂଗ୍ରହାଳୟର ଭୂତପୂର୍ବ ଅଧୀକ୍ଷକ ଓ ଓଡ଼ିଶାର ସୁପରିଚିତ ପ୍ରତ୍ନତତ୍ତ୍ୱବିତ୍ ଡକ୍ଟର ପରମାନନ୍ଦ ଆଚାର୍ଯ୍ୟ ଏହି କାର୍ଯ୍ୟରେ ୧୯୫୦ ମସିହାରୁ ୧୯୫୫ ମସିହା ପର୍ଯ୍ୟନ୍ତ ବିଶେଷ ଦୃଷ୍ଟି ଦେଇଥିଲେ । ତାଙ୍କର ଅଦମ୍ୟ ପ୍ରଚେଷ୍ଟା ଓ ଐତିହାସିକ ଶ୍ରୀଯୁକ୍ତ କେଦାରନାଥ ମହାପାତ୍ରଙ୍କ ଅଧ୍ୟୟନ ଓ ଗବେଷଣା ଫଳରେ ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ପୋଥି ବିଭାଗଟି ଅତି ସମୃଦ୍ଧ ହୋଇ ଆଜିସୁଦ୍ଧା ଅପ୍ରକାଶିତ ପାଣ୍ଡୁଲିପି ସଂଗ୍ରହ ଦିଗରେ ଅଗ୍ରଗତି କରି ଆସୁଅଛି । ତତ୍‌ସଙ୍ଗେସଙ୍ଗେ ଓଡ଼ିଶା ରାଜ୍ୟ ସାଂସ୍କୃତିକ ବ୍ୟାପାର ବିଭାଗର ଭୂତପୂର୍ବ ଶାସନ ସଚିବ ଓ ନିର୍ଦ୍ଦେଶକ ଶ୍ରୀଯୁକ୍ତ ବି. ବେଙ୍କଟ ରମଣ, ଆଇ. ଏ. ଏସ୍. ତଥା ସଂସ୍କୃତିବିତ୍ ଶ୍ରୀଯୁକ୍ତ କମଳ କିଶୋର ମିଶ୍ର, ଆଇ. ଏ. ଏସ୍. ମହୋଦୟ ଏହି ପୋଥି ବିଭାଗଟିର ସର୍ବାଙ୍ଗୀଣ ଉନ୍ନତିକଳ୍ପେ ବହୁବିଧ ଚେଷ୍ଟା କରିଛନ୍ତି । ବର୍ତ୍ତମାନ ସାଂସ୍କୃତିକ ବ୍ୟାପାର ବିଭାଗର ମନ୍ତ୍ରୀ ମହୋଦୟ ସୁଲେଖକ ଶ୍ରୀଯୁକ୍ତ ନିତ୍ୟାନନ୍ଦ ମହାପାତ୍ର, ବିଭାଗୀୟ ଶାସନ ସଚିବ ଗବେଷକ

ଶ୍ରୀଯୁକ୍ତ ଅନିରୁଦ୍ଧ ଦାସ, ଆଇ. ଏ. ଏସ୍. ଓ ସ୍ୱର୍ଗୀୟ ଉପନିର୍ଦ୍ଦେଶକ ଶ୍ରୀଯୁକ୍ତ ଅର୍ଜୁନ ଯୋଶୀ ମହୋଦୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଂଗ୍ରହାଳୟର ପୋଥି ବିଭାଗଟି ଅପ୍ରତିହତ ପଥରେ ଅଗ୍ରସର ହୋଇଛି । ତେଣୁ ଆଜି ଏହି ଅବସରରେ ସେ ବରେଣ୍ୟ ବ୍ୟକ୍ତିମାନଙ୍କଠାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

୧୯୫୬ ମସିହାରେ ଶ୍ରୀଯୁକ୍ତ କେଦାରନାଥ ମହାପାତ୍ରଙ୍କ ସହକାରୀ ରୂପେ ଯୋଗଦେବା ପରେ ପରେ ତାଙ୍କର ପ୍ରେରଣା ଓ ନିର୍ଦ୍ଦେଶରେ ମୁଁ ପ୍ରଥମେ ଓଡ଼ିଆ ଓ ସଂସ୍କୃତ ସାହିତ୍ୟର ଆଲୋଚନା ଆରମ୍ଭ କଲି । ଶ୍ରୀଯୁକ୍ତ ମହାପାତ୍ରଙ୍କ ହାର୍ଦ୍ଦିକ ସାହାଯ୍ୟ ଓ ପାଣ୍ଡିତ୍ୟପୂର୍ଣ୍ଣ ଉପଦେଶ ମିଳି ନଥିଲେ ଜୀବନରେ ଲେଖକ ହେବାର ସୌଭାଗ୍ୟରୁ ମୋତେ ବଞ୍ଚିତ ହେବାକୁ ହୋଇଥାନ୍ତା, ତେଣୁ ଆଜି ମୁଁ ସେହି ମହାଶୟଙ୍କଠାରେ ଭକ୍ତିପୂର୍ଣ୍ଣ କୃତଜ୍ଞତା ଜ୍ଞାପନ କରୁଛି ।

ଓଡ଼ିଶାରେ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ମୋ ପ୍ରବନ୍ଧଗୁଡ଼ିକୁ ପାଠ କରି ଓଡ଼ିଶା ସାହିତ୍ୟ ଏକାଡ଼େମୀର ଭୂତପୂର୍ବ ସମ୍ପାଦକ ସୁଯୋଗ୍ୟ ଅଧ୍ୟାପକ ଶ୍ରୀଯୁକ୍ତ ଗୌରୀକୁମାର ବ୍ରହ୍ମା ମୋତେ ଉତ୍ସାହିତ କରିବା ସଙ୍ଗେ ସଙ୍ଗେ ମୋ ଦ୍ୱାରା ଲିଖିତ ଓ ସମ୍ପାଦିତ ତିନି ଖଣ୍ଡି ପୁସ୍ତକ ଏକାଡ଼େମୀ ତରଫରୁ ପ୍ରକାଶ କରି ଲେଖକ ଭାବରେ ଅଗ୍ରଗତି କରିବା ଲାଗି ଯଥେଷ୍ଟ ପ୍ରେରଣା ଦେଇଥିବାରୁ ମୁଁ ତାଙ୍କଠାରେ ଚିରକୃତଜ୍ଞ ।

ଆଜି ପୂର୍ବରୁ ପ୍ରକାଶିତ ମୋର ଶତାଧିକ ପ୍ରବନ୍ଧ ମଧ୍ୟରୁ କେତୋଟି ଅତି ଉପାଦେୟ ପ୍ରବନ୍ଧକୁ ପୁସ୍ତକ ଆକାରରେ ସଂକଳିତ କରିବା ଲାଗି ଖଲ୍ଲିକୋଟ କଲେଜର ଓଡ଼ିଆ ଅଧ୍ୟାପକ ଶ୍ରୀ ସୁଦର୍ଶନ ଆଚାର୍ଯ୍ୟ ଓ ସୁବଲେଖକ ଶ୍ରୀ ନରସିଂହ ନନ୍ଦ ପ୍ରମୁଖ ବନ୍ଧୁ ବିଶିଷ୍ଟ ବନ୍ଧୁ ମୋତେ ବାରମ୍ବାର ଉତ୍ସାହିତ କରିଥିବାରୁ ସେମାନେ ଅଶେଷ ଧନ୍ୟବାଦର ପାତ୍ର ।

ଏହି ପୁସ୍ତକର ପାଣ୍ଡୁଲିପି ପ୍ରସ୍ତୁତ କରିବା ଲାଗି ମୋର ଅନୁଜ-ପ୍ରତିମ ଶ୍ରୀ ଅନୁପମ ପଣ୍ଡା ମୋତେ ଯେଉଁ ସାହାଯ୍ୟ କରିଛନ୍ତି ତାହା ଭୁଲିବାର ନୁହେଁ । ତାଙ୍କ ଅକ୍ଳାନ୍ତ ପରିଶ୍ରମ ବିନା ଏହି ପୁସ୍ତକଟିର ଆତ୍ମ-

ପ୍ରକାଶ ସମ୍ଭବ ହୋଇ ନଥାନ୍ତା । ତେଣୁ ତାଙ୍କ ପ୍ରତି ଆନ୍ତରିକ ଶୁଭେଚ୍ଛା ଜଣାଉଛି ।

ପ୍ରବନ୍ଧ ଗୁଡ଼ିକୁ ସଙ୍କଳନ କରି ପୁସ୍ତକ ଆକାରରେ ପ୍ରକାଶ କରିବାର କଳ୍ପନାକୁ, ସାହିତ୍ୟ ଏକାଡେମୀର ଗ୍ରାଣ୍ଟ କମିଟି ନିର୍ବାଚନ ସମିତିର ଶ୍ରୀଯୁକ୍ତ ରାଧାମୋହନ ଗଡ଼ନାୟକ ପ୍ରମୁଖ ସଭ୍ୟବୃନ୍ଦ, ବାସ୍ତବରେ ପରିଣତ କରି ମୋର ତଥା ଓଡ଼ିଶାର ଅଗଣିତ ଶ୍ରଦ୍ଧେୟ ପାଠକମାନଙ୍କର ଅଶେଷ ଉପକାର ସାଧନ କରିଛନ୍ତି ।

ପରିଶେଷରେ ମୁଦ୍ରଣାଦି ଦୋଷ, ତ୍ରୁଟି ପ୍ରତି ବିଶେଷ ଦୃଷ୍ଟି ନଦେଇ ପୁସ୍ତକଟି ଆଗ୍ରହର ସହିତ ପାଠ କରିବା ସଙ୍ଗେ ସଙ୍ଗେ ବିଷୟଗତ ଅସଙ୍ଗତି ପ୍ରତି ମୋର ଦୃଷ୍ଟି ଆକର୍ଷଣ କରିବାଲାଗି ଶ୍ରଦ୍ଧେୟ ପାଠକ ଓ ବରେଣ୍ୟ ସମାଲୋଚକମାନଙ୍କଠାରେ ମୋର ବିନୀତ ଅନୁରୋଧ । ଇତି ।

ନୀଳମଣି ମିଶ୍ର

ଅକ୍ଷୟ ତୃତୀୟା
ଓଡ଼ିଶା ରାଜ୍ୟ ସଂଗ୍ରହାଳୟ, ଭୁବନେଶ୍ୱର
୧୯ ଅପ୍ରେଲ, ୧୯୬୯

# ସୂଚୀପତ୍ର


| ବିଷୟ | ପୃଷ୍ଠା |
| --- | --- |
| ୧ । ଅର୍ଜ୍ଜୁନ ଦାସଙ୍କ କଳ୍ପଲତା କାବ୍ୟ | ୧ |
| ୨ । ବୃଦ୍ଧ ଲଛାବତୀ ଲଛାବତୀ ଓ ଲଜ୍ଜାବତୀ | ୧୭ |
| ୩ । ବିପ୍ର କୃଷ୍ଣ ଦାସ ଓ ଓଡ଼ିଆ ଜ୍ୟୋତିଷ ସାହିତ୍ୟ | ୩୨ |
| ୪ । ଖଲ୍ଲିକୋଟ ରାଜବଂଶର ଓଡ଼ିଆ ସାହିତ୍ୟକୁ ଦାନ | ୫୨ |
| ୫ । ବ୍ରଜବିହାର କାବ୍ୟ ଓ କବି ଦାଶରଥି ଦାସ | ୬୫ |
| ୬ । ସୁଭଦ୍ରା ପରିଣୟ ଓ କବି ବନମାଳୀ | ୯୨ |
| ୭ । କୃଷ୍ଣକେଳି ତରଙ୍ଗିଣୀ ଓ କବି ପୁରୁଷୋତ୍ତମ | ୧୦୮ |
| ୮ । ଓଡ଼ିଆ ସାହିତ୍ୟକୁ ଟିକିଲି ରାଜବଂଶର ଦାନ | ୧୨୧ |
| ୯ । କବି ପୀତାମ୍ବର ଦାସ | ୧୮୩ |
| ୧୦ । କବି ଘୁମୁସରର ଧନ ଭଞ୍ଜ | ୧୯୯ |
| ୧୧ । ଅନୁରାଗ କଳ୍ପଲତା ଓ କବି ଶ୍ୟାମସୁନ୍ଦର ଦେବ | ୨୨୪ |


—※—

# ଅର୍ଜୁନ ଦାସଙ୍କ କାଳ୍ପନିକ କାବ୍ୟ

ପ୍ରାଚୀନ ଓଡ଼ିଆ ସାହିତ୍ୟର ଗର୍ଭାବରେ କେତେ ଯେ ଅମୂଲ୍ୟ ମଣିମୁକ୍ତାର ସମ୍ଭାର ରହିଛି, ତାହା ସାଧାରଣ ପାଠକ କେବେହେଲେ ଅନୁଭବ କରିପାରିବେ ନାହିଁ । ପ୍ରାଚୀନ ଓଡ଼ିଆ ସାହିତ୍ୟର ସମୁଦ୍ର ମନ୍ଥନ କରି ଓଡ଼ିଆ ସମାଲୋଚକମାନେ କେତେ ଯେ ପାରିଜାତ, ଐରାବତ, ଚନ୍ଦ୍ର ଓ ଅମୃତ ପରି ଅମୂଲ୍ୟ ବସ୍ତୁ ଆହରଣ କରିଛନ୍ତି, ତାହାର ତଥ୍ୟ ଜାଣିଲେ ଆଶ୍ଚର୍ଯ୍ୟାନ୍ୱିତ ହେବାକୁ ପଡ଼େ ।

ଆଜି ସୁଦ୍ଧା ଜଗବନ୍ଧୁ ସିଂହ, ମନମୋହନ ଚକ୍ରବର୍ତ୍ତୀ, ବିଜୟ ଚନ୍ଦ୍ର ମଜୁମଦାର, ଶ୍ୟାମସୁନ୍ଦର ରାଜଗୁରୁ, ଗୋପୀନାଥ ନନ୍ଦ, ତାରିଣୀ ଚରଣ ରଥ, ଡକ୍ଟର ଆର୍ତ୍ତବଲ୍ଲଭ ମହାନ୍ତି, ଡକ୍ଟର କରୁଣାକର କର, ପଣ୍ଡିତ ବିନାୟକ ମିଶ୍ର, ପଣ୍ଡିତ ସୂର୍ଯ୍ୟନାରାୟଣ ଦାସ, ଡକ୍ଟର ବଂଶୀଧର ମହାନ୍ତି, ଡକ୍ଟର ନଟବର ସାମନ୍ତରାୟ, ୰ଚନ୍ଦ୍ର ଚରଣ ପଟ୍ଟନାୟକ, ଐତିହାସିକ କେଦାରନାଥ ମହାପାତ୍ର, ଡକ୍ଟର ମାୟାଧର ମାନସିଂହ ତଥା ସୁଲେଖକ ସୁରେନ୍ଦ୍ର ମହାନ୍ତି ଆଦି ସମାଲୋଚକମାନେ ଓଡ଼ିଆ ସାହିତ୍ୟର ଇତିହାସ ତଥା ବହୁଳ ଦିଗର ସମ୍ବନ୍ଧରେ ଯେତକ ଆଲୋଚନା କଲେଣି ତାହା ଓଡ଼ିଆ ସାହିତ୍ୟର ବିପୁଳ-ସମ୍ପଦ-ତୁଳନାରେ ଅତି ସାମାନ୍ୟ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଆଜି ସୁଦ୍ଧା କେଳକଲେବରର ଅନ୍ତରାଳରେ ଏପରି ଅନେକ କବିଙ୍କର ରଚନା ରହିଛି, ଯାହାକି, ଓଡ଼ିଆସାହିତ୍ୟର ଗନ୍ତାଘରେ ଅମୂଲ୍ୟ ରତ୍ନ ରୂପେ ପରିଗଣିତ ହୋଇପାରନ୍ତା।

ଓଡ଼ିଆ ସାହିତ୍ୟର ଜଣୈକ ପ୍ରାଚୀନ କବି ଅର୍ଜୁନ ଦାସଙ୍କ ସମ୍ବନ୍ଧରେ ବୋଧହୁଏ, ସ୍ୱର୍ଗତଃ ପଣ୍ଡିତ ଆର୍ତ୍ତବଲ୍ଲଭ ମହାନ୍ତି ପ୍ରଥମ ଆଲୋଚନା କରିଥିଲେ। ତତ୍ପୂର୍ବରୁ ବିମ୍ସ୍ ପ୍ରଭୃତି ସମାଲୋଚକମାନେ ଅର୍ଜୁନ ଦାସଙ୍କ ସମ୍ବନ୍ଧରେ କୌଣସି ଆଲୋଚନା କରି ନଥିଲେ। ଏପରି ମହାନ୍ତିଙ୍କ ସମ୍ପାଦନାରେ ପ୍ରାଚୀନମିଶ୍ର ପଦ୍ୟରୁ ଯେଉଁ ଗ୍ରନ୍ଥାବଳୀ ପ୍ରକାଶ ପାଇଲା, ତାହାମାନଙ୍କର କବି ଅର୍ଜୁନ ଦାସଙ୍କ ସମ୍ବନ୍ଧରେ ସମାଲୋଚନାର ମର୍ମ ରହସ୍ୟ ନହୋଇଗଲା। ଅବଶ୍ୟ ଯେ ଅର୍ଜୁନ ଦାସଙ୍କର ଅନ୍ୟ କୌଣସି ରଚନା ଥିବାର ସୂଚନା ଭକ୍ତ ଗ୍ରନ୍ଥର ମୁଖବନ୍ଧରେ ଦେଇନାହାନ୍ତି, କିନ୍ତୁ ବର୍ତ୍ତମାନର ଅନୁସନ୍ଧାନ ଫଳରେ କବି ଅର୍ଜୁନ ଦାସଙ୍କର ଏକ କାନୁଣିକ କାବ୍ୟ ଜଗନ୍ନାଥ-ଭଣଙ୍କର ପାଣ୍ଡୁଲିପି ଆସିଛି।

ଗ୍ରନ୍ଥଟିର ନାମ 'କଳ୍ପଲତା' ଓ ତାହା ପୁରୀଜିଲ୍ଲାର ଖୋର୍ଦ୍ଧା ନିକଟସ୍ଥ କଳମ୍ବା ନାମକ ସ୍ଥାନରୁ ସଂଗୃହୀତ ହୋଇ ରାଜ୍ୟ ସଂଗ୍ରହାଳୟ ତାଳପତ୍ର ପୋଥି ବିଭାଗରେ ସଂରକ୍ଷିତ ହୋଇଛି। ଗ୍ରନ୍ଥଟି କ୍ଷୁଦ୍ର ହେଲେହେଁ ଛୋଟ ଛୋଟ କେତୋଟି ଛାନ୍ଦରେ ରଚିତ! ପ୍ରତ୍ୟେକ ଛାନ୍ଦର ବିଷୟବସ୍ତୁ ନିମ୍ନରେ ପ୍ରଦତ୍ତ ହେଲା।

## ୧ମ ଛାନ୍ଦ

ପଞ୍ଚାଳାରଣ୍ୟରେ ଜଗନ୍ନାଥଙ୍କ ମାହାତ୍ମ୍ୟ ବର୍ଣ୍ଣନା କରି-ଯାଇଛନ୍ତି। ବସନ୍ତ ଓ ସୁଲେଖା ନାମ୍ନୀ ସ୍ୱର୍ଗର ଗନ୍ଧର୍ବ ଓ ଅପ୍ସରଙ୍କର ଉଦ୍ୟାନର ପ୍ରେମ-ଚର୍ଚ୍ଚା ବଢ଼ିବାକୁ ଲାଗିଲା, ଯେବେ ବସନ୍ତ ସହିତ ସୁଲେଖା ଉଦ୍ୟାନକାନନରେ ନନ୍ଦିତ ଥିବାବେଳେ ଇନ୍ଦ୍ରଙ୍କ ସୁଧର୍ମା ସଭାରେ ବିଶେଷ ନୃତ୍ୟ କରିବାକୁ ଡାକରା ହେଲା। ସୁନେତ୍ରା ଇନ୍ଦ୍ରଙ୍କର ଆଦେଶ ପାଳିବା ମାତ୍ରେ ସଭାରେ ବସନ୍ତଙ୍କ ସ୍ମରଣ କରି ନୃତ୍ୟମାନଙ୍କୁ ପ୍ରାରମ୍ଭ କଲେ। କିନ୍ତୁ ବସନ୍ତଙ୍କ ଚିନ୍ତା ଦୂର କରି ନପାରି, ନୃତ୍ୟ ଭୁଲିଲେ, ବସନ୍ତଙ୍କ

ବ୍ୟାକୁଳ ହୋଇ ଗମନ କଲେ । ନୃତ୍ୟସ୍ଥଳରେ ବସନ୍ତକକୁ ଦେଖି ସୁରେଖା ହଠାତ୍ ନୃତ୍ୟରୁ ଗତି ଶିଥିଳ କରି ଦେଲେ. ଇନ୍ଦ୍ର ମହା-କ୍ରୋଧରେ ତାଙ୍କୁ ଅଭିଶାପ ଦେଲେ । ମାତ୍ର ସଭାରେ ଉପସ୍ଥିତ ଗୋବର୍ଦ୍ଧନଙ୍କ ଅନୁରୋଧରେ ସେ ଦୁହିଁଙ୍କୁ ମର୍ତ୍ତ୍ୟରେ ରାଜକୁମାର ଓ ରାଜକୁମାରୀ ରୂପେ ଜନ୍ମ ଗ୍ରହଣ କରି ପାର୍ଥିବ ସୁଖଭୋଗ କରିବାକୁ ଇନ୍ଦ୍ର ଦୟାପରବଶ ହୋଇ ନିର୍ଦ୍ଦେଶ ଦେଲେ ।

ଇନ୍ଦ୍ରଙ୍କ ଶାପାନୁସାରେ ବସନ୍ତକ ବହ୍ଳୀକ ଦେଶର ରାଜା ବିଦ୍ୟାବିନୋଦଙ୍କ ଗୃହରେ ଜନ୍ମଗ୍ରହଣ କରି 'ଅମରଶିଖର' ନାମରେ ନିଜର ବାଲ୍ୟଲୀଳା ଅତିକ୍ରମ କରି ଯୌବନରେ ପଦାର୍ପଣ କଲେ ଏବଂ ସୁରେଖା କର୍ଣ୍ଣାଟ ଦେଶର ରାଜା ଧର୍ମଧ୍ୱଜଙ୍କ ଗୃହରେ ଜନ୍ମଗ୍ରହଣ କରି 'କଳ୍ପଲତା' ନାମରେ ମହାସୁଖରେ ବାଲ୍ୟଲୀଳା ଶେଷ କରି ଯୌବନରେ ପଦାର୍ପଣ କଲେ ।

ଦିନେ ରାଜକୁମାରୀ ସୁସଖୀ ମଦନମଞ୍ଜରୀ ସହିତ କୃଷ୍ଣାବେଣୀ ନଦୀରେ ସ୍ନାନ ସମାପ୍ତ କରି ନଦୀକୂଳସ୍ଥ ଶିବଲିଙ୍ଗଙ୍କ ପୂଜା ସମାପନ ପୂର୍ବକ ସନ୍ନିକଟରେ ବାସକରୁଥିବା ଜଙ୍ଗମଙ୍କୁ ଦର୍ଶନ କଲେ । ସେଠାରେ ସେ ବହ୍ଳୀକ ଦେଶର ରାଜକୁମାରର ଗୁଣ ବର୍ଣ୍ଣନା ଶୁଣି ସ୍ୱ ଚିତ୍ରପଟ ଦାନ ପୂର୍ବକ ରାଜକୁମାରଙ୍କୁ ଆଗାମୀ ଚୈତ୍ର ପୂର୍ଣ୍ଣିମା ପୂର୍ବରୁ ଆଣି ଦେଖାଇବା ଲାଗି ଅନୁରୋଧ କଲେ । ଜଙ୍ଗମ କାର୍ଯ୍ୟସାଧନ ଲାଗି ସ୍ୱୀକୃତ ହୁଅନ୍ତେ ରାଜକୁମାରୀ ଅନ୍ତଃପୁରକୁ ପ୍ରସ୍ଥାନ କଲେ ।

## ୨ୟ ଓ ୩ୟ ଛାନ୍ଦ

ଅମର ଶିଖରର ଯୁବାବସ୍ଥା ଉପସ୍ଥିତ ହୁଅନ୍ତେ, ସେ ଦିନେ ସୁବଶା ମନ୍ତ୍ରୀ ପୁତ୍ର ମାନଙ୍କ ଆଗରେ ନିଜର ପୂର୍ବ-ଜନ୍ମ-ସ୍ମୃତି ବର୍ଣ୍ଣନ କଲେ ଓ ଅନ୍ୟ କନ୍ୟା ବିବାହ କରିବାକୁ ମଧ୍ୟ ନିଜର ଅନିଚ୍ଛା ପ୍ରକାଶ କଲେ ।

ଦିନେ ରାଜା ବିଦ୍ୟାବିନୋଦ ପୁତ୍ରର ବିବାହ ଲାଗି ଏକ ସୁନ୍ଦରୀ ରାଜକୁମାରୀର ପ୍ରସ୍ତାବ ଉତ୍ଥାପିତ କରନ୍ତେ ଅମରଶିଖର

ମଧୁକର ଆଗରେ ନିଜର ଅନିଚ୍ଛା ପ୍ରକାଶ କରି ପରେଶ୍ୱର ନାମକ ଯୋଗୀଙ୍କ ଆଶ୍ରମକୁ ପ୍ରସ୍ଥାନ କଲେ । ସେଠାରେ ରାଜକୁମାରୀ କଳ୍ପଲତାର ଶପଥ ଧରି ଆସିଥିବା ଜଗମଙ୍କଠାରୁ କୁମାରର ମନୋଭାବ ଜାଣି ପରେଶ୍ୱର ଯୋଗୀଙ୍କ ଠାରୁ ବିଭୂତି ଓ ମୃତ୍ୟୁଞ୍ଜୟ ମନ୍ତ୍ର ଗ୍ରହଣ ପୂର୍ବକ ଛଦ୍ମବେଶରେ ମନ୍ତ୍ରୀପୁତ୍ର ସହିତ ଅମରଶିଖର, କର୍ଣ୍ଣାଟଦେଶକୁ, କଳ୍ପଲତା ସହ ସାକ୍ଷାତ ଉଦ୍ଦେଶ୍ୟରେ ଗମନ କଲେ ।

## ୪ର୍ଥ ଛାନ୍ଦ —

ଜଗମଙ୍କ ବସ୍ତ୍ରରେ ଶପଥ ଦେଖି ରାଜକୁମାରୀ କଳ୍ପଲତା କୁମାର ଅମର ଶିଖରର ଯାତ୍ରା କରି ବଡ଼ ଆନନ୍ଦରେ ଉପସ୍ଥିତ ହେଲେ । କୁମାରର ହୃଦୟରେ ମଦନ ଶରାଘାତ ବେଦନା ହେବାରୁ ଚତୁର୍ଦ୍ଦିଗର ଲକ୍ଷ୍ୟ କରି ରାଜରାଣୀ ରଜାଙ୍କ ଆଗରେ ସବୁ କଥା ନିବେଦନ କଲେ । ତହୁଁ ରଜା ଧର୍ମଧ୍ୱଜ ସ୍ୱୟମ୍ବର ପ୍ରଚାର ଜଣାଇବାକୁ ଜେମାର ଅନୁରୂପ ବର ଅନ୍ୱେଷଣ କରିବା ଲାଗି ପ୍ରେରଣ କଲେ । ରାଜକୁମାର ବର ଅନ୍ୱେଷଣ କରି ନିଜ ଦେଶର ରାଜକୁମାର ଅବନୀନନ୍ଦନଙ୍କୁ ବର ରୂପେ ବାଛି କରି ସ୍ୱଦେଶକୁ ପ୍ରତ୍ୟାଗମନ କଲେ । ରଜା ବରର ରୂପ ଗୁଣରେ ମୁଗ୍ଧ ହୋଇ ଶୀଘ୍ର ଜେମାଙ୍କର ବିବାହ ସମ୍ପନ୍ନ କରିବା ନିମିତ୍ତ ଦିନ ନିରୂପଣ କଲେ ।

## ୫ମ ଓ ଷଷ୍ଠ ଛାନ୍ଦ:

ବିବାହର ସମସ୍ତ ଆୟୋଜନ ସମ୍ପନ୍ନ କଲା ପରେ ରଜା ଧର୍ମଧ୍ୱଜ ସମସ୍ତ ରାଜନ୍ୟ ବର୍ଗଙ୍କୁ ବିବାହ ଉତ୍ସବରେ ଯୋଗଦାନ କରିବା ଲାଗି ନିମନ୍ତ୍ରଣ କଲେ ।

ବିବାହ ସ୍ଥିର ପୂର୍ବଦିନ ରାଣୀ ସୁକନ୍ୟା କଳ୍ପଲତାକୁ ଡକାଇ ତା' ଆଗରେ ବରର ରୂପଗୁଣ ବର୍ଣ୍ଣନା କରନ୍ତେ ସେ କେବଳ ଅଧୋମୁଖୀ ହୋଇ ସକଳ କଥନ ଶ୍ରବଣ କରି କନ୍ୟାନ୍ତଃପୁରକୁ ପ୍ରତ୍ୟାଗମନ କଲେ । ସେ ସଙ୍ଗେ ସଙ୍ଗେ ପ୍ରିୟସଖୀଙ୍କ ଆଗରେ ନିଜର

ମୂର୍ଚ୍ଛନା ବ୍ରାହ୍ମଣ କନ୍ୟା ସମସ୍ତଙ୍କ ଅଗୋଚରରେ ବିଷ ଭକ୍ଷଣ କଲେ । ସେବାଦ୍ଧ ଦିନ ସଖୀମାନେ କଳ୍ପଲତାଙ୍କୁ 'ଦୋଳଗୋବିନ୍ଦ' ଲାଗି ଆସି ଶଯ୍ୟାରୁ ଉଠାନ୍ତେ ତାର ଅବସ୍ଥା ଦେଖି ଉପସ୍ଥିତା ହୋଇ ରାଣୀଙ୍କ ଆଗରେ ପ୍ରକାଶ କଲେ । ରାଜାରାଣୀ ନଗରର ଅନ୍ୟାନ୍ୟ ବ୍ୟକ୍ତିମାନେ କଳ୍ପଲତାର ମୃତ୍ୟୁରେ ବ୍ୟଥିତ ହୋଇ ସୁସଜ୍ଜିତ ବିମାନରେ ତାର ମୃତ ଶରୀରକୁ ଶୁଆଇ *କୃଷ୍ଣାବେଣୀ ତୀରସ୍ଥ ଚନ୍ଦନବନକୁ ଦାହକର୍ମ ଲାଗି ପ୍ରେରଣ କଲେ ଏବଂ କନ୍ୟାର ମୃତ ସମ୍ବାଦ ପାଇ ସୈନ୍ଧବରାଜକୁମାର ଅବନୀ ତିଳକ ମଧ୍ୟ ସ୍ୱଦେଶକୁ ପଳାୟନ କଲେ ।

ଯୋଗୀଜଙ୍ଗମଙ୍କ ସହିତ ଚନ୍ଦ୍ରବଂଶୀ ରାଜକୁମାର ଅମରଶିଖର ଉକ୍ତ ଚନ୍ଦନ ବନରେ ପ୍ରବେଶ କରି କୁମାରୀ କଳ୍ପଲତାର ମୃତସମ୍ବାଦ ଶ୍ରବଣ କଲେ ।

## ୭ମ ଓ ୮ମ ଛାନ୍ଦ :

ରାଜକୁମାରୀର ମୃତ୍ୟୁସମ୍ବାଦରେ ଅମରଶିଖର ମର୍ମାହତ ହୋଇ ମୂର୍ଚ୍ଛିତ ହେଲେ ଓ ପରେ 'ରାଜକୁମାରୀଙ୍କୁ ମୋ' ସହିତ ବିବାହ ଦେବାକୁ ପ୍ରତିଜ୍ଞା କଲେ ମୁଁ ବଞ୍ଚାଇ ଦେବି' ବୋଲି ରାଜା ଓ ରାଣୀ ପ୍ରମୁଖ ପୁରବାସୀଙ୍କ ସମ୍ମୁଖରେ ପ୍ରସ୍ତାବ ଉପସ୍ଥାପିତ କଲେ ଏବଂ ରାଜାଙ୍କୁ ପ୍ରତିଜ୍ଞା କରାଇ ଅମରଶିଖର ମୃତ୍ୟୁଞ୍ଜୟ ମନ୍ତ୍ରଦ୍ୱାରା କଳ୍ପଲତାଙ୍କୁ ପୁନର୍ଜୀବିତ କରାଇ ରାଜାଙ୍କ ସମ୍ମୁଖରେ ନିଜର ପରିଚୟ ପ୍ରଦାନ କଲେ ।

ରାଜକୁମାରୀ ମୃତ୍ୟୁମୁଖରୁ ଫେରି ସଖୀ ମଦନମଞ୍ଜରୀଙ୍କୁ ଚନ୍ଦନ ବନକୁ ଆସିବାର କାରଣ ପଚାରନ୍ତେ, ସେ ସମସ୍ତ ବିଷୟ ପୁଙ୍ଖାନୁପୁଙ୍ଖ ରୂପେ ବର୍ଣ୍ଣନା କଲେ । କଳ୍ପଲତା ସମସ୍ତ ବୃତ୍ତାନ୍ତ ଶୁଣି ଅମରଶିଖରଙ୍କ ପାଦ ବନ୍ଦନା କଲେ । ତହୁଁ ଅମର ଶିଖର କଳ୍ପଲତାଙ୍କୁ ନିଜର ଉଦ୍ୟାନ ଦର୍ଶନ ଲାଗି ପ୍ରାର୍ଥନା କଲେ ।

## ୯ମ, ୧୦ମ, ଓ ୧୧ଶ ଛାନ୍ଦ

ରାଜା ମହେଶ ଦେବଙ୍କ କଳ୍ପଲତା ସହିତ ଅମରଶିଖରଙ୍କ ଓ ମଦନମଞ୍ଜରୀ ସହିତ ମନ୍ତ୍ରୀ ପୁତ୍ର ମଧୁକରର ବିବାହ ସମ୍ପନ୍ନ କରାଇଲେ । ଉଭୟ ଦମ୍ପତି

ମହାଶୂନ୍ୟରେ ସେଠାରେ କଳ୍ପିତ କାଳଯାପନ କଲ୍ପତରର ଧବଳ
ମନ୍ଦରବନରେ ଜଳକ୍ରୀଡା କରୁଥିବା ମନମୁଗ୍ଧର ଦେବକନ୍ୟାମାନେ
ବିମାନରେ ଆସି ଅମରଶେଖରଙ୍କୁ ଅଭିନନ୍ଦନ କରିନେଲେ । ନାନା-
ପ୍ରକାର ଆଶାଦୀପର ଅମରଶିଖରର ଅନୁସନ୍ଧାନ କରାଇବାରୁ
ଧନଞ୍ଜୟଙ୍କ କଳ୍ପଲତା ଅଗ୍ନିପ୍ରବେଶ କରି ଆତ୍ମବିସର୍ଜନ କରିବାକୁ
ସିଦ୍ଧାନ୍ତ କଲେ । ମାତ୍ର ଧର୍ମିଷ୍ଠଙ୍କ ଅନୁରୋଧ କ୍ରମେ ସେ ଆଉ ଦିନ
ମାତ୍ର ଅପେକ୍ଷା କଲେ ।

## ୧୨ଶ ଓ ୧୩ଶ ଛାନ୍ଦ

ବସ୍ତୁକଷ୍ଟରେ ଆଠଦିନ କଷ୍ଟ ପାଇଲେ ରାଜକୁମାରୀର
ଅନୁରୋଧ କ୍ରମେ ଚିତା ନିର୍ମାଣ କରାଗଲା । ଚିତା ଜଳାଇଦେଲେ ସ୍ନାନ
ସମାପନ କରି ଅଗ୍ନିରେ ପ୍ରବେଶ କରିବାକୁ କଳ୍ପଲତାଙ୍କୁ ସଖୀମାନେ
ଉପଦେଶ ଦେଲେ । ରାଜକୁମାରୀଙ୍କ ସହିତ ମଦନମଞ୍ଜୁ ମଧ୍ୟ ଅଗ୍ନି
ପ୍ରବେଶ କରିବାକୁ ସଜ ହୋଇ ମୁଁ ଜଳନ୍ତି ସୁନ୍ଦରୀଙ୍କୁ ସମ୍ବୋଧ କରନ୍ତେ
ହଠାତ୍ ଜଳରୁ ଅମରଶେଖର ଉଠିଲେ । ସେ ଦେବ ପୁରବାସୀ
ସମସ୍ତେ ଉପସ୍ଥିତ ଜୟଜୟ ଆନନ୍ଦଧ୍ୱନିରେ ଗଗନ ପବନ ପ୍ରକମ୍ପିତ
କରିଦେଲେ । ପରେ ରାଜା ଓ ରାଣୀ କୁମାର ଅମର ଶେଖରଙ୍କୁ
ଆଲିଙ୍ଗନ କରି ଆଶିଷ ପ୍ରଦାନ କଲେ ।

## ରାମବିଭା ଓ କଳ୍ପଲତା

କବି ଅର୍ଜୁନ ଦାସ 'ରାମବିଭା' ନାମକ ପ୍ରସିଦ୍ଧ ରାମାୟଣ
ଆଖ୍ୟାନ-ମୂଳକ କାବ୍ୟରଚନା କରିସାରି 'କଳ୍ପଲତା' ରଚନା
କରିଥିବାର ଜଣାଯାଏ । କାରଣ କବି ଅର୍ଜୁନଦାସ 'କଳ୍ପଲତା'ର ନବମ
ଛାନ୍ଦଟିକୁ 'ରାମବିଭା'ର ପ୍ରଥମଛାନ୍ଦ ବାଣୀରେ ଗାଇବ ବୋଲି
ନିର୍ଦ୍ଦେଶ ଦେଇଛନ୍ତି । ଆହୁରି ମଧ୍ୟ 'କଳ୍ପଲତା' କାବ୍ୟରେ ଯେଉଁ
ପ୍ରାଚୀନ ଶବ୍ଦାବଳୀର ଯୋଜନା କରାଯାଇଛି; ଠିକ୍ ଅନୁରୂପ ପ୍ରାଚୀନ
ଶବ୍ଦ ସମାନ ଅର୍ଥରେ 'ରାମବିଭା' କାବ୍ୟରେ ପ୍ରୟୋଗ ହୋଇଥିବାର
ପ୍ରମାଣ ମିଳେ । ଉଦାହରଣ ସ୍ୱରୂପ ନିମ୍ନରେ କେତୋଟି ଶବ୍ଦ ଉଦ୍ଧୃତ
ହେଲା ।

"ଚଣ୍ଡାନ୍ତ" (ପୋଷାକ) ସଜ୍ଞାଇ (ସଜାଇ), ଶୁଣ୍ଡ (ଶୋଭା) ଷାଦ୍ୟେ (ଆଧାରରେ) ବଲ୍ଲଭ (ସ୍ୱାମୀ) ଉପରେ (ଆନନ୍ଦରେ) ଓଳଗି ଗୁଡିଲେ,, (ପ୍ରଣାମ କଲେ) ଆଦି ।

ସେହିପରି ବ୍ୟଞ୍ଜକ 'କଇ' 'ନ୍ତି' ପ୍ରଭୃତି ପ୍ରାଚୀନ ବହୁବଚନ ସୂଚକ ଶବ୍ଦମାନ ଯେପରି ବହୁଳ ଭାବରେ 'ରାମବିଭା' କାବ୍ୟରେ ଦେଖିବାକୁ ମିଳେ, ଠିକ୍ ସେହିପରି ଭାବରେ "କଳ୍ପଲତା" କାବ୍ୟରେ ମଧ୍ୟ ଦେଖିବାକୁ ମିଳେ ।

କବି ଅର୍ଜ୍ଜୁନ ଦାସ "ରାମବିଭା" କାବ୍ୟରେ କେତେକ ଛାନ୍ଦରେ ଆରମ୍ଭରେ ଓ ଶେଷରେ ଉତ୍କଳର ବଡ଼ଠାକୁର ଷୋଡ଼ଶାଧିପତି ଶ୍ରୀଜଗନ୍ନାଥଙ୍କ ବର୍ଣ୍ଣନା କରି ପୁରୁଷୋତ୍ତମ କ୍ଷେତ୍ରରେ ରାଜା ରୂପେ ଶ୍ରୀଜଗନ୍ନାଥଙ୍କୁ ବର୍ଣ୍ଣନା କରିଛନ୍ତି ।

ଈଶ୍ୱର ଇଚ୍ଛାଏ ଦୟାନିଧି ଦେବଧର ।
ନୃପତି ପଦେ ପୁରୁଷୋତ୍ତମେ ବହର ॥
(ରାମବିଭା, ୧ମ ଛାନ୍ଦ ୫ମ ପଦ)

"କଳ୍ପଲତା" କାବ୍ୟଟି ଏକ କାଳ୍ପନିକ କାବ୍ୟ ହୋଇଥିଲେହେଁ କବି ଅର୍ଜ୍ଜୁନ ଦାସ ଅଧିକାଂଶ ଛାନ୍ଦର ପ୍ରାରମ୍ଭ ଓ ଶେଷରେ ଶ୍ରୀଜଗନ୍ନାଥଙ୍କ ଭିନ୍ନ ବେଶ ଓ ଯାତ୍ରାଦି ବର୍ଣ୍ଣନା କରିଛନ୍ତି ଏବଂ ଶ୍ରୀଜଗନ୍ନାଥଙ୍କୁ ମଧ୍ୟ କ୍ଷେତ୍ରବର ପୁରୁଷୋତ୍ତମର ରାଜା ରୂପେ କଳ୍ପନା କରି ଜଗତଜନଙ୍କୁ ତାଙ୍କର ପ୍ରଜା ଓ ଦାସ ଦାସୀ ରୂପେ ବର୍ଣ୍ଣନା କରିଛନ୍ତି ।

ଶ୍ରୀଜଗନ୍ନାଥ କ୍ଷେତ୍ରବର ରାଜା
ସକଳ ଭୁବନ ଯାର ପରଜା ॥
ତାର ସରବସ୍ୱ ଜଗତଜନ ।
(କଳ୍ପଲତା, ୨ୟ ଛାନ୍ଦ)

"ଆରତ ତାରଣ ଜଗତନାଥ ମାଳବିଶ ନରେନ୍ଦ୍ର"
(୩ୟ ଛାନ୍ଦ)

"ତ୍ରୀଜଗ ଈଶ୍ୱର ମାଳବିଶ ନୃପତି"
(୭ମ ଛାନ୍ଦ)

"ରାମବିଭା" କାବ୍ୟର ପ୍ରଥମ ଛାନ୍ଦରେ କବି ଅର୍ଜ୍ଜୁନ ଦାସ ଶ୍ରୀ ଜଗନ୍ନାଥଙ୍କୁ ରାଜା ରୂପେ ବର୍ଣ୍ଣନା କରି ତାଙ୍କର ରାଜଭୋଗାଦିର ବର୍ଣ୍ଣନା, ଯେପରି ବିସ୍ତୃତ ଭାବରେ, କରିଅଛନ୍ତି; ଠିକ୍ ସେହିପରି 'କଳ୍ପଲତା'ର ଦଶମ ଛାନ୍ଦରେ ମଧ୍ୟ ବର୍ଣ୍ଣନାର ଚମତ୍କାରିତା ଦେଖାଇଛନ୍ତି । ଏତଦ୍‌ବ୍ୟତୀତ କବି 'କଳ୍ପଲତା' କାବ୍ୟର ପ୍ରଥମଛାନ୍ଦ ଆରମ୍ଭରେ ଶ୍ରୀ ଜଗନ୍ନାଥଙ୍କ ସ୍ନାନପୂର୍ଣ୍ଣିମା; ଏକାଦଶ ଛାନ୍ଦର ଶେଷରେ ଚନ୍ଦନ ଯାତ୍ରାର ପ୍ରଥମ ଦିନ ଅକ୍ଷୟ ତୃତୀୟା ଓ ଦ୍ୱାଦଶଛାନ୍ଦ ଶେଷରେ ଗୁଣ୍ଡିଚା ଯାତ୍ରାର ବର୍ଣ୍ଣନା କରି, ନୀଳଗିରିନାଥ ଶ୍ରୀ ଜଗନ୍ନାଥଙ୍କର ଏକ ଶ୍ରେଷ୍ଠ ଭକ୍ତ ରୂପେ ନିଜକୁ ପ୍ରମାଣିତ କରିଅଛନ୍ତି ।

ଶୁଣ ହେ ରସିକ ଜନ ଜ୍ୟେଷ୍ଠ ପୂର୍ଣ୍ଣିମୀ ଦିନ
ଜ୍ୟେଷ୍ଠା ନକ୍ଷତ୍ର ଯେ କାଳେ,
ଶ୍ରୀମନ୍ତ ବାଢ଼େ ସିନ୍ଧୁ କୂଳେ ।

(ପ୍ରଥମ ଛାନ୍ଦ, ୧ମ ପଦ)

ବୈଶାଖ ଶୁକ୍ଳତିଥି ତୃତୀୟା ବୋଲି ଖ୍ୟାତ
ନୀଳଗିରି ନୃପବର ଦେବାନ୍ତ ଦେଣ
ସକଳ ସଜ୍ଜାନ ? ମିଳି ଚନ୍ଦନ ଉତ୍ସବ (କରି) -
ଆପଣେ ଅଛନ୍ତି ଯହିଁ ଜଳକ୍ରୀଡ଼ାପଣ

(୧୧ଶ ଛାନ୍ଦ)

ଶୁଣ ହେ ରସିକମାନେ ଦକ୍ଷିଣ ଉଦଧି କୂଳେ,
ଶ୍ରେଷ୍ଠବର ନୀଳଗିରି ନବରତ୍ନ ଗୁଣ୍ଡିଚା ବିଜୟ କଲେ ॥
ବଳଭଦ୍ରାଙ୍କ ଲାଗି ହୋଇ ବାମେ ଦାରୁବର ଲୀଳା,
ନନ୍ଦିଘୋଷ ରଥବରେ ଆରୋହଣ ତ୍ରିଲୋକେ ଶଙ୍ଖ ତଡ଼ି ଧରି ॥
ସକଳ ଦେବ ଗହନେ ଗନ୍ଧ ଆଣି କୁସୁମ ବରଷେ ରଥବରେ,
ଶିବକେଶବ ଦେବାନଙ୍କ ପ୍ରମୁଖରେ କର ଯେ ଯୋଡ଼ନ୍ତି ହିତେ ॥
କମଳାଣୀ ପ୍ରମନ୍ତ କହିଲେଣି ସିଂହାସନେ ଶୀତବାସ,
ଦେବତାଙ୍କ ଚରଣ ଯାଏ ଚିତ୍ତ ଶୋଭି ବାହୁଡ଼ାଇ ଅର୍ଜ୍ଜୁନ ଦାସ ॥

(୧୨ଶ ଛାନ୍ଦ)

ଅର୍ଜୁନ ଦାସ ସ୍ୱରଚିତ "କଳ୍ପଲତା" ଓ "ରାମବିଭା" କାବ୍ୟର ଭଣିତାରେ ନିଜକୁ 'ଶିଶୁ' ବୋଲି ଲେଖିଛନ୍ତି ।

ଆତମର ଅବକାଶ ଦର୍ଶନ କରି,
ଶିଶୁ ଅର୍ଜୁନ ଧର ଅଞ୍ଚଳ ଯୋଡ଼ି ॥
(ରାମବିଭା)

* * * *

ବୋଇ ଜଗନ୍ନାଥ ପଦ୍ମପାଦ ବାସ,
ମଧୁପ ଶିଶୁ ଅରଜୁନ ଦାସ ॥

* * * *

ଭାଷେ ସରସ ଶିଶୁ ଅରଜୁନ,

* * * *

ଶିଶୁ ଅରଜୁନ ଦାସ ମନର ଉଲ୍ଲାସ ॥
(କଳ୍ପଲତା)

ସମାଲୋଚକ ଶ୍ରୀଯୁକ୍ତ କେଦାରନାଥ ମହାପାତ୍ର ଅର୍ଜୁନ ଦାସଙ୍କ ଦୁଇଟି ଗ୍ରନ୍ଥର କେତେକ ଭଣିତାରେ ଶିଶୁ ପଦ ଦେଖି ତାଙ୍କୁ ପଞ୍ଚସଖା ଯୁଗର ପ୍ରଖ୍ୟାତ ସାଧକ ତଥା କବି ଅନନ୍ତ ଦାସଙ୍କ ସମସାମୟିକ ବ୍ୟକ୍ତି ବା ଶିଷ୍ୟ ବୋଲି ପ୍ରମାଣିତ କରିବାକୁ ଚେଷ୍ଟା କରିଛନ୍ତି । ମାତ୍ର କୌଣସି କବି ନିଜର ନ୍ୟୂନତା ଦେଖାଇବାକୁ ଯାଇ ତଥା ଭଗବତ୍‌ଲୀଳା ଗ୍ରନ୍ଥରେ ନମ୍ରତାର ପ୍ରତିମୂର୍ତ୍ତି ସ୍ୱରୂପ ଆଦରଣୀୟ ବ୍ୟକ୍ତି ରୂପେ ସମ୍ମାନିତ ହେବାକୁ କାମନାରେ ନିଜନାମ ପୂର୍ବରେ 'ଶିଶୁ' ଆଦି ଶବ୍ଦ ବ୍ୟବହାର ସ୍ୱତ ଅଜ୍ଞାତ ଯୁଗରେ ମୃତ ହେଲେ ମଧ୍ୟ ଅର୍ଜୁନ-ଦାସଙ୍କ ଯୁଗରେ ଏହା ଏକ ବିଶେଷତ୍ୱ ରୂପେ ପରିଦୃଷ୍ଟ ହେଉଥିଲା । ତେଣୁ ସେ କାଳର କବିମାନେ ନିଜ ନାମର ପୂର୍ବରେ ନମ୍ରତା ସୂଚକ ଦୀନ, ହୀନ, ମୂଢ଼, ଦାସାନୁଦାସ ଶବ୍ଦ ବ୍ୟବହାର କରିଛନ୍ତି । କେତେକ କବି ମଧ୍ୟ ଏକାଧିକ ନମ୍ରତା ସୂଚକ ପଦ ପ୍ରୟୋଗ କରିଥିବାର

'ପ୍ରମାଣ ମିଳୁଛି । ସମାଲୋଚକ ଶ୍ରୀଯୁକ୍ତ ମହାପାତ୍ରଙ୍କ ମତାନୁସାରେ 'ଶିଶୁ' ଶବ୍ଦ ବ୍ୟବହାର କରିଥିବାରୁ ଅର୍ଜୁନ ଦାସଙ୍କୁ ଯଦି ଶିଶୁ ସମ୍ପ୍ରଦାୟର ବ୍ୟକ୍ତି ବୋଲି କୁହାଯିବ, ତାହା ହେଲେ ଅନ୍ୟାନ୍ୟ ଭକ୍ତମାନଙ୍କୁ ଦାନ, ଦୀନ, ଦାସର ଆଦି ସମ୍ପ୍ରଦାୟଭୁକ୍ତ କରିବା ଅସମୀଚୀନ ହେବନି ? ବରଂ ଏ କ୍ଷେତ୍ରରେ କବିଙ୍କୁ କୌଣସି ସଙ୍କୀର୍ଣ୍ଣ ସମ୍ପ୍ରଦାୟରୁ ମୁକ୍ତ କରି ନମ୍ର ତପସ୍ୱୀ ଆଦି ମହାପୁରୁଷଙ୍କ ଲକ୍ଷଣରେ ଯୁକ୍ତ କରାଇବା ଅଧିକ ସମୀଚୀନ ହେବ ।

ସତ କହି ଅର୍ଜୁନ ଦାସ ପ୍ରକୃତରେ କୌଣସି ସମ୍ପ୍ରଦାୟଭୁକ୍ତ ହୋଇ ନିଜନାମ ପୂର୍ବରେ 'ଶିଶୁ' ଶବ୍ଦ ବସାଇବାର ଶାସ୍ତ୍ରମତରେ ଆବଦ୍ଧ ହୋଇଥାନ୍ତେ, ତା'ହାହେଲେ ସେ 'ରାମବିଭା' ଓ 'କଳ୍ପଲତା'ର ପ୍ରତ୍ୟେକ ସ୍ଥାନରେ 'ଶିଶୁ' ବସାଇ ନିଜକୁ ଗୌରବାନ୍ୱିତ କରାଇଥାନ୍ତେ ।

'ରାମବିଭା' ଓ 'କଳ୍ପଲତା' ଦୁଇଟିଯାକ କାବ୍ୟର କବି ଅର୍ଜୁନ ଦାସଙ୍କର ଭକ୍ତିଭାବନା ସମ୍ବନ୍ଧରେ ଯେଉଁ ସୂଚନା ମିଳୁଛି ସେଥିରୁ ଜଣାଯାଏ କବି ଜଣେ ଆଦର୍ଶଭକ୍ତ ଥିଲେ । ଏହି ଦୁଇଟି ଯାକ କାବ୍ୟରେ ଯଥାକ୍ରମେ ରାମଚନ୍ଦ୍ରଙ୍କ ବେଶ, ବାଲ୍ୟ, ଶୌର୍ଯ୍ୟାଦି ତଥା ଶ୍ରୀ ଜଗନ୍ନାଥଙ୍କ ଧ୍ୱଜ, ବେଶ ଓ ଯାତ୍ରା ଆଦି ବର୍ଣ୍ଣନାରୁ ଜଣାଯାଏ ସତେ ଯେପରି, କବି ଅର୍ଜୁନ ଦାସ ସେହି ସେହି ବେଶ ଓ ଯାତ୍ରାଦି ଉତ୍ସବ ବେଳେ ନିଜେ ଜଣେ ଦର୍ଶକ ଭକ୍ତ ଓ ରସିକ ଭାବରେ ଛିଡା ହୋଇ ଆନନ୍ଦ ଅନୁଭବ କରିବା ସଙ୍ଗେ ସଙ୍ଗେ ଭକ୍ତ ଆନନ୍ଦୋତ୍ସବରେ ଅଂଶ ଗ୍ରହଣ କରିଛନ୍ତି ।

"ଶ୍ରୀରାମ ଶୁଭକ୍ଷଣେ ହୋଏ ଅଯୋଧ୍ୟା ପ୍ରବେଶ"
ଆନନ୍ଦେ ଧୂଆ ଧୂଳିଁ ଅରଜୁନ ଦାସ ।।

* * *

ଶ୍ରୀ ରଘୁଚରଣ ସରୋରୁହ ମଧୁର ମଧୁରସ,
ମଧୁପ୍ରାଏ ମତ୍ତ ହୋଇଣ ଭଜେ ଅରଜୁନ ଦାସ ।।

* * *

ସେହୁ ପନ୍ଥରେ ମୁଗଲ ପାଢ଼ି ।
ବସି ଅରଜୁନ ଦାସ ଗୋଡ଼ ମୋଡ଼ ॥

(ରାମବିଭା)

*　　　　*　　　　*

ଜଳକେଳି କରନ୍ତି ମାଧବ
ଅରଜୁନ କେନ୍ଦୁଆଳ ଧରଇ ସବେ ॥

*　　　　*　　　　*

କମଳଣ ପ୍ରସନ୍ନ କସ୍ତଇଣ ସିଂହାସନେ ଶ୍ରୀନିବାସ
ଦେବତାଙ୍କ ପନ୍ତେ ଯାଏ ପଞ୍ଚଶୋଳ
ବାହୁଡ଼ଇ ଅରଜୁନ ଦାସ ॥

(କଳ୍ପଲତା)

ଏପ୍ରକାର ବର୍ଣ୍ଣନା ପରବର୍ତ୍ତୀ କବି ଗୋପକୃଷ୍ଣ, ଭକ୍ତଚରଣ ଓ ଅଭିମନ୍ୟୁ ପ୍ରଭୃତିଙ୍କ ଉପରେ ବିଶେଷ ପ୍ରଭାବ ପକାଇଛି ।

'କଳ୍ପଲତା' କାବ୍ୟରେ କବି ଅର୍ଜ୍ଜୁନ ଦାସ ଅନେକ ଅତିମାନୁଷିକ ଘଟଣାବଳୀର ଉଲ୍ଲେଖ କରି ସବୁଠି ଛନ୍ଦର କାବ୍ୟଗତ ସୌନ୍ଦର୍ଯ୍ୟରେ କିଛି ଆଞ୍ଚ ଆଣିଛନ୍ତି, ତଥାପି ଘଟଣା ଗୁଡ଼ିକ ଏତେ ରୋଚକ ଓ ଚମତ୍କାର ହୋଇଛି ଯେ, ପାଠକର ମନ ସ୍ୱତଃ କଥାବସ୍ତୁ ଆଡ଼କୁ ଆକୃଷ୍ଟ ହେଉଛି । ବିଶେଷତଃ କାଳ୍ପନିକ କାବ୍ୟ ରଚନାର ନୂତନ ପଥପ୍ରଦର୍ଶକମାନଙ୍କ ମଧ୍ୟରେ ଅର୍ଜ୍ଜୁନ ଦାସ ଅନ୍ୟତମ ହୋଇଥିବାରୁ ଘଟଣାବଳୀର ମୂଳଭିତ୍ତିକତା ଉପରେ ବିଶେଷ ଦୃଷ୍ଟି ନଦେବା ସ୍ୱାଭାବିକ । ଅର୍ଜ୍ଜୁନ ଦାସଙ୍କ ସମସାମୟିକ ଓ ପରବର୍ତ୍ତୀ କାବ୍ୟପ୍ରଣେତା ନରସିଂହ ସେନ, ଧନଞ୍ଜୟ ଭଞ୍ଜ, ବିଷ୍ଣୁ ଦାସ, ପ୍ରତାପ ରାୟ ପ୍ରଭୃତି କବିମାନେ ଅର୍ଜ୍ଜୁନ ଦାସଙ୍କ ଅପେକ୍ଷା ବହୁଗୁଣରେ ଅତିମାନୁଷିକ ଘଟଣାବଳୀ ସ୍ୱ ସ୍ୱ କାବ୍ୟରେ ନିବଦ୍ଧ କରିଛନ୍ତି ।

'ପ୍ରମାଣ ମିଳୁଛି । ସମାଲୋଚକ ଶ୍ରୀଯୁକ୍ତ ମହାପାତ୍ରଙ୍କ ମତାନୁସାରେ 'ଶିଶୁ' ଶବ୍ଦ ବ୍ୟବହାର କରିଥିବାରୁ ଅର୍ଜୁନ ଦାସଙ୍କୁ ଯଦି ଶିଶୁ ସମ୍ପ୍ରଦାୟର ବ୍ୟକ୍ତି ବୋଲି ବୁଝାଯିବ, ତାହା ହେଲେ ଅନ୍ୟାନ୍ୟ କବିମାନଙ୍କୁ ଦୀନ, ହୀନ, ପାମର ଆଦି ସମ୍ପ୍ରଦାୟଭୁକ୍ତ କରିବା ଅସମୀଚୀନ ହେବକି ? ବରଂ ଏ କ୍ଷେତ୍ରରେ ତାଙ୍କୁ କୌଣସି ସନ୍ଦର୍ଭ ସମ୍ପ୍ରଦାୟରୁ ମୁକ୍ତ କରି ନମ୍ର ତପସ୍ୱୀ ଆଦି ମହାପୁରୁଷଙ୍କ ଲକ୍ଷଣରେ ଯୁକ୍ତ କରାଇବା ଅଧିକ ସମୀଚୀନ ହେବ ।

ଯଦି କବି ଅର୍ଜୁନ ଦାସ ପ୍ରକୃତରେ କୌଣସି ସମ୍ପ୍ରଦାୟଭୁକ୍ତ ହୋଇ ନିଜନାମ ପୂର୍ବରେ 'ଶିଶୁ' ପଦ ବସାଇବାର ନିୟମରେ ଆବଦ୍ଧ ହୋଇଥାନ୍ତେ, ତା'ହାହେଲେ ସେ 'ରାମବିଭା' ଓ 'କଳ୍ପଲତା'ର ପ୍ରତ୍ୟେକ ସ୍ଥଳରେ 'ଶିଶୁ' ବସାଇ ନିଜକୁ ଗୌରବାନ୍ୱିତ କରାଇଥାନ୍ତେ ।

'ରାମବିଭା' ଓ 'କଳ୍ପଲତା' ଦୁଇଟିଯାକ କାବ୍ୟରୁ କବି ଅର୍ଜୁନ ଦାସଙ୍କର ଭକ୍ତିଭାବନା ସମ୍ବନ୍ଧରେ ଯେଉଁ ସୂଚନା ମିଳୁଛି ସେଥିରୁ ଜଣାଯାଏ କବି ଜଣେ ଆଦର୍ଶଭକ୍ତ ଥିଲେ । ଉକ୍ତ ଦୁଇଟି ଯାକ କାବ୍ୟରେ ଯଥାକ୍ରମେ ରାମଚନ୍ଦ୍ରଙ୍କ ଚରିତ୍ର, ବାଲ୍ୟ, ଐଶ୍ୱର୍ଯ୍ୟାଦି ତଥା ଶ୍ରୀ ଜଗନ୍ନାଥଙ୍କ ଧ୍ୟାନ, ବେଶ ଓ ଯାତ୍ରା ଆଦି ବର୍ଣ୍ଣନାରୁ ଜଣାଯାଏ ସତେ ଯେପରି, କବି ଅର୍ଜୁନ ଦାସ ସେହି ସେହି ବେଶ ଓ ଯାତ୍ରାଦି ଉତ୍ସବ ବେଳେ ନିଜେ ଜଣେ ଦର୍ଶକ ଭକ୍ତ ଓ ରସିକ ଭାବରେ ଦ୍ରଷ୍ଟା ହୋଇ ଆନନ୍ଦ ଅନୁଭବ କରିବା ସଙ୍ଗେ ସଙ୍ଗେ ଭକ୍ତ ଆନନ୍ଦୋତ୍ସବରେ ଅଂଶ ଗ୍ରହଣ କରିଛନ୍ତି ।

"ଶ୍ରୀରାମ ଶୁଭେକ୍ଷଣ ହୋଏ ଅଯୋଧ୍ୟା ପ୍ରବେଶ"
ଆନନ୍ଦେ ଧୂଆ ଧରିଁ ଅରଜୁନ ଦାସ ॥

*　　　*　　　*

ଶ୍ରୀ ରଘୁଚରଣ ସରସିଜ ମଧୁର ମଧୁରସ,
ମଧୁପାନେ ମତ୍ତ ହୋଇଣ ଭଜେ ଅରଜୁନ ଦାସ ॥

*　　　*　　　*

ସେତୁ ସତୁତେ ମୃଗଛାଲ ପାଡ଼ ।
ବସି ଅରଜୁନ ଦାସ ଗୋଡ଼ ମୋଡ଼ ॥

(ରାମବିଭା)

*　　　　*　　　　*

ଜଳକେଳୀ କରନ୍ତି ନାବେ
ଅରଜୁନ କେନୁଆଳ ଧରଇ ଘାଟେ ॥

*　　　　*　　　　*

କମଳଣ ପ୍ରସନ୍ନ ବଦ୍ଧାଇଣ ସିଂହାସନେ ପୀତବାସ
ଦେବତାଙ୍କ ସଙ୍ଗେ ଯାଏ ଚଢ଼ିଗୋଲ
ବାନ୍ଧୁଅଛି ଅରଜୁନ ଦାସ ॥

(କଳ୍ପଲତା)

ଏପ୍ରକାର ବର୍ଣ୍ଣନା ପରବର୍ତ୍ତୀ କବି ଗୋପକୃଷ୍ଣ, ଭକ୍ତଚରଣ ଓ ଅଭିମନ୍ୟୁ ପ୍ରଭୃତିଙ୍କ ଉପରେ ବିଶେଷ ପ୍ରଭାବ ପକାଇଛି ।

'କଳ୍ପଲତା' କାବ୍ୟରେ କବି ଅର୍ଜୁନ ଦାସ ଅନେକ ଅତିମାନୁଷିକ ଘଟଣାବଳୀର ଉଲ୍ଲେଖ କରି ଯଦ୍ୟପି ଗ୍ରନ୍ଥର କାବ୍ୟଗତ ସୌନ୍ଦର୍ଯ୍ୟରେ କିଛି ଆଞ୍ଚ ଆଣିଛନ୍ତି, ତଥାପି ଘଟଣା ଗୁଡ଼ିକ ଏତେ ରୋଚକ ଓ ଚମତ୍କାର ହୋଇଛି ଯେ, ପାଠକର ମନ ସ୍ୱତଃ କଥାବସ୍ତୁ ଆଡ଼କୁ ଆକୃଷ୍ଟ ହେଉଛି । ବିଶେଷତଃ କାଳ୍ପନିକ କାବ୍ୟ ରଚନାର ନୂତନ ପଥପ୍ରଦର୍ଶକମାନଙ୍କ ମଧ୍ୟରେ ଅର୍ଜୁନ ଦାସ ଅନ୍ୟତମ ହୋଇଥିବାରୁ ଘଟଣାବଳୀର ମୌଳିକତା ଉପରେ ବିଶେଷ ଦୃଷ୍ଟି ନଦେବା ସ୍ୱାଭାବିକ । ଅର୍ଜୁନ ଦାସଙ୍କ ସମସାମୟିକ ଓ ପରବର୍ତ୍ତୀ କାବ୍ୟସ୍ରଷ୍ଟା ନରସିଂହ ସେନ, ଧନଞ୍ଜୟ ଭଞ୍ଜ, ବିଷ୍ଣୁ ଦାସ, ପ୍ରତାପ ରାୟ ପ୍ରଭୃତି କବିମାନେ ଅର୍ଜୁନ ଦାସଙ୍କ ଅପେକ୍ଷା ବହୁଗୁଣରେ ଅତିମାନୁଷିକ ଘଟଣାବଳୀ ସ୍ୱ ସ୍ୱ କାବ୍ୟରେ ନିବଦ୍ଧ କରିଛନ୍ତି ।

ଅର୍ଜୁନ ଦାସଙ୍କ 'କଳ୍ପଲତା' ପାଠ କଲେ କବିଙ୍କର ପ୍ରକୃତି ସମ୍ବନ୍ଧରେ ସୁସ୍ପଷ୍ଟ ଧାରଣା କରି ହୁଏ । ବର୍ଣ୍ଣନୀୟ ଘଟଣାବଳୀରେ ପାଠକ ମନରେ କୌତୂହଳ ସୃଷ୍ଟି କରିବା କବି ଓ ଲେଖକମାନଙ୍କର ଏକ ବିଶେଷ ଦକ୍ଷତା ବୋଲି ଧରାଯାଏ । 'କଳ୍ପଲତା' କାବ୍ୟରେ ବର୍ଣ୍ଣିତ ରାଜକୁମାରୀ ଯୋଗୀ ଜଙ୍ଗମଙ୍କ ହସ୍ତରେ ରାଜକୁମାର ଅମରଶେଖର ନିକଟକୁ ସନ୍ଦେଶ ପଠାଇ, ଚୈତ୍ର ପୂର୍ଣ୍ଣିମା ସୁଦ୍ଧା କୌଣସି ସମ୍ବାଦ ନ ପାଇଲେ ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି କରିଥିଲେ । ଏଣେ ରାଜକୁମାରୀର ବିରହାବସ୍ଥା ଦେଖି ରାଜା ଧର୍ମଧ୍ୱଜ ଶ୍ୱେତ ମଣ୍ଡଳର ରାଜକୁମାରଙ୍କୁ ବରଣ କରି ଆଣିବାରୁ, ପାଠକମାନେ ମିଳାମିଳ ପ୍ରତି ଉତ୍ସୁକ ହୋଇ ରହିଲେ । କିନ୍ତୁ କବିଙ୍କ ଦ୍ୱାରା ସମସ୍ୟାର ସମାଧାନ ଉଦ୍ଦେଶ୍ୟରେ କବି ରାଜକୁମାରୀ କଳ୍ପଲତାର କର୍ପୂର ଚନ୍ଦନ ଓ କଳମାଞ୍ଜି ପାନ କରିବା ପ୍ରଭୃତି ଉପସ୍ଥାପନ କରିଛନ୍ତି । ଏହା ଦ୍ୱାରା ନିର୍ଦ୍ଦିଷ୍ଟ ସମସ୍ୟାର ସମାଧାନ ହୋଇଥିଲେ ହେଁ ଇନ୍ଦ୍ରଙ୍କ ଶାପ ବର୍ଣ୍ଣିତ ହୋଇଥିବା ବିଷୟ ପାଠକମାନଙ୍କ ମନରେ ଅନ୍ୟ ଏକ ସନ୍ଦେହ ସୃଷ୍ଟି କରିଛି । ତତ୍ପରେ କବି ଅର୍ଜୁନ ଦାସ କୃଷ୍ଣାବେଣୀ କୂଳସ୍ଥ ଚନ୍ଦନ-ବନର ଶ୍ମଶାନରେ ବହୁବେଶୀ ରାଜକୁମାର ଅମରଶେଖରଙ୍କୁ ପ୍ରବେଶ କରାଇ ଏବଂ ମୃତ୍ୟୁସଞ୍ଜୀବନୀ ମନ୍ତ୍ରର ପ୍ରୟୋଗ ପ୍ରଦାନ ସମସ୍ତ ପ୍ରକାର ଶଙ୍କାର ନିରାକରଣ କରିଛନ୍ତି ।

ପୁନଶ୍ଚ କଳ୍ପଲତା ଓ ଅମରଶେଖରଙ୍କ ବିବାହ ପରେ ସନ୍ତୁଷ୍ଟ ଶେଷ ନ କରି କବି ଅର୍ଜୁନ ଦାସ ନାୟକ ନାୟିକାଙ୍କ ଜଳକେଳି ସମ୍ମୁଖରେ ନାଚୁଣୀ ମାନଙ୍କ ଦ୍ୱାରା ନାୟକଙ୍କୁ ଅପହରଣ କରାଇବା ପ୍ରଭୃତି ଏକ ଆଖ୍ୟାୟିକାର ସଂଯୋଗ କରି 'କଳ୍ପଲତା' ଗ୍ରନ୍ଥର କାବ୍ୟଗତ ସୌନ୍ଦର୍ଯ୍ୟର ଅଭିବୃଦ୍ଧି କରିଛନ୍ତି । ଦୀର୍ଘ ବିଚ୍ଛେଦ ପରେ ଯେଉଁ ମିଳନ ତାହା ଅଧିକ ହୃଦ୍ୟ ବୋଲି ଆଳଙ୍କାରିକମାନେ ମତ ଦିଅନ୍ତି । ରାଜକୁମାରୀ କଳ୍ପଲତାର ଅଗ୍ନି ପ୍ରବେଶ ନିମିତ୍ତ ଶୁଦ୍ଧ ସ୍ନାନ କରିବା ପର୍ଯ୍ୟନ୍ତ ପାଠକମାନେ କାବ୍ୟଟି ବିୟୋଗାନ୍ତ ହେବ ବୋଲି ଧାରଣା କରନ୍ତି । ମାତ୍ର କବି ରାଜକୁମାର ଅମରଶେଖରଙ୍କୁ ଆକସ୍ମିକ ଭାବରେ ଆବିର୍ଭାବ କରାଇ କାବ୍ୟଟିକୁ ମିଳନାନ୍ତ କରି ପାଠକମାନଙ୍କର ଶ୍ରଦ୍ଧାଭାଜନ ହୋଇଛନ୍ତି ।

କବିଙ୍କ ବର୍ଣ୍ଣିତ ମଲ୍ଲାନଦେଶ ଓ ଶ୍ୱେତମଣ୍ଡଳ ଓ ସେହି ଦେଶର ରାଜାଦ୍ୱୟଙ୍କ ବର୍ଣ୍ଣନା ବେଶ୍ ଉଲ୍ଲେଖଯୋଗ୍ୟ ହୋଇଛି । ଉକ୍ତ ରାଜାଦ୍ୱୟଙ୍କର କର୍ଣ୍ଣାଟଦେଶ ( ଆଧୁନିକ ଆନ୍ଧ୍ର ଓ ମହୀଶୂର )କୁ ଗମନ ମାର୍ଗରୁ ବେଶ୍ ଜଣାଯାଏ ଯେ, ଉକ୍ତ ଦୁଇଟି ଦେଶ ଆଧୁନିକ ଓଡ଼ିଶାର କୌଣସି ଅଞ୍ଚଳ ଏବଂ କବିଙ୍କ ସମୟରେ ଉତ୍କଳ ଦେଶ ସହିତ କର୍ଣ୍ଣାଟ ଦେଶର ମିତ୍ରତା ଥିବାର ପ୍ରମାଣ ମଧ୍ୟ ଇତିହାସରୁ ମିଳୁଛି ।

'କଳ୍ପଲତା' କାବ୍ୟଟି ଗୋଟିଏ ଅଧ ରୂପାତ୍ମକ ମିଳନାତ୍ମକ କାବ୍ୟ ହୋଇଥିଲେହେଁ କବି ଅର୍ଜୁନ ଦାସ ଜଣେ ଆଦର୍ଶ—ଭକ୍ତ କବିଙ୍କ ପରି ନାୟିକାର ଯୌବନ ବର୍ଣ୍ଣନା ଓ ନାୟକନାୟିକାଙ୍କର କେଳୀ ବର୍ଣ୍ଣନାକୁ ଅତି ସଂଯତ ଭାବରେ କରିଛନ୍ତି । ଏହାଦ୍ୱାରା କାବ୍ୟଟି ସବୁ ଶ୍ରେଣୀର ପାଠକମାନଙ୍କ ପକ୍ଷେ ଖୁବ୍ ଆମୋଦପ୍ରଦ ହୋଇଛି ।

ପଣ୍ଡିତ ସୂର୍ଯ୍ୟନାରାୟଣ ଦାସ ତାଙ୍କ 'ଓଡ଼ିଆ ସାହିତ୍ୟର ଇତିହାସ' ଗ୍ରନ୍ଥର ପ୍ରଥମ ଭାଗରେ କବି ଅର୍ଜୁନ ଦାସଙ୍କ ସମ୍ବନ୍ଧରେ ଆଲୋଚନା କରିଥିଲେହେଁ, ତାଙ୍କ ସମୟ ସମ୍ବନ୍ଧରେ କୌଣସି ଆଭାସ ଦେଇନାହାନ୍ତି ଏବଂ ଉକ୍ତ ପୁସ୍ତକର ପରିବର୍ଦ୍ଧିତ ସଂସ୍କରଣରେ ମଧ୍ୟ ସୁସ୍ପଷ୍ଟ ରୂପେ ଅର୍ଜୁନ ଦାସଙ୍କ ସମୟର ଆଲୋଚନା କରିନାହାନ୍ତି । କେବଳ ତାଙ୍କୁ ପ୍ରତାପ ରୁଦ୍ର, ନରସିଂହ ସେଣ ଓ ଧନଞ୍ଜୟ ଭଞ୍ଜ ପ୍ରଭୃତିଙ୍କ ପୂର୍ବବର୍ତ୍ତୀ ବୋଲି ସୂଚନା ମାତ୍ର ଦେଇଛନ୍ତି । ଗବେଷକ ସ୍ୱର୍ଗୀୟ ଆର୍ତ୍ତବଲ୍ଲଭ ମହାନ୍ତି, ଅର୍ଜୁନ ଦାସଙ୍କ ସମୟ ସମ୍ବନ୍ଧରେ କୌଣସି ବାହ୍ୟବସ୍ତୁର ପ୍ରମାଣ ନପାଇ କେବଳ ଭାଷା ଓ କଥାବସ୍ତୁ ଦୃଷ୍ଟିରୁ ତାଙ୍କୁ ସାରଳା ଦାସଙ୍କଠାରୁ ୫୦ ବର୍ଷ ପରବର୍ତ୍ତୀ ବୋଲି ସମୟ ନିର୍ଦ୍ଧାରଣ କରିଛନ୍ତି (୧) ସ୍ୱର୍ଗୀୟ ଆର୍ତ୍ତବାବୁଙ୍କ ପରବର୍ତ୍ତୀ ଆଲୋଚନାରେ (୨) ଅର୍ଜୁନ ଦାସଙ୍କ ସମୟ ଖ୍ରୀ: ଅ: ୧୫୨୦-୫୦ ମଧ୍ୟରେ ବୋଲି ନିର୍ଦ୍ଦିଷ୍ଟ ସୀମାରେଖା କାଟିଛନ୍ତି ।

---

(୧) ରାମବିଭା, ପ୍ରାଚୀ ସଂସ୍କରଣର, ମୁଖବନ୍ଧ

(୨) ବସୁନ୍ଧରା ଜୟନ୍ତୀ ଗ୍ରନ୍ଥ

କବି ଅର୍ଜ୍ଜୁନ ଦାସଙ୍କ ଲିଖିତ ରାମବିଭା ଓ କଳ୍ପଲତା ଛଡ଼ା ଅନ୍ୟ କୌଣସି ଗ୍ରନ୍ଥ ଅଦ୍ୟାପି ପାଠକମାନଙ୍କ ସମ୍ମୁଖକୁ ଆସିନାହିଁ । କବି ଉଭୟ ଗ୍ରନ୍ଥରେ ସ୍ୱସମୟ ସୂଚକ କୌଣସି ଇଙ୍ଗିତ ଦେଇନାହାନ୍ତି । ତେଣୁ ପ୍ରତ୍ୟକ୍ଷ ପ୍ରମାଣ ଅଭାବରୁ କେବଳ ପରୋକ୍ଷ ପ୍ରମାଣ ବଳରେହିଁ କବି ଅର୍ଜ୍ଜୁନ ଦାସଙ୍କ ସମୟ ନିର୍ଦ୍ଧାରଣ କରିବାକୁ ହେବ ।

କବିମାନଙ୍କ ଗ୍ରନ୍ଥରେ କେତୋଟି ପ୍ରାଚୀନ ପଦ ଦେଖି ତାଙ୍କ ସମୟ ନିରୂପଣ କରିବା ବୋଧହୁଏ ଯୁକ୍ତିଯୁକ୍ତ ହେବନାହିଁ । 'ପରିମଳା' କାବ୍ୟର ପ୍ରଣେତା ନରସିଂହ ସେଣ ଓ 'ପ୍ରେମଲୋଚନା' କାବ୍ୟର ପ୍ରଣେତା ବିଷ୍ଣୁ ଦାସଙ୍କ ଭାଷା ସମ୍ବନ୍ଧରେ ଆଲୋଚନା କଲେ, ତାଙ୍କୁ ଉପେନ୍ଦ୍ର ଭଞ୍ଜଙ୍କ ସମସାମୟିକ କିମ୍ବା ପରବର୍ତ୍ତୀକାଳର କବି ବୋଲି ଧାରଣା କରି ହେବ । ଏଭଳି ଅନୁମାନ ସିଦ୍ଧ ସମସ୍ୟାକୁ ଐତିହାସିକମାନେ ସମର୍ଥନ ଜଣାଇବେ ନାହିଁ । ନିମ୍ନରେ ଅର୍ଜ୍ଜୁନ ଦାସଙ୍କ ସମୟ ସମ୍ବନ୍ଧରେ କେତେକ ଆଲୋଚନା କରାଗଲା ।

୧—କବି ଅର୍ଜ୍ଜୁନ ଦାସଙ୍କ 'ରାମବିଭା'ର ଛାନ୍ଦକୁ କବି ଧନଞ୍ଜୟ ଭଞ୍ଜ ସ୍ୱୟଂ 'ରଘୁନାଥ ବିଳାସ'ର ତ୍ରୟୋଦଶ ଛାନ୍ଦରେ ଗ୍ରହଣ କରିଛନ୍ତି । (ମହୋଲସିଆର ଜନକ ଗୃହେ ବାଣୀରେ ଗାଇବ ) ।

୨—ଧନଞ୍ଜୟ ଭଞ୍ଜଙ୍କ ପୂର୍ବବର୍ତ୍ତୀ କବି କାର୍ତ୍ତିକ ଦାସ ସ୍ୱ ପ୍ରଣୀତ 'ରୁକ୍ମିଣୀ ବିଭା'ର ଅଷ୍ଟମ ଛାନ୍ଦକୁ 'ରାମ ବିଭା'ର ଷଷ୍ଠ ଛାନ୍ଦ ବାଣୀରେ ଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି ।

୩—କବି ବିଷ୍ଣୁ ଦାସ ସ୍ୱପ୍ରଣୀତ 'ପ୍ରେମଲୋଚନା' କାବ୍ୟର ପଞ୍ଚମ ଛାନ୍ଦକୁ 'ରାମବିଭା'ର 'ମାରକଣ୍ଡ ଋଷି କହେ' ବାଣୀରେ ଗାଇବାକୁ ଲେଖିଛନ୍ତି ।

୪—କବି ନରସିଂହ ସେଣ ସ୍ୱରଚିତ 'ପରିମଳା' କାବ୍ୟର ଦଶମ ଛାନ୍ଦରେ 'ରାମ ବିଭା'ର ତୃତୀୟ ଛାନ୍ଦର ଛନ୍ଦକୁ ଗ୍ରହଣ କରିଛନ୍ତି ।

ଉଲ୍ଲିଖିତ କବିମାନେ ଅର୍ଜୁନ ଦାସଙ୍କ 'ରାମବିଭା' କାବ୍ୟର ଲୋକପ୍ରିୟ ଛନ୍ଦକୁ ଗ୍ରହଣ କରିଥିବାରୁ ସେମାନଙ୍କୁ ତାଙ୍କର ( ଅର୍ଜୁନ ଦାସଙ୍କର ) ପରବର୍ତ୍ତୀ କବି ବୋଲି ନିଃସନ୍ଦେହରେ ଗ୍ରହଣ କରିବାକୁ ହେବ । ସେମାନଙ୍କ ମଧ୍ୟରେ କବି ଧନଞ୍ଜୟ ଖ୍ରୀ: ଅ: ୧୬୩୫ରୁ ଖ୍ରୀ: ଅ: ୧୭୦୧ ପର୍ଯ୍ୟନ୍ତ ଜୀବିତ ଥିବାର ବହୁ ପ୍ରମାଣ ମିଳୁଛି । କବି ବିଷ୍ଣୁ ଦାସ ମଧ୍ୟ ସ୍ୱରଚିତ ଗ୍ରନ୍ଥ ଗୁଡ଼ିକୁ ଖ୍ରୀ: ଅ: ୧୫୭୦ ରୁ ଖ୍ରୀ: ଅ: ୧୬୧୦ ମଧ୍ୟରେ ରଚନା କରିଥିବାର ବହୁ ବଳବତ୍ତର ପ୍ରମାଣ ମିଳେ । ଏବଂ କବି ନରସିଂହ ସେନ ଖ୍ରୀ: ଅ: ୧୫୪୦ ପୂର୍ବରୁ 'ପରିମଳା' କାବ୍ୟର ରଚନା କରିଥିଲେ ବୋଲି ଜଣାଯାଏ । ତେଣୁ ଉପର୍ଯୁକ୍ତ ପରବର୍ତ୍ତୀ କବିମାନଙ୍କ ସମୟ ଅନୁସାରେ ଅର୍ଜୁନ ଦାସଙ୍କ ସମୟ ଖ୍ରୀ: ଅ: ୧୫୨୦ - ୧୫୭୦ ମଧ୍ୟରେ ହୋଇଥିବ ବୋଲି ଅନୁମାନ କଲେ ଅସମୀଚୀନ ହେବ ନାହିଁ । କବି ଅର୍ଜୁନ ଦାସଙ୍କ ସମୟ ସମ୍ବନ୍ଧରେ ସୁଦୃଢ଼ ପ୍ରମାଣ ମିଳିବା ପର୍ଯ୍ୟନ୍ତ, ଏ ପ୍ରକାର ଅନୁମାନ ଉପରେହିଁ ନିର୍ଭର କରିବାକୁ ପଡ଼ିବ ।

ଯାହା ହେଉ, କବି ଅର୍ଜୁନ ଦାସ ଯେଉଁ ସମୟର କବି ହୁଅନ୍ତୁନା କାହିଁକି, ସେ 'ରାମବିଭା' ଓ 'କଳ୍ପଲତା' ନାମକ ଯେଉଁ ଦୁଇଟି ଅମୂଲ୍ୟ ଗ୍ରନ୍ଥ ପ୍ରାଚୀନ ଓଡ଼ିଆ ସାହିତ୍ୟର ଭଣ୍ଡାରକୁ ଦାନ କରିଅଛନ୍ତି ତାହା ଓଡ଼ିଆ ଜାତି ପକ୍ଷେ ଚିରସ୍ମରଣୀୟ ହୋଇ ରହିବ ।

# ଦୁଟି ଲଜ୍ଜାବତୀ ଲଜ୍ଜାବତୀ ଓ ଲଜ୍ଜାବତୀ

ଓଡ଼ିଆ ସାହିତ୍ୟର ସ୍ୱର୍ଣ୍ଣଯୁଗରେ କେତେକ ଜଣ ସୁଖ୍ୟାତ ନାମା କବି ଜନ୍ମଗ୍ରହଣ କରି ଓଡ଼ିଆ କାବ୍ୟ ଭଣ୍ଡାରକୁ ଏପରି ଗୋଟିଏ ଗୋଟିଏ ଅଲଭ୍ୟ ରତ୍ନ ଦାନ କରି ଯାଇଛନ୍ତି, ଯାହାର ଶତାଧିକ ଜ୍ୟୋତି ଦେଦୀପ୍ୟମାନ ହୋଇରହିଥିବ । ଏହିଭଳି କବି କୋବିଦ ଯେଉଁ ଦେଶରେ ଯେତକ ଯୁଗମାନଙ୍କରେ ଜନ୍ମ ଗ୍ରହଣ କରି ବାଣୀ ଆରାଧନାରେ ନିଜକୁ ଉତ୍ସର୍ଗ କରିଛନ୍ତି, ସେ ଦେଶ ସେହି ଯୁଗମାନଙ୍କରେ ସାହିତ୍ୟ ଜଗତରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଛି ।

ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଷୋଡ଼ଶ ସପ୍ତଦଶ ଓ ଅଷ୍ଟାଦଶ ଶତାବ୍ଦୀ—ଏହି ତିନିଶହ ବର୍ଷକୁ ସ୍ୱର୍ଣ୍ଣଯୁଗ ବୋଲି ନାମିତ କଲେ ଆଦୌ ଅସମୀଚୀନ ହେବନାହିଁ* । ଆଜି ଓଡ଼ିଆ ଜାତି ଯେଉଁ ବିଶିଷ୍ଟ କବି ଓ ଲେଖକମାନଙ୍କୁ ନେଇ ଗର୍ବ କରେ, ସେମାନେ ଏହି ଉଜ୍ଜ୍ୱଳମୟ ଯୁଗରେହିଁ* ଜନ୍ମ ଗ୍ରହଣ କରିଥିଲେ ।

ପ୍ରସ୍ତୁତ ଆଲୋଚନାରେ ବନମାଳୀ ଦାସଙ୍କ 'ବୃହତ ଇଚ୍ଛାବତୀ' ଧନଞ୍ଜୟ ଭଞ୍ଜଙ୍କ 'ଇଚ୍ଛାବତୀ' ଓ ପଦ୍ମନାଭ ଶ୍ରୀଚନ୍ଦନଙ୍କ 'ଇଚ୍ଛାବତୀ' କାବ୍ୟର ତୁଳନାତ୍ମକ ଅଧ୍ୟୟନ କରାଯାଇଛି । ତିନୋଟି ଯାକ କାବ୍ୟ ଗୋଟିଏ ପ୍ରାଚୀନ ଆଖ୍ୟାୟିକାର ଅବଲମ୍ବନରେ ଲେଖାଯାଇଛି । କେବଳ ସମସ୍ତଙ୍କର ସ୍ୱଭାବ ତଥା ବ୍ୟକ୍ତିଗତ ବୈଶିଷ୍ଟ୍ୟରୁ ବର୍ଣ୍ଣନା ଶୈଳୀର ଯେଉଁ ପରିବର୍ତ୍ତନ ପରିଲକ୍ଷିତ ହୁଏ, ତାହାହିଁ ଆଲୋଚନାର ମୁଖ୍ୟ ବିଷୟ ।

'ବୃହତ ଇଚ୍ଛାବତୀ' କାବ୍ୟର ସ୍ରଷ୍ଟା କବି ବନମାଳୀ ଦାସ 'ଇଚ୍ଛାବତୀ'ର ରଚୟିତା ଧନଞ୍ଜୟ ଭଞ୍ଜ ଓ ଅନ୍ୟ ଏକ 'ଇଚ୍ଛାବତୀ' କାବ୍ୟର ସ୍ରଷ୍ଟା ପଦ୍ମନାଭ ଶ୍ରୀଚନ୍ଦନ ଗୋଟିଏ କଥାବସ୍ତୁର ଅବଲମ୍ବନରେ ସ୍ୱ ସ୍ୱ କାବ୍ୟମାନ ରଚନା କରିଛନ୍ତି । ବିଷୟ ବସ୍ତୁ ସମାନ ହୋଇଥିଲେ ହେଁ ସମସ୍ତଙ୍କ ପ୍ରଭାବରେ ଉପଯୁକ୍ତ କବିମାନେ ନିଜ ନିଜର ନାୟକ ନାୟିକାଙ୍କ ସମୟୋପଯୋଗୀ ଆବରଣରେ ଆବୃତ କରିଛନ୍ତି, ତାହାହିଁ କାବ୍ୟଗୁଡ଼ିକର ବିଶେଷତ୍ୱ ଓ ପ୍ରତିଭାଶାଳୀ କବିମାନଙ୍କର ଚାତୁର୍ଯ୍ୟର ପରିଚୟ ଦେଉଛି । କାବ୍ୟ ତିନୋଟିର ଆଲୋଚନା ପୂର୍ବରୁ ପ୍ରତ୍ୟେକର କଥାବସ୍ତୁ ସଂକ୍ଷେପରେ ବର୍ଣ୍ଣିତ ହେଲା ।

## ଛୋଟ ଇଚ୍ଛାବତୀ :

"ଦ୍ରାବିଡ (ଦର୍ପିକ ବୋଲି କେତେକ ସ୍ଥାନରେ ଲେଖାଅଛି ।) ଦେଶର ରାଜପୁତ୍ର ଚନ୍ଦ୍ରଚୂଡ଼ ସୁବର୍ଣ୍ଣରେଖା ନଦୀ କୂଳସ୍ଥ ଯୋଗୀରାଜଙ୍କ ରାଜ୍ୟରେ ଉପସ୍ଥିତ ହୋଇ ବାଳକେଳୀ ଇଚ୍ଛାବତୀଙ୍କ ଗୁରୁ ଶିକ୍ଷକଙ୍କ ନିକଟରେ ଅବସ୍ଥାନ କଲେ ଓ ସୁଯୋଗ ଜନମ ରାଜକୁମାରୀ ସହିତ ସମ୍ପର୍କ ସ୍ଥାପନ କଲେ । ସ୍ୱପ୍ନ ... ଆଦେଶରେ ଦୁହେଁ ଦେବାଦେବୀଙ୍କୁ ପୂଜିବାକୁ ନିମିତ୍ତ ଯାଇ, ପରସ୍ପର ସୌନ୍ଦର୍ଯ୍ୟରେ ମୁଗ୍ଧ ହେଲେ ଏବଂ ଏକାନ୍ତ ମିଳନର ସୁଯୋଗ ନେଇ ରାଜକୁମାରୀ ଇଚ୍ଛାବତୀ ଚନ୍ଦ୍ରଚୂଡ଼ଠାରେ ଆତ୍ମସମର୍ପଣ କଲେ । ଉଦ୍ୟାନରୁ ପ୍ରତ୍ୟାବର୍ତ୍ତନ କରିବେ, ଗୁରୁଦେବ ଉଭୟଙ୍କ ମୁଖମଣ୍ଡଳ ଦେଖି ସନ୍ଦେହ ପ୍ରକାଶ

କଲେ ଓ ସଭାସଦ ଠାରୁ ଚନ୍ଦ୍ରବକ୍ତ୍ରଙ୍କୁ ରାଜକୁମାରୀ ସହିତ ଦେଖାସାକ୍ଷାତ କରିବାର ସମସ୍ତ ସୁଯୋଗ ବନ୍ଦ କରିଦେଲେ । ତହୁଁ ରାଜକୁମାରୀ ବିରହରେ ଅଧୀର ହୋଇ କନ୍ୟାନ୍ତଃପୁରରେ ଶଯ୍ୟାଶାୟିନୀ ହେଲେ ଓ କୁମାରୀର ଏପରି ଅବସ୍ଥା ଅନୁବର୍ତ୍ତୀ ନାମ୍ନୀ ଏକ ସଖୀ ସମସ୍ତ ବସ୍ତୁ ଜାଣି ଚନ୍ଦ୍ରବକ୍ତ୍ରଙ୍କୁ ନେଇ କନ୍ୟାନ୍ତଃପୁରରେ ଗୋପନରେ ରଖାଇ ଲଙ୍କାବତୀର କାମନା ପୂର୍ଣ୍ଣ କଲା ।

ଦୁର୍ଭାଗ୍ୟ କ୍ରମେ ଚନ୍ଦ୍ରକେତନ ରାଜାଙ୍କ କର୍ଣ୍ଣଗୋଚର ହୁଅନ୍ତେ, ରାଜା ଚନ୍ଦ୍ରବକ୍ତ୍ରଙ୍କୁ ଧରାଇ ଦେଲେ ତା'ର ସୌନ୍ଦର୍ଯ୍ୟ ଦେଖି ଜେମାର ଉପଯୁକ୍ତ ପାତ୍ର ବୋଲି ମନେ ମନେ ସ୍ଥିର କରି କେବଳ କୁମାର କୁମାରୀଙ୍କ ହୃଦୟ ପରୀକ୍ଷା ପାଇଁ ଦୋଷ-ଶାସ୍ତି ଜଣାଇବାର ଏକ ଭାନ ପ୍ରହସନ ଆରମ୍ଭ କଲେ । ଇତ୍ୟବସରରେ ରାଜକୁମାରୀ ଲଙ୍କାବତୀ ବଧ ଭୂମିରେ ଉପସ୍ଥିତ ହୋଇ କୁମାରର ବନ୍ଧନମୁକ୍ତ କରି ନିଜକୁ ବଧ କରିବା ଲାଗି ପିତା ପାଖରେ ଅନେକ ପ୍ରକାର ଅନୁରୋଧ କଲେ । ଇତି ମଧ୍ୟରେ ସେଠାରେ ଜଣେ ଦୂତ ଆସି ଚନ୍ଦ୍ରବକ୍ତ୍ରଙ୍କ ପିତା ଭୋଜରାଜଙ୍କ ଆଗରେ ତା'ର ବଂଶ ପରିଚୟ ଦିଅନ୍ତେ ରାଜା ଅତ୍ୟଧିକ ଆନନ୍ଦିତ ହୋଇ ଲଙ୍କାବତୀ ସହିତ କୁମାରର ବିବାହ କରାଇ ଦେଲେ" ।

## ଧନଞ୍ଜୟଙ୍କ ରତ୍ନାବତୀ :

ଭୂମିକାରୁ ଜଣାଯାଏ ଏକଦା ନୃତ୍ୟ ଗୀତ-ମହୋତ୍ସବରେ ଇନ୍ଦ୍ରଙ୍କ ସଭାରେ ନୈତିକ ଅପ୍ସରା ଭିତରେ ଦେବାଧି ପ୍ରକାଶ ହେବାରୁ ମର୍ତ୍ତ୍ୟରେ ଜନ୍ମ ହେବାଲାଗି ତାହାକୁ ଅଭିଶାପ ଦେଲେ । ସେହି ଶାପଗ୍ରସ୍ତ ଅପ୍ସରା ଅବନ୍ତୀରେ ରାଜା ଭୋଜଙ୍କ ଘରେ ନର୍ତ୍ତକୀର ନାମରେ ଜନ୍ମଗ୍ରହଣ କଲେ । ଯଥନ ଯୌବନାବସ୍ଥାରେ ମଧୁକର ଏକାନ୍ତରେ ଉଦ୍ୟାନ ବାଟିକାରେ ଭ୍ରମୁଥିବା ବେଳେ ନାରଦ ଉପସ୍ଥିତ ହୋଇ ତାଙ୍କ ପୂର୍ବଜନ୍ମ ବୃତ୍ତାନ୍ତ କହନ୍ତେ ସେ ଯାଇ ଅବନ୍ତୀ ରାଜ୍ୟରେ ଉପସ୍ଥିତ ହେଲେ ଏବଂ ରାଜକୁମାରୀ ଅନୁରାଗ ନିମିତ୍ତ ଆସୁଥିବା କଳ ଲୀ ମଧ୍ୟରେ ରହି ତା' ସହିତ ବୟସ୍ୟାସ୍ୱ ଅବସରରେ ସଦ୍‌ଭାବ ସ୍ଥାପନ କଲେ ।

ଉଭୟେ ଦିନେ ରତ୍ନୋଦ୍ୟାନରୁ ପୁଷ୍ପଚୟନ କରିବା ଲାଗି ଯାଇ ସେଠାରେ ପରସ୍ପର ପ୍ରେମ ବନ୍ଧନରେ ଆବଦ୍ଧ ହୋଇଥିଲେ । ରାଜକୁମାରୀ ଇଚ୍ଛାବତୀ ମଧୁକରକୁ ପତିରୂପେ ବରଣ କରି ତାଙ୍କୁ ବରଣମାଳା ଦେଇ ଉଦ୍ୟାନରୁ ପ୍ରତ୍ୟାବର୍ତ୍ତନ କଲା । କିଛିଦିନ ଭିତରୁ ରାଜକୁମାରୀ ଉଦ୍ୟାନକୁ ପରିତ୍ୟାଗ କରି କନ୍ୟାନ୍ତଃପୁରରେ ବାସ କରନ୍ତେ, ମଧୁକର ରାଜକୁମାରୀର ବିରହରେ ବେଦନ କରି କନ୍ୟାନ୍ତଃପୁର ନିକଟସ୍ଥ ଉଦ୍ୟାନରେ ପରିଭ୍ରମଣ କଲା । ଦିନେ ରାଜକୁମାରୀ ସେ ବେଦନା ବୁଝି ଦୂତୀ ହସ୍ତରେ ସମ୍ବାଦ ପ୍ରେରଣ କରନ୍ତେ ତଦନନ୍ତର ମଧୁକର ଆସି କନ୍ୟାନ୍ତଃପୁରରେ ପ୍ରବେଶ କଲା । କିନ୍ତୁ ମଧୁକରକୁ ଅନେକ ପ୍ରକାର ଭୟ ପ୍ରଦର୍ଶନ କରାଇବା ସତ୍ତ୍ୱେ ସେ ସେଠାରୁ ଫେରିବାକୁ ଇଚ୍ଛା ପ୍ରକାଶ କଲାନାହିଁ । ଅବଶେଷରେ ରାଜକୁମାରୀଙ୍କ ଅନେକ ଯୁକ୍ତିରେ ପରିତୋଷ ହୋଇ ମଧୁକର ସହିତ କେଳି ଆରମ୍ଭ କଲା ଓ କେଳି ଅନ୍ତେ ଦୂତ୍ୟମାର୍ଗ ଦେଇ ପଳାଇବା ଲାଗି ମଧୁକରକୁ ଅନୁରୋଧ କଲା ।

ମଧୁକର ପଳାୟନ କରିବା ସମୟରେ ପ୍ରହରୀ ହାତରେ ଧୃତ ହୋଇ ରାଜାଦେଶରେ ବଧ୍ୟଭୂମିକୁ ଆନୀତ ହେଲା ଓ ସେଠାରେ କୁମାରୀ ଯୌବନ ବର୍ଣ୍ଣନ ତଥା ଦ୍ୱିତୀୟ କାଳୀନ ସମସ୍ତ ଅବସ୍ଥା ସୂଚନା କରି ବେଦନ କଲା । ପରେ ନାରଦ ସେଠାରେ ଉପସ୍ଥିତ ହୋଇ ସବୁ ତଥ୍ୟ ପ୍ରକାଶ କରନ୍ତେ, ପୁଣି ମଧୁକର ସହିତ ଇଚ୍ଛାବତୀର ବିବାହ ସମ୍ପନ୍ନ କରାଇ ଦେଲେ" ।

## ପଦ୍ମନାଭ ଶ୍ରୀଚନ୍ଦନଙ୍କ ଇଚ୍ଛାବତୀ :

"ଅବନ୍ତୀଦେଶର ରାଜା ଭୋଜଦେବଙ୍କ ଗୃହରେ ଇଚ୍ଛାବତୀ ଜନ୍ମଗ୍ରହଣ କଲା । କନ୍ୟାର ଯୌବନ କାଳ ଆସି ଉପସ୍ଥିତ ହୁଅନ୍ତେ, ସେ ଦିନେ ଅକସ୍ମାତ୍ ଏକ ରାଜକୁମାରକୁ ଦେଖିଲା । ପ୍ରଥମ ଦର୍ଶନରେ ରାଜକୁମାର ତାକୁ ପତ୍ନୀରୂପେ ପାଇବାକୁ ଇଚ୍ଛା ପ୍ରକାଶ କରନ୍ତେ, ଇଚ୍ଛାବତୀ ନାନା ପ୍ରକାର ଭ୍ରମପୂର୍ଣ୍ଣ ବାକ୍ୟରେ ତାକୁ ଭୁଲାଇବା ଲାଗି ଚେଷ୍ଟା କଲା । ପରେ ରାଜକୁମାରର ଯୁକ୍ତିରେ ମୁଗ୍ଧ ହୋଇ

କଳାବତୀ କୁମାରକୁ ନାରୀବେଶରେ କନ୍ୟାନ୍ତଃପୁରରେ ପ୍ରବେଶ କରିବା ଲାଗି ନିଜେ ଶିଖେଇ ଅନ୍ତଃପୁରକୁ ପ୍ରସ୍ଥାନ କଲା ।

ପରେ ପରିଚାରିକା ବେଶରେ କୁମାର କନ୍ୟାନ୍ତଃପୁରରେ ପ୍ରବେଶ କରି ଗୁପ୍ତଭାବେ କୁମାରୀଙ୍କୁ ପରିତୋଷ କରାଇ କଳାବତୀ ଦେବଦାନ ପୂର୍ବକ କୁମାରୀଙ୍କୁ ଅଳଙ୍କୃତ କରାଇଲା । କେଳି ଶେଷେ କୁମାରକୁ ସେଠାରୁ ଫେରିବା ଲାଗି ନାନା ପ୍ରକାର ଛଳନା ପୂର୍ଣ୍ଣ ବାଣୀ କହନ୍ତେ କୁମାର ଅନୁନୟ ବିନୟ ପ୍ରକାଶ କରି ସେଠାରେ ବାସ କଲା ।

ଏପରି ସୁରତ କ୍ରୀଡା ଅନନ୍ତେ ଶ୍ରମ ଅପନୋଦନ ନିମିତ୍ତ ବାହାରେ ବସିଥିବା ବେଳେ ନଗରପାଳ ଆସି ତାଙ୍କୁ ବନ୍ଦୀ କରି ରାଜାଙ୍କ ସମ୍ମୁଖରେ ଉପସ୍ଥିତ କରାଇଲା । ରାଜାଙ୍କ ଆଦେଶରେ କୁମାରକୁ ପ୍ରାଣଦଣ୍ଡ ଦିଆଯିବା ସମୟରେ ସେ କଳାବତୀର ଗୁଣ ସ୍ମରଣ କରି କରୁଣ ସ୍ୱରରେ ବିଳାପ କଲା । କୁମାରର ଏପରି ବିଳାପ ରାଜାଙ୍କର କର୍ଣ୍ଣଗୋଚର ହୁଅନ୍ତେ, ରାଜା କଳାବତୀ ସହିତ କୁମାରର ବିବାହ ସମ୍ପନ୍ନ କରାଇଦେଲେ ଓ ଦୁହିତା-ଜାମାତାଙ୍କ ଲାଗି ସ୍ୱତନ୍ତ୍ର ଘରଟିଏ ତିଆରି କରାଇଦେଲେ । ସେଠାରେ ରାଜକୁମାର ଓ କଳାବତୀ ସୁଖରେ କାଳ ଯାପନ କଲେ ।

ଏକଦା ରାଜା ଜାମାତାଙ୍କୁ କାର୍ଯ୍ୟ ଉଦ୍ଦେଶ୍ୟରେ ଏକାମ୍ର କାନନକୁ ପ୍ରେରଣ କଲେ । କୁମାର ସେଠାରେ ରହି ଶୀଘ୍ର ପ୍ରାଣପ୍ରିୟା ସହିତ ସମ୍ମିଳିତ ହେବା ଉଦ୍ଦେଶ୍ୟରେ ଚଣ୍ଡୀ ବରଣ କରାଇଲେ । ବର୍ଷା ଓ ଶରତ କାଳରେ ନାୟକ ନାୟିକା ଉଭୟ ବିରହରେ ମହାକଷ୍ଟ ଅନୁଭବ କରି କାଳାତିପାତ କଲେ ।

ଶୀତର କାଳରେ ନାୟକ ନିଜର କାମଦଶା ଓ ମିଳନକାଳୀନ ଆନନ୍ଦବାଦ ବର୍ଣ୍ଣନା କରି ନାୟିକା ନିକଟକୁ ଦୂତ ପ୍ରେରଣ କଲା । ଦୂତ ପ୍ରାପ୍ତି ମାତ୍ରକେ ନିଜର ବିରହ ବର୍ଣ୍ଣନା ପୂର୍ବକ ଅଶେଷ ଆକାଂକ୍ଷା ପ୍ରକାଶ କରି, ନାୟିକା ଦୂତ ପ୍ରେରଣ କଲା । ଏଣେ ନାୟିକା ବସି ନିଜ ଦୁଃଖ ସମ୍ମୁଖରେ ନାୟକର ଗୁଣ ସ୍ମରଣ କରୁଥିବାବେଳେ ହଠାତ୍

ରାଜକୁମାର ଆଜି ଉତ୍କଣ୍ଠିତ ହୋଇ ଲକ୍ଷ୍ମାବତୀଠାରେ ସୃଷ୍ଟି ପ୍ରକାଶ ପୂର୍ବକ କ୍ଷମା ପ୍ରାର୍ଥନା କଲା ! ନାୟିକାର ମାନଭଞ୍ଜନ ପରେ ଉଭୟେ କେଳିକାଳରେ ମତ୍ତ ହୋଇ ଅଭ୍ୟୁଦୟଦଶାକୁ ପ୍ରାପ୍ତ ହୋଇଲେ । ଅଳ୍ପଦିନ ପରେ ଶ୍ରୀସୁନ୍ଦରୀଙ୍କ ଆଜି ଉତ୍କଣ୍ଠିତ ପୁତ୍ରରତ୍ନ, ରସିକ ନାୟକ ନାୟିକା ସହିତ କେଳିକ୍ରୀଡ଼ାରେ ମତ୍ତ ଅବସ୍ଥାରେ ସ୍ୱୟଂ ଶ୍ରୀଭଗବାନଙ୍କୁ ମୁକ୍ତି ଲାଭ କଲା ।

ଶେଷୋକ୍ତ 'ଲକ୍ଷ୍ମାବତୀ' କାବ୍ୟର ପ୍ରଣେତା ଓଡ଼ିଶାର ବାଙ୍କୀ ନରେଶ ପଦ୍ମନାଭ ଶ୍ରୀଚନ୍ଦନ ଜଣେ ଖ୍ୟାତନାମା ବ୍ୟକ୍ତି ଥିଲେ । ସେ 'ଲକ୍ଷ୍ମାବତୀ'ର ପ୍ରତ୍ୟେକ ଛାନ୍ଦଶେଷରେ ନିଜକୁ ବଙ୍କନଗ୍ର ଅଧିପତି ବୋଲି କହିଅଛନ୍ତି ଏବଂ କେତେକ ସ୍ଥାନରେ ନିଜର ପୂର୍ବଜମାନଙ୍କୁ ମଧ୍ୟ ବାଦ ଦେଇ ନାହାନ୍ତି ।

"ନରେଶ ବୃନ୍ଦ ଭୂଷଣ ମଦନ ସୁନ୍ଦର ।
କ୍ଷମାଶୀଳ ସ୍ୱବଂଶଶ୍ରୀ ଦାତା ଧୀରବର ନର ।।
ବଙ୍କ ନଗ୍ର ମଣ୍ଡଳ ବସୁଧା-ଅଧିକାର ।
ଭଣେ ପଦ୍ମନାଭ ଶ୍ରୀଚନ୍ଦନ ପ୍ରଭୁ ଭଣ ନର" ।।

( ଲକ୍ଷ୍ମାବତୀ, ଦ୍ୱିତୀୟ ଛାନ୍ଦ )

* * *

ଚନ୍ଦ୍ର ଚନ୍ଦ୍ରିକା ତରଣି ଧାରଣ
ଭଣେ ବଙ୍କ ନଗର ନରକାନ୍ତ'

(ଦଶମ ଛାନ୍ଦ)

ନରେଶ ଭୂଷଣ ରାଜା ମାଣ କରିବର,
ଅକଳଙ୍କ ସୁଧାନିଧି ସମ ଶରୀର ର ।
କଳିକଳ୍ମଷ ମଣ୍ଡନ ଖଣ୍ଡନ ଅଧିକାର, .
ପ୍ରତାପେ ପୂରିତ ଯାର ଅବନୀ ମଣ୍ଡଳ ଯେ ।
ସମସ୍ତ ଗୁଣ ନିଳୟ ସୁନ୍ଦର ମୂରତି,
ଅଶେଷ ଜନ ପାଳକ କୀର୍ତ୍ତିଯାର-ଖ୍ୟାତ ଯେ ।

ତରୁଣ ତରଙ୍ଗିକା ଶ୍ରୀଚରଣ ତାମରସ,
ଭଜିଣ ଚନ୍ଦ୍ରମାଳି ଶ୍ରୀଚନ୍ଦନ ସେତୁ ରସ ହେ ।
ଜଗତ ଈଶ୍ୱର ସେତୁ କରୁଣା କରିବ,
ଏ ଗୀତ ମୋହର ମସ୍ତକଳେ ଖ୍ୟାତ ହେବ ।"

(ପଞ୍ଚଦଶ ଗ୍ରନ୍ଥ)

ଓଡ଼ିଆ କାବ୍ୟର ପ୍ରାରମ୍ଭ କାଳ ସମ୍ବନ୍ଧରେ ଆଲୋଚନା କଲେ ଜଣାଯାଏ, ସେତେବେଳେ କବିମାନେ ପୌରାଣିକ କିମ୍ବା କାଳ୍ପନିକ, ସେ କୌଣସି କଥାବସ୍ତୁର ଆଧାରରେ ଗ୍ରନ୍ଥ ରଚନା କରୁଥିଲେ ନାହିଁ କି, ସେମାନେ ସାଧାରଣତଃ ବିଷୟ ବସ୍ତୁର ବର୍ଣ୍ଣନା ପ୍ରତି ବିଶେଷ ଯତ୍ନଶୀଳ ହେଉଥିଲେ, ବର୍ଣ୍ଣନୀୟ ବିଷୟର ସୁସଙ୍ଗତ ସ୍ୱାଭାବିକ ରୂପ ହୋଇ ପାରିଲେ କାବ୍ୟ-କୌଶଳ ପ୍ରଦର୍ଶନରେ ସେମାନେ ପୂର୍ଣ୍ଣ ସଫଳ କାମ ହେଲେ ବୋଲି ଚିନ୍ତା କରୁଥିଲେ । ମାତ୍ର କବିମାନଙ୍କର ଏ ପ୍ରକାର ମନୋଭାବ ବେଶୀ ଦିନ ତିଷ୍ଠି ରହିଲା ନାହିଁ । ପରବର୍ତ୍ତୀକାଳୀନ କବିମାନେ- ମୁଖ୍ୟତଃ 'ପରିମଳା' କାବ୍ୟର ପ୍ରଣେତା ନରସିଂହ ସେଣ, ଲୀଳାବତୀ ଆଦି କାବ୍ୟର ରଚୟିତା ବିଷ୍ଣୁଦାସ ଓ କବି ସମ୍ରାଟ ଭଞ୍ଜଙ୍କ ପିତାମହ ଧନଞ୍ଜୟ ଭଞ୍ଜ ପ୍ରଭୃତି ସ୍ୱ ସ୍ୱ ରଚିତ ଗ୍ରନ୍ଥରେ ବିଷୟ ବସ୍ତୁର ଅବତାରଣା ସଙ୍ଗେ ସଙ୍ଗେ ଆଦି ରସ ନିର୍ଦ୍ଧାର କାବ୍ୟକୁ ଅଧିକ ଚମତ୍କୃତ କରି ସର୍ବଜନ ଗ୍ରାହ୍ୟ କରିବାକୁ ଅଧିକ ଯତ୍ନବାନ ହୋଇଥିଲେ । କାରଣ ସେମାନେ ସଂସ୍କୃତ କାବ୍ୟର ପ୍ରଭାବରେ ପ୍ରଭାବାନ୍ୱିତ ପାଠକ ମଣ୍ଡଳୀର ପିପାସା ପୂର୍ଣ୍ଣ କରିବା ଲାଗି ଏ ପ୍ରକାର ଧାରାର ଆଶ୍ରୟ ଗ୍ରହଣ କରିଥିବେ କିମ୍ବା ଶୃଙ୍ଗାର ରସ ନାୟକନାୟିକାମାନଙ୍କ କାମ ପିପାସାର ଅଭିବୃଦ୍ଧି ନିମିତ୍ତ ଏପରି ପ୍ରକାର ସ୍ଥୂଳ ସୃଜନ ଭାବାତ୍ମକ ଆଦିରସାତ୍ମକ ବର୍ଣ୍ଣନା ଆଙ୍କି ବସିଥିବେ । ତେଣୁ ସେହି ଧାରାର ପରବର୍ତ୍ତୀ ଯୁଗରେ, ଓଡ଼ିଆ କାବ୍ୟର ସମ୍ମୁଖ ଜଗତ ଓ କେଉଁଠାରେ ଆଦିରସର ମାତ୍ରା ଟିକିଏ ଅଧିକ ପରିଲକ୍ଷିତ ହେଲା । ବିଶେଷତଃ ନାୟିକାର ଯୌବନ ବର୍ଣ୍ଣନା, କେଳୀ ବର୍ଣ୍ଣନା ( ଜଳକେଳୀ, ବନବିହାର ଆଦି ) ତଥା ଶୃଙ୍ଗାରକାଳୀନ ବିଭିନ୍ନ ଚେଷ୍ଟା ଆଦିର ସମାବେଶ ଉପରେ ଅଧିକ ଧ୍ୟାନ ଦିଆଗଲା । ତତ୍ପରବର୍ତ୍ତୀ ଯୁଗରେ ଅର୍ଥାତ୍ କବି ସମ୍ରାଟଙ୍କ ସମୟରେ କେବଳ

ଆଦି ରସାତ୍ମକ ବର୍ଣ୍ଣନା ପୌରାଣିକ ଓ କାଳ୍ପନିକ କାବ୍ୟର ମୁଖ୍ୟ ବିଷୟ ହୋଇ ରହିଲା ନାହିଁ; ବରଂ ସଙ୍ଗେ ସଙ୍ଗେ ମଧ୍ୟ ଅଳଙ୍କାର ଶାସ୍ତ୍ରାନୁଯାୟୀ ଶବ୍ଦଗୁଣ ଓ ଅଳଙ୍କାରର ସମାବେଶ ପ୍ରଚୁର ମାତ୍ରାରେ ପରିଲକ୍ଷିତ ହେଲା । ଯଦିଓ ଏ ପ୍ରକାର ଅଳଙ୍କାର ପ୍ରୟୋଗ, ଯୁଗର ପ୍ରାରମ୍ଭିକ ବକାଶ ନରସିଂହ ସେନ, ବିଷ୍ଣୁ ଦାସ ଓ ଧନଞ୍ଜୟ ଭଞ୍ଜଙ୍କଠାରୁ ଆରମ୍ଭ ହୋଇଥିଲା; ତଥାପି ଭଞ୍ଜୀୟ ବର୍ଣ୍ଣନା ଶୃଙ୍ଖଳରେ ତା'ର ରୂପରେଖ ସନ୍ନିହିତ ଓ ପ୍ରତିଫଳିତ ହେଲା । ତେଣୁ ବର୍ଣ୍ଣନୀୟ ବିଷୟ ସହିତ ଶବ୍ଦାଳଙ୍କାର ଯୋଜନାର ଶ୍ରେୟ କର୍ଣ୍ଣଧାର ରୂପେ କବିସମ୍ରାଟଙ୍କୁ ସ୍ୱୀକାର କରାଯାଏ । ଅବଶ୍ୟ ଏଭଳି ସଂଘଟନା ବୈଚିତ୍ର୍ୟ କେବଳ ପ୍ରତିଭା ପ୍ରସୂତ ଥିଲା ତା' ନୁହେଁ, ସେଥିଲାଗି ବହୁଶାସ୍ତ୍ରର ଅଧ୍ୟୟନ ତଥା ମନନର ଆବଶ୍ୟକତା ବେଶୀ ମାତ୍ରାରେ ଥିଲା । ତେଣୁ ସମସ୍ତଙ୍କ ପକ୍ଷରେ ସେ ପ୍ରକାର ପାଣ୍ଡିତ୍ୟ ଅର୍ଜନ କରିବା ସମ୍ଭବପର ନୁହେଁ । ତଥାପି ଯୁଗର ପ୍ରେରଣା ଅନୁଯାୟୀ କବିମାନେ ଯଥା ଅଧିକ ଭଞ୍ଜୀୟ ଶୈଳୀର ଅନୁକରଣ କରି ସ୍ୱତନ୍ତ୍ର କାବ୍ୟ ଗ୍ରନ୍ଥମାନ ରଚନା କଲେ ।

ପ୍ରସ୍ତୁତ ଆଲୋଚନାରେ ଆଲୋଚିତ କବିମାନଙ୍କ ବିଷୟବସ୍ତୁର ମନ୍ତ୍ରାଟୀ ଦୃଷ୍ଟିରେ ସମ୍ୟକ୍ ଆଲୋଚନା କଲେ ଜଣାଯାଏ 'ଇଚ୍ଛାବତୀ' କାବ୍ୟର ରଚୟିତା ବନମାଳୀ ଦାସ ସ୍ୱ କାବ୍ୟରେ ବର୍ଣ୍ଣିତ ଘଟଣା ପ୍ରବାହ ବର୍ଣ୍ଣନା, ଭାବର ଅଙ୍କନ କରିବାରେ କବୀନ୍ଦ୍ର ପ୍ରଭାବ ନୈସର୍ଗିକ ମାର୍ଗ ଅବଲମ୍ବନ କରିନାହାନ୍ତି । କବି ବନମାଳୀ ଓଡ଼ିଆ କାବ୍ୟର ପ୍ରାରମ୍ଭ ଯୁଗର ଅନ୍ୟତମ ମାର୍ଗଦର୍ଶକ ହୋଇଥିବାରୁ ନାୟକ ନାୟିକାଙ୍କର ଚରିତ୍ର-ଅବତାରଣା ବ୍ୟତୀତ କେବଳ ବର୍ଣ୍ଣନୀୟ ବିଷୟବସ୍ତୁର ଯଥାର୍ଥ୍ୟ ପ୍ରତି ଦୃଷ୍ଟି ଦେଇଥିଲେ । କେତେକ କାବ୍ୟରେ ଯେପରି ଅତିମାତ୍ରାଧିକତା କିମ୍ବା ଅତିଶୟୋକ୍ତିର ପ୍ରୟୋଗ ବହୁଳଭାବରେ ଦେଖାଯାଏ, କବି ବନମାଳୀ ଯଥାସାଧ୍ୟ ଚେଷ୍ଟା କରି ସେ ପ୍ରକାର ଦୋଷରୁ ନିଜ କାବ୍ୟକୁ ରକ୍ଷା କରି ପାରିଛନ୍ତି । ତା' ସଙ୍ଗେ ସଙ୍ଗେ କଥାବସ୍ତୁର ବର୍ଣ୍ଣନାରେ ଅପ୍ରାସଙ୍ଗିକ ଦୋଷ ସେମାନେ କାବ୍ୟଟିକୁ ଦୂଷିତ କରେ; ସେଥିଲାଗି ତାଙ୍କ ଲେଖନୀ ସଜାଗ ଥିଲା । ଆଦିରସ-ବର୍ଣ୍ଣନା-ପ୍ରସଙ୍ଗରେ

ମଧ୍ୟ କବି ଖଣ୍ଡାଧାରୀଙ୍କ ପାଦ ଦେଖିଲାପରି ମନେହୁଏ । କାରଣ ସେଥିଁ ସ୍ଥଳରେ ଆଦିରସ ବର୍ଣ୍ଣନା ନ ଥାଇ କାବ୍ୟର ରସ ପରିବେଷଣରେ ସୃଷ୍ଟି ହୋଇପାରିବ, ସେପରି ସେଥିପାଇଁ କେବଳ କବି ଶୃଙ୍ଗାର ରସ ବର୍ଣ୍ଣନା କରନ୍ତି । ଉଦାହରଣ ସ୍ୱରୂପ ପୁଷ୍ପବାଟିକାରେ ରାଜକୁମାରୀ ଲକ୍ଷାବତୀ ସହିତ କୃଷ୍ଣଚନ୍ଦ୍ରଙ୍କ ମିଳନ ପ୍ରସଙ୍ଗକୁ ଏଠାରେ ଗ୍ରହଣ କରାଯାଇ ପାରେ ।

ଉକ୍ତ ପୁଷ୍ପବାଟିକାର ନିର୍ଜନ କୁଞ୍ଜରେ ଆବେଷ୍ଟନ କରିଥିବା ନାୟିକାର ଲଲାଟ ଶୋଭା ଓ ଶୁଭ୍ରାଙ୍ଗ ପ୍ରଦର୍ଶନ କରି ପୂର୍ଣ୍ଣ ବକ୍ଷ ନାୟକର ମନରେ ନିଶ୍ଚୟ ମଦନ ବିକାର ଜାତ ହୋଇଥିବ, ସେ ସମୟରେ ଆତ୍ମସମର୍ପଣକାରିଣୀ ନାୟିକାକୁ ଆଲିଙ୍ଗନରେ ବାନ୍ଧି ସମ୍ଭୋଗ ସୁଖ ଅନୁଭବ ନ କରିବା କ୍ରିୟାର ଅସ୍ୱାଭାବିକ ହୋଇ ନିଶ୍ଚୟରୂପେ ନହିବେବ । କବି ବନମାଳୀ ସେଠାରେ ଯଥାର୍ଥ ଗୁଣରେ କେବଳ ନାୟକ ନାୟିକାଙ୍କର ମନୋଭାବ ବର୍ଣ୍ଣନା କରିଛନ୍ତି—ତାହା ମଧ୍ୟ ଅତି ସଂଯତ ଭାଷାରେ ଓ ସଂଯତ ଶୈଳୀରେ । ଆଦ୍ୟନ୍ତ ମଧ୍ୟ କାବ୍ୟର ବିଷୟବସ୍ତୁକୁ ଯଥାର୍ଥ ଭାବରେ ଅଳଙ୍କୃତ କରିବା ନୀତି କବି ଗ୍ରହଣ ନ କରି ନାୟିକାଙ୍କୁ ସାଧାରଣ ରାଜକୁମାର ଓ ରାଜକୁମାରୀ ରୂପେ ବର୍ଣ୍ଣନା କରିଛନ୍ତି ଏବଂ ସ୍ୱାଭାବିକ ଶେଷ ପର୍ଯ୍ୟନ୍ତ ସେହିପରି ହେଲେ ଅତି ସମ୍ପୂର୍ଣ୍ଣତାର ଅନୁସ୍ୟୁ ଗ୍ରହଣ କରି ନିଜର ନାଟକୀୟ ବିଷୟବସ୍ତୁଟିକୁ ସାଧାରଣ ଜନସମାଜଙ୍କୁ ଆବେଦନ ନେଇ ସୁନ୍ଦର ଭାବରେ ରଞ୍ଜିତ କରିପାରିଛନ୍ତି । ତେଣୁ ବନମାଳୀ ନାଟକର କଥାବସ୍ତୁର ପରିଣାମରେ ଅବଗତ କରି କାବ୍ୟଟିକୁ ଏକ ସରସ ଉପଭୋଗ୍ୟ କରିବାରେ ଯେଉଁଥିରେ ଚେଷ୍ଟା କରି ଓଡ଼ିଆ ପାଠକ ମହଲରେ ଜନପ୍ରିୟ ହୋଇଛନ୍ତି ।

ଧନଞ୍ଜୟ ଭଞ୍ଜ 'ଲକ୍ଷାବତୀ'ର ରଚନା ନିମିତ୍ତ ବନମାଳୀ ଦାସଙ୍କର କଥାବସ୍ତୁଟିକୁ ପୂର୍ଣ୍ଣମାତ୍ରାରେ ଗ୍ରହଣ କରି, ସେଥିରେ ଆଦିରସ ପରିବେଷଣ ପୂର୍ବକ ତଥାକଥିତ ରସିକ ପାଠକମାନଙ୍କୁ ମୁଗ୍ଧ କରିବାରେ ବିଶେଷ ଯତ୍ନ କରିଛନ୍ତି । ସେହି ଉଦ୍ଦେଶ୍ୟରେ କବି ସଂସ୍କୃତ ସାହିତ୍ୟର ପ୍ରସିଦ୍ଧ ଆଦିରସାତ୍ମକ ପୁସ୍ତକ 'ଚୌର ପଞ୍ଚାଶିକା' ଓ 'ଶୃଙ୍ଗାର ଶତକ'ର

ଶ୍ଳୋକ ଗୁଡ଼ିକୁ ଅବିକଳ ଭାବରେ ଗ୍ରହଣ କରି ତହିଁର ମନମୁଖୀ—ଓଡ଼ିଆ ଅନୁବାଦ କରିଛନ୍ତି ।

କବି ଧନଞ୍ଜୟ ସ୍ୱରଚିତ 'ଇଚ୍ଛାବତୀ' କାବ୍ୟର ଦଶଟି ଛାନ୍ଦ ମଧ୍ୟରୁ ପ୍ରଥମ ଚାରୋଟିକୁ ସ୍ୱପ୍ରତିଭା ପ୍ରସୂତ ପଦାବଳୀ ଦ୍ୱାରା ପୂର୍ଣ୍ଣ କରିଛନ୍ତି । ଅବଶିଷ୍ଟ ଛଅଟି ଛାନ୍ଦ ମଧ୍ୟରୁ ଷଷ୍ଠ ଛାନ୍ଦରେ 'ଚୌରପଞ୍ଚାଶତ୍'ରୁ ଏକୋଇଶଟି ଶ୍ଳୋକ ଗ୍ରହଣ କରି ତା'ର ଯେନତେନ ପ୍ରକାରେଣ ଅନୁବାଦ କରିଛନ୍ତି ଓ ସଂସ୍କୃତ ଗ୍ରନ୍ଥର ମଙ୍ଗଳାଚରଣ ଶ୍ଳୋକଟିକୁ ଶେଷରେ ଦେଇଛନ୍ତି । 'ଇଚ୍ଛାବତୀ'ର ସପ୍ତମ ଛାନ୍ଦରେ ଉକ୍ତ 'ଚୌର-ପଞ୍ଚାଶତ୍'ର ଅନ୍ୟ ତିରିଶଟି ଶ୍ଳୋକ ଓ ତା'ର ଅନୁବାଦ ସନ୍ନିବେଶ କରି ସପ୍ତମ ଛାନ୍ଦର କାବ୍ୟଗତ ସୌନ୍ଦର୍ଯ୍ୟକୁ କ୍ଷୁଣ୍ଣ କରିଛନ୍ତି । 'ଚୌର ପଞ୍ଚାଶତ୍'ର ପ୍ରଥମରୁ ଷୋହଳଟି ଶ୍ଳୋକ ଅଷ୍ଟମ ଛାନ୍ଦରେ, ସତରରୁ ତିରିଶି ଶ୍ଳୋକ ମୁଦ୍ଧା ନବମ ଛାନ୍ଦରେ ଓ ଏକତିରିଶରୁ ଏକାବନ ଶ୍ଳୋକ ମୁଦ୍ଧା ଦଶମ ଛାନ୍ଦରେ ଗ୍ରହଣ କରି ତା'ର ଅନୁବାଦ କରିଛନ୍ତି । ଉକ୍ତ ଶ୍ଳୋକ ଗୁଡ଼ିକ ଗ୍ରହଣ ତା'ର ଅନୁବାଦ କରିବା ଦ୍ୱାରା ମୂଳ ଘଟଣାବଳୀର ଯେଉଁ କଦର୍ଯ୍ୟ କଳ୍ପନା କରାଯାଇଛି ତାହା ଧନଞ୍ଜୟ ଭଞ୍ଜଙ୍କର ମୌଳିକ ପ୍ରତିଭାରେ କଳଙ୍କ ବୋଳି ଦେଇଛି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ ।

ବିଶେଷତଃ ଅଷ୍ଟମ, ନବମ ଓ ଦଶମ ଛାନ୍ଦରେ କବି ଧନଞ୍ଜୟ ଯେପରି ଭାବରେ ରାଜକୁମାରୀ ଇଚ୍ଛାବତୀର ଯୌବନ ବର୍ଣ୍ଣନା, ସୁରତକାଳୀନ ହାବଭାବ, କେଳୀକୌତୁକାଦିର ସ୍ମରଣ ପୂର୍ବକ ମଧୁକରର ଶୋକ ବର୍ଣ୍ଣନା କରିଛନ୍ତି ତାହା ଆଦୌ ରସାନୁକୂଳ ନୁହେଁ । ବଧ-ଭୂମିରେ ଜଣେ ହୀନ ଘାତକ ପରି ନରପାଳ ସମ୍ମୁଖରେ ରାଜକୁମାରୀ ଇଚ୍ଛାବତୀର ଲାବଣ୍ୟ ଅବୟବ ଓ ଶରୀରର ପ୍ରତ୍ୟେକ ଗୋପନୀୟ ଅଙ୍ଗ, ସୁରତକାଳୀନ ଅବସ୍ଥା—ଏପରି କି, ବିପରୀତ ଶୃଙ୍ଗାର ତଥା ନିଧୁବନ ସମୟର ମଦୋନ୍ମତ୍ତତାଦି ସମସ୍ତ ଗୋପନୀୟ କ୍ରିୟାକଳାପ ଜଣେ ରାଜକୁମାର ମୁଖରେ ବର୍ଣ୍ଣନା କରିବା ଆଦୌ ସମୀଚୀନ ନୁହେଁ ।

ଧନଞ୍ଜୟ କାବ୍ୟର ନାୟକ ମଧୁକର ଓ ନାୟିକା ଇଚ୍ଛାବତୀ, କବି ବନମାଳୀଙ୍କ କାବ୍ୟର ନାୟକ ସୁରବ୍ରହ୍ମ ଓ ନାୟିକା ଇଚ୍ଛାବତୀ

ପର-ସାମାଜିକ ଆବେଷ୍ଟନୀ ମଧ୍ୟରେ ଜନ୍ମଗ୍ରହଣ କରିନାହାନ୍ତି; ସେ ଦୁହେଁ (ମଧୁକର-ଇନ୍ଦ୍ରାବତୀ) ଇନ୍ଦ୍ରଙ୍କ ଦ୍ୱାରା ଅଭିଶାପ ଗ୍ରସ୍ତ ହୋଇ ପୃଥିବୀରେ ଜନ୍ମଗ୍ରହଣ କରିଛନ୍ତି । କବି ମଧ୍ୟ ଦୁଇଥର ନାରଦଙ୍କୁ କାବ୍ୟରେ ପ୍ରବେଶ କରାଇ ଉଭୟଙ୍କ ମିଳନର ମାର୍ଗ ପ୍ରସ୍ତୁତ କରାଇଛନ୍ତି । କିନ୍ତୁ ବନମାଳୀଙ୍କ 'ଶ୍ରୀ ଇନ୍ଦ୍ରାବତୀ' ପୁସ୍ତକରେ ଏପରି ଅତିମାନୁଷିକ କାର୍ଯ୍ୟର ଅବତାରଣା କରି ପାଇନାହାଁନ୍ତି ।

ପୂର୍ବରୁ ବର୍ଣ୍ଣିତ ନାୟକ ମୁଖରେ ନାୟିକାର ନଖଶିଖ ବର୍ଣ୍ଣନାକୁ କେତେକ ସମାଲୋଚକ ମଧୁକରର 'ଉନ୍ମତ୍ତବସ୍ଥା' ବୋଲି କହି କବିଙ୍କର ଦୋଷ ପ୍ରକ୍ଷାଳନ କରିଥାଆନ୍ତି । ମାତ୍ର ଅଳଙ୍କାର ଶାସ୍ତ୍ରାଦରେ—

(ଅଭିଳାଷ ଶ୍ଚିନ୍ତା ସ୍ମୃତି ଗୁଣ କଥନୋଦ୍ ବେଗ ସମ୍ପ୍ରଳାପଶ୍ଚ
ଉନ୍ମାଦୋଽଥ ବ୍ୟାଧି ର୍ଜଡ଼ତା ମୃତିରିତି ଦଶାତ୍ର କାମଦଶା''),
(ସାହିତ୍ୟ ଦର୍ପଣ)

କାମର ଦଶଦଶା ସମ୍ବନ୍ଧରେ ଯେଉଁ ବର୍ଣ୍ଣନା ରହିଛି ତହିଁରେ 'ଉନ୍ମାଦ'ର ସ୍ଥାନ ସପ୍ତମରେ । ଅଭିଳାଷ, ଚିନ୍ତା, ସ୍ମୃତି, ଗୁଣକଥନ, ଉଦ୍‌ବେଗ ଓ ପ୍ରଳାପ ପରେ 'ଉନ୍ମାଦ'ର ଅବକାଶ ସମ୍ଭବ ହୋଇପାରେ । ପ୍ରଥମରୁ ଶାସ୍ତ୍ର ବର୍ଣ୍ଣିତ କୌଣସି ଦଶାର ବର୍ଣ୍ଣନା ନକରି ହଠାତ୍ ଉନ୍ମାଦାବସ୍ଥାର ଚିତ୍ରଣକୁ କବି ମୂଳର ତ୍ରୁଟି ବୋଲି କେହି ସମର୍ଥନ କରି ପାରିବେନାହିଁ ।

ପୁନଶ୍ଚ ଧନଞ୍ଜୟଙ୍କ କାବ୍ୟରେ ବର୍ଣ୍ଣିତା ନାୟିକା ଇନ୍ଦ୍ରାବତୀର, ନାୟକ ମଧୁକର ପ୍ରତି ଅନୁରାଗ ଥିବାର କୁଆଡ଼ି ପରିଲକ୍ଷିତ ହୁଏନାହିଁ । 'ଆଦୌ ରାଗଃ ସ୍ତ୍ରିୟା ବାଚ୍ୟଃ' ନିୟମାନୁସାରେ କବିମାନେ ନାୟକପ୍ରତି ନାୟିକାର ଅନୁରାଗ ବିଶେଷ ଭାବରେ ବର୍ଣ୍ଣନା କରିଥାନ୍ତି । କବି ବନମାଳୀଙ୍କ "ଶ୍ରୀ ଇନ୍ଦ୍ରାବତୀ" କାବ୍ୟର ନାୟିକା ଇନ୍ଦ୍ରାବତୀ, ନାୟକ ଗୁଣବନ୍ତଙ୍କ ରୂପରେ ଯେତେବେଳେ ଆକର୍ଷିତ ହୋଇ ଅନୁରକ୍ତ ନାୟିକା ଦାସୀର ସାହାଯ୍ୟରେ ବନ୍ଧୁ ବେଶରେ ନାୟକର ସାନ୍ନିଧ୍ୟ ଲାଭ କରିଛନ୍ତି; ସେତେବେଳେ ଧନଞ୍ଜୟଙ୍କ କାବ୍ୟ ନାୟିକା ଇନ୍ଦ୍ରାବତୀ ବନ୍ଧ୍ୟାକଳ୍ପିତ

ସ୍ଖଳିତ ହେଲା ପରେ ଥରେ ହେଲେ ନାୟକଙ୍କୁ ସ୍ମରଣ କରୁନାହିଁ । ଅପରନ୍ତୁ ନାୟକର ଚେଷ୍ଟାରେ ଥରେ ମାତ୍ର ଉଭୟଙ୍କର ମିଳନର ସୁଯୋଗ ମିଳିଥିବାବେଳେ ସେ (ଇଚ୍ଛାବତୀ) ନାନା ପ୍ରକାର ଭୟ ଦେଖାଇ କନ୍ୟାନ୍ତଃପୁରରୁ ଶୀଘ୍ର ପଳାୟନ କରିବାଲାଗି ନାୟକଙ୍କୁ ଉପଦେଶ ଦେଇଛି । ପରେ ନାୟକର ବୁଦ୍ଧିରେ ମୁଗ୍ଧ ହୋଇ ତା' ସହିତ କେଳି କରିବା କୌଣସି ମତରେ ବିଶୁଦ୍ଧ ପ୍ରେମର ଲକ୍ଷଣ ନୁହେଁ, ବରଂ ତାହା 'ଖଣ୍ଡିତା' ବା 'କଳହାନ୍ତରିତା'ର ଲକ୍ଷଣ ହୋଇପାରେ ।

ଏ ସବୁ ଦୃଷ୍ଟିରୁ ବିଚାର କଲେ କବି ବନମାଳୀଙ୍କ 'ବୃହତ ଇଚ୍ଛାବତୀ' ତୁଳନାରେ ଧନଞ୍ଜୟଙ୍କ 'ଇଚ୍ଛାବତୀ' କୌଣସି ଗୁଣରେ ଉତ୍କୃଷ୍ଟ କାବ୍ୟ ନୁହେଁ ।

ପୂର୍ବାଲୋଚିତ 'ବୃହତଇଚ୍ଛାବତୀ' ଓ 'ଇଚ୍ଛାବତୀ'ର କଥାବସ୍ତୁ ପଣ୍ଡିତ ପଦ୍ମନାଭ ଶ୍ରୀଚନ୍ଦନଙ୍କ 'ଇଚ୍ଛାବତୀ'ର କଥାବସ୍ତୁ ପ୍ରାୟ ସମାନ । କେବଳ କବିତ୍ରୟଙ୍କର ବର୍ଣ୍ଣନାର ପରିପାଟୀ ଦୃଷ୍ଟିରୁ କେବଳ କାବ୍ୟ ତିନୋଟି ପାଠକମାନଙ୍କ ସମ୍ମୁଖରେ ଭିନ୍ନ ଭିନ୍ନ ରୂପରେ ପ୍ରତିଫଳିତ ହୋଇଛି । ସମୟର ଗତି ଅନୁସାରେ କାବ୍ୟରଚନାର ପରିପାଟୀ ମଧ୍ୟ ବଦଳି ଯାଇଛି । ଭାବପରିପ୍ରକାଶରେ କୌଣସି ପ୍ରକାର ଆଡ଼ମ୍ବର ନଥାଇ ମାତ୍ର ୩୮ଟି ଛାନ୍ଦରେ ବନମାଳୀଙ୍କ 'ବୃହତ ଇଚ୍ଛାବତୀ' ଶେଷ ହୋଇଛି । ଉକ୍ତ କଥାବସ୍ତୁ ଦ୍ଵିତ୍ଵ ଶୃଙ୍ଗାର ରସର ଅତିରଞ୍ଜିତ ବର୍ଣ୍ଣନା ଫଳରେ ଧନଞ୍ଜୟଙ୍କ କାବ୍ୟର କଳେବର, ଦଶଟି ଛାନ୍ଦରେ ସମ୍ପନ୍ନ ହୋଇଛି ଏବଂ ପରବର୍ତ୍ତୀ ଯୁଗର କବି ବାଙ୍କାନିଧିଙ୍କ, ପଦ୍ମନାଭ ଶ୍ରୀଚନ୍ଦନ, ଉକ୍ତ କଥାବସ୍ତୁ ସହିତ ସୁବୋଧଯୋଗ୍ୟ ଉପସ୍ଥାପନ ଲାଗି ପନ୍ଦରଟି ଛାନ୍ଦର ଆବଶ୍ୟକତା ଅନୁଭବ କରିଛନ୍ତି ।

କବି ପଦ୍ମନାଭ ଶ୍ରୀଚନ୍ଦନ ଇଚ୍ଛାବତୀ କାବ୍ୟର ମୂଳକଥାବସ୍ତୁଟିକୁ ଚତୁର୍ଥ ଛାନ୍ଦରେ ଶେଷ କରାଇ ପଞ୍ଚମ ଛାନ୍ଦରେ ବର କନ୍ୟାଙ୍କ ବିବାହ ବର୍ଣ୍ଣନା ଓ ପ୍ରଥମ ମଧୁଯାମିନୀରେ ନାୟିକାର ମାନ ଓ ନାୟକ ଦ୍ଵାରା ନାୟିକାର ମାନଭଞ୍ଜନ ପ୍ରସଙ୍ଗରେ ଅନେକ ପ୍ରକାର ଅଳଙ୍କାରର ପ୍ରୟୋଗ କରି କବିପ୍ରତିଭାର ଚମତ୍କାରିତା ପ୍ରଦର୍ଶନ କରାଇଛନ୍ତି । ଉକ୍ତ

ପ୍ରସଙ୍ଗରୁ କେବଳ ମାତ୍ର ଯମକ ଅଳଙ୍କାରର ପ୍ରୟୋଗ - ଦକ୍ଷତା ଲକ୍ଷ୍ୟକଲେ କବିଙ୍କ ବିଚକ୍ଷଣତା ସମ୍ବନ୍ଧରେ ସୁସ୍ପଷ୍ଟ ଧାରଣା କରିହୁଏ ।

ଆଦ୍ୟ ଦ୍ୱି ଅକ୍ଷର ଯମକ :—

କରନ୍ତୁ ରକ୍ଷଣ କାମ
କରନ୍ତୁ-ଛି ମୋତେ ।
ରେଣେଶ୍ୱ-ମଧ୍ୟମା ଅଛି
କେ ଘର ଦେଖ ତୋତେ ।

ଚତୁରକ୍ଷର ଯମକ :—

ଧନକୁଳ ଧନକୁ ବୃଥକ ଅଧି ତୋତେ
ଆଶାମୋର ଆଶା ମୋ ରମଣୀ ତୋଷ ଶତେ ।

ପ୍ରାନ୍ତ ଷଡ଼କ୍ଷର ଯମକ :—

ମନ୍ଦାରଜ ମୁଖା ଅଳି ନବଘ ରସାଳରେ ।
ମୋ ବନକୁ ଦେବାରେ ନବଘ ରସାରେ ।

ଆଦ୍ୟ ଦ୍ୟକ୍ଷର ଯମକ :—

ସରସ ରସ ରସ ରମଣୀ ଦେବନ ମୋ ମନଭି !
କର କରକ ରଦନା ଅପୂର୍ବ ମୂରତି ॥
ବର ବର ବରନା ତୁମ୍ଭ ଦେଖ ମୋତେ ।
ସାରଧା ରସାର ଶୋଭ କଣ୍ଠଜୁଲି ତାତେ ॥

ଏହେଦ୍ ବ୍ୟତୀତ କବି ପଞ୍ଚମ ଛାନ୍ଦରେ ଚନ୍ଦ୍ରବନ୍ଧ ଓ ନାଗବନ୍ଧାଦିର ବର୍ଣ୍ଣନା କରି ସ୍ୱପ୍ରତିଭାର ଚମତ୍କାରିତା ଦେଖାଇଛନ୍ତି । ଷଷ୍ଠ ଛାନ୍ଦରେ ରାଜା ଦୁହିତା ଓ ଜାମାତାଙ୍କ ଲକ୍ଷ୍ମୀ ସ୍ୱଭାବ ନବର ତୋଳାଇ ଦଅନ୍ତେ ଉଭୟେ ପୁରକୁ ନିମନ୍ତ୍ରଣ ମଣି ଧାର୍ମିକ୍ୟ ସ୍ଥଳରେ ନିଜଗୃ ରହିଲେ । ତାପରେ ଛ.ଦର ଶେଷାର୍ଦ୍ଧରେ ରାଜାଙ୍କ ଆଦେଶ ହୁଏ ନାୟକ ଏକାମ୍ର କାନନକୁ ପ୍ରସ୍ଥାନ କରନ୍ତେ ନାୟିକାର ବିରହଦଶା ଆଦି ବର୍ଣ୍ଣିତ ହୋଇଛି ।

ସପ୍ତମ ଛାନ୍ଦରୁ ଦଶମ ଛାନ୍ଦ ପର୍ଯ୍ୟନ୍ତ କବି କେବଳ ଷଡ଼ଋତୁରେ ନାୟକ ନାୟିକାଙ୍କ ବିରହ ବର୍ଣ୍ଣନା କରିଛନ୍ତି ଏବଂ ଏକାଦଶ ଓ ଦ୍ୱାଦଶ ଛାନ୍ଦରେ ଉଭୟଙ୍କ ମଧ୍ୟରେ ଦୂତ ବ୍ୟବହାର କରାଇ ଶେଷୋକ୍ତ ଛାନ୍ଦର ଉତ୍ତରାର୍ଦ୍ଧରେ ପୁନର୍ମିଳନ କରାଇଛନ୍ତି ।

ତ୍ରୟୋଦଶ ଛାନ୍ଦରେ ମାନବତୀ ନାୟିକାର ମାନଭଞ୍ଜନ ନିମିତ୍ତ କବି ନାୟକ ଦ୍ୱାରା ଶୃଙ୍ଗାର ଓ ବେଶ ରଚନା ଆଦିର ବର୍ଣ୍ଣନା ଜଣେ ଶୃଙ୍ଗାରୀ କବି ଦୃଷ୍ଟିରୁ କରିଛନ୍ତି । କବିଙ୍କ ବର୍ଣ୍ଣନାରେ ଗୋଟିଏ ଗୋଟିଏ ବିଷୟର ବାରମ୍ବାର ବର୍ଣ୍ଣନା କରାଯାଇ କାବ୍ୟଟିକୁ ପୁନରୁକ୍ତି ଦୋଷରେ ଦୂଷିତ କରିଛି । କେତେକ ସ୍ଥଳରେ ମଧ୍ୟ ବର୍ଣ୍ଣନା ଗୁଡ଼ିକ ଅତିରଞ୍ଜିତ ଦୋଷରେ ଦୁଷ୍ଟ ହୋଇଥିବାର ପରିଲକ୍ଷିତ ହୁଏ । ନାୟକ ଦ୍ୱାରା ବେଶରଚନା ପ୍ରସଙ୍ଗରେ ନିମ୍ନ ଉଦ୍ଧୃତ ଅନୁପ୍ରାସଯୁକ୍ତ ପଦାବଳୀ ରସିକ ପାଠକ ଓ କୌତୂହଳୀ ସମାଲୋଚକଙ୍କୁ ସ୍ୱତଃ ଆକର୍ଷଣ କରେ ।

ମୁକୁର ବଦନା ଝଲୁଝଲୁ ଟେଢ଼ ଦିବ୍ୟ କବରୀ ରଚିଲା,
ଅସିତ ସୁରଙ୍ଗ କୁସୁମ ଗଭାକୁ ଭୂଷିତ ଯତନେ କଲା ।
ଯେଁକି କନକାଙ୍ଗୀ ଅଳକ ପଟରେ ଝଳକ ପଟରେ ଲେଖି,
ଶଙ୍କର କପୁରୁ ଶିରକେଳୁ କଏ ଚନ୍ଦ୍ର ସାୟକରେ ପେଖି ।
ଭ୍ରୂମଧ୍ୟଜ ଛାପ ଭ୍ରମର ଲେଖିଲା ଭ୍ରୂମଣ୍ଡ କେଶୀ ଶତ୍ରୁକେ,
ଖଞ୍ଜନ ଗରବ-ଗଞ୍ଜନ ନୟନେ ଅଞ୍ଜନ ରଞ୍ଜେ ଉତ୍ସୁକେ ।
ଦ୍ୱାଟକ ବଦନା ଶ୍ରବଣ ଯୁଗଳେ ତାଟଙ୍କ ଦେଞ୍ଜି ନାଗର,
ସୁଳକା ଫୁଲକୁ ଭୁଲ ଦାଣ୍ଡୀ ଆଣି ମଞ୍ଜୀ କଲି ତା ଉପରେ ।
ଶାରଦ କଳ ତା ଉରକେ ଲେଖିଣ କରଜରେ ପତ୍ରାବଳୀ,
ତଣ୍ଟି ଜାଣି କଣ୍ଟୁଗିରେ ଗଙ୍ଗା ଉପମା ମଣ୍ଡିଲା ମୁକୁତା ମାଳୀ ।
କୁନ୍ଦନ ବରନା ପ୍ରତିକରେ କଲେ ଚନ୍ଦନ ଗନ୍ଧ ବୋଳିଲା,
ଚରଣେ ଅଳତା ବୋଳିଲା ବେଳକୁ ଭଲୁଣୀ ନିଷେଧ କଲା ।

ଚତୁର୍ଦ୍ଦଶ ଛାନ୍ଦରେ ମଧ୍ୟ ପୂର୍ବୋକ୍ତ ଛାନ୍ଦ ଭଳି ନାୟକ ଦ୍ୱାରା ଶୃଙ୍ଗାର ଓ ବେଶ ରଚନା କରାଇ କବି ଶ୍ରୀଚନ୍ଦନ ଛାନ୍ଦର କେତେକ ସରସ ସ୍ଥଳକୁ ପୁନରୁକ୍ତି ଦୋଷଦ୍ୱାରା ଦୂଷିତ କରିଛନ୍ତି । ପଞ୍ଚଦଶ ଛାନ୍ଦରେ

ଗ୍ରୀଷ୍ମକାଳର ସନ୍ଧ୍ୟା ନୌକାର ଶୀତଳ ଉପଚାର ଦ୍ୱାରା କବିଙ୍କ ନାୟକ ନାୟିକା ଗ୍ରୀଷ୍ମ ସନ୍ତାପରୁ ମୁକ୍ତିଲାଭ କରି ପ୍ରସନ୍ନ ବିହାର କରିଛନ୍ତି, କବି ତାହାର ବର୍ଣ୍ଣନା କରି ଛାନ୍ଦଟିକୁ ଶେଷ କରିଛନ୍ତି । ଏହି 'ଇଚ୍ଛାବତୀ' କାବ୍ୟ ବ୍ୟତୀତ ଏକ ପଦ୍ମନାଭ ଶ୍ରୀଚନ୍ଦନଙ୍କ ପ୍ରଣୀତ 'ଶଶିରେଖା' ନାମରେ ଆଉ ଏକ କାଳ୍ପନିକ କାବ୍ୟ ଥିବାର ଦେଖାଯାଏ । *

କବି ବନମାଳୀ ଦାସଙ୍କ 'ବୃହତ ଇଚ୍ଛାବତୀ'ର ପ୍ରଭାବ କେବଳ ପ୍ରସ୍ତୁତ ଆଲୋଚନାରେ ବର୍ଣ୍ଣିତ ଦୁଇଟି କାବ୍ୟ ଉପରେ ପଡ଼ିଛି ତା' ନୁହେଁ, ପରବର୍ତ୍ତୀ କାଳରେ ରଚିତ ପ୍ରତାପ ରାୟଙ୍କ 'ଶଶିଶେଣା' କାବ୍ୟ ଉପରେ ମଧ୍ୟ ଉକ୍ତ କଥା-ବସ୍ତୁର ପ୍ରଭାବ ସ୍ପଷ୍ଟ ପରିଲକ୍ଷିତ ହୁଏ ।

'ବୃହତ ଇଚ୍ଛାବତୀ'ର ନାୟକ 'ଚନ୍ଦ୍ରଚୂଡ଼' ଯେବେ ସ୍ତ୍ରୀବେଶୀ 'ଇଚ୍ଛାବତୀ'ର ମାନଭଞ୍ଜନ ଉଦ୍ଦେଶ୍ୟରେ 'ତା' ଆଗାରେ 'ଶଶିଶେଣା' ଘଟଣାଟି ବର୍ଣ୍ଣନା କରିଥିଲେ ବୋଲି ଉକ୍ତ ଗ୍ରନ୍ଥର ଅଭିମନ୍ୟୁ କରାଯାଏ ।

ଶୋଭେ ନୃପତିର କେମା କନ୍ୟା ସୁନ୍ଦରୀ
ଚନ୍ଦ୍ରଚୂଡ଼ ନାମେ ଶିବ ଭକ୍ତ ତାହାର ।
ସ୍ୱାମୀଙ୍କରେଣ ମାନ ହେଉ ହରି ସୁକେଶୀ
ଅନେକ ପ୍ରକାରେ ବୃନ୍ଦା ବନ୍ଦିବ ଯତି ।
କେତେବେଳେ ନକରନ୍ତି ବାଣୀ ଦେଖ ବଦନ
ଦେଖିଣ ଭ୍ରମର କୋପ କଲେ ମନ ।
ଗଞ୍ଜିଆ କରିଣ କୋପେ ବୋଲଇ ବାଣୀ
ଧନ୍ୟ ଧନ୍ୟ ଶଶିଶେଣା ନୃପ ଦୁଲଣୀ ।

× × × ×

ପାଦ୍ମାକ୍ଷୀ ଦେଖ ତେଜ ଦୋଷ ସୁନ୍ଦରୀ
ସ୍ୱାମୀର ଚରଣ ଧରି ପ୍ରଣମ କର ।

---

* ସୁବିଜ୍ଞ ସମାଲୋଚକ ବିଚ୍ଛନ୍ଦଚରଣ ପଟ୍ଟନାୟକଙ୍କ ଦ୍ୱାରା ସମ୍ପାଦିତ ଓ ପ୍ରାଚୀ ସମିତି ଦ୍ୱାରା ପ୍ରକାଶିତ ଶଶିରେଖା କାବ୍ୟ ଦ୍ରଷ୍ଟବ୍ୟ ।

କର ଯଜ ଯୋଡ଼ି ବୋଲେ ଶୁଣ ହେ ନାଥ
ଶଶୀସେଣା କଥା ମୋତେ କହ କେମନ୍ତ । *

'ଡକ୍ଟର ତମୋନାଶଚନ୍ଦ୍ର ଦାସଗୁପ୍ତଙ୍କ 'ପ୍ରାଚୀନ ବାଙ୍ଗ୍ଲା ସାହିତ୍ୟେର ଇତିହାସ'ରୁ ଜଣାଯାଏ ଯେ, ପ୍ରାଚୀନ ବଙ୍ଗଳା ସାହିତ୍ୟରେ 'ଶଶିସେଣା ବା 'ଶାଶୀସେଣା' ନାମକ ଖଣ୍ଡିଏ କାବ୍ୟ ଗ୍ରନ୍ଥ ଅଛି । ଉକ୍ତ ଗ୍ରନ୍ଥର କଥାବସ୍ତୁ ଓ ଓଡ଼ିଶାରେ ପ୍ରଚଳିତ 'ଲକ୍ଷ୍ମାବତୀ' କାବ୍ୟର କଥାବସ୍ତୁ ମଧ୍ୟରେ ଅବିକଳ ସାମଞ୍ଜସ୍ୟ ରହିଛି । *

ଏତଦ୍ ବ୍ୟତୀତ ସ୍ୱର୍ଗତଃ ନଗେନ୍ଦ୍ରନାଥ ବସୁଙ୍କ ଦ୍ୱାରା ସମ୍ପାଦିତ 'Archaeological Survey of Mayurbhanj' (Vol. I. Page. III) ରୁ ଜଣାଯାଏ, ପ୍ରାଚୀନ ମୟୂରଭଞ୍ଜ ରାଜ୍ୟ ଅନ୍ତର୍ଗତ ଦାନ୍ତନ ( ପଶ୍ଚିମବଙ୍ଗ ) ନିକଟରେ 'ମୁଗଲମାରି' ନାମକ ସ୍ଥାନରେ ଗୋଟିଏ ଦୁର୍ଗର ଭଗ୍ନାବଶେଷ ରହିଛି ଏବଂ ସ୍ଥାନୀୟ କମ୍ବଦନ୍ତୀରୁ ଜଣାଯାଏ ଯେ, ସେଠାରେ ଶଶିସେଣା ନାମ୍ନୀ ଏକ ରାଜକୁମାରୀ ବିଦ୍ୟାଧ୍ୟୟନ କରୁଥିବା ବେଳେ ଜନୈକ କଟୁଆଳ ପୁଅର ପ୍ରେମରେ ପଡ଼ି ତାକୁ ବିବାହ କରିଥିଲେ ଓ ପରବର୍ତ୍ତୀ ଜୀବନରେ ସ୍ୱ ପ୍ରେମର ସ୍ମାରକ ସ୍ୱରୂପ ତାଙ୍କ ପ୍ରେମ-ପୀଠରେ ଏକ ଦୁର୍ଗ ନିର୍ମାଣ କରାଇଥିଲେ ।

ଆଶ୍ଚର୍ଯ୍ୟର କଥା, ଏଭଳି ଲୋକପ୍ରିୟ କଥାବସ୍ତୁ ବୋଧହୁଏ ଭାରତରେ ବିରଳ । ଗୋଟିଏ କଥାବସ୍ତୁ ଉପରେ ଭିତ୍ତିକରି ଓଡ଼ିଶାରେ ଚାରୋଟି ଓ ବଙ୍ଗଳାରେ ଗୋଟିଏ—ମୋଟ ପାଞ୍ଚଟି କାବ୍ୟ ଲେଖା ଯାଇଛି ଏବଂ ଉକ୍ତ କାବ୍ୟର ନାୟିକା (ଶଶିସେନା ବା ଲକ୍ଷ୍ମାବତୀ) ଭଞ୍ଜବଂଶ (ମୟୂରଭଞ୍ଜ ବୋଧହୁଏ)ର କନ୍ୟା ବୋଲି ଐତିହାସିକ ପ୍ରମାଣ ମଧ୍ୟ ଉପଲବ୍ଧ ହେଉଛି । ଆଲୋଚନା ଫଳରେ ଏଭଳି ଜନପ୍ରିୟ କଥାବସ୍ତୁର ପ୍ରଭାବ ଭାରତର ଅନ୍ୟାନ୍ୟ ପ୍ରାଦେଶିକ ସାହିତ୍ୟ ଉପରେ ପଡ଼ିଥିବାର ପ୍ରମାଣ ମିଳିପାରେ ।

—*—

* ଶଶିସେଣା—ପ୍ରାଚୀ ସଂସ୍କରଣ, ଦ୍ୱିତୀୟ ପୃଷ୍ଠା

* ପ୍ରାଚୀନ୍ ବାଙ୍ଗ୍ଲା ସାହିତ୍ୟେର୍ ଇତିହାସ, ପୃଷ୍ଠା ୨୬୭ ।

# ବିପ୍ର କଣ୍ଠଦାସ ଓ ଓଡ଼ିଆ ପୋଇ ସାହିତ୍ୟ

ଓଡ଼ିଆ ସାହିତ୍ୟର ଗ୍ରନ୍ଥ ସମୃଦ୍ଧ ଆଲୋଚନ ଦ୍ୱାରା କାବ୍ୟ, ନାଟକ, ଖଣ୍ଡକାବ୍ୟ, ଚମ୍ପୂ, ଚଉତିଶା, ଚଉପଦୀ, ଗୀତିକା, ଛାନ୍ଦିଆ, ବୋଲି ବୋଲିଗୀ ଓ ପୋଇ ଆଦି ରତ୍ନ ସମ୍ଭାରରେ ଉଦ୍ଭବ ସମ୍ଭବ ହୋଇଛି । ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ ମଧ୍ୟ 'ପୋଇ' ଶୈଳୀଟି ମଧ୍ୟ ଆଶାନୁରୂପ ଭାବରେ ପରିପୁଷ୍ଟ ହୋଇଥିବାର ଦେଖାଯାଏ । ଏହି ପୋଇ ସ୍ରଷ୍ଟାମାନେ ସାଧାରଣତଃ ଛୋଟିଏ ଛୋଟିଏ କ୍ଷୁଦ୍ର ବିଷୟକୁ ନେଇ ଫର୍ଦ୍ଦିଏ ଫର୍ଦ୍ଦିଏ ଝିଲ୍ଲୁକ ପ୍ରେମ ଗ୍ରନ୍ଥ ରଚନା କରିଛନ୍ତି । ସେଗୁଡ଼ିକୁ ଖଣ୍ଡକାବ୍ୟ ବୋଲି ଅଭିହିତ କରାଗଲେ ଅସମୀଚୀନ ହେବନାହିଁ ।

ଓଡ଼ିଆ ପୋଇ ପୁସ୍ତକ-ମଧ୍ୟରେ କଣ୍ଠଦାସଙ୍କ 'ନ'ପୋଇ' ଗ୍ରନ୍ଥଟି ପ୍ରାଚୀନତମ ରଚନା ବୋଲି କେତେକ ଆଲୋଚନାରୁ ଜଣାଯାଏ । ଏ ସମ୍ବନ୍ଧରେ ବିଶେଷ ଆଲୋଚନା କରିବା ପୂର୍ବରୁ ଗ୍ରନ୍ଥଟିର ବିଷୟବସ୍ତୁ ସମ୍ବନ୍ଧରେ ସମ୍ୟକ ଧାରଣା ଆବଶ୍ୟକ ।

## ନ'ଚୋଣ :—

"ଶ୍ରୀକୃଷ୍ଣ ବାଳକମାନଙ୍କ ସଙ୍ଗତ ବୃନ୍ଦାବନରେ ଗୋଚାରଣ କରୁଥିବା ବେଳେ ରାଧାଙ୍କ ବିରହରେ ବ୍ୟଥିତ ହେଲେ । କୌଣସି ସମୟରେ ତାଙ୍କ ପାଦରେ ପଡ଼ି ସ୍ୱାଭିପ୍ରାୟ ଜଣାଇବା ଲାଗି ମନସ୍ଥ କରି ଅବସରର ଅପେକ୍ଷାରେ ରହିଲେ ।

ଦିନେ ଯମୁନାରେ ସ୍ନାନ କରୁଥିବା ବେଳେ ରାଧାଙ୍କ ମୋତି ମାଳାଟିକୁ ଗୋଟିଏ ଚିଲ ଅପହରଣ କରିନେଲା । ଶାଶୁ ନଣନ୍ଦଙ୍କ ତାଡ଼ନା ଭୟରେ ରାଧା ମୋତିମାଳା କଥା ଚିନ୍ତା କରି କାତର ହୋଇ ପଡ଼ିଲେ । ଇତ୍ୟବସରରେ ଶ୍ରୀକୃଷ୍ଣ ସେଠାରେ ଉପସ୍ଥିତ ହୋଇ ମୋତିମାଳା ଆଣି ଦେବେ, ମନଇଚ୍ଛା ଦ୍ରବ୍ୟ ପୁରସ୍କାର ସ୍ୱରୂପ ମାଗିପାରିବେ ବୋଲି ସତ୍ୟ କରାଇ ନେଲେ । ଶ୍ରୀକୃଷ୍ଣ ଅନାୟାସରେ ଚିଲଟିକୁ ଉଡ଼ାଇ ଦେଇ ରାଧାଙ୍କୁ ମୁକ୍ତାମାଳା ଅର୍ପଣ କରିବା ସଙ୍ଗେ ସଙ୍ଗେ 'ଯୌବନ ସଙ୍ଗମ ରୂପେ ତାଙ୍କୁ ପାଇବାଲାଗି' ଅନୁରୋଧ କଲେ, ଶ୍ରୀକୃଷ୍ଣଙ୍କ ପ୍ରାର୍ଥନା ଶୁଣି ରାଧା ଦୀର୍ଘନିଃଶ୍ୱାସ ତ୍ୟାଗ କରି ନାନା ପ୍ରକାର ଧମକପୂର୍ଣ୍ଣ ବାକ୍ୟବାଣରେ ତାଙ୍କୁ ଭର୍ତ୍ସନା କଲେ । ରାଧାଙ୍କ ଭର୍ତ୍ସନା ପ୍ରତି ଭ୍ରୂକ୍ଷେପ ନକରି ଶ୍ରୀକୃଷ୍ଣ ତାଙ୍କ ପାଦତଳେ ପଡ଼ି ବିରହଜ୍ୱାଳା ନିବାରଣର ଉପାୟ କରିବା ନିମିତ୍ତ ଅନୁରୋଧ କଲେ । ରାଧା ତାହା ଶୁଣି ଶ୍ରୀକୃଷ୍ଣଙ୍କୁ ଅନେକ ପ୍ରକାର ଧମକ ଦେବା ସଙ୍ଗେ ସଙ୍ଗେ ପାଦପ୍ରହାର କଲେ । ରାଧାଙ୍କ ଗୋଡ଼ର ଝୁଣ୍ଟିଆ ବାଜି କୃଷ୍ଣଙ୍କ କପାଳରୁ ରକ୍ତସ୍ରାବ ହେଲା ।

ଶ୍ରୀକୃଷ୍ଣ ରାଧାଙ୍କ ବ୍ୟବହାରରେ ବ୍ୟଥିତ ହୋଇ ପ୍ରତିଶୋଧ ନେବା ନିମିତ୍ତ ବୃନ୍ଦାବନରେ ମଦନ ଅର୍ଚ୍ଚନା କରି, ଶେଷରେ ମଦନଙ୍କ ଆଦେଶରେ ରାଧାନାମ ଧରି ବଂଶୀ ବାଦନ କଲେ । ବଂଶୀସ୍ୱନ ଶୁଣି ରାଧାଙ୍କର କାମଦଶା ଜାତ ହେଲା । ଦୂତୀ ରାଧାଙ୍କର ଏତାଦୃଶ ଅବସ୍ଥା ଦେଖି କାରଣ ଜିଜ୍ଞାସା କଲା ଏବଂ କାରଣ ଜାଣିବା ପରେ ଭର୍ତ୍ସନା ଦେବା ସଙ୍ଗେ ସଙ୍ଗେ ସେପ୍ରକାର ଭାବନାରୁ ନିବୃତ୍ତ ହେବାଲାଗି ଉପଦେଶ ଦେଲା । ମାତ୍ର ଦୂତୀଙ୍କ ଉପଦେଶର ପ୍ରଭାବ ରାଧାଙ୍କ ଉପରେ ନପଡ଼ିବାରୁ ସେ ନିରାଶ ହୋଇ ପ୍ରିୟସଖୀ ରାଧାଙ୍କର ଅନୁରୋଧ ମତେ ଶ୍ରୀକୃଷ୍ଣଙ୍କ

ନିକଟକୁ ଗମନ କଲା । ପରିଶେଷରେ ଦୂତୀଙ୍କ ଚେଷ୍ଟାରେ "ବୃନ୍ଦାବନର ନିକୁଞ୍ଜମନ୍ଦିରରେ ରାଧାକୃଷ୍ଣଙ୍କର ମିଳନ ହେଲା !"

ସଂସ୍କୃତର 'ପଦ' ଶବ୍ଦରୁ ପ୍ରାକୃତରେ 'ପଅ' ଶବ୍ଦ ହୋଇଥିବାର ଅନୁମାନ କରାଯାଏ । ଏହି ପଦରୁ ମଧ୍ୟ 'ପଦିଆ' ଶବ୍ଦର ସୃଷ୍ଟି ହୋଇଥିବା ଖୁବ୍ ସମ୍ଭବ ! ଆଲୋଚନାରୁ ଯାହା ଜଣାଯାଏ, ସଂସ୍କୃତର 'ପଦ'ର ଅବଲମ୍ବନରେ ଓଡ଼ିଆରେ ଶିଶୁ ଗଳକଣ୍ଠଙ୍କ 'ଷୋହଳପଦିଆ', କୃଷ୍ଣସିଂହଙ୍କ 'ଛପନପଦିଆ', ବାମଦେବ ପଟ୍ଟନାୟକଙ୍କ 'ଛପନପଦିଆ' ବ୍ରଜସୁନ୍ଦର ପଟ୍ଟନାୟକଙ୍କ 'ଛପନପଦିଆ', ଗୌରବର ମଙ୍ଗରାଜଙ୍କ 'ଷୋହଳପଦିଆ' ଓ ବାସୁଦେବ ଦାସଙ୍କ 'ପଚିଶପଦିଆ' ଆଦି ଗ୍ରନ୍ଥ ଓଡ଼ିଆରେ ରଚିତ ହୋଇଥିଲା ।

ଉପର୍ଯ୍ୟୁକ୍ତ 'ପଦିଆ' ଗୁଡ଼ିକ ମଧ୍ୟରେ ବ୍ରଜସୁନ୍ଦର ପଟ୍ଟନାୟକଙ୍କ 'ଛପନପଦିଆ' ଖ୍ରୀ: ୧୭୨୫-୫୦ ମଧ୍ୟରେ ରଚିତ ହୋଇଥିବା ସମ୍ଭବ । କାରଣ ସେ ଗଞ୍ଜାମର ବଡଖେମୁଣ୍ଡି ରାଜବଂଶର ରାଜା ପୁରୁଷୋତ୍ତମ ଅନଙ୍ଗ ଭୀମଦେବ (ଖ୍ରୀ: ୧୭୨୮-୧୭୭୬)ଙ୍କ ସଭାକବି ଏବଂ ଦଣ୍ଡବାଜ ଦଣ୍ଡପାଣି ପଟ୍ଟନାୟକଙ୍କ ପିତା ଥିଲେ । ତାଙ୍କ କୃତ 'ସୁଲୋଚନାମାଧବ' ବା 'ମାଧବସ୍ୟ ଚରିତ' କାବ୍ୟ, ସଂସ୍କୃତସାହିତ୍ୟଭଣ୍ଡାରରେ ଏକ ଅନବଦ୍ୟ ଗ୍ରନ୍ଥ । ଏହା 'ପଦ୍ମପୁରାଣ'ରେ ବର୍ଣ୍ଣିତ 'ସୁଲୋଚନା ମାଧବ' ଚରିତର ଅବଲମ୍ବନରେ ଲିଖିତ । କବି ବ୍ରଜସୁନ୍ଦର ଉକ୍ତ କାବ୍ୟର 'ପୁଷ୍ପିକା'ରେ ନିଜକୁ ଅନଙ୍ଗଭୀମ ଦେବଙ୍କ ସଭାକବି ବୋଲି ସୂଚନା ଦେଇ ଲେଖିଛନ୍ତି—

"ଯଂ ଚକ୍ରେ ଭୁବନଭୂଷଣମଣି ରାଜନ୍ୟଚୂଡ଼ାମଣିଃ ।
ବିଦ୍ୟାସିନ୍ଧୁରନଙ୍ଗଭୀମନୃପତିଃ ଶ୍ରୀଗାଙ୍ଗବଂଶୋଦ୍ଭବଃ ॥
ତସ୍ୟ ଶ୍ରୀବ୍ରଜସୁନ୍ଦରସ୍ୟ କୃତିନୋ ସତ୍ପ୍ରୀତିଦାଂ କାଙ୍କ୍ଷିଣଃ ।
କାବ୍ୟେ ଯାବକମାଧବାଦ୍ଭୁତରସେ ସର୍ଗୋଽୟମାଦିର୍ଗତଃ ॥

(ସୁଲୋଚନା ମାଧବ କାବ୍ୟ, ପ୍ରଥମ ସର୍ଗ)

କବିଙ୍କ ରଚିତ 'ଅ' ଆଦ୍ୟ ନିୟମରେ 'ଛପନପଦିଆ' ଖଣ୍ଡ-କାବ୍ୟଟି ଓଡ଼ିଆସାହିତ୍ୟରେ ଏକ ଚମତ୍କାର ଗ୍ରନ୍ଥ । ପ୍ରତ୍ୟେକ 'ଅ'

ଆଦ୍ୟନାସ୍ପମତେର ବ୍ରଜନାଥ ବଡ଼ଜେନାଙ୍କ ରଚିତ 'ଅମ୍ବିକା ବିଳାସ' (ବଳଭଦ୍ର ଭଞ୍ଜଙ୍କ ନାମରେ ଭଣିତ) ଓ ଶ୍ୟାମସୁନ୍ଦର ଦେବଙ୍କ ରଚିତ 'ଅନୁରାଗ କଳ୍ପଲତା' ଆଦି ଗ୍ରନ୍ଥଥିବାର ପ୍ରମାଣ ମିଳନ୍ତି, ତଥାପି ଉକ୍ତ ଗ୍ରନ୍ଥ ଦୁଇଟି ଅପେକ୍ଷା ବ୍ରଜସୁନ୍ଦରଙ୍କ 'ଛଗଣ ଚଉଦିଆ'ଟି ପ୍ରାଚୀନ ରଚନା । ଆଦ୍ୟାନୁପ୍ରାସରେ ରଚିତ କାବ୍ୟ ଓଡ଼ିଆ ସାହିତ୍ୟରେ ପ୍ରାୟ ୮୦ । ୯୦ ଖଣ୍ଡି ଥିବାର ପ୍ରମାଣ ମିଳିଲାଣି; ଏହା ମଧ୍ୟ ଅପେକ୍ଷାକୃତ ଆୟାସ ସାଧ୍ୟ ରଚନା । ବିଶେଷତଃ 'ଅ' ଆଦ୍ୟାନୁପ୍ରାସ ରଚନା ସର୍ବାପେକ୍ଷା ଦୁରୂହ । କବି ବ୍ରଜସୁନ୍ଦର ତାଙ୍କ 'ଚଉଦିଆ' ରଚନାରେ ଯେଉଁ କୃତିତ୍ୱ ଦେଖାଇଛନ୍ତି ପାଠକ ଓ ସମାଲୋଚକଙ୍କ କୌତୂହଳର ଉପଶମ ନିମନ୍ତେ କେତେକାଂଶ ନିମ୍ନରେ ଉଦ୍ଧୃତ ହେଲା ।

"ଅଳକାବତୀର ଶ୍ରୀମୁଖ ଖଣ୍ଡଂ ।
ଅଳକା ସମ୍ପତ୍ତି ଇଚ୍ଛଇ ନାହିଂ ॥
ଅଳିକ ବଚନ ଛନ୍ଦ ନକହେ ।
ଅଭିମାନ ଏବେ କାମ୍ପାଇ ବହେ ॥
ଅନ୍ନଦକାଳ ହେଲେ ଜଗତର ।
ଆବେଷ୍ଟଣ କରେ ମୁଂ ଜଗତୀର ॥
ଆଜିଜାଇ ଉରେ ସନସ୍ତମାର ।
ଆକର୍ଷିକ ଭଇ ସନସ୍ତନାଭ ॥ ✻

କେବଳ 'ଅ' (ଆ) ଅନୁପ୍ରାସ ନୁହେଁ, 'ଚ' ଆଦ୍ୟାନୁପ୍ରାସରେ ମଧ୍ୟ ଜଣେ ଅଜ୍ଞାତନାମା କବିଙ୍କ ଦ୍ୱାରା ରଚିତ 'ଚ୍ଛକିଶ ଚଉଦିଆ' ନାମକ ଖଣ୍ଡିଏ କାବ୍ୟର ସନ୍ଧାନ ମିଳେ । 'ଚ' ଆଦ୍ୟାନୁପ୍ରାସ ରଚନାରେ ଚଉଦିଆ ସାହିତ୍ୟ କିପରି ଗୌରବାନ୍ୱିତ, ରସାନୁକୂଳ, ସରସ ଓ ହୃଦ୍ୟ ହୋଇଛି ନିମ୍ନୋଦ୍ଧୃତ ପଦ୍ୟାଂଶରୁ ତାହାର ଯଥେଷ୍ଟ ପ୍ରମାଣ ମିଳେ ।

"ଚନ୍ଦ୍ରମୁଖୀ ମନେ ଚିନ୍ତା ଦୁଃଖୀ ହୋଇ ।
ଚିନ୍ତିବା ଚନ୍ଦ୍ରକିନ ଗ୍ରୀବ ଚକୋଇ ॥

✻ କୋଣାର୍କ ପ୍ରଥମ ବର୍ଷ ୩ୟ ସଂଖ୍ୟା ପୃଷ୍ଠା—୬୯ ଦ୍ରଷ୍ଟବ୍ୟ

ସୁରତେ ସଖୀକି କହେ ଏ ଭାଷା
ପ୍ରାଣବନ୍ଧୁ ମୋର ସେ ମୃଗଦୃଶା ।
ପରୁଞ୍ଚିବୁ ତାକୁ,
ସରାଣି ଗଲେ ତୁଷିବ ତାହାକୁ ॥

*                    *          *

ମାରବଶୀଭୂତ ଭଗଖଣ୍ଡନା
ପରମ ଦସ୍ୟୁଙ୍କୁ ମହାମଣ୍ଡନା ॥
ପଦ୍ମନେତ୍ରୀ ସେ ନ ଆଣି ମନକୁ ।
ପାଳନା ନକଲ୍ଲ ଦାସଜନକୁ ॥
ପଷୀନନ୍ତୁ ସେତେବ ଦୃଅନ୍ତୁ ମୁହିଁ ।
ପଡନ୍ତି ଜଡ଼ି ତା ପାଦରେ ଯାଇ ॥
ପାଞ୍ଚ ଥିଲା ଏବା ଅନୁକରନ୍ତେ ।
ଛନ୍ଦକଲେ ସେ ସୁଜନ କେମନ୍ତେ ॥"

'ପଦ' ରଚନା ଓ 'ଗୀତ' ରଚନାର ସଂଖ୍ୟା ଓଡ଼ିଆ ସାହିତ୍ୟରେ ଶତାଧିକ ନଗଣ୍ୟ ନୁହେଁ । ସମାଲୋଚକ ସ୍ୱର୍ଗତଃ ବିଜୟ ଚରଣ ପଟ୍ଟନାୟକ ତାଙ୍କ ଆଲୋଚନାରେ * ରାମଦେବ (ପୁରୁଷୋତ୍ତମ ଅନଙ୍ଗ ରାମଦେବ ?) ଜଗନ୍ନାଥ ମର୍ଦ୍ଦରାଜ (ଖଲ୍ଲିକୋଟର ରାଜକବି ଜଗନ୍ନାଥ ମର୍ଦ୍ଦରାଜ ?) ବ୍ରଜମଣି ଓ ବାଳକୃଷ୍ଣଶରଣ ଆଦି କବିଙ୍କ 'ଗୀତିକା' ସମ୍ବନ୍ଧରେ ଆଲୋଚନା କରିଛନ୍ତି । ତନ୍ମଧ୍ୟରେ ବାଳକୃଷ୍ଣ ଶରଣ ଓଡ଼ିଆ ସାହିତ୍ୟ ଜଗତରେ ଜଣେ ସୁଖ୍ୟାତ କବି ନ ହେଲେ ମଧ୍ୟ ତାଙ୍କ କୃତ 'ନାମ୍ବୁକବୃକ୍ଷ' ଓ ଜନେକ ଭଜନର ସନ୍ଧାନ ମିଳୁଛି । ନିମ୍ନୋଦ୍ଧୃତ ପଦ୍ୟାଂଶରୁ ବାଳକୃଷ୍ଣଶରଣଙ୍କ କବି ପ୍ରତିଭା ସମ୍ବନ୍ଧରେ ସମ୍ୟକ୍ ପରିଚୟ ମିଳିଥାଏ ।

---

* 'କୋଣାର୍କ' ପ୍ରଥମବର୍ଷ ତୃତୀୟ ସଂଖ୍ୟାରେ ପ୍ରକାଶିତ ସ୍ୱର୍ଗତଃ ବିଜୟ ଚରଣ ପଟ୍ଟନାୟକଙ୍କ 'ଓଡ଼ିଆପଦ ସାହିତ୍ୟ' ଶୀର୍ଷକ ପ୍ରବନ୍ଧ ଦ୍ରଷ୍ଟବ୍ୟ ।

"ଘନେ ଚନ୍ଦ୍ର ଉଦେ ହେବାର ଲକ୍ଷଂ,
ବୋଇଲି ଲକ୍ଷାଂରେ ଚନ୍ଦ୍ରମା ମୁକ୍ଷଂ ।
ଘୂର୍ଣ୍ଣ ଦନ୍ତୀ ଶୁଣ୍ଡ କୁମ୍ଭ ହାରିର,
ବାହାର ହୋଇଛୁ ମତ୍ତ କେଶରୀ ।
        ରମଣୀ ଲକ୍ଷଂଲ,
ହସି ମୋତିମାଳା ଝଡ଼ାଇ ଦେଲ ।

*          *          *          *

କହେ ବାଳୁଙ୍ଗାଶରଣ ଏ ରସ
ଶଶାରେ ହାରିଲ ଘନେ ବାଳୀଶ ।
ହୋଡ଼ି କରିଥିଲ ସୁଭ୍ରହାସିକି
ବୋଇଲି ବନ୍ଧୁର ହାର ହଅଚ ।
        ଉତ୍ତର ବୋଇଲ
ହସି ମୋତିମାଳା ଝଡ଼ାଇ ଦେଲ ।"

ରାମଦେବଙ୍କ ନାମରେ ରଚିତ ଗୀତିକା ମଧ୍ୟ ବାଲୁଙ୍ଗା ଶରଣଙ୍କ ଗୀତିକାର ଅନୁରୂପ ଅଟେ । କବିଙ୍କ କୃତ 'କୃଷ୍ଣକେଳି ତରଙ୍ଗିଣୀ' ତଥା ଅନେକ ଚୌପଦୀ ମଧ୍ୟ ଓଡ଼ିଆ ସାହିତ୍ୟର ଇତିହାସରେ ଅମୂଲ୍ୟ ରତ୍ନରୂପେ ଦେଦୀପ୍ୟମାନ । କବି ରାମଦେବ 'କୃଷ୍ଣକେଳି ତରଙ୍ଗିଣୀ'ରେ ରାଧାକୃଷ୍ଣଙ୍କ ମଧୁରଲୀଳାକୁ ଅତି ଚମତ୍କାର ଭାବରେ ବର୍ଣ୍ଣନା କରି ଓଡ଼ିଆ ପାଠକ ମହଲରେ ସୁପରିଚିତ ହୋଇପାରିଛନ୍ତି । *

ତାଙ୍କ ରଚିତ ଗୀତିକାରେ କବି ନାୟକର ଉକ୍ତି ପ୍ରସଙ୍ଗରେ ସୁନ୍ଦର ମନୋରଞ୍ଜକ ଶୈଳୀ ଓ ଭାବ ବିନ୍ୟାସ କରି ସହୃଦୟ ପାଠକ ପାଠିକାମାନଙ୍କର ଅଶେଷ ଶ୍ରଦ୍ଧା ଭାଜନ ହୋଇଛନ୍ତି ।

---

* ସନ୍ ୧୯୫୮ ସାଲରେ ପ୍ରକାଶିତ 'ସମାଜ'ର ଦୋଳପର୍ବ ଶ୍ରୀ ଭି. ଫଣ୍ଡାଙ୍କର 'କୃଷ୍ଣକେଳି ତରଙ୍ଗିଣୀ ଓ କବି ପୁରୁଷୋତ୍ତମ ଅନଙ୍ଗରାମଦେବ' ଶୀର୍ଷକ ପ୍ରବନ୍ଧ ଦ୍ରଷ୍ଟବ୍ୟ ।

"ଅଧୋମୁଖ ସତ୍ତ୍ୱଂ ହୋଇଲୁ ବାଳା,
ଏକତ ନୋହଇ ନୟନ ଭୋଳା ।
ମଦନ ଗଞ୍ଜଣରେ ମଣ୍ଡି ହେଲୁ,
ଗନ୍ତେ ଭୃମ୍ଭ ଦେବ ଧନ ବୋଇଲୁ ॥
ଝଡ଼ୁଂ ଉଡ଼ୁଂ କଲୁ,
କୁସୁମା ପିଣ୍ଡା ଶାଢ଼ୀ ମୁଖେ ଦେଲୁ ॥

*  *  *  *

ବସନ ଉଚ୍ଛାଡ଼େ ଦାନ୍ତ ଲୁଚ୍ଛିଲୁ,
ମାଣିକ୍ୟ ଆଭା ପ୍ରାଚୁର୍ଯ୍ୟେ ପ୍ରକାଶିଲୁ ।
ଚନ୍ଦ୍ରମା ମୁଖରେ ହାସ ପ୍ରକାଶ,
ଅଧର ପାନକୁ ହେଲ ପ୍ରବେଶ ।
ଝଡ଼ୁଂ ଉଡ଼ୁଂ କଲୁ,
କୁସୁମା ଚିତ୍ରା ଶାଢ଼ୀ ମୁଖେ ଦେଲୁ ।"

ଏହିପରି ଆଲୋଚନା କଲେ, 'ବୋଲି' ରଚନାର ମଧ୍ୟ ଅନେକ ସନ୍ଧାନ ମିଳେ । ତନ୍ମଧ୍ୟରେ 'ଅଳଙ୍କାର ବୋଲି,' 'କାଡବୋଲି,' 'ବସନ ବୋଲି' 'ବ୍ୟାଘ୍ର ବୋଲି' ଓ 'ଗୋପୀଭାଷା ବୋଲି' ଆଦି ରଚିତ ହୋଇ ଓଡ଼ିଆ ସାହିତ୍ୟର ଗୋଟିଏ ଦିଗକୁ ପରିପୁଷ୍ଟ କରୁଛି ।

'ଚଉପଦୀ' 'ଗୀତିକା' ଓ 'ବୋଲି' ପରି ଓଡ଼ିଆ ସାହିତ୍ୟରେ 'ପୋଇ' ରଚନା ହୋଇଥିବାର ଦେଖାଯାଏ । ତନ୍ମଧ୍ୟରେ 'ଅତଶ ପୋଇ,' 'ଷୋଳପୋଇ,' 'ଅଠର ପୋଇ,' 'ଚଉଦପୋଇ,' 'ବାରପୋଇ,' 'ଦଶପୋଇ,' 'ନ 'ପୋଇ,' 'ସାତପୋଇ,' ଓ 'ଛ' ପୋଇ' ଆଦିର ସନ୍ଧାନ ମିଳେ । ଉପର୍ଯ୍ୟୁକ୍ତ 'ପୋଇ' ଗୁଡ଼ିକ ମଧ୍ୟରୁ 'ଅତଶ ପୋଇ' ଓ ଷୋଳ 'ପୋଇ' ସମସ୍ୟା ମୂଳକ, 'ଅଠରପୋଇ' 'ଚଉଦ ପୋଇ' 'ବାରପୋଇ 'ଦଶପୋଇ,' 'ନ ପୋଇ'

ଓ 'ଛ ପୋଈ' (ଅଚ୍ୟୁତ ଦାସଙ୍କ ରଚିତ) କୃଷ୍ଣଲୀଳା ମୂଳକ ତଥା 'ସାତପୋଈ' ଓ 'ଛ' ପୋଈ' (ଭ୍ରମରବର ରଚିତ) କୃଷ୍ଣଭଜନ ମୂଳକ ଅଟେ ।

'ପୋଈ' ରଚନାର ବିଶେଷତ୍ୱ ହେଉଛି; ପୋଈଟି ଯେଉଁ ସଂଖ୍ୟା ବାଚକ ହୋଇଥାଏ, ଗ୍ରନ୍ଥଟିରେ ସେତିକି ସଂଖ୍ୟକ ପଦଥାଏ ଓ ପ୍ରତ୍ୟେକ ପଦକୁ ପ୍ରଥମପୋଈ ଓ ଦ୍ୱିତୀୟ ପୋଈ ଆଦି ନାମରେ ନାମିତ କରାଯାଏ । ତତ୍‌ସଙ୍ଗେ ସଙ୍ଗେ ମଧ୍ୟ ପ୍ରତ୍ୟେକ ପୋଈ (ପଦ)ରେ ସେତିକି ସଂଖ୍ୟକ ପଦ ଥାଏ ।

'ପୋଈ' ଛନ୍ଦ ସମ୍ବନ୍ଧରେ ଆଲୋଚନା କଲେ ଜଣାଯାଏ ଯେ, ସାଧାରଣତଃ ଚଉଦ ଅକ୍ଷର ବିଶିଷ୍ଟ ଛନ୍ଦକୁ 'ପୋଈଛନ୍ଦ' ବୋଲି କୁହାଯାଏ । କିନ୍ତୁ ସ୍ଥଳ ବିଶେଷରେ ଏହାର ବ୍ୟତିକ୍ରମ ହୋଇ ଥିବାର ଉଦାହରଣ ମିଳେ । ତେଣୁ ଦାଲିଟ ଓ ଚଉଦ ଅକ୍ଷର ବିଶିଷ୍ଟ ପଦକୁ "ପୋଈଛନ୍ଦ" ରୂପେ ନାମିତ କରିବା ଆପାତତଃ ଅସମୀଚୀନ ନୁହେଁ ।

ଉକ୍ତ 'ପୋଈଗ୍ରନ୍ଥ' ଗୁଡ଼ିକ ମଧ୍ୟରେ 'ପଚିଶପୋଈ' ଟି ସର୍ବାପେକ୍ଷା ଅଧିକ ସଂଖ୍ୟକ ପଦ ବିଶିଷ୍ଟ ଛନ୍ଦ; ତେଣୁ ସେହି ପଚିଶ-ପୋଈ ଠାରୁ ଆରମ୍ଭ କରି ଯଥାକ୍ରମରେ ପୋଈ ଗୁଡ଼ିକର ସଂକ୍ଷିପ୍ତ ପରିଚୟ ଓ ବଣ୍ଡୁଦାସଙ୍କ 'ନ'ପୋଈ' ଗ୍ରନ୍ଥର ବିସ୍ତୃତ ଆଲୋଚନା କରାଗଲା ।

## "ପଚିଶ ପୋଈ"

ରାମାୟଣର ବିଷୟବସ୍ତୁର ଅବଲମ୍ବନରେ ଅରକ୍ଷିତ ଗୋବର୍ଦ୍ଧନ ଦାସ ଆ: ମା: ଖ୍ରୀ: ଅ: ୧୬୬୦—୮୦ ମଧ୍ୟରେ ଗ୍ରନ୍ଥଟି ରଚନା କରିଥିଲେ । ଗ୍ରନ୍ଥର ମୋଟ ପୋଈ (ପଦ) ସଂଖ୍ୟା ୨୫ ଓ ପ୍ରତ୍ୟେକ ପୋଈରେ ୨୫ଟି ଲେଖାଏ ପଦ ଅଛି ।

"ଜୟ ଅନାଦି ପୁରୁଷ ଅଜନ୍ମା ଅଶେଷ
ସିଦ୍ଧ ରୂପୀ ଅଟେଁ ଦେବ ଧନ୍ୟ ।
ବିଷ୍ଣୁ ଅଂଶେ ଅବତାର ହୋଇଲେ ସଂସାର
ସ୍ୱର୍ଗେ ସୁରେ ନରନ୍ତି ଧନ୍ୟ ।

* * *

……………ସେ ପ୍ରଭୁ ଚରଣେ ଶରଣ,
ଅରକ୍ଷିତ ଗୋବର୍ଦ୍ଧନ ଘେନେ ଶରଣ"।

ପରବର୍ତ୍ତୀ ଆଲୋଚନାରୁ ଆଉ ତିନୋଟି 'ପୋଇ'ର ସନ୍ଧାନ ମିଳିଥିବାରୁ, ସେ ସମ୍ବନ୍ଧରେ ସଂକ୍ଷିପ୍ତ ଆଲୋଚନା ଏଠାରେ ପ୍ରଦତ୍ତ ହେଲା।

କବି କୃଷ୍ଣଙ୍କର ଶ୍ରୀକୃଷ୍ଣଙ୍କ ଜନ୍ମଠାରୁ କଂସବଧ ପର୍ଯ୍ୟନ୍ତ କୃଷ୍ଣଲୀଳାର ବର୍ଣ୍ଣନା କରି 'ପନ୍ଦର ପୋଇ' ନାମରେ ଖଣ୍ଡିଏ ଖଣ୍ଡକାବ୍ୟ ଲେଖିଛନ୍ତି।

ଏତଦ୍ ବ୍ୟତୀତ ସୋନପୁର ରାଜାଙ୍କ ନାମରେ 'ଚଉଦ ପୋଇ' ନାମକ ଖଣ୍ଡିଏ କାବ୍ୟ ଥିବାର ବିଜୟ ଚନ୍ଦ୍ର ମଜୁମଦାରଙ୍କ ସଙ୍କଳିତ Typical Selections from Oriya literture ନାମକ ଗ୍ରନ୍ଥରେ ଦେଖିବାକୁ ମିଳେ। ଉକ୍ତ କାବ୍ୟଟି ମଧ୍ୟ କୃଷ୍ଣଲୀଳାର ଅବଲମ୍ବନରେ ରଚିତ। ଅନ୍ୟତ୍ର ମଧ୍ୟ ଚପ୍ରଗିରିଧର ଦାସଙ୍କ ରଚିତ ଖଣ୍ଡିଏ 'ବାର ପୋଇ' କାବ୍ୟ ଥିବାର ଜଣାଯାଏ।

## ଷୋଳ ପୋଇ:—

'ଷୋଳପୋଇ' ମଧ୍ୟ "ଶରଣପୋଇ" ପରି ରାମାୟଣର ଘଟଣା ଅବଲମ୍ବନରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଦ୍ୱାରା ଲିଖିତ। ସେଥିରେ ଚମ୍ପାବତୀ ନଗରର ଅନାବୃଷ୍ଟି ନିବାରଣ ନିମିତ୍ତ ଋଷ୍ୟଶୃଙ୍ଗଙ୍କ ଆଗମନଠାରୁ ଆରମ୍ଭ କରି ରାମଚନ୍ଦ୍ରଙ୍କ ସ୍ୱର୍ଗାରୋହଣ ସୁଦ୍ଧା ସମ୍ପୂର୍ଣ୍ଣ ରାମାୟଣର ବିଷୟବସ୍ତୁକୁ ଷୋଳଟି ପୋଇରେ ବର୍ଣ୍ଣନା କରାଯାଇଛି। ଗ୍ରନ୍ଥଟିରେ କବି ଉପମା, ଶ୍ଳେଷ, ଯମକ ଓ ଅନୁପ୍ରାସର ଚମତ୍କାରିତା ଦେଖାଇଛନ୍ତି, ତାହା ଗ୍ରନ୍ଥାରମ୍ଭରୁହିଁ ସୁସ୍ପଷ୍ଟ ରୂପେ ଜଣାଯାଏ।

ଶୁଣ ସୁଜନେ ଏକାଗ୍ର କାହ୍ନୁଜ ଶାସ୍ତ୍ରସନ୍ଧ
ରାମାୟଣ ରାମାୟଣ।
କହିଲ ରାମାୟଣ ନାମ ରାମାୟଣ
ଶିବ କହନ୍ତି ପାର୍ବତୀ ଶୁଣ।
ଶାସ୍ତ୍ର ଆଗେ ବାଲ୍ମୀକି ଶିଷ୍ଟ ବାଲ୍ମୀକି
ପୁରାଣ ପୁରାଣ ପରସିଛି।

ନାମ ଅଟେ ଏ ଷୋଳଖୋଣ୍ଡି ପଦ ଷୋଳଖୋଣ୍ଡି
ଷୋଳଖୋଣ୍ଡି ସେ ସମସ୍ତ କଥି ।
ଯତ କତ ସାରବର ଶତଦ ସାରବର
ସାରବର ଶତଦ ସାରବର ।
ଭଞ୍ଜ ଭଞ୍ଜ ଉପେନ୍ଦ୍ର ଭଞ୍ଜ ଉପେନ୍ଦ୍ର
ଉପେନ୍ଦ୍ର ଇନ୍ଦ୍ର 'ଇନ୍ଦ୍ରସାର' ।

## ବାରଖୋଣ୍ଡି:—

'ବାରଖୋଣ୍ଡି' ଗ୍ରନ୍ଥଟି 'ଯୁଗଭଞ୍ଜ' ବା 'ଯୁବଭଞ୍ଜ' (ଭଣିତାରେ ଦୁଇପ୍ରକାର ନାମ ଅବାର ଦେଖାଯାଏ ।)ଙ୍କ ଦ୍ୱାରା ରଚିତ ହୋଇଛି । ଏହା ଭଳ 'ସମ୍ରାଟ' ଉପେନ୍ଦ୍ରଭଞ୍ଜଙ୍କ ରଚନା ବୋଲି ଦକ୍ଷିଣ ଓଡ଼ିଶାରେ କିମ୍ବଦନ୍ତୀ ପ୍ରଚଳିତ ଅଛି । ଖଲ୍ଲିକୋଟସ୍ଥ ସଂସ୍କୃତ, ଓଡ଼ିଆ ପ୍ରାଦେଶିକ ସଂଗ୍ରହାଳୟର ପ୍ରାଚୀନ 'ଗ୍ରନ୍ଥଭଣ୍ଡାର'ରେ ସଂରକ୍ଷିତ ଖଣ୍ଡିଏ 'ବାରଖୋଣ୍ଡି' ଗ୍ରନ୍ଥର ଆରମ୍ଭରେ "ଉପେନ୍ଦ୍ରଭଞ୍ଜଙ୍କ ବାରଖୋଣ୍ଡି ଲେଖନ" ବୋଲି ଲେଖାଯାଇ ଭଣିତାରେ "ଯୁଗଭଞ୍ଜ" ବା "ଯୁବଭଞ୍ଜ"ଙ୍କ ନାମ ଦିଆଯାଇଛି । ସମୁଦାୟ ଖଣ୍ଡକାବ୍ୟଟି ଯମକ ଓ ଅନୁପ୍ରାସ ଦ୍ୱାରା ପରିପୂର୍ଣ୍ଣ ତଥା ରସାଭିବ୍ୟଞ୍ଜକ ଅଟେ ।

ହେଲା ଘନାଘନ କାଳ ଆଷାଢ଼ଙ୍କ କାଳ
ନମନ୍ତି ସମନ୍ତି ପ୍ରକାଶିଲା ।
ଘନ ଘନ ଗର୍ଜି ଗଣିବାର ଲାଗି
ଘନ୍ଟା ପିଠ ଘନ୍ଟା ନଦ ଟିଲା ।

*　　　*　　　*

ଝାଙ୍କି ଝାଙ୍କି ବୃଷ୍ଟି ବାତ ବହିଲା ନାରତ
ଝର ଝର ଜଳ ବରଷିଲା ।
ଭରି କୂଳରେ ନାଳରେ ଖାଲରେ
ମୋଦରେ ମଣ୍ଡୁକମାନେ ରହିଲେ ।।

ମଣ୍ଡି ମଣ୍ଡଳୀ ତ୍ରସ୍ତର ଭଦ୍ରଗୋପବାର
ସିନ୍ଦୁର-ବିନ୍ଦୁ କି ବରଷିଲା ॥
ଜଟେ ଯୁଗ ଭଞ୍ଜ ଭୂପ କସ୍ତୁରୀ କଳାପ-
ପଙ୍କ ଗ୍ଭକୁବର ପ୍ରକଶିଲା ” ॥

**ଦଶପୋଇ:—**

“ଦଶପୋଇ” ମଧ୍ୟ ଏହି ଯୁଗଭଞ୍ଜ ବା ଯୁବଭଞ୍ଜଙ୍କ ଦ୍ୱାରା ରଚିତ ହୋଇଛି । ଏହି ଗ୍ରନ୍ଥଟିକୁ ବଙ୍ଗଳାର ପ୍ରସିଦ୍ଧ ସମାଲୋଚକ ଶ୍ରୀଯୁକ୍ତ ଓ.ସି. ଗାଙ୍ଗୁଲି, ମୟୂରଭଞ୍ଜର ରାଜା ଦାମୋଦର ଭଞ୍ଜ ରଚନା କରିଛନ୍ତି ବୋଲି ଲେଖିଛନ୍ତି; କିନ୍ତୁ ସମ୍ପୂର୍ଣ୍ଣ ଭ୍ରମାତ୍ମକ ଅଟେ । “ଦଶପୋଇ”ରେ ଶ୍ରୀକୃଷ୍ଣଙ୍କ ଅର୍ଥରେ ପ୍ରୟୋଗ ହୋଇଥିବା “ଦାମୋଦର” ଶବ୍ଦଟିକୁ ଲକ୍ଷ୍ୟ କରି ଶ୍ରୀଯୁକ୍ତ ଗାଙ୍ଗୁଲି ମହାଶୟ, ଉକ୍ତ ଗ୍ରନ୍ଥର ପ୍ରଣେତା ଦାମୋଦର ଭଞ୍ଜ ବୋଲି ଉଲ୍ଲେଖ କରିଛନ୍ତି ।

ବୃନ୍ଦାବନ ସମସ୍ତ ଅନ୍ତଃପୁରସମସ୍ତ
ପ୍ରବେଶ ଆଦେଶ ହୋଇଅଛିଂ
ଲୁହ ଲୁହ କରି ପିବେ ତାଳକଲେ କାମୁକେ ।
କାମ କୋପ ଘଟାଇବା ପାଇଁ ।

* * * *

ଦେଖ ସ୍ତ୍ରୀହାର ସୁଦୀର୍ଘ ନଳୀ ଭରେ ଧରି
ନାଗେଶ୍ୱର ଜଳ ଗୁଳ ଜବା ।
ହୃଦି ରଞ୍ଜନ ପଟଳ ପଡ଼ିବାକୁ ଅଛି
ଇଷିକର ଚମକଲେ ଯୁବା ।”

**ସାତପୋଇ:—**

ଭକ୍ତ ସତ୍ୟବାଦୀ ଦାସ ‘ପୋଇ’ର ପ୍ରଚଳିତ ପରମ୍ପରା ଅନୁସ୍ତୁ ରଚି ‘ସାତପୋଇ’ ନାମକ ଗ୍ରନ୍ଥରେ କୃଷ୍ଣଙ୍କ ଜଣାଣକୁ ବିଷୟବସ୍ତୁ ରୂପେ ଗ୍ରହଣ କରିଛନ୍ତି । ସତ୍ୟବାଦୀ ନାମକ କବି ଓଡ଼ିଆ ସାହିତ୍ୟରେ ଏକାଧିକ ଥିବାର ଜଣାଯାଏ । ଅନ୍ୟ ଏକ କବି ସତ୍ୟବାଦୀଙ୍କ ନାମରେ ରଚିତ ‘ରସକାବ୍ୟ’ ନାମକ ଛନ୍ଦିଏ ଶବ୍ଦାଳଙ୍କାର ପୂର୍ଣ୍ଣ ଗ୍ରନ୍ଥ ମଧ୍ୟ ଦେଖିବାକୁ ମିଳେ । କିନ୍ତୁ ଭାଷା ଓ ବର୍ଣ୍ଣନା ଶୈଳୀ ଦୃଷ୍ଟିରୁ ବିଷୟ

କେତେ 'ସାତପୋଇ'ର ଓ 'ଶବ୍ଦକାବ୍ୟ'ର ପ୍ରଣେତା ଦୁଇଜଣ ପୃଥକ୍ ବ୍ୟକ୍ତି ବୋଲି ସ୍ପଷ୍ଟ ଧାରଣା କରନ୍ତିଏ ।

"ଅନନ୍ତ ହେ ଦୟାକର ସର୍ବଦ୍ୱନ୍ଦ୍ୱ ହର
ମୋ ଜଣାଣ ସେନ ଦିବ୍ୟ ଚକ୍ଷେ ।
ଅନବରତରେ ମାୟା ଘୋଟିଅଛି କାୟା
ତନାଶ କୃପାକର ଦକ୍ଷେ ॥
ଆଜନମୁ ମୁହିଁ ପାପ କରନ୍ତି ଅମାପ
କହୁହେବ କେପରେ ସବୁଛି ।
ଆଜଯାଏଁ କଷ୍ଟ ସୁଖ କାହିଁ ପଦ୍ମମୁଖ
ଦୁଃଖ ଜଳଧିରେ ମୁଁ ଭାସୁଛି ।

ଞ' ପୋଇ:—

କବି ଭ୍ରମରବର ସାମନ୍ତରାୟ 'କ' ଠାରୁ 'କ୍ଷ' ପର୍ଯ୍ୟନ୍ତ ଚଉତିଶା ନିୟମରେ ଲିଖିତ ଶମ୍ଭୁଙ୍କ ଜଣାଣକୁ 'ଞ' ପୋଇ' ଗ୍ରନ୍ଥର ଅଙ୍ଗସ୍ୱରୂପ ରୂପେ ଗ୍ରହଣ କରନ୍ତି । କବି 'ପୋଇ' ନିୟମକୁ ଅକ୍ଷୁର୍ଣ୍ଣ ରଖିବା ସଙ୍ଗେ ସଙ୍ଗେ ଚଉତିଶା ନିୟମର ପ୍ରୟୋଗ କରି ଗ୍ରନ୍ଥର 'ମହତ୍ତ୍ୱ' ବୃଦ୍ଧି କରିଛନ୍ତି ।

"କର କରୁଣା ବଦନ ହେ ରାଧା ମୋହନ
ଦେବ ପଦ୍ମପାଦେ ଚିତ୍ତ କର ।
କର୍ମହୀନ ଜନମୁଁ ହେଲି ଆଜନମୁଁ
ଦୁଃଖହର ମୋର ତରାକର ହେ ॥
ଖର ଦୂଷଣ ନାଶନ ହେ ପୀତବସନ
ଭୃତ୍ୟେତ ରକ୍ଷକ ନରହର ।
ଗରବର ମୋର ଛାଡ଼ି ମୁକ୍ତିତ କରିବ
ନାହିଁ ବନ୍ଧେ ଦେହେ ଗଜଧର ହେ ।"

**ଛ' ପୋଇ:—**

ବସନ୍ତ ସମୟରେ ରାଧାଙ୍କ ବିରହରେ ଆତୁର ହୋଇ ଶ୍ରୀକୃଷ୍ଣ ଶ୍ରୀରାଧାଙ୍କ ପୁରରେ ପ୍ରବେଶ ହୋଇ ଅପମାନିତ ହେଲେ । ତା'ପରେ କାମଦେବଙ୍କ ଆଦେଶରେ ମୋହନ ବେଣୁ ବଜାଇ ଶ୍ରୀରାଧାଙ୍କ ଗର୍ବ ଭଞ୍ଜନ କରି ତାଙ୍କ ସହିତ କୁଞ୍ଜବନରେ କେଳୀ କଲେ । ଏହି ବିଷୟବସ୍ତୁକୁ ନେଇ କବି ଅଚ୍ୟୁତ ଦାସ ଗୋକୁଳରତ୍ନ ଚୂଡ଼ାମଣି 'ଛ ପୋଇ' ନାମକ ଖଣ୍ଡକାବ୍ୟଟି ରଚନା କରିଛନ୍ତି ।

ପ୍ରିୟ ରାଧା ପାଶେ ମିଳି  ମଦନ ମଦେ ଗଳି
କୋମଳ ବଚନ ଧୀରେ କହି ।
ମୁଁ ଗୋ ମଦନସାଗରେ  ବୁଡ଼ିଲି ନିର୍ଭରେ
କାହିଁ ପ୍ରତିକାର କର ସହି ।

* * * *

ଏତେକହି ବୋଲି ଦେବବନମାଳି  ଛାଡ଼ି ସଙ୍କ ଭଳି
ରାଧାର ପାଦ ଧଇଲେ ଯାଇ ।
ସେ ଦେ ଅତି ଗ୍ଳାନମତି  ଯ ମର ଯୁବତି
ଆଲିଙ୍ଗି ଶ୍ୟାମ ପ୍ରବୋଧିଲେ ନେଇ ।"

ଏତଦ୍‌ବ୍ୟତୀତ ପ୍ରସ୍ତୁତ ଆଲୋଚନାରେ ମୁଖ୍ୟ ଆଲୋଚ୍ୟ ଗ୍ରନ୍ଥ 'ନ' ପୋଇ' ନାମକ ଖଣ୍ଡକାବ୍ୟଟି ଅନନ୍ୟତମ କୃଷ୍ଣଲୀଳାମୂଳକ 'ପୋଇ' ଗ୍ରନ୍ଥ । ଶ୍ରୀରାଧାଙ୍କ ବିରହରେ କାତର ହୋଇ; ନ ବକ, କାଉରୀ, ତନ୍ତୀ ଓ ଭୂତ ଆଦି ବେଶ ହେଉଥିଲେ ଏ ଶେଷରେ ମଧ୍ୟ ପ୍ରାଣବଲ୍ଲଭଙ୍କର ପ୍ରାପ୍ତି ଆଶାରେ ଗୋଟିଏ ନୂତନ କୌଶଳର ସୂତ୍ରପାତ କରିଥିବାର ବର୍ଣ୍ଣନା କବି କଣ୍ଠ ଦାସ କରିଛନ୍ତି ।

ଶ୍ରୀଚୈତନ୍ୟ ଦେବଙ୍କ ଗୌଡ଼ୀୟ ମତବାଦର ଅନୁପ୍ରଭାବର ଫଳରେ ଶ୍ରୀରାଧା କୃଷ୍ଣଙ୍କ ପ୍ରେମଲୀଳା ଦିନକୁଦିନ ଦେଶରେ ଜନସାଧାରଣଙ୍କ ଦ୍ୱାରା ଆଦୃତ ହେଲା । ଓଡ଼ିଶାରେ 'ଶ୍ରୀ ଗୋପୀନାଥ' କୃଷ୍ଣଙ୍କର ଉପାସନା ସମାଜରେ ପ୍ରଚଳିତ ଥିଲା ଏବଂ ରସିକାନନ୍ଦ ଗୋସ୍ୱାମୀ ଓ ବଳଦେବ ବିଦ୍ୟାଭୂଷଣଙ୍କ ପ୍ରାଣପୂର୍ଣ୍ଣ ଉଦ୍ୟମ ଫଳରେ ଏ ଦେଶରେ ଶ୍ରୀ ରାଧାକୃଷ୍ଣ ଉପାସନା ଓ ତତ୍ସମ୍ବନ୍ଧୀୟ କାବ୍ୟଧାରାର ପ୍ରଖର ସ୍ରୋତ ବହିବାକୁ ଲାଗିଲା । ଶ୍ରୀ ରାମଚନ୍ଦ୍ରଙ୍କ ପରି ଏକନିଷ୍ଠ ପିତୃସତ୍ୟ ପରିପାଳକ ସତ୍ୟସନ୍ଧ ଏକପତ୍ନୀନିରତ ଆଦର୍ଶ ପୁରୁଷ ଓ ସୀତାଙ୍କ ପରି ସତୀ ସାଧ୍ୱୀ ଆଦର୍ଶ ଦେବୀଙ୍କ ଜୀବନଚରିତ ଅବଲମ୍ବନରେ ରଚିତ କାବ୍ୟ ଅପେକ୍ଷା ବୃନ୍ଦା-ବନର ନିକୁଞ୍ଜ କାନନରେ ରାଧାକୃଷ୍ଣଙ୍କ ବିଶ୍ରମ୍ଭ ପ୍ରେମାଳାପ ତଥା ଷୋଳସହସ୍ର ଗୋପକାମିନୀଙ୍କ ମେଳରେ ଶ୍ରୀକୃଷ୍ଣଙ୍କ ଉଚ୍ଛୃଙ୍ଖଳ ରାସକ୍ରୀଡ଼ା ବର୍ଣ୍ଣିତ କାବ୍ୟ ପାଠ କରିବା ଲାଗି ଜନତାର ଅଭିରୁଚି ତଥା ଅଦ୍ଭୁତ ଉତ୍ସାହ ଜାଗ୍ରତ ହେଲା । ପାଠକମାନଙ୍କର ଅଭିରୁଚି ଅନୁଯାୟୀ ଏ ଦେଶର କବିମାନେ ରାଧାକୃଷ୍ଣଙ୍କ ପ୍ରେମାଖ୍ୟାନ ମୂଳକ ରଚନାରେ ଓଡ଼ିଆ ସାହିତ୍ୟର ଭଣ୍ଡାରକୁ ପୁଷ୍ଟ କରିଦେଲେ ।

ସେହି ପରମ୍ପରାରେ ତଲ୍ଲୀନ ହୋଇ ବିପ୍ର କଣ୍ଠଦାସ 'ନ'ପୋଷି' ନାମକ ରାଧାକୃଷ୍ଣ ଲୀଳାତ୍ମକ ଏକ ଖଣ୍ଡକାବ୍ୟ ରଚନା କଲେ । କଣ୍ଠଦାସ ସପ୍ତଦଶ ଶତାବ୍ଦୀର ଶେଷାର୍ଦ୍ଧ କବି ହୋଇଥିବାରୁ ତାଙ୍କ ବର୍ଣ୍ଣନାରେ ପରବର୍ତ୍ତୀକାଳୀନ କୃଷ୍ଣକାବ୍ୟର ବର୍ଣ୍ଣନା ପରି ଆଡ଼ମ୍ବର ନଗ୍ନଚିତ୍ର ପ୍ରାୟ ଦେଖିବାକୁ ମିଳେ ନାହିଁ । ଏପରି ମଧ୍ୟ, ଶ୍ରୀରାଧାଙ୍କ ଭାମାଳୁର ଶ୍ରୀକୃଷ୍ଣଙ୍କର ପ୍ରଣୟଭିକ୍ଷା ମଧ୍ୟ କବିଙ୍କ ଦ୍ୱାରା ଅତି ସଂଯତ ଭୃଷ୍ଣ ଭାବରେ ବର୍ଣ୍ଣିତ ହୋଇଛି ।

"ଆଜର ଦିବସ ହେବ ମୋତେ ପଣ
ଦେଖିଛି ତରୁଣୀ ଶିରୋମଣି ।
ଭାମିନୀ ବାମ ଅଙ୍ଗୀ ସାହା ମରାମଣି
ସେବିକ ଚଳିବ ପାଦସ୍ତଳି !"

(ନ'ପୋଷି, ଦଶମ୍ବୃବ୍ରାଣି—୪ର୍ଥ ପଦ)

ରାଧାକୃଷ୍ଣ ପ୍ରେମର ଚରମ ଆନନ୍ଦରେ ଏକ ଅଙ୍ଗ ହୋଇଯିବା ସମୟରେ ମଧ୍ୟ କବି ନିଜର ସ୍ୱଭାବ ଶାଳୀନତା ରକ୍ଷା କରିବାରେ ପଶ୍ଚାତ୍ପଦ ହୋଇ ନାହାନ୍ତି ।

"କନକ କଷିତ ସଙ୍ଗେ କି ଜଡ଼ିତ
ଗଙ୍ଗା ସାଗର କି ମିଶାମିଶି ।
ଦେଖି ମନଭାବ ସ୍ୱେଦନ ସଦର୍ପ
ଚଳାବଳେ ମନମୁଖେ ରସି ।
କୁଚରେ କଜ୍ଜଳ କମଳେ ଭ୍ରମର
କେବଳ ଅଙ୍ଗ ସ୍ପୃକ ଜଡ଼ିତରେ ।
କାନ୍ତ ନଖଘାତ ରସିକ ପୀତବାସ
ଘୂନ ଦାସ ସେବେ ନିରନ୍ତରେ ।"

(ନବନ ଚୋଃଣ—୮ମ, ୯ମ ପଦ)

ଏହି ଗ୍ରନ୍ଥାଦ୍ୟଟିର ଗୋଟିଏ ସ୍ଥାନରେ ମାତ୍ର ଚୁମ୍ବନ, ନଖକ୍ଷତ, ଦନ୍ତଘାତ ଆଦି ଶବ୍ଦର ବ୍ୟବହାର କରିଛନ୍ତି; ଅନ୍ୟଥା ଅନ୍ୟ କୌଣସି ସ୍ଥାନରେ ସେ ଶବ୍ଦ ବ୍ୟବହାର କରି ନାହାନ୍ତି ।

"ରଖ ବା ନ ରଖ ମୁଁ ତୋ କିଣା ସେବକ
ଚୁମ୍ବ ଦେଇ ନାମ ଉପୁ ଖଣ୍ଡ ।
ଅଙ୍ଗେ ନଖକ୍ଷତ ଗଣ୍ଡେ ଦନ୍ତଘାତ
ଉରକେ ଲଗାଇ ଭୁଜେ ଛନ୍ଦ ।"

(୪ର୍ଥ ଚୋଃଣ — ୩ୟ ପଦ)

କବି ଘଣ୍ଟଦାସଙ୍କ ସମୟରେ ରାଧାକୃଷ୍ଣଙ୍କ ପ୍ରୀତି ସମାଜରେ ଖୁବ୍ ଆଦରର ସହିତ ଗ୍ରହଣ କରାଯାଉ ନଥିବାରୁ, 'ନ'ଚୋଣ'ର ଶ୍ରୀରାଧାଙ୍କ ମୁଖରେ କବି, ଶ୍ରୀକୃଷ୍ଣଙ୍କ ପ୍ରତି ସେ ପ୍ରକାର ଅସମ୍ମାନ ଜନକ ଆଚରଣ ନିମିତ୍ତ ଭର୍ତ୍ସନା ବାକ୍ୟ ଶୁଣାଇଛନ୍ତି । ତାହା ଦ୍ୱାରା ସେ ସମୟରେ କେବଳ ଲୌକିକ ପରକୀୟା ପ୍ରୀତି ନାହିଁ କି ଶ୍ରୀକୃଷ୍ଣଙ୍କର ପରକୀୟା ପ୍ରୀତି ମଧ୍ୟ

ସମାଜ ନିୟମର ବର୍ଣ୍ଣନା ଭୂଲେ ଗଣ୍ୟ ହୋଇଥିବାର ସୂଚନା ମିଳୁଛି ଏବଂ ପରପୁରୁଷର ପ୍ରେମଭିକ୍ଷା ବେଳେ ବିବାହିତା ନାରୀର ମନରେ କି ପ୍ରତିକ୍ରିୟା ସୃଷ୍ଟି ହୁଏ, ତାହା ମଧ୍ୟ ବର୍ଣ୍ଣନା କରିବାରେ ପଶ୍ଚାତ୍‌ପଦ ହୋଇ ନାହାନ୍ତି ।

"ତନୁ ଝମ ଝମ କମ୍ପ ଥରଥର
ଛମ ଛମ କଲା ଚନ୍ଦ୍ରମୁଖ ।

× × ×

ତକାରେ ଗୁହାରି ବୁଦ୍ଧି ନ ଦିଶଇ
ନିଶ୍ୱାସ ବଢ଼ଇ ଖସୁଛରେ ।
କାତରେ କମ୍ପଇ ନିଷ୍ଠୁରେ କହଇ
ସେ ବୁଝି ହୋଇଲା କାହ୍ନୁ ତୋରେ ।।

× × ×

କି କହିବି ତୋତେ କରି ଲାଜ ମୋତେ
ଶୁଣିଲି ଅଶ୍ଚର୍ଯ୍ୟ ମୋର ଦେହ ।
ବସ୍ତ୍ର କଣ୍ଠଦାସ ଭଜେ ପୀତବାସ
(ରାଧା) ମୁଣ୍ଡ ପୋଷି ଗଣ୍ଡେ କର ଦେଇ ।।"

(ଭୂଷଣ ପୋଇ—ଷଷ୍ଠ, ୭ମ ଓ ୯ମ ପଦ)

କେବଳ ସେତିକି ନୁହେଁ, ଶ୍ରୀରାଧା ଯେ ଆଭିଜାତ୍ୟ ଘର ହୋଇ ଥିଲେ ଏବଂ ସେ ପ୍ରକାର ପ୍ରେମ ସମ୍ଭାଷଣରେ ତାଙ୍କ ମନ୍ଦିରରେ ବାଧା ଆସିବା ସଙ୍ଗେ ସଙ୍ଗେ ଶ୍ରୀକୃଷ୍ଣ ଯେ 'ଗଗନର ଚନ୍ଦ'କୁ ଧରିବା ପାଇଁ ତଥା 'ପବନକୁ ଫାନ୍ଦ'ରେ ଧରି ରଖିବା ପାଇଁ ଇଚ୍ଛା କରୁଛନ୍ତି; ଏହା ଶ୍ରୀରାଧାଙ୍କ ମୁଖରେ ସ୍ପଷ୍ଟ ସୂଚାଇଛନ୍ତି ।

"ନାନା ଛଳ ହୋଇ ମୋହିନୀ ଲଗାଇ
ବଳେ ଧରି ନେଉ ପରନାରୀ ।
ପବନକୁ ଫାନ୍ଦ ଗଗନର ଚନ୍ଦ
ସେହି ନେଉ ଅଛୁ କରେ ଧରି ।।"

(ଚମ୍ପକ ପୋଇ—୪ର୍ଥ ପଦ)

ଅନ୍ତର ମଧ୍ୟ, ଶ୍ରୀରାଧା ବଂଶୀସ୍ୱନ ଶୁଣି କୃଷ୍ଣଗତ-ମନା ହୋଇ ଏକାନ୍ତ ମିଳନ ନିମିତ୍ତ ଉତ୍କଣ୍ଠ, ହେଉଥିବା ବେଳେ କବି ଦୂତୀ ମୁଖରେ କୁଳବଧୂଆସ୍ତୁଣୀର କର୍ତ୍ତବ୍ୟ ସମ୍ବନ୍ଧରେ ସତର୍କବାଣୀ ଶୁଣାଇବାକୁ ଆଦୌ ଭୁଲି ନାହାନ୍ତି ।

"ସଳକେ ନରସ୍ପୃ ପର କୁଳବଧୂ,
କାହିଁ ରଖିଅଛୁ ତୋର ମତି ।
× × ×
ଶୁଣିଣ ଦୂତିକା ହୋଇଣ ତାଟକା
ଗାଲେ ହସ୍ତ ଦେଇ କହୁଅଛି ।
ନବ କୁଳବଧୂ ପତି-ପ୍ରାଣୀ-ସଖୀ
କାହୁଁ ତୋ ସ୍ୱେ ବୁଦ୍ଧି ସ୍ଫୁରୁଅଛି ।
କୁଳରେ କଳଙ୍କୀ ହୋଇବୁରେ ସଖି !
କି ବୋଲି ବୋଲିବେ ଗୋପଲୋକେ ।।"

(ସପ୍ତମ ପୋଈ—୭ମ ଓ ୮ମ ପଦ)

## ଅଚ୍ୟୁତ ଦାସଙ୍କ ଛ'ପୋଇ ଓ କଣ୍ଠୁ ଦାସଙ୍କ ନ'ପୋଇ —

ଅଚ୍ୟୁତ ଦାସଙ୍କ 'ଛ'ପୋଇ' ଓ କଣ୍ଠୁଦାସଙ୍କ 'ନ'ପୋଇ'ର ବିଷୟ-ବସ୍ତୁ ପ୍ରାୟ ଏକ ବୋଲି ଉଭୟ ଗ୍ରନ୍ଥର ପାଠରୁ ସୂଚନା ମିଳେ । ଉଭୟ ଗ୍ରନ୍ଥରେ ଶ୍ରୀରାଧାଙ୍କ ଠାରୁ ଅପମାନ ପାଇବା ପରେ ଶ୍ରୀକୃଷ୍ଣଙ୍କ ବେଣୁବାଦନ ଓ ବେଣୁସ୍ୱନ ଶୁଣି ଦୂତୀ ସହିତ ଶ୍ରୀରାଧାଙ୍କର ଶ୍ରୀକୃଷ୍ଣଙ୍କ ସହିତ ମିଳନ୍ ଲାଗି ଅଭିସାରିକା ବେଶରେ ଆଗମନର ବିଷୟବସ୍ତୁ ରହିଛି । ଯମୁନାକୂଳରୁ ଶ୍ରୀକୃଷ୍ଣ ଶ୍ରୀରାଧାଙ୍କ ଠାରୁ ଅପମାନିତ ହୋଇ କାମଦେବଙ୍କୁ ପୂଜା କରିବା ପରେ ତାଙ୍କ ନାମ ଧରି ଉଚ୍ଚାଟନ ନିମିତ୍ତ ବଂଶୀବାଦନ କରିବା ବିଷୟ 'ନ'ପୋଇ'ରେ ଉଲ୍ଲେଖ ଅଛି ଏବଂ 'ଛ'ପୋଇ'ରେ ରାଧାପୁରରୁ ପାଦପ୍ରହାର ଦ୍ୱାରା ଅପମାନିତ ହେବା ପରେ ବ୍ରହ୍ମାଙ୍କ ଦ୍ୱାରା ଆଦିଷ୍ଟ ହୋଇ ରାଧାନାମ ଧରି ବଂଶୀବାଦନ କରିବା ପ୍ରସଙ୍ଗ ବର୍ଣ୍ଣିତ ହୋଇଛି । ଅନ୍ୟଥା

ରାଧାକୃଷ୍ଣଙ୍କ ଜନ୍ମ ପ୍ରଭୃତି ଆଦି ବିଷୟ ବର୍ଣ୍ଣନାରେ ଉଭୟ ଗ୍ରନ୍ଥର ପାଠମଧ୍ୟରେ ପ୍ରାୟ ସମାନତା ପ୍ରକାର ଦେଖାଯାଏ ।

"ମଦନ ଆରମ୍ଭେ ଦେବ ଗୋପୀନାଥ
ବୃନ୍ଦାମଣ୍ଡରେ ମିଳିଲେ ଯାଇ ।
(ଛ'ପୋଇ)

× × ×

ଅନୁସରି ଚରିତ୍ରେ ମଦନ ଆରତେ
ଧୀରେ ଯାଇ ପାଦେ ମିଳ ।
(ଛ'ପୋଇ)

× × ×

ରଜନୀ ଯାଉଁଲେ ରାଜାଙ୍କୁ କହିବେଲ
ଅବଶ୍ୟ ଏଥି ହୋଇବ ବନ୍ଧ ।
ସମ୍ପଦ ସରିବ ସମସ୍ତେ ମରିବ
ଛୋଡ଼ ହୋଇଁ ନାଶ ଯିବ ନନ୍ଦ ॥
(ଛ'ପୋଇ)

× × ×

ଦୁଷ୍ଟ କଂସ ରାଜା ବଢ଼ାଇ ଭରଜା
ଜାଣିଲେ ସେ ଧର ନେବ ବନ୍ଧି ।
ନନ୍ଦଙ୍କୁ ଧରିବ ସମ୍ପଦ ହାରିବ
ଚୋର ଯୋଗୁଁ ନାଶ ଯିବ ମୁଣ୍ଡି ॥"
(ଛ'ପୋଇ)

'ଛ'ପୋଇ'ର ରଚୟିତା ଅଚ୍ୟୁତ ଦାସ, ପଞ୍ଚସଖା ଅଚ୍ୟୁତ ନୁହନ୍ତି । ସେ ସ୍ୱରଚିତ ଖଣ୍ଡକାବ୍ୟରେ ନିଜ ନାମ ଅଚ୍ୟୁତ ଗୋକୁଳ ରାୟ ଚୂଡ଼ାମଣି ବୋଲି କେତୋଟି ସ୍ଥାନରେ ଉଲ୍ଲେଖ କରିଛନ୍ତି । ତଦ୍‌ବ୍ୟତୀତ ଏହାଙ୍କ ଭାଷା ଖୁବ୍ ପ୍ରାଚୀନ ବୋଲି ମନେ ହୁଏ ନାହିଁ । ତେଣୁ ଏହାଙ୍କ ସମୟ ଅଷ୍ଟାଦଶ ଶତାବ୍ଦୀର ପୂର୍ବବର୍ତ୍ତୀ ବୋଲି ମନେ ହୁଏ ନାହିଁ । ଏହି ସବୁ କାରଣରୁ ବଂଶୀ ଦାସଙ୍କ 'ଛ'ପୋଇ'ର ପ୍ରଭାବ ଏହାଙ୍କ ରଚନାରେ ପଡ଼ିଥିବା ସମୀଚୀନ ବୋଲି ମନେହୁଏ ।

### କଣ୍ଠଦାସଙ୍କ ସମୟ —

କଣ୍ଠଦାସ ବୋଲି କରିଣ ବ୍ୟକ୍ତିଙ୍କ ନାମ ହେବା ଅସମୀଚୀନ ନୁହଁ ବୋଧହୁଏ । ଏହା 'ନୀଳକଣ୍ଠ' ନାମଧାରୀ ବ୍ୟକ୍ତିଙ୍କ ଡାକ ନାମ ହେବା ଖୁବ୍ ସମ୍ଭବ, ପୁନଶ୍ଚ ସେହି 'ଶବ୍ଦେସନ୍ଦଆ'ର ଲେଖକ ନୀଳକଣ୍ଠ ଖାଡ଼ଙ୍ଗାଙ୍କ ନାମ ଉଲ୍ଲେଖ କରାଯାଇଛି, ତାଙ୍କ ନାମ ମଧ୍ୟ କଣ୍ଠ ଖାଡ଼ଙ୍ଗା ଥିବାର ପ୍ରମାଣ ସେହି ଗ୍ରନ୍ଥରୁ ମିଳୁଛି * । 'ଖାଡ଼ଙ୍ଗା' ପଦବୀଟି ବ୍ରାହ୍ମଣ ପଦବୀ ହୋଇଥିବାରୁ ତଥା କବି ନିଜ ନାମକୁ ଭଣିତେ 'ନୀଳକଣ୍ଠ ଭୂମିଦେବ' ଉଲ୍ଲେଖ କରିଥିବାରୁ ତାଙ୍କୁ 'ନ'ପୋଇ'ର ପ୍ରଣେତା ବିପ୍ର କଣ୍ଠଦାସଙ୍କ ସଙ୍ଗେ ଚିହ୍ନିତ କରାଇବା ଅସଙ୍ଗତ ନୁହେଁ ।

ଏତଦ୍ ବ୍ୟତୀତ 'ସ୍ୱମାର୍ଗିନ ଚନ୍ଦ୍ରିକା' ନାମକ ଅନ୍ୟ ଏକ ଗ୍ରନ୍ଥର ରଚୟିତା 'ଭକ୍ତ ନୀଳକଣ୍ଠ' ବୋଲି ଜଣାଯାଏ । ଉକ୍ତ ଗ୍ରନ୍ଥରେ ମଧ୍ୟ 'ନ'ପୋଇ'ରେ ବ୍ୟବହୃତ ପ୍ରାଚୀନ ଛନ୍ଦ ପରି ଅନେକ ପ୍ରାଚୀନ ଶବ୍ଦର ସମାବେଶ ହୋଇଥିବାର ଦେଖାଯାଏ । ଉକ୍ତ ଗ୍ରନ୍ଥର ନକଲ ସମୟ ଶକାବ୍ଦ ୧୭୮୯ ବା ଖ୍ରୀ:ଅ: ୧୮୬୭ ହୋଇଥିବାରୁ ତାହାର ମୂଳରଚନା ସପ୍ତଦଶ ଶତାବ୍ଦୀର ଶେଷଭାଗରେ ହୋଇଥିବା ଅସମ୍ଭବ ନୁହେଁ । ତେଣୁ 'ନ'ପୋଇ', 'ଶବ୍ଦେସନ୍ଦଆ' ଓ 'ସ୍ୱମାର୍ଗିନ ଚନ୍ଦ୍ରିକା' ଆଦି ଗ୍ରନ୍ଥର ଲେଖକ ଯଥାକ୍ରମେ କଣ୍ଠଦାସ, ନୀଳକଣ୍ଠ ଖାଡ଼ଙ୍ଗା (କଣ୍ଠ ଖାଡ଼ଙ୍ଗା) ଓ ନୀଳକଣ୍ଠ ଦାସଙ୍କୁ ଏକ ବ୍ୟକ୍ତି ବୋଲି ଅନ୍ୟ କୌଣସି ପ୍ରମାଣ ଉପଲବ୍ଧ ହେବାଯାଏ ଚିହ୍ନିତ କରିଦେବାରେ ଅସମୀଚୀନତା ପରିଲକ୍ଷିତ ହୁଏ ନାହିଁ ।

କଣ୍ଠଦାସଙ୍କ ସମୟ ସମ୍ବନ୍ଧରେ 'ନ'ପୋଇ' ଆଦି ଗ୍ରନ୍ଥରେ କୌଣସି ପ୍ରତ୍ୟକ୍ଷ ବା ଅପ୍ରତ୍ୟକ୍ଷ ପ୍ରମାଣ ଉପଲବ୍ଧ ହୁଏ ନାହିଁ । ତେଣୁ ଅନ୍ୟାନ୍ୟ ଗ୍ରନ୍ଥରୁ ମିଳୁଥିବା ପ୍ରମାଣ ବଳରେ ତାଙ୍କର ଆନୁମାନିକ ସମୟ ସମ୍ବନ୍ଧରେ ଗୋଟିଏ ଧାରଣା ଦିଆଯାଇପାରେ ।

---

* 'କୋଣାର୍କ' ପ୍ରଥମ ବର୍ଷ ୩ୟ ସଂଖ୍ୟାରେ ପ୍ରକାଶିତ 'ଓଡ଼ିଆ ଗଦ୍ୟ ସାହିତ୍ୟ' ଶୀର୍ଷକ ପ୍ରବନ୍ଧ ଦ୍ରଷ୍ଟବ୍ୟ ।

ପ୍ରସିଦ୍ଧ କୃଷ୍ଣକାବ୍ୟ 'ବ୍ରଜବିହାର'ର ରଚୟିତା ଦାଶରଥି ଦାସ ନିଜ ଗୁରୁଦେବଙ୍କ ନାମ 'କଣ୍ଠଦାସ ଗୋସାଇଁ' ବୋଲି ସ୍ୱରଚିତ ଗ୍ରନ୍ଥର ଦ୍ୱିତୀୟ, ଚତୁର୍ଥ ଓ ଷଷ୍ଠ 'ବୋଲି' ଉଲ୍ଲେଖ କରିଛନ୍ତି । *

'ଗୁରୁଦେବ କଣ୍ଠଦାସ ପଦେ ନମଇ'

× × ×

'କଣ୍ଠଦାସ ଗୋସାଇଁଙ୍କ ଚରଣ ଆଶ୍ରେ ।
ଦାଶରଥି ଦାସର ନତ ଶିରେ ହୃଦନ୍ତେ ॥'
'ଶ୍ରୀଗୁରୁ-କଣ୍ଠଦାସ ଚରଣ ପ୍ରସାଦୁ' । ଇତ୍ୟାଦି

ଦାଶରଥି ଦାସ ଖ୍ରୀ ଅ ୧୬୧୭।୧୮ରେ 'ବ୍ରଜବିହାର' ଗ୍ରନ୍ଥର ଲେଖା ଆରମ୍ଭ କଲାବର୍ଷରେ ନିଜର ଗୁରୁଦେବ କଣ୍ଠଦାସ ଗୋସାଇଁଙ୍କ ନାମୋଲ୍ଲେଖ କରିଛନ୍ତି । ଦାଶରଥି ଦାସଙ୍କ ଗୁରୁଦେବ କଣ୍ଠଦାସ ଓ 'କାଞ୍ଚୋଣି' ଆଦି ଗ୍ରନ୍ଥର ପ୍ରଣେତା କବି ନୀଳକଣ୍ଠ ଦାସ ବା କବି କଣ୍ଠଦାସ ଏକବ୍ୟକ୍ତି ଆପାତତଃ ଧାରଣା କରିହୁଏ ।

'ବ୍ରଜବିହାର'ର ରଚନା ସମୟକୁ ଦାଶରଥି ଦାସଙ୍କୁ ଅନ୍ୟୂନ ୩୦ ବର୍ଷ ବୟସ ହୋଇଥିଲେ, ସେତେବେଳକୁ ତାଙ୍କ ଗୁରୁଦେବ କଣ୍ଠଦାସଙ୍କୁ ଅନ୍ତତଃ ୫୦।୬୦ ବର୍ଷ ବୟସ ହୋଇଥିବ ଏବଂ ଅନେକ ଗ୍ରନ୍ଥର ପ୍ରଣେତା ରୂପେ ଖ୍ୟାତିଲାଭ କରିଥିବେ । ଅନ୍ୟଥା ତାଙ୍କ ଚରଣକୁ ଆଶ୍ରୟ କରି କେବଳ ସେତେବେଳେ ଦାଶରଥି ଦାସ 'ବ୍ରଜବିହାର' ଭଳି ଉତ୍କୃଷ୍ଟ ଗ୍ରନ୍ଥ ଲେଖିବାରେ ମନ ବଳାଇ ନଥାନ୍ତେ ! ତେଣୁ କୌଣସି ପ୍ରମାଣ ମିଳିବା ପର୍ଯ୍ୟନ୍ତ ନୀଳକଣ୍ଠ ଦାସ ବା କଣ୍ଠଦାସଙ୍କ ସମୟ ଖ୍ରୀ. ଅ. ୧୬୫୦ରୁ ଖ୍ରୀ. ଅ. ୧୭୨୦ ମଧ୍ୟରେ ହେବା ସମ୍ଭବ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।

---

* 'ନବଜୀବନ' ୨ୟ ବର୍ଷ ୧୦ମ ସଂଖ୍ୟାରେ ପ୍ରକାଶିତ 'ବ୍ରଜବିହାରର ରଚୟିତା ଦାଶରଥି ଦାସ' ଶୀର୍ଷକ ପ୍ରବନ୍ଧ ଓ ପରବର୍ତ୍ତୀ ପରିଚ୍ଛେଦରେ ଦାଶରଥି ଦାସ ଉପରେ ହୋଇଥିବା ଆଲୋଚନା ଦ୍ରଷ୍ଟବ୍ୟ ।

# ଖଲ୍ଲିକୋଟ ରାଜବଂଶର ଓଡ଼ିଆ ସାହିତ୍ୟକୁ ଦାନ

ପ୍ରାଚୀନ ଓଡ଼ିଆ ସାହିତ୍ୟର ସମୃଦ୍ଧି ଉଦ୍ଦେଶ୍ୟରେ ବଦାନ୍ୟ ରାଜା ମହାରାଜାଙ୍କ ଅତୁଳନୀୟ ଦାନ ଦେଶପକ୍ଷରେ ଅଶେଷ ଗୌରବର ବିଷୟ । ଆଜିକାଲି ଯେଉଁ ଅମୂଲ୍ୟ ଗ୍ରନ୍ଥରାଜିର ଆଲୋଚନା ଦ୍ୱାରା ଓଡ଼ିଆ ସାହିତ୍ୟ ଏକ ସମୃଦ୍ଧ ସାହିତ୍ୟ ରୂପେ ଦେଶ ବିଦେଶରେ ପରିଚିତ, ସେହି ଉନ୍ନତ ଗ୍ରନ୍ଥ ଗୁଡ଼ିକ ମଧ୍ୟରୁ ଅଧିକାଂଶ ପ୍ରାଚୀନ କାଳର ରାଜା ମହାରାଜାଙ୍କ ପୃଷ୍ଠପୋଷକତା ଲାଭ କରିଥିଲା । ପ୍ରାଚୀନ କାଳର ରାଜା ମହାରାଜାଙ୍କର ଏ ପ୍ରକାର ବଦାନ୍ୟତା ମୂଳରେ ଗୋଟିଏ ବିଶେଷ କାରଣ ଥିବାର ଅନୁସନ୍ଧାନରୁ ଜଣାଯାଏ । ଗୋଟିଏ ରାଜ୍ୟର ରାଜା, ଜଣେ ପ୍ରତିଭାଶାଳୀ ବିଦ୍ୱାନଙ୍କ ଦ୍ୱାରା ଖଣ୍ଡିଏ ଉନ୍ନତ ଗ୍ରନ୍ଥ ଲେଖାଇ ସ୍ୱବଂଶର କୀର୍ତ୍ତିଗାନ କରାଇଲା ପରେ ପଡ଼ୋଶୀ ରାଜ୍ୟର ରାଜା ମଧ୍ୟ ଅନୁରୂପ ଗ୍ରନ୍ଥ ଲେଖାଇ-ବାରେ ବ୍ୟଗ୍ରତା ପ୍ରକାଶ କରି ଅଧିକକ୍ଷମ କବିଙ୍କ ଦ୍ୱାରା ସ୍ୱଉଦ୍ଦେଶ୍ୟ ସାଧନରେ ତତ୍ପର ହେଲେ । ଏପରି ବଂଶାନୁକ୍ରମିକ ପରମ୍ପରା ଦ୍ୱାରା ଓଡ଼ିଶାର ପ୍ରତ୍ୟେକ ରାଜଦରବାରରେ କେତେଜଣ ବରିଷ୍ଠ ବିଦ୍ୱାନ୍ ସ୍ଥାନ ଅଳଂକୃତ କରି କେତେଖଣ୍ଡି ସରସ ଭାବଗର୍ଭକ ଗ୍ରନ୍ଥ ଲେଖିବାରେ ସମର୍ଥ ହେଲେ । ଓଡ଼ିଶାର ପୁରପଲ୍ଲୀରେ ଅନୁସନ୍ଧାନ କଲେ ଉପରୋକ୍ତ ଉକ୍ତିର ସତ୍ୟତା ସମ୍ବନ୍ଧରେ ସୁସ୍ପଷ୍ଟ ଧାରଣା କରିହୁଏ ।

ଓଡ଼ିଶାର ବହୁକ ରାଜବଂଶ ମଧ୍ୟରେ ଘୁମୁସରର ଧନଞ୍ଜୟ ଭଞ୍ଜ, ଉପେନ୍ଦ୍ର ଭଞ୍ଜ (କବିସମ୍ରାଟ୍), ଷଡ଼ିସୁରର ଘନ ଭଞ୍ଜ ଓ ଶିବସମ ଭଞ୍ଜ ଆଦି ରାଜାମାନେ ଓଡ଼ିଆ ସାହିତ୍ୟର ଗ୍ରନ୍ଥ ଭଣ୍ଡାରକୁ ପୌରାଣିକ ଓ ସାମାଜିକ କାବ୍ୟ ତଥା ଅଳଙ୍କାରବନ୍ଧ ବହୁ ଗ୍ରନ୍ଥ ଦାନ କରି ଓଡ଼ିଆ ଜାତିର ଚିର ନମସ୍ୟ ହୋଇଛନ୍ତି । ସେହିପରି ଟିକାଲୀ ରାଜବଂଶର ଯଦୁମଣି ରାଜେନ୍ଦ୍ର, କୃଷ୍ଣଚନ୍ଦ୍ର, ହରେନ୍ଦ୍ର, ଶଶୁଭର ରାଜେନ୍ଦ୍ରାଦି ରାଜକବିମାନଙ୍କର ଦାନ ମଧ୍ୟ ଅତୁଳନୀୟ । ଦକ୍ଷିଣ ଓଡ଼ିଶାର ଏ ଦୁଇଟି ରାଜବଂଶ ବ୍ୟତୀତ ପାରଳାଖେମୁଣ୍ଡି, ବଡ଼ଖେମୁଣ୍ଡି, ଆଠଗଡ଼ (ଗଞ୍ଜାମ) ଧରାକୋଟ, ଖଲ୍ଲିକୋଟ, ଭଇଲା ଓ କଳକତ୍ତର (ଶେଷୋକ୍ତ ରାଜ୍ୟ ଦୁଇଟି ବର୍ତ୍ତମାନ

ଆନ୍ଧ୍ର ପ୍ରଦେଶରେ) ଆଉ ରାଜବଂଶର ଓଡ଼ିଆ ସାହିତ୍ୟକୁ ଦାନ ମଧ୍ୟ କମ୍ ନୁହେଁ । ଏତଦ୍ ବ୍ୟତୀତ ସମସ୍ତ ଓଡ଼ିଶାର ଅନ୍ୟାନ୍ୟ ରାଜବଂଶର କବିମାନଙ୍କ ଦ୍ୱାରା ଓଡ଼ିଆ ସାହିତ୍ୟର ଉନ୍ନତି ବିଷୟରେ ଯେଉଁ ପ୍ରଗତି ହୋଇଛି ତାହା ଆଜି କାଲକୁ ସ୍ମରଣୀୟ ହୋଇ ରହିବ । ପ୍ରସ୍ତୁତ ଆଲୋଚନାରେ କେବଳ 'ଖଲ୍ଲିକୋଟ ରାଜବଂଶର ଓଡ଼ିଆ ସାହିତ୍ୟକୁ ଦାନ' ସମ୍ବନ୍ଧରେ କେତେକ ବିବରଣୀ ପ୍ରଦତ୍ତ ହୋଇଛି ।

ଖଲ୍ଲିକୋଟ ରାଜବଂଶର ରାଜାମାନଙ୍କ କାର୍ଯ୍ୟାବଳୀ ସମ୍ବନ୍ଧରେ ଆଲୋଚନା କରିବା ପୂର୍ବରୁ ଉକ୍ତ ବଂଶର ଉତ୍ପତ୍ତି ଓ ବିକାଶ ସମ୍ବନ୍ଧରେ ସମ୍ୟକ ବର୍ଣ୍ଣନା କରିବା ଆବଶ୍ୟକ ।

ଖଲ୍ଲିକୋଟ ରାଜବଂଶ ସମ୍ବନ୍ଧରେ Mr. A. Vadivelu; The District Manuals, Hunters's Gazetteer of India, ତଥା ଖଲ୍ଲିକୋଟ ରାଜବଂଶର କେତେକ ତଥ୍ୟାଦି ସଂଗ୍ରହ କରି ଜମିବଂଶର ପୁଙ୍ଖାନୁପୁଙ୍ଖ ଭାବରେ "The Aristocracy of Southern India" ନାମକ ଗ୍ରନ୍ଥରେ ଲିପିବଦ୍ଧ କରିଛନ୍ତି । ଖଲ୍ଲିକୋଟ ରାଜବଂଶର ଉତ୍ପତ୍ତି ସମ୍ବନ୍ଧରେ ଏ ଲେଖକ ଲେଖିଛନ୍ତି, କେତେକ ତଥ୍ୟ ପ୍ରକାଶ କରିଛନ୍ତି ।

"The first member of the family of whom anything is known is Maruva Harigopal, × × × But it is said that he belonged to the family of Rana of Marwar and that he was in the house of Mukunda Prasad, the brother of Rana. × × × He was intimated with them and became fascinated with the beauty of Ratnamani, the younger daughter of Mukunda Prasad, × × × Tradition says a big serpent emerged from the trunk of a huge banyan tree, swallowed him (Horigopal) and threw him up again. He lost consiousness for some time, and when he had regained it the serpent said that it was 'Sankanath' that under the orders of the Siva Mahadeva it had given birth, to

him that he was its sow .that his 'gotrom' there after so should be 'Nageswara' and that he could marry the younger daughter of Mukunda Prasad at Bateswar near puri in the Dekhan. The servent further added that the grand son of Harigopal would become the Rajah of Dekhan". *

ଉପରୋକ୍ତ ଉଦ୍ଧୃତାଂଶରୁ ଜଣାଯାଏ, ମଞ୍ଜୁଷ ହରିଗୋପାଳ ରାଜପୁତନାରୁ ଆସି ପୁରୀ ନିକଟସ୍ଥ ବଟେଶ୍ୱର ନିକଟରେ ସ୍ଥିତ ରାଣାବଂଶର କନ୍ୟା ଲକ୍ଷ୍ମୀମଣିଙ୍କୁ ବିବାହ କରିଥିଲେ ଏବଂ ତାଙ୍କର ପୌତ୍ର ମଞ୍ଜୁଷ କାଳୀପ୍ରସାଦ ଖଣ୍ଡିକୋଟ ରାଜ୍ୟର ସଂସ୍ଥାପକ ରୂପେ ଖ୍ୟାତ ।

ଏହି ବଂଶର ରାଜାମାନଙ୍କ ମଧ୍ୟରେ କେତେଜଣ ରାଜା ଓ ରାଜକୁମାର, ସ୍ୱରଚିତ ବଳରେ ହେଉ ବା ପଣ୍ଡିତଙ୍କ ସାହାଯ୍ୟରେ ହେଉ, ଓଡ଼ିଆ ସାହିତ୍ୟ-ଭଣ୍ଡାରକୁ କେତେଗୁଡ଼ିଏ ଉପାଦେୟ ଗ୍ରନ୍ଥ ଦାନକରି ଅମର ହୋଇଛନ୍ତି । ସର୍ବପ୍ରଥମେ ଉକ୍ତ ଗ୍ରନ୍ଥକାର (ରାଜକବି) ଓ ତାଙ୍କ ରଚନା ସମ୍ବନ୍ଧରେ ଆଲୋଚନା କରାଗଲା ।

## ରାଜସିଂହ ମର୍ଦ୍ଦରାଜ :—

ଆଲୋଚନାରୁ ଜଣାଯାଏ ଯେ ରାଜସିଂହ ମର୍ଦ୍ଦରାଜ ବାଳୁକେଶ୍ୱର ମର୍ଦ୍ଦରାଜଙ୍କ ପୌତ୍ର ଓ ଜଗନ୍ନାଥ ମର୍ଦ୍ଦରାଜ (୧ମ)ଙ୍କ ପୁତ୍ର ତଥା ଖଣ୍ଡିକୋଟ ରାଜବଂଶର ପଞ୍ଚମ ରାଜା ଅଟନ୍ତି । ତାଙ୍କ ନାମରେ ରଚିତ 'ସୁଧାକନ୍ୟାଷ୍ଟମୀବ୍ରତ' ନାମରେ ଖଣ୍ଡିଏ କ୍ଷୁଦ୍ର ରଚନା ଦେଖିବାକୁ ମିଳେ । ଗ୍ରନ୍ଥଟିର ମୋଟ ଛନ୍ଦ ସଂଖ୍ୟା ଏକଶହ ଆଠ । କବି ମର୍ଦ୍ଦରାଜ 'ବ୍ରହ୍ମପୁରାଣ'ରୁ କଥାବସ୍ତୁ ସଂଗ୍ରହ କରି ବ୍ରତଟି ରଚନା କରିଥିବାର ପ୍ରମାଣ ଉକ୍ତ ପୁସ୍ତକରୁ ମିଳେ ।

"ବ୍ରହ୍ମ ପୁରାଣରେ ଉକ୍ତ ଧରଣୀ
ଶେଷଙ୍କୁ ପୁଛନ୍ତି ଶୁଣ କରଣୀ ।।

---

* The Aristocracy of South. India by Vadivelu Published in 1905. Page—51

ସେହୁ ଦେବ ସର୍ବଙ୍କ ସର୍ବ ସ୍ୱଜନ
ଭୁବନମ୍ ସୁଧା କଥା ପାବନ ।
ଜନ୍ମାବଧି କର୍ଣ୍ଣ କେଉଁ ଛିଦ୍ରରେ
ତୃପ୍ତ କରା ସୁଧା ଦିଅ ସେଥିରେ ।।"

ଗ୍ରନ୍ଥକାର ଭଜନର ଖଣ୍ଡିଏ କ୍ଷୁଦ୍ର ପୁସ୍ତିକା ରଚନା କରିଅଛନ୍ତି ସେହି ତାଙ୍କ ବର୍ଣ୍ଣନାରେ ଶ୍ରୀରାଧାଙ୍କ ବର୍ଣ୍ଣନା ସୁନ୍ଦର ରୂପେ ଫୁଟି ଉଠିଛି । କବି ଗ୍ରନ୍ଥର ଅଧିକାଂଶ ପଦରେ ଅନ୍ତ୍ୟାନୁପ୍ରାସ ସଂଯୋଗ କରି ନିଜ କବି-ପ୍ରତିଭାର ପରିଚୟ ଦେଇଅଛନ୍ତି ।

"ସେ ମହାଭାବ ସ୍ୱରୂପ ରାଧିକା ।
ସର୍ବ ରୂପରୁ କୃଷ୍ଣର ଅଧିକା ।।
କୋଟି ରତି ରମା ହାର ବଲ୍ଲଭ ।
ଜିଣି ଶୋଭନା ତ୍ରୈଲୋକ୍ୟ ଦୁର୍ଲ୍ଲଭ ।।
ଗୋପବାଳା ସେବୁଥାନ୍ତି ପାଶରେ ।
କୃଷ୍ଣ ମୋହିନୀ ସେ ରାସ ରସରେ ।।
ଅକଳଙ୍କ ପୂର୍ଣ୍ଣଚନ୍ଦ୍ର ଲପନା ।
ଆଲୋକନେ ଶ୍ୟାମା ମଦନୋପମା ।।
ତପ୍ତହେମ ପ୍ରଭ ନୀଳକୁନ୍ତଳା ।
ବକ୍ଷମଣ୍ଡୀ ସ୍ଥୂଳ-ପୂର୍ଣ୍ଣ-କୁମ୍ଭକା ।।
ଶରଦ ଚନ୍ଦ୍ରମୁଖୀ ବିଚକ୍ଷଣା ।
ନୃତ୍ୟ ତା ଚକୋରୀ ଚଞ୍ଚଳେକ୍ଷଣା ।।
ସ୍ଥୂଳ ନିତମ୍ବେ ମୁକ୍ତାମାଳିକା ।
ଭୂଷିତା ନାନା ଭୂଷଣ ଜାଳିକା ।।
ସର୍ବଲାବଣ୍ୟ ମୂରଧାରିଣୀ ଆଦରି ।
କୃଷ୍ଣଙ୍କୁ ସର୍ବାବସ୍ଥ ସୁନ୍ଦରୀ ।।
କୃଷ୍ଣ ପାଶ ସ୍ଥିତା ନିତ୍ୟାନୁଗ୍ରହା ।
ବିଶେଷେ କୃଷ୍ଣ ପ୍ରେମୈକ ବିଗ୍ରହା ।।"

ପ୍ରାଚୀନକାଳର ଅନ୍ୟାନ୍ୟ କବି ଓ ଲେଖକମାନଙ୍କ ପରି କବି ରାଜସିଂହ ମଧ୍ୟ 'ରାଧାଜନ୍ମାଷ୍ଟମୀବ୍ରତ'ରେ ନିଜର ବଂଶ ପରିଚୟ ଓ ସମୟର ଉଲ୍ଲେଖ କରିଛନ୍ତି ।

"ବାଲୁକେଶ୍ୱର ମର୍ଦ୍ଦରାଜ ଦେବ ।
ସ୍ଥାପିତ ମନୋହର କୃଷ୍ଣ ଦେବ ॥
ନର୍ମଳ ଝରେ ସେ ପ୍ରଭୁ ପାଶରେ ।
ତାଙ୍କ ନାତି ରାଜସିଂହ ଦାସରେ ॥
× × ×
ଶକାବ୍ଦ ଷୋଳଶ ଛଅଷଠି ଏ ।
କାର୍ତ୍ତିକମାସ ଶୁକ୍ଳ ଚତୁର୍ଥୀରେ ॥"

ଉପରୋକ୍ତ ଉଦ୍ଧୃତାଂଶରୁ ଜଣାଯାଏ ଯେ ଗ୍ରନ୍ଥକାରଙ୍କ ପିତାମହ ବାଲୁକେଶ୍ୱର ମର୍ଦ୍ଦରାଜ ନର୍ମଳଝରର ନିକଟରେ ଏକ ମନୋରମ କୃଷ୍ଣ ବିଗ୍ରହ ପ୍ରତିଷ୍ଠା କରାଇଥିଲେ ଏବଂ ସେ ଶକାବ୍ଦ ୧୬୬୬ କାର୍ତ୍ତିକ ଶୁକ୍ଳ ଚତୁର୍ଥୀ ତିଥିରେ ଅର୍ଥାତ୍ ଖ୍ରୀ.ଅ. ୧୭୪୪ ନଭେମ୍ବର ୨୭ ତାରିଖ ମଙ୍ଗଳବାର * ଏକ ରାଧାଜନ୍ମାଷ୍ଟମୀ ବ୍ରତ ରଚନା ସମାପ୍ତ କରିଥିଲେ ।

**ଅନିରୁଦ୍ଧ ଛୋଟରାୟ —**

ପୂର୍ବୋକ୍ତ ରାଜସିଂହଙ୍କ ପ୍ରପୌତ୍ର (great grand son) ତଥା ମଦନ ଗୋପାଳ ଛୋଟରାୟଙ୍କ ପୁତ୍ର ଅନିରୁଦ୍ଧ ଛୋଟରାୟ 'କୃଷ୍ଣ-ଜନ୍ମାଷ୍ଟମୀ ବ୍ରତ' ନାମରେ ଖଣ୍ଡିଏ କ୍ଷୁଦ୍ର ଗ୍ରନ୍ଥ ରଚନା କରିଥିଲେ । ଗ୍ରନ୍ଥଟି ମାତ୍ର ୨୪ (ଚୌବିଶ) ପଦରେ ସମାପ୍ତ ହୋଇଛି । ଅନିରୁଦ୍ଧ ଛୋଟରାୟଙ୍କ ଗ୍ରନ୍ଥ ସମାପ୍ତିର ସମୟ ହେଉଛି ଶକାବ୍ଦ ୧୬୭୦ ବା ଖ୍ରୀ.ଅ. ୧୭୪୮ ଶ୍ରାବଣ ।

"ଶକାବ୍ଦ ଷୋଳଶ ସତୁରି ଶ୍ରାବଣରେ ।
ଏ ଗୀତ ସମ୍ପୂର୍ଣ୍ଣ ଭକ୍ତ ବିଷ୍ଣୁ ପ୍ରୀତରେ ॥
ସତୁରି ପଦ ସଂଯୁକ୍ତ ଦେବ ଚରଣରେ ।
ନିବେଦେ ପ୍ରଣତ ସ୍ୱେ ଗୋବିନ୍ଦ ଗୁଣରେ ॥"

ଇତି ଶ୍ରୀ ବୃହଦ୍ବିଷ୍ଣୁ ପୁରାଣେ ଜନ୍ମାଷ୍ଟମୀ କଥା ସମ୍ପୂର୍ଣ୍ଣ ।

---

* Indian Ephemeries Vol. VI, Page—291

ଗ୍ରନ୍ଥକାର ବୃତ୍ତକଥାର ଶେଷରେ ନିଜର ପ୍ରପିତାମହ (great grand father)ଙ୍କ ଠାରୁ ଆରମ୍ଭ କରି ସ୍ୱବଂଶ ପରିଚୟ ନିମ୍ନଲିଖିତ ପ୍ରକାର ଲେଖିଛନ୍ତି ।

"ଖଲ୍ଲିକୋଟ ଦାରୁବ୍ରହ୍ମ ଚୈତନ୍ୟ ରୂପରେ ।
ବିଜେ କରିଛନ୍ତି ପ୍ରଭୁ ତାଙ୍କ ମଣ୍ଡପରେ ॥
ଜଗନ୍ନାଥ ମର୍ଦ୍ଦରାଜ ଦେବ ନୃପବର ।
ଜ୍ୟେଷ୍ଠସୁତ ରାଜସିଂହ ସେ ଭ୍ରମରବର ॥
ଜାତ ମଦନ ଗୋପାଳ ଛୋଟରାୟଙ୍କର ।
ସୁତ ଅନିରୁଦ୍ଧ ଦାସ ଦେଶ ସୁଖକର ॥
ବୃତ୍ତି ପୁରୁଷ ଅଛନ୍ତି ସେ ପ୍ରଭୁ ସେବାରେ ।
ରଚିଲେ ଭ୍ରମରବର କୃଷ୍ଣ ପଦିବାରେ ॥"

ଉପରୋକ୍ତ ଉଦ୍ଧୃତାଂଶରୁ ଜଣାଯାଏ ଯେ ଜଗନ୍ନାଥ ମର୍ଦ୍ଦରାଜ (୧ମ)ଙ୍କ ପୁତ୍ର ରାଜସିଂହ ଏବଂ ରାଜସିଂହଙ୍କ ପୁତ୍ର ମଦନଗୋପାଳ ଛୋଟ-ରାୟ ଥିଲେ । ତାଙ୍କ ପୁତ୍ର ଅନିରୁଦ୍ଧ ଛୋଟରାୟ କୃଷ୍ଣଜନ୍ମାଷ୍ଟମୀ ନାମକ ଖଣ୍ଡିଏ କ୍ଷୁଦ୍ର ବୃତ୍ତକଥା ଲେଖିଥିଲେ । ମଦନଗୋପାଳଙ୍କର ଛୋଟରାୟ ପଦବୀରୁ ଜଣାଯାଏ ଯେ ସେ ରାଜସିଂହାସନ ଅଳଂକୃତ କରି ନଥିଲେ କିନ୍ତୁ Mr. A. Vadivelu ଙ୍କ ପ୍ରଣୀତ Aristocracy of Southern India" ନାମକ ପୁସ୍ତକରୁ ଜଣାଯାଏ ଯେ ରାଜସିଂହଙ୍କ ପରେ ମଦନ ଗୋପାଳ ରାଜସିଂହାସନ ଅଳଂକୃତ କରିଥିଲେ । କିନ୍ତୁ ବନନାଥ ମର୍ଦ୍ଦରାଜଙ୍କ ଦ୍ୱାରା ରଚିତ 'ଲବଣ୍ୟନିଧି' ଓ ଜଗନ୍ନାଥ ମର୍ଦ୍ଦରାଜ (୨ୟ)ଙ୍କ ରଚିତ 'ବୈଶାଖ ମାହାତ୍ମ୍ୟ'ର ରାଜବଂଶ ଇତିହାସ ପ୍ରକରଣରେ ମଦନ-ଗୋପାଳଙ୍କ ନାମ ଉଲ୍ଲେଖ କରାଯାଇ ନ ଥିବାରୁ ଏ ସମ୍ବନ୍ଧରେ ସନ୍ଦେହ ସ୍ୱତଃ ଉଠିଥାଏ ମାତ୍ର ଖଲ୍ଲିକୋଟ ରାଜବଂଶର ଇତିହାସ ସମ୍ବନ୍ଧରେ ବିଶେଷଜ୍ଞ ଖଲ୍ଲିକୋଟର ପ୍ରସିଦ୍ଧ ଜ୍ୟୋତିଷ ବିଶାରଦ ପଣ୍ଡିତ ଶ୍ରୀ ବାଇଦାନ ମହାପାତ୍ରଙ୍କ ଠାରୁ ଜଣାଯାଏ ଯେ ମଦନଗୋପାଳ ଅଳ୍ପ ଦେଢ଼ଦିନ ଲାଗି ରାଜସିଂହାସନ ଆରୋହଣ କରିଥିଲେ ଏବଂ ତାଙ୍କ ପରେ ବନନାଥ ମର୍ଦ୍ଦରାଜ ଖଲ୍ଲିକୋଟ ରାଜସିଂହାସନର ଉତ୍ତରାଧିକାରୀରୂପେ ନିର୍ବାଚିତ ହୋଇଥିଲେ ।

## ନୀଳନାକ୍ଷ ମର୍ଦ୍ଦରାଜ :—

ମଦନଗୋପାଳ ଚୌଷ୍ଟରାୟଙ୍କ ଅନ୍ତେ ନୀଳନାକ୍ଷ ମର୍ଦ୍ଦରାଜ ଖଲ୍ଲିକୋଟ ରାଜସିଂହାସନ ଆରୋହଣ କରିବା ପରଠାରୁ ସର୍ବଦା କାବ୍ୟ ରଚନାର ଆଲୋଚନାରେ ମନ ବଳାଇଥିଲେ । ତାଙ୍କ ଦ୍ୱାରା ରଚିତ 'ଲାବଣ୍ୟନିଧି' ନାମକ ଖଣ୍ଡିଏ ଗ୍ରନ୍ଥ ଦେଖିବାକୁ ମିଳେ । ଗ୍ରନ୍ଥଟି ସୂଳଶଟି ଛାନ୍ଦରେ ସଂପୂର୍ଣ୍ଣ ହୋଇଛି । ରସନିଧି ନାମକ ଏକ ସ୍ୱର୍ଗ ଅପ୍ସରା ଇନ୍ଦ୍ରଙ୍କ ଆଦେଶକୁ ଅବଜ୍ଞା କରି ଜୟସେନ ଗନ୍ଧର୍ବ ପ୍ରେମରସରେ ଭୋଳ ହୁଅନ୍ତି, ଇନ୍ଦ୍ରଙ୍କ ଅଭିଶାପରେ ଅପ୍ସରା ମର୍ତ୍ତ୍ୟପୁରର ସିନ୍ଧୁନଗର ରାଣୀ ପ୍ରେମାବତୀଙ୍କ କୋଳରେ ଲାବଣ୍ୟନିଧି ନାମରେ ଜନ୍ମଗ୍ରହଣ କରି, ବଙ୍ଗଦେଶର ରାଜକୁମାର ସୁଧାକରଙ୍କ ସହିତ ସଂସାର ଭୋଗ କରିବା ବିଷୟ 'ଲାବଣ୍ୟନିଧି' କାବ୍ୟର ବିଷୟବସ୍ତୁ । ଗ୍ରନ୍ଥଟି 'ମଙ୍ଗଳ ଗୁର୍ଜ୍ଜରୀ', 'ଶଙ୍କରାଭରଣ', 'ବଙ୍ଗଳାଶ୍ରୀ', 'କଳସା', 'ରସକୋଇଲି', 'କଲ୍ୟାଣ ଆହାରୀ', 'ପଞ୍ଚମ ମଞ୍ଜରୀ', 'ଚକ୍ର-କେଳି', 'ନଳିନୀଗୌଡ଼ା', 'ଆଷାଢ଼ଶୁକ୍ଳ', 'ବେଷୀ', 'କଳହଂସ କେଦାର' ଆଦି ଅନେକ ରାଗ ରାଗିଣୀରେ ପରିପୂର୍ଣ୍ଣ ହୋଇଛି । ଲାବଣ୍ୟନିଧିର ଜନ୍ମ ବୃତ୍ତାନ୍ତ ଇନ୍ଦ୍ରଜାଲିକ ବୃତ୍ତାନ୍ତ ଓ ନାୟକର ସ୍ୱପ୍ନ ଦର୍ଶନ ବୃତ୍ତାନ୍ତ ଆଦି ବର୍ଣ୍ଣନାରୁ ଜଣାପଡ଼େ ଯେ କବି ପୂର୍ଣ୍ଣଭାବରେ ବସ୍ତୁ ଦାସଙ୍କ 'ଲୀଳାବତୀ' ଓ ଉପେନ୍ଦ୍ର ଭଞ୍ଜଙ୍କ 'ଲାବଣ୍ୟବତୀ' ଅନୁକରଣରେ 'ଲାବଣ୍ୟନିଧି' କାବ୍ୟଟି ଲେଖିଛନ୍ତି । ଉଦାହରଣ ସ୍ୱରୂପ ଲୀଳାବତୀ, ଲାବଣ୍ୟବତୀ ଓ ଲାବଣ୍ୟନିଧିର ଇନ୍ଦ୍ରଜାଲିକ ବୃତ୍ତାନ୍ତରୁ କିଛିଅଂଶ ଏଠାରେ ପ୍ରଦତ୍ତ ହେଲା ।

"ନଟ ମୁଖଁ ଶୁଣି ନଟୀ ଉପରେ ହସିଲା,
ଆଉ କଥାନ୍ତରକୁ ସେ ଚରିତ ରଚିଲା ।
ରୋମପାଦ ଋଷିଙ୍କ ତହୁଁ ଦଶରଥ,
ଯଜ୍ଞ ପୁରୁଷ ବାହାର ଚରୁସ୍ଥାଳୀ ଧରୁ ।
ସାତଶ ଷୋଡଶ ରାଣୀ ଆଣି ଭୁଞ୍ଜ କଲା,
ଦଶରଥ ହାତରେ ଚାରୁସ ଦେଇ ଦେଲା ।
ରଘୁନାଥ, ଭରତ, ଲକ୍ଷ୍ମଣ, ଶତ୍ରୁଘନ,
ଚାରି କୁମାର ଜନମ ହୋଇଲା ମାନ ।

ବିଶ୍ୱାମିତ୍ର ଯଜ୍ଞରକ୍ଷା ତାଡ଼କା ମାରଣ,
ବାହୁ ସୁବାହୁ ନିଧନ ଅହଲ୍ୟା ତାରଣ ।
ଧନୁଭଙ୍ଗ ସୀତା ଧୃତ ଭଗ୍ନ ଗର୍ବ ଦର୍ପ,
ନାଗାଶିବା ବାଜନ୍ତ ଚର୍ଣ୍ଣ ରାମର ଦୃଶ୍ୟ ।
ଯୁବରାଜ ସମସ୍ତେ ବନକୁ ଯିବା ଦେଖି,
ସନ୍ତାପିତ ଶୋକେ ଲୁହେ ଭସାଇଲେ ଆଖି ।
ବର୍ଣ୍ଣି ନ ଗମନ ଦଶରଥର ନିଧନ,
ଭରତ ରାମକୁ ଆଣି ଯିବାର ବିଧାନ ।
ଚିତ୍ରକୂଟ ବାଟ ପଞ୍ଚବଟୀ ବନବାସ,
ଖର ଦୂଷଣ ତ୍ରିଶିରଙ୍କର ପ୍ରାଣ ନାଶ ।
ଚନ୍ଦ୍ରହାସ ସୂର୍ପଣଖା ନାସିକା ଛେଦନ,
କ୍ରମେ ବାଳୀ ନାଶ କରି ସମୁଦ୍ର ତରଣ ।
ମହାଯୁଦ୍ଧ ସଙ୍କୁଳ ସୁବେଳ ଚଳେ ରହି,
ନାଗପାଶ ବନ୍ଧ ଇନ୍ଦ୍ରଜିତ ଛେଦ କରି ।
ଲକ୍ଷ୍ମଣ ଶକ୍ତିର ଶରର ପ୍ରଭାବ ଦେଖିଲେ,
ହାହାକାର ହୋଇ ସବୁ ଯୋଦ୍ଧେ ବୁଝିଲେ ।
ଲଲାଟେ ବଜ୍ର ମାରିଲେ ମୂର୍ଚ୍ଛା ହେଇ ପଡ଼ିଲେ,
ହନୁମାନ ମହୌଷଧକୁ ଆଣିବା ଦେଖିଲେ ।
ରାବଣ ନାଶନ ରାମ ରାଜ୍ୟ ଅଭିଷେକ,
ଦେଖି ସମସ୍ତେ ଲଭିଲେ ଆନନ୍ଦ ଅନେକ ।
(ଗୁଳାବୀଣ ନନ୍ଦନ ଗ୍ରନ୍ଥ ୫୩—୬୪ ପଦ)

ଏଣୁକାଳେ ମାଳିନୀ ବୋଇଲ ନେଷ କୁଜ,
ନେଷ ବୁଝନ୍ତେ ଚଳିଲେ ସେ ମନ୍ତ୍ରୀ ସମାଜ ।
ରୁଦ୍ର ରୋମୋଦ୍‌ଗମ ଜନେ ଲୋମଶାଦ ବୋଲେ,
ଜନତା ଉତାରେ ଋଷ୍ୟଶୃଙ୍ଗ ଆସି ହେଲେ ।

× × ×

ଅଭିରାମ ଶ୍ରୀରାମ ସୁଲକ୍ଷଣ ଭରତ,
ଦଳଶ୍ରୀ ଲକ୍ଷ୍ମଣ ଶତ୍ରୁଘ୍ନ ହେଲେ ଜାତ ।

× × ×

ସୁବାହୁ ସୁବାହୁ ଭଲେ ମାରି ମାରୀଚକୁ,
ଆକାଶରେ ଶଳର ଉଦ୍ଧାରିଲେ ସେ ସଶକୁ ।
ପଥରେ ପଥରେ ଦାସୀ କରି କଲେ ମୋଦ,
ଦାସ ବନ୍ଧନ ଦାସରେ ଧୁଆଇଲେ ପାଦ ।

× × ×

ବିଶ୍ୱସ୍ତେ ବିଶ୍ୱସ୍ତେ ବଧ ବିଳୁରିଲେ,
ଅମକାଳେ ବସ୍ତୁ ସୁନ୍ଦଣରକୁ ପାଇଲେ ।

× × ×

ହେମ ସାଉଙ୍କ ରଙ୍ଗରେ ଲଙ୍କା ଦାଣ୍ଡଧାସ୍ତ,
ସୀତା ସୀତାଂଶୁ ମୁଖୀକ ହରିକଲୁ ହରି ।

× × ×

ମିତ୍ରବଂଶୀ ମିତ୍ର କରି ମିତ୍ର ପୁତ୍ର ସଙ୍ଗେ,
ଦେଖି ଶାଳ ଦୁନ୍ଦୁଭି ଅସ୍ଥି କି ଲୁଡେ ରଙ୍ଗେ ।

× × ×

ଅସ୍ଥିବଶୀ ତଶ୍ୱସଣେ ଅଭ୍ରଦେଦକ କରି,
ବଇଦେହୀ ଦଣ୍ଡ ଅନଳରେ ହୋମ ସରି ।
ପୁଷ୍ପକରେ ପୁଷ୍ପରେ ସବଳେ କଲେ ଭନ୍ତ,
ଯୋଦ୍ଧାବର ଅଯୋଧ୍ୟାରେ ହୋଇଲେ ନୃପତି ।

( ଲବଣ୍ୟବର୍ଣ୍ଣ ପଞ୍ଚଦଶ ଛନ୍ଦ )

ଶୁଣି ନନ୍ଦ ଆନନ୍ଦିଲ ମାୟାଙ୍କୁ ସତ୍ତରେ,
ସବୁ ଲେଖୁଂ ଦଶିଲ ଏ ଏମନ୍ତ ପ୍ରକାରେ ।

× × ×

ସଦା ରାମ ସଦା ରାମାନୁଜ ରୂପ ଧରି,
ସଲକ୍ଷଣୀ ସଲକ୍ଷଣ ହୋଇ ଅବତରି ସେ ।
କୁଶଳରେ କୁଶଳରେ ଦଶରଥ ଘରେ,
ଜନକଙ୍କୁ ଜନକ କୁଟୀରେ ଶ୍ରାଦ୍ଧ କରେ ।
ଧନକର ଧନକର କୁଳ ଶିରୋମଣି,
ତାହାଙ୍କ ତାହା ତଙ୍କୁଟକୁ ମନେ ଗୁଣି ।

ମାୟାଙ୍କ ସେ ମାୟାବିଶେଷେ ଯା ଆରମ୍ଭିଲେ,
ବିଶ୍ୱାମିତ୍ର ବିଶ୍ୱାମିତ୍ରଙ୍କ ନାଟକୁ କଲେ ସେ ।
ସେ ସଙ୍ଗରେ ସେ ସଙ୍ଗରେ ଜଣିମାରୁ ପାଖ,
ଅସ୍ତ୍ର-ରଙ୍କ ଅସୁରଙ୍କ ମନ୍ତ୍ର କଲେ ଶିକ୍ଷା ସେ ।
ତାଡ଼କାକୁ ତା ଭଳାକୁ ଖୁଣି ନାଶ କଲେ,
ଜାଗରତେ ଯାଗର ତେଜକୁ ପ୍ରକାଶିଲେ ସେ ।
ସୁବାହୁର ସୁବାହୁର ବଳେ ପ୍ରାଣ ନେଲେ,
ସେ ତପ-ଗତେ ପଥର ନାରୀ ତାରିଗଲେ ସେ ।

× × ×

ଏତେ ଶୁଳ ମାୟାରେ ସେ କୁମରକୁ ଆଣି,
ଭଗ୍ନ କରିବାରେ ସେ ଜଣାଏ ଏଣ୍ଟି ବାଣୀ ।
ଆହେ ପ୍ରଭୁ ଯନଜନ ଚିତ୍ତ ରଞ୍ଜନ୍ତ,
ଗଜଭ୍ରମେ ଦଣ୍ଡ କଲ୍ ଭଗ୍ନ ସୁବଶ ।
ଭାବଧୀର-ମୁଖୀ ତାରୁକୁ ପତ୍ନୀ କେ ଦେଲ,
ବିଭୀଷଣେ ମନୋଦଶ୍ୱ ସମର୍ପଣ ଭଲ ସେ ।
ମତେ ଏବେ ମହାପ୍ରଭୁ ହୁଅ ପରସନ,
ଦିଆଅ ଲବଣ୍ୟନିଧି ମୁଖ ଦରଶନ ହେ ।
କୁମର ଜଣାଇମାର ଶୁଣିଣ୍ଟି ହୃଦେଶୀ,
ଏଣ୍ଟି ସମୟରେ ଶୁନ ଅମ୍ଭୁ ବାଣୀ ଶୁଷି ସେ, ଇତ୍ୟାଦି ।
(ଲବଣ୍ୟନିଧି ଇନ୍ଦ୍ରଜାଲିକ ପ୍ରକରଣ)

କବି ନନ୍ଦନାଥ ମର୍ଦ୍ଦରାଜ ଗ୍ରନ୍ଥ ଶେଷରେ ନିଜର ବଂଶ ପରିଚୟ ଓ ଗ୍ରନ୍ଥ ରଚନା ସମୟ ଉଲ୍ଲେଖ କରି ଆଲୋଚକମାନଙ୍କ ସନ୍ଦେହ ମୋଚନ କରିଛନ୍ତି ।

"ବାଲୁକେଶ ମର୍ଦ୍ଦରାଜ ରାଜ ଶ୍ରୀ ଚନ୍ଦ୍ର ହେ
ପ୍ରତ୍ୟହାଗ ଗଚ୍ଛ ମାଗ ଖ୍ୟାତ ମର୍ତ୍ତ୍ୟ ଇନ୍ଦ୍ର ହେ ।
କୀର୍ତ୍ତି ନର୍ତ୍ତକୀ ନବର୍ଣ୍ଣୀ ମାନହାନେ ସାନ୍ଦ୍ର ହେ,
ତାଙ୍କ ସୁନୁ ନାମ ନନ୍ଦନାଥ ସାନ୍ଦ୍ର ହେ ।

× × ×

ବନ୍ଧୁଂ ଶୀଘ୍ରକୁ ଅଧୀଶ ପ୍ରାପ୍ତେ ଜନ୍ମ ହେ,
ରଘୁସିଂହ ନାମ କାମ ରୂପ ଧୈର୍ଯ୍ୟଧାମ ହେ ।

× × ×

ଯେଷ୍ଠ ରୂପ ଅମୃତରୂପ ସୁଶ୍ୟବର୍ମ୍ମ ଶାନ୍ତ ହେ,
ଖଲ୍ଲିକୋଟ ଭୂମି କାମିନୀର କାନ୍ତ ଶାନ୍ତ ହେ ।
ନାମ ନଳନାକ୍ଷ କଳକାଳ କଳ୍ପବୃକ୍ଷ ହେ,
ତତ୍ର ପ୍ରଜାଜାଳ ପାଳନାରେ ଅତି ଦକ୍ଷ ହେ ।
ନାନା ଅଭିଧାନ କାବ୍ୟ ପ୍ରକଟ ପ୍ରବନ୍ଧ ହେ,
ଶୃଙ୍ଗାରଦା ରୌଦ୍ର ରସେ ପୁଣି ଏ ନିବନ୍ଧ ହେ ।
ଛନ୍ଦ ଶ୍ଳେଷ ଶୃଙ୍ଗାରାଦି ଅକ୍ଷରାନୁପ୍ରାସ ହେ,
ଦ୍ଵି ସହସ୍ର ବର ସଂଖ୍ୟ ପଦେ ଗୀତ ଶେଷ ହେ ।
ସେବ ସାରଦାର ପାଦ ସାରଦାର ବନ୍ଧ ହେ,
ନୃପ ନଳନାକ୍ଷ କହେ ଏ ଲବଣ ଗ୍ରନ୍ଥ ହେ ।
ରନ୍ଧ୍ର ଅଙ୍କ ରସ ରୂପ ଶକ ଅବ ପୂର୍ଣ୍ଣ ହେ,
ହୁଏ ଏଥୁ ଗୀତ ଦଶ କର୍ଣ୍ଣ ଲକ୍ଷ ବର୍ଣ୍ଣ ହେ ।

ଉପରୋକ୍ତ ଉଦ୍ଧୃତାଂଶରୁ ଜଣାପଡ଼େ ଯେ ବାଲୁକେଶ ମର୍ଦ୍ଦରାଜଙ୍କ ପୌତ୍ର ରଘୁସିଂହ ମର୍ଦ୍ଦରାଜଙ୍କ ପୁତ୍ର ନଳନାକ୍ଷ ମର୍ଦ୍ଦରାଜ ୧୬୯୯ ଶକାବ୍ଦ ଅର୍ଥାତ୍ ଖ୍ରୀ: ଅ: ୧୭୭୭ରେ ଲବଣ୍ୟନିଧି କାବ୍ୟଟିକୁ ସମାପ୍ତ କରି ଓଡ଼ିଆ ସାହିତ୍ୟର ଜ୍ଞାନ ଭଣ୍ଡାରକୁ ଏକ ଅମୂଲ୍ୟ ଗ୍ରନ୍ଥ ଦାନ କରିଥିଲେ ।

## ଜଗନ୍ନାଥ ମର୍ଦ୍ଦରାଜ—

ଖଲ୍ଲିକୋଟ ରାଜବଂଶର ଉନତ୍ରିଂଶତମ (30th) ରାଜା ଜଗନ୍ନାଥ ମର୍ଦ୍ଦରାଜ (୨ୟ)ଙ୍କ ନାମରେ ଭଣିତା ହୋଇଥିବା 'ବୈଶାଖ ମାହାତ୍ମ୍ୟ' ନାମକ ଖଣ୍ଡିଏ ଗ୍ରନ୍ଥ ମିଳେ । କବି ଜଗନ୍ନାଥ ମର୍ଦ୍ଦରାଜ ଲୋକମାନଙ୍କର ମଙ୍ଗଳ ଉଦ୍ଦେଶ୍ୟରେ ସ୍କନ୍ଦ ପୁରାଣ ଅନ୍ତର୍ଗତ ବୈଶାଖ ମାହାତ୍ମ୍ୟକୁ ଓଡ଼ିଆ ଭାଷାରେ ଅନୁବାଦ କରିଛନ୍ତି ବୋଲି ଗ୍ରନ୍ଥର ପ୍ରଥମ

ଅଧ୍ୟାୟରେ ଲେଖିଛନ୍ତି ଏବଂ ପ୍ରତ୍ୟେକ ଅଧ୍ୟାୟ ଶେଷରେ ନିଜ ନାମର ଭଣିତା କରିଛନ୍ତି ।

"ପ୍ରାଣୀଙ୍କ ହିତରେ ଆପଣ,
ସଂସ୍କୃତ ବୈଶାଖ ପୁରାଣ ।
ଗୀତ କରିବାକୁ ଆପଣ,
ସାଧୁଙ୍କୁ ଅନୁଜ୍ଞା ମାଗିଣ ।
× × ×
ଚନ୍ଦ୍ରା ଦେଙ୍କର ପଦାମ୍ବୁଜ,
ଶ୍ରୀ ଜଗନ୍ନାଥ ମଧୁର୍ପଜ ।
କରୁଅଛନ୍ତି ପ୍ରବନ୍ଧକୁ,
ସୁଜନେ ନ ଦେବେ ଦୋଷକୁ ।

(ବୈଶାଖ ମାହାତ୍ମ୍ୟ—ପ୍ରଥମ ଅଧ୍ୟାୟ)

କବି ଜଗନ୍ନାଥ ବୈଶାଖ ମାହାତ୍ମ୍ୟ ଗ୍ରନ୍ଥଟିକୁ ତିରିଶଟି ଅଧ୍ୟାୟ ଓ ୫୧୬୩ ପଦରେ ଦଣ୍ଡଭାବ ସହିତ ଅନୁବାଦ କରିଛନ୍ତି । ଗ୍ରନ୍ଥର ପ୍ରାରମ୍ଭରେ, କବି ନାନା ବାଧାବିଘ୍ନ ସତ୍ତ୍ୱେ ନିର୍ଦ୍ଦିଷ୍ଟ ରୂପେ ଗ୍ରନ୍ଥଟିକୁ ସମାପ୍ତ କରିବାର ଦୃଢ଼ତା ପ୍ରକାଶ କରି ଗୋଟିଏ ପ୍ରସିଦ୍ଧ ସଂସ୍କୃତ ଶ୍ଲୋକ (ମୂଳ ବୈଶାଖ ମାହାତ୍ମ୍ୟରେ ନାହିଁ)ର ଅନୁବାଦ କରିଛନ୍ତି ।

"ପ୍ରାରଭ୍ୟତେ ନ ଖଲୁ ବିଘ୍ନ ଭୟେନ ନୀଚୈଃ
ପ୍ରାରଭ୍ୟ ବିଘ୍ନ ନିହତା ବିରମନ୍ତି ମଧ୍ୟାଃ ।
ବିଘ୍ନୈଃ ପୁନଃ ପୁନରପି ପ୍ରତିହନ୍ୟ ମାନାଃ
ପ୍ରାରବ୍ଧମୁତ୍ତମ ଗୁଣା ନ ପରିତ୍ୟଜନ୍ତି ।"

ଅନୁବାଦ—

"ନୀଚ ଅଟନ୍ତି ଯେତେ ଜନ
ସେମାନେ ବିଘ୍ନ ଭୟ ଘେନ ।
ଗ୍ରନ୍ଥ ଆରମ୍ଭ ନ କରନ୍ତି
ପୂର୍ବରୁ ନିବର୍ତ୍ତି ରହନ୍ତି ।

ମଧ୍ୟମ ବଂଶ ଯେ ଅଟଇ
ସେ କେତେ ଗ୍ରନ୍ଥ ଆରମ୍ଭଇ ।
ବିପ୍ରମାନଙ୍କ ସ୍ତୁତି ହୋଇ
ପ୍ରବନ୍ଧ କରି ନ ପାରଇ ।
ଯେ ଅଟେ ଉତ୍ତମ ପଣ୍ଡିତ
ସେ ନଷ୍ଟ କରଇ କବିତ୍ୱ ।
ଉତ୍ତମ ବଂଶ ହେଲେ ହେଲେ
ନ ତେଜେ ଗ୍ରନ୍ଥ ନ ପୂରିଲେ ।"

କବି ଜଗନ୍ନାଥ ମର୍ଦ୍ଦରାଜ (୨ୟ) ଗ୍ରନ୍ଥ ଶେଷରେ ୪୦ଟି ପଦରେ ନିଜର ଆଠଜଣ ପୂର୍ବପୁରୁଷଙ୍କର ଇତିହାସ ସଂକ୍ଷେପରେ ଉଲ୍ଲେଖ କରିଛନ୍ତି । କବିଙ୍କ ପ୍ରଦତ୍ତ ବଂଶାବଳୀ ଓ Mr. A. Vadivelu ଙ୍କ ପ୍ରଦତ୍ତ ବଂଶାବଳୀ ମଧ୍ୟରେ ଅଳ୍ପ କେତେକ ସ୍ଥଳରେ ପାର୍ଥକ୍ୟ ଥିବାର ଦେଖାଯାଏ । ତେଣୁ କବି ଜଗନ୍ନାଥଙ୍କ ପ୍ରଦତ୍ତ ବଂଶାବଳୀ ଓ Aristocracy of Southern India ତଥା ନଳିନାକ୍ଷ ମର୍ଦ୍ଦରାଜଙ୍କ ପ୍ରଦତ୍ତ ବଂଶାବଳୀର ଏକ ତୁଳନାତ୍ମକ ଅଧ୍ୟୟନ ନିମ୍ନରେ ପ୍ରଦତ୍ତ ହେଲା ।

କବି ଜଗନ୍ନାଥ ମର୍ଦ୍ଦରାଜ (୨ୟ) ଯେଉଁ ଆଠଜଣ ପୂର୍ବପୁରୁଷଙ୍କର ନାମୋଲ୍ଲେଖ କରିଛନ୍ତି ତନ୍ମଧ୍ୟରେ ପ୍ରଥମ ନରପତିଙ୍କ ନାମ ହେଉଛି ଧନ୍ୱଶରଣ ଦେବ ।

"ପୁରୁଷୋତ୍ତମର ନିକଟ
ଯା ନାମ ଅଟେ ଖଲ୍ଲିକୋଟ,
ଏ ଯେଉଁ ରାଜା ପୂର୍ବକାଳେ
ଧନ୍ୱଶରଣ ନାମେ ଥିଲେ ।
ଅଟନ୍ତି ସେ ମହା ପୁରୁଷ
କେ ବର୍ଣ୍ଣିପାରେ ତାଙ୍କ ଯଶ ।"
(ବୈଶାଖ ମାହାତ୍ମ୍ୟ)

Mr. A. Vadivelu ଙ୍କ ଆଲୋଚନା ଅନୁସାରେ ରାଜା ଧନ୍ୱଶରଣ ଦେବ ହେଉଛନ୍ତି ଖଲ୍ଲିକୋଟ ରାଜବଂଶର ଏକବିଂଶତମ ରାଜା । ତାଙ୍କ

ତିହାଙ୍କ ନାମ ହଷମ ଦେବ । ସେ ପାରଳାଖେମୁଣ୍ଡି ରାଜଙ୍କ ଜ୍ଞାତୀଶୀଙ୍କୁ ବିବାହ କରିଥିଲେ । *

ହରିଶରଣଙ୍କ ଅନ୍ତେ ତାଙ୍କ ପୁତ୍ର କୃଷ୍ଣଶରଣ ଦେବ ରାଜସିଂହାସନ ଲାଭ କରି ନାନା ଲୋକହିତକର କାର୍ଯ୍ୟ କରିବା ସଙ୍ଗେ ସଙ୍ଗେ ନିଜ ନାମରେ ଏକ ପୁଷ୍କରିଣୀ ଖୋଳାଇଥିଲେ ।

"ତଦନ୍ତେ ତାହାଙ୍କ ନନ୍ଦନ
ଶ୍ରୀକୃଷ୍ଣ ଶରଣ ସୁଜନ ।
ଶାସନମାନ ଦାନ ଦେଲେ
ବିପ୍ରଙ୍କୁ ଅନନ୍ତ ତୋଷିଲେ ।
ପ୍ରାଣୀଙ୍କ ହିତକୁ ଉଦେଶି
ସେ କଲେ ସ୍ୱନାମେ ଦୀର୍ଘୀ ।
(ବୈଶାଖ ମାହାତ୍ମ୍ୟ)

ରାଜା କୃଷ୍ଣଶରଣଙ୍କ ସମ୍ବନ୍ଧରେ A.Vadlveluଙ୍କ ଅନୁଲେଖନାରୁ ଜଣାଯାଏ ଯେ ସେ ରାଜା ହୋଇ ଅନେକ ପୁଣ୍ୟକାର୍ଯ୍ୟ କରିଥିଲେ । ତନ୍ମଧ୍ୟରେ 'ଶାରଦ ବାଜପେୟ' ଯଜ୍ଞ ପ୍ରଧାନ ଅଟେ । ଶେଷ ଜୀବନରେ ସେ ଅନେକ ଦିନ ରୋଗଯନ୍ତ୍ରଣା ଭୋଗ କରି ଶେଷରେ କଟକଠାରେ ପ୍ରାଣତ୍ୟାଗ କରିଥିଲେ ।

'He (Harlsarana) was succeeded by Krushna Sarana, who perfevmed a Jagam called Sarada Baja-peya, He was in for long time × × × He went to cuttack where be died. ×

କୃଷ୍ଣଶରଣଙ୍କ ପରେ ତାଙ୍କ ପୁତ୍ର ବାଲୁଙ୍କିଶରଣ ଦେବ ରାଜ-ସିଂହାସନ ଅଳଂକୃତ କରି ନିଜର ଭୁଜବଳ ଦ୍ୱାରା ଦୁର୍ଦ୍ଧର୍ଷ ବୀରମାନଙ୍କୁ ପରାସ୍ତ କରି 'ବଦ୍ଧରାଜ' ଉପାଧି ଧାରଣ କରିଥିଲେ । ଖଲ୍ଲିକୋଟର ପ୍ରସିଦ୍ଧ ନିର୍ମଳଝର ଏହି ମହାପୁରୁଷଙ୍କର ଅନ୍ୟତମ କୀର୍ତ୍ତି ବୋଲି ଜଣାଯାଏ ।

---

* Aristocracy of Syuthern India Page—88

× Aristocracy of Southern India Page—88.

"ତାଙ୍କର ବାଲୁଙ୍କି ଶରଣ
ନାମରେ ହୋଇଲା ନନ୍ଦନ ।
ସେ ମର୍ଦ୍ଦମାନଙ୍କୁ ମର୍ଦ୍ଦିଲେ
ମର୍ଦ୍ଦରାଜନ ବୋଲାଇଲେ ।
ଯା ନାମ କୀର୍ତ୍ତନ ଶର୍ଣ୍ଣର
ତା କଲେ ଜନ୍ମିରେ ସେ ପାର ।"
(ବୈଶାଖ ମାହାତ୍ମ୍ୟ)

ଏହି ବାଲୁଙ୍କି ଶରଣ ଦେବଙ୍କ ନାମକୁ Mr. Vadivelu ବାଳକେଶର ଦେଓ (Bala Keshar Deo) ବୋଲି ସ୍ୱଗ୍ରନ୍ଥରେ ଲେଖିଛନ୍ତି । ଏହା ଏକ ଭ୍ରାନ୍ତ ଭ୍ରମାତ୍ମକ ବୋଲି ନିଶ୍ଚିତ ଭାବରେ ଜଣାଯାଏ । କାରଣ ଉକ୍ତ ରାଜାଙ୍କ ଦ୍ୱାରା ସ୍ଥାପିତ 'ବାଲୁଙ୍କିଶରଣ ପୁର' ଶାସନ ଅଦ୍ୟାପି ସେହି ନାମରେ ନାମିତ ହେଉଅଛି । ତତ୍ ବଂଶଜ ଜଗନ୍ନାଥ ମର୍ଦ୍ଦରାଜ ସ୍ୱରଚିତ 'ଲବଣ୍ୟଶ୍ରୀ' କାବ୍ୟରେ ନିଜର ପିତାମହ (Grand father)ଙ୍କ ନାମ 'ବାଲୁଙ୍କେଶ' ବୋଲି ଉଲ୍ଲେଖ କରିଛନ୍ତି । ଅନ୍ୟତ୍ର ମଧ୍ୟ Mr. Vadiveluଙ୍କ ଆଲୋଚନାରୁ ଜଣାଯାଏ ଯେ ବାଲୁଙ୍କିଶରଣ ଦେବ (ବାଳକେଶର ଦେଓ) ଓ ସୁରୁ ରାଜା ବୁଢେଁ ଚୌହାନବଂଶଜ ରାମସିଂହଙ୍କ କନ୍ୟା ବିଷ୍ଣୁଙ୍କୁ ବିବାହ କରିଥିଲେ । ଏହି ବିବାହ ପ୍ରସଙ୍ଗରେ ରାମସିଂହଙ୍କ ସଙ୍ଗେ ହେଉଥି କନ୍ୟା ଅନ୍ୟ କୌଣସି ବିବାହ ପ୍ରାର୍ଥୀଙ୍କ ସଙ୍ଗେ ହେଉ, ବାଲୁଙ୍କିଶରଣ ଦେବ ବରଖୁର ହସ୍ତି ଲଢ଼ିଥିବାରୁ ସୁରୁ ରାଜା ତାଙ୍କୁ 'ମର୍ଦ୍ଦରାଜ' ଉପାଧିରେ ଭୂଷିତ କରିଥିଲେ । ତତ୍ପୂର୍ବରୁ କଲ୍ଲିକୋଟ ରାଜବଂଶରେ କେହି 'ମର୍ଦ୍ଦରାଜ' ଉପାଧି ବ୍ୟବହାର କରୁ ନଥିଲେ । ଏ ସମ୍ବନ୍ଧରେ 'The Ganjam District Manual' ରୁ ଜଣାଯାଏ, କଲ୍ଲିକୋଟ ରାଜବଂଶର କୌଣସି ରାଜା ମହରଟ୍ଟାମାନଙ୍କୁ ପରାସ୍ତ କରି 'ମର୍ଦ୍ଦରାଜ' ଉପାଧିରେ ଭୂଷିତ ହୋଇଥିଲେ ।

'At a leter period the then Zamidar recieved credit for keeping the Marahattas out of the district.

and obtained the title of Mardaraja Deo for his valour.' ✻

ବାଲୁକିଶରଣ ଦେବ 'ମର୍ଦ୍ଦକୋଟ' ନାମକ ଗୋଟିଏ ଦୁର୍ଗ, 'ଶ୍ରୀମନପୁର' ଓ 'ମର୍ଦ୍ଦପୁର' ନାମରେ ଏକ ପୁଷ୍କରିଣୀ ତଥା ଗ୍ରାମଦାନ ଭଳି ଅନେକ କୀର୍ତ୍ତି କରିଥିଲେ ବୋଲି ମଧ୍ୟ Mr. Vadivel, ତାଙ୍କ ଗ୍ରନ୍ଥରେ ଉଲ୍ଲେଖ କରିଛନ୍ତି ।

ବାଲୁକି ଶରଣଙ୍କ ପରେ ତାଙ୍କ ସୁପୁତ୍ର ଜଗନ୍ନାଥ ମର୍ଦ୍ଦରାଜ (୧ମ) ବହୁଦିନ ପର୍ଯ୍ୟନ୍ତ ଖଲ୍ଲିକୋଟ ରାଜସିଂହାସନ ଅଳଂକୃତ କରିଥିଲେ । ତାଙ୍କର ଅନେକ ପୁତ୍ର ପୌତ୍ରାଦି ଥିବାର ଜଣାଯାଏ । ସେ ମଧ୍ୟ ତାଙ୍କ ପୂର୍ବ ପୁରୁଷଙ୍କ ପରି ଅନେକ ଦାନପୁଣ୍ୟ କରି ପରିଶେଷରେ ଶ୍ରୀକ୍ଷେତ୍ର-ଧାମରେ ଇହଲୀଳା ସାଙ୍ଗ କରିଥିଲେ ।

"ତଦନ୍ତେ ତାହାଙ୍କ ତନୁଜ,
ଶ୍ରୀଜଗନ୍ନାଥ ମର୍ଦ୍ଦରାଜ ।
ପୁତ୍ର ପୌତ୍ରାଦି ଅପ୍ରମିତ,
ତାଙ୍କର ହୋଇଲେ ସମ୍ଭୂତ ॥
× × ×
ତାହେ ସେ ଜଗକୁ ଛାଡ଼ିଲେ,
କଳ୍ପବୃକ୍ଷକୁ ଅଳ୍ପ କଲେ ।
ସେ କ୍ଷେତ୍ରେ ହେଲେ ତ୍ୟକ୍ତ ପ୍ରାଣ,
କୃଷ୍ଣଙ୍କ ପାରେ ହେଲେ ଲୀନ ॥
(ବୈଶାଖ ମାହାତ୍ମ୍ୟ)

ଜଗନ୍ନାଥ ମର୍ଦ୍ଦରାଜ (୧ମ) ଙ୍କ ସମ୍ବନ୍ଧରେ 'ବୈଶାଖ ମାହାତ୍ମ୍ୟ' ଓ Vadivelu ଙ୍କ ମତରେ କୌଣସି ପାର୍ଥକ୍ୟ ଥିବାର ଦେଖାଯାଏ ନାହିଁ ।

---

✻ The District Manual of Ganjam. By—T. J. Maltby. Page—16.

ଜଗନ୍ନାଥ ମର୍ଦ୍ଦରାଜଙ୍କ ପରେ ତାଙ୍କ ପୁଅ ରାଜସିଂହ ମର୍ଦ୍ଦରାଜ ଖଲ୍ଲିକୋଟ ସୌଭାଗ୍ୟ ଲକ୍ଷ୍ମୀଙ୍କର ପରମ ଶାନ୍ତିପ୍ରଦ କ୍ରୋଡ଼ ମଣ୍ଡନ କଲେ । ସେ ସର୍ବଦା କୃଷ୍ଣ ଭକ୍ତିରେ ମଗ୍ନ ଶେଷ ଜୀବନ ଶ୍ରୀକ୍ଷେତ୍ରରେ ବିତାଇ ପୂଜ୍ୟ ପିତାଙ୍କ ପଦାଙ୍କ ଅନୁସରଣ କଲେ ।

"ତଦନନ୍ତେ ତାହାଙ୍କ କୁମର,
ସେ ରାଜ୍ୟେ ହେଲେ ନୃପବର ।
ତାହାଙ୍କ ରାଜସିଂହ ନାମ,
× × ×
ବୈଷ୍ଣବ ତାଙ୍କ ସମ ନାହିଂ ,
× × ×
ଶ୍ରୀକୃଷ୍ଣ ଚରଣ କମଳେ,
ସେ ଚିତ୍ତ ଭୃଙ୍ଗ ଦେଇଥିଲେ ।
ଏ ରୂପେ ତାଙ୍କ ଦିନ ଗଲା ,
ପ୍ରାନ୍ତରେ କ୍ଷେତ୍ର ଲାଭ ହେଲା ।"

ଜଗନ୍ନାଥ ମର୍ଦ୍ଦରାଜଙ୍କ ପରେ ମଦନ ଗୋପାଳ ମର୍ଦ୍ଦରାଜ ରାଜତ୍ୱ କରିଥିଲେ ବୋଲି Vedivelu ଙ୍କ ଆଲୋଚନାରେ ସ୍ଥାନ ପାଇଛି । ମାତ୍ର 'ବୈଶାଖ ମାହାତ୍ମ୍ୟ'ରେ ତାଙ୍କ ସମ୍ବନ୍ଧରେ କୌଣସି ବିବରଣୀ ଥିବାର ପରିଦୃଷ୍ଟ ହୁଏ ନାହିଁ । ଏହାର କାରଣ ସ୍ୱରୂପ ଏତିକି କୁହାଯାଇ ପାରେ ଯେ, ମଦନ ଗୋପାଳ ଅଳ୍ପ ଦିନ ପାଇଁ ରାଜସିଂହାସନ ଅଧିକାର କରିଥିବାରୁ ତାଙ୍କ ସମ୍ବନ୍ଧରେ କୌଣସି ବିବରଣୀ ଦେବା ରାଜକବି ଜଗନ୍ନାଥ ମର୍ଦ୍ଦରାଜ ଉଚିତ ମନେକଲେ ନାହିଁ କିମ୍ବା ରାଜବଂଶ ମଧ୍ୟରେ ମଦନ ଗୋପାଳଙ୍କ ସମ୍ବନ୍ଧରେ କୌଣସି ଅପ୍ରୀତିକର ଘଟଣା ଘଟିଥିବ; ଯାହା ଫଳରେ ରାଜା ଜଗନ୍ନାଥ ଦେବ ତାଙ୍କ 'ବୈଶାଖ ମାହାତ୍ମ୍ୟ'ରେ ତାଙ୍କ (ମଦନ ଗୋପାଳ) ସମ୍ବନ୍ଧରେ ଜାଣିଶୁଣି କୌଣସି ଘଟଣାର ଉଲ୍ଲେଖ କରିନାହାନ୍ତି ।

ଏହାପରେ ପରମ ବୈଷ୍ଣବ ନଳନାଭ ମର୍ଦ୍ଦରାଜ ଖଲ୍ଲିକୋଟର ରାଜଦଣ୍ଡ ଧାରଣ କରି ଦାନରେ କାମଧେନୁଙ୍କ ଯଶକୁ କ୍ଷୀଣ କରି ସୁରନେକର ଅଶ୍ରୁ ଢୋଳାଇଥିଲେ ।

"ତାହାଙ୍କ ସୁତ ନଳନାଭ,
ମର୍ଦ୍ଦରାଜନ ରାଜମୁଖ୍ୟ ।
ସେ ଭୂପ ରାଜା ହେଲା ଯହୁଁ,
ନ୍ୟୂନ ହୋଇଲେ କାମଧେନୁ ।
ବୈଷ୍ଣବ ବୈନତେୟ ହରି
ଅନନ୍ତ ସେତୁ ଦଣ୍ଡଧାରୀ ।"
( ବୈଶାଖ ମାହାତ୍ମ୍ୟ )

ଏହି ନଳନାଭ ମର୍ଦ୍ଦରାଜଙ୍କ ସମୟ (ଆନୁମାନିକ ଖ୍ରୀ: ଅ: ୧୭୭୦— ୧୮୦୦, କାରଣ ରାଜା ନଳନାଭ ଖ୍ରୀ: ଅ: ୧୭୬୬ରେ 'ଲବଣ୍ୟନିଧି' କାବ୍ୟ ରଚନା କରିଥିଲେ ବୋଲି ପୂର୍ବରୁ ଅବଲୋକନ କରାଯାଇଛି) ରେ ଦକ୍ଷିଣ ଓଡ଼ିଶାର ସ୍ୱଦେଶାଭିମାନୀ ପ୍ରଜା ଓ ରାଜନ୍ୟବୃନ୍ଦ ଇଂରେଜମାନଙ୍କ ଅଗ୍ରଗତିରେ ଘୋର ବ୍ୟାଘାତ ଘଟାଇ ସ୍ୱଦେଶ ଓ ଜାତିର ଗୌରବ ବୃଦ୍ଧି କରିଥିଲେ । ଖ୍ରୀ:ଅ: ୧୭୬୮ରେ ଇଂରେଜମାନେ ଇଚ୍ଛାପୁରମ୍ (ଆନ୍ଧ୍ର) ଦଖଲ କରି ମଧ୍ୟ ବଡ଼ଖେମୁଣ୍ଡିର ପ୍ରବଳ ପରାକ୍ରମୀ ରାଜା ପୁରୁଷୋତ୍ତମ ଅନଙ୍ଗଭୀମ ଦେବଙ୍କ ଭୟରେ ଗଞ୍ଜାମ ଅଞ୍ଚଳକୁ ପ୍ରବେଶ କରିପାରୁ ନଥିଲେ ।* ଠିକ୍ ସେହି ସମୟରେ ଆଠଗଡ଼ (ଗଞ୍ଜାମ) ରାଜା (ମଧୁସୂଦନ ହରିଚନ୍ଦନ ବୋଧହୁଏ ?) ଓ ଖଲ୍ଲିକୋଟ ରାଜା (ନଳନାଭ ମର୍ଦ୍ଦରାଜ ବୋଧହୁଏ ?) ପ୍ରମୁଖ ଗଞ୍ଜାମ ଅଞ୍ଚଳର ଶକ୍ତିଶାଳୀ ରାଜନ୍ୟବର୍ଗ ଇଂରେଜଙ୍କ ବିରୁଦ୍ଧରେ ପ୍ରବଳ ଅଭିଯାନ ଚଳାଇ ସ୍ୱଦେଶକୁ ପର ସ୍ୱାଧୀନ କରି ରଖିବାର ଏକ ରଙ୍ଗିନ ସ୍ୱପ୍ନ ଦେଖିଥିଲେ ବୋଲି 'ଓଡ଼ିଶାରେ ସ୍ୱାଧୀନତା ଆନ୍ଦୋଳନ' ନାମକ ଗ୍ରନ୍ଥରୁ ପ୍ରମାଣ ମିଳେ ।† ଏବଂ ଏହି

---

* The District Manual of Ganjam. Page 20-21.

† History of the Freedom Movement in Orissa, Vol. I, Page 43-46.

ଆନ୍ଦୋଳନରେ ଯୋଗ ଦେଇଥିବାରୁ ସନ୍ଦେହ କରି ଇଂରେଜ ଶାସକ ଖଣ୍ଡାମର ରାଜାମାନଙ୍କଠାରୁ ରାଜପଦ କାଢ଼ିନେଇ ସେମାନଙ୍କୁ ଗୋଟିଏ ଗୋଟିଏ ଜମିଦାରରେ ପରିଣତ କରିଥିଲେ ।

"The people of Ganjam, in a body at this, rose against the British Government. × × × × × × The authorities suspecting the Rajas to have had a hand in it, and curtailed their powers and ranked them among Zamidars." *

ଏହି ସ୍ୱନାମଧନ୍ୟ ନରନାରାୟଣଙ୍କ ପରେ 'ବୈଶାଖ ମାହାତ୍ମ୍ୟ'ର ରଚୟିତା ଜଗନ୍ନାଥ ମର୍ଦ୍ଦରାଜ ଦେବ (୨ୟ) ଖଲ୍ଲିକୋଟର ରାଜସିଂହାସନ ଆରୋହଣ କରି ଖଲ୍ଲିକୋଟରେ ଶ୍ରୀଜଗନ୍ନାଥ ଦେବଙ୍କର ଏକ ମନ୍ଦିର ନିର୍ମାଣ କରାଇଥିଲେ ।

"ତାଙ୍କର ହୋଇଲେ ତନୁଜ,
ଶ୍ରୀଜଗନ୍ନାଥ ମର୍ଦ୍ଦରାଜ ।
× × ×
ସେହୁ ଦୁର୍ଗ ମଧ୍ୟେ ନେତ୍ରଶାଳ,
ସେ କଲେ ଉନ୍ନତ ଦେଉଳ ।
ସେ ଅଟେ ପାଷାଣେ ନିର୍ମିତ,
ସନ୍ନିଧିରେ ବିଜେ ଜଗନ୍ନାଥ ।
ସେ ଯେଣୁ ଖଲ୍ଲିକୋଟ ପତି,
ଶ୍ରୀକୃଷ୍ଣ ପାଦପଦ୍ମ ଭକ୍ତି ।
ସେହୁ ଯେଣିଂ ବୈଶାଖ ପୁରାଣ,
ଭାଷାରେ କଲେ ସମାପନ ।"

( ବୈଶାଖ ମାହାତ୍ମ୍ୟ )

* The Aristocracy of of Southern India. Page 89.

ଶ୍ରୀଜଗନ୍ନାଥ ମର୍ଦ୍ଦରାଜଙ୍କ ଦ୍ୱାରା କଲ୍ଲିକୋଟ ରାଜବାଟୀରେ ଶ୍ରୀଜଗନ୍ନାଥଙ୍କ ମନ୍ଦିର ନିର୍ମାଣ ହେତୁରେ A. Vadivelu ନିମ୍ନଲିଖିତମତେ ମତ ଦିଅନ୍ତି ।

"The building of the temple of Jagannatha in Kallikote, which was begun seven generation ago, who finished in his time at a cost of over a lakh of rupees." ※

ଜଗନ୍ନାଥ ମର୍ଦ୍ଦରାଜ (୨ୟ) 'ନର୍ଜିଶାଙ୍କ ମାହାତ୍ମ୍ୟ'ର ଅନୁବାଦ କରିବା ସଙ୍ଗେ ସଙ୍ଗେ କଲ୍ଲିକୋଟ ରାଜବଂଶାବଳୀର ଉଲ୍ଲେଖ ବିଶଦ ଭାବରେ କରିଥିବାରୁ ସେ ସମ୍ବନ୍ଧରେ ଅନେକ ତଥ୍ୟ ଆଲୋଚକମାନଙ୍କର ହସ୍ତଗତ ହୁଏ । କଲ୍ଲିକୋଟ ରାଜବଂଶ ପକ୍ଷରେ ଏହା ଏକ ଅମୂଲ୍ୟ ଗ୍ରନ୍ଥ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ ।

ନାରାୟଣ ମର୍ଦ୍ଦରାଜ—

ଜଗନ୍ନାଥ ମର୍ଦ୍ଦରାଜ (୨ୟ)ଙ୍କ ପୁତ୍ର ଧାମ ତୃତୀୟ ନାରାୟଣ ମର୍ଦ୍ଦରାଜ ଥିଲେ ବୋଲି Vadivelu ଙ୍କ ପ୍ରବନ୍ଧ ବିବରଣୀରୁ ଜଣାଯାଏ । ସେ ମହାଶୟ ତାଙ୍କ ଜୀବଦ୍ଦଶାରେ ଅନେକ ଦାନ କରିଥିବାର ଜଣାଯାଏ । ତାଙ୍କର ଉଲ୍ଲେଖଯୋଗ୍ୟ ଦାନ ମଧ୍ୟରେ ୨୫ ହଜାର ଟଙ୍କା ବ୍ୟୟରେ ଭୁବନେଶ୍ୱର ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ଭୋଗଘର ନିର୍ମାଣ, ୧୨ ହଜାର ଟଙ୍କା ବ୍ୟୟରେ ଶ୍ରୀ ଜଗନ୍ନାଥଙ୍କ ମନ୍ଦିରକୁ ଗୋଟିଏ ଶମିଆନା (ଚନ୍ଦ୍ରାତପ) ଦାନ ଓ ଲକ୍ଷାଧିକ ଟଙ୍କା ବ୍ୟୟରେ ଅଗ୍ନିଷ୍ଟୋମ ଯଜ୍ଞ ପ୍ରଧାନ ଅଟେ ।

ରାଜା ନାରାୟଣ ମର୍ଦ୍ଦରାଜ କେବଳ ସୁଶାସକ ଦାତା ଭାବରେ ଓଡ଼ିଶାରେ ପ୍ରଖ୍ୟାତ ନଥିଲେ, ସେ ମଧ୍ୟ କେତେ ଗ୍ରନ୍ଥ ରଚନା କରି ଓଡ଼ିଆ ସାହିତ୍ୟର ଶ୍ରୀବୃଦ୍ଧି କରିଥିଲେ । ତାଙ୍କ ନାମରେ ରଚିତ 'ରୁକ୍ମିଣୀ ଚଉତିଶା', 'ମହାରହସ୍ୟ' ଆଦି କେତେ ଗ୍ରନ୍ଥ ଆଲୋଚକମାନଙ୍କ ଦୃଷ୍ଟିକୁ ଆସିଛି ।

---

※ The Aristocracy of Southern India. Page 90.

"ରୁକ୍ମିଣୀ ସମୀପେ ସଖୀ ସକଳ,
ଜଣାଇଲେ ହୋଇ ଅତି ଆକୁଳ ;
ତୁମ୍ଭର ତାତ ଶ୍ରୀକୃଷ୍ଣଙ୍କୁ ବର,
କରିଥିଲେ ତା' ଖଣ୍ଡିଲେ ସୋଦର ;
ଶିଶୁପାଳେ ଧନ୍ତ—
ନିଶ୍ଚୟ କର ଗୋ ଅଙ୍ଗନ୍ତ୍ର ସତ !

ଶୁଣି ଚକ୍ରାର୍ଥୀ ହୋଇ ସେ ରୁକ୍ମିଣୀ,
କେମନ୍ତେ ଆସିବେ ସେ ଚକ୍ରପାଣି ;
ଏମନ୍ତ ବକ୍ରୁର ଦେଖା ମନର,
ଡକାଇଲେ ବିଶ୍ୱାସୀ ଦ୍ୱିଜବର ;
ଲେଖକୁ ଲେଖିଲେ,
ଯତନେ ମୁଦ୍ରି ବିପ୍ର ହସ୍ତେ ଦେଲେ ।

× × ×

ଦ୍ୱିଜବର ମେଲାଣି ହୋଇଲେ,
ପ୍ରଭୁ ଦାରୁକକୁ ଆଜ୍ଞା ଦେଲେ ;
ନାନା ଅସ୍ତ୍ର ଶସ୍ତ୍ର ରଖି ନନ୍ଦିଘୋଷ କାଳି ପ୍ରଭୁଙ୍କୁ ଆଣି ହୋଇଲେ ।
ହେ ଦାରୁକ ॥

କୃଷ୍ଣପାଦ ହୃଦୟରେ ଚିନ୍ତି,
ଖଲ୍ଲିକୋଟ ଅଷ୍ଟଦୁର୍ଗ ପତି ;
ନାରାୟଣ ମର୍ଦ୍ଦରାଜ ଗାଉଅଛି ଭାବେ ଏ ରସରେ ଦେଇ ମତି ।
ହେ ସୁଜନେ ।"

ଖଲ୍ଲିକୋଟ ଅଞ୍ଚଳରୁ ପ୍ରାପ୍ତ 'ମହାରାସ' ନାମକ ଗ୍ରନ୍ଥଟିରେ ନାରାୟଣ ମର୍ଦ୍ଦରାଜଙ୍କ ନାମ ଭଣିତା ଥିବା ସଙ୍ଗେ ସଙ୍ଗେ ଆଉ କେତେଜଣ କବିଙ୍କ ନାମ ମଧ୍ୟ ଭଣିତାରେ ଥିବାର ଦେଖାଯାଏ । ଗ୍ରନ୍ଥଟିର ଶ୍ରୀରାଧାକୃଷ୍ଣ ଓ ଗୋପୀମାନଙ୍କ ରାସଲୀଳା ବର୍ଣ୍ଣିତ ହୋଇଛି । 'ମହାରାସ'ରେ ଧାରାବାହିକ ବା ପୂର୍ବାପର ଘଟଣାକ୍ରମେ କୃଷ୍ଣଲୀଳା ବିଷୟର ବର୍ଣ୍ଣନା କରା ନଯାଇ କେବଳ କୀର୍ତ୍ତନ ଢଙ୍ଗରେ ବହୁ ପଦଟାର ସମାବେଶ କରାଯାଇଛି ।

ଉକ୍ତ ଗ୍ରନ୍ଥରେ ନାରାୟଣ ମର୍ଦ୍ଦରାଜଙ୍କ ନାମ ଭଣିତାରେ ଥିବା କେତୋଟି ପଦ ଏଠାରେ ଉଦ୍ଧୃତ ହେଲା ।

"ଶ୍ରୀଦେବ ନାରାୟଣ ମର୍ଦ୍ଦରାଜ ଦେବଧାତ୍ରି,
ବୃନ୍ଦାବନେ ପୁଷ୍ପଲତା ତନୁ ଥିବ ହୋଇ ହେ ।

× × ×

ସେ ଦେଶ ଚରଣେ ମୋର ସଦା ଧର୍ମ,
ଭଣି ନୃପ ନାରାୟଣ ମର୍ଦ୍ଦରାଜ ଭଣି ହେ ।

× × ×

ଭଣନ୍ତି ସେ ଗୋପୀ ପ୍ରଭୁର,
କହେ ଖଲ୍ଲିକୋଟ ନରବର ହେ ।

× × ×

କହେ ଖଲ୍ଲିକୋଟାଧିପ,
ନାରାୟଣ ମର୍ଦ୍ଦରାଜ ନୃପ ହେ ।"

ଏତଦ୍ବ୍ୟତୀତ ନାରାୟଣ ମର୍ଦ୍ଦରାଜଙ୍କ ନାମରେ ଭଣିତା ହୋଇଥିବା 'ଦୁର୍ଗାମାଳଶ୍ରୀ', 'ଜଗଦମ୍ବାସ୍ତୁତି' ଓ କେତେକ ବୈଷ୍ଣବ ତଥା ଚଉତିଶା ଥିବାର ପ୍ରାଚୀନ ପୋଥିମାନଙ୍କରୁ ଦେଖିବାକୁ ମିଳେ ।

## ହରିହର ମର୍ଦ୍ଦରାଜ—

ନାରାୟଣ ମର୍ଦ୍ଦରାଜଙ୍କ ପୁତ୍ର, ଉତ୍କଳ ଜନନୀଙ୍କର ବରପୁତ୍ର ହରିହର ମର୍ଦ୍ଦରାଜ ବାହାଦୁର ଖଲ୍ଲିକୋଟ କଲେଜ, ଡାକ୍ତରଖାନା, ଟାଉନ୍‌ହଲ୍, ପ୍ରେସ୍, ସଂସ୍କୃତ ବିଦ୍ୟାଳୟ ତଥା ବହୁପୁସ୍ତକ ଓ ପତ୍ରିକାଦି ପ୍ରକାଶ ପୂର୍ବକ ଅନେକ ଦେଶ ହିତକର କାର୍ଯ୍ୟ କରିବା ସଙ୍ଗେ ସଙ୍ଗେ ଉତ୍କଳ-ସମ୍ମିଳନୀ ପ୍ରଭୃତି ବହୁ ଲୋକହିତକର ଅନୁଷ୍ଠାନ ସହିତ ସଂପୃକ୍ତ ରହି ଆଜୀବନ ଦେଶ ସେବାରେ ବ୍ରତୀ ହୋଇଥିଲେ । ଏତଦ୍ବ୍ୟତୀତ ତାଙ୍କ ନାମରେ ଭଣିତା ହୋଇଥିବା 'ସତ୍ୟନାରାୟଣ ବ୍ରତ', 'ମଙ୍ଗଳା ମାଳଶ୍ରୀ',

'ଉଗ୍ରତାରା ସ୍ତୁତି', 'ଦୁର୍ଗାମାଳଶ୍ରୀ', 'ସର୍ବମଙ୍ଗଳା ମାଳଶ୍ରୀ' ଆଦି କେତେ-ଖଣ୍ଡି ଶ୍ରେଷ୍ଠ ଶ୍ରେଷ୍ଠ ପୁସ୍ତିକା ଦେଖିବାକୁ ମିଳେ ।

"ସତ୍ୟ ଦେବଙ୍କର ପ୍ରସାଦୁ ତାହାଙ୍କର,
ସକଳ ପାପମାନ ହୋଇଯିବ ଦୂର ।
ଶ୍ରୀ ହରିହର ମର୍ଦ୍ଦରାଜ ନୃପମଣ୍ଡନ,
ଚତୁର୍ଥ ଅଧ୍ୟାୟ ଗୀତ କଲେ ସେ ପୂର୍ଣ୍ଣ ।"

(ସତ୍ୟନାରାୟଣ ବ୍ରତ)

"ମନବାଞ୍ଛା ମୋର ପୂର୍ଣ୍ଣ କରିବୁ,
ନାନା ଉପହାରେ ପୂଜା ପାଇବୁ ।
ଖଲ୍ଲିକୋଟ ଅଷ୍ଟଦୁର୍ଗାଧିପତି,
ହରିହର ମର୍ଦ୍ଦରାଜ ନୃପତି, ମା' ଗୋ ।"

(ସର୍ବମଙ୍ଗଳା ମାଳଶ୍ରୀ)

"ହରିହର ମର୍ଦ୍ଦରାଜ ଦେବ ନୃପମଣି,
ଦୁର୍ଗାଙ୍କ ପାଦେ ସେବା କରନ୍ତି ସେ ପୁଣି ।"

(ଦୁର୍ଗା ମାଳଶ୍ରୀ)

"ଖଲ୍ଲିକୋଟରେ ବାଉନ୍ତ (?)
ଘୁସାରେ ରହିଛୁ କାଣ୍ଡି,
ହରିହର ମର୍ଦ୍ଦରାଜ ତୋ ପାଣି ପଣିତ ଯୋଡ଼ି,
ଜୟ ମା ଉଗ୍ରତାରା !"

(ଉଗ୍ରତାରା ମାଳଶ୍ରୀ)

ପ୍ରସ୍ତୁତ ପ୍ରସଙ୍ଗରେ ଆଲୋଚିତ ଖଲ୍ଲିକୋଟ ରାଜାମାନଙ୍କ ନାମରେ ଭଣିତା ଗ୍ରନ୍ଥ ବ୍ୟତୀତ ଅନ୍ୟ ଗ୍ରନ୍ଥ ଯେ ନାହିଁ, ତା' ନୁହେଁ; ଆଲୋଚନାର ମାର୍ଗ ପ୍ରଶସ୍ତ ହେବା ସଙ୍ଗେ ସଙ୍ଗେ ସେଗୁଡିକ ଲୋକଲୋଚନର ଗୋଚରକୁ ଆସିବ, ସନ୍ଦେହ ନାହିଁ ।

---

# ବ୍ରଜବିହାର କାବ୍ୟ ଓ କବି ଦାଶରଥି ଦାସ

ସପ୍ତଦଶ ଶତାବ୍ଦୀର ଆରମ୍ଭରୁ ଅଷ୍ଟାଦଶ ଶତାବ୍ଦୀର ଶେଷପର୍ଯ୍ୟନ୍ତ ଏହି ଦୁଇଶହ ବର୍ଷ ସମୟକୁ ଓଡ଼ିଆ ସାହିତ୍ୟର ସ୍ୱର୍ଣ୍ଣଯୁଗ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଭାରତର ଯେତୋଟି ବିଶିଷ୍ଟ ସାହିତ୍ୟ ଆଲୋଚନା କଲେ ଜଣାଯାଏ, ଏହି ସମୟ ମଧ୍ୟରେ ଭାରତର ମୁଖ୍ୟ ତନ୍ତ୍ରଟି ସ୍ଥାନରେ ଚପଳେ ଭଗ୍ନ ଲକ୍ଷିତ ହୋଇଛି, ତନ୍ମଧ୍ୟରେ ଓଡ଼ିଆ ସାହିତ୍ୟ ଜଗତରେ ଲିଖିତ ଗ୍ରନ୍ଥସଂଖ୍ୟା କୌଣସି ଗୁଡ଼ିକରେ ନ୍ୟୂନ ନୁହେଁ । ଯଦ୍ୟପି ଏ ସମୟରେ ଓଡ଼ିଶା ବୈଦେଶିକ ଶକ୍ତି (ଓଡ଼ିଶା ବାହାରର ଶକ୍ତି) ଦ୍ୱାରା ଆକ୍ରାନ୍ତ ହୋଇଥିଲା, ତଥାପି ଦେଶର ସାହିତ୍ୟ ରଚନା କ୍ଷେତ୍ରରେ ତା'ର ପ୍ରଭାବ ବିଶେଷ ଭାବରେ ପଡ଼ି ନଥିଲା । ମରହଟ୍ଟାମାନେ କେବଳ ଧନ ରତ୍ନ ଲୁଣ୍ଠନ କରିବାକୁ ବ୍ୟସ୍ତ ଥିଲେ । ବିଶେଷତଃ ସେମାନେ ହିନ୍ଦୁ ହୋଇଥିବାରୁ ଓଡ଼ିଶାର ଧର୍ମପୀଠ, ବ୍ରାହ୍ମଣ ଶାସନ, ଅଧ୍ୟୟନ ଭୂମି ପ୍ରଭୃତିରେ କୌଣସି ଅଶାନ୍ତି ଆଣି ନଥିଲେ । ବରଂ ଓଡ଼ିଶାର ଗୁଣୀ ପଣ୍ଡିତମାନଙ୍କୁ ସେମାନେ ଆଦରର ସହିତ ସମ୍ମାନିତ କରୁଥିଲେ । ଗୋଟିଏ କିମ୍ବଦନ୍ତୀରୁ ଜଣାଯାଏ ଯେ ଭୂପ ରଘୁଗୁରୁ ଓ ବଂଶୀ ପାଟ୍ଟଯୋଷୀ ନାମକ ଦୁଇଜଣ ନାଗପୁର ବହଶର୍ତ୍ତୁଙ୍କ ଦରବାରରେ ସୁପାଣ୍ଡିତ୍ୟର ପରାକାଷ୍ଠା ଦେଖାଇ ରଘୁଜୀ ଭୋଁସଲାଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ (୧)। ଅନ୍ୟପକ୍ଷେ ଖୋର୍ଦ୍ଧା ରାଜବଂଶର ପ୍ରଭାବରେ ଆଧୁନିକ ପୁରୀ ଜିଲ୍ଲାଟି ବିଶେଷ ଭାବରେ ଆକ୍ରାନ୍ତ ହୋଇ ନଥିଲା ଏବଂ ଉକ୍ତ ବଂଶର ନରପତିମାନେ ଓଡ଼ିଆ ସାହିତ୍ୟର ଉନ୍ନତି କରିବାରେ ବିଶେଷ ଆଗ୍ରହୀ ଥିଲେ । ଦକ୍ଷିଣ-ଓଡ଼ିଶାର ଖେମୁଣ୍ଡି ରାଜବଂଶର ବହୁ ପଣ୍ଡିତ ଗୁଣୀ ରାଜା ଶାସନ କ୍ଷେତ୍ରରେ ଅବସ୍ଥିତ ହୋଇ ସାହିତ୍ୟର ଉନ୍ନତି ଲାଗି ସମସ୍ତ ପ୍ରକାର ସାହାଯ୍ୟ କରୁଥିଲେ । ତେଣୁ

---

(୧) ପ୍ରାଚୀନ ଉତ୍କଳ—ଜଗବନ୍ଧୁ ସିଂହ ପୃ—୪୦

ଆଧୁନିକ ପୁରୀ ଜିଲ୍ଲା ଓ ଗଞ୍ଜାମ ଜିଲ୍ଲାରେ କେବଳ ସାହିତ୍ୟ ଚର୍ଚ୍ଚା ହେଉଥିଲା । ରାଜାମାନେ ସ୍ୱବିଦ୍ୟାର କୃତିତ୍ୱ ଦେଖାଇ ରାଜସଭାରୁ ବିଶେଷ ସମ୍ମାନିତ ହେଉଥିଲେ । ସେହି ସମୟ ମଧ୍ୟରେ ଯେତେ ଗ୍ରନ୍ଥ ଓଡ଼ିଆ ସାହିତ୍ୟର ଅଭିବୃଦ୍ଧି ଉଦ୍ଦେଶ୍ୟରେ ଲେଖାଯାଇଛି, ତନ୍ମଧ୍ୟରେ ଅଧିକାଂଶ ଗଞ୍ଜାମ ଓ ପୁରୀ ଜିଲ୍ଲାରେ ହିଁ ଲେଖାଯାଇଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଏପରି କି ଉତ୍ତରାଞ୍ଚଳର କବିମାନେ ପୁରୀକୁ ବିଦ୍ୟାଚର୍ଚ୍ଚାର କେନ୍ଦ୍ରସ୍ଥଳୀ ରୂପେ ମନେକରି ସେଠାକୁ ଆସି ନିଜ ପ୍ରତିଭାର ପରିଚୟ ଦେଉଥିଲେ । ସୁବର୍ଣ୍ଣରେଖା ନଦୀ ତୀରବର୍ତ୍ତୀ ଜଳେଶ୍ୱରରେ କବି କୃଷ୍ଣଦାସ (ରସକଲ୍ଲୋଳର ରଚୟିତା) ଜନ୍ମଗ୍ରହଣ କରି ଖୋର୍ଦ୍ଧା ରାଜବଂଶର ଜନୈକ ମନ୍ତ୍ରୀଙ୍କ ଆଶ୍ରୟରେ ରହି ଅନେକ ଗ୍ରନ୍ଥ ରଚନା କରିଥିଲେ ବୋଲି ଜଣାଯାଏ । କଟକ ଜିଲ୍ଲାର ଝଙ୍କଡ଼ଯୋଡ଼ା ଅଞ୍ଚଳରେ କବି କୃପାସିନ୍ଧୁ ଦାସ ଜନ୍ମଗ୍ରହଣ କରିଥିଲେହେଁ ପୁରୀରେ ରହି 'ବ୍ରଜବିହାର' ପ୍ରଭୃତି କେତେଗୁଡ଼ିଏ ଅମୂଲ୍ୟ ଗ୍ରନ୍ଥ ରଚନା କରିଥିଲେ (୧) ।

ଓଡ଼ିଆ ସାହିତ୍ୟର ଏହି ସ୍ୱର୍ଣ୍ଣଯୁଗରେ କତିପୟ କବି ରାମ ଭକ୍ତି-ଧାରାର ଉପାସକ ଭାବରେ ରାମକାବ୍ୟ ରଚନା ଓ ଅନୁବାଦ କରୁଥିଲେ ଏବଂ ଅନ୍ୟ କେତେକ କୃଷ୍ଣଭକ୍ତି ଧାରାର ଉପାସକ ଭାବରେ କୃଷ୍ଣଲୀଳା ମୂଳକ ଗ୍ରନ୍ଥ ରଚନା କରି ଓଡ଼ିଆ ସାହିତ୍ୟର ଭଣ୍ଡାରକୁ ପରିପୂର୍ଣ୍ଣ କରୁଥିଲେ । ସେତେବେଳେ ଭାରତର ଅନ୍ୟାନ୍ୟ ପ୍ରାନ୍ତୀୟ ସାହିତ୍ୟରେ ମଧ୍ୟ ବହୁତ ରାମ ଓ କୃଷ୍ଣଙ୍କୁ ନେଇ କାବ୍ୟମାନ ରଚିତ ହେଉଥିଲା । ସେହି ସମୟର ସେହି ପ୍ରଭାବରେ ପ୍ରଭାବିତ ହୋଇ କବି ଦାଶରଥି ଦାସ 'ବ୍ରଜ-ବିହାର' ନାମକ ଏକ ଉନ୍ନତ କୃଷ୍ଣକାବ୍ୟ ରଚନା କରିଥିଲେ ।

**କବି ପରିଚୟ—**

କବି ଦାଶରଥି ଦାସ ଅନ୍ୟାନ୍ୟ କବିମାନଙ୍କ ପରି ନିଜର ପରିଚୟ ସମ୍ବନ୍ଧରେ ଅନେକ ଉପାଦାନ 'ବ୍ରଜବିହାର' ଗ୍ରନ୍ଥରେ ଉଲ୍ଲେଖ କରିଛନ୍ତି । ଯେ କୌଣସି ବ୍ୟକ୍ତିର ପରିଚୟ ପାଇବାକୁ ହେଲେ, ତାଙ୍କର

---

(୧) ପ୍ରବନ୍ଧାବଳୀ—ଶ୍ୟାମସୁନ୍ଦର ରାଜଗୁରୁ ପୃ—୧୦୨ ।

ଜାତି, ଗୋତ୍ର, ଗିରା ବା ଗୁରୁଦେବ ତଥା ବାସସ୍ଥାନାଦି ସମ୍ବନ୍ଧରେ ଅନୁସନ୍ଧାନ କରଯାଏ । କବି ଦାଶରଥି ଉପର୍ଯ୍ୟୁକ୍ତ ମତେ ବିବରଣୀ ପରିଷ୍କାର ଭାବରେ ସ୍ୱଗ୍ରନ୍ଥରେ ଉଲ୍ଲେଖ କରି ଅନୁସନ୍ଧିତ୍ସୁମାନଙ୍କର କୌତୂହଳ ଉପଶମ କରିଛନ୍ତି ।

କବି ରଣପୁର ରାଜ୍ୟର ଏକ କରଣ ପରିବାରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ଗୋତ୍ର କାଶ୍ୟପ ଓ ତାଙ୍କ ବଂଶ 'ଶ୍ରୀକରଣ' ବା ଶ୍ରେଷ୍ଠ କରଣ (ସିଷ୍ଟି କରଣ) ଥିଲା ବୋଲି କବିଙ୍କ ପ୍ରଦତ୍ତ ବିବରଣୀରୁ ଜଣାଯାଏ ।

"କାଶ୍ୟପ ଗୋତ୍ରେ ହୋଇ ଜାତ,
ସିଷ୍ଟି କରଣ କୁଳେ ଖ୍ୟାତ ।
× × ×
ରଣପୁର ମଣ୍ଡଳେ ମୋର ବାସ,
ନାମ ଅଧମ ଦାଶରଥି ଦାସ ।"

କବି କୌଣସି ସ୍ଥଳରେ ସ୍ୱପିତାଙ୍କ ନାମ ଉଲ୍ଲେଖ କରିନାହାନ୍ତି । କେବଳ ନିଜ ଗୁରୁଦେବଙ୍କ ନାମ ଅନେକ ସ୍ଥଳରେ ଉଲ୍ଲେଖ କରି ଆଦର୍ଶ ଶିଷ୍ୟର ପରିଚୟ ଦେଇଛନ୍ତି ।

"ଶ୍ରୀଗୁରୁ କୃଷ୍ଣଦାସ ଗୋସାଇଁଙ୍କ ଚରଣ ପ୍ରସାଦୁ ।"
× × ×
"କୃଷ୍ଣଦାସ ଗୋସାଇଁଙ୍କ ଚରଣ ଆଶ୍ରୟେ
ଦାଶରଥି ଦାସର ସେ ସ୍ଫୁରିତ ହୃଦୟେ ।"
× × ×
"ଗୁରୁଦେବ କୃଷ୍ଣଦାସ ପଦେ ସେବ ।"

'କୃଷ୍ଣଦାସ ଗୋସାଇଁ' କିଏ, ଏ ସମ୍ବନ୍ଧରେ ଏକ ପ୍ରଶ୍ନ ସ୍ୱତଃ ଜାଗ୍ରତ ହୁଏ । ଆଜି ନୂତନ ଗବେଷଣା ଫଳରେ କୃଷ୍ଣଦାସ ବା ମାଧବକୃଷ୍ଣ ଦାସଙ୍କ ନାମରେ ଭଣିତା ହୋଇଥିବା 'ପ୍ରେମଭକ୍ତି ଚନ୍ଦ୍ରିକା', "ନାମପ୍ରୋକ୍ତ'

୫

'ଶବ୍ଦତତ୍ତ୍ୱବୋଧ' ଆଦି କେତେଗୋଟି ଗ୍ରନ୍ଥ ଦେଖିବାକୁ ମିଳେ (୨)। ସେହି ସୁନାମଧନ୍ୟ ବ୍ୟକ୍ତି ଶ୍ରୀ ଦାଶରଥି ଦାସଙ୍କ ଗୁରୁ ଥିଲେ।

## ଗ୍ରନ୍ଥ ପରିଚୟ ଓ ବିଷୟବସ୍ତୁ—

ଓଡ଼ିଶାରେ ପ୍ରାୟ ୨୫୦ ବର୍ଷ ବ୍ୟବଧାନରେ ଦୁଇଟି 'ବ୍ରଜବିହାର' ଲେଖାଯାଇ ଥିବାର ପ୍ରମାଣ ମିଳେ। ଗୋଟିଏ 'ବ୍ରଜବିହାର' କଟକ ଜିଲ୍ଲା ତାଳପୋଡ଼ାବାସୀ ଭଗିରଥୀ ଖରସୁଆଁ ପଟ୍ଟନାୟକଙ୍କ ପୁତ୍ର କୃପାସିନ୍ଧୁ ଦାସ (ପଟ୍ଟନାୟକ)ଙ୍କ ଦ୍ୱାରା ଲିଖିତ। ଗ୍ରନ୍ଥଟିର ମୋଟ ପଦ ସଂଖ୍ୟା ୯୯୮ ବୋଲି ଜଣାଯାଏ। କବି କୃପାସିନ୍ଧୁ ତାଙ୍କ 'ବ୍ରଜବିହାର' ଗ୍ରନ୍ଥରେ ଶ୍ରୀରାଧାକୃଷ୍ଣଙ୍କ ପ୍ରଣୟ, କଳହ, ମାନ ଓ ମିଳନାଦିର ବର୍ଣ୍ଣନା ଅତି ମନୋଜ୍ଞ ଭାବରେ ଉଲ୍ଲେଖ କରିଛନ୍ତି। ତାଙ୍କ ଗ୍ରନ୍ଥ, ବୀରକେଶରୀ ଦେବ (୧ମ)ଙ୍କ ୧୩ ଅଙ୍କ କନ୍ୟା ମାସ ୭ମୀ ଗୁରୁବାର ଦିନ ଶେଷ ହୋଇଥିଲା ବୋଲି ପ୍ରମାଣ ମିଳେ।

"ଶ୍ରୀବୀରକେଶରୀ ନାମ ଗଜପତି ନରୋତ୍ତମ,
ତେର ଅଙ୍କ କନ୍ୟା ମାସ ଗୁରୁବାର ସପ୍ତମୀରେ ପୂର୍ଣ୍ଣକାମ।
ତାଳପୋଡ଼ା ସନ୍ନେ୍ୟ ଜାତ ମୁଁ ଭଗୀରଥୀ ସୁତ ॥"

×          ×          ×

"ବୋଲେ କୃପାସିନ୍ଧୁ ଧନବନ୍ଧୁ ନାମ
ମୋଠାରେ କଲେ ପ୍ରକାଶ।"

ଆଧୁନିକ ଗଣନା ଅନୁସାରେ ବୀରକେଶରୀ ଦେବଙ୍କ ୧୩ ଅଙ୍କ କନ୍ୟା ମାସ ଗୁରୁବାର ସପ୍ତମୀ, ଖ୍ରୀ: ଅ: ୧୭୫୫ ସେପ୍ଟେମ୍ବର ୨୫ ତାରିଖରେ ପଡ଼ିଥିଲା (୩)।

କବି ଦାଶରଥି ଦାସଙ୍କ 'ବ୍ରଜବିହାର' ଗ୍ରନ୍ଥଟି, କୃପାସିନ୍ଧୁ ଦାସଙ୍କ 'ବ୍ରଜବିହାର'ର ପ୍ରାୟ ୨୦୦ ବର୍ଷ ପୂର୍ବରୁ ଲେଖାଯାଇଥିଲା।

---

(୨) ପୂର୍ବବର୍ତ୍ତୀ ଅଧ୍ୟାୟରେ ଅବୋଲକରା କାହ୍ନୁଦାସଙ୍କ ସମ୍ବନ୍ଧରେ ଆଲୋଚନା ଦ୍ରଷ୍ଟବ୍ୟ।

(୩) An Indian Ephemeries. Vol, VI, page-313

କୃପାସିନ୍ଧୁଙ୍କ 'ବ୍ରଜବିହାର'ରେ ୨୧ଟି ଛାନ୍ଦ ଥିଲେ ସୁଦ୍ଧା ମୋଟ ପଦ ୯୯୮ । କିନ୍ତୁ ଦୀନକୃଷ୍ଣ ଦାସଙ୍କ 'ବ୍ରଜବିହାର' ଗ୍ରନ୍ଥ ଦଶଟି ବୋଲିରେ ସମ୍ପୂର୍ଣ୍ଣ ହୋଇଛି । ପ୍ରତ୍ୟେକ 'ବୋଲି'ର ପଦ ସଂଖ୍ୟା ( ଓଡ଼ିଶା ମ୍ୟୁଜିଅମ୍‌ର ଗ୍ରନ୍ଥ ଭଣ୍ଡାରରେ ସଂରକ୍ଷିତ ପୋଥି ଅନୁସାରେ ) ନିମ୍ନଲିଖିତ ପ୍ରକାର ଅଟେ ।

୧ମ ବୋଲି—୧୦୮୯, ୨ୟ ବୋଲି—୨୦୨୪, ୩ୟ ବୋଲି—୨୦୦୪, ୪ର୍ଥ ବୋଲି—୧୦୧୦, ୫ମ ବୋଲି—୧୦୦୫, ୬ଷ୍ଠ ବୋଲି—୯୯୬, ୭ମ ବୋଲି—୧୦୩୭, ୮ମ ବୋଲି—୧୦୦୭, ୯ମ ବୋଲି—୧୦୬୩, ୧୦ମ ବୋଲି—୨୦୦୦ ।

ମୋଟ ଗ୍ରନ୍ଥଟିର ପଦସଂଖ୍ୟା ୧୩୧୪୧ (ତେର ହଜାର ଏକଶହ ଏକଚାଳିଶ) ଅର୍ଥାତ୍ କୃପାସିନ୍ଧୁଙ୍କ ଗ୍ରନ୍ଥର ୧୩ ଗୁଣ ଅଟେ ।

ଗ୍ରନ୍ଥର ବିଷୟବସ୍ତୁ 'ବ୍ରହ୍ମବୈବର୍ତ୍ତ ପୁରାଣ' ଓ ଭାଗବତ ଦଶମ-ସ୍କନ୍ଧରୁ ସଂଗ୍ରହ କରାଯାଇଛି ବୋଲି କବିଙ୍କ ଲିଖିତ ଉଦ୍ଧୃତାଂଶରୁ ଜଣାଯାଏ ।

"ବ୍ରହ୍ମବୈବର୍ତ୍ତ ପୁରାଣ ବାଣୀ,
ସଂକ୍ଷେପେ ମନକୁ ଚେତ କଲେ ଶୁଣି ।
× × ×
ଭାଗବତ ଦଶମ ପ୍ରେମ ମୂଳ ସୂତ୍ର,
ରତ୍ନରୁ ପ୍ରାକୃତ ଲୀଳାମୃତ ଚରିତ ।
× × ×
ସୋଳଶରେ ଭାଗବତ ଦଶମ ଚରିତ ।"

କବି ବ୍ରହ୍ମବୈବର୍ତ୍ତ ଓ ଭାଗବତର ଦଶମ ସ୍କନ୍ଧରୁ ବିଷୟବସ୍ତୁ ଗ୍ରହଣ କରିଥିଲେ ହେଁ ମୁଖ୍ୟତଃ ଗୋପଲୀଳା ଚରିତଟିକୁ ବର୍ଣ୍ଣନା କରିଛନ୍ତି ଏବଂ ତନ୍ମଧ୍ୟରୁ 'ବାଳଲୀଳା' ଚରିତକୁ ଗୌଣ ଭାବରେ ବର୍ଣ୍ଣନା କରି ନବୀନ କିଶୋର ଶ୍ରୀକୃଷ୍ଣଙ୍କ ସହ କିଶୋରୀ ଗୋପୀମାନଙ୍କ ରାସଲୀଳାକୁ

ବିଶେଷ ଭାବରେ ବର୍ଣ୍ଣନା କରିଛନ୍ତି । ଆଲୋଚକମାନଙ୍କ କୌତୁହଳର ଉପଶମ ନିମିତ୍ତ 'ବ୍ରଜବିହାରୀ'ର ସଂକ୍ଷିପ୍ତ କଥାସାର ଏଠାରେ ପ୍ରଦତ୍ତ ହେଲା ।

୧ମ ବୋଲି—ଶ୍ରୀକୃଷ୍ଣଙ୍କ ଜନ୍ମ, ପୂତନା ବଧ, ଦଧି ଲବଣୀ ଭୋଜନ ଓ ବୃନ୍ଦାବନରେ ବାଳଲୀଳା ।

୨ୟ ବୋଲି—ଗୋବତ୍ସ ଚାରଣ ନିମିତ୍ତ ମାତାପିତାଙ୍କ ଆଗରେ ଶ୍ରୀକୃଷ୍ଣଙ୍କ ଇଚ୍ଛାପ୍ରକାଶ ଓ ଗମନ । ବକାଦି ଅସୁର ବଧ । ଚନ୍ଦ୍ରାବଳୀ ଦର୍ଶନେ ବିରହ ଓ ମଦନଜ୍ୱର ।

୩ୟ ବୋଲି ଓ ୪ର୍ଥ ବୋଲି—ପୌର୍ଣ୍ଣମାସୀ ଆଗରେ ଚନ୍ଦ୍ରାବଳୀ ପ୍ରାପ୍ତି ନିମିତ୍ତ କୃଷ୍ଣଙ୍କ ଇଚ୍ଛାପ୍ରକାଶ । ଗୌରୀ ପୂଜା ବେଳେ ବୃନ୍ଦାବନରେ କୃଷ୍ଣଙ୍କ ସହ ଚନ୍ଦ୍ରାବଳୀର ପ୍ରଥମ ସାକ୍ଷାତ ଓ ମିଳନ । ଚନ୍ଦ୍ରାବଳୀର ଯୌବନ ଦେଖି ମୁଖରା (ଚନ୍ଦ୍ରାବଳୀର ଶାଶୁ)ର ପ୍ରବେଶ, ଚନ୍ଦ୍ରାବଳୀ ଅଙ୍ଗରେ ସୁରତଚିହ୍ନ ଦେଖି ସନ୍ଦେହ କଲେ ସଖୀମାନଙ୍କ କୌଶଳରେ ସନ୍ଦେହ ମୋଚନ । ଚନ୍ଦ୍ରାବଳୀ ପୁରକୁ ଶ୍ରୀକୃଷ୍ଣଙ୍କ ଗମନ । ସଘନ ବନରେ କ୍ରୀଡ଼ା କରୁଥିବା ବେଳେ ମୁଖରାର ପ୍ରବେଶ, କୌଶଳରେ ଶ୍ରୀକୃଷ୍ଣଙ୍କ ପଳାୟନ ଓ ଚନ୍ଦ୍ରାବଳୀର ବିରହଜ୍ୱର । ଚନ୍ଦ୍ରାବଳୀର ସ୍ୱାମୀ ଗୋବର୍ଦ୍ଧନ ମଲ୍ଲର ଆଗମନ, ରୋଗଶାନ୍ତି ନିମିତ୍ତ ଶ୍ରୀକୃଷ୍ଣଙ୍କୁ ନିମନ୍ତ୍ରଣ । ଶ୍ରୀକୃଷ୍ଣଙ୍କ ଉପଚାରରେ ଚନ୍ଦ୍ରାବଳୀର ରୋଗଶାନ୍ତି ।

ଶ୍ରୀରାଧାଙ୍କ ଜନ୍ମ, ବାଲ୍ୟ ଯୌବନ ଓ ବିବାହ । ଶ୍ରୀକୃଷ୍ଣଙ୍କ ଭୟରେ ଅଭିମନ୍ୟୁ (ରାଧାର ସ୍ୱାମୀ) ସୁଦୂର ରାଧାଙ୍କୁ ନେଇ ଅନ୍ୟତ୍ର ଯିବାକୁ ଉଦ୍ୟତ । ଶ୍ରୀକୃଷ୍ଣଙ୍କ ସହ ଶ୍ରୀରାଧାଙ୍କ ମିଳନ ଲାଗି ପୌର୍ଣ୍ଣମାସୀର ଇଚ୍ଛା । ଦୁର୍ବାସାଙ୍କ ଆଗମନ ଓ ଶ୍ରୀରାଧାଙ୍କୁ ବୃନ୍ଦାବନରେ ସୂର୍ଯ୍ୟପୂଜା କରିବାକୁ ନିର୍ଦ୍ଦେଶ । ଶ୍ୟାମକୁଣ୍ଡ ନିକଟରେ ଶ୍ରୀରାଧାଙ୍କୁ ଦେଖି ଶ୍ରୀକୃଷ୍ଣଙ୍କ ବିରହ । ବୃନ୍ଦାଠାରୁ ଶ୍ରୀକୃଷ୍ଣଙ୍କ ରୂପ ବର୍ଣ୍ଣନା ଶୁଣି ଶ୍ରୀରାଧାଙ୍କ ବିରହ । ରାଧାକୃଷ୍ଣଙ୍କ ମଧ୍ୟରେ ପତ୍ର ବିନିମୟ । ରାଧାକୃଷ୍ଣଙ୍କ ଜଳକେଳି ଓ ବୃନ୍ଦାବନରେ କ୍ରୀଡ଼ା । ରାଧାଙ୍କର ଯୌବନ ଦେଖି କୁଟିଳା (ଶ୍ରୀରାଧାଙ୍କ

ଶାଶୁ ର ଆଗମନ, ସଖୀମାନଙ୍କ ବାକ୍‌ଜାଲରେ ଠକି ଜଟିଳାର ପ୍ରତ୍ୟା-ଗମନ । ମିଳନାନ୍ତେ ରାଧାର ଗୃହଗମନ, ବିରହ ଓ ପୁନର୍ମିଳନ । ବ୍ରହ୍ମାଙ୍କ-ଦ୍ୱାରା ଗୋପବାଳକ ଓ ବତ୍ସାହରଣ । ବ୍ରହ୍ମାଙ୍କଠାରୁ ଗୋପବାଳକ ଓ ବତ୍ସା ଉଦ୍ଧାର, ବନରେ ବନଭୋଜି ।

୫ମ ବୋଲି—ପ୍ରଲମ୍ବ ଓ ଧେନୁକାସୁର ବଧ, ଦିବସ ମିଳନରେ ବାଧା ଦେଖି ରାତ୍ରି ମିଳନର ଆୟୋଜନ । ବୃନ୍ଦାବନକୁ ରାତ୍ରିରେ ଶ୍ରୀରାଧାଙ୍କ ଅଭିସାର । ଶ୍ରୀରାଧା ଓ ଗୋପୀମାନଙ୍କ ସହ ବୃନ୍ଦାବନରେ ଶ୍ରୀକୃଷ୍ଣଙ୍କ କ୍ରୀଡ଼ା ।

୬ଷ୍ଠ ବୋଲି—

ରାତ୍ରି ଜାଗରଣ ହେତୁ ଶ୍ରୀକୃଷ୍ଣଙ୍କ ସ୍ୱାସ୍ଥ୍ୟଭଙ୍ଗ, ଯଶୋଦାଙ୍କ ବ୍ୟଗ୍ରତା, ସ୍ୱାସ୍ଥ୍ୟର ଉନ୍ନତି ଲାଗି ନାନାବିଧ ପ୍ରକାର ଆୟୋଜନ । ଶ୍ରୀକୃଷ୍ଣଙ୍କ ଲାଗି ବ୍ୟଞ୍ଜନ ପ୍ରସ୍ତୁତ କରିବା ପାଇଁ ଯଶୋଦାଙ୍କ ଗୃହକୁ ଶ୍ରୀରାଧାଙ୍କ ଗମନ । ଶ୍ରୀକୃଷ୍ଣଙ୍କ ଭୋଜନ ପରେ ସେହି ଥାଳିରେ ଶ୍ରୀରାଧାଙ୍କ ଭୋଜନ, ରାତ୍ରିରେ ବନକ୍ରୀଡ଼ା, ପରଦିନ ସୂର୍ଯ୍ୟପୂଜା କରିବାକୁ ସଖୀମାନଙ୍କ ଗହଣରେ ଶ୍ରୀରାଧାଙ୍କ ଗମନ । ବନରେ ଶ୍ରୀକୃଷ୍ଣଙ୍କ ସହ ଗୋପୀମାନଙ୍କ ହାସ, କଉତୁକ । ଶ୍ରୀରାଧାଙ୍କୁ ଆଲିଙ୍ଗନ କରିବାକୁ ଶ୍ରୀକୃଷ୍ଣଙ୍କ ଉତ୍କଣ୍ଠା ଓ ଆଲିଙ୍ଗନ । ସଖୀଙ୍କ ଅନୁରୋଧରେ ଲଜ୍ଜାବଶ ଶ୍ରୀରାଧାଙ୍କୁ ଆଲିଙ୍ଗନପାଶରୁ ମୋଚନ । ରାଧାକୃଷ୍ଣଙ୍କ ପରିହାସ, କ୍ରୀଡ଼ା, କାଳୀୟଦଳନ ।

୭ମ ବୋଲି—

ଶରତଋତୁ, ଚମ୍ପକ ବନରେ ଅଭିମାନିନୀ ରାଧିକାଙ୍କ ଠାରେ ଶ୍ରୀକୃଷ୍ଣଙ୍କ ପ୍ରେମଭିକ୍ଷା । ରାଧାକୃଷ୍ଣଙ୍କ ହାସପରିହାସ ଓ କ୍ରୀଡ଼ା ଦେଖି ଚନ୍ଦ୍ରାବଳୀର ଈର୍ଷାଭାବ । ଜଟିଳା ଉଦ୍ଦେଶ୍ୟରେ ଚନ୍ଦ୍ରାବଳୀର ସମ୍ବାଦ ପ୍ରେରଣ । ଜଟିଳାର ଆଗମନ, ଉତ୍ସବପରେ ବୃନ୍ଦାବନରେ ଅଗ୍ନିସଂଯୋଗ ଓ ଜଟିଳାର ପଳାୟନ ।

ଗୋପକନ୍ୟାଙ୍କ ଧୂଳି ଖେଳଠାରେ ଶ୍ରୀକୃଷ୍ଣଙ୍କ ପ୍ରବେଶ, ସେମାନଙ୍କ ସହିତ ଶ୍ରୀକୃଷ୍ଣଙ୍କ ହାସ ପରିହାସ ଓ ଦଶାଖେଳ । ଗୋପୀମାନଙ୍କ

ଯମୁନାରେ ସ୍ନାନ, ଶ୍ରୀକୃଷ୍ଣଙ୍କ ଦ୍ୱାରା ସେମାନଙ୍କ ବସ୍ତ୍ରହରଣ । ଅମ୍ବିକା-ବନରେ ରାଧାକୃଷ୍ଣଙ୍କ କ୍ରୀଡ଼ା ।

୮ମ ବୋଲି—

ବସନ୍ତ ଉତ୍ସବ, ଗୋପମାନଙ୍କ ସହ ଗୋପୀମାନଙ୍କ ଫଗୁଖେଳ ଦେଖି ଶ୍ରୀରାଧାଙ୍କ ଅଭିମାନ । ମାନଭଞ୍ଜନ ନିମିତ୍ତ ରାଧାଙ୍କ ନିକଟକୁ ଦୂତୀ ପ୍ରେରଣ କରି କୁଞ୍ଜବନରେ ଶ୍ରୀକୃଷ୍ଣଙ୍କ ପ୍ରତୀକ୍ଷା । ଇତ୍ୟବସରରେ ଶଙ୍ଖଚୂଡ଼ର ଆଗମନ ସମ୍ବାଦ ପାଇ ଶ୍ରୀକୃଷ୍ଣଙ୍କ ଗମନ ଓ ଶଙ୍ଖଚୂଡ଼ ବଧ । ସଙ୍କେତ ସ୍ଥଳରେ ଶ୍ରୀକୃଷ୍ଣଙ୍କୁ ନପାଇ ରାଧାଙ୍କ ପ୍ରତ୍ୟାଗମନ । କୁଞ୍ଜବନକୁ ଫେରି ରାଧାଙ୍କ ବିରହରେ ଶ୍ରୀକୃଷ୍ଣଙ୍କ ମଦନ ସନ୍ତାପ । ଚନ୍ଦ୍ରାବଳୀର ପ୍ରବେଶ, ରାତ୍ରିରେ ରାଧାଭ୍ରମରେ ଚନ୍ଦ୍ରାବଳୀ ସହ ଶ୍ରୀକୃଷ୍ଣଙ୍କ କ୍ରୀଡ଼ା । ଭ୍ରମ ଦୂର ହେବା ପରେ ରାଧାଙ୍କ ପୁରକୁ ଶ୍ରୀକୃଷ୍ଣଙ୍କ ଗମନ । ଶ୍ରୀକୃଷ୍ଣଙ୍କ ଅଙ୍ଗରେ ସୁରତ ଚିହ୍ନ ଦେଖି ରାଧାଙ୍କ କୋପ । ଶ୍ରୀକୃଷ୍ଣଙ୍କ ପ୍ରତ୍ୟାଗମନ, ରାଧାଙ୍କ ଦ୍ୱାରା କୃଷ୍ଣଦ୍ରବ୍ୟ ଓ ଯମୁନାଜଳ ବର୍ଜନ, ମାନଭଞ୍ଜନ ନିମିତ୍ତ ଭୃଙ୍ଗବାଦ୍ୟାଦି ସଖୀଙ୍କ ଦ୍ୱାରା ଶ୍ରୀକୃଷ୍ଣଙ୍କ ଚେଷ୍ଟା । ରାଧାକୃଷ୍ଣଙ୍କ ପୁନର୍ମିଳନ ଲାଗି ଦୂତୀର ଅପୂର୍ବ କୌଶଳ ରଚନା, ବୃନ୍ଦାବନରେ ରାଧାକୃଷ୍ଣଙ୍କ ସାକ୍ଷାତ, ମାନଭଞ୍ଜନ କରିବା ଲାଗି ସଖୀମାନଙ୍କ ଅନୁରୋଧ ଓ ଶ୍ରୀକୃଷ୍ଣଙ୍କ ଅନୁନୟ, ପରିଶେଷରେ ପାଦପତନ । ରାଧାଙ୍କ ମାନଭଞ୍ଜନ ଓ କ୍ରୀଡ଼ା, ଅଭିସାରର ସମସ୍ତ ଲକ୍ଷଣ ।

ଗ୍ରୀଷ୍ମକାଳ ବର୍ଣ୍ଣନା, ଗୋପୀମାନଙ୍କ ସହ ଶ୍ରୀକୃଷ୍ଣଙ୍କର ଯମୁନାରେ ଜଳକ୍ରୀଡ଼ା । ଗୋପାଳବାଳକଙ୍କ ସଙ୍ଗରେ ଶ୍ରୀକୃଷ୍ଣଙ୍କ ବନ ଗମନ । ବାଳକ-ମାନଙ୍କ କ୍ଷୁଧାଶାନ୍ତି ନିମିତ୍ତ ଯଜ୍ଞଶାଳାରେ ଶ୍ରୀକୃଷ୍ଣଙ୍କ ଅନ୍ନଯାଚନା ଓ କାରଣ । ବ୍ରାହ୍ମଣୀମାନଙ୍କ ଦ୍ୱାରା ଅନ୍ନଦାନ ଓ ଶ୍ରୀକୃଷ୍ଣଙ୍କ ବରଦାନ ।

୯ମ ବୋଲି—

ବର୍ଷାଋତୁ ବର୍ଣ୍ଣନା, ଗୋବର୍ଦ୍ଧନଗିରିରେ ରାଧାକୃଷ୍ଣଙ୍କ ମିଳନ ଲାଗି ପୌର୍ଣ୍ଣମାସୀର ଷଡ଼ଯନ୍ତ୍ର, ରାଧାଙ୍କୁ ଲକ୍ଷ୍ମୀନାରାୟଣ ପୂଜା ନିମିତ୍ତ ଗୋବର୍ଦ୍ଧନ ଗିରିକୁ ଯିବାଲାଗି ଜଟିଳା ଆଗରେ ପୌର୍ଣ୍ଣମାସୀର ନିବେଦନ ।

ଗୋବର୍ଦ୍ଧନ ଗିରିରେ ରାଧାକୃଷ୍ଣଙ୍କ ମିଳନ । ବ୍ୟୋମା ଓ ଷଣ୍ଢାସୁର ବଧ । ବଜ୍ରପୁରକୁ ଜଳଭାରତ । ଗୋବର୍ଦ୍ଧନ ଉତ୍ସବ ଓ ଇନ୍ଦ୍ରଙ୍କ ଗର୍ବ ଗଞ୍ଜନ ।

୧୦ମ ବୋଲି—

ଶରତକାଳ ବର୍ଣ୍ଣନା, ବଂଶରେ ଗୋପୀମାନଙ୍କ ସହିତ ଶ୍ରୀକୃଷ୍ଣଙ୍କ ରାସ, ଲୀଳାସ୍ଥଳୀରୁ ରାଧାଙ୍କୁ ଧରି ଶ୍ରୀକୃଷ୍ଣଙ୍କ ପଳାୟନ, ରାଧାଙ୍କ ମନରେ ଗର୍ବ ଜାଣି ତାଙ୍କୁ ତ୍ୟାଗ କରି ଶ୍ରୀକୃଷ୍ଣଙ୍କ ଅନ୍ତର୍ଦ୍ଧାନ, ଶ୍ରୀକୃଷ୍ଣଙ୍କ ବିରହରେ ଶ୍ରୀରାଧାଙ୍କ ଶୋକ । ପୁନର୍ମିଳନ, ଯମୁନାରେ ଗୋପୀମାନଙ୍କ ଗହଣରେ ଶ୍ରୀକୃଷ୍ଣଙ୍କ ଜଳକ୍ରୀଡ଼ା, ସଂକ୍ଷେପରେ ମଥୁରା ଓ ଦ୍ୱାରକାଲୀଳା କଥନ ଓ ଶ୍ରୀରାଧାଙ୍କ ଦିବ୍ୟଜନ୍ମ ବର୍ଣ୍ଣନ ।

ଏହିପରି ଗ୍ରନ୍ଥରେ କେବଳ ରାଧାକୃଷ୍ଣଙ୍କ ଲୀଳା ବର୍ଣ୍ଣନ କରି କବି ଗ୍ରନ୍ଥଟିକୁ ସରସ ଓ ସୁନ୍ଦର କରିବାରେ ଯଥାସମ୍ଭବ ଚେଷ୍ଟା କରି ସଫଳ ହୋଇଛନ୍ତି ।

ଦାଶରଥି ଦାସଙ୍କ ସମୟ—

କବି ଦାଶରଥି ଦାସ 'ବ୍ରଜବିହାର'ରେ ନିଜର ଜନ୍ମସମ୍ବନ୍ଧ ବା ଗ୍ରନ୍ଥରଚନା ବେଳକୁ ତାଙ୍କର ବୟସ ଆଦିର ସୂଚନା ଦେଇ ନାହାନ୍ତି । କେବଳ ତୃତୀୟ, ଚତୁର୍ଥ ଓ ଦଶମ ବୋଲି ଶେଷରେ ଉକ୍ତ ବୋଲି ଗୁଡ଼ିକର ସମାପ୍ତିକାଳ, କବି ଉଲ୍ଲେଖ କରି ଆଲୋଚକମାନଙ୍କର ଜିଜ୍ଞାସା ବହୁ ପରିମାଣରେ ମେଣ୍ଟାଇଛନ୍ତି ।

"ବ୍ରଜବିହାର ତୃତୀୟ ବୋଲି ସମ୍ପୂର୍ଣ୍ଣ ।
× × ×
ଗୋପୀନାଥ ଦେବ ଶ୍ରୀ ଅଙ୍କ ମାର୍ଗଶୀର ।
ଦାସ ଭଗବାନ ପଦ ଭ୍ରମର ବର ।।
ସଦାବର୍ତ୍ତି (ବ୍ରତୀ) ସଦାନନ୍ଦ ଦାସ ଭକତ ।
ଲେଖକ ଯନ୍ତ୍ରଣ ଗ୍ରନ୍ଥିରୁ ମୋହନ କୀର୍ତ୍ତି ।
ସେ ସମୟେ ସେ ବୋଲି ହେଲା ସମ୍ପୂର୍ଣ୍ଣ ।।
× × ×

ସମ୍ପ ଶ୍ରୀ ଚତୁର୍ଥ ବୋଲି ଅବସ୍ତୁ ପଦରେ ।
ଗୋପୀନାଥ ଦେବଙ୍କ ଊନ ଅଙ୍କ ଭୁବନରେ ।।"

ଖୋରଧା ରାଜବଂଶରେ ଜଣେ ମାତ୍ର ଗୋପୀନାଥ ଦେବ ରାଜତ୍ୱ କରିଥିବାର ପ୍ରମାଣ ଆଜସୁଦ୍ଧା ମିଳୁଛି । ଗୋପୀନାଥ ଦେବ କେବେଠାରୁ ରାଜସିଂହାସନ ଆରୋହଣ କଲେ ସେ ସମ୍ବନ୍ଧରେ 'ହଣ୍ଟର'ଙ୍କ ଲିଖିତ 'ଓଡ଼ିଶା' 'ମାଦଳା ପାଞ୍ଜି', ପ୍ରାଚୀନ ଉତ୍କଳ ଓ କେତେକ ଦାନପତ୍ରରୁ ନିମ୍ନଲିଖିତ ମତେ ପ୍ରମାଣ ମିଳେ ।

"1718—1725 **A.D.**—Gopinath Deva reigned 7 years (According to Stirling 1720—1725)" (୪).

"ଗୋପୀନାଥ ଦେବ—ଏ ହରେକୃଷ୍ଣଙ୍କ ପୁତ୍ର, ଏ ଭୋଗ କଲେ ୮ ବର୍ଷ । ୧୭୧୭—୧୭୨୨ ଖ୍ରୀଷ୍ଟାବ୍ଦ ୧୬୩୯—୧୬୪୭ ଶକାବ୍ଦ (୫) ।

"ଗୋପୀନାଥ ଦେବ—୭ ବର୍ଷ ଶକାବ୍ଦ ୧୬୪୯ ପର୍ଯ୍ୟନ୍ତ । ଏ ରାଜା ଗୋପୀନାଥ ପୁରୀ ଶାସନ କଲେ (୬) ।

ଉପରୋକ୍ତ ତିନିଟି ମତ ମଧ୍ୟରୁ, ପ୍ରଥମ ଦୁଇଟି ମତ ସପକ୍ଷରେ ଅନ୍ୟ କୌଣସି ବଳବତ୍ତର ପ୍ରମାଣ ମିଳେ ନାହିଁ । ମାତ୍ର ତୃତୀୟ ମତ ସପକ୍ଷରେ ଗୋପୀନାଥ ଦେବଙ୍କ ଦ୍ୱାରା ପ୍ରଦତ୍ତ ଗୋଟିଏ ଦାନପତ୍ର ମିଳେ ।

"Records of Gopinath Deva gave in year 11 (eleven) Mesha 13; Vaisbakha 30, solar eclipse, land to Dhanajaya Nedinath Rao for effecting his cure from Paleness." (୭)

---

(୪) Hunter's 'Orissa'. Vol. II, Appendix Page—190.

(୫) ପ୍ରାଚୀନ ଉତ୍କଳ ୪ ଜଗବନ୍ଧୁ ସିଂହ । ପୃ—୬୯୬ ।

(୬) ଶ୍ରୀଯ ପଦ୍ୟାବଳି 'ମାଦଳାପାଞ୍ଜି' ଓ ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ଦ୍ୱାରା ସମ୍ପାଦିତ ୧ମ ସଂସ୍କରଣ, ପୃ—୭୭

(୭) Inscriptions of 'Madras Presidency' Vol. I By V. Rangacharya. Page—698

,Inscriptions of Madras Presidency'ରୁ କେତେକ ରଙ୍ଗାଚାର୍ଯ୍ୟଙ୍କ ସମ୍ପାଦିତ ଦାନପତ୍ରଟିକୁ ସ୍ୱାମୀ କାନୁ ପିଲ୍ଲାଇଙ୍କ Ephemeries ଅନୁସାରେ ହିସାବ କଲେ ଜଣାଯାଏ ଯେ ଉକ୍ତ ଦିନଟି ୧୦-୮-୧୬୨୬ । ଖ୍ରୀ:ଅ: ରେ ପଡ଼ିଥିଲା ଏବଂ ସେଦିନ ଅମାବାସ୍ୟା ଓ ସୂର୍ଯ୍ୟଗ୍ରହଣ ହୋଇଥିଲା (୮) ।

ଦାକ୍ଷିଣାତ୍ୟମାନେ ଅମାବାସ୍ୟା ପରଠାରୁ ମାସର ଆରମ୍ଭ ଦିନ ବୋଲି ଗ୍ରହଣ କରୁଥିବାରୁ ବୈଶାଖ ୩୦ ଦିନକୁ ବୈଶାଖ ଅମାବାସ୍ୟା ବୋଲି ଧରିବାକୁ ହେବ ।

ଅମାବାସ୍ୟା ଦିନ ସୂର୍ଯ୍ୟଗ୍ରହଣ ପରେ ରାଜା ଗୋପୀନାଥ ଦେବ ଇଚ୍ଛାପୁର ଅଞ୍ଚଳକୁ ଦାନ ଦେଇଥିଲେ । ସୂର୍ଯ୍ୟଗ୍ରହଣ ପରେ ରୋଗମୁକ୍ତି କାମନାରେ ଦାନ ଦେବା ମଧ୍ୟ ଧର୍ମଶାସ୍ତ୍ର ସମ୍ମତ । ସ୍ୱର୍ଗତଃ ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ସମ୍ପାଦିତ 'ଗଦ୍ୟପଦ୍ୟାଦର୍ଶ' (ମାଦଳାପାଞ୍ଜି) ଅନୁସାରେ ଗୋପୀନାଥ ଦେବଙ୍କ ରାଜତ୍ୱର ଶେଷ ବର୍ଷ ହେଉଛି ଖ୍ରୀ.ଅ. ୧୬୨୬ । ତେଣୁ ରାଜା ଗୋପୀନାଥ ଦେବ ସେହି ବର୍ଷ ଅପ୍ରେଲରୁ ଅଗଷ୍ଟ ମାସ ମଧ୍ୟରେ ଇହଧାମ ତ୍ୟାଗ କରିଥିବା ଆଦୌ ଅସମ୍ଭବ ନୁହେଁ । ତାଙ୍କ ଅନ୍ତେ ରାମଚନ୍ଦ୍ର ଦେବ (୨ୟ) ଖ୍ରୀ:ଅ: ୧୬୨୬ରୁ ରାଜସିଂହାସନ ଅଳଂକୃତ କରିଥିବାର ପ୍ରମାଣ ମଧ୍ୟ ମିଳେ । ଉପରୋକ୍ତ ପ୍ରମାଣ ଅନୁସାରେ ଜଣାଯାଏ ଯେ ରାଜା ଗୋପୀନାଥ ଦେବ ଖଣ୍ଡିତ ଭାବରେ ଖ୍ରୀ:ଅ: ୧୬୧୯ରୁ ଆରମ୍ଭ କରି ୧୧ ଅଙ୍କ ବା ୯ ବର୍ଷ କାଳ ରାଜସିଂହାସନରେ ଆରୋହଣ କରି ସ୍ୱର୍ଗଗାମୀ ହୋଇଥିଲେ ।

କବି ଦାଶରଥି ଦାସ ଗୋପୀନାଥ ଦେବଙ୍କ ୩ ଅଙ୍କରେ 'ବ୍ରଜବିହାର'ର ୩ୟ ଓ ୪ର୍ଥ ବୋଲି ଦୁଇଟି ଶେଷ କରିଥିବାରୁ ତାହା ଖ୍ରୀଷ୍ଟାବ୍ଦ ଗଣନା ଅନୁସାରେ ଖ୍ରୀ.ଅ: ୧୬୧୯।୨୦ରେ ପଡ଼ୁଛି । କେବଳ

(୮) An Indian Ephemerics Vol. VI, Page—265

୪ର୍ଥ ବୋଲି ଶେଷ କରିବାକୁ କବିଙ୍କୁ ୯ ମାସ (ମାର୍ଗଶୀର ଠାରୁ ଭାଦ୍ରବ) ଲାଗିଥିବାରୁ ଅନ୍ୟ ପ୍ରଥମ ତିନିଟି ବୋଲି ଶେଷ କରିବାକୁ ପ୍ରାୟ ଅଢ଼େଇବର୍ଷ ସମୟ ଲାଗିଥିବ । ତେଣୁ କବି ଦାଶରଥି ଦାସ ଖ୍ରୀ: ଅ: ୧୭୧୬।୧୭ରେ 'ବ୍ରଜବିହାର' ରଚନା ଆରମ୍ଭ କରିଥିବାର ଅନୁମାନ କରାଯାଇ ପାରେ ।

ସାଧାରଣତଃ ଗ୍ରନ୍ଥର ଆରମ୍ଭ ସମୟରେ କବିମାନଙ୍କର ଯେଉଁ ଉତ୍ସାହ ଥାଏ, ସେ ଉତ୍ସାହ ଶେଷ ପର୍ଯ୍ୟନ୍ତ ରହେ ନାହିଁ । ତଦବ୍ୟତୀତ ଅନ୍ୟାନ୍ୟ ବାଧାବିଘ୍ନ ମଧ୍ୟ ଗ୍ରନ୍ଥ ସମାପ୍ତିରେ ବିଳମ୍ବ ଘଟାଇଥାଏ । ଉଦାହରଣ ସ୍ୱରୂପ—କବି ଦାଶରଥି ଦାସ ଚତୁର୍ଥ ବୋଲିଟିକୁ ୯।୧୦ ମାସରେ ଶେଷ କରି ଅନ୍ୟ ୬ଟି 'ବୋଲି'କୁ ୧୦।୧୧ ବର୍ଷରେ ଶେଷ କରିଛନ୍ତି । 'ବ୍ରଜବିହାର' ଗ୍ରନ୍ଥର ସମାପ୍ତିକାଳ ଉକ୍ତ ପଦ୍ୟାଂଶରୁ ସ୍ପଷ୍ଟ ହୁଏ ।

"ବୁଧ ସପ୍ତ ଆଠ ଶତ ବତିଶ ।
କଳିଯୁଗ ଶେଷ ଏତେ ଦିବସ ।।
ଶକାଶବଦ ଷୋଳଶ ତେପନ ।
ରାମଚନ୍ଦ୍ର ଦେବ ମହାରାଜନ ।।
ଆଠ ଅଙ୍କ କୁମାର ପୌର୍ଣ୍ଣମୀରେ ।
'ବ୍ରଜବେହାର' ଗ୍ରନ୍ଥ ସମ୍ପୂର୍ଣ୍ଣରେ ।।" (୯)

ଗୋପୀନାଥ ଦେବଙ୍କ ଅନ୍ତେ ରାମଚନ୍ଦ୍ର ଦେବ (୨ୟ) ଖୋର୍ଦ୍ଧା-ସିଂହାସନରେ ବସିଥିଲେ । ଖ୍ରୀ: ଅ: ୧୭୨୭ ଅପ୍ରେଲ୍ ପରେ ଓ ଭାଦ୍ରବ ଶୁକ୍ଳ ଦ୍ୱାଦଶୀ ଶୁନିଆ ପୂର୍ବରୁ ରାମଚନ୍ଦ୍ର ଦେବ (୨ୟ) ଙ୍କର ରାଜତିଳକ ମହୋତ୍ସବ ଅନୁଷ୍ଠିତ ହୋଇଥିଲେ, ତାଙ୍କ ରାଜତ୍ୱର ୬ ଓ ୮ ଅଙ୍କ ସେହି ବର୍ଷ ହୋଇଥିବ । କାରଣ ଭାଦ୍ର ଶୁକ୍ଳ ଦ୍ୱାଦଶୀଠାରୁ ଅଙ୍କ ଗଣା ଆରମ୍ଭ ହୋଇଥିବାରୁ ଇଂରେଜୀ ବର୍ଷ ଗଣନାନୁସାରେ ଗୋଟିଏ ବର୍ଷରେ ଦୁଇଟି ଅଙ୍କ ଗଣା ହେବା ସ୍ୱାଭାବିକ । ସେହି ଅନୁସାରେ ଗଣନା କଲେ

(୯) 'ଶକାବ୍ଦ ଷୋଳଶ ତେପନ' ମଧ୍ୟ ପାଠ ଭେଦ ଥିବାର ଦେଖାଯାଏ ।

ତାଙ୍କ ୮ ଅଙ୍କ ସୁଶାର ୪୮୩୨ ଓ ଶକାବ୍ଦ ୧୬୫୩; ଖ୍ରୀଅ· ୧୭୩୧ରେ ପଡ଼ିଥିଲା । କବି ଦାଶରଥି ଦାସ ସେହିବର୍ଷ କୁମାର ପୂର୍ଣ୍ଣିମା ଦିନ 'ବ୍ରଜବିହାର' ଗ୍ରନ୍ଥ ଶେଷ କରିଥିବାରୁ ସେ ଦିନଟି ଖ୍ରୀଷ୍ଟାବ୍ଦ ଗଣନା ଅନୁସାରେ ୧୭୩୧ ମସିହା ଅକ୍ଟୋବର ମାସ ୭ ତାରିଖରେ ପଡ଼ିଥିଲା ବୋଲି ଜଣାଯାଏ ।

କବି 'ବ୍ରଜବିହାର'ର 'ଚତୁର୍ଥ ବୋଲି' ଶେଷରେ ଯେଉଁ ଭଗବାନ ଭ୍ରମରବରଙ୍କ କଥା ଉଲ୍ଲେଖ କରିଛନ୍ତି, ସେ ସମ୍ବନ୍ଧରେ ଜଣାଯାଏ ଯେ ଭଗବାନ ଭ୍ରମରବର ଗୋପୀନାଥ ଦେବଙ୍କ ପିତା ହରେକୃଷ୍ଣ ଦେବଙ୍କର ମନ୍ତ୍ରୀ ଥିଲେ ଓ ସେ ପୁରୀର ଶ୍ରୀମନ୍ଦିରରେ ବେଢ଼ାପଟଣ୍ଡ ଓ ଗୁଣ୍ଡିଚାମଣ୍ଡପ ଆଦି ତିଆରି କରିଥିବାର ପ୍ରମାଣ 'ମାଦଳାପାଞ୍ଜି'ରୁ ମିଳେ (୧୦) । ଏହି ଭଗବାନ ଭ୍ରମରବରଙ୍କ ସମ୍ବନ୍ଧରେ ସମସାମୟିକ ସଂସ୍କୃତ କବି ବାସୁଦେବ ରଥ ସୋମଯାଜୀ ତାଙ୍କ ରଚିତ 'ଗଙ୍ଗବଂଶାନୁଚରିତ ଚମ୍ପୂ' ନାମକ ଗ୍ରନ୍ଥରେ (ଗଜପତି ମନ୍ତ୍ରୀପ୍ରବରସ୍ୟ ଭଗବତ୍ ଭ୍ରମରବରସ୍ୟ) ଉଲ୍ଲେଖ କରିଛନ୍ତି ।

ଗ୍ରନ୍ଥ ରଚନା ବେଳକୁ କବି ଦାଶରଥି ଦାସଙ୍କ ବୟସ ୩୦|୪୦ ବର୍ଷ ହୋଇଥିଲେ ସେ କବି ସମ୍ରାଟ୍ ଉପେନ୍ଦ୍ର ଭଞ୍ଜଙ୍କ ସମସାମୟିକ ବା ଅଳ୍ପ ପରବର୍ତ୍ତୀ ବୋଲି ନିଃସନ୍ଦେହରେ କୁହାଯାଇ ପାରିବ ।

## ମଙ୍ଗଳାଚରଣ ଓ କବିଙ୍କ ଇଷ୍ଟଦେବ —

ପ୍ରତ୍ୟେକ ଗ୍ରନ୍ଥର ଆରମ୍ଭରେ ଗୋଟିଏ ମଙ୍ଗଳାଚରଣ ଥିବାର ଦେଖାଯାଏ । ଗ୍ରନ୍ଥକାର ନିଜ ଗ୍ରନ୍ଥଟିକୁ ନିର୍ବିଘ୍ନରେ ଶେଷ କରିବା ଲାଗି ଇଷ୍ଟଦେବଙ୍କଠାରେ ପ୍ରାର୍ଥନା କରନ୍ତି । କେହି କେହି ଆଶୀର୍ବାଦାତ୍ମକ ବା ବସ୍ତୁନିର୍ଦ୍ଦେଶାତ୍ମକ ବର୍ଣ୍ଣନା କରି ଗ୍ରନ୍ଥ ଆରମ୍ଭ କରିଥିବାର ମଧ୍ୟ ଦେଖାଯାଏ ।

କବି ଦାଶରଥି ଦାସ 'ବ୍ରଜବିହାର'ର ପ୍ରତ୍ୟେକ 'ବୋଲି'ରେ ଗୋଟିଏ ଲେଖାଏଁ ପର୍ଯ୍ୟ ମଙ୍ଗଳାଚରଣ ଲେଖି ଏକ ଅଭିନବ ପନ୍ଥାର

(୧୦) ପ୍ରାଚୀନ ଗଦ୍ୟପଦ୍ୟାଦର୍ଶ (ମାଦଳାପାଞ୍ଜି)—ପୃ ୩୬୩

ଅବଲମ୍ବନ କରିଛନ୍ତି । ଏ ଶ୍ରୀପାଦ ମଙ୍ଗଳାଚରଣ ମଧ୍ୟରୁ କେତୋଟି ନମସ୍କାରାତ୍ମକ ଓ ଅନ୍ୟ କେତୋଟି ବସ୍ତୁନିର୍ଦ୍ଦେଶାତ୍ମକ ଅଟେ । ଉଦାହରଣ ସ୍ୱରୂପ ପ୍ରତ୍ୟେକ ମଙ୍ଗଳାଚରଣରୁ କେତେକାଂଶ ଏଠାରେ ପ୍ରଦତ୍ତ ହେଲା ।

୧ମ ବୋଲ୍—"କୃଷ୍ଣ ସଚ୍ଚିଦାନନ୍ଦ କାରଣ,
ଗଜ ନିସ୍ତାରଣ ଭବତାରଣ ।
ତିନି ଶକ୍ତି ହେତୁ ଲୀଳା ବିଧାନ,
ତହିଁମଧ୍ୟେ କର ଲୀଳା ପ୍ରଧାନ ।"

× × ×

୨ୟ ବୋଲ୍—"ଜୟ ଜୟ ଯମୁନା ଜଗତ ନିସ୍ତାରିଣୀ,
ଭବଭୟହାରିଣୀ ଭକ୍ତ ନିସ୍ତାରିଣୀ ।"

× × ×

୩ୟ ବୋଲ୍—"ଜୟ ଜୟ ସରସ୍ୱତୀ ହରିବଲ୍ଲଭା,
ବେଦଶାସ୍ତ୍ର ଅଧିକାରୀ ତୋ ପାଦ ଲଭ ।"

× × ×

୪ର୍ଥ ବୋଲ୍—"ଜୟ ଜୟ ବ୍ରଜଭୂମି ଜୟ ରାସସ୍ଥଳ,
ଜୟ ବଂଶୀବଟ ଜୟ କଳ୍ପତରୁ ତଳ ।
ଜୟ ଶ୍ରୀମାନସୀ ଗଙ୍ଗା ବିଶ୍ରାମ ଶ୍ରୀଘାଟ,
ଜୟ ଶ୍ରୀଗହ୍ୱରୀ ତୀର୍ଥ ସୂର୍ଯ୍ୟସୁତା ତଟ ।"

+ + +

୫ମ ବୋଲ୍—"ଜୟ ଗୋକୁଳ ସୁନ୍ଦର ଜୟ ନନ୍ଦନନ୍ଦନ,
ଜୟ ରାଧା-ପ୍ରାଣବନ୍ଧୁ ଜୟ ଜଗବନ୍ଦନ ।"

+ + +

୬ଷ୍ଠ ବୋଲ୍—"ନମୋ ସୁବର୍ଣ୍ଣବର୍ଣ୍ଣ ହେମାଙ୍ଗ ଶଚୀର ନନ୍ଦନ,

× × ×

ଜୟ ଚୈତନ୍ୟ ଜୟ ନିତ୍ୟାନନ୍ଦ,
ଜୟ ଅଦ୍ୱୈତ ଆଚାର୍ଯ୍ୟ ଜୟ ଭକ୍ତବୃନ୍ଦ ।
ଜୟ ଶଚୀ ଜଗନ୍ନାଥ (ମିଶ୍ର) ଯଶୋବନ୍ତୀ ନନ୍ଦ,
ଯା ନନ୍ଦନ ସଙ୍କର୍ଷଣ ଶ୍ରୀଗୌର ଚନ୍ଦ୍ର ।"

ଏହିପରି ସ୍ତବରେ ଜୟ ଗଦାଧର ସ୍ୱାମୀ, ସ୍ୱରୂପ ଦାମୋଦର, ରାୟ ରାମାନନ୍ଦ, ନିତ୍ୟାନନ୍ଦ ମହାପ୍ରଭୁ, ବକ୍ରେଶ୍ୱର ପଣ୍ଡିତ, ହରି ଦାସ, ବଳରାମ ଦାସ, ଜଗନ୍ନାଥ ଦାସ ପ୍ରଭୃତି ସମସ୍ତ ଗୌଡ଼ୀୟ ସନ୍ଥ ମହନ୍ତ ଓ ଅନ୍ୟାନ୍ୟ ପ୍ରସିଦ୍ଧ ଅନୁରାଗୀଙ୍କ ପ୍ରତି ନମସ୍କାର ଜଣାଇଛନ୍ତି ।

୭ମ ବୋଲି—"ନନ୍ଦନନ୍ଦନ ବଂଶୀବଦନ ଶ୍ରୀଗୋପୀଜନବଲ୍ଲଭ ।

× × ×

ଉଜ୍ଜ୍ୱଳ ନୀଳମଣି ମଞ୍ଜୁଳ ମୃଦୁଳ ତନୁ ସୁନ୍ଦର,  
ସୁବର୍ଣ୍ଣ ଭୁଜ କ୍ଷୀରସାଗର ମନ୍ଥନେ ଯଥା ମନ୍ଦର ।  
ବ୍ରଜଈଶ୍ୱର ବସୁକିଶୋର କିଶୋର ନପାଇ ମନୁ,  
ମୂର୍ତ୍ତି ମଧୁର ଗୁଣ ଗମ୍ଭୀର ଗୋକୁଳସୁନ୍ଦର କାହ୍ନୁ ।"

× × ×

୮ମ ବୋଲି—"ନମାମି ରାଧେ ଚରଣାରବିନ୍ଦେ  
ନମାମି ପରିଜନ କୃପାବ୍ଧେ ।  
ଜୟ ଗାନ୍ଧର୍ବୀ କୃଷ୍ଣ ବାନ୍ଧବୀ  
ଅଖିଳ ମୋହନ ସଖୀ ସାଧନୀ ।  
ବ୍ରଜଲକ୍ଷ୍ମୀ ନବକିଶୋରୀ  
ଗୁଣ ରଞ୍ଜିନୀ ହରି ମନୋହାରୀ ।"

× × ×

୯ମ ବୋଲି—"ଶ୍ରୀବୃନ୍ଦାବନ ଗୋବର୍ଦ୍ଧନ  
ଗୋବିନ୍ଦ ସୁଖ ବର୍ଦ୍ଧନ ।  
ସମସ୍ତ ଗିରିବର ରାଜା,  
କୃଷ୍ଣ ଯାହାକୁ କଲେ ପୂଜା ।"

× × ×

୧୦ମ ବୋଲି—"ନମାମି ଅବନୀ ଜଗଜନନୀ,  
ଗୋକୁଳ ମଣ୍ଡଳ କମଳାନନୀ ।"  
( ଆଦ୍ୟ କେବଳ ଗୋପପୁର ବର୍ଣ୍ଣନା )

'ବ୍ରଜବିହାର'ର ଦଶଟି ଯାକ ମଙ୍ଗଳାଚରଣରୁ ଜଣାଯାଏ, କବି ଜଣେ ଆଦର୍ଶ କୃଷ୍ଣଭକ୍ତ ଥିଲେ । ତାଙ୍କର ହୃଦୟ ସତତ ରାଧାକୃଷ୍ଣ-ପ୍ରେମରେ ଓତଃପ୍ରୋତ ହୋଇ ରହିଥିଲା । କବିଙ୍କ ବର୍ଣ୍ଣନାରୁ ଯାହା ଜଣାପଡ଼େ, ସେଥିରୁ ନିଶ୍ଚିତ ରୂପେ କହି ହେବ ଯେ ସେ 'ଗୋପୀଜନ-ବଲ୍ଲଭ', 'ଉଜ୍ଜ୍ୱଳ ନୀଳମଣି ମଞ୍ଜୁଳ ତନୁ ସୁନ୍ଦର', 'ସୁବର୍ଣ୍ଣକୁଳ ଧୀର ସାଗର ନନ୍ଦନ ନନ୍ଦନ', 'ନବୀନ କିଶୋର', 'ମୂର୍ତ୍ତି ମଧୁର', 'ଗୁଣ ଗମ୍ଭୀର', 'ଗୋକୁଳସୁନ୍ଦର' ଶ୍ରୀକୃଷ୍ଣଙ୍କର ତଥା 'ଗାନ୍ଧର୍ବୀ', 'ଅଖିଳ ମୋହିନୀ', 'ବ୍ରଜଈଶ୍ୱରୀ', 'ନବକିଶୋରୀ', 'ହରି ମନୋହାରୀ', 'କୃଷ୍ଣବାନ୍ଧବୀ' ଶ୍ରୀରାଧାଙ୍କର ଅନନ୍ୟ ଉପାସକ ଥିଲେ । କବି ଦାଶରଥି ଗ୍ରନ୍ଥ ରଚନା ସମୟରେ ପୁରୁଷୋତ୍ତମକ୍ଷେତ୍ର (ପୁରୀ)ରେ ଥିଲେ ମଧ୍ୟ (କ୍ଷେତ୍ରବର ବର ପୁରୁଷୋତ୍ତମ, ଜଗନ୍ନାଥ ଦରଶନେ ବନ୍ତାମ) ତାଙ୍କ ମଙ୍ଗଳାଚରଣରେ ଅତି କେଉଁଠି ଶ୍ରୀ ଜଗନ୍ନାଥ ଦେବଙ୍କ ନାମ ଧରି ନାହାନ୍ତି । ତାଙ୍କ ମନ ରାଧାକୃଷ୍ଣ ପ୍ରେମରେ ଏପରି ମଜ୍ଜି ଥିଲା ଯେ, ସେ 'ବ୍ରଜବିହାର' ଗ୍ରନ୍ଥର ମଙ୍ଗଳାଚରଣରେ ଶ୍ରୀରାଧାକୃଷ୍ଣଙ୍କର ପ୍ରତ୍ୟେକ ଲୀଳାସ୍ଥଳୀର ବର୍ଣ୍ଣନା ମଧ୍ୟ ଅତି ଆଗ୍ରହରେ କରିଛନ୍ତି । କବି ଦାଶରଥି ଦାସଙ୍କ ଉଚ୍ଛ୍ୱସିତ ବର୍ଣ୍ଣନା ଦେଖିଲେ, ତାଙ୍କୁ କୃଷ୍ଣଭକ୍ତି ଧାରାର ପ୍ରସିଦ୍ଧ କବି ଜୟଦେବ, ବିଦ୍ୟାପତି, ଚଣ୍ଡୀଦାସ, ଗୋବିନ୍ଦ ଦାସ, ମୀରା, ସୁରଦାସ, ରସଖାନ୍ ପ୍ରଭୃତିଙ୍କ ସହିତ ତୁଳନା କରାଯାଇପାରେ ।

କବି ଦାଶରଥି ଦାସ 'ବ୍ରଜବିହାର'ର ଦଶଟି ଯାକ 'ବୋଲି'ରେ ଦଶଟି ଭିନ୍ନ ଭିନ୍ନ ଛନ୍ଦ ବ୍ୟବହାର କରିଛନ୍ତି । ସେ ଯଥାକ୍ରମେ 'ଚକ୍ରକେଳି' 'ଜଳସାଗରବାଣୀ', 'ଦେଶାକ୍ଷ'; 'ଭୂପକେଳୀ ବାଣୀ', 'କେମଣା', 'ଗୋବିନ୍ଦଚନ୍ଦ୍ର ବାଣୀ', 'ଗୋପକେଳୀ ଦୁଇପଦ ବାଣୀ' 'କୁଞ୍ଜର ଦେଶୀ ବାଣୀ', 'ଭରବତ ବାଣୀ', 'ରସସାଗର ବାଣୀ' ଆଦି ବୃତ୍ତରେ ଗ୍ରନ୍ଥଟି ସମ୍ପୂର୍ଣ୍ଣ କରି ଛନ୍ଦ ବ୍ୟବହାରରେ ପ୍ରାଚୀନ କବିଙ୍କ ପରମ୍ପରା ରକ୍ଷା କରିଛନ୍ତି ।

ପ୍ରସିଦ୍ଧ ସମାଲୋଚକ ସ୍ୱର୍ଗତଃ ଶ୍ୟାମ ରାଜଗୁରୁ ତାଙ୍କ 'ପ୍ରବନ୍ଧାବଳୀ'ରେ କୃପାସିନ୍ଧୁ ଦାସଙ୍କ ଛନ୍ଦ ଯୋଜନାକୁ ପ୍ରଶଂସା କରିବା

ସଙ୍ଗେ ସଙ୍ଗେ ଦାଶରଥି ଦାସଙ୍କ ଛନ୍ଦ ଯୋଜନା ଓ ପ୍ରକୃତିକୁ ମଧ୍ୟ ପ୍ରଶଂସା କରିଛନ୍ତି ।

ପ୍ରାଚୀନ କବିମାନଙ୍କ ପରମ୍ପରା ରକ୍ଷା କରିବାକୁ ଯାଇ କବି ଦାଶରଥି ଦାସ 'ବ୍ରଜବିହାର'ର ଅନେକ ସ୍ଥଳରେ, ବିନୟ ଗର୍ବ ପରିହାର ପୂର୍ବକ ରାଧାକୃଷ୍ଣ ଲଳିତ ଭାବରେ ଗ୍ରନ୍ଥଟିକୁ ଆଦରର ସହିତ ପାଠ କରିବା ଲାଗି ସୁଧୀବର୍ଗଙ୍କଠାରେ ବିନୀତ ଅନୁରୋଧ ଜଣାଇଛନ୍ତି ।

"ସାଧୁଜନେ ମୋହର ନ ଦେଖିମା ଦୋଷ ।
ମୂର୍ଖ ପାଷାଣ୍ଡ ଜନେ ଶୀଘ୍ର ନକର ପ୍ରକାଶ ॥
× × ×
ଶୁଣି ବୈଷ୍ଣବ ଗୋସାଇଁ ମୋର ଦୋଷ ନଧର ।
ସଖ୍ୟଭାବ ଉପାସନା ଜନେ ବିସ୍ତର କର ॥
× × ×
ମୋ ମୂର୍ଖ ବାହାର ଦୋଷକୁ ନଧର
ମଧୁର ବେଶରେ ପ୍ରବେଶ ।
ଗୋବିନ୍ଦ ଚରିତ, ନିର୍ମଳ ଜଗତ
ମୋ ସ୍ଥୂଳ ବୁଦ୍ଧିତ ମାନ ॥
ନୂତନ ଚରିତ୍ର ନୂତନ ଛନ୍ଦାବନ୍ଧ
ଉତ୍ତମ ସଙ୍ଗ କିଂ ଦାହିଁ ।
ଦିନତରଣେ ଭଜନ ସ୍ମରଣେ
ବିଶ୍ୱାସ ଅବା ମୋ କାହିଁ ।"

କବି ଦାଶରଥି ଦାସ କୃଷ୍ଣଭକ୍ତି ଧାରାର ଏକ ବିରାଟ କାବ୍ୟଗ୍ରନ୍ଥ ଲେଖି ଓଡ଼ିଆ ସାହିତ୍ୟ ଭଣ୍ଡାରର ଗୋଟିଏ ପ୍ରଧାନ ଅଭାବ ଦୂର କରିବା ସଙ୍ଗେ ସଙ୍ଗେ ଦେଶରେ ଶ୍ରୀରାଧାକୃଷ୍ଣ ଭକ୍ତିଧାରାର ଏକ ନିର୍ମଳ ସ୍ରୋତ ଛୁଟାଇ ଓଡ଼ିଆ ଜାତିର ଚିର ନମସ୍ୟ ହୋଇ ରହିଛନ୍ତି, ସନ୍ଦେହ ନାହିଁ ।

# ସ୍ୱତନ୍ତ୍ର ରାମାୟଣ ଓ କବି ବନମାଳୀ

ଓଡ଼ିଶାର ପୁରପଲ୍ଲୀରେ ଅନୁସନ୍ଧାନ କଲେ ବହୁ ଅମୂଲ୍ୟ ଗ୍ରନ୍ଥ-ରତ୍ନର ସନ୍ଧାନ ମିଳେ । ଓଡ଼ିଶା ଏବେ ଶିଳ୍ପ, କଳା, ବାଣିଜ୍ୟ, ଯୁଦ୍ଧବିଦ୍ୟା ଓ ଉନ୍ନତ ଗ୍ରନ୍ଥ ରଚନା ଦିଗରେ ଉଚ୍ଚସ୍ଥାନ ଅଧିକାର କରିଥିଲା । କିନ୍ତୁ କାଳର କରାଳ ସ୍ରୋତରେ ପ୍ରାୟ ସବୁ ଭାସିଯାଇଛି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ବର୍ତ୍ତମାନର ଅନୁସନ୍ଧାନରୁ ଯାହା ଜଣାଯାଏ, ସେଥିରେ ଯେକୌଣସି ଦେଶପ୍ରାଣ ବ୍ୟକ୍ତି ଅଭିଭୂତ ହେବା ସ୍ୱାଭାବିକ ।

ମୌଳିକ ଗ୍ରନ୍ଥ ରଚନା ତଥା ପ୍ରସିଦ୍ଧ ସଂସ୍କୃତ ଗ୍ରନ୍ଥଗୁଡ଼ିକର ଅନୁବାଦ କାର୍ଯ୍ୟରେ ଓଡ଼ିଆମାନେ ବିଶେଷ ଦକ୍ଷତା ଅର୍ଜନ କରିଥିବାର ପ୍ରମାଣ ଏ ଦେଶରେ ଅଭାବ ନାହିଁ । ବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ କେତେକ ପ୍ରାଦେଶିକ ଭାଷାରେ ପ୍ରସିଦ୍ଧ ସଂସ୍କୃତ ଗ୍ରନ୍ଥଗୁଡ଼ିକର ଅନୁବାଦ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଓଡ଼ିଶାରେ ଅଷ୍ଟାଦଶ ଶତାବ୍ଦୀର ମଧ୍ୟଭାଗ ଆଡ଼କୁ ସଂସ୍କୃତ ଗ୍ରନ୍ଥଭଣ୍ଡାରର ପ୍ରାୟ ସମସ୍ତ ଅମୂଲ୍ୟ ରତ୍ନର ଅନୁବାଦ କାର୍ଯ୍ୟ ଶେଷ ହୋଇଥିଲା । ରାମାୟଣ, ମହାଭାରତ, ଭଗବଦ୍‌ଗୀତା, ଭାଗବତ, ନୃସିଂହ ପୁରାଣ, ଅଧ୍ୟାତ୍ମ ରାମାୟଣ, ପୁରାଣଗୁଡ଼ିକର ଓଡ଼ିଆ ଅନୁବାଦ ଅଷ୍ଟାଦଶ ଶତାବ୍ଦୀର ମଧ୍ୟଭାଗ ବେଳକୁ ପ୍ରାୟ ଶେଷ ହୋଇସାରିଥିଲା । ତଦ୍‌ବ୍ୟତୀତ ନାଟକ, କାବ୍ୟ, ତନ୍ତ୍ର ଆଦିର ଅନୁବାଦ ମଧ୍ୟ ବହୁଳ ଭାବରେ ହୋଇଥିବାର ପ୍ରମାଣ କେତେକ ପ୍ରାଚୀନ ଗ୍ରନ୍ଥର ଅନୁସନ୍ଧାନରୁ ସ୍ପଷ୍ଟ ମିଳେ ।

କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜ, ଦୀନକୃଷ୍ଣ ଦାସ, ସାମନ୍ତସିଂହାର ଆଦି କବିମାନେ ନିଜର ପ୍ରତିଭା ବଳରେ ସଂସ୍କୃତ-ଗ୍ରନ୍ଥମାନଙ୍କ ଭାବଧାରା ଓ ଶୈଳୀର ଆହରଣ କରି ଓଡ଼ିଆରେ କାବ୍ୟ ଲେଖି ଭାଷାର ଉନ୍ନତି ସାଧନ ଲାଗି ଅଦମ୍ୟ ଚେଷ୍ଟା କରିଛନ୍ତି । ଏମାନଙ୍କର ଗ୍ରନ୍ଥ ଶୁଣି ଅଧିକେ

ଲୋକଲୋଚନର ଗୋଚରକୁ ଆସିଛି । କିନ୍ତୁ ଏପରି ଅନେକ ଉଚ୍ଚ ଧରଣର କାବ୍ୟସ୍ରଷ୍ଟା ଅଛନ୍ତି ଯେଉଁମାନଙ୍କ ସମ୍ବନ୍ଧରେ ମୁଷ୍ଟିମେୟ କେତେଜଣ ପ୍ରସିଦ୍ଧ ସମାଲୋଚକଙ୍କ ବ୍ୟତୀତ ସାଧାରଣ ଲୋକେ କିଛି ଜାଣନ୍ତି ନାହିଁ । ଅନ୍ୟାନ୍ୟ ପ୍ରାନ୍ତର ପ୍ରଚୁର ସଙ୍ଗ ଏ ଦେଶର କବିମାନଙ୍କ ସମ୍ବନ୍ଧରେ ଆଲୋଚନା ହୋଇଥିଲେ ସେମାନେ ଭାରତୀୟ ସାହିତ୍ୟ-ଗଗନରେ ଗୋଟିଏ ଗୋଟିଏ ଉଜ୍ଜ୍ୱଳ ନକ୍ଷତ୍ର ରୂପେ ଦେଦୀପ୍ୟମାନ ହୋଇଥାନ୍ତେ ! କିନ୍ତୁ ଦୁର୍ଭାଗ୍ୟର ବିଷୟ, ସେହି ଅଜ୍ଞାତନାମା କବି କୋବିଦଙ୍କ ଗ୍ରନ୍ଥରାଜି ଜନକୁଳର ଅବହେଳାର ଅବସ୍ଥାରେ ପଡ଼ିରହି ପରିଶେଷରେ କୀଟ ଓ ଅଗ୍ନି ମୁଖରେ ଲୋପ ପାଉଛି । ଏହା କେବଳ ଆମ୍ଭମାନଙ୍କ ଅପାରଗତାର ଜ୍ୱଳନ୍ତ ଦୃଷ୍ଟାନ୍ତ !

ସଂସ୍କୃତ ସାହିତ୍ୟରେ ଭୋଜରାଜାଙ୍କ ନାମ ଏକ ଶ୍ରେଷ୍ଠସ୍ଥାନ ଅଧିକାର କରିଛି । ସେ ଅଳଙ୍କାର, ଜ୍ୟୋତିଷ, କାବ୍ୟ ଓ ଦର୍ଶନ ଆଦି ବହୁ ଶାସ୍ତ୍ରର ପ୍ରଣେତା ରୂପେ ଜଗଦ୍ୱିଖ୍ୟାତ । ତାଙ୍କ ପ୍ରଣୀତ 'ଚମ୍ପୂ ରାମାୟଣ' ଏକ ପ୍ରସିଦ୍ଧ ଗ୍ରନ୍ଥ । ସେ ସମୁଦାୟ ରାମାୟଣକୁ (ଲଙ୍କା ଓ ଉତ୍ତରକାଣ୍ଡ ବ୍ୟତୀତ) ଗଦ୍ୟ ପଦ୍ୟ ମିଶ୍ର (ଚମ୍ପୂ) କାବ୍ୟରେ ଲେଖି-ଥିଲେ । ଉକ୍ତ ଗ୍ରନ୍ଥଟିକୁ ପାଠକଲେ ଜଣାଯାଏ, ଭୋଜରାଜ ଜୀବଦ୍ଦଶାରେ ଚମ୍ପୂ ରାମାୟଣଟିକୁ ସୁନ୍ଦର କାଣ୍ଡ ଯାଏ ଲେଖିଥିଲେ । ତାଙ୍କ ଅନ୍ତେ ଲକ୍ଷ୍ମଣ ସୂରି ନାମକ ଜଣେକ ପ୍ରସିଦ୍ଧ ପଣ୍ଡିତ ଉକ୍ତ ଗ୍ରନ୍ଥଟିର ଲଙ୍କା କାଣ୍ଡ ରଚନା କରି ଭୋଜରାଜଙ୍କ ଗ୍ରନ୍ଥ ରଚନା ରୂପକ ମହାଯଜ୍ଞରେ ପୂର୍ଣ୍ଣାହୁତି ଦେଇଥିଲେ । ଭୋଜରାଜଙ୍କର ସେହି ଅମୂଲ୍ୟ କାବ୍ୟ ଗ୍ରନ୍ଥଟି ଅଷ୍ଟାଦଶ ଶତାବ୍ଦୀରେ ଅନୁବାଦିତ ହୋଇ ଓଡ଼ିଶାର ଗ୍ରାମପଲ୍ଲୀରେ ପ୍ରଚଳିତ ହୋଇଥିଲା କିନ୍ତୁ ଏହା ଅଦ୍ୟାବଧି ପୁସ୍ତକାକାରରେ ପ୍ରକାଶିତ ହୋଇ ଲୋକଲୋଚନର ଗୋଚରକୁ ଆସି ନଥିବାରୁ ସମାଲୋଚକମାନେ ଏ ଗ୍ରନ୍ଥ ସମ୍ବନ୍ଧରେ କୌଣସି ଆଲୋଚନା କରି ନାହାନ୍ତି ।

ଭାରତର ବିଦ୍ୟାକେନ୍ଦ୍ର କାଶୀ ପରି ପ୍ରାଚୀନ କାଳରୁ ପୁରୀ ଉତ୍କଳର ବିଦ୍ୟାକେନ୍ଦ୍ର ରୂପେ ଖ୍ୟାତି ଅର୍ଜ୍ଜନ କରି ଆସୁଛି । 'ଅନର୍ଘ ରାଘବ ନାଟକ'ର ପ୍ରଣେତା ମୁରାରି ମିଶ୍ର ଓ 'ସ୍ୱପ୍ନ'ର ପ୍ରଣେତା

ଶତାନନ୍ଦଙ୍କଠାରୁ ଆରମ୍ଭ କରି ବହୁ ପଣ୍ଡିତ ଏ ପ୍ରଦେଶ କ୍ଷେତ୍ରରେ ଜନ୍ମ ଗ୍ରହଣ କରି ଦେଶର ମୁଖୋଜ୍ଜ୍ୱଳ କରିଛନ୍ତି । ଅଦ୍ୟାବଧି ପୂର୍ବ ଓଡ଼ିଶାର ବିଦ୍ୟାଚର୍ଚ୍ଚାର ଶ୍ରେଷ୍ଠ କ୍ଷେତ୍ର ରୂପେ ପରିଗଣିତ ହେଉଛି ।

ଭୋଜରାଜଙ୍କ ବିଖ୍ୟାତ ଚମ୍ପୂ ରାମାୟଣର ଅନୁବାଦ ଏହି ପ୍ରଦେଶ କ୍ଷେତ୍ରରେ ଅନୁଷ୍ଠିତ ହୋଇଥିଲା । କବି ବନମାଳୀ ଭୋଜରାଜଙ୍କ ଚମ୍ପୂ ରାମାୟଣଟିକୁ ସ୍ୱତନ୍ତ୍ର ରୂପେ ଅଧ୍ୟୟନ ଓ ମନନ କରି ଉକ୍ତ ଗ୍ରନ୍ଥର ଅନୁବାଦ କରିଥିବାର ଜଣାଯାଏ ।

"ଶୁଣ ସାଧୁଜନ ହେ ମହା ସୁଜନ
ଭୋଜ ନାମେ ନରପତି ।
ଶ୍ରୀରାମ ଚରିତ କି ଜଗତେ ଖ୍ୟାତ
ଯାହା ଚମ୍ପୂ କରିଛନ୍ତି ।।

× × ×

ଭଣିତା ସୁଭୂଷ ନାନା ଦୃଷ୍ଟି ସୂତ୍ର
ରହିଅଛି ପ୍ରବନ୍ଧରେ,
ତା ଦେଖି ଏ ଗୀତ କଲି ବିରଚିତ
କ୍ଷମାକର ଦୋଷ ଧୀରେ ।।

× × ×

ଯେଉଁ ଭୋଜରାଜ ମୁଖକୁ ଚାହିଁ
ବଦନେନ୍ଦୁଙ୍କ ଶୁଭ୍ର ହୋଇ ଥାଇ ।

× × ×

ଏମନ୍ତେ ଶୌର୍ଯ୍ୟ ତେଜ ମହାରାଜ,
ସ୍ୱର୍ଗକୁ ଗଲେ ଚଢ଼ି କୀର୍ତ୍ତିଗଜ ।
ସନଚମ୍ପୂ ପାଞ୍ଚ କାଣ୍ଡେ ରହିଲା,
ଏ ଶିଶୁରୁ ଶୁଣି ସାହା ହୋଇଲା ।
ହେ ଲକ୍ଷ୍ମଣ ପୃଷ୍ଠ ହେ,
ଦେଖିଲେ ତପ ଭଣନ୍ତ ସୁଭୂଷ ହେ ।।

ଖଣ୍ଡ୍ୟାଦଲେ ଗ୍ରନ୍ଥ ପୂର୍ଣ୍ଣ କରିବା
ଅଳସ ବଦନେ ରସ ଲଭିବା ।”

କବି ବନମାଳୀ କେବଳ ରାମାୟଣ ଚମ୍ପୂର କବିତା ଲାଳିତ୍ୟରେ ମୁଗ୍ଧ ହୋଇ ତା'ର ଓଡ଼ିଆ ଅନୁବାଦ ଲାଗି ମନ ବଳାଇଥିଲେ, ତା' ନୁହେଁ; ଅଧିକନ୍ତୁ ତାଙ୍କର ସ୍ୱର୍ଗତଃ ଗୁରୁଦେବ ଲକ୍ଷ୍ମଣ ଚଳଚ୍ଛାଙ୍କଠାରୁ ସ୍ୱପ୍ନାଦେଶ ପାଇ ସେ ଏଭଳି ଏକ ମହତ୍ତ୍ୱ କାର୍ଯ୍ୟରେ ମନ ବଳାଇ ଥିଲେ ବୋଲି କବି ସ୍ୱଗ୍ରନ୍ଥରେ ସ୍ୱୀକାର କରିଛନ୍ତି ।

“ତେବେ କାହିଁ ପାଇଁ କଲି ମୁଁ
ଏ ଗୀତ ଯେହୁ ସଙ୍କେତ ଶୁଣିବ ।

× × ×

ପାଳ ଦେଶ ଉଦୟ ଗିରି
ପୂର୍ଣ୍ଣଚନ୍ଦ୍ର ଯେଉଁ ଜଗନ୍ନାଥ,
ତାଙ୍କ ପରିକର ଶିକର ମଧ୍ୟରେ
ଅଚଳ ଯେଉଁ ପ୍ରଶସ୍ତ ।
ନାମ ଶ୍ରୀ ଲକ୍ଷ୍ମଣ ଚଳଚ୍ଛା ଯେ ସ୍ୱପ୍ନେ
କହିଲେ ମହା ସନ୍ତୋଷ ।
ଗୁଣ ନିଧାନ ତାଙ୍କ ନନ୍ଦନ
ଶ୍ୟାମ ସୁନ୍ଦର ଚଳଚ୍ଛା ଆଦେଶ ।
ବୋଇଲେ ହେ ସୁତ ରାମଚମ୍ପୂ ଗୀତ
ଶୁଣି ତୃପ୍ତ ହେଲି ଚିତ୍ତ ।
ଉତ୍ତମ ସେ ହେଲା ଶ୍ରୁତିକି ମୋହିଲା
କରି ତୁ ତା ସମାପତ ॥

× × ×

କୁଣ୍ଡଳ ଏ ଭୋଜରାଜ ଚମ୍ପୂ ଗୀତ ମୋର,
ସମ୍ପୂର୍ଣ୍ଣ ହୋଇଲା ଯେଉଁ ବନ୍ଧୁ ଶୁଣ ଧୀର ।
ସୁଲକ୍ଷଣ ଶ୍ରୀ ଲକ୍ଷ୍ମଣ ଚଳଚ୍ଛା ସ୍ୱପ୍ନରେ,
ବୋଇଲେ ଏ ଗୀତ କର ନିର୍ବନ୍ଧ ମନରେ ସେ ।

ସେହି ଅଣ୍ଡା ମୂଳଯନ୍ତ୍ର କଳା ଚଞ୍ଚୁପଣ,
ମଦନ ଅଙ୍କୁରୁ ଦୃଢ ପ୍ରସ୍ଫୁଟେ ପଦ୍ମାଦ ସେ ।

× × ×

ଦେଖି ଶୁଭାରେ ଚକ୍ଷୁପଣ
ବାନ୍ଧନ୍ତି କିଶଙ୍କ ହୋଇ ମନରେ ।।”

କବି ବନମାଳୀଙ୍କ ଛନ୍ଦ ରାମାୟଣରେ ଏକ ବିଲକ୍ଷଣ ଉଦାହରଣ ଦେଖିବାକୁ ମିଳେ । କବିମାନେ ସାଧାରଣତ ଗ୍ରନ୍ଥଟିଏ ରଚନା କରି ନିଜ ନାମରେ ଭଣିତା କରିଥାନ୍ତି କିମ୍ବା ଧନପ୍ରାପ୍ତି ଆଶାରେ ନିଜର ପୃଷ୍ଠପୋଷକ ରାଜା ମହାରାଜାଙ୍କ ନାମରେ ଭଣିତା କରିଥାନ୍ତି । କିନ୍ତୁ କବି ବନମାଳୀ ଛନ୍ଦ ରାମାୟଣଟିକୁ ଅନୁବାଦ କରି ନିଜର ସ୍ୱର୍ଗତ ପିତା ହରିଙ୍କ ନାମରେ ଭଣିତା କରିଛନ୍ତି ।

“ନାମ ମୋର ବନମାଳୀ ପିତା ନାମ ହରି ।
ତାହାଙ୍କର ନାମ୍ବିଂ ଲକ୍ଷ୍ମୀ ପ୍ରସାଦ ଶୋଧକ୍ର ସେ ।।
ଅଜାଗର ବ୍ରତ ଧରି ମୁଁ ତାହାଙ୍କ ପୁତ୍ର ।
ନାହିଁ ମୋର ଧନ ଶାର୍ଯ୍ୟାଚନ ଶ୍ରାଦ୍ଧପତ୍ର ହେ ।।
କି ଦୁଃଖେ ଚିତ୍ତୁ ପୁଣିରୁ ହୋଇବ ମୁକତ ।
ଧନେ ହରି ଏହା କରୁଥିଲି ମୋର ଚିତ୍ତ ହେ ।।
ତାଙ୍କ ନାମେ ରାମଛନ୍ଦ ଗୀତ କଲି ଗୋଟାଏ ।
ଶ୍ରୀରାମଚନ୍ଦ୍ର ହେତୋହେ ପାନ ହରି ଯାତେ ସେ ।।”

କବି ବନମାଳୀ ଛନ୍ଦ ରାମାୟଣର ଅନୁବାଦ ‘ଦ୍ୱିତୀୟ ରାମାୟଣ ବା ରାମାୟଣ ରସାମୃତ’ ନାମରେ ଶେଷ କରି ଗ୍ରନ୍ଥଟିକୁ ଲୋକପ୍ରିୟ କରିବା ଆଶାରେ ନାନା ପ୍ରକାର ଚେଷ୍ଟା କରିଛନ୍ତି । ‘ବୈଦେହୀଶ ବିଳାସ’, ‘ରସକଲ୍ଲୋଳ’ ଆଦି ଗ୍ରନ୍ଥ ଗୁଡ଼ିକ ବିଭିନ୍ନ ରାଗ ରାଗିଣୀରେ ପୂର୍ଣ୍ଣ ହୋଇଥିବାରୁ ଲୋକେ ସେ ଗୁଡ଼ିକୁ କଣ୍ଠସ୍ଥ କରିଥାନ୍ତି । ମଧ୍ୟଯୁଗୀ କାଳରେ ଲୋକମାନେ ରାଗ ରାଗିଣୀ ଭିତରେ ଯୋଉ ଦେଇ କାବ୍ୟ ଅଧ୍ୟୟନ କରୁଥିବାର ଜଣାଯାଏ । ତେଣୁ କବି ବନମାଳୀ ତାଙ୍କ

ଚଉପଦୀରେ ନାନା ପ୍ରକାର ରାଗ ରାଗିଣୀର ସମାବେଶ କରି କାବ୍ୟଟିକୁ ସରସ ଓ ସୁନ୍ଦର କରିଛନ୍ତି । ଯଦି ଗ୍ରନ୍ଥବଡ଼ ହେଲେ କାଳେ ଲୋକମାନେ କଣ୍ଠସ୍ଥ କରିବାକୁ କୁଣ୍ଠାବୋଧ କରିବେ, ସେଥିଲାଗି ରାମାୟଣ ରସାମୃତଟିକୁ କବି ଚଉପଦୀ ଆକାରରେ ରଚନା କରିଛନ୍ତି । ଗ୍ରନ୍ଥଟିର ସମୁଦାୟ ଚଉପଦୀ ସଂଖ୍ୟା ତିନଶହ ଷାଠିଏ ବୋଲି ଆଭାସ ଦେଇ ସୁଧୀବୃନ୍ଦଙ୍କୁ, ପ୍ରତିଦିନ ଗୋଟିଏ ଗୋଟିଏ ଚଉପଦୀ ଅଭ୍ୟାସ କରି ବର୍ଷକ ମଧ୍ୟରେ ସମୁଦାୟ ଗ୍ରନ୍ଥଟିକୁ କଣ୍ଠସ୍ଥ କରିଦେବା ଲାଗି କବି ଅନୁରୋଧ କରିଛନ୍ତି ।

"ରଚିଲି ଏ ରତ୍ନମାଳା ଚଉପଦୀ ମୁହିଁ,
କଣ୍ଠ ଦେଇ ମଣ୍ଡ ରସିକେ ନିଃଶଙ୍କ ହୋଇ ହେ ।
× × ×
ଗୋଟାଏ ଲେଖାଏ କଣ୍ଠେ ମଣ୍ଡ ଧୀର
ସମ୍ବତ୍ସର ପୂର୍ତ୍ତି ହେବ ଭେଦିବ ଅନ୍ତର ହେ ।
ସମ୍ବତ୍ସର ଦିନ ସଂଖ୍ୟା ଚଉପଦୀ ଏହି,
ରସିକେ ସନ୍ତୁଷ୍ଟେ ହେଲେ ଦୋଷ ମନ ଦେଲି ହେ ।"

ପ୍ରାଚୀନ କାଳର କବିମାନେ ଗ୍ରନ୍ଥର ଆରମ୍ଭରେ ଯେଉଁ ଦେବ-ଦେବୀଙ୍କ ବର୍ଣ୍ଣନା କରିଥାନ୍ତି ସାଧାରଣତଃ ସେମାନେ ସେହି ଦେବଦେବୀଙ୍କ ଉପାସକ ବୋଲି ଧରି ନିଆଯାଏ । ଏ ଦୃଷ୍ଟାନ୍ତ ସାରଳାଙ୍କ ସାହିତ୍ୟରେ ବିରଳ ନୁହେଁ । କବି ବନମାଳୀଙ୍କ ସୁରଚିତ ରାମାୟଣର ମଙ୍ଗଳାଚରଣ ପାଠ କଲେ ଜଣାଯାଏ ଯେ ସେ 'ଯଶୋଦାନନ୍ଦନ', ପୂତନା ମର୍ଦ୍ଦନ', 'ଗୋବର୍ଦ୍ଧନଧାରୀ', 'ବ୍ରଜବଧୂ ରାସମଣ୍ଡଳ ବିହାରୀ', 'ବୃଷଭାନୁସୁତା କୌତୁକ କାରୀ', 'ନବଘନ ଶ୍ୟାମସୁନ୍ଦର', ; ବୃନ୍ଦାବନନାଥଙ୍କର ଅନନ୍ୟ ଭକ୍ତ ଥିଲେ ।

"ଜୟ ଜୟ ଗୋପୀନାଥ ରାଧିକା ଜୀବନ,
ଜୟ ଗୋକୁଳ ଆସନ ଯଶୋଦା ନନ୍ଦନ ହେ ।
ଜୟ ଦୁଷ୍ଟ ନିଶାଚରକୁଳ ନାଶକାରୀ,
ଜୟ ପୂତନା ମର୍ଦ୍ଦନ ଗୋବର୍ଦ୍ଧନ ଧାରୀ ହେ ।
ଜୟ ବ୍ରଜ ବଧୂ ରାସମଣ୍ଡଳ ବିହାରୀ,
ଜୟ ବୃଷଭାନୁ ସୁତା କଉତୁକକାରୀ ହେ ।

ଜୟ ନବଘନ ଶ୍ୟାମ ମୂରତି ବଦନ,
ଜୟ ବ୍ରଜରାଜ ସୁତ ନଳୀନ ନୟନ ହେ ।
ଜୟ ବୃନ୍ଦାବନ ନାଥ ହେ ମୁରଲୀ ହାତ,
କୃପାକରି ମନୋରଥ ପୂର ମୋର ସ୍ୱାର୍ଥ ହେ ।
ତୁମ୍ଭ ପଙ୍କଜ ଚରଣେ ମତି ରହୁ ନିତି,
ଉକ୍ତ ଘନ ଦୀନ ହରି ଏ ଗୀତ ବଦନ୍ତି ହେ ।"

କବି ବନମାଳୀ ଶ୍ରୀକୃଷ୍ଣଙ୍କର ଅନନ୍ୟ ଭକ୍ତ ହୋଇଥିବାରୁ ଦ୍ୱିତୀୟ ରାମାୟଣ ପରି ରାମ କାବ୍ୟରେ ମଧ୍ୟ ଇଷ୍ଟଦେବ କୃଷ୍ଣଙ୍କ ବର୍ଣ୍ଣନା ମଙ୍ଗଳାଚରଣରେ ଦେଇଛନ୍ତି ।

କବି ବନମାଳୀ ନିଜର ଅହଂକାର ପରିହାର ନିମିତ୍ତ ସ୍ୱକାବ୍ୟ ଗ୍ରନ୍ଥର ଅନେକ ସ୍ଥଳରେ ସୁଧୀବର୍ଗଙ୍କୁ ନିଜର ଅଜ୍ଞତା ଜଣାଇ ନିବେଦନ କରିଛନ୍ତି ଏବଂ କବିଚନ୍ଦ୍ର କୃଷ୍ଣଦାସ (ଦୀନକୃଷ୍ଣ ଦାସ ବୋଧହୁଏ) ଙ୍କ କବିତା ତୁଳନାରେ ନିଜର କାବ୍ୟଟି କୌଣସି ମତେ ତୁଳନୀୟ ନୁହେଁ । ସେଥିଲାଗି ପାଠକମାନଙ୍କୁ, କେବଳ ରାମକାବ୍ୟ ଦୃଷ୍ଟିରୁ ଦ୍ୱିତୀୟ-ରାମାୟଣର ଅଧ୍ୟୟନ ଲାଗି ଅନୁରୋଧ ଜଣାଇଛନ୍ତି । ତଦ୍‌ବ୍ୟତୀତ ଅନ୍ୟ କେତେକ ସ୍ଥଳରେ ମଧ୍ୟ ନିଜର ହୀନତା ପ୍ରକାଶ କରିଛନ୍ତି ।

"କୃଷ୍ଣ ଦାସ କବିଚନ୍ଦ୍ର ଗୁଣମଣି ଗୀତ,
ଆଜି ଆଜି ଏଥୁ କରିଦିବ ତୁମ୍ଭ ଚିତ୍ତ ହେ ।
ଏହି ଯେନ ମାଗୁଅଛି ଶୁଣ ହେ ସୁହୃଦେ,
ଦେଖିବ ଏ ଗୀତ ଚିତ୍ତ ଥିଲେ ରାମ ପଦେ ହେ ।

× × ×

ମାଡ ଦୁରବୁଦ୍ଧି ମୁଁ ଅଜନ ହୀନ ଜନ,
ଚେଷ୍ଟ ହେବାକୁ କଲି ଏ ଗୀତ ବର୍ଣ୍ଣନ ହେ ।
ଯେଣୁ ବୁଦ୍ଧିମନ୍ତି କବି ଶ୍ରେଣୀ ଅଛି
ଖଣ୍ଡିବ ପାତକ ଭଣି,
ପୂଜିବା ମନର ଅଛି କି ନ କରେ
ସୁନାକୁ କର୍ମିଳ ଯୋଗାଡ ।

× × ×

ଦଜାଂଶଙ୍କ ଭକ୍ତ ଚାତୁରିରତ୍ନର ଧ୍ୱଣିକ,
କଲି ଯାହା କେତେ ମୋତେ ନ ମାଜିଲ ଲଜ ହେ ।
ସନ୍ଥ ସ୍ୱପନ୍ତୁ ଦେଖନ୍ତେ ମୋ ମନ ତ ଚୋରି,
ଯାଗ୍ୟାର ନ ଚିନ୍ତନ୍ତି ତେଣୁ ଉପହାସ ହେ ।"

## କବିଙ୍କ ସମୟ ଓ ବାସସ୍ଥାନ —

କବି ବନମାଳୀ କେଉଁ ସମୟର ଲୋକ, ସେ ବିଷୟରେ ସାଧାରଣ ପାଠକଙ୍କର କୌତୂହଳ ଉଦ୍ରେକ ହେବା ସ୍ୱାଭାବିକ । ସେ ପ୍ରକାର ଜିଜ୍ଞାସାର ଉପଶମ ନିମିତ୍ତ କବି ବନମାଳୀ, ପ୍ରାଚୀନ କାଳର କବି ମାନଙ୍କର ରୀତିକୁ ଅନୁସରଣ କରିଛନ୍ତି । କବିଙ୍କ 'ସୁନ୍ଦର ରାମାୟଣ'ରୁ ତାଙ୍କ ସମୟ ସମ୍ବନ୍ଧରେ ଯେଉଁ ତଥ୍ୟ ମିଳେ ଏଠାରେ ପ୍ରଦତ୍ତ ହେଲା ।

"ଶ୍ରୀବୀର କେଶରୀ ଦେବ ଅବନୀ ପତି,
ତାଙ୍କ ସପ୍ତାଂଶ ଅଙ୍କେ ସୃଷ୍ଟି ହେଲ ଗୀତ ।
ରସ ଋଷି ଋତୁ ଶଶୀ ଶକାବ୍ଦର ଜାଣ,
ଏ ଚରିତ ପୂର୍ଣ୍ଣ ହେଲା ଶୁଣ ବିଚକ୍ଷଣ ହେ ।"

ଓଡ଼ିଶାର ରାଜସିଂହାସନରେ ଏକାଧିକ ବୀରକେଶରୀଦେବ ଆରୋହଣ କରିଥିବାରୁ ଏଠାରେ କବିଙ୍କ ପ୍ରଦତ୍ତ ବୀରକେଶରୀ ଦେବଙ୍କ ସମ୍ବନ୍ଧରେ ସନ୍ଦେହର ଆଶଙ୍କା ଥିଲା । ମାତ୍ର କବି ବନମାଳୀ ସେ ସନ୍ଦେହର ମୋଚନ ନିମିତ୍ତ ରସ, ଋଷି, ଋତୁ, ଶଶୀ, ଶବ୍ଦ ଉଲ୍ଲେଖ କରିଛନ୍ତି । 'ଅଙ୍କାନାଂ ବାମତୋ ଗତିଃ' ଅନୁସାରେ ରସ = ୬, ଋଷି = ୭, ଋତୁ = ୬ ଶଶୀ = ୧, ଅର୍ଥାତ୍ ୧୬୭୬ ଶକାବ୍ଦରେ କବି ସୁନ୍ଦର ରାମାୟଣର ରଚନା ସମାପ୍ତ କରିଥିଲେ ।

ବୀରକେଶରୀ ଦେବ (୧ମ)ଙ୍କ ସମୟ ନିର୍ଦ୍ଧାରଣ ବିଷୟରେ ଐତିହାସିକଙ୍କର ଅନୈକ୍ୟ ମତଭେଦ ରହିଛି । କିନ୍ତୁ ଓଡ଼ିଶା ପ୍ରାଦେଶିକ ସଂଗ୍ରହାଳୟରେ ସଂରକ୍ଷିତ କେତେକ ଗ୍ରନ୍ଥରେ ପ୍ରଦତ୍ତ ବୀରକେଶରୀ ଦେବ (୧ମ)ଙ୍କ ଅଙ୍କ ସମ୍ବନ୍ଧରେ ବିଶେଷ ଆଲୋଚନା କରି ଐତିହାସିକ

ଶ୍ରୀ କେଦାର ନାଥ ମହାପାତ୍ର; ଉକ୍ତ ରାଜାଙ୍କର ସମୟ ଖ୍ରୀଷ୍ଟାବ୍ଦ ୧୭୩୬ରୁ ୧୭୯୩ ବୋଲି ନିର୍ଦ୍ଦିଷ୍ଟ ମତ ଦେଇଛନ୍ତି (୧)।

ବୀରକିଶୋର ଦେବଙ୍କର ସମୟ ଖ୍ରୀ:ଅ: ୧୭୩୬-୯୩ ବୋଲି ନିର୍ଦ୍ଧାରିତ ହେବା ପରେ କବି ବନମାଳୀଙ୍କ ଗ୍ରନ୍ଥରଚନା ସମୟ ସମ୍ବନ୍ଧରେ କୌଣସି ସନ୍ଦେହର ଅବକାଶ ରହୁନାହିଁ। କବି ବୀରକିଶୋର ଦେବଙ୍କ ସପ୍ତୋବିଂଶ ଅଙ୍କ, ଶକାବ୍ଦ ୧୬୭୬ରେ ଗ୍ରନ୍ଥ ଶେଷ କରିଥିବାରୁ ଗଣନା ଅନୁସାରେ ତାହା ଖ୍ରୀ ଅ: ୧୭୫୪ରେ ଶେଷ ହୋଇଥିଲା ବୋଲି ଗ୍ରହଣ କରିବାକୁ ହେବ।

କବି ବନମାଳୀ ପିତୃଋଣ ପରିଶୋଧ କରିବା ନିମିତ୍ତ ସୁଚିତ୍ର ରାମାୟଣ ରଚନା କରି ପିତା ଧରଙ୍କ ନାମରେ ଉତ୍ସର୍ଗ କରିଥିଲେ ବୋଲି ପୂର୍ବରୁ ଉଲ୍ଲେଖ କରାଯାଇଛି। ଗ୍ରନ୍ଥ ରଚନା ବେଳକୁ କବିଙ୍କ ଅନ୍ୟୂନ ୩୦ ବର୍ଷ ବୟସ ହୋଇଥିଲେ, ତାଙ୍କ ଜନ୍ମ ଖ୍ରୀଷ୍ଟାବ୍ଦ ୧୭୨୦ରୁ ୧୭୨୪ ମଧ୍ୟରେ ହୋଇଥିବା ଅନୁମାନ କରାଯାଇ ପାରେ। କବିଙ୍କ ଜନ୍ମଦିନ ଓ ଗ୍ରନ୍ଥ ଆରମ୍ଭର ନିର୍ଦ୍ଦିଷ୍ଟ ଦିନ ମିଳିବା ପର୍ଯ୍ୟନ୍ତ ଏ ପ୍ରକାର ଅନୁମାନ ଅସମୀଚୀନ ନୁହେଁ।

ଅଷ୍ଟାଦଶ ଶତାବ୍ଦୀରେ ବିଶେଷତଃ ବୀରକିଶୋର ଦେବ (୧ମ)ଙ୍କ ରାଜତ୍ୱ କାଳରେ ଓଡ଼ିଶାରେ ବହୁ ସଂସ୍କୃତ ଓ ଓଡ଼ିଆ ଗ୍ରନ୍ଥ ଲେଖା ଯାଇଥିଲା। ଉକ୍ତ ରାଜା କବି ଓ ପଣ୍ଡିତମାନଙ୍କୁ ବିଶେଷ ଭାବରେ ପୁରସ୍କୃତ କରି ସେମାନଙ୍କ ଉତ୍ସାହ ବୃଦ୍ଧି କରୁଥିଲେ। କବି ବନମାଳୀ ଜଣେ ଖ୍ୟାତନାମା କବି ସ୍ୱଭାବରେ ବୀରକିଶୋର ଦେବଙ୍କ ଦ୍ୱାରା ସମ୍ମାନିତ ହୋଇଥିବେ। ତେଣୁ ସୁଚିତ୍ର ରାମାୟଣରେ କବି ବନମାଳୀ ନିଜ ପୃଷ୍ଠ-ପୋଷକଙ୍କର ବିଶେଷ ଗୁଣ ବର୍ଣ୍ଣନା କରିଥିବାର ଦେଖାଯାଏ।

“ଖଣ୍ଡ ଅବନୀକୁଳ ନରେନ୍ଦ୍ର କେଶରୀ,
ନୀଳ କୁଳକୁମୁଦଙ୍କ ଚନ୍ଦ୍ରମା ଶର୍ବ୍ବ ଯେ।

---

(୧) Manimala Natika and Anadikavi. By, K.N. Mohapatra, O.H.R.J. Vol. IV, No. 3-4 Page ୧୦.

ଅଭିନାସ୍ତ ନେତ୍ର ବାଣ ଜାତରେ କୁଶଳ,
ମାଳଗିରିଶ୍ବର ଭକ୍ତ ବର୍ଗରେ ପ୍ରବଣ ସେ ।
ଗଜପତି ଭୂପତି ତିଳକ ଗୁଣଗ୍ରାହୀ,
କ୍ଷମାଶୀଳ ଦୟାବନ୍ତ ନୃପକୁଳେ ଧାନ୍ୱଂ ସେ ।”

କବି ବନମାଳୀଙ୍କ ବାସସ୍ଥାନ ସମ୍ବନ୍ଧରେ ମଧ୍ୟ ସେ ସୁନ୍ଦର ରାମାୟଣରେ ସୂଚନା ଦେଇଛନ୍ତି ।

“ଶ୍ରୀ କ୍ଷେତ୍ରବରେ ଦୋଳମଣ୍ଡପ ସାହିରେ,
ଜନମ କରଇ କୁଟିଳ ଅଟ୍ଟାଳ ମନ୍ଦିରେ ।”

କବିଙ୍କ ପ୍ରବନ୍ଧ ଉପରୋକ୍ତ ଉଦ୍ଧୃତ ଅଂଶଟି ପୁଷ୍ପ ରଘୁନନ୍ଦନ ପାଠାଗାରରେ ସଂରକ୍ଷିତ ସୁନ୍ଦର ରାମାୟଣ ବ୍ୟତୀତ ଅନ୍ୟ କୌଣସି ନକଲରେ ମିଳୁନାହିଁ । କିନ୍ତୁ ରଘୁନନ୍ଦନ ପାଠାଗାରର ତାଳପତ୍ର ପୋଥିଟି, ବୀରକିଶୋର ଦେବ (୧ମ)ଙ୍କ ୭୨ ଅଙ୍କ ବୃଷ ୧୨ ଦିନ ଶନିବାର ଅର୍ଥାତ୍ ଖ୍ରୀଷ୍ଟାବ୍ଦ ୧୭୭୫ ମେ ମାସ ୭ ତାରିଖରେ ନକଲ ହୋଇଥିବାରୁ (ଗ୍ରନ୍ଥ ରଚନାର ୧୧ ବର୍ଷ ମଧ୍ୟରେ ନକଲ) ଅନ୍ୟାନ୍ୟ ପୋଥିଗୁଡ଼ିକ ଅପେକ୍ଷା ଅଧିକ ପ୍ରାମାଣିକ ଓ ବିଶ୍ୱାସଯୋଗ୍ୟ ବୋଲି ଧରାଯାଇ ପାରେ ।

## କବି ପ୍ରତିଭା—

ବନମାଳୀଙ୍କ କାବ୍ୟ ପ୍ରତିଭା ବିଷୟରେ ଆଲୋଚନା କଲେ ଜଣାଯାଏ ଯେ, ସେ ଜଣେ ଧୁରୀଣ କବି ଥିଲେ । ଯଦ୍ୟପି କବିଙ୍କ ରଚିତ ଅନ୍ୟ କୌଣସି ଗ୍ରନ୍ଥ ଅଦ୍ୟାପି ଉପଲବ୍ଧ ହୋଇ ନାହିଁ, ତଥାପି ‘ସୁନ୍ଦର ରାମାୟଣ’ରୁ କବିଙ୍କ ବହୁଜ୍ଞତା ସମ୍ବନ୍ଧରେ ଯଥେଷ୍ଟ ଉପାଦାନ ମିଳେ ।

ସୁନ୍ଦର ରାମାୟଣର ଛନ୍ଦ-ଯୋଜନା କ୍ଷେତ୍ରରେ କବି ବନମାଳୀ ଯେଉଁ ପନ୍ଥା ଅନୁସରଣ କରିଛନ୍ତି, ତାହା ଅତି ପ୍ରଶଂସନୀୟ ଉଦ୍ୟମ ବୋଲି କହିବାକୁ ହେବ । ତାଙ୍କର ପୂର୍ବବର୍ତ୍ତୀ କବିମାନେ ଯେଉଁ ସବୁ ଲୋକପ୍ରିୟ ଛନ୍ଦ ବ୍ୟବହାର କରିଥିଲେ କବି ସେ ଛନ୍ଦଗୁଡ଼ିକୁ ବ୍ୟବହାର କରିବା ସଙ୍ଗେ ସଙ୍ଗେ ଆଉ କେତେକ ନୂତନ ଛନ୍ଦ ମଧ୍ୟ ବ୍ୟବହାର କରିଥିଲେ ।

ତାଙ୍କ 'ସ୍ୱତନ୍ତ୍ର ରାମାୟଣ'ରେ ନାଟ, ଚକ୍ରକେଳି, ମଲାର, ଧନାଶ୍ରୀ, ମାଳୁଆ, ଗୁଣ୍ଡ, ଗଉଡ଼ ଗୁଜ୍ଜରୀ, ଲଳିତ ବସନ୍ତ, ଭୈରବୀ, ରାମକେରୀ, ବସନ୍ତ, କାଳୀ, ଶଙ୍କରାଭରଣ, ଆହାରୀ, ମଙ୍ଗଳଗୁଜ୍ଜରୀ ଆଦି ସେକାଳର ଲୋକପ୍ରିୟ ଛନ୍ଦକୁ ପ୍ରୟୋଗ କରିବା ସଙ୍ଗେ ସଙ୍ଗେ ପୂର୍ବବର୍ତ୍ତୀ କବିମାନଙ୍କ ରଚନା (କବିତା)ର ମୂଳ ଧାଡ଼ିକୁ ସ୍ୱରଚିତ ରୀତିପଦର ଅନୁରୂପେ ବ୍ୟବହାର କରି ରାମତତ୍ତ୍ୱକୁ ଲୋକପ୍ରିୟ କରିବା ଲାଗି ଅଧିକ ଯତ୍ନବାନ୍ ହୋଇଛନ୍ତି। ଉଦାହରଣ ସ୍ୱରୂପ କେତୋଟିର ନାମ ଏଠାରେ ଉଲ୍ଲେଖ କରାଗଲା।

"ହଂସଦୂତ ବାଣୀ, ସୁଧାଦର୍ଶନ ଚଉତିଶା ବୃତ୍ତି, ସୁନାରାଙ୍କା ଚଉତିଶା ବାଣୀ, ମଧୁକର ଚଉତିଶା ବୃତ୍ତି, ରାମଦାସ କୋଇଲି ବାଣୀ, ଉଦ୍ଧବ ଚଉତିଶା ବୃତ୍ତି, କୃଷ୍ଣଦାସ ଚଉତିଶା ବୃତ୍ତି" ଇତ୍ୟାଦି।

କବି ବନମାଳୀ, ବିଶ୍ୱନାଥ ଓ ଲକ୍ଷ୍ମଣ ଦାସଙ୍କ 'ତତ୍ତ୍ୱରାମାୟଣ'କୁ ଅନୁବାଦ କଲାବେଳେ ନିଜର ଦକ୍ଷତା ଦେଖାଇ ପ୍ରଶଂସାର୍ହ ହୋଇଛନ୍ତି। ସଂସ୍କୃତ ଗଦ୍ୟ ପଦ୍ୟମୟ 'ତତ୍ତ୍ୱରାମାୟଣ'କୁ ଓଡ଼ିଆ ଛନ୍ଦପଦରେ ଅନୁବାଦ କଲାବେଳେ, ମୂଳ ବିଷୟବସ୍ତୁର କୌଣସି ଅଂଶ ଯେପରି ବାଦ ପଡ଼ି ନଯାଏ ସେଥିପ୍ରତି କବି ଯତ୍ନବାନ୍ ହୋଇଛନ୍ତି। ଉଦାହରଣ ସ୍ୱରୂପ ଏଠାରେ ପ୍ରଦତ୍ତ 'ତତ୍ତ୍ୱରାମାୟଣ'ର ମୂଳ ଶ୍ଳୋକ ଓ ବନମାଳୀଙ୍କ ଅନୁବାଦ ପ୍ରତି ଦୃଷ୍ଟି ଦେଲେ ଉପରୋକ୍ତ ମତର ସତ୍ୟତା ସମ୍ବନ୍ଧରେ ବେଶ୍ ଧାରଣା କରିହୁଏ।

"ବାଲ୍ମୀକି ଗୀତ ରଘୁପୁଙ୍ଗବ କୀର୍ତ୍ତି ଲେଶୈ—
ସ୍ତୃପ୍ତିଂ କରୋମି କଥମପ୍ୟଧୁନା ବୁଧାନାମ୍।
ଗଙ୍ଗାଜଳୈର୍ଭୁବି ଭଗୀରଥ-ଯତ୍ନଲବ୍ଧୈଃ
କିଂ ତର୍ପଣଂ ନ ବିଦଧାତି ନରଃ ପିତୃଣାମ୍॥"

ଅନୁବାଦ—"ବାଲ୍ମୀକେ ମତେ                ଏ ମର୍ତ୍ତ୍ୟ ଭୁବନେ
ଗଙ୍ଗା ଆଣିଲେ ଭଗୀରଥ,
ତର୍ପଣ ଯେ କରେ                ନେଇ ଜଳେ ଯେବେ
ବଂଶ କରନ୍ତି କୃତାର୍ଥ।।

ସେହ୍ନମନ୍ତ ଋଷି ବାଲମୀକ ଋଷି—
ଅଛନ୍ତି ସାହା ଶୀତରେ,
ସେଣ୍ଟ ଅନୁସାରେ ଗନ୍ଥ ଦଳ ଧୀରେ
ସୁଖ ଲଭିବ ଏଥିରେ ।”

“ଅଥ ସରୟିଜ ଯୋଗେନ ରାଜସ୍ୟା ରାମବୃତ୍ତଂ
କରବଦର ସମାନଂ ପ୍ରେକ୍ଷ୍ୟ ଦୃଷ୍ଟ୍ୟା ପ୍ରତତ୍ୟ ।
ଶ୍ରୁଭମତେନକ୍ତ କାବ୍ୟଂ ସ୍ୱାଦୁରାମାପ୍ୟଣାଖ୍ୟଂ
ମଧୁମଧୁ ଭଣିତାନାଂ ମାର୍ଗଦର୍ଶୀ ମହର୍ଷିଃ ।”

ଅନୁବାଦ—

ସରସିଜ ଯୋନି ଆଜ୍ଞାରେ ଶ୍ରୀରାମ ଯେତେକ
ମହାବାଲମୀକ ଋଷିଙ୍କୁ ପ୍ରତ୍ୟକ୍ଷେ ହୋଇଲା ତେତେକ ।
ହସ୍ତରେ ବଦରୀ ଫଳଥିବା ପ୍ରାୟେ ହୋଇଲେ ସାକ୍ଷାତ
ଯୋଗ ଦୃଷ୍ଟିରୁ ମୁନୀଶ୍ୱର ଜାଣିଲେ ଶ୍ରୀରାମ ଚରିତ ।
ମଧୁର ରଘୁନାଥ କଥା ବାନ୍ଧିଲେ ସୁକାବ୍ୟ ବନ୍ଧରେ ।”

“ଜାକ୍ରୁଷ୍ଟୋଽପ୍ୟଥ ରକ୍ଷସାମଧିପତେ
ବାଣାସୁରୁ ବେଷ୍ଟିତେ
ଦୃଷ୍ଟ୍ୱା ହାଟକେ ଭାଟକେଷୁ ହରଣେ
ଶାର୍ଦ୍ଦୂଳ ବକ୍ରୀକୃତମ୍ ।
ଆଗଚ୍ଛନ୍ନନୁକେବ ଡଂଶଧରା
ମାକର୍ଣ୍ଣ୍ୟବାର୍ତ୍ତାଂ ତତଃ
ସୀତାଧୃଷମ ଲ୍ଲକସସ୍ତୁଦ୍ଧଂ ରାମଃ
ପ୍ରତସ୍ଥେ ଦ୍ରୁତମ୍ ।”

ଅନୁବାଦ—

“ରଘୁନନ୍ଦନ,
ତେତେଣେ ଦେଖିଲେ ଲକ୍ଷ୍ମଣ ରାବଣ !
ବାଣବାସୁର ତାହାଙ୍କୁ ବେଷ୍ଟିତ କରିଥିଲା ଦଶାନନ ।।

ମାଟକ ମୃଗ ଭାଟକସ୍ଥଳଠାରେ
କରି ଶାର୍ଦ୍ଦୁଳ ପରାକ୍ରମ ।

ଲେକ୍ଷଟକେ ସଭମିଶୀଙ୍କି ବାଟରେ
ଦେଖିଲେ ସେ କାଳେ ଶ୍ରୀରାମ ।

ଶୁଣିଲେ ସକଳ ବୃତ୍ତାନ୍ତ ସେ ଅଗ୍ରଃ—
କରୁଣ ଶଙ୍କାରେ ପୂରିଲ ।

ଜାନକୀ-ସଙ୍ଗମ ଲଳସାରେ ଯାଇ
ମିଳଲେ ଯଜ୍ଞ ପର୍ଣ୍ଣଶାଳା ।”

“ମାୟା ମୃଗେଣ ତବ ମୈଥିଲ ବଞ୍ଚିତାୟାଃ
ଶାଖା ମୃଗେଣ ପୁନରାଗତ ଶିଖ୍ୟସ୍ୟଭୂତ୍ ।
ଏଷା କଥାପି ଭୁବନେ ବଲେଶ ପଦସ୍ୟାତ୍
କା ନାମ ରାମଧନୁଷଃ ପ୍ରଥିତା ପ୍ରଶସ୍ତିଃ ।”

ଅନୁବାଦ — ( ଆଶୋ ଗୀତେ )

କଥା ଶୁଣିଲେ ଲୋକେ କହିବେ ଜଗତେ ।
ମାୟାମୃଗ ପଠିଆଇ ହରିଲୁ ବଂଶପାଣି
ପଠିଆଇ ଶାଖାମୃଗ ନେଲେ ତା’ ରତ୍ନମଣି ।
ଏଣୁ ଜଗତ ବଦିତ ହେଲେ ଶ୍ରୀରାମ ଶରାସନ
ପ୍ରତାପ ଜଣା ନ ଯିବ କଣା ଧରିବ ତ୍ରିଭୁବନ ।

କବି ବନମାଳୀ ଭୋଜରାଜ ଓ ଲକ୍ଷ୍ମଣ ସୂରୀଙ୍କ ଶ୍ଳୋକର ଅନୁବାଦ ଅବି ଭାବରେ ନ କରି ମୂଳ ସଂଶୋଧରେ ନିଜ ପ୍ରତିଭାର ପରିଚୟ ଦେବା ଲାଗି ଅପୂର୍ବେନାସ୍ତି ଚେଷ୍ଟା କରିଛନ୍ତି । ସୀତାହରଣ ‘ପରେ ଶ୍ରୀରାମଚନ୍ଦ୍ରଙ୍କ ଶୋକ-ବର୍ଣ୍ଣନା ପ୍ରସଙ୍ଗ ‘ରାମାୟଣ ଚମ୍ପୂ’ରେ ଅତି ସଂକ୍ଷେପରେ ଦିଆ ଯାଇଛି । କିନ୍ତୁ କବି ବନମାଳୀ ଶ୍ରୀରାମଚନ୍ଦ୍ରଙ୍କ ଶୋକ

ବର୍ଣ୍ଣନାରେ କବିଙ୍କୁ ଦେଖାଇ ଉକ୍ତ ପ୍ରସଙ୍ଗ ଉପରେ କେତୋଟି ଚମତ୍କାର ଚଉପଦୀ ରଚନା କରିଛନ୍ତି ।

"କ୍ଷେମା ହେମା ରମା କରୁ ନିଜ ଦୋଷକୁ,
ବାମ ନୋହୁ ବାମା ଦେଖା କାଶ ହାସକୁ ।
ଶ୍ୟାମା ଦେଖା ନଦେଲୁ, ଭ୍ରମାଉଛୁ କର୍ମାଇଂ,
ହେମାଙ୍କି ନାଶୁ ନିଜ ବାସକୁ ରେ ॥

\+ \+ \+

ଧରମ ବଂଶେ ଭଲଙ୍କ ହୋଇବ,
ସରମ ସଖି ! ମରଣୁଂ ବଳିବ ।
ଧର ମନେ ଏ ବସ୍ତୁର ସୁକେଶି !
ହରମଦକୁ ମୋର ଦୁଃଖ ଆଣି ।
କର ମୋତେ ଅନୁଗ୍ରହରେ,
ଚରମ ଦାରୁଣ ଅଟେ ଫୁଲଧନୁ,
ଚରମଦା ତେଜ ଗ୍ରହରେ ॥

× × ×

ସଖି ନ ପାରଇ ବିଷମ ଶର,
ମଦନଦହନା ମୋତେ କଲୁ ଦୂର
ରକ୍ଷି ନ ଦେଖଇ ତୋ ବିନୁ ଆନେ,
ସଖି ! ନ ଶୋଭିଲୁ ଏତକ ମନେ ଯେ,
ଭକ୍ତି ନ ଥିଲୁ କର୍ମାଇଂ ରେ,
ବଞ୍ଚି ନ ଥାନ୍ତି ଏ ଦାରୁଣ ଦହଣ,
ଅଗ୍ନିନ ଶରଳ ଖାଇ ରେ ॥"

କେବଳ ଶୋକ ବର୍ଣ୍ଣନାରେ ନୁହେଁ, ଋତୁ ବର୍ଣ୍ଣନା ପ୍ରସଙ୍ଗରେ ମଧ୍ୟ କବି ବନମାଳୀ ଅନେକ ସ୍ଥଳରେ ମୂଳସଂସ୍କୃତର ଅନୁବାଦ ବ୍ୟତୀତ ସ୍ୱକୀୟ ପ୍ରତିଭା ଜନିତ ବର୍ଣ୍ଣନା କରିଛନ୍ତି ।

"ହେମାଇଲା ହେମ ସମସ୍ତ ପୁରକୁ କଲା ନିର୍ଭୁ,
ଦର୍ଶିଲ କେଦାର ତପୁ ଶସ୍ୟ ପ୍ରାନ୍ତ ହେମନ୍ତ,

କନ୍ଦର୍ପ ଜିଣେ ବିଜୟ ବାରାଣସୀ ଅବଶୋଷ୍ୟ,
ପଞ୍ଚବଟୀରେ ସମସ୍ତ ପରମେ ହେଲା ଜିଷ୍ଣୁ ହେ
ଚନ୍ଦ୍ରକର,
ଅସୁଖ ମଣିଲେ ସବୁ ନର ହେ ॥

ତପନଠାରେ ଆଦର ଦୂର ଚନ୍ଦ୍ରଶାଳା ପୁର—
ହେଲା ଭୟଙ୍କର ହେ ।

ସୀତା ଶୋଷେ ଗଲୁ ଜାହ୍ନିଂ କୁଞ୍ଜ ମଣ୍ଡପ ପରସି
ଚାକଚକ୍ୟ କଥା କେଉଁ ନ ପୁଚ୍ଛିଲେ ଗଲେ ଭଣ୍ଡି,
ଜନାଶ ଘୃଣ ପଳାଇ ରାମାୟନ-ଦୁର୍ଗେ ରକ୍ଷି,
କହି ସୁଖ ହେଲା ତାଙ୍କୁଂ ।"

କବି ବନମାଳୀଙ୍କର ସଂସ୍କୃତ ପାଣ୍ଡିତ୍ୟରେ ଅସାଧାରଣ ଜ୍ଞାନ ନ ଥିଲେ 'ଚମ୍ପୂ ରାମାୟଣ'କୁ ହୃଦୟଙ୍ଗମ କରି କେବେହେଲେ ଏପରି ସରସ ସାବଲୀଳ ଭାଷାରେ ଅନୁବାଦ କରିବାରେ କେବେହେଲେ ସମର୍ଥ ହୋଇ ନଥାନ୍ତେ । କବି କେତେକ ସ୍ଥଳରେ ଛନ୍ଦପାତ ନିୟମକୁ ଅକ୍ଷୁର୍ଣ୍ଣ ରଖିବା ଲାଗି ସଂସ୍କୃତର ନିପାତ 'ବଦନ୍ତି, ପିବନ୍ତି, ବଦନ୍ତୁ' ଆଦିକୁ ଓଡ଼ିଆରେ ମଧ୍ୟ ନିପାତ ରୂପେ ବ୍ୟବହାର କରିଛନ୍ତି ।

ସାହିତ୍ୟ ଶାସ୍ତ୍ରରେ ବର୍ଣ୍ଣିତ କାବ୍ୟର ଉତ୍କର୍ଷାଧାୟକ ଅଳଙ୍କାରର ପ୍ରୟୋଗରେ ମଧ୍ୟ କବି ବନମାଳୀ କମ ସିଦ୍ଧ ହସ୍ତ ନ ଥିଲେ । 'ସୁରସ ରାମାୟଣ'ରେ ସେ ମଧ୍ୟ ପୂର୍ବବର୍ତ୍ତୀ କବିମାନଙ୍କ ପରି ଉପମା, ଉତ୍ପ୍ରେକ୍ଷା ଯମକ, ଅନୁପ୍ରାସ ଆଦି ଅଳଙ୍କାର ପ୍ରୟୋଗ କରିବା ସଙ୍ଗେ ସଙ୍ଗେ ପୂର୍ଣ୍ଣୋପମା, ବିରୋଧାଭାସ, ଅନ୍ତ୍ୟାନୁପ୍ରାସ ପରି କେତେକ କଷ୍ଟସାଧ୍ୟ ଅଳଙ୍କାରର ସଂଯୋଜନରେ କବି ଛନ୍ଦଟିକୁ ଅଳଂକୃତ କରିଛନ୍ତି ।

"କାବ୍ୟ ଯୋଗ୍ୟପଣ ଅଟନ୍ତି ଯଶ
ସର୍ଗ ରଚନାରେ ଖ୍ୟାତ ଜଗତ ।
ସେ ପୁଣି ପ୍ରାକୃତ—
ବ୍ୟାକରଣ ଦୋଷ ଛରି ଶୋଭିତ ।

**ବର୍ଣ୍ଣ ବନ୍ଧନ ଅଛଇ ତନ୍ତ୍ରରେ**
ଏତ ଦୂଷିତ ଅଛନ୍ତି ନଷ୍ଟରେ ।”

(ଲୁପ୍ତୋପମା)

“ଲୁବ୍ଧ ଭ୍ରମ ଭରି ଅଛନ୍ତି ଘୁଣି,
ସୋମରୁ ଅଧିକ ଅଛନ୍ତି ମୂନ ;
ଦେଖିଲା ସେ ନୃପ
ଭଉଣିକ ମହାତ୍ମ୍ୟ ସ୍ୱରୂପ ।”

(ବିରୋଧା ଭାସ)

ଦେଖ ତୁ ନିଜ ଭଜନରେ ରାମଙ୍କୁ ରାଜ
ତନୁଜ ରାମ ଆଜ ଭୋଗିବେ ଦେଖାଦେ ।
ବାଳାରେ ଅଛୁ ତୁ ଦୁଶୀଳା ମୋରେ ମତ ନ ବଳା
କୁଳ ନାଶ ଅବଳା,
ନ କର ହେଳା ବାଳା ।”

(ଅନ୍ତ୍ୟାନୁପ୍ରାସ)

ଉପର୍ଯ୍ୟୁକ୍ତ ବର୍ଣ୍ଣନା ଗୁଡ଼ିକ ମୂଳ ସଂସ୍କୃତରେ ନାହିଁ । କବି ବନମାଳୀ ଯେଉଁ ସ୍ଥଳରେ ଶ୍ରୀହର୍ଷଙ୍କୁ ଅନୁସରଣ ନ କରି ନିଜ ପ୍ରତିଭାର ପରିଚୟ ଦେଇଛନ୍ତି, ସେହି ବର୍ଣ୍ଣନା ଗୁଡ଼ିକ କାବ୍ୟର ଉତ୍କର୍ଷାଧାୟକ ହୋଇଛି ।

ସମୁଦାୟ 'ନୂତନ ରାମାୟଣ' ପାଠକଲେ ଜଣାଯାଏ ଯେ କବି ବନମାଳୀ ଜଣେ ପ୍ରତିଭାଶାଳୀ କବି ଥିଲେ । ଅନୁବାଦ କରିବାରେ ଦକ୍ଷତା, ଶବ୍ଦ ଯୋଜନାରେ କୁଶଳତା, ରସର ପରିପୁଷ୍ଟି ଲଳିତ ଗୁଣ ଯୁକ୍ତ ଅଳଙ୍କାର ଯୋଜନାରେ ଚମତ୍କାରିତା ଦେଖାଇ କବି ବନମାଳୀ ସାନ୍ଧ-କେଶୱ ଦେବଙ୍କ କବି ମଣ୍ଡଳୀରେ ଏକ ଗୌରବମୟ ସ୍ଥାନ ଅଧିକାର କରିଥିଲେ ବୋଲି ସହଜରେ ଅନୁମାନ କରାଯାଏ । କବି ବନମାଳୀଙ୍କର ଅନ୍ୟ କୌଣସି ରଚନା ଅଜସ୍ରତା ପ୍ରକାଶ ପାଇନାହିଁ ସତ୍ୟ, କିନ୍ତୁ ଗବେଷଣା ଫଳରେ ଏହାଙ୍କର ଅନ୍ୟାନ୍ୟ ରଚନା ଯେ ଅଚିରେ ଆବିଷ୍କୃତ ହେବ, ଏଥିରେ ସନ୍ଦେହ ନାହିଁ ।

# କୃଷ୍ଣକେଳୀ ତରଙ୍ଗିଣୀ ଓ କବି ପୁରୁଷୋତ୍ତମ

ସପ୍ତଦଶ ଓ ଅଷ୍ଟାଦଶ ଶତାବ୍ଦୀରେ ଓଡ଼ିଆ ସାହିତ୍ୟର ପ୍ରଗତି ପ୍ରତି ଦୃଷ୍ଟି ଦେଲେ ଆଶ୍ଚର୍ଯ୍ୟାଭିଭୂତ ହୋଇ ଯିବାକୁ ହୁଏ । ସେହି ସମୟ ମଧ୍ୟରେ ଓଡ଼ିଆ ସାହିତ୍ୟର ପ୍ରତ୍ୟେକ ଅଙ୍ଗ ପରିପୁଷ୍ଟ ହୋଇଥିବାର ଜଣାଯାଏ । କେବଳ ଓଡ଼ିଆ ସାହିତ୍ୟରେ କାହିଁକି, ଓଡ଼ିଶାରେ ଅଳଙ୍କାର, କାବ୍ୟ, ନାଟକ, ଛନ୍ଦ, ସଙ୍ଗୀତ, ଧର୍ମଶାସ୍ତ୍ର, ଜ୍ୟୋତିଷ ଆଦି ବହୁ ଶାସ୍ତ୍ରର ଗବେଷଣା କରାଯାଇ ଉତ୍କୃଷ୍ଟ ଧରଣର ଗ୍ରନ୍ଥମାନ ପ୍ରଣୟନ କରାଯାଇଥିଲା । ଓଡ଼ିଆ ଓ ସଂସ୍କୃତ ବ୍ୟତୀତ ସେହି ସମୟରେ ଓଡ଼ିଆ କବି ଓ ଲେଖକମାନଙ୍କ ଦ୍ୱାରା ହିନ୍ଦୀ ଓ ବଙ୍ଗଳାରେ ମଧ୍ୟ ଅଭିନବ ଗ୍ରନ୍ଥ ରଚିତ ହୋଇଥିବାର ପ୍ରମାଣ ମିଳୁଛି । ବହୁ ଶାସ୍ତ୍ର, ବହୁ ଭାଷାର ଅଧ୍ୟୟନ ଓ ମନନ ଫଳରେ ଓଡ଼ିଆ ସାହିତ୍ୟର ଯେ ଅଦ୍ଭୁତ ଉନ୍ନତି ହୋଇଥିଲା, ଏଥିରେ ସନ୍ଦେହର ଅବକାଶ ନାହିଁ । ପଞ୍ଚସଖାଙ୍କ ରଚନାର ପରେ ପରେ ଓଡ଼ିଶାରେ 'ରାମଭକ୍ତିଧାରା' ଓ 'କୃଷ୍ଣଭକ୍ତିଧାରା'ର ଦୁଇଟି ପ୍ରବଳ ସ୍ରୋତ ପ୍ରବାହିତ ହୋଇ ସାହିତ୍ୟ କ୍ଷେତ୍ରରେ ନବ ସବୁଜିମା ସଞ୍ଚାର କରିଥିଲା । ତାହା ଫଳରେ ଓଡ଼ିଆ ସାହିତ୍ୟ, ଭାରତର ଅନ୍ୟାନ୍ୟ ପ୍ରାଦେଶିକ-ସାହିତ୍ୟ ତୁଳନାରେ ଉନ୍ନତ ଆସନ ଲାଭ କରି ପାରିଥିଲା ।

ଏ ପ୍ରକାର ଅଭୂତପୂର୍ବ ପ୍ରଗତିର କାରଣ ଅନୁସନ୍ଧାନ କଲେ ଜଣାଯାଏ ଯେ, ସେ କାଳର ସ୍ୱାଧୀନ ଦେଶୀୟ ନରପତିମାନେ ସାହିତ୍ୟ-ଚର୍ଚ୍ଚାରେ ମନୋନିବେଶ କରୁଥିଲେ । ରାଜାମାନେ ନିଜର ମନୋବିନୋଦନ ଓ ଯଶବିସ୍ତାର ନିମିତ୍ତ ଗୋଟିଏ ଗୋଟିଏ ପଣ୍ଡିତ ସଭା ଜରିଆରେ ବହୁ ଶାସ୍ତ୍ରର ଆଲୋଚନା କରୁଥିଲେ ଏବଂ ମାତୃଭାଷାର ଶ୍ରୀବୃଦ୍ଧି ନିମିତ୍ତ କାବ୍ୟାଦି ଗ୍ରନ୍ଥ ରଚନା କରିବାରେ ପଣ୍ଡିତମାନଙ୍କୁ ଉତ୍ସାହିତ କରୁଥିଲେ । ସେହି ପ୍ରଖ୍ୟାତଯଶା ରାଜନ୍ୟବର୍ଗଙ୍କ ପୃଷ୍ଠପୋଷକତା ଲାଭ କରି ପଣ୍ଡିତମାନେ ବହୁ ଗ୍ରନ୍ଥ ରଚନା ପୂର୍ବକ ସ୍ୱ ସ୍ୱ ଆଶ୍ରୟଦାତାଙ୍କଠାରୁ ପ୍ରଚୁର ଧନ ଲାଭ କରିବା ସଙ୍ଗେ ସଙ୍ଗେ ଅଭିନବ ପଦପଦବୀରେ ଭୂଷିତ

ଦେଉଥିଲେ । ଅନେକ କ୍ଷେତ୍ରରେ ପଣ୍ଡିତମାନେ ନିଜେ ଗ୍ରନ୍ଥ ରଚନା କରି ନିଜ ପୃଷ୍ଠପୋଷକଙ୍କ ନାମରେ ଭଣିତା କରୁଥିଲେ ଏବଂ କେତେକ ଦୃଢ଼ଶାଳୀ ରାଜା ମଧ୍ୟ ନିଜର ଅନନ୍ୟ ସାଧାରଣ ଧୀଶକ୍ତି ବଳରେ ଉନ୍ନତ ଗ୍ରନ୍ଥ ପ୍ରଣୟନ କରୁଥିବାର ପ୍ରମାଣ ଆଜିକାଲିର ଅନୁସନ୍ଧାନରୁ ଜଣାଯାଏ ।

'କୃଷ୍ଣକେଳି ତରଙ୍ଗିଣୀ' ନାମରେ ଗୋଟିଏ ଓଡ଼ିଆ କାବ୍ୟର ସନ୍ଧାନ ଆଜିକାଲି ମିଳୁଛି । ଗ୍ରନ୍ଥଟିକୁ ଓଡ଼ିଆ ସାହିତ୍ୟର 'କୃଷ୍ଣଭକ୍ତିଧାରା'ର ଅନ୍ୟତମ ଶ୍ରେଷ୍ଠ ବୋଲି କହିବାରେ ଅତ୍ୟୁକ୍ତି ହେବ ନାହିଁ । 'ତରଙ୍ଗିଣୀ'ଟି ପ୍ରାଚୀନ ରାଗରାଗିଣୀରେ ସନ୍ନିବିଷ୍ଟ ହୋଇ ଦଶଟି ଛାନ୍ଦରେ ସମାପ୍ତ ହୋଇଛି । ଉକ୍ତ ଗ୍ରନ୍ଥର କବି ବଳଭଦ୍ରମୂର୍ତ୍ତି ରାଜ୍ୟର ଅଧୀଶ୍ୱର ଗଙ୍ଗବଂଶ ତିଳକ ବାସୁଦେବ ଅନଙ୍ଗଭୀମଙ୍କର ସୁଯୋଗ୍ୟ ସନ୍ତାନ ପୁରୁଷୋତ୍ତମ ଅନଙ୍ଗଭୀମ ଦେବ ଅଟନ୍ତି । 'ତରଙ୍ଗିଣୀ'ର ପ୍ରତ୍ୟେକ ଛାନ୍ଦର ଶେଷରେ କବିଙ୍କ ନାମ ଭଣିତା ହୋଇଥିବାର ଦେଖାଯାଏ ।

"ଗୁରୁ ଚରଣାରବିନ୍ଦ ବନ୍ଦନ—
କରି ବାସୁଦେବ ନୃପ ନନ୍ଦନ
ଏ ଛାନ୍ଦରେ ଭଣି,
ପୁରୁଷୋତ୍ତମ ଦେବ ନୃପମଣି ।

× × ×

ଗଙ୍ଗବଂଶ ଅବତଂସ ନୃପକେଶରୀ ହରି,
ଭଣିଲେ ପୁରୁଷୋତ୍ତମ ଅନଙ୍ଗ କେଶରୀ ।

× × ×

ରାଧା ଗୋବିନ୍ଦ ପଦାରବିନ୍ଦ ବେନି ମନରେ ଘେନି,
ପୁରୁଷୋତ୍ତମ ଅନଙ୍ଗଭୀମ ନୃପଚୂଡ଼ାମଣି ଭଣି ।

× × ×

ବିଜୟ ନଗର ନରପତି, ପୁରୁଷୋତ୍ତମ ନାମ ଖ୍ୟାତି,
କ୍ଷତ୍ରିୟାଂଶ ଗଙ୍ଗବଂଶ ଅବତଂସ ନୃପସାରଥ ବାସବ ସୁତ ।
ରାଧାକୃଷ୍ଣ ରବ,
ମନେକରି ଭବାର୍ଣ୍ଣବ ନାବ,
ଭଣିଲେ ଅନଙ୍ଗଭୀମ ଦେବ ।"

ଦେଶୋକ୍ତ ପଦ ଶେଷରେ 'ପୁରୁଷୋତ୍ତମ ଦେବ' ଓ ଅନ୍ୟ ଅନେକ ସ୍ଥଳରେ କେବଳ 'ଅନଙ୍ଗଭୀମ ଦେବ' ବୋଲି ଭଣିତା ଥିବାରୁ ଆଲୋଚକମାନଙ୍କର ଭ୍ରମ ହେବା ସ୍ୱାଭାବିକ । 'ସୁଲୋଚନା ମାଧବ' ନାମକ କାବ୍ୟର ସମ୍ପାଦକ ବଳବାନ୍ ଚନ୍ଦ୍ରାଣି ପଟ୍ଟନାୟକଙ୍କ ପିତା ବ୍ରଜସୁନ୍ଦର ପଟ୍ଟନାୟକ ନିଜକୁ ଅନଙ୍ଗଭୀମ ଦେବଙ୍କ ବଂଶଧର ବୋଲି ସୂଚାଇ ଥିବାରୁ ପ୍ରସିଦ୍ଧ ସମାଲୋଚକ ମହା ମହୋପାଧ୍ୟାୟ ହରପ୍ରସାଦ ଶାସ୍ତ୍ରୀ ଯତନଜନର ପଢ଼ି, ତାଙ୍କୁ ଦ୍ୱାଦଶ ଶତାବ୍ଦୀର ଅନଙ୍ଗଭୀମ ଦେବଙ୍କର ଏଷ୍ଟକବ ବୋଲି ବର୍ଣ୍ଣନା କରିଅଛନ୍ତି । କିନ୍ତୁ ଏ ଗ୍ରନ୍ଥର କବି ରାଜ ସମ୍ବନ୍ଧରେ ସମସ୍ତ ଦ୍ୱିଜାଦି ସନ୍ଦେହ ମୋଚନ ନିମିତ୍ତ ନିଜକୁ 'ବିଜୟ ନଗର ଅଧିପତି', 'ବାସୁଦେବ ନୃପନନ୍ଦନ', 'ପୁରୁଷୋତ୍ତମ ଅନଙ୍ଗଭୀମ' ବୋଲି ଲେଖିଅଛନ୍ତି । ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାତା ଅନଙ୍ଗଭୀମ ଦେବଙ୍କ ନାମ ପୁରୁଷୋତ୍ତମ ଅନଙ୍ଗଭୀମ ଦେବ ନଥିଲା । କିମ୍ବା ସେ ବାସୁଦେବ ନୃପ ନନ୍ଦନ ଓ ବିଜୟ ନଗର ନରପତି ନଥିଲେ । ଅଧିକନ୍ତୁ ମଧ୍ୟ ସୂର୍ଯ୍ୟବଂଶ ନରପତି ଗଜପତି ପୁରୁଷୋତ୍ତମ ଦେବ (ଖ୍ରୀଷ୍ଟାବ୍ଦ ୧୪୬୭-୯୭) ଓ ଭୋଇ ବଂଶର ରାଜା ପୁରୁଷୋତ୍ତମ ଦେବ (ଖ୍ରୀଷ୍ଟାବ୍ଦ ୧୬୦୭-୨୨)ଙ୍କ ନାମ ଶେଷରେ ଅନଙ୍ଗଭୀମ ଦେବ ଉପାଧି ନଥିଲା ଏବଂ ସେ ଦୁହେଁ ମଧ୍ୟ ବିଜୟନଗରର ନରପତି ବାସୁଦେବ ନନ୍ଦନ ନଥିଲେ । ତେଣୁ କୃଷ୍ଣକେଳି ତରଙ୍ଗିଣୀ କାବ୍ୟର କବିଙ୍କୁ ଦକ୍ଷିଣମୂର୍ତ୍ତି ଗଙ୍ଗବଂଶର ରାଜା ପୁରୁଷୋତ୍ତମ ଅନଙ୍ଗଭୀମ ଦେବ ବୋଲି ନିର୍ଣ୍ଣିତ ରୂପରେ କୁହାଯାଇ ପାରେ । ସେ ଗଜପତି ଗଙ୍ଗ ବଂଶଜ ଥିଲେ ଏବଂ ତାଙ୍କ ରାଜଧାନୀ ବିଜୟନଗରରେ ଥିଲା ବୋଲି କବି ବାସୁଦେବ ରଥ ସୋମଯାଜୀ ସ୍ୱକୃତ ଗ୍ରନ୍ଥର ସପ୍ତମ ପରିଚ୍ଛେଦରେ ନିମ୍ନ ଲିଖିତମତେ ଲେଖିଅଛନ୍ତି ।

"ପ୍ରସୂତ ଗଙ୍ଗବଂଶ ରତ୍ନାକରଃ × × ପ୍ରତିଷ୍ଠିତ ଖାନଦାନ-ପରିକଳ୍ପିତ-ନୀଳ ଧରଣୀ ମଣ୍ଡଳ ମଣ୍ଡନାୟମାନ—ପଣ୍ଡିତ ମଣ୍ଡଳୀ ପୁଣ୍ଡରୀକଃ × × × ପୁରୁଷୋତ୍ତମ ନାମଧେୟଃ ଖିଡପତ୍ତଃ କିମଣ୍ଡି ନାମକେ ଜନପଦେ ବିଜୟନଗରସ୍ଥ ନାମ ରାଜଧାନୀ—ମଧ୍ୟାସ୍ୟ ଧର୍ମେଣ ଶାସୟନ୍ତ ।"

ଗୋବିନ୍ଦ ଲୀଳାମୃତ ନାମକ ପ୍ରସିଦ୍ଧ କୃଷ୍ଣକାବ୍ୟର 'ବୈଷ୍ଣବାଭ୍ୟୁଦୟ' ଟୀକାର ରଚୟିତା ଏହି ସେବକ ଗଦାଧର ବିଜୟନଗରର ଅଧିପତି ପୁରୁଷୋତ୍ତମ ଦେବଙ୍କ ଆଜ୍ଞାରେ ଉକ୍ତ ଟୀକା ରଚନା କରିଥିଲେ ବୋଲି ସୂଚନା ଦେଇଛନ୍ତି ।

"× × ବିଜୟ ନଗରତୋ ଭୀମଦେବାତ୍ ସମ୍ଭୂତଃ ।

× × ×

ଅଃ ଶ୍ରୀମଦ୍ ପୁରୁଷୋତ୍ତମାଭିଧ·ମହାରାଜାଧି ରାଜାଜ୍ଞୟା ।"

Mr. Maltby 'Ganjam District Manual'ରେ ବଡ଼ଖେମୁଣ୍ଡି ରାଜ୍ୟର ରାଜଧାନୀ ବିଷୟରେ ନିମ୍ନଲିଖିତ ମତେ ଲେଖିଛନ୍ତି ।

In 1768 when Mr. Cotsford took possession of the Ichhapur Province he found the united estate in the hands of Bheem Deo, the most troublesome Zemindar in the district. At his death in 1776 A. D. one of his sons Mani Deo, kept Vijayanagar or Peddakimedi and the other Jagannath Deo succeeded to Pratapgiri or Chinnakimedi.

+ + +

The Raja's godo or fort was formerly at Vijayanagari. The present residence of the Zemindar is at Digupudi.

ଉଦ୍ଧୃତାଂଶରେ ଦର୍ଶାଯାଇଥିବା, 'Peddakimedi' Chinna kimedi' ଓ 'Digupudi'କୁ ଆଲୋଚକ ଶ୍ରୀଯୁକ୍ତ କେଦାର ନାଥ ମହାପାତ୍ର ଯଥାକ୍ରମେ ବଡ଼ଖେମୁଣ୍ଡି, ସାନ ଖେମୁଣ୍ଡି ଓ ଦିଗପହଣ୍ଡି ସହିତ ଚିହ୍ନିତ କରିଛନ୍ତି । ତେଣୁ ପୁରୁଷୋତ୍ତମ ଅନଙ୍ଗଭୀମଦେବଙ୍କ ରାଜଧାନୀ ବିଜୟନଗର, ଆଧୁନିକ ଅନ୍ଧ୍ର ପ୍ରଦେଶର ବିଜୟନଗରଠାରୁ ସମ୍ପୂର୍ଣ୍ଣ ପୃଥକ ବୋଲି ଉପରୋକ୍ତ ଉଦ୍ଧୃତାଂଶରୁ ସୁସ୍ପଷ୍ଟ ହୁଏ ।

ରାଜା ପୁରୁଷୋତ୍ତମ ଅନଙ୍ଗଭୀମ ଦେବ କେବଳ ଜଣେ ସାହିତ୍ୟିକ ରୂପେ ବିଳାସ ବ୍ୟସନରେ କାଳ ଅତିବାହିତ କରୁନଥିଲେ । ସେ ଦେଶ-ମାତୃକାର ଗୌରବ ରକ୍ଷା ଲାଗି ଇଂରେଜମାନଙ୍କ ବିରୁଦ୍ଧରେ ଜୀବନ ମରଣ ସଂଗ୍ରାମ କରିଥିଲେ । ସମଗ୍ର ଭାରତ କବଳିତ କରିଥିବା ବିଶାଳ ଇଂରେଜ ଶକ୍ତି ସମ୍ମୁଖରେ ସେ ଦୀର୍ଘ ସାତବର୍ଷ କାଳ ସଂଗ୍ରାମ ଚଳାଇ ସେମାନଙ୍କୁ ବ୍ୟତିବ୍ୟସ୍ତ କରାଇଥିଲେ । ସେଥିପାଇଁ Mr. Maltby ତାଙ୍କୁ Most troublesome Zemindar ବୋଲି ସ୍ୱୀକାର କରିଛନ୍ତି । ତାଙ୍କ ସମ୍ବନ୍ଧରେ ଆଲୋଚନା କରି ଗବେଷକ ଶ୍ରୀଯୁକ୍ତ ମହାପାତ୍ର ଲେଖିଛନ୍ତି ।—

"A lot of information about this Purusottam Bhima Deva are to be found from the contemporary British records, as he was a powerful Chieftain of the Ganjam district in Orissa at the time of occupation of the Northern Sircars by the British in 1765 A. D. He put up a tought fight against the British for long seven years to check the expansion of their supremacy over his kingdom."

ରାଜା ପୁରୁଷୋତ୍ତମଙ୍କଦ୍ୱାରା ପ୍ରଦତ୍ତ ଏକ ତାମ୍ରପଟ୍ଟ (copper plate) ସମ୍ବନ୍ଧରେ ବିଶେଷ ଅଲୋଚନା କରି ଐତିହାସିକ ଶ୍ରୀଯୁକ୍ତ ମହାପାତ୍ର ତାଙ୍କ (ପୁରୁଷୋତ୍ତମଙ୍କ) ସମୟ ଖ୍ରୀ: ଅ: ୧୭୬୨ -୭୬ ବୋଲି ନିଶ୍ଚିତ କରିଛନ୍ତି । (୧)

---

(୧)—Orissa Historical research journal Vol, III No 3, Page-154 ରେ ଥିବା ଆଲୋଚନା ଦ୍ରଷ୍ଟବ୍ୟ ।

କବି ପୁରୁଷୋତ୍ତମ ଦେବ ଜଣେ ପ୍ରସିଦ୍ଧ କୃଷ୍ଣଭକ୍ତ ଥିଲେ ବୋଲି 'କୃଷ୍ଣକେଳି ତରଙ୍ଗିଣୀ'ର ମଙ୍ଗଳାଚରଣ କବିତାରୁ ସୁସ୍ପଷ୍ଟ ପ୍ରମାଣ ମିଳୁଛି ।

"ଗୋପାଳ ବାଳକ ପ୍ରଭୁ ଗୋପାଳ ଧର
ଗୋପାଳୀ ନାୟକ ବୋଲାଇ ଗୋପାଳୀବର,
କାମପାଳ ଅବରଜ ବ୍ରଜପାଳ
କାମିନୀ କାମଦ ଯାର ମନୋଜ କାଳ ॥
× × ×
ପୟୋଧର ଧରଧର ଅଧରେ ଧରି
ସ୍ତନ୍ୟପାନେ ନାଶିଲ ପୂତନା ଅସୁର ।
ଉଠିଆସ୍ତା କାଳେ ଶୋଇ ଶକଟ ତଳେ,
ଶକଟାସୁର ନାଶିଲ ପଦ କମଳେ ॥
ବାଳକାଳେ ଶୂନ୍ୟେ ଗଳେ ଚିପି ଧଇଲ,
ପାଳଟି ପକାଇ ଶିଳେ ଭୁଣା ମାଇଲ ॥"
ଇତ୍ୟାଦି

କବି ମଙ୍ଗଳାଚରଣରେ ଶ୍ରୀକୃଷ୍ଣଙ୍କ ଦ୍ୱାରା ଅଷ୍ଟମଲ୍ଲ ଆଦି ଅସୁରଙ୍କ ବିନାଶ ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ ମତ୍ସ୍ୟ କଚ୍ଛପାଦି ଦଶ ଅବତାର ବର୍ଣ୍ଣନା କରିଛନ୍ତି । 'କୃଷ୍ଣକେଳୀ ତରଙ୍ଗିଣୀ'ର ପ୍ରଥମ ଛାନ୍ଦଟିକୁ ମଙ୍ଗଳାଚରଣ ଛାନ୍ଦ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । କାରଣ ଛାନ୍ଦଟିର ସମୁଦାୟ ସୂଳଶଟି ପଦ ମଧ୍ୟରୁ ଛଅଶଟି ପଦ କେବଳ ଶ୍ରୀକୃଷ୍ଣଙ୍କ ମାହାତ୍ମ୍ୟ ବର୍ଣ୍ଣନାରେ ଶେଷ ହୋଇଛି । ତଦ୍‌ବ୍ୟତୀତ ପ୍ରତ୍ୟେକ ଛାନ୍ଦର ଶେଷରେ କବି ଶ୍ରୀକୃଷ୍ଣଙ୍କୁ ପ୍ରାର୍ଥନା କରି ସ୍ୱ ଭକ୍ତିଭାବର ପରାକାଷ୍ଠା ଦେଖାଇଛନ୍ତି ।

ମଙ୍ଗଳାଚରଣ ପରେ କବି ପୁରୁଷୋତ୍ତମ ଶ୍ରୀକୃଷ୍ଣଙ୍କର ଅନନ୍ତଲୀଳା ମଧ୍ୟରୁ କେବଳ 'ମଧ୍ୟାହ୍ନ ଲୀଳା'ଟିକୁ 'କୃଷ୍ଣକେଳୀ ତରଙ୍ଗିଣୀ'ର ବିଷୟବସ୍ତୁ ରୂପେ ଅବତାରଣା କରିଛନ୍ତି । ଗ୍ରନ୍ଥ ସମ୍ବନ୍ଧରେ ବିଶଦ ଆଲୋଚନା କରିବା ନିମିତ୍ତ ତାର ବିଷୟବସ୍ତୁ ସମ୍ବନ୍ଧରେ ସମ୍ୟକ୍ ଜ୍ଞାନ ଅତ୍ୟାବଶ୍ୟକ । ତେଣୁ ଏଠାରେ 'କୃଷ୍ଣକେଳୀ ତରଙ୍ଗିଣୀ'ର ସଂକ୍ଷିପ୍ତ ବିଷୟବସ୍ତୁ ପ୍ରଦତ୍ତ ହେଲା ।

ନନ୍ଦ ଭବନରେ ନାନା ପ୍ରକାର ଭୋଜ୍ୟ ଦ୍ରବ୍ୟ ଦ୍ୱାରା ଶ୍ରୀକୃଷ୍ଣଙ୍କ ମନ ତୋଷି ରାଧା ନିଜ ମନ୍ଦିରକୁ ବାହୁଡ଼ି ଗଲେ । ଶ୍ରୀକୃଷ୍ଣ ଭୋଜନ ପରେ ବୃନ୍ଦାବନକୁ ଯାଆନ୍ତେ ରାଧା ମଧ୍ୟ ସୂର୍ଯ୍ୟ ପୂଜା ଛଳରେ ସଖୀ ଓ ମଞ୍ଜରୀ-ମାନଙ୍କ ଗହଣରେ ବୃନ୍ଦାବନରେ ପ୍ରବେଶ କଲେ ।

ରାଧା ଶ୍ରୀକୃଷ୍ଣଗତମନା ହୋଇ ବୃନ୍ଦାବନର ଚାରିଆଡ଼େ ଶ୍ରୀକୃଷ୍ଣ ଲୁଚିକାରି ପ୍ରଭଳନ୍ମ ଦେଖି ଆନନ୍ଦିତା ହେଲେ । ସଙ୍ଗେ ସଙ୍ଗେ ଲଳିତା ମଧ୍ୟ ଯମୁନା ଓ ବୃନ୍ଦାବନର ଶୋଭା ବର୍ଣ୍ଣନା କଲେ (କବି ଏହି ସ୍ଥାନରେ ପ୍ରତ୍ୟେକ ପ୍ରାକୃତିକ ଦୃଶ୍ୟାବଳୀଠାରେ ବ୍ୟକ୍ତିତ୍ୱାରୋପ କରି ବର୍ଣ୍ଣନାର ସୌନ୍ଦର୍ଯ୍ୟ ବୃଦ୍ଧି କରିଛନ୍ତି) । ଦୃଶ୍ୟ ବର୍ଣ୍ଣନା ପରେ ଅନ୍ତରରେ ବିରହ ପୀଡ଼ିତ ଶ୍ରୀକୃଷ୍ଣଙ୍କ ବେଦନା ନିଗ୍ରହ ନିମିତ୍ତ ଲଳିତା ନିର୍ଦ୍ଦେଶ ଦେଲେ ।

ରାଧା କୁନ୍ଦବଲ୍ଲୀ ବା ରସମଞ୍ଜରୀଙ୍କୁ ଶ୍ରୀକୃଷ୍ଣଙ୍କ ନିକଟକୁ ପଠାଇ ଲଳିତା ସହିତ ବୃନ୍ଦାବନର ବୃକ୍ଷଲତାଙ୍କର ଶୋଭା ନିରୀକ୍ଷଣ କରି ମଦନ ବାଣରେ ଅଧୀର ହେଲେ । ସଙ୍ଗେ ସଙ୍ଗେ ବେଦନା ଅସହ୍ୟ ହୁଅନ୍ତେ ରାଧା ମୂର୍ଚ୍ଛିତା ହୋଇ ତଳେ ପଡ଼ିଯିବା ବେଳେ ସଖୀମାନଙ୍କ ଦ୍ୱାରା ଆଶ୍ୱସ୍ତ ହେଲେ । ଚେତନା ଲାଭ କରିବା ସଙ୍ଗେ ସଙ୍ଗେ ଶ୍ରୀକୃଷ୍ଣଙ୍କ ସହିତ ଶୀଘ୍ର ମିଳନ ହେବା ଲାଗି ସଖୀମାନଙ୍କୁ ଆତୁର ନିବେଦନ ଜଣାଇଲେ ।

କୁନ୍ଦବଲ୍ଲୀଠାରୁ ସନ୍ଦେଶ ପାଇ ବିରହୀ ଶ୍ରୀକୃଷ୍ଣ ରାଧାଙ୍କ ଗୁଣ ସ୍ମରଣ କରି ତାଙ୍କର (ରାଧାଙ୍କର) ପ୍ରତ୍ୟେକ ଲାବଣ୍ୟ ଅବୟବର ବର୍ଣ୍ଣନାରେ ତନ୍ମୟ ହେଲେ ଏବଂ ସେହି ସେହି କମନୀୟ ଅବୟବର ତୁଳନା କରି ଶୀଘ୍ର ପ୍ରାଣପ୍ରିୟାଙ୍କ ସହିତ ମିଳନ ଲାଗି ବ୍ୟଗ୍ରତା ପ୍ରକାଶ କଲେ ।

କୁନ୍ଦବଲ୍ଲୀ ଯାଇ ଲଳିତାଦି ସଖୀମାନଙ୍କ ଗହଣରେ ବସିଥିବା ରାଧାଙ୍କ ଆଗରେ ଶ୍ରୀକୃଷ୍ଣଙ୍କ ସନ୍ଦେଶ ପ୍ରକାଶ କଲେ । ତହିଁ ଲଳିତା ରାଧାଙ୍କୁ ଉତ୍କଣ୍ଠିତା ବିଷୟରେ କେତେକ ଉପଦେଶ ଦେଇ ଶୀଘ୍ର ମିଳନ କୁଞ୍ଜକୁ ଅଗ୍ରସର ହେବାଲାଗି ଅନୁରୋଧ କଲେ ଏବଂ 'ଅନଙ୍ଗକୁଞ୍ଜ'କୁ ଆସିବା ଲାଗି ଶ୍ରୀକୃଷ୍ଣଙ୍କ ନିକଟକୁ ସନ୍ଦେଶ ପ୍ରେରଣ କଲେ ।

ପୁଣି ରୂପମଞ୍ଜରୀଙ୍କୁ ଦେଖି ଶ୍ରୀକୃଷ୍ଣ ରାଧାଙ୍କ କୁଶଳ ପ୍ରଶ୍ନ ପଚାରିବା ସଙ୍ଗେ ସଙ୍ଗେ ତାଙ୍କ (ରାଧାଙ୍କ) ବିରହଦଶା ବର୍ଣ୍ଣନାରେ ଶୁଣି ଶୀଘ୍ର 'ଅନଙ୍ଗ କୁଞ୍ଜ' ଉଦ୍ଦେଶ୍ୟରେ ପ୍ରସ୍ଥାନ କଲେ ।

ଏହି ସମୟରେ ହଠାତ୍ ଅଦୂରରୁ (ଗୋପୀମାନଙ୍କ ନାମ ଧରି) ବଂଶୀଧ୍ୱନି ଶୁଣାଗଲା । ବଂଶୀସ୍ୱନ ଶୁଣି ଗୋପୀମାନେ ଶ୍ରୀକୃଷ୍ଣଙ୍କ ବିରହରେ ଜର୍ଜରିତା ହୋଇ କାମ ପୀଡ଼ିତା ହେଲେ ।

ମିଳନ କୁଞ୍ଜରେ ରାଧାକୃଷ୍ଣ ଓ ଅନ୍ୟାନ୍ୟ ଗୋପୀମାନେ ଉପସ୍ଥିତ ହେବାପରେ ଶୁକସାରୀ ରାଧାକୃଷ୍ଣଙ୍କ ଗୁଣଗାନ ଆରମ୍ଭ କଲେ । ରାଧାକୃଷ୍ଣ ପରସ୍ପରଙ୍କୁ ଦେଖି ମଦନ ବାଣରେ ଅସ୍ଥିର ହୋଇ ବାହ୍ୟଜ୍ଞାନ ହରାଇଲେ । ଶ୍ରୀକୃଷ୍ଣଙ୍କଠାରେ ସାତ୍ତ୍ୱିକ ବିକାରମାନ ଜାତ ହୋଇ ଅଙ୍ଗ ଶିଥିଳ ହୁଅନ୍ତେ ହସ୍ତରୁ ତାଙ୍କର ପ୍ରିୟ ମୁରଲୀଟି ଖସିପଡ଼ିଲା । ଇତ୍ୟ-ବସରରେ ଧନିଷ୍ଠା ତାହା ନେଇ ଅନ୍ୟ ସଖୀଙ୍କି ଦେଲା । ଶେଷରେ ଧନିଷ୍ଠା ତାକୁ ନିଜର ଚିହ୍ନାବସ୍ତ୍ର ତଳେ ଲୁଚାଇ ରଖିଲା ।

ଶ୍ରୀକୃଷ୍ଣ ଚୈତନ୍ୟ ଲାଭ କରି ବଂଶୀ ଖୋଜନ୍ତେ ସଖୀମାନେ ନାନା ପ୍ରକାର ପରିହାସ କରି ବଂଶୀ ହଜିବାରେ ଆନନ୍ଦ ପ୍ରକାଶ କଲେ । ପରେ ଶ୍ରୀକୃଷ୍ଣ ଗୋପୀମାନଙ୍କ ଅଙ୍ଗବାସ ଖୋଲି ବଂଶୀ ଖୋଜନ୍ତେ ଧନିଷ୍ଠା ନିଜର ବସ୍ତ୍ରତଳୁ ବାହାର କରି ବଂଶୀ ଅର୍ପଣ କଲା ।

ଏହାପରେ ଶ୍ରୀକୃଷ୍ଣ ରାଧାଙ୍କ ହସ୍ତ ଧରି କେଳିକୁଞ୍ଜରେ ପ୍ରବେଶ କଲେ । ରାଧାକୃଷ୍ଣଙ୍କ ମିଳନ ସମୟରେ ଅନ୍ୟାନ୍ୟ ସଖୀମାନେ ନିଜ ନିଜର ସେବା ରତ ହେଲେ ।

ଏହି ସମୟରେ ଶୁକସାରୀ ବୃକ୍ଷ ଉପରୁ କେଳି ସମ୍ପୂର୍ଣ୍ଣ ହେବାର ସଙ୍କେତ ଦେଲେ । ତତ୍ପରେ ରାଧା କୃଷ୍ଣଙ୍କ କେଳୀ ଶେଷ ହେଲା । ରାଧା ସୁରତ-ଶ୍ରମରେ ଭୂଷଣ ବସନ ହରାଇଥିବାରୁ ଲଜ୍ଜାରେ ଶୀଘ୍ର ଅସ୍ଥାନରେ ସେ ଗୁଡ଼ିକୁ ମଣ୍ଡନ କରୁଥିବାର ଦେଖି ସଖୀମାନେ ପରିହାସ ପୂର୍ବକ ଯଥା ସ୍ଥାନରେ ଭୂଷଣ ଗୁଡ଼ିକୁ ପିନ୍ଧାଇ ଦେଲେ ।

ଏହା ପରେ ରାଧାକୁଣ୍ଡରେ ଜଳକ୍ରୀଡ଼ା ଆରମ୍ଭ ହେଲା । ଜଳକ୍ରୀଡ଼ା ଉତ୍ତାରୁ ଗୋପୀମାନେ ସୂର୍ଯ୍ୟପୂଜା କରୁଥିବାବେଳେ ଶ୍ରୀକୃଷ୍ଣ ସେଠାରେ ଉପସ୍ଥିତ ହୋଇ ନାନା ପ୍ରକାର ପରିହାସ କଲେ । ତା'ପରେ ସୂର୍ଯ୍ୟ ପୂଜା ଶେଷ ହୁଅନ୍ତେ ବୃଷଭାନୁସୁତା ସଖୀଗହଣରେ ସ୍ୱଗୃହକୁ ପ୍ରସ୍ଥାନ କଲେ ।

କବି ପୁରୁଷୋତ୍ତମଙ୍କ 'କୃଷ୍ଣକେଳୀ-ତରଙ୍ଗିଣୀ' କାବ୍ୟଟିରେ କାବ୍ୟଗୀତ ଚମତ୍କାରିତା ସବଶ ପରିଦୃଷ୍ଟ ମାତ୍ରାରେ ରହିଛି । ସାବଲୀଳ..., ଭାଷା, ସରସ ଓ ବିଶଦ ବର୍ଣ୍ଣନା, ସୁନ୍ଦର ଛନ୍ଦ ଯୋଜନା, ଗୁଣ ରୀତି ଓ ଅଳଂକାର ପୂର୍ଣ୍ଣ ପଦାବଳୀ ଓ ସର୍ବୋପରି ପୁନରୁକ୍ତି ଦୋଷ ହୀନତା ଯେ କାବ୍ୟଟିକୁ ଏକ ଉନ୍ନତ କୋଟୀରେ ପହଞ୍ଚାଇ ପାରିଛି, ସନ୍ଦେହ ନାହିଁ !

କେବଳ ଗୋଟିଏ ଦିନର ମଧ୍ୟାହ୍ନ ଲୀଳାଟି ଗ୍ରନ୍ଥର ବର୍ଣ୍ଣନୀୟ ବିଷୟ ହୋଇଥିବାରୁ ଛନ୍ଦ ଗୁଡ଼ିକ ଅପେକ୍ଷାକୃତ କ୍ଷୁଦ୍ର ହୋଇଛି ତଥା କବି ଗୋଟିଏ କ୍ଷୁଦ୍ର ଘଟଣାକୁ ବାଛିକରି ମଧ୍ୟ ନିଜର ରଚନା ପାଟବ ବଳରେ ତାକୁ ଏକ ସରସ କାବ୍ୟରେ ପରିଣତ କରାଇ ପାରିଛନ୍ତି ।

ଗୋଷ୍ଠ ବର୍ଣ୍ଣନା ମଧ୍ୟରେ ଯମୁନା ଓ ବୃନ୍ଦାବନର ବର୍ଣ୍ଣନା କବିଙ୍କ ଲେଖନୀ ଜୀବନ୍ତ ହୋଇ ଉଠିଛି । କବି କେତେକ ସ୍ଥଳରେ ପ୍ରାକୃତିକ ଦୃଶ୍ୟ ଗୁଡ଼ିକର ଜୀବନ୍ତ ବ୍ୟକ୍ତିତ୍ୱାରୋପ କରି ସହୃଦୟ ପାଠକମାନଙ୍କର ବିଶେଷ ଆଗ୍ରହ ବଢ଼ାଇ ପାରିଛନ୍ତି । ଉଦାହରଣ ସ୍ୱରୂପ କେତେକାଂଶ ଏଠାରେ ଉଦ୍ଧୃତ ହେଲା ।

"ଦେଖରେ ସଙ୍ଗିନୀ କୃତାନ୍ତ ଭଗିନୀ
ତରଙ୍ଗ ରଙ୍ଗିଣୀ ଯମୁନା ।
ପ୍ରବାହ ଛଳେ କୁଟିଳ ଗତି କରେ
କରେ ଶ୍ୟାମାଶ୍ୟାମ କାମନା ।
ସଖୀରେ,
ନିର୍ମଳ ରସବତୀ ହୋଇ ।
ବାମାଗୁଣ ଯେହ୍ନେ ନୀରର ନାଗରେ କୁଟିଳ ଗତି ନ ତୁଟଇ ॥

× × ×

ସଖି ଏ ବ୍ୟସ୍ତନ୍ତଃ ନୀଳ ଶରୀରସ୍ତ ତରଙ୍ଗ ହୋଇଛି ଯମୁନା,
ଲୁଲିତକୂଳ ଅନୁରୋଧ ଗୁଞ୍ଜ ଏ ବଂଶୀ ଗଗଣ ସଙ୍ଗମକଲ;

ସଙ୍ଗାତ

ଅତି ରସିକା ରସବତୀ,
ପୂର୍ବରାଗ ଧବ ଏକାନ୍ତେ ଥାଇ କଲ ସାଗର ନାଗରେ ପୀରତି !

× × ×

ଦେଖ ଏ ତମାଳ ତରୁଶିଖା ଉପର ଆଶ୍ରିତ କୋମଳ ବଚନୀ,
ଶ୍ରୁତିସୁଖପ୍ରଦ ଏ ଭ୍ରମର ବାଦ୍ୟ ଗଠନ କରେ ସାରଙ୍ଗନୀ;

ସଙ୍ଗାତ,

ଦେଖ ଏ ନିକୁଞ୍ଜ ନାଗର,
ନିଜ କୁଞ୍ଜ ପୁଞ୍ଜ ଆହ୍ଲାଦ ମଣ୍ଡଳ କଲେ ଏ ବାହାର ଅନ୍ତର ;

× × ×

ଦେଖନ୍ତେ ନାଗରୀ, ଲବଙ୍ଗ ମଞ୍ଜରୀ କୃଷ୍ଣଭୃଙ୍ଗରେ ଆସକ୍ତ,
ପ୍ରେମ ସଞ୍ଚାର ଅଙ୍କୁରି କରଣ ମୋହିତ ଏକାନ୍ତେ ଏକାନ୍ତ;

ସଙ୍ଗାତ,

ଅନୁଭବରେ ଘନରସ,
ଯତନେ ଗୁମର କଲେ ତେଁ ଆନନ୍ଦ ସୁଖଦ ହୃଦୟ ପ୍ରକାଶ ।”

ପରସ୍ପର କଥୋପକଥନ ମଧ୍ୟରେ ନବମ ସ୍ଫୁଟର ବଂଶୀଚୋରୀ ପ୍ରସଙ୍ଗଟି ପାଠକମାନଙ୍କ ପକ୍ଷରେ ବିଶେଷ ସରସ ଓ ଉପଭୋଗ୍ୟ ହୋଇଛି । ଗୋପୀମାନେ ବଂଶୀଟିକୁ ଶ୍ରୀକୃଷ୍ଣଙ୍କ ଅଜ୍ଞାତସାରରେ ଚୋରାଇ ନେଇ ଧନିଷ୍ଠାଠାରେ ଅର୍ପଣ କରିଥିଲେ । କିନ୍ତୁ ପ୍ରକୃତରେ ହୋଇ ଗୋଟି ଗୋଟି କରି ପ୍ରତ୍ୟେକ ଗୋପୀଙ୍କୁ ଚତୁରତାରେ ପ୍ରତ୍ୟେକେ ପରସ୍ପର ବଚନରେ ଅନ୍ୟର ଦୋଷ ଦେଇ ନିଜେ ନିର୍ଦ୍ଦୋଷ ହୋଇଛନ୍ତି ।

“ଏତେ ବୋଲି ଧନି ଲଳିତା ବାସ,
ଚାଲିଲେ କରି ମନ୍ଦ ମନ୍ଦ ହାସ;

କାହ୍ନୁଂ ଶିଖାଇଲା ଏ ପରିହାସ,
ବଂଶୀ ଦେଖାଇ ମନ୍ଦ ମନ୍ଦ ହସ;
ଏତେ ଦୋଷ କିନା,
ମୁରଲୀ ଧାଇଁରେ ମୀନକେତନ' ।”

× × ×

“କେ ବୋଲେ ସଖି ଏ ନାଗର ବରି,
ମୁରଲୀ ଲୁଚାଇ ବନ ଭିତରି;
ଆମ୍ଭଙ୍କୁ କପଟ ବାଦ ଲଗାଇ,
ବାସ ଫେଡ଼ିବେ ସେ ବୋଲିବ ନାହିଁ;
ସେ ଜୀବନ ଧନ,
ମୁରଲୀ ତାଙ୍କଠାରୁ ନୋହେ ଭିନ୍ନ ।”

× × ×

“କେ ବୋଲଇ ସେ ତ ଦେଖଇଠାରିକା,
ପ୍ରାଣରୁ ଅଧିକ ପ୍ରିୟା ରାଧିକା;
ଯାଖାତେ ସେ ହରି ଦେଇଛନ୍ତି ଚାବି,
ମୁରଲୀ ହରିବା ଦେଉଁ ଏତେକ,
ତାକୁ ଧରି ଯାଇ,
ଯାଚିଲେ ମୁରଲୀ ବାଦ ଲଗାଇ ।”

।“କେ ବୋଲଇ ଲୁଛା ବଂଶ କଣ୍ଟକ,
ଅତି ମୂଳ କାହ୍ନୁଂ ଦଣ୍ଡ ପାତକ;
ଅଧରେ ଗର୍ବ ମରମର୍ମ ଭେଦ,
ବକ୍ଷ ଛିଦ୍ରବନ୍ତ ଅଛି ପ୍ରମାଣ,
ସେ ଗାରବ ଶୁଣି,
ଭୁଲିବ ନରେ ତା'ର ସବୁଗୁଣ ।”

× × ×

"କେ ବୋଲଇ ତାଙ୍କୁ ସେବେ ଦେଖନ୍ତୁ,
ଏତେ ବେଳ ଯାଏ କମ୍ପା ଇଖନ୍ତୁ;
ଯାହା ସେଣି ଗୁରୁଗଣ ଗଞ୍ଜନ,
ଦେ ଯ ପତିବ୍ରତ-ତନ୍ତ୍ର-ପ୍ରଭଞ୍ଜନ;
ସେ ଶ୍ରୁତି ରଞ୍ଜନ,
ଦେହେଲ ହେଂ ବେଗେ କରନ୍ତୁ ଭଞ୍ଜନ ।"

+ + +

"କେ ବୋଲଇ ମୋର ଭାଗ୍ୟ ଫଳିଲା,
ବଂଶୀଧର କରୁ ମୁରଲୀ ଗଲା;
ଅନ୍ତରରେ ଧରେ ମୋହରି ନାମ,
ଶୁଣିଲେ ମନରେ ଉତ୍କଟ କାମ;
ଶତ୍ରୁ ଛନଛନ,
ଯାଚୋଣି ବାସ ବ୍ୟସନ ଅଶନ ।"

କାବ୍ୟଟିର ସବୁ ଛାନ୍ଦରେ ପ୍ରାୟ ଯମକ, ଉପମା, ରୂପକ, ଶ୍ଳେଷ, ଦୃଷ୍ଟାନ୍ତୋପମା ଆଦି ଅଳଙ୍କାର ପୂରି ରହିଛି । ତୃତୀୟ ଛାନ୍ଦର ବର୍ଷାଋତୁ ବର୍ଣ୍ଣନା ପ୍ରସଙ୍ଗରେ 'ମହାଯମକ'ର ପ୍ରୟୋଗ କରି ଛାନ୍ଦଟିକୁ ଅନ୍ୟାନ୍ୟ ଛାନ୍ଦ ତୁଳନାରେ ଟିକିଏ କ୍ଳିଷ୍ଟ କରିଥିଲେ ହେଁ, ଶ୍ରୁତିରଞ୍ଜନ କରିଛନ୍ତି, ଏଥିରେ ସନ୍ଦେହ ନାହିଁ ।

"ଦେଖି ଶ୍ୟାମଘନ-ରସ ଉଦ୍ଦୀପନ ଚଞ୍ଚଳା ସ୍ୱବଶ ମତ୍ତ,
ଦେଖି ଶ୍ୟାମଘନ ରସ ଉଦ୍ଦୀପନ ଚଞ୍ଚଳା ସୁବଶ ମତ୍ତ ।

× × ×

ଇନ୍ଦ୍ରଗୋପ ମଣ୍ଡିତକେ ପ୍ରକାଶିଲେ ଅନୁଷଙ୍ଗ ପଞ୍ଚବାସ,
ଇନ୍ଦ୍ର ଗୋପମଣ୍ଡି ତକେ ପ୍ରକାଶିଲେ ଅନୁଷଙ୍ଗ ପଞ୍ଚବାସ

ଅଷ୍ଟାଦଶ ଶତାବ୍ଦୀରେ ରଚିତ କୃଷ୍ଣକାବ୍ୟ ଗୁଡ଼ିକ ମଧ୍ୟରେ 'କୃଷ୍ଣକେଳି ତରଙ୍ଗିଣୀ' ଏକ ବିଶେଷ ସ୍ଥାନ ଅଧିକାର କରିଛି । ସେହି ସମୟ ମଧ୍ୟରେ ଗୌଡ଼ୀୟ ପ୍ରଚାରକମାନଙ୍କ ନିରବଚ୍ଛିନ୍ନ ପ୍ରଚାର ଫଳରେ ବଙ୍ଗ, ବିହାର, ଆସାମ ଓ ଓଡ଼ିଶାରେ କୃଷ୍ଣକାବ୍ୟର ଶାଶ୍ୱତ ଭକ୍ତି ସାହିତ୍ୟ କ୍ଷେତ୍ରକୁ ଶ୍ରୀମନ୍ତ କରିଥିଲା । ତାହାର ଫଳରେ ଶହ ଶହ କାବ୍ୟ କବିତା ରଚିତ ହୋଇ ଆଜିର ରସିକ ପାଠକ ଓ କଳାଜ୍ଞ ସମାଲୋଚକମାନଙ୍କର କୌତୁହଳ ଉପଶମ କରେ ।

---

# ଓଡ଼ିଆ ସାହିତ୍ୟକୁ ଚିକିଟି ରାଜବଂଶର ଦାନ

ଶାରଳା ଦାସଙ୍କ ମହାଭାରତ, ବଳରାମ ଦାସଙ୍କ ଦାଣ୍ଡିରାମାୟଣ ଓ ଜଗନ୍ନାଥ ଦାସଙ୍କ ପ୍ରସିଦ୍ଧ ଭାଗବତ ଗ୍ରନ୍ଥ ଓଡ଼ିଆ ଭାଷାରେ ରଚିତ ହେବା ପରେ ପ୍ରାଚୀନ ଉତ୍କଳର ଜନସାଧାରଣଙ୍କର ଓଡ଼ିଆ ସାହିତ୍ୟ ପ୍ରତି ଶ୍ରଦ୍ଧା ଓ ଭକ୍ତି ଜାତ ହେଲା । ତତ୍ପୂର୍ବରୁ କୌଣସି ଗ୍ରନ୍ଥ ସଂସ୍କୃତରେ ଲିଖିତ ହୋଇ ନଥିଲେ ତାହା ବିଶୁଦ୍ଧ ଗ୍ରନ୍ଥ ରୂପେ ସମାଜରେ ଆଦୃତ ହେଉ ନଥିଲା । ଏପରି କି, ବଳରାମ ଦାସ 'ପ୍ରଣବସାର ଗୀତା' ଆଦି ଗ୍ରନ୍ଥରେ ବ୍ରହ୍ମଜ୍ଞାନ ଚର୍ଚ୍ଚା କରିଥିବା ହେତୁରୁ ତାତ୍କାଳୀନ ଉତ୍କଳରାଜ ପ୍ରତାପରୁଦ୍ରଙ୍କ ନିକଟରେ ରକ୍ଷଣଶୀଳ ସମାଜପତିମାନଙ୍କ ଦ୍ୱାରା ଅଭିଯୋଗ କରା ଯାଇଥିଲା ଏବଂ ସେହି ଅପରାଧରେ ବଳରାମ ଦାସଙ୍କୁ ଦଣ୍ଡବିଧାନ କାର୍ଯ୍ୟକାରଣ କରିବାକୁ ଯାଉଥିଲା ବୋଲି ଏକ କିମ୍ବଦନ୍ତୀରୁ ପ୍ରମାଣ ମିଳେ । ଆହୁରି ମଧ୍ୟ ଅନ୍ତର୍ବର୍ତ୍ତୀ ଜଗନ୍ନାଥ ଦାସ ଗୋସାଇଁଙ୍କ ଭାଗବତକୁ 'ତେଲି ଭାଗବତ' ରୂପେ ଚିହ୍ନିତ କରିବା ଭଳି ଲୋକ ସମାଜରେ ଅଭାବ ନଥିଲେ ।

ଯାହାହେଉ, ଉପରୋକ୍ତ ମହାତ୍ମାମାନଙ୍କ ଆନ୍ତରିକ ପ୍ରଚେଷ୍ଟା-ଫଳରେ ଉତ୍କଳରେ ପ୍ରଥମେ ଓଡ଼ିଆ ସାହିତ୍ୟ ଚର୍ଚ୍ଚାର ମୂଳଭିତ୍ତି ସ୍ଥାପିତ ହୋଇଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ । ତାହା ପରେ ପରେ ଓଡ଼ିଆ ବିଦ୍ୱାନ୍‌ମାନଙ୍କଦ୍ୱାରା କେବଳ ସଂସ୍କୃତ ଗ୍ରନ୍ଥ ରଚିତ ନ ହୋଇ ଓଡ଼ିଆ-ଭାଷାରେ ମଧ୍ୟ ଗ୍ରନ୍ଥ-ପ୍ରଣୟନ ଆରମ୍ଭ ହୋଇଥିଲା । ସଂସ୍କୃତଜ୍ଞ କବିମାନଙ୍କୁ ରାଜ ଦରବାରରେ ଯେପରି ରାଜସମ୍ମାନ ମିଳୁଥିଲା; ଓଡ଼ିଆରେ ଗ୍ରନ୍ଥରଚନା କରୁଥିବା କବି ଓ ଲେଖକମାନଙ୍କୁ ମଧ୍ୟ ଅନୁରୂପ ରାଜସମ୍ମାନ ମିଳିଲା । ଓଡ଼ିଶାର ବହୁ ସାମନ୍ତ ରାଜା ମଧ୍ୟ ନିଜ ନିଜର ରାଜଦରବାରରେ ଗୋଟିଏ ଲେଖାଏ ପଣ୍ଡିତସଭା ରଖାଇ ସେଥିରେ ଓଡ଼ିଆ ଓ ସଂସ୍କୃତ ଭାଷାରେ ଧୁରୀଣ ବିଦ୍ୱାନମାନଙ୍କୁ ନିଯୁକ୍ତ କରାଇ ଶାସ୍ତ୍ର ଚର୍ଚ୍ଚାରେ ସମସ୍ତ ବିତାଇଥିଲେ । ଏହା ଫଳରେ ଯେ କେବଳ ପଣ୍ଡିତମାନେ ଅମୂଲ୍ୟ ଗ୍ରନ୍ଥ

ପ୍ରଣୟନ କରି ସମାଜରେ ଗୌରବାନ୍ୱିତ ହୋଇଥିଲେ ତା' ନୁହେଁ, ଅନେକେକ ଗୁଣୀ ରାଜା ମଧ୍ୟ ପଣ୍ଡିତମାନଙ୍କ ସାହଚର୍ଯ୍ୟରେ ନିଜେ କାବ୍ୟ ଓ ଛନ୍ଦ କବିତାଦି ରଚନାରେ ସ୍ୱୟଂବ୍ରତୀ ହୋଇ ଓଡ଼ିଆ ସାହିତ୍ୟର ଗ୍ରନ୍ଥଭଣ୍ଡାର ପୂର୍ଣ୍ଣ କରୁଥିଲେ । ଆଉ କେତେକ ରାଜା ପରନ୍ତ୍ରାଶୀ ରାଜାଙ୍କର ଖ୍ୟାତିକୀର୍ତ୍ତିରେ ଈର୍ଷା ପରବଶ ହୋଇ ନିଜ ସଭା ପଣ୍ଡିତମାନଙ୍କଦ୍ୱାରା ଗ୍ରନ୍ଥ ରଚନା କରାଇ ନିଜ ନାମରେ ଭଣିତା କରାଇ ଥିବାର ବହୁ ପ୍ରମାଣ ଉପଲବ୍ଧ ହୁଏ । ଓଡ଼ିଶାର ପ୍ରାଚୀନ ରାଜବଂଶ ମଧ୍ୟରେ ଦକ୍ଷିଣ ଓଡ଼ିଶାର ରାଜାମାନେ ପଣ୍ଡିତମାନଙ୍କ ଦ୍ୱାରା ତଥା ନିଜ ସାଧନାରେ ବହୁ ଗ୍ରନ୍ଥ ପ୍ରଣୟନ କରୁଥିଲେ ।

ଦକ୍ଷିଣ ଓଡ଼ିଶାର ରାଜବଂଶମାନଙ୍କ ମଧ୍ୟରେ ପାରଳାଖେମୁଣ୍ଡି, ଧରାକୋଟ, ବଡ଼ଖେମୁଣ୍ଡି, ଘୁମୁସର, ଖଲ୍ଲିକୋଟ ଓ ଚିକିଟି ଆଦି ରାଜବଂଶର ଓଡ଼ିଆ ସାହିତ୍ୟକୁ ଦାନ ଅତୁଳନୀୟ ବୋଲି କହିଲେ ଆଦୌ ଅତ୍ୟୁକ୍ତି ହେବ ନାହିଁ । ଘୁମୁସର ରାଜବଂଶର ଧନଞ୍ଜୟ ଭଞ୍ଜ, ଉପେନ୍ଦ୍ର ଭଞ୍ଜ, ଘନ ଭଞ୍ଜ ଓ 'କନକ ଲତା' କାବ୍ୟର ପ୍ରଣେତା ବିକ୍ରମ ଭଞ୍ଜ, ଖଲ୍ଲିକୋଟ ରାଜବଂଶର ନୀଳକଣ୍ଠ ମର୍ଦ୍ଦରାଜ, ଜଗନ୍ନାଥ ମର୍ଦ୍ଦରାଜ, ଅନିରୁଦ୍ଧ ଛୋଟରାୟ, ବାଲୁକେଶ ମର୍ଦ୍ଦରାଜ ଓ ନାରାୟଣ ମର୍ଦ୍ଦରାଜ ଆଦି ନରପତିଗଣ ବହୁ ଗ୍ରନ୍ଥ ରଚନା କରିଥିବାର ପ୍ରମାଣ ମିଳୁଛି । ପ୍ରସ୍ତୁତ ଆଲୋଚନାରେ ଦକ୍ଷିଣ ଓଡ଼ିଶାର ଅନ୍ୟତମ ପ୍ରଖ୍ୟାତ ରାଜବଂଶ ଚିକିଟିର ରାଜନ୍ୟ ବର୍ଗଙ୍କ ଦ୍ୱାରା ଲିଖିତ ଓଡ଼ିଆ ଗ୍ରନ୍ଥ ଗୁଡ଼ିକ ସମ୍ବନ୍ଧରେ ସମ୍ୟକ ଆଲୋଚନା କରାଯାଇଛି ।

ଚିକିଟି ରାଜବଂଶ ଦକ୍ଷିଣ ଓଡ଼ିଶାର ଏକ ପ୍ରଖ୍ୟାତ ଓ ପ୍ରାଚୀନ ରାଜବଂଶ । ଏହି ରାଜବଂଶର ରାଜାମାନେ ଆତ୍ରେୟ ଗୋତ୍ରଜ ବୋଲି ବହୁ ଐତିହାସିକ ଉପାଦାନରୁ ପ୍ରମାଣ ମିଳେ । ସୁଦକ୍ଷ ଶାସକ ହିସାବରେ ଏହି ରାଜାମାନଙ୍କର ଯାହା ସୁନାମ ଥାଉନା କାହିଁକି, କେତେକଣ୍ଡି ଅମୂଲ୍ୟ ଓଡ଼ିଆ ଗ୍ରନ୍ଥ ପ୍ରଣେତା ରୂପେ ସର୍ବତ୍ର ସୁଖ୍ୟାତ ଥିଲେ ।

**ଯଦୁମଣି ରାଜଗୁରୁ—**

ଚିକିଟି ରାଜବଂଶର ରାଜାମାନଙ୍କ ମଧ୍ୟରେ ଯେଉଁମାନେ ଅଭିନବ ଗ୍ରନ୍ଥ ରଚନା କରି ଓଡ଼ିଆ ସାହିତ୍ୟର ଅଭିବୃଦ୍ଧି କରିଥିଲେ ସେମାନଙ୍କ

ମଧ୍ୟରେ ଯଦୁମଣି ଅନ୍ୟତମ । ଏହାଙ୍କ ପୂର୍ବରୁ ଉକ୍ତ ରାଜବଂଶର କୌଣସି ରାଜା ଗ୍ରନ୍ଥାଦି ରଚନା କରିଥିବାର ପ୍ରମାଣ ଅଦ୍ୟାପି ଉପଲବ୍ଧି ହୋଇନି ।

ଆଲୋଚନାରୁ ଜଣାଯାଏ ଯଦୁମଣି ରାଜଭରସୁ କୁଳମଣି ରାଜେନ୍ଦ୍ରଙ୍କ ପିତାମହ ଓ ମଧୁସୂଦନ ରାଜେନ୍ଦ୍ରଙ୍କ ପିତା ଥିଲେ । ସେ ପ୍ରାୟ ଖ୍ରୀ:ଅ: ୧୬୭୨-୧୮୮୭ ପର୍ଯ୍ୟନ୍ତ ଶକଟୀ ରାଜସିଂହାସନ ଅଳଂକୃତ କରିଥିଲେ । ବୋଧହୁଏ ଯଦୁମଣିଙ୍କ ପୂର୍ବରୁ ଶକଟୀ ରାଜବଂଶର କୌଣସି ନରପତି 'ରାଜେନ୍ଦ୍ର' ପଦବୀରେ ଭୂଷିତ ହୋଇ ନଥିଲେ । କେବଳ ଯଦୁମଣି ମଧ୍ୟ ଅନେକ ଦିନ ପର୍ଯ୍ୟନ୍ତ ରାଜଭରସୁ ପଦବୀ ବ୍ୟବହାର କରୁଥିଲେ । ଏହାଙ୍କ ଲିଖିତ 'କବି କଳ୍ପଦ୍ରୁମ'ର ଭଣିତାରୁ ଜଣାପଡ଼େ, କବି ଉକ୍ତ ଗ୍ରନ୍ଥ ରଚନା କଲାବେଳକୁ 'ରାଜଭରସୁ' ପଦବୀ ବ୍ୟବହାର କରୁଥିଲେ । ଏହାଙ୍କ ଲିଖିତ 'କବି କଳ୍ପଦ୍ରୁମ'ର ଭଣିତାରୁ ଜଣାପଡ଼େ ସେ ଉକ୍ତ ଗ୍ରନ୍ଥ ରଚନା କଲାବେଳକୁ ମଧ୍ୟ ଯଦୁମଣି 'ରାଜେନ୍ଦ୍ର' ପଦବୀରେ ଭୂଷିତ ହୋଇ ନଥିଲେ । ପରେ କୌଣସି ଗୌରବପୂର୍ଣ୍ଣ କାର୍ଯ୍ୟ କରିଥିବାରୁ ଓଡ଼ିଶାର ଗଜପତି ଦରବାରରୁ ହୁଏତ ରାଜେନ୍ଦ୍ର ଦେବ ପଦବୀ ପାଇଥିବେ ।

"ପ୍ରକଟ ଶକଟୀ ରାଜ୍ୟ ରାଜା ନରବର,
ସକଳ ଶାସ୍ତ୍ର କୁଶଳ ଧୀର ମହାବୀର ଯେ ।
ରାଜଭରସୁ ଏବେକ ନାମ ଯଦୁମଣି,
ସର୍ବ କାବ୍ୟ ଶାସ୍ତ୍ର କରି ଶିକ୍ଷା ମଦନ ଗୁଣି ଯେ ।
କବି ଜନସ୍ୱହିତେ କବି କଳ୍ପଦ୍ରୁମ ନାମ,
ସ୍ୱଦେଶ ଭାଷାରେ କଲେ ଏ ଗ୍ରନ୍ଥ ଉତ୍ତମ ଯେ ।"

(କବି କଳ୍ପଦ୍ରୁମ, ଓଡ଼ିଶା ମ୍ୟୁଜିୟମ୍ ନକଲ ପ୍ରଥମ ପୃଷ୍ଠା)

କବି ରାଧାମୋହନ ରାଜେନ୍ଦ୍ର ପ୍ରଣୀତ 'ପ୍ରେମପଞ୍ଚାମୃତ କାବ୍ୟ'ର ରାଜବଂଶ ଛାନ୍ଦରେ ଲେଖିଛନ୍ତି -

"ସେ ବଂଶରୁ ହୋଇଲି ପୁରୁଷରେ ।
ଯଦୁମଣି ରାଜଭରସୁ ହେଲେ ।।"

କବି ଯଦୁମଣି ରାଜଗୁରୁଙ୍କ ପୌତ୍ର କୃଷ୍ଣଚନ୍ଦ୍ର ରାଜେନ୍ଦ୍ର ତାଙ୍କ ରଚିତ 'ଆର୍ଷ ରାମାୟଣ'ର ଅଯୋଧ୍ୟା କାଣ୍ଡ ଶେଷରେ, ଯଦୁମଣି ସ୍ୱପ୍ରତାପ ବଳରେ ରାଜେନ୍ଦ୍ର ପଦବୀରେ ଭୂଷିତ ହେଲେ ବୋଲି ଉଲ୍ଲେଖ କରିଛନ୍ତି ।

"ଦକଟୀ ନାମେ ରାଜ୍ୟ ସନ୍ତଂ ।
ହୋତେ ନୃପତି ଥିଲେ ଭଲ୍ଲଂ ।
× × ×
କେତେକ କାଳେ ତାଙ୍କ କୁଳେ,
ନୃସିଂହ ନାମେ ନୃପ ହେଲେ ।
ତାହାଙ୍କ ସୁତ ରଘୁନାଥ,
ସମସ୍ତ କୀର୍ତ୍ତିରେ ମଣ୍ଡିତ ।।
ତାହାଙ୍କ ସୁତ ଯଦୁମଣି,
ତେଜରେ ଦିଗସ୍ତୁ ଦ୍ୟୁମଣି ।।
ରାଜେନ୍ଦ୍ର ଦେବ ପଦବୀରେ,
ମଣ୍ଡିତ ହେଲେ ସେ ସଂସାରେ ।।"

(ଆର୍ଷ ରାମାୟଣ, ଅଯୋଧ୍ୟା କାଣ୍ଡ, ଓଡ଼ିଶା ମ୍ୟୁଜିଅମ୍ ପୋଥି)

କବି ଯଦୁମଣି ରାଜେନ୍ଦ୍ରଙ୍କ ସମୟ ସମ୍ବନ୍ଧରେ କୌଣସିଠାରେ ନିର୍ଦ୍ଦିଷ୍ଟ ପ୍ରମାଣ ମିଳି ନ ଥିଲେ ହେଁ କୃଷ୍ଣଚନ୍ଦ୍ର ରାଜେନ୍ଦ୍ର ଓ ଭୂଧରମଣି ରାଜେନ୍ଦ୍ରଙ୍କ ସମୟ ତଥା ରାଧାମୋହନ ରାଜେନ୍ଦ୍ରଙ୍କ ପ୍ରଦତ୍ତ ବଂଶାବଳୀରୁ ତାଙ୍କ ସମୟ ଖ୍ରୀ: ଅ: ୧୭୬୨—୧୮୨୭ ବୋଲି ଅନୁମାନ କରାଯାଏ ।

ସେହି ଯଦୁମଣି ରାଜେନ୍ଦ୍ର ଅଳଙ୍କାର ଶାସ୍ତ୍ର ମନ୍ଥନ କରି ଓଡ଼ିଆ ଭାଷାରେ କବି କଳ୍ପଦ୍ରୁମ ନାମକ ଖଣ୍ଡିଏ ଅଳଙ୍କାର ଗ୍ରନ୍ଥ ରଚନା କରିଥିଲେ । ଗ୍ରନ୍ଥଟି ଆଠଟି ପ୍ରକାଶ ବା ଅଧ୍ୟାୟରେ ବିଭକ୍ତ କରାଯାଇଛି । ପ୍ରଥମରୁ ଷଷ୍ଠ ପ୍ରକାଶ ପୂର୍ବା (ଷଷ୍ଠ ପ୍ରକାଶର ଶେଷ ଅଂଶକୁ ନେଇ ସଂସ୍କୃତ ଶ୍ଳୋକ ଅଛି ) ଓଡ଼ିଆ ଭାଷାରେ ତଥା ଯଥାକ୍ରମେ ମଙ୍ଗଳଗୁର୍ଜରୀ, ବସନ୍ତ, ଦେଶୀ, କଳ୍ୟାଣଗୌଡ଼ା, ବଙ୍ଗାଳଶ୍ରୀ ଓ ଚକ୍ରକେଳି ଛନ୍ଦରେ ରଚିତ । ଅନ୍ୟ ଦୁଇଟି ପ୍ରକାଶ ସଂସ୍କୃତ ଭାଷା ବାକ୍ୟ ଛନ୍ଦରେ ଲିଖିତ ହୋଇଛି । ଗ୍ରନ୍ଥଟିର

ଅଠଟି ପ୍ରକାଣ୍ଡ ମଧ୍ୟରୁ ପ୍ରଥମ ପ୍ରକାଣ୍ଡରେ କାବ୍ୟର ସ୍ୱରୂପ ନିରୂପଣ, ଦ୍ୱିତୀୟ ପ୍ରକାଣ୍ଡରେ ଗୁଣାଦି ନିରୂପଣ, ତୃତୀୟ ପ୍ରକାଣ୍ଡରେ ରସର ବୈଶିଷ୍ଟ୍ୟ ନିରୂପଣ, ଚତୁର୍ଥ ପ୍ରକାଣ୍ଡରେ ବର୍ଣ୍ଣନୀୟ ବସ୍ତୁ ନିରୂପଣ, ପଞ୍ଚମ ପ୍ରକାଣ୍ଡରେ ବର୍ଣ୍ଣ୍ୟବର୍ଣ୍ଣନ ନିରୂପଣ, ଷଷ୍ଠ ପ୍ରକାଣ୍ଡରେ ଛନ୍ଦ (ସଙ୍ଗୀତର ଭେଦ ବିଶେଷ) ନିରୂପଣ, ସପ୍ତମ ପ୍ରକାଣ୍ଡରେ ଗୀତ ନିରୂପଣ ଓ ଅଷ୍ଟମ ପ୍ରକାଣ୍ଡରେ ନୃତ୍ୟ ନିରୂପଣ କରାଯାଇଛି ।

କବି କଲ୍ପଦ୍ରୁମ ଗ୍ରନ୍ଥର ମଙ୍ଗଳାଚରଣ ପରେ କବି ପଦୁମଣି ନବକଲ୍ପଦ୍ରୁମର ରଚନା କରୁଥିବା ବୋଲି କହିଛନ୍ତି । ଅନ୍ୟାନ୍ୟ କବିମାନେ ଯେପରି ଗ୍ରନ୍ଥର ପ୍ରତ୍ୟେକ ଛାନ୍ଦ ଶେଷରେ ନିଜର ନାମ ଭଣିତା କରିଥାନ୍ତି ସେ ପ୍ରକାର ଚଳଣି ଏ ଗ୍ରନ୍ଥରେ ଅନୁସୃତ ହୋଇ ନାହିଁ ଏବଂ ଷଷ୍ଠ ପ୍ରକାଣ୍ଡ ଆରମ୍ଭରେ ଓ ଅନ୍ୟ କେତୋଟି ସ୍ଥାନରେ ମଧ୍ୟ ଗଦାଧର ଦାସଙ୍କ ନାମ ଭଣିତା ହୋଇଛି ।

"ସେ ପ୍ରଭୁ ଚରଣ ପଙ୍କଜ ସେବି
ଗଦାଧର ଦାସ ମସ୍ତକେ ଘେନି ।"
(ଷଷ୍ଠ ପ୍ରକାଣ୍ଡ, ୫ମ ପଦ)

"ଶ୍ରୁତ ଗୀତମାନ ଏପରି ଗୀତ
ଗୀତେ ଗଦାଧର ଦାସ ଭଣନ୍ତି ॥"
(ଷଷ୍ଠ ପ୍ରକାଣ୍ଡ, ୮୦ଶ ପଦ)

ତେଣୁ ଅନୁମାନ କରାଯାଏ ଅନ୍ୟାନ୍ୟ କେତେକ କବିମାନଙ୍କ-ପରି ବୋଧହୁଏ କବି ଗଦାଧର ଦାସ ନିଜେ ଗ୍ରନ୍ଥଟି ରଚନା କରି [illegible] ରାଜା ପଦୁମଣିଙ୍କ ନାମରେ ଉତ୍ସର୍ଗ କରିଥିବେ କିମ୍ବା ଷଷ୍ଠ ପ୍ରକାଣ୍ଡଟିକୁ ଗଦାଧର ଦାସ ରଚନା କରି ଗ୍ରନ୍ଥ ରଚନାରେ ପଦୁମଣିଙ୍କୁ ସହାୟ କରିଥିବେ ।

କବି କଲ୍ପଦ୍ରୁମ ଗ୍ରନ୍ଥର ପ୍ରଥମ ପ୍ରକାଣ୍ଡଟି ପ୍ରସିଦ୍ଧ ଓଡ଼ିଆ ଆଳଙ୍କାରିକ ବିଶ୍ୱନାଥ କବିରାଜଙ୍କ ସାହିତ୍ୟ ଦର୍ପଣ ଗ୍ରନ୍ଥର ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ପରିଚ୍ଛେଦର ଅବଲମ୍ବନରେ ଲିଖିତ ।

କାବ୍ୟର ପରିଭାଷା ନିରୂପଣ ବିଷୟରେ ଦଣ୍ଡୀ, ଆନନ୍ଦବର୍ଦ୍ଧନାଚାର୍ଯ୍ୟ, ମମ୍ମଟାଚାର୍ଯ୍ୟ, କୁନ୍ତକ, ବିଶ୍ୱନାଥ କବିରାଜ ଓ ଜଗନ୍ନାଥ ପଣ୍ଡିତ ଆଦି ପ୍ରସିଦ୍ଧ ଆଳଙ୍କାରିକମାନେ ଭିନ୍ନ ଭିନ୍ନ ମତ ପୋଷଣ କରିଛନ୍ତି । ତନ୍ମଧ୍ୟରେ ବିଶ୍ୱନାଥ କବିରାଜ 'ବାକ୍ୟଂ ରସାତ୍ମକଂ କାବ୍ୟଂ, ଦୋଷାସ୍ତସ୍ୟ ଅପକର୍ଷକାଃ । ଉତ୍କର୍ଷ ହେତବଃ ପ୍ରୋକ୍ତା ଗୁଣାଲଙ୍କାର ରୀତୟଃ' ବୋଲି ପରିଭାଷା କରିଛନ୍ତି । ସେ ପୂର୍ବାଚାର୍ଯ୍ୟମାନଙ୍କ ମତକୁ ଯୁକ୍ତି ଦ୍ୱାରା ଖଣ୍ଡନ କରି ନିଜ ମତର ଉପସ୍ଥାପନ କରିଛନ୍ତି । କବି ସଦୁନନ୍ଦି ପ୍ରାୟ ସେହି ପରିଭାଷାର ଅବଲମ୍ବନରେ କବି କଳ୍ପଦ୍ରୁମରେ ଲେଖିଛନ୍ତି—

"ରସବନ୍ତ ଗୁଣ ରୀତି ଅଳଙ୍କାର ଯୁକ୍ତ,
ଦୋଷରେ ରହିତ କାବ୍ୟ ସେ ସେ କାବ୍ୟ ମତ ହେ ।
ବାକ୍ୟ ରସବନ୍ତ ହୋଇ ବ୍ୟଞ୍ଜନ ସମ୍ଭବେ,
ପଦ୍ୟାଦି ଆତ୍ମା ସେ ରସ ତଥା ଜାଣ ଭୂଷଣ ହେ ।"

ସେହି ପ୍ରଥମ ପ୍ରକାଶରେ କବି କାବ୍ୟ ସ୍ୱରୂପ ନିରୂପଣ କରିବା ପରେ, ସାହିତ୍ୟ ଦର୍ପଣରେ ବର୍ଣ୍ଣିତ ଦ୍ୱିତୀୟ ପରିଚ୍ଛେଦର ଅଭିଧା, ଲକ୍ଷଣା, ବ୍ୟଞ୍ଜନାଦି ବୃତ୍ତିକୁ ଅତି ସଂକ୍ଷେପରେ ବର୍ଣ୍ଣନା କରି ତର୍କରେ ନିହିତ ପ୍ରତ୍ୟେକ ଭେଦ ସମ୍ବନ୍ଧରେ ଆଲୋଚନା କରିଛନ୍ତି ।

"ଅଭିଧା ଲକ୍ଷଣା ବ୍ୟଞ୍ଜନା ଏତିନି ବୃତ୍ତି,
ଶବ୍ଦର ଅର୍ଥ ବୋଧନେ ସହାୟ ହୁଅନ୍ତି ।
× × ×
ଜହତ୍ସ୍ୱାର୍ଥା ଲକ୍ଷଣା ଲକ୍ଷଣା ସେ ସେ ହୋଇ,
ଉପାଦାନ ଲକ୍ଷଣା ଅଜହତ୍ସ୍ୱାର୍ଥା ଭବି ।
ସାଦୃଶ୍ୟର ସମ୍ବନ୍ଧ ଏ ଗୌଣୀ ବୋଲି ଜାଣ,
ସାଦୃଶ୍ୟ ଭିନ୍ନ ସମ୍ବନ୍ଧ, ଶୁଦ୍ଧା ସେହୁ ପୁଣ ହେ ।"

ଏହାପରେ ଅତି ସଂକ୍ଷେପରେ ସାହିତ୍ୟ ଦର୍ପଣର ତୃତୀୟ ପରିଚ୍ଛେଦଟିକୁ ଆଲୋଚନା କରି ସମସ୍ତ ପରିଚ୍ଛେଦଗୁଡ଼ିକୁ ମଧ୍ୟ ଅତି ସଂକ୍ଷେପରେ

ଉଲ୍ଲେଖ କରିଛନ୍ତି । ସାହିତ୍ୟ ଦର୍ପଣର ରସ ପରିଚ୍ଛେଦରେ ରସ ସ୍ୱରୂପ ବିଭାବ ଅନୁଭାବ ଓ ସଞ୍ଚାରୀଭାବ ଆଦିର ନିରୂପଣ, ନାୟକ ଓ ନାୟିକାର ଭେଦ ନିରୂପଣ ଏବଂ ଶୃଙ୍ଗାରାଦି ରସ ନିରୂପଣ ବିଷୟରେ ଆଲୋଚନା କରାଯାଇଛି । କବି ଯଦୁମଣି ମଧ୍ୟ ସେହିପରି ରସ ପରିଚ୍ଛେଦଟିକୁ ଅତି ସଂକ୍ଷେପରେ (କୌଣସି ଉଦାହରଣ ନ ଦେଇ) ଆଲୋଚନା କରିଛନ୍ତି ।

"ରସକୁ କାବ୍ୟର ଆତ୍ମା ବୋଲି ଦକ୍ଷ ଯେଣୁ,
ବିଶେଷି ବର୍ଣ୍ଣିବା ତାର ସ୍ୱରୂପକୁ ତେଣୁ ।

ହୃଦେ ସତ୍ୱ ବିଶେଷ ଯେ ପ୍ରକାଶେ ଆନନ୍ଦ,
ରସ ଅଖଣ୍ଡ ରସଧର୍ମ କରଇ ତା ଆସ୍ୱାଦ ।

ରତି ଆଦି ସ୍ଥାୟୀ ଭାବଙ୍କର ଯେ କାରଣ,
ତାଙ୍କୁ ବିଭାବ ବୋଲି ତା ଭାବନାର ଗୁଣ ।

ରତି ଆଦି ସ୍ଥାୟୀ ଭାବଙ୍କର କାର୍ଯ୍ୟ ଯେତ୍କି,
ଅନୁଭାବ ବୋଲି ଲୋକେ ବୋଲାଇଛି ସେହି ।

ରତି ଆଦି ସ୍ଥାୟୀ ଭାବଙ୍କୁ ଯେ ସଞ୍ଚରନ୍ତି,
ସଞ୍ଚାରୀ ଭାବ ବୋଲି ତାହାଙ୍କୁ ଯେ କହନ୍ତି ।"

ଅଳଙ୍କାର ଶାସ୍ତ୍ର ସମ୍ମତ ଆଲମ୍ବନ ବିଭାବ ଓ ଉଦ୍ଦୀପନ ବିଭାବ ସମ୍ବନ୍ଧରେ କବି ଯଦୁମଣି ଲେଖିଛନ୍ତି—

"ସ୍ୱକୀୟ ଯେ ନାୟକ ନାୟିକା ପରସ୍ପରେ,
ଆଲମ୍ବନ ବିଭାବ ଯେ ବୋଲନ୍ତି ସଂସାରେ ।

ଉଦ୍ଦୀପନ ବିଭାବ ନନ୍ଦନ ସୁବଦନ,
ଚନ୍ଦ୍ର ଷଟଋତୁ ଆଦି ବେଶ ସୁବାସନ ।

ଯାହାକୁ ଆଶ୍ରୟ କରି ରସ ଉପୁଜଇ,
ଆଲମ୍ବନ ବିଭାବ ବୋଲଣ ତାକୁ କହି ।

ଉପୁଜିଲା ରସକୁ ଯେ ପ୍ରକାଶ କରାଏ,
ଉଦ୍ଦୀପନ ବିଭାବ ଶାସ୍ତ୍ରରେ ସେ ବୋଲାଏ ।"

ନାୟିକା ଭେଦ ପ୍ରକରଣରେ ସ୍ୱୀୟା, ପରୋଢ଼ା, କନ୍ୟକା ଓ ସାଧାରଣୀ ଭେଦରେ ଷୋଡ଼ଶ ପ୍ରକାର ଏବଂ ଏମାନଙ୍କର ମଦନ ଜନିତ ଚେଷ୍ଟା ଭେଦରେ ପ୍ରତ୍ୟେକ ବାସକ ସଜ୍ଜା, ବିରହୋତ୍କଣ୍ଠିତା, ସ୍ୱାଧୀନ ଭର୍ତ୍ତୃକା, କଳହାନ୍ତରିତା, ଖଣ୍ଡିତା, ବିପ୍ରଲବ୍ଧା ଓ ଅଭିସାରିକାରେ ଅଷ୍ଟବିଧ ହୋଇଥିବାର ଅଳଙ୍କାର ଶାସ୍ତ୍ରମାନଙ୍କରେ ଦେଖାଯାଏ । କବି ଚନ୍ଦ୍ରମଣି ମଧ୍ୟ ଉପରୋକ୍ତ ପ୍ରକାର ନାୟିକା ଭେଦ ନିରୂପଣ କରି ବାସକ ସଜ୍ଜାଦି ଅଷ୍ଟବିଧ ଲକ୍ଷଣର ବିଶେଷ ଆଲୋଚନା କରିଛନ୍ତି ।

ବାସକ ସଜ୍ଜା—

"ବାସ ଗୃହେ ଶଯ୍ୟା ସାଜି ଯେ ସୁବେଶ ହୋଇ,
ସମ୍ଭୋଗ ଆଶେ ବାସକ ସଜ୍ଜା ତାକୁ କହି ।"

ବିରହୋତ୍କଣ୍ଠିତା—

"କାର୍ଯ୍ୟ ବଶୁ କାନ୍ତ ଯାହା ପାଶେ ନ ଆସଇ,
ସେ ଦୁଃଖେ ଅର୍ତ୍ତା ବିରହୋତ୍କଣ୍ଠିତା ବୋଲଇ ।"

ସ୍ୱାଧୀନ ଭର୍ତ୍ତୃକା—

"ଯାହା ଭକ୍ତିରସ ବଶେ ଆଜ୍ଞା କରଇ ପତି,
ନିରନ୍ତରେ ସେ ସ୍ୱାଧୀନ ପତିକା ସୁବଶୀ ।"

କଳହାନ୍ତରିତା—

"ଲୁଚ୍ଛଳ କାନ୍ତକୁ ଯେ ରୋଷେ ଦୂରକରି,
ପଛେ ସନ୍ତପ୍ତା କଳହାନ୍ତରିତା ସେ ନାରୀ ।"

ଖଣ୍ଡିତା—

"ଅନ୍ୟ କାମା ସମ୍ଭୋଗ ଚିହ୍ନକୁ କାନ୍ତ ବହି,
ଯା ପାଶେ ଆସଇ ସେହୁ ଖଣ୍ଡିତା ବୋଲଇ ।"

କିନ୍ତୁ ସଂସ୍କୃତ ଅଳଙ୍କାର ଶାସ୍ତ୍ରରେ ଏ ଲକ୍ଷଣର ସାମାନ୍ୟ ଭେଦ ପରିଦୃଷ୍ଟ ହୁଏ । ସ୍ୱନାଥଙ୍କର ଉକ୍ତିରେ ଅନ୍ୟ-ନାୟିକା ସମ୍ଭୋଗ ଜନିତ

ସୁରତ କାଳୀନ ଚିହ୍ନକୁ ଦେଖି ଯେଉଁ ନାୟିକା ରୋଷରେ ଚକ୍ଷୁ ରକ୍ତବର୍ଣ୍ଣ କରେ ସେ ଖଣ୍ଡିତା ନାୟିକା ବୋଲି କଥିତ ହୁଏ ।

"ପାର୍ଶ୍ୱମେତି ପ୍ରିୟୋ ଯସ୍ୟା ଅନ୍ୟ ସମ୍ଭୋଗ ଚିହ୍ନିତଃ,
ସା ଖଣ୍ଡିତେତି କଥିତା ଧୀରୈରୀର୍ଷ୍ୟା କଷାୟିତା ।"
(ସାହିତ୍ୟ ଦର୍ପଣ)

ବିପ୍ରଲବ୍ଧା—

"ସଙ୍କେତ କରି କାନ୍ତ ଯା ପାଶେ ନ ଆସଇ,
ଅବମାନେ ଦୁଃଖିତା ସେ ବିପ୍ରଲବ୍ଧ ହୋଇ ।"

ପ୍ରୋଷିତଭର୍ତ୍ତୃକା—

"କାର୍ଯ୍ୟବଶୁଂ ଯା'କାନ୍ତ ବିଦେଶ ଯାଇ ରହି,
ତାର ଅନାଗମୁଂ ମାର ଶରେ ଦୁଃଖ ପାଇ ।
ମଳିନ ବେଶ ବସନ ଏକ ବେଣୀ ଧରି,
ବିରହିଣୀ ପ୍ରୋଷିତଭର୍ତ୍ତୃକା ସେହି ନାରୀ ।"

ଅଭିସାରିକା—

"ଯେ ମଦନ ମଦ ବଶେ କାନ୍ତ ପାଶେ ଯାଇ,
କାନ୍ତକୁ ବା ଆଣେ ଅଭିସାରିକା ସେ ହୋଇ ।
ଅର୍ଦ୍ଧପକ୍ଷେ ଶୁକ୍ଳ ପକ୍ଷେ ଶୁକ୍ଳବେଶ ଧରି,
ଅଭିସାରେ କୃଷ୍ଣ ପକ୍ଷେ କୃଷ୍ଣବେଶ ଧରି ।"

ଏହି ପ୍ରକାର କବି ଯଦୁମଣି ସାହିତ୍ୟ ଦର୍ପଣ ତୃତୀୟ ପରିଚ୍ଛେଦର ବର୍ଣ୍ଣନା କରି ଚତୁର୍ଥ ପରିଚ୍ଛେଦରେ ଧ୍ୱନି ପ୍ରକରଣ ବିଷୟରେ ମଧ୍ୟ ସଂକ୍ଷେପରେ ଆଲୋଚନା କରିଛନ୍ତି ।

କବି କଳ୍ପଦ୍ରୁମର ବିଂଶ ପ୍ରକାଶରେ କବି ଯଦୁମଣି ଦୋଷ, ଗୁଣ, ବୃତ୍ତି, ଅଳଙ୍କାରର ଲକ୍ଷଣମାନ ଆଲୋଚନା କରି ନିଜ ଗ୍ରନ୍ଥଟିର ମହତ୍ତ୍ୱ ବଢ଼ାଇଛନ୍ତି ।

"ଏଥୁ ଅନନ୍ତରେ ଗୁଣୀଜନମାନେ ଶୁଣ,
ଗୁଣ ବୃତ୍ତି ଅଳଙ୍କାର ଦୋଷଙ୍କ ଲକ୍ଷଣ ।"

ସାହିତ୍ୟ ଦର୍ପଣ ଗ୍ରନ୍ଥରେ ଗୁଣର ନିରୂପଣ କରିବାକୁ ଯାଇ ଆଲଙ୍କାରିକ ବିଶ୍ୱନାଥ କହନ୍ତି—

"ରସସ୍ୟାଙ୍ଗିତ୍ୱ ମାପ୍ତସ୍ୟ ଧର୍ମା—ଶୌର୍ଯ୍ୟାଦୟୋ ଯଥା,
ଗୁଣା ମାଧୁର୍ଯ୍ୟ ମୋଜୋଽଥ ପ୍ରସାଦ ଇତିତେ ତ୍ରିଧା ।"

ଏହି ଲକ୍ଷଣର ଅବଲମ୍ବନରେ କବି ଯଦୁମଣି ଲେଖିଛନ୍ତି—

"କାବ୍ୟର ଯେ ଆତ୍ମା ରସ ତା'ର ପରିପୋଷ,
କରଇ ଯେ ଅଙ୍ଗେ ସ୍ଥିତି ସେ ଗୁଣ ପ୍ରକାଶ ।
ଶୌର୍ଯ୍ୟ ଆଦି ଗୁଣ ଯେସନ୍ତେ ଆତ୍ମାର ଉତ୍କର୍ଷ,
କରନ୍ତି ସେସନ୍ତେ ଏ ଗୁଣେ ରସ ପରିତୋଷ ।
ମାଧୁର୍ଯ୍ୟ ଓଜ ପ୍ରସାଦ ଏ ରୂପେ ହୋଇଣ,
ତିନି ପ୍ରକାରେ ବୋଲାଇ ସେହି ଗୁଣ ସୂତେ ।"

ମାଧୁର୍ଯ୍ୟ ଗୁଣ ସମ୍ବନ୍ଧରେ କବି ଯଦୁମଣି 'ସାହିତ୍ୟ ଦର୍ପଣ' ଲକ୍ଷଣର ଅନୁକରଣ କରିବାକୁ ଯାଇ କହିଛନ୍ତି—

"ଚିତ୍ତ ଦ୍ରବକର ସୁଖ ବିଶେଷ ମାଧୁର୍ଯ୍ୟ,
ସମ୍ଭୋଗ ଶୃଙ୍ଗାରେ ସୃଷ୍ଟି ଜନ୍ମଇ ଏ ନିଜ ।
ବିପ୍ରଲମ୍ଭେ କରୁଣ ରସରେ ଶାନ୍ତେ ପୁଣ,
ଅତିଶୟ ପରିପୋଷ କରଇ ଏ ଗୁଣ ।
କ ଆଦିମ ଅନ୍ତ ଟ ଠ ଡ ଢ ରେ ରହିତ,
ଉର୍ଦ୍ଧ୍ୱେ ସ୍ୱରେ ଙ ଞ ଣ ନ ବର୍ଣ୍ଣରେ ସଂଯୁତ ।
ଲଘୁ ମାତ୍ରା ଯୁତ ରେଫ ଣ କାର ଏ ଦୁଇ,
କୋମଳ ପଦ ରଚନା ଏ ବର୍ଣ୍ଣ ମିଶାଇ ।
ମାଧୁର୍ଯ୍ୟ ଗୁଣକୁ ଏହୁ ପ୍ରକାଶ କରନ୍ତି,
ଅକଠିନ ଅଳ୍ପ ପଦ ବଇଦର୍ଭ ସତ ।"

କାବ୍ୟରେ ବ୍ୟବହୃତ ପଦ ସଂଘଟନା ହିଁ ହେଉଛି ରୀତି । ଏହି ରୀତି ସମ୍ବନ୍ଧରେ ଭୋଜଦେବ, ବାମନ, ଦଣ୍ଡୀ ଓ ବିଶ୍ୱନାଥ ଆଦି ଆଳଙ୍କାରିକମାନଙ୍କର ମତଭେଦ ଥିବାର ଦେଖାଯାଏ । ବିଶ୍ୱନାଥ କବିରାଜ ବୈଦର୍ଭୀ, ଗୌଡ଼ୀ, ପାଞ୍ଚାଳୀ ଓ ଲାଟୀ ଭେଦରେ ରୀତି ଚାରି ପ୍ରକାର ବୋଲି ମତ ଦେଇଛନ୍ତି । କବି ସଦୁମଣି ମଧ୍ୟ ବୈଦର୍ଭୀ, ଗୌଡ଼ୀ ଓ ପାଞ୍ଚାଳୀ ରୀତିକୁ ସ୍ୱୀକାର କରିବା ସଙ୍ଗେ ସଙ୍ଗେ ଲାଟୀ ରୀତି ସମ୍ବନ୍ଧରେ ଉଲ୍ଲେଖ କରି ତାହା ବାମନ ଆଦି ଆଳଙ୍କାରିକମାନଙ୍କ ଦ୍ୱାରା ସମର୍ଥିତ ନୁହେଁ ବୋଲି ସ୍ୱୀକାର କରିଛନ୍ତି ।

"ଶୁଣ ଏ ଅନ୍ତରେ ପୁଣ ରୀତିଙ୍କ ଲକ୍ଷଣ,
କହିବା ବିଚକ୍ଷଣେ ଜନେ ଜାଣିମା କାରଣ ।
ପଦମାନଙ୍କର ଯେ ସଂଘଟନା ସେ ରୀତି,
ବୈଦର୍ଭୀ ଗୌଡ଼ୀ ପାଞ୍ଚାଳୀ ତ୍ରିବିଧ ତା ସ୍ଥିତି ।
ଏ ତିନି ରୀତିରୁ ଅନ୍ୟ ଲାଟୀ ଅଛି ରୀତି ।
ବାମନ ଆଦି ଗ୍ରନ୍ଥେ ସେ ସମ୍ମତ ନୁହନ୍ତି ।"

କାବ୍ୟର ବହିରଙ୍ଗ ଶୋଭାଧାୟକ ଅଳଙ୍କାର ସମ୍ବନ୍ଧରେ କବି ସଦୁମଣି ସଂସ୍କୃତ ଅଳଙ୍କାର ଗ୍ରନ୍ଥରେ ବର୍ଣ୍ଣିତ ପ୍ରସିଦ୍ଧ ଅଳଙ୍କାର ଗୁଡ଼ିକର ଲକ୍ଷଣ ସ୍ୱରଚିତ 'ନବ କଳ୍ପଦ୍ରୁମ' ଗ୍ରନ୍ଥରେ ଉଲ୍ଲେଖ କରିଛନ୍ତି ଏବଂ ଶବ୍ଦାଳଙ୍କାର ଓ ଅର୍ଥାଳଙ୍କାର ଗୁଡ଼ିକର ମଧ୍ୟ ପୃଥକ୍ ପୃଥକ୍ ଆଲୋଚନା କରିଛନ୍ତି ।

"ଶବ୍ଦ ଅର୍ଥ ଦ୍ୱାରେ ରସ ଉତ୍କର୍ଷ କାରକ,
ସେ ସେ କାବ୍ୟ ଶୋଭାକର ଅଳଙ୍କାର ଜାଣ ।
ଯେସନେ କୁଣ୍ଡଳ ଆଦି ଅଳଙ୍କାର ଗଣ,
ଦେହ ଶୋଭା ଦ୍ୱାରେ ଦେହ ଉତ୍କର୍ଷ କାରଣ ।"

'ନବ କଳ୍ପଦ୍ରୁମ'ରେ ଆଲୋଚିତ କେତେକ ଗୁଡ଼ିଏ ଅଳଙ୍କାରର ଲକ୍ଷଣ ଉଦାହରଣ ସ୍ୱରୂପ ଏଠାରେ ପ୍ରଦତ୍ତ ହେଲା।

ଶ୍ରୁତି ଅନୁପ୍ରାସ—

"ଏକ ଅକ୍ଷରର ଯେବେ ଏକଇ ଆବୃତ୍ତି,
ଶ୍ରୁତି ଅନୁପ୍ରାସ ବୋଲି ତାହାଙ୍କୁ କହନ୍ତି ।"

ବୃତ୍ତି ଅନୁପ୍ରାସ—

"ଏକ ବର୍ଣ୍ଣ ଅନେକ ବର୍ଣ୍ଣର ଅବା ଯେବେ,
ପୁନଃ ପୁନଃ ଆବୃତ୍ତି ବୃତ୍ତ୍ୟନୁପ୍ରାସ ହେବେ ।"

ଛେକାନୁପ୍ରାସ—

"ଅନେକ ବର୍ଣ୍ଣର ଯେବେ ଏକଇ ଆବୃତ୍ତି,
ଛେକ ଅଳଙ୍କାର ବୋଲଇ ସେ ଅଳଙ୍କୃତି ।"

ଲାଟାନୁପ୍ରାସ—

"ଲାଟ ଅନୁପ୍ରାସ ବୋଲି ତାହାକୁ କହନ୍ତି,
ପୁନରୁକ୍ତ ପ୍ରାୟେ ପଦ ପଦ ଆଶ୍ରୟନ୍ତି ।"

ଅଳଙ୍କାର ଗୁଡ଼ିକର ଲକ୍ଷଣ ବର୍ଣ୍ଣନା କଲା ପରେ କବି ଯଦୁମଣି ଦୋଷ ଲକ୍ଷଣ ଆଲୋଚନା କରିଛନ୍ତି । ଅଳଙ୍କାର ଶାସ୍ତ୍ରରେ କାବ୍ୟର ଦୋଷ ନିରୂପଣ ହେଉଛି ଗୋଟିଏ ମୁଖ୍ୟ ଆଲୋଚ୍ୟ ବିଷୟ । ଦୋଷଗୁଡ଼ିକୁ କାବ୍ୟର ଅପକର୍ଷକ ବୋଲି ଯଦି ଗ୍ରହଣ କରାଯାଇ ନଥାନ୍ତା, ତା'ହେଲେ ଅନେକ ଲୋକ ମନ ଇଚ୍ଛାରେ କାବ୍ୟ ରଚନା କରି ପାରୁଥାନ୍ତେ । ସେହିପରି ରଚନା ରସାସ୍ୱାଦନରେ ଆଦୌ ସହାୟକ ହୁଅନ୍ତା ନାହିଁ । ବରଂ ସେହିପରି ରଚନା ବିରକ୍ତିକର ବୋଧ ହୁଅନ୍ତା । ତେଣୁ କବି ଯଦୁମଣି ଅଳଙ୍କାର ଗ୍ରନ୍ଥରେ ଶବ୍ଦଗତ, ଅର୍ଥଗତ ଓ ରସଗତ ଦୋଷ ଗୁଡ଼ିକର ଲକ୍ଷଣମାନ ଉଲ୍ଲେଖ କରିଛନ୍ତି ।

"କହିବା ଶରଣି ଏବେ ଦୋଷ ଲକ୍ଷଣ,
କାବ୍ୟ ଭଲ ମନ୍ଦ ଯହିଁ ଜାଣି ବିଲକ୍ଷଣ ।
ରସର ପ୍ରଶାନ୍ତି ପ୍ରତିବନ୍ଧ ଯେ କରଇ,
ତାହାକୁ ବା ପରମ୍ପରା ଯେ ସେ ଦୋଷ କହି ।
ଶବ୍ଦଗତ ଅର୍ଥଗତ ରସଗତ ପୁଣ,
ତ୍ରିବିଧ ସେ ଦୋଷ ତାଙ୍କୁ କହିବା କ୍ରମେଣ ।"

କବି ସ୍ୱଗ୍ରନ୍ଥର ତୃତୀୟ ପ୍ରକାଶରେ ଶବ୍ଦର ବୈଶିଷ୍ଟ୍ୟ ପ୍ରତିପାଦନ ବିଷୟରେ ଆଲୋଚନା କରିଛନ୍ତି । ଭିନ୍ନ ଶବ୍ଦ ଏକାର୍ଥ ବୋଧକ ଓ ଏକ ଶବ୍ଦ ଭିନ୍ନାର୍ଥ ବୋଧକ ଏହିପରି କେତେ ଗୁଡ଼ିଏ ଶବ୍ଦ ଉପରେ ଆଲୋଚନା କରିଛନ୍ତି । ବିଶେଷତଃ ଏକଶବ୍ଦର ଭିନ୍ନ ଭିନ୍ନ ଅର୍ଥ ଉପରେ ଗ୍ରନ୍ଥକାର ବିଶେଷ ଆଲୋଚନା କରିଛନ୍ତି ।

"ଯଥା ଯମେ ଚନ୍ଦ୍ରେ ଅର୍କେ ଅନଳେ ବସ୍ତ୍ରରେ,
ଶୁକରେ ଅଶ୍ୱରେ ଦୃଶ କପିରେ ଭେକରେ ।
କଟିକ ବର୍ଣ୍ଣରେ ଇନ୍ଦ୍ରେ ସିଂହରେ ବାଜରେ,
ଏକ ହରି ଶବ୍ଦ ବର୍ତ୍ତେ ଏ ଉକ୍ତ ଅର୍ଥରେ ।"

× × × ×

"କ ଶବ୍ଦ ବ୍ରହ୍ମାରେ ଜଳେ ପବନେ ଆତ୍ମାରେ,
ଯମେ ଶିରେ ସୂର୍ଯ୍ୟେ ମୃଦେ ଅଗ୍ନିରେ ମୟୂରେ ।" ଇତ୍ୟାଦି ।

କବି ଧୃତେନ୍ଦ୍ର ଦେବଙ୍କ 'କବି କଳ୍ପଦ୍ରୁମ' ଗ୍ରନ୍ଥର ଚତୁର୍ଥ ସ୍ତବକରେ ବର୍ଣ୍ଣନୀୟ ବିଷୟ ଦେବାଙ୍କ କାବ୍ୟରେ କେଉଁ ବ୍ୟକ୍ତି ଓ ବସ୍ତୁକୁ କିପରି ଭାବରେ ବର୍ଣ୍ଣନା କରାଯିବ । କବି ତହିଁର ଏକ ତାଲିକା ପ୍ରସ୍ତୁତ କରିଛନ୍ତି—

"ରାଜାର ବର୍ଣ୍ଣିବ କୀର୍ତ୍ତି ପ୍ରତାପ ସୁବଳ,
ଆଜ୍ଞାବଶ ଦୁଷ୍ଟଦଣ୍ଡ ବିବେକ ସୁଶୀଳ ।
ଶତ୍ରୁ ଶାସ୍ତ୍ର ନିଷ୍ଠା ସଜନତ୍ୱ ନୀତିଜ୍ଞାନ,
ଦାନ ଧର୍ମ ଆଚରଣ ପ୍ରଜାଙ୍କ ପାଳନ ।
ଶୌର୍ଯ୍ୟ ଧୈର୍ଯ୍ୟ ସୌନ୍ଦର୍ଯ୍ୟ ଗାମ୍ଭୀର୍ଯ୍ୟ ଦୟା ଦମ,
ତା ଅଙ୍କ ଶିରଦାସ ତୂର୍ଯ୍ୟ ପୁରଗ୍ରାମ ।" ଇତ୍ୟାଦି ।

କବି ପଞ୍ଚମ ପ୍ରକାଶରେ କେଉଁ ବର୍ଣ୍ଣ (ରଙ୍ଗ) କେଉଁ ସ୍ଥାନରେ ବର୍ଣ୍ଣନା କରାଯିବ ତହିଁରେ ଏକ ତାଲିକା ପ୍ରସ୍ତୁତ କରିଛନ୍ତି ।

"ଶ୍ୱେତ ବର୍ଣ୍ଣ ସୁଧା ସୁଧାଂଶୁ ପ୍ରାସାଦ
ଜ୍ୟୋତ୍ସ୍ନା କୀର୍ତ୍ତି ହଳଧର ।

× × ×

ରଖର ସୂର୍ଯ୍ୟକାନ୍ତମଣି କର୍ପୂର ଚନ୍ଦନ ହିମ ରଜତ,
କରମ୍ଭ କରକା ହିଣ୍ଡୀର କର୍ପୋକ ଭସ୍ମ ହିମହାରସୂତ ।
ଚନ୍ଦ୍ରକାନ୍ତ ମଣି ସ୍ଫଟିକ କେତକ ସିକତା ଗଙ୍ଗା ସୁମରୁ,
ଶର୍କରା ଦୁଗ୍ଧ ଦଧି ଶଙ୍ଖ ରମ୍ଭାରୁ ଗର୍ଭ କୈରବ କର୍ପୂର ।"
ଇତ୍ୟାଦି ।

ଷଷ୍ଠ ପ୍ରକାଶରେ କବି କେବଳ ସଙ୍ଗୀତ ଶାସ୍ତ୍ରର ବିଭିନ୍ନ ଉପାଦାନ ସମ୍ବନ୍ଧରେ ଆଲୋଚନା କରିଛନ୍ତି; କିନ୍ତୁ ଗ୍ରନ୍ଥଟିର ପ୍ରଥମ ୩୭ଟି ପଦ ଓଡ଼ିଆ ଛନ୍ଦୋବନ୍ଧରେ ରଚିତ ହୋଇଛି । ଶେଷ ଅଂଶକୁ ଅନେକ ଗୁଡ଼ିଏ ସଂସ୍କୃତ ଶ୍ଳୋକ ରହିଛି । ମୁଖ୍ୟତଃ କବି ଏ ପ୍ରକାଶରେ ସଂଗୀତ ଶାସ୍ତ୍ରର 'ତାଳ ନିରୂପଣ' ଉପରେ ବିଶେଷ ଲକ୍ଷ୍ୟ ରଖିଛନ୍ତି ବୋଲି କହିବା ଅସମୀଚୀନ ନୁହେଁ ।

ସପ୍ତମ ପ୍ରକାଶରେ କବି ପଦ୍ମମଣି 'ଗୀତ ନିରୂପଣ' କରିଛନ୍ତି । ଗୀତର ସ୍ୱରୂପ ଓ ଭେଦକୁ ପ୍ରକାଶଟିର ମୁଖ୍ୟ ଆଲୋଚ୍ୟ ବିଷୟ । ଅଷ୍ଟମ ପ୍ରକାଶଟି କେବଳ 'ନୃତ୍ୟ ନିରୂପଣ'ରେ ଶେଷ ହୋଇଛି । କବି ଓଡ଼ିଶାର ରଚିତ ସଂସ୍କୃତ 'ସଂଗୀତ କୌମୁଦୀ' ଓ କୃଷ୍ଣଦାସ ବଡ଼ଜେନା ମହାପାତ୍ରଙ୍କ ରଚିତ 'ଗୀତ ପ୍ରକାଶ'ର ଅବଲମ୍ବନରେ ନୃତ୍ୟାଦି ପ୍ରକରଣର ରଚନା କରିଛନ୍ତି ବୋଲି ଗ୍ରନ୍ଥର ସ୍ୱୀକାରୁ ଜଣାଯାଏ ।

ମୋଟ ଉପରେ 'କବି କଳ୍ପଦ୍ରୁମ' ଗ୍ରନ୍ଥଟି ରାଜକବି ପଦ୍ମମଣି ରାଜଗୁରୁଙ୍କର ଏକ ଅନବଦ୍ୟ ରଚନା । ଏଥିରେ ଥିବା ଲକ୍ଷଣ ଗୁଡ଼ିକର କେବଳ ଉଦାହରଣ ସଂଯୋଗ କରାଯାଇ ଥିଲେ ଏହା ଓଡ଼ିଆ ଭାଷାର ଏକ ପୂର୍ଣ୍ଣାଙ୍ଗ ଅଳଙ୍କାର ଗ୍ରନ୍ଥର ସ୍ଥାନ ଅଧିକାର କରି ପାରିଥାନ୍ତା ।

## କୁଳମଣି ରାଜେନ୍ଦ୍ର—

କଳାହାଣ୍ଡି ରାଜବଂଶର ଅନ୍ୟତମ ରାଜକବି କୁଳମଣି ରାଜେନ୍ଦ୍ର ପୂର୍ବୋକ୍ତ ପଦ୍ମମଣି ରାଜଗୁରୁଙ୍କର ପୌତ୍ର ତଥା ମଧୁସୂଦନ ରାଜେନ୍ଦ୍ରଙ୍କ ପୁତ୍ର ଥିଲେ । କେତେକ ପ୍ରମାଣରୁ ଜଣାଯାଏ ଯେ ସେ ୧୩୩୩/୩୪ ବର୍ଷ ପାଖ

(ଆନୁମାନିକ ଖ୍ରୀଷ୍ଟାବ୍ଦ ୧୬୩୨—୧୬୭୫) ରାଜତ୍ୱ କରିଥିଲେ । ଏହାଙ୍କ ଦ୍ୱାରା ଲିଖିତ କୌଣସି ପୁସ୍ତିକା ଗ୍ରନ୍ଥ ବୋଧହୁଏ ଏପର୍ଯ୍ୟନ୍ତ ମିଳିନାହିଁ । କେବଳ ଗୋଟିଏ ଚଉପଦୀରେ କୁଳମଣି ରାଜେନ୍ଦ୍ରଙ୍କ ନାମ ଭଣିତା ଦେଖାଇଥିବାର ପ୍ରମାଣ ମିଳୁଛି ।

ପୁରୀ ଜିଲ୍ଲାର ଖଲଦିଆ ଅଞ୍ଚଳରୁ ପ୍ରାପ୍ତ ଗୋଟିଏ 'ଚଉପଦୀ' ପୋଥିରେ ପ୍ରାପ୍ତ ତେର ଜଣ କବିଙ୍କ ଭଣିତାରେ କେତୋଟି ଚଉପଦୀ ମଧ୍ୟରେ କୁଳମଣି ରାଜେନ୍ଦ୍ରଙ୍କ ନାମରେ ଭଣିତା ଥିବା ଗୋଟିଏ ଚଉପଦୀ ମିଳେ । ଉକ୍ତ ଚଉପଦୀରୁ କେତୋଟି ପଦ ଏଠାରେ ଉଦ୍ଧୃତ ହେଲା ।

"ଚନ୍ଦ୍ରମାବଦନୀ ତେଜ ମାନରେ,
କନ୍ଦର୍ପାସ୍ତ୍ର ଶୀର ଶୃଙ୍ଗ ହୋ କଣା ଜନ
କୁନ୍ଦଦନ୍ତୀ ଶମନ୍ତ ଦେଖ ଚଲ ।
ନୟନାଗ୍ନି ଦେଖ ବଗ୍ଧ ମରିଲେ ନ ଦହନ
ନ ମୁଣ୍ଡ ନ ମୁଣ୍ଡ ଦେଖ ବଚନରେ ॥

× × ×

ଚକ୍ଷେରର ଚକ୍ଷେରେ ନେଲଣି ଶରଣ
ନର ବଲୁବରଣ ଭୁ ଖାଣରେ,
କୁଳମଣି ରାଜେନ୍ଦ୍ର ଶରଣ୍ଣ ବଚନ
ବୁଝି ଦେଲ ପ୍ରେମ ରସ ଦାନରେ ।"

କୁଳମଣି ରାଜେନ୍ଦ୍ରଙ୍କ ନାମରେ ଭଣିତ ଅନ୍ୟ କୌଣସି ଗ୍ରନ୍ଥ ମିଳିବା ପର୍ଯ୍ୟନ୍ତ ଉପରୋକ୍ତ ଚଉପଦୀଟି ଆଲୋଚକମାନଙ୍କ ପକ୍ଷେ କମ୍ ମୂଲ୍ୟବାନ୍ ନୁହେଁ ।

ରାଜା କୁଳମଣି ରାଜେନ୍ଦ୍ରଙ୍କ ସମ୍ବନ୍ଧରେ ତାଙ୍କ ପୁତ୍ର କୃଷ୍ଣଚନ୍ଦ୍ର ରାଜେନ୍ଦ୍ର ଓ ପ୍ରପୌତ୍ର ରଘୁନାଥ ରାଜେନ୍ଦ୍ର ସ୍ୱ ସ୍ୱ ଗ୍ରନ୍ଥର ବଂଶାବଳୀ ପ୍ରକରଣରେ ନିମ୍ନ ଲିଖିତ ମତରେ ବର୍ଣ୍ଣନା କରିଛନ୍ତି ।

"ଶକାବ୍ଦୀ ରାଜ୍ୟ ଅଧିପତି,
ନାମରେ କୁଳମଣି ଖ୍ୟାତି ।

ଶ୍ରୀ ରାଜେନ୍ଦ୍ର ଦେବ ଦେ,
ଶକ୍ତ ସର୍ବଙ୍କୁ ହୋଏ ଭବ ।"
(କୃଷ୍ଣଚନ୍ଦ୍ରଙ୍କ ଦ୍ୱାରା ଅନୁଦିତ ଆର୍ଷ ରାମାୟଣ—ଆଦ୍ୟ କାଣ୍ଡ)

"ହେ ଅତ୍ରେ ମଧୁସୂଦନ    ଅବାଚିତ ମଦନ—
ଯାର ଅବତାର ମଣ୍ଡିଥିଲେ ଏ ସୀମା,
କୁଳମଣି ତାଙ୍କ ସୁତ    ସାହିତ୍ୟରସ ପଣ୍ଡିତ
ସୁକୁଳବଳୟ ଜଳରୁହ ଅର୍କମା ।
କୃଷ୍ଣଚନ୍ଦ୍ର ତାଙ୍କ କୁମାର ।।"
(ଶମ୍ଭୁନାଥ ରାଜେନ୍ଦ୍ରଙ୍କ ପ୍ରଣୀତ 'ଭୁବନପ୍ରକାଶ'—ଶେଷ ଛାନ୍ଦ)

କୁଳମଣି ରାଜେନ୍ଦ୍ରଙ୍କ ସମ୍ବନ୍ଧରେ ଅନୁଶୀଳନ କଲେ ଜଣାଯାଏ ଯେ, ଖୋର୍ଦ୍ଧା ରାଜା ପ୍ରଥମ ବୀରକେଶରୀ ଦେବ ୧ମ (ଖ୍ରୀ: ଅ: ୧୭୩୬—୯୩)ଙ୍କ ଦଶ ଅଙ୍କ ବା ଖ୍ରୀ: ଅ: ୧୭୪୭ ଅପ୍ରେଲ୍ ୧୫ତାରିଖରେ ଚକ୍ରତୀର୍ଥ କୁଳମଣି ରାଜେନ୍ଦ୍ର, କୌଶିକ ଗୋତ୍ରଜ ଋଗ୍ବେଦୀ ବ୍ରାହ୍ମଣ ରାଜଗୁରୁଙ୍କୁ ଗୋଟିଏ ଦାନପତ୍ର ଦେଇଥିଲେ * । ତେଣୁ ଖ୍ରୀଷ୍ଟାବ୍ଦ ୧୭୪୫ ପୂର୍ବରୁ ସେ ନିଶ୍ଚୟ ରାଜସିଂହାସନ ଅଳଂକୃତ କରିଥିଲେ ବୋଲି ନିଶ୍ଚିତ ମତ ଦିଆଯାଇ ପାରେ ।

## କୃଷ୍ଣଚନ୍ଦ୍ର ରାଜେନ୍ଦ୍ର—

ପୂର୍ବୋକ୍ତ କୁଳମଣି ରାଜେନ୍ଦ୍ରଙ୍କ ସୁପୁତ୍ର କୃଷ୍ଣଚନ୍ଦ୍ର ରାଜେନ୍ଦ୍ର ଅଷ୍ଟାଦଶ ଶତାବ୍ଦୀର ଶେଷାର୍ଦ୍ଧରେ ରାଜତ୍ୱ କରୁଥିଲେ ବୋଲି ଅନେକ ଦାନପତ୍ରରୁ ପ୍ରମାଣ ମିଳେ । ଉକ୍ତ କୃଷ୍ଣଚନ୍ଦ୍ର ରାଜେନ୍ଦ୍ର, ଖୋର୍ଦ୍ଧାର ଭୋଇ ବଂଶର ରାଜା ପ୍ରଥମ ବୀରକେଶରୀ ଦେବଙ୍କ ରାଜତ୍ୱର ୫୩ ଅଙ୍କ କର୍କଟ ୧୦ ଦିନ ଶନିବାରରେ 'ଉପଟିକାଗ୍ରାମ କାମାସୁ ସେନ୍ତା'ଙ୍କୁ ଗୋଟିଏ ଦାନପତ୍ର ଦେଇଥିଲେ ବୋଲି ଶ୍ରୀ ରଙ୍ଗାଚାର୍ଯ୍ୟଙ୍କ ସମ୍ପାଦିତ

---

* Inscriptions of the Madras Presidency Vol. I by Rangacharya, Page-596 No. 263

Inscription of the Madras Presidency Vol. I (No. 269, Page-596) ନାମକ ଗ୍ରନ୍ଥରୁ ପ୍ରମାଣ ମିଳେ । ଉକ୍ତ ଦିବସଟି ସ୍ୱାମୀ କାନ୍ନୁ ପିଲ୍ଲେଙ୍କ ଗଣନାନୁସାରେ ୨୪।୭।୧୭୭୯ରେ ପଡ଼ିଥିଲା । ଏଣୁ କୃଷ୍ଣଚନ୍ଦ୍ର ଉକ୍ତ ସମୟରୁ ନିଶ୍ଚୟ ରାଜତ୍ୱ କରିଥିଲେ । ସେ ୨୧ ବର୍ଷ ରାଜତ୍ୱ କରିଥିଲେ ବୋଲି ରାଧାମୋହନ ରାଜେନ୍ଦ୍ରଙ୍କ ପ୍ରଣୀତ 'ପ୍ରେମ ମଞ୍ଜରୀ' କାବ୍ୟରୁ ଜଣାଯାଏ ।

"କୃଷ୍ଣଚନ୍ଦ୍ର ରାଜେନ୍ଦ୍ର ବନ୍ଦିତ
କୁମୁଦମୋଦ ବାଢ଼ନ ଚନ୍ଦ୍ର,
ଏକବିଂଶ ବର୍ଷ ରାଜ୍ୟପାଳନ କଲେ
ଶ୍ରୀମଦ୍ ରାମାୟଣ ଅନୁବାଦ ।"

(ପ୍ରେମ ମଞ୍ଜରୀ, ଶେଷ ଛନ୍ଦ)

କୃଷ୍ଣଚନ୍ଦ୍ରଙ୍କ ନାମରେ ଭଣିତା ହୋଇଥିବା 'ଆର୍ଷ ରାମାୟଣ' ଓ 'ରାମଲୀଳା' ନାମକ ଦୁଇଖଣ୍ଡି ଗ୍ରନ୍ଥ ଦେଖିବାକୁ ମିଳେ । ପ୍ରଥମୋକ୍ତ ଗ୍ରନ୍ଥଟି ଆଦି କବି ମହର୍ଷି ବାଲ୍ମୀକିଙ୍କ ରାମାୟଣର ଅବିକଳ ଅନୁବାଦ ଓ ଅପରଟି ଖଣ୍ଡିଏ ରାମକାବ୍ୟ ।

'ରାମଲୀଳା' ଗ୍ରନ୍ଥଟିରେ ଦଶରଥଙ୍କ ପୁତ୍ରେଷ୍ଟି ଯଜ୍ଞଠାରୁ ଆରମ୍ଭ କରି ରାବଣବଧ ପରେ ରାମଚନ୍ଦ୍ରଙ୍କ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ତଥା ସୀତାଙ୍କ ସହିତ ଆନନ୍ଦରେ କାଳଯାପନ ଦୂଷା (ଆଦ୍ୟକାଣ୍ଡ ଠାରୁ ଲଙ୍କାକାଣ୍ଡ ପର୍ଯ୍ୟନ୍ତ) ରାମ ଚରିତ ବର୍ଣ୍ଣିତ ହୋଇଛି ।

ଉକ୍ତ ରାମଲୀଳା ଗ୍ରନ୍ଥଟି ବିଭିନ୍ନ ରାଗରାଗିଣୀରେ ସମ୍ପୂର୍ଣ୍ଣ ହୋଇଛି ଏବଂ ମୁଖ୍ୟତଃ ତାହା ଲୀଳା ବା ସୁଆଙ୍ଗ ଉଦ୍ଦେଶ୍ୟରେ ଲେଖା ଯାଇଛି । ଏହି ଗ୍ରନ୍ଥଟିକୁ ଦକ୍ଷିଣ ଓଡ଼ିଶାରେ "ଖଳିକୋଟି ରାମଲୀଳା" ବୋଲି କୁହାଯାଏ । ଗ୍ରନ୍ଥର କେତେକ ସ୍ଥଳରେ କବି ଏପରି ଭାବରେ ବର୍ଣ୍ଣନା କରିଛନ୍ତି ଯେ ତାହା ସାଧାରଣ ପାଠକ ତଥା ଦର୍ଶକଙ୍କୁ ମଧ୍ୟ ଆକୃଷ୍ଟ କରେ । ସୀତା ହରଣ ପରେ ରାମଚନ୍ଦ୍ରଙ୍କର ବିଳାପପୂର୍ଣ୍ଣ ଶୋକ "କଳା! କାନ୍ତେମୋର"

ଗୀତରେ ବର୍ଣ୍ଣନା କରି କବି ପାଠକମାନଙ୍କୁ କରୁଣ ରସରେ ଆପ୍ଲୁତ କରାଇବାରେ ସକ୍ଷମହେବାକୁ ଚେଷ୍ଟା କରିଛନ୍ତି ।

"ଶୁଣ ଶୁଣ ଗୋଦାବରୀ,
କାହିଁ ଅଛି ପ୍ରାଣେଶ୍ୱରୀ
ମୋ ବଇଦେହୀ ।

କିଏ ନେଲା କହ ମନ୍ଦାର,
ମନ୍ଦାର ଅଧର ମୋର
ସେ ବଇଦେହୀ ।

ଶୁଣ ହେ ଅଶୋକ ଶୋକ
ଅଶୋକବନ୍ତି ମୋ ଭେକ,
ସେ ବଇଦେହୀ ।

ଆରେ ସୁନାର ସୁନାଗ
କେ କରିଛି ମୋର ଚୋରି
ମୋ ବଇଦେହୀ ।

ଆଗୋ ମାଧବୀ ଲତିକା,
କେ ହରିଲା ମୋ ଲତିକା
ସେ ବଇଦେହୀ ।

କେ ନେଲା ଜାତି ଲତିକା
ଜାତି ଗନ୍ଧ୍ୟା ବାଳିକା
ମୋ ବଇଦେହୀ ।"

ରାମଚନ୍ଦ୍ର ରାବଣକୁ ବଧ କରିବା ପରେ ସୀତାଙ୍କୁ ରଥରେ ବସାଇ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ମାର୍ଗରେ ଗୋଟି ଗୋଟି କରି ଦର୍ଶନୀୟ ବସ୍ତୁର ବର୍ଣ୍ଣନା, କବି କୃଷ୍ଣଚନ୍ଦ୍ର ସଂସ୍କୃତ ଭାଷା କାଳିଦାସଙ୍କ 'ରଘୁବଂଶ ମହାକାବ୍ୟ' ଓ ମୁରାରି କବିଙ୍କ 'ଅନର୍ଘ ରାଘବ ନାଟକ'ର ଅବଲମ୍ବନରେ କରିଥିବାର ଜଣାଯାଏ ।

"ଦେଖ ଦେଖନ୍ତେର ପ୍ରବାଳ ଅଧର,
ଏହିଠି ଅଛଇ ଶୁଭ୍ରକ ଶିଳ;
ଏଥିରେ ଥିଲୁ ଆମ୍ଭେ ବସାକରି,
ନାଶିଲୁଁ ତୋର ଦୁଃଖ ଶୀଘ୍ରରେ;
ଦେଖ ସେକୁଞ୍ଜବନ ଧନରେ,
ଜଳରେ ଭାସଇ          ଶୋଭି ଏମ ଶୀଳ
ତୋ ଧର୍ମ ଶୀଳସନ୍ତରେ !

ଆରେ ଚନ୍ଦ୍ରାନନୀ ନଗ୍ରକୁମାରୀ,
ମାଣିକ୍ୟକାନ୍ତି ଉନ୍ନତ ଏହି ପୀଠ:
ଶାରଦ ରତ୍ନ ବରଷା ଏଥିରେ,
ବସିଲୁ ମନ ଦେଇ ତୋପଟୋରେରେ;,
ଏଥିକୁ ବାଛି ପୁଷ୍ପରେ,
ଲଙ୍କାରେ ତୋତେ          ଦେଖି ଆସି ଏଠାରେ
କହିଲି ମୋତେ ଭ୍ରାନ୍ତରେ ।"

କବି କୃଷ୍ଣଚନ୍ଦ୍ର ରାଜେନ୍ଦ୍ରଙ୍କ ଦ୍ୱାରା ଅନୁବାଦିତ 'ଆର୍ଷ ରାମାୟଣ' ପାଠକଲେ କବିଙ୍କର ସଂସ୍କୃତ ଓ ଓଡ଼ିଆ ଭାଷାରେ ଅସାଧାରଣ ଜ୍ଞାନ ଥିବାର ଜଣାଯାଏ । ମୁଖବନ୍ଧରେ ଥିବା 'ଆର୍ଷ ରାମାୟଣ' ଅନୁବାଦ ପାଠକଲେ ଜଣାଯାଏ, କବି କାଞ୍ଚୀପୁର ବାସୀ ବରଦରାଜ ସ୍ୱାମୀଙ୍କ ସାହାଯ୍ୟରେ ଆର୍ଷ ରାମାୟଣର ଅଯୋଧ୍ୟାକାଣ୍ଡ ଅନୁବାଦ ଶେଷ କରିଥିଲେ ଏବଂ ଆରଣ୍ୟକ ଓ କିଷ୍କିନ୍ଧ୍ୟାକାଣ୍ଡର ଅନୁବାଦ ଯଥାକ୍ରମେ, 'ସୀତାବିଳାସ କାବ୍ୟ' ପ୍ରଣେତା କବିରାଜ ହରେକୃଷ୍ଣ ପୁରୋହିତ ଓ ଜଗନ୍ନାଥ ଆଚାର୍ଯ୍ୟଙ୍କ ସାହାଯ୍ୟରେ ଶେଷ କରିଥିଲେ ।

"ସେ କବିରାଜ ସୁବେଷ୍ଟିତ,
ସେ ହରେକୃଷ୍ଣ ନାମ ଖ୍ୟାତ ।
ତାଙ୍କ ସଙ୍ଗରେ ସଙ୍ଗ ହୋଇ,
ଏ ଗୀତ ରଚନା ମୁଁ କଲି ॥"

(ଆରଣ୍ୟକ କାଣ୍ଡ)

× × ×

"ସେ ଗୁରୁଜନଙ୍କର ବଳ,
ନାମେ ଜଗନ୍ନାଥ ଆଚାର୍ଯ୍ୟ ।
ତାହାଙ୍କ ପାଦେ କରି ସ୍ତୁତି,
ଶ୍ରୀରାମ ପାଦେ ଦେଇ ମତି ।
କିଷ୍କିନ୍ଧ୍ୟା କାଣ୍ଡ, ରାମାୟଣ
ଭାଷାରେ କଲି ମୁଁ ବ୍ୟାଖ୍ୟାନ ॥"

(କିଷ୍କିନ୍ଧ୍ୟା କାଣ୍ଡ)

× × ×

"ମୋହର ଭାଗ୍ୟବଶରୁ ହିଁ,
ବରଦ ରାଜ ସ୍ୱାମୀ ସେହି ।
ଇଚ୍ଛାରେ କାଞ୍ଚୀପୁରୁ ଆସି,
ପ୍ରକାଶ ହୋଇଲେ ବସେଁତି ।
ତାଙ୍କ ଚରଣେ ଭକ୍ତି ଥିରେ,
ଅଯୋଧ୍ୟା କାଣ୍ଡ ଗୀତ ପଦେ ।"

(ଅଯୋଧ୍ୟା କାଣ୍ଡ)

ଏହି କୃଷ୍ଣଚନ୍ଦ୍ର ପ୍ରତ୍ୟେକ କାଣ୍ଡ ଶେଷରେ ନିଜର ସବିଶେଷ ପରିଚୟ ଦେବା ସଙ୍ଗେ ସଙ୍ଗେ ଅଯୋଧ୍ୟା କାଣ୍ଡରେ ନିଜର ପୂର୍ବପୁରୁଷଙ୍କ ନାମାବଳୀ ଉଲ୍ଲେଖ କରି ଖେମିଣ୍ଡୀ ରାଜବଂଶ ସମ୍ବନ୍ଧରେ ଆଲୋଚନାର ମାର୍ଗ ପ୍ରଶସ୍ତ କରିଛନ୍ତି ।

"ଖେମିଣ୍ଡୀ ନାମେ ରାଜ୍ୟ ଯହିଁ,
ସେତେକ ନୃପତି ଥିଲେ ତହିଁ ।
କେତେକ କାଳେ ତାଙ୍କ କୁଳେ,
ନୃସିଂହ ନାମେ ନୃପ ହେଲେ ।
ତାହାଙ୍କ ସୁତ ଲୋକନାଥ,
ସମସ୍ତ କୀର୍ତ୍ତିରେ ମଣ୍ଡିତ ।

ତାହାଙ୍କ ସୁତ ପଦ୍ମମଣି,
ତେଜରେ ହୀଣସୁ ଦ୍ୟୁମଣି ।
ରାଜେନ୍ଦ୍ର ଦେବ ପଦସାରେ,
ମଣ୍ଡିତ ହେଲେ ସେ ପ୍ରସାରେ ।
ମଧୁସୂଦନ ନରପତି,
ତାଙ୍କର ସୁତ ସେ ଅଟନ୍ତି ।
ତାଙ୍କର ସୁତ କୁଳମଣି,
ରାଜେନ୍ଦ୍ର ଦେବ ନାମ ପୁଣି ।
ତାଙ୍କର ଅଟଇ ମୁଁ ସୁତ,
ମୋ ନାମ କୃଷ୍ଣଚନ୍ଦ୍ର ଖ୍ୟାତ ।
ରାଜେନ୍ଦ୍ର ଦେବ ତେ ବୋଲି
ମୁଁ ପୁଣି ପଦବୀ ଲଭିଲି ।"

( ଅଯୋଧ୍ୟା କାଣ୍ଡ, ଶେଷ ଅଧ୍ୟାୟ )

କବିଙ୍କ ପ୍ରଦତ୍ତ ବଂଶାବଳୀ ସହିତ ଉକ୍ତ ବଂଶର ଜଣୈକ ଚକ୍ରବର୍ତ୍ତୀ ରାଜା ଓ କବି କୃଷ୍ଣଚନ୍ଦ୍ରଙ୍କ ପୌତ୍ର ବିଶ୍ୱମ୍ଭର ରାଜେନ୍ଦ୍ରଙ୍କ 'ଉଷାଭିଳାଷ' ନାମକ ଗ୍ରନ୍ଥରେ ପ୍ରଦତ୍ତ ବଂଶାବଳୀର କୌଣସି ପାର୍ଥକ୍ୟ ଦେଖାଯାଏ ନାହିଁ । କବିଙ୍କ ଅନୁବାଦ କୁଶଳତା ସମ୍ବନ୍ଧରେ ସମ୍ୟକ୍ ରୂପେ ଅବଗତ ହେବା ନିମିତ୍ତ ପ୍ରସ୍ତୁତ ପ୍ରବନ୍ଧରେ ମୂଳ ଶ୍ଳୋକ ଓ କୃଷ୍ଣଚନ୍ଦ୍ରଙ୍କ ଅନୁବାଦ ପ୍ରଦତ୍ତ ହେଲା ।

"ସ ଜୟତି ରଘୁକୁଳ ତିଳକଃ
କୌଶଲ୍ୟା-ହୃଦୟ-ନନ୍ଦନୋ ରାମଃ
ଦଶବଦନ ନିଧନକାରୀ
ଦାଶରଥିଃ ପୁଣ୍ଡରୀକାକ୍ଷଃ ॥"

(ବାଳକାଣ୍ଡ, ୧ମ ଶ୍ଳୋକ)

ଅନୁବାଦ :—

"ହେ ରଘୁକୁଳର ତିଳକ,
କୌଶଲ୍ୟା ଆନନ୍ଦ କାରକ ।
ଦଶମୁଖ ନିଧନକାରୀ,
ଯା ଦେଖ ସୁରଗଣ ଡର ।
ହେ ରାମ ଦଶରଥ ସୁତ
ହୋଇଅଛନ୍ତି ଜମ୍ବୁସୁତ ।"

× × ×

"ଜଲାର୍ଦ୍ରଗାତ୍ରଂ ତୁ ବିଲପ୍ୟ କୃଚ୍ଛ୍ରଂ
ମର୍ମବ୍ରଣଂ ସନ୍ତତ ମୁଚ୍ଛ୍ୱସନ୍ତମ୍ ।
ତତଃ ସରଯ୍ୱାଂ ତମହଂ ଶୟାନଂ
ସମୀକ୍ଷ୍ୟ ଭଦ୍ରେ ସୁଭୃଶଂ ବିଷଣ୍ଣଃ ॥"

(ଅଯୋଧ୍ୟାକାଣ୍ଡ, ୬୩ମ ଅଧ୍ୟାୟ)

ଅନୁବାଦ :—

"ଜଳରେ ଆର୍ଦ୍ର ଯା ଶରୀର
ସେ କରେ ବିଳାପ ଆବର ।
ମର୍ମସ୍ଥାନରେ ବ୍ରଣ ଯାର
ଛାଡ଼େ ନିଶ୍ୱାସ ବେନି ଅର ।
ସରଯୂ ପବିତ୍ର ତୀରରେ
ଶୟନ କରେ ସେ ଦୁଃଖରେ ।
ସେ ମୁନି ସୁତକୁ ସତ୍ୱରେ
ଦେଖିଣ ମୁହିଁ ଭୟଭରେ ।
ଅଗୋ କଲ୍ୟାଣି ସେ କାଳରେ
ବିଷଣ୍ଣ ହେଲି ଅନ୍ତରରେ ।"

× × ×

"ଇତ୍ୟେବ ମୁକ୍ତ୍ୱା ମଦନାଭି ପୀଡ଼ିତଃ
ସଲକ୍ଷଣଂ ବାକ୍ୟମନନ୍ୟ ଚେତସମ୍ ।
ବିବେଶ ପମ୍ପା ନଳିନୀ ମନୋରମାଂ
ରଘୂତ୍ତମଃ ଶୋକ ବିଷାଦ-ଯନ୍ତ୍ରିତଃ ॥"

(ଆରଣ୍ୟକ କାଣ୍ଡ, ୭୫ମ ଅଧ୍ୟାୟ)

ଅନୁବାଦ :—

"ଆନରେ ନାହିଁ ଶାନ୍ତି ଯାର,
ଏମନ୍ତ ଲକ୍ଷ୍ମଣଙ୍କୁ ଶୀଘ୍ର ।
କହିଣ ଏମନ୍ତ ପ୍ରକାରେ,
ଯନ୍ତ୍ରିତ ହୋଇଲେ ଶୋକରେ ।
ଆଉର ବିଷାଦେ ଯନ୍ତ୍ରିତ—
ହୋଇଣ ସମସ୍ତ ରଘୁନାଥ ।
ସ୍ନାନ କରିବାର ଅର୍ଥରେ,
ପ୍ରବେଶ ହେଲେ ପମ୍ପା ସରେ ।
ତତ୍ତ୍ୱଂ ଅତ୍ୟନ୍ତ ଅନୁକୂଳ,
ହୋଇଛି ଅତି ମନୋହର ।"

## ପୀତାମ୍ବର ରାଜେନ୍ଦ୍ର—

କୃଷ୍ଣଚନ୍ଦ୍ର ରାଜେନ୍ଦ୍ରଙ୍କ ପରେ ଉକ୍ତ ରାଜବଂଶର ଜନୈକ ଅଦ୍ଭୁତ-କର୍ମା ରାଜା ପିତାମ୍ବର ରାଜେନ୍ଦ୍ର ଖକଣ୍ଟୀ ସିଂହାସନ ଅଧିକାର କରି ସୁଶାସକ ହେବା ସଙ୍ଗେ ସଙ୍ଗେ ପାଣ୍ଡିତ୍ୟ ଚର୍ଚ୍ଚା ପ୍ରତି ମନ ବଳାଇ ଥିଲେ । ତାଙ୍କ ସମ୍ବନ୍ଧରେ ଉକ୍ତ ରାଜବଂଶର ପରବର୍ତ୍ତୀ ରାଜା କବି ବିଶ୍ୱମ୍ଭର ଗଜେନ୍ଦ୍ର ଦେବ ଲେଖିଛନ୍ତି ଯେ ସେ (ପୀତାମ୍ବର) କୃଷ୍ଣଚନ୍ଦ୍ର ରାଜେନ୍ଦ୍ରଙ୍କ ସୁପୁତ୍ର ଥିଲେ ଏବଂ 'ଜଗନ୍ନ କଳାଶ୍ରୀଙ୍କ ମନ୍ତ୍ରିତ ହୋଇ ଦେଶବାସୀଙ୍କର ପରମ ପ୍ରୀତିଭାଜନ ହୋଇଥିଲେ ।

"କୃଷ୍ଣଚନ୍ଦ୍ର ତାଙ୍କ କୁମର
ସମ୍ଭବଲେ ତାଙ୍କ ତନୁରୁ ଶ୍ରୀ ପୀତାମ୍ବର ।"

(ବିଶ୍ୱମ୍ଭର ରାଜେନ୍ଦ୍ରଙ୍କ ଜ୍ଞାନବିଳାସ, ଶେଷ ଗୀତ)

କବି ପୀତାମ୍ବରଙ୍କ ଗ୍ରନ୍ଥ ରଚନା ସମ୍ବନ୍ଧରେ W. W. Hunter ତାଙ୍କ 'Orissa' ନାମକ ଇଂରାଜୀ ପୁସ୍ତକରେ The Literature of Orissa ଶୀର୍ଷକ ପ୍ରକରଣରେ ଲେଖିଛନ୍ତି—

"Pitambara Rajendra, live 200 years ago; a Raja of one of the Tributary States, Wrote Ramalila, sports of Ramachandra."

(Orissa by W. W. Hanter, Appendix.IX)

ଆଲୋଚକ ବୃନ୍ଦ ଗବେଷଣା କରି କବି ପୀତାମ୍ବର ରାଜେନ୍ଦ୍ରଙ୍କ ସମୟ ସମ୍ବନ୍ଧରେ ମତ ଦେଇ ନାହାନ୍ତି । ସେ ଯାହା ଶୁଣିଥିଲେ ତାହାର ଉପରେ ବିଶ୍ୱାସ କରି ପୀତାମ୍ବରଙ୍କ ସମୟ ସମ୍ବନ୍ଧରେ ଲିପିବଦ୍ଧ କରିଛନ୍ତି । ବର୍ତ୍ତମାନର ଆଲୋଚନାରୁ ଜଣାଯାଏ ଯେ ପୀତାମ୍ବର ରାଜେନ୍ଦ୍ରଙ୍କ ପିତା କୃଷ୍ଣଚନ୍ଦ୍ର ରାଜେନ୍ଦ୍ର ଖ୍ରୀ ୧୭୮୬ ପର୍ଯ୍ୟନ୍ତ ଜୀବିତ ଥିଲେ । ତାଙ୍କ ଅନ୍ତେ ପୀତାମ୍ବର ପ୍ରାୟ ଊନବିଂଶ ବର୍ଷ ରାଜତ୍ୱ କରିଥିଲେ । ତେଣୁ ତାଙ୍କ ସମୟ ପ୍ରାୟ ଖ୍ରୀଷ୍ଟାବ୍ଦ ୧୭୮୬ରୁ ଆରମ୍ଭ କରି ଖ୍ରୀ:ଅ: ୧୮୧୫–୧୬ ପର୍ଯ୍ୟନ୍ତ ବୋଲି ଜଣାଯାଏ । ସୁତରାଂ ଦୃଷ୍ଟ ମାଧବଙ୍କ ଓଡ଼ିଶା ଅବସ୍ଥାନ କାଳର ପ୍ରାୟ ୪୨-୮୫ ବର୍ଷ ପୂର୍ବରୁ ପୀତାମ୍ବର ରାଜେନ୍ଦ୍ର ଜୀବିତ ଥିଲେ । ଉକ୍ତ କନିକା ରାଜବଂଶର ସୁନାମଧନ୍ୟ ରାଜକବି ରାଧାମୋହନ ରାଜେନ୍ଦ୍ର ପୀତାମ୍ବରଙ୍କ ସମ୍ବନ୍ଧରେ ତାଙ୍କ କୃତ 'ପ୍ରେମ ମଞ୍ଜରୀ' କାବ୍ୟରେ ଲେଖିଛନ୍ତି—

"ତାଙ୍କ ସୁତ ପୀତାମ୍ବର ଊନବିଂଶ ଅବ୍ଦ ରାଜ୍ୟ କଲେ ।
ତାଙ୍କ ପୁତ୍ର ଗୋବିନ୍ଦ ଚନ୍ଦ୍ର ରାଜେନ୍ଦ୍ର ଦ୍ୱାଦଶ ଫାଲ୍ଗୁନ
ରାଜା ହୋଇଲେ ।"

କବି ପୀତାମ୍ବର ରାଜ ବଂଶର କବି ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖି 'ସ୍ୱପ୍ନମାଳା' ଓ 'ଖଣ୍ଡ ରାମାୟଣ' ଆଦି କେତେଗୋଟି ଗ୍ରନ୍ଥ ରଚନା କରିଥିଲେ । ତାଙ୍କ କୃତ ସ୍ୱପ୍ନମାଳାର ଅଦ୍ଭୁତ ଦର୍ଶନ ଓଡ଼ିଶାରେ ବିଶେଷ ଖ୍ୟାତି ସଂସ୍କୃତ ଟୀକାଗ୍ରନ୍ଥ ରୂପେ ଅଦ୍ୟାପି ପରିଗଣିତ ହେଉଛି ।

## ବିଶ୍ୱମ୍ଭର ରାଜେନ୍ଦ୍ର—

ପୀତାମ୍ବର ରାଜେନ୍ଦ୍ରଙ୍କ ପରେ ତାଙ୍କ ପୁତ୍ର ଗୋବିନ୍ଦ ଚନ୍ଦ୍ର ଏବଂ ଗୋବିନ୍ଦଙ୍କ ପରେ ତାଙ୍କ ପୁତ୍ର କୃଷ୍ଣମଣି (ହରିଶ୍ଚନ୍ଦ୍ର) ମାତ୍ର ତିନି ବର୍ଷ ରାଜତ୍ୱ କରି ଇହଧାମ ତ୍ୟାଗ କରନ୍ତେ ତାଙ୍କ ଭ୍ରାତା ବୃନ୍ଦାବନ ଚନ୍ଦ୍ର ରାଜସିଂହାସନ ଅଳଙ୍କୃତ କଲେ । ବୃନ୍ଦାବନଙ୍କ ଅନ୍ତେ ତାଙ୍କ ଜ୍ୟେଷ୍ଠ ପୁତ୍ର ଜଗନ୍ନାଥ ମାତ୍ର ୯ ବର୍ଷ ରାଜତ୍ୱ କରି ଇହଧାମ ତ୍ୟାଗ କରନ୍ତେ ତାଙ୍କ ଅନୁଜ ରାଜକବି ବିଶ୍ୱମ୍ଭର ରାଜେନ୍ଦ୍ର ପ୍ରାୟ ଖ୍ରୀଷ୍ଟାବ୍ଦ ୧୮୫୧-୫୨ରେ ଖଳ୍ଲୀ ରାଜଗାଦୀଙ୍କ ଶୋଭା ମଣ୍ଡନ କଲେ । ଏ ମହାଶୟ ଗ୍ରନ୍ଥକାର ରୂପେ ସେପରି ସୁନାମ ଅର୍ଜନ କରିଥାନ୍ତୁ ନା କାହିଁକି ଅଭିନବ ଗ୍ରନ୍ଥ ଟୀକାକାର ରୂପେ ଉତ୍କଳ ବାସୀଙ୍କର ଚିର ନମସ୍ୟ ହୋଇ ରହିଛନ୍ତି । ଏହାଙ୍କ ରଚିତ କେତେଗୋଟି ଅଭିନବ ଗ୍ରନ୍ଥର ଆଲୋଚନା ଏଠାରେ ପ୍ରଦତ୍ତ ହେଲା ।

## ବୀର ରାମଚନ୍ଦ୍ର ବିଳାସ—

'କବି ବିଶ୍ୱମ୍ଭରଙ୍କ ନାମରେ ଭଣିତା ହୋଇଥିବା 'ବୀର ରାମଚନ୍ଦ୍ର ବିଳାସ' ଶୀର୍ଷକ ଗୋଟିଏ ଗ୍ରନ୍ଥ ଦେଖିବାକୁ ମିଳେ । ଏ ବିରାଟ ଗ୍ରନ୍ଥଟିରେ ଆଦ୍ୟ କାଣ୍ଡରୁ ଲଙ୍କାକାଣ୍ଡ ଶେଷ ପର୍ଯ୍ୟନ୍ତ ରାମାୟଣର ବିଷୟବସ୍ତୁ ଭଞ୍ଜୀୟ ଶୈଳୀର ଅନୁକରଣ— 'ବ' ଆଦ୍ୟାନୁପ୍ରାସ ଓ ରାଗବନ୍ଧ ବାଣୀରେ ଲିଖିତ । ଗ୍ରନ୍ଥର ଆରମ୍ଭରେ କବି ସମୁଦାୟ ରାମାୟଣର ବିଷୟବସ୍ତୁକୁ ସଂକ୍ଷେପରେ ମଙ୍ଗଳାଚରଣ ରୂପେ ଉଲ୍ଲେଖ କରି ଲେଖିଛନ୍ତି ।

"ବୀର ରାମଚନ୍ଦ୍ର ବିଳାସ, ବୋଲିବି କେମନ୍ତେ ଏ ରସ,

× × ×

ବଳର ଯୋଗଣ୍ଡ ସେବକଙ୍କର, ବିଖ୍ୟାତ ଶ୍ରୀକଣ୍ଠୀ ଈଶ୍ୱର ।
ବିଶ୍ୱମ୍ଭର ବ୍ରଜେନ୍ଦ୍ର ନାମ, ବିଶ୍ୱରେ ହୋଇଛନ୍ତି ଜନମ ।
ବୋଲିବି ରାମାୟଣ ରସ, ବିଷ୍ଣୁ ନୋହିବ ଯେ ବିଶେଷ ।

× × ×

ବିଷ୍ଣୁ ହେ ନ ଦେଖ ମୋ ଦୋଷ,
'ବ' କଷ୍ଟ ହୋଇବ ଏ ଶେଷ ।"

(ବୀର ରାମଚନ୍ଦ୍ର ବିଳାପ, ଅଯୋଧ୍ୟାକାଣ୍ଡ)

ଏ ଗ୍ରନ୍ଥରେ କବିଙ୍କ ରଚନା ବୈଶିଷ୍ଟ୍ୟର ଯଥେଷ୍ଟ ଆଗ୍ରହ ମିଳୁ ନଥିଲେ ହେଁ 'ବ' ଆଦ୍ୟାନୁପ୍ରାସରେ ସାତକାଣ୍ଡ ରାମାୟଣ ରଚନା କବିଙ୍କ ଆଗ୍ରହ-ସାଧ୍ୟ ଧୈର୍ଯ୍ୟ ସୂଚେ । କବି ସଂସ୍କୃତ ରାମାୟଣ ଅବଲମ୍ବନରେ ଗ୍ରନ୍ଥଟି ରଚନା କରିଥିଲେ । ଉକ୍ତ ଗ୍ରନ୍ଥ ବର୍ଣ୍ଣନା ମଧ୍ୟରୁ କେତୋଟି ବର୍ଣ୍ଣନା ନିମ୍ନରେ ପ୍ରଦତ୍ତ ହେଲା ।

**ପମ୍ପା ସରୋବରର ବର୍ଣ୍ଣନା—**

"ବଳକୁ ବର ନୀଳ ବସ୍ତ୍ର, ବିଜୟେ ତହୁଁ ରଘୁନାଥ ।
ଦେଖନ୍ତେ ଦେଖିଲେ ପମ୍ପା ସର, ବାରି ଶୀତଳ ପୂର୍ଣ୍ଣତର ।
ବନଜ କୁମୁଦ କହ୍ଲାର, ବିକଶି ବସନ୍ତ ସୁନ୍ଦର ।
ବହୁତ ଜାତି ପକ୍ଷୀ ଶ୍ରେଣୀ, ବିଶ୍ରାନ୍ତ କରୁଛନ୍ତି ଧ୍ୱନି ।
ବକ ସାରସ ହଂସବାନ, ବରଷା ସୁନ୍ଦ୍ର ଜଳଦାନ ।
ବିନୋଦ କ୍ରୀଡ଼ା କରୁଥିଲେ, ବିହରି ବହୁତଙ୍କ ଥୋକେ ।
ବହୁତ ତରୁ ତୀର ପାରେ, ବିକାଶ ଫଳ ପୁଷ୍ପଭରେ ।
ବସୁଧା ଦୃଶ୍ୟ ସର୍ବଶିର, ବିଶେଷେ ବଢଣ ମନୋହର ।
ବସନ୍ତ ଶୁକ ଶାଖ ଠିକ, ବିଶେଷେ କ୍ରୀଡ଼ନ୍ତି ଅନେକ ।
ବାରି ମାଧବେ ସୁବସନ୍ତ, ବହଇ ମନ୍ଥର ସମସ୍ତ ।
ବ୍ରହ୍ମାଣ୍ଡ ଶୋଭିବ ସମାନ, ବିଶେଷେ ହରଇ ଜନମନ ।"

(କିଷ୍କିନ୍ଧ୍ୟା କାଣ୍ଡ)

କବି ଗ୍ରନ୍ଥ ଶେଷରେ, ତାହାର ରଚନା ସମୟ ଆଉ ବିଷୟ ବିସ୍ତୃତ ରୂପେ ଉଲ୍ଲେଖ କରିଛନ୍ତି । ଏ ଗ୍ରନ୍ଥ ରଚନାରେ ଭୁଜ ପଟ୍ଟନାୟକଙ୍କ ପୁଅ ଲୋକନାଥ ପଟ୍ଟନାୟକ ବିଶେଷ ସାହାଯ୍ୟ କରିଥିବାରୁ ରାଜା ବିଶ୍ୱମ୍ଭର ତାଙ୍କୁ 'ରତ୍ନ ପଟ୍ଟନାୟକ' ଉପାଧିରେ ଭୂଷିତ କରିଥିଲେ ବୋଲି ନିମ୍ନ ଲିଖିତ ଉଦ୍ଧୃତାଂଶରୁ ଅନୁମାନ କରାଯାଏ ।

“ଭରତ ଖଣ୍ଡେ ସୁଦେଶ, ଉତ୍କଳ ମହା ଉତ୍ତ ରସ,
ବିକପୁ ଗଞ୍ଜାଂ ରାଜେଶ୍ୱର, ବିଖ୍ୟାତ ରାଜା ବିଶ୍ୱମ୍ଭର ।

× × ×

ଭୁଜ ପଟ୍ଟନାୟକଙ୍କ ସୁତ, ଯେ ଧାତ୍ରେ ନାମ ଲୋକନାଥ ।

× × ×

ବାଳକ ଶାସ୍ତ୍ରୀ ସହରେକ, ବୋଲି ରତ୍ନ ପଟ୍ଟନାୟକ ।

× × ×

'ଙ୍କ' ବର୍ଣ୍ଣେ ସାରକାନ୍ତ ବାଣୀ, ବ୍ୟାଖ୍ୟାନ କଲି ସର୍ବ ଗୁଣୀ ।
କାର୍ତ୍ତିକ ଅପାଶୀ ପାଇଲା, ବୋଲି ଗ୍ରନ୍ଥରେ ବଖାଣିଲ ।
ବୀର ଦିବ୍ୟସିଂହ ଦେବଙ୍କ, ଅଂଶତ ଚତୁର୍ଥିରେ ଅଙ୍କ ।
କାଳେ ମିଥୁନ ମାଳ ଆସି, ଶୁଦ୍ଧବାର ନବ ଏକାଦଶୀ ।
ବଗୁର ପ୍ରମାଥୀ ସଙ୍କେତେ, ଭୁଞ୍ଜେ ସାଧୁଜନେ ଏତେ ।”

୧୬୮୮ ସାଲର ପ୍ରମାଥୀ ସମ୍ବତ୍ସର ଓ ଦିବ୍ୟସିଂହ ଦେବ (ପ୍ରଥମ ସମୟର ଦିବ୍ୟସିଂହ ଦେବ)ଙ୍କ ୨୪ ଅଙ୍କ ଖ୍ରୀଷ୍ଟ ଗଣନା ଅନୁସାରେ ୧୬୯୯ ମସିହାରେ ଘଟିଥିଲା । କବି ରାଜା ସେତେବେଳେ ପ୍ରାୟ ୬୮।୭୦ ବର୍ଷ ପରେ 'ବୀର ରାମଚନ୍ଦ୍ର ବିଳାସ' କାବ୍ୟ ରଚନା କରିଥିଲେ ।

ଖକଟୀ ରାଜବଂଶର ଆଶ୍ରୟ ଲାଭ କରି 'ରତ୍ନ ପଟ୍ଟନାୟକ' ରାଜା ବିଶ୍ୱମ୍ଭରଙ୍କୁ ଗ୍ରନ୍ଥ ରଚନାରେ ସାହାଯ୍ୟ କରୁଥିବା ସଙ୍ଗେ ସଙ୍ଗେ

ନିଜେ ମଧ୍ୟ କବିତା ରଚନାରେ ପ୍ରବୃତ୍ତ ହୋଇଥିଲେ । ତାଙ୍କ ରଚିତ 'କ' ଠାରୁ 'କ୍ଷ' ପର୍ଯ୍ୟନ୍ତ ଅକ୍ଷର ନିୟମରେ ଗୋଟିଏ ଭଜନରେ ସେ ସ୍ୱ-ଆଶ୍ରୟଦାତାଙ୍କୁ ପ୍ରଶଂସା କରି ଲେଖିଛନ୍ତି —

"ଖ୍ୟାତ ଚକଟୀ ଅଭିଷିକ୍ତ ବଙ୍ଗଂ ନୃପତି
ଖଣ୍ଡପଡ଼ାର ରାଜେନ୍ଦ୍ର ଦେବ,
କ୍ଷମା ଶାନ୍ତି ମଣ୍ଡିତ ଗୁଣିଗଣ ମଣ୍ଡିତ
ଦାନରେ କର୍ଣ୍ଣ ନନ୍ଦନ ହେବ ।
ହେ ମହାପ୍ରଭୁ !
କ୍ଷେମେ ହେ ଅନୁଗ୍ରହ ପାଇଂ,
କ୍ଷଣେ ସେବାରେ ଲିପ୍ତ ହୋନ୍ତି ।
କ୍ଷୋଭେ ଜଗତ ଦାନ ପଞ୍ଚାମୃତ ଋଦ୍ଧ
କ୍ଷୀରବ୍ଧି ସାଇଂ କର ଶାନ୍ତି ହେ ।"

## ରଘୁନାଥ ବିଳାସ—

ଖଣ୍ଡପଡ଼ାର ରାଜେନ୍ଦ୍ରଙ୍କ ନାମରେ ଭଣିତା ହୋଇଥିବା "ରଘୁନାଥ ବିଳାସ" ନାମରେ ଖଣ୍ଡିଏ କାବ୍ୟ ମିଳେ । ଉକ୍ତ ଗ୍ରନ୍ଥର ପ୍ରକୃତ ଲେଖକ ରଘୁନାଥ ରାଜଗୁରୁ ବୋଲି କେତେକ ଆଲୋଚନାରୁ ଜଣାଯାଏ । ଖଣ୍ଡପଡ଼ାର ରାଜେନ୍ଦ୍ର ମଧ୍ୟ ଉକ୍ତ ଗ୍ରନ୍ଥ ଶେଷରେ ଲେଖିଛନ୍ତି ଯେ, କବିରାଜ ରାଜଗୁରୁ ଓ ନରେନ୍ଦ୍ର ରାୟ ନାମକ ଦୁଇଜଣ ପଣ୍ଡିତ ତାଙ୍କର ଗୁରୁ ଥିଲେ । ଜଣଙ୍କ ଉକ୍ତିରୁ ଭଣିତ ମିଳେ ଯେ, ଏ ଗ୍ରନ୍ଥ ରଚନାରେ ସେ ଦୁଇଜଣ ପଣ୍ଡିତ ବିଶେଷ ଭାବରେ ସାହାଯ୍ୟ କରିଥିଲେ ।

"ନୃପତି ଧର୍ମ୍ମ-କ୍ଷେତ୍ରରେ ପ୍ରମୋଦ
ବଞ୍ଚି ବେଳେ କାଳ ନେଲା ।
ଏବେ ମାତ୍ର ଚଣ୍ଡ୍ରବାହୁ-ସୁତବଂଶ୍ୟ ଭାଳ ଏ ଗ୍ରନ୍ଥ ରଚିଲା ।
ରଘୁନାଥ ବିଳାସ,
ନାମ କଲା ଏହାର ପ୍ରକାଶ ।"

କବିରାଜ ସ୍ୱପ୍ନରୁ ମହାରାଜ ନରେନ୍ଦ୍ର ଗୁପ୍ତ ମୋ ଗୁରୁ,
କିଛି କହନ୍ତି ମୁହିଂ ଜାଣିଲେ ହେଲେ ହେଁ ସେହି ବେଶାଜନ ଠାରୁ ।
କବି ପଣ୍ଡିତ ପଣେ,
ନାହିଂ ନଥିଲ ନଥିବ କରଣେ ॥

(ରଘୁନାଥ ବିଳାସ, ଶେଷ ଛାନ୍ଦ)

ଗ୍ରନ୍ଥଟିରେ ଅନେକ ପ୍ରାଚୀନ ରାଗରାଗିଣୀ ସମନ୍ୱିତ ହୋଇଛି ଏବଂ ଅନେକ ସ୍ଥଳରେ ପ୍ରାଚୀନ କବିମାନଙ୍କର ରଚନାକୁ ବୃତ୍ତି ବା ବାଣୀ ରୂପେ ବ୍ୟବହାର କରାଯାଇଛି ।

'ରଘୁନାଥ ବିଳାସ' ଗ୍ରନ୍ଥଟି ରଘୁନାଥ ଖୁଣ୍ଟିଆ, କେଶବ ପଟ୍ଟନାୟକ, ଅନଙ୍ଗ ନରେନ୍ଦ୍ର, ଦ୍ୱିତୀୟ ନରେନ୍ଦ୍ର ଆଦି କବିଙ୍କ 'ରାମଲୀଳା' ପରି ଲୀଳା ଢଙ୍ଗରେ ରଚିତ ହୋଇଛି । ଗ୍ରନ୍ଥଟି ଅଦୌ ଅଧ୍ୟାୟ କିମ୍ବା ପରିଚ୍ଛେଦରେ ବିଭକ୍ତ କରା ଯାଇନାହିଁ । କେବଳ ଛୋଟ ଛୋଟ ଗୀତ ଦ୍ୱାରା ସମୁଦାୟ ରାମାୟଣର ଉପାଖ୍ୟାନ ରଚିତ ହୋଇଛି । କବିଙ୍କ ସମୟରେ ଓଡ଼ିଶାର ରଙ୍ଗମଞ୍ଚରେ ଏହି ଧରଣର 'ଲୀଳା' ଅଭିନୀତ ହୋଇଥିଲା ।

'ରଘୁନାଥ ବିଳାସ'ର ଅନେକ କବିତା ମଧ୍ୟରୁ ଉଦାହରଣ ସ୍ୱରୂପ ଏଠାରେ କେତୋଟି ଉଦ୍ଧୃତ ହେଲା ।

ରାବଣ ପଞ୍ଚବଟୀରୁ ସୀତାଙ୍କୁ ଅପହରଣ କରି ନେଉଥିବା ବେଳେ ସୀତାଙ୍କର ରୋଦନ କବିଙ୍କ ଲେଖନୀରେ ଜୀବନ୍ତ ହେବା ସଙ୍ଗେ ସଙ୍ଗେ ପାଠକ ବା ଦର୍ଶକର ହୃଦୟକୁ କରୁଣ ରସରେ ଅଭିଭୂତ କରାଏ ।

"ହେ ରଘୁପତିଙ୍କ ପ୍ରିୟାର ନୂଆ ମାନ ଶଶୀ,
ସରିଲିଟି ଆସି ଦୁଃଖ ହେଲଗା ଦାସୀ,
ମୋ ଧନ ହେ !

ପ୍ରାଣ ଖଣ୍ଡ ପାଳିଥିଲ କାନ୍ତ ପତ୍ନୀ ମୋହେ,
ଶୁଣୁ ନାହଁ ଏବେ ଡକା ପଳାଇଗଲ କେତେ,
ମୋ ଧନ ହେ !

ବାବୁ ହେ ମୋର ଦେହର କୁନ୍ଦନ ମଞ୍ଜୁଳ,
ନ ଆସି ଶାରେଣ ଯନ୍ତ୍ରଣ ଦେଉଛ ମୋ ବକୁଳ,
ମୋ ବାବୁ ହେ !

ରକ୍ଷ ହେ ତପନ କୁଳ କୁଳ ମଣ୍ଡଳୀଙ୍କୁ,
ଖସୁଛି ସମୁଦ୍ର ମଧ୍ୟେ ନଗାଇ ଭେଳାଙ୍କୁ,
ତପନ ହେ !

କାନ୍ଦୁଥିଲେ ଏହିପରି ଜାନକୀ ବାଳକେ,
କଣ୍ଠ ଦେଖ ଜନ୍ମରଥ ରାଜ ଇନ୍ଦ୍ର ବୋଲେ,
ସ୍ୱଜନେ ହେ ।।”

ରାବଣ ବଧ ପରେ ସୀତାଙ୍କୁ ପୁଷ୍ପକ ଯାନରେ ବସାଇ ଅଯୋଧ୍ୟା ପ୍ରତ୍ୟାଗମନ ମାର୍ଗରେ ରାମ କେତେକ ଦର୍ଶନୀୟ ସ୍ଥାନ ଦେଖାଇବା ସଙ୍ଗେ ସଙ୍ଗେ ସୀତାଙ୍କଠାରୁ କେତେକ ସ୍ଥାନର କରୁଣରସପୂର୍ଣ୍ଣ ବର୍ଣ୍ଣନା ମଧ୍ୟ ଶ୍ରବଣ କରୁଥିଲେ । ରାମ ସୀତାଙ୍କ ଏହି ଉକ୍ତି ପ୍ରତ୍ୟୁକ୍ତିକୁ କବି ବସନ୍ତର ଅତି ଚମତ୍କାର ରୂପେ ବର୍ଣ୍ଣନା କରିଛନ୍ତି ।

ରାମ—“ଏରେ ମୀନ କେତନ କଳାକୁଶଳା,
ଚଳାଚଳ ନେଇଥିଲା ମୋ ବାଳା;
ସୁଧାର ଭ୍ରମର-ଗୁଞ୍ଜର କେଶା,
ରସାଳସାରଣ ମଞ୍ଜରୀ ଭୂଷା,।
ରାବଣକୁ ମାରି ଛୋଟର ରେ,
ବସାଇ କୋଳରେ        ରସାଇବ ନିର୍ବାଳି
ପରତେକ ନଥିଲା ମତେ ରେ ।।

ସୀତା—ସବାଧିବର ହେ ମୋ ପ୍ରାଣଧନ,
ଭୂମିକ ମଣ୍ଡଳୀ ମଧ୍ୟମଣ୍ଡନ;
ଅଛି ମାଣ୍ଡ ଶମ.ତେ ଋଷିଆଶ୍ରମର,
ଏଣୁକି ଏତେଶ ସ୍ମୃତ୍ଭ ଲୁନ୍ଦର ହେ;
ହେବା କଥା ଭଲି ହେଲ ହେ,
ଏ ସମାନ ମୋର  ପୂରବ ଚରିତ
ହେବନି ଉପେକ୍ଷଣ କଲି ହେ ।।

ରାମ—ଦେଖ ଅ.ତେର ନଦୀ ବାରୁଣୀ ତଟ,
ଭାରବାଜ (?) ଶୁନା ସମାନ କାନ୍ତି;
ଦଣ୍ଡ ଅଛି ନଳ-ସେତୁ ଅଳଙ୍କେ,
ଯାତର ସନ୍ତୋଷ ଖଳ ଏ ସ୍ଥଳେ;
କୁଶ ଶଯ୍ୟା କଲି ମୁଞ୍ଚ ତେଜ,
ଭଳ ଦନ ଯାଏଁ  ଶଙ୍କିଲି ଶସୁନ
କପିମାନେ ଥିଲେ ଦେଖି ରେ ।।

ସୀତା—ଅହେ ରଘୁକୁଳ ମଳ ଚନ୍ଦ୍ରମା,
ମୋ ବନ୍ଧୁ ଶୃଙ୍ଗାର-ସଂଗ୍ରହ-ସୀମା;
ଦେଖ ଦେଖ ଏଣେ ଅଶୋକ ବନ,
ଏଥିରେ ଥିଲି ହୋଇ ଅତି ଦୀନ ହେ;
ନଥିଲି ସନ୍ନ୍ୟାସୁ କେଉଁ ହେ,
ଝୁରୁଥାଏ ଯାଇ  ନମ୍ବନୁ ଅପାର
କରୁଥାଏ ଶୋଧ ମନ୍ତ୍ରୀ ହେ ।।

ରାମ—ଆହେ ମୋ ପ୍ରଣୀଳ ଗୁଣ ମଣ୍ଡିତା,
ଦାସ୍ୟ ରସ ଶରଣାଗ ପଣ୍ଡିତା;
ଏଣୁଟି ଦେଖ ମାଲ୍ୟବନ୍ତ ଗିରି,
ଏଥିରେ ବଳଶରି ଦାନ ଶରଣ;
ଦୁଃଖେ ନେଲୁ ଦୂରି ଭାଇ ରେ,
ଏଣୁ ଜଗେ ପୁଣି  କହୁଁ ସୁଖ ହେଲି
ମାରୁତି ଚେ। ସାଳ କାହ୍ନ ରେ ।।"

## ଉଷା ବିଳାସ :—

ବାଣାସୁର କନ୍ୟା ଉଷା ଓ ଶ୍ରୀକୃଷ୍ଣଙ୍କ ପୌତ୍ର ଅନିରୁଦ୍ଧଙ୍କର ବିବାହ ପ୍ରସଙ୍ଗକୁ ବର୍ଣ୍ଣନା କରି କବି ବିଶ୍ୱମ୍ଭର ରାଜେନ୍ଦ୍ର 'ଉଷା ବିଳାସ' ନାମରେ ଖଣ୍ଡିଏ ଦୃଶ୍ୟକାବ୍ୟ ରଚନା କରିଥିଲେ । ଗ୍ରନ୍ଥଟି 'ରଘୁନାଥ ବିଳାସ' ପରି ଲୀଳା ଢଙ୍ଗରେ ରଚିତ ହୋଇଛି । କବି 'ଲୀଳା'ଟିକୁ ରଙ୍ଗମଞ୍ଚୋପଯୋଗୀ କରିବା ଉଦ୍ଦେଶ୍ୟରେ ସର୍ବଜନବୋଧଗମ୍ୟ ଭାଷା ଏଥିରେ ପ୍ରୟୋଗ କରି-ଛନ୍ତି । ନାଟକ ଦୃଶ୍ୟକୁ ଏହା ଯେପରି ସବୁ ଦିଗରୁ ଉପଭୋଗ୍ୟ ହେବ ସେଥିଲାଗି କବି ଆପ୍ରାଣ ଚେଷ୍ଟା କରିଛନ୍ତି ।

'ଉଷା ବିଳାସ' ଗ୍ରନ୍ଥର ଶେଷ ଗୀତରୁ ଜଣାପଡ଼େ ଯେ, କବି ପ୍ରଥମେ 'କୃଷ୍ଣଲୀଳା', ଦ୍ୱିତୀୟରେ 'ରଘୁନାଥ ବିଳାସ', ତୃତୀୟରେ 'ଦ୍ରୌପଦୀ ଭୂଷଣ' ଓ 'ଉଷା ବିଳାସ' ଆଦି ଗ୍ରନ୍ଥ ପ୍ରଣୟନ କରିଥିଲେ ।

"ଆଦ୍ୟେ କୃଷ୍ଣଲୀଳା ଗୀତ - ଦ୍ୱିତୀୟେ ଶ୍ରୀ ରଘୁନାଥ
ବିଳାସ ଦ୍ରୌପଦୀ ନାନା ଭୂଷଣେ ଛନ୍ଦ,
ନବ ଯୋଷା ଉଷା ବିଳାସ ।
ପୂର୍ଣ୍ଣ କରାଇଲେ ଶ୍ରୀ ଗୀତବାସ ।"

ଏଣୁ ଜଣାଯାଏ, କବି ଉପରୋକ୍ତ ଗ୍ରନ୍ଥଗୁଡ଼ିକର ରଚନା ପରେ 'ଶ୍ରୀ ରାମଚନ୍ଦ୍ର ବିଳାସ' ଆଦି ଗ୍ରନ୍ଥ ରଚନା କରିଥିଲେ । 'ଉଷା ବିଳାସ' ଗ୍ରନ୍ଥଟି 'ରଘୁନାଥ ବିଳାସ' ପରି ଅଧ୍ୟାୟ ବା ପରିଚ୍ଛେଦରେ ବିଭକ୍ତ କରି ନ ଯାଇ ୧୯୨ ଟି ଗୀତରେ ସମାପ୍ତ ହୋଇଛି । ପ୍ରତ୍ୟେକ ଗୀତର ଶେଷରେ କବି ନିଜ ନାମ କିମ୍ବା କେବଳ 'ରାଜେନ୍ଦ୍ର' ବୋଲି ଭଣିତା କରିଛନ୍ତି ।

ମହାକବି କାଳିଦାସଙ୍କ 'ଅଭିଜ୍ଞାନ ଶାକୁନ୍ତଳମ୍'ରେ ଶକୁନ୍ତଳାଙ୍କ ପତିଗୃହ ଯାତ୍ରାବେଳେ କଣ୍ୱ ମହର୍ଷିଙ୍କ ଉପଦେଶ ପରି ଉଷାର ବିଦାୟ ବେଳେ ବାଣାସୁରର ପତ୍ନୀ ମୁଖରେ ଶ୍ୱଶୁର ଗୃହରେ ବଧୂର କର୍ତ୍ତବ୍ୟ ସମ୍ବନ୍ଧରେ କବି ଉପଦେଶ ବାଣୀ ଶୁଣାଇ କହିଛନ୍ତି —

"ମୋ ଉତ୍ତୁଙ୍ଗ ରଙ୍ଗ ମନାରେ,
ନିରଙ୍କ ଚନ୍ଦ୍ର ବଦନା ରେ ।
ଆରେ ମୋ ସର୍ଗାଳି ମୋତି ଗୁଚ୍ଛ କଳ
ଲଳିତ ହସ ରଦନା ରେ ।

× × ×

ଶାଶୁମାନଙ୍କର ଚରମାସ୍ତ୍ର ଶୀର ମଧ୍ୟ ମର୍ଦ୍ଦନ କରିବୁ,
ନଣନ୍ଦ ଖିଆଲ ଉପରେ ତୁ ହଳ କେତେବେଳେ ନ ଧରିବୁ ରେ ;
ଯେତ ଗୁଣବନ୍ତ ପୂର୍ଣ୍ଣ,
ମୋ ଧନ କେବେହିଁ ଦର୍ପିରେ
ହୋଇ ତୁ ଲଳନା ନମ୍ରାତ୍ମକ ମଣା
ଗଞ୍ଜଣା ଶଙ୍କା ଛେଳେ,
ଆଳୀ ଭୁଲେ ମାତି ରାତି ଦିନ ଗତି
ନ ସାରିବୁ କୁତୂହଳେ ରେ ।
ବାବୁ କହୁଛି ଏତେ,
ଭୁଲିବୁ ନାହିଁଟି ମୋତେ ରେ ।"

ଶଶିକଳା ନାମ୍ନୀ ଉଷାର ସଖୀ, ସଂମୋହନ ମନ୍ତ୍ର ବଳରେ ଦ୍ୱାରକାର ଶୟନାଗାରରୁ ଅନିରୁଦ୍ଧଙ୍କୁ ଅପହରଣ କରି ନେଲା ତହିଁର ପୁତ୍ରଶୋକ ବିହ୍ୱଳା ରତି ଦେବୀଙ୍କ ରୋଦନ କବିଙ୍କ ଲେଖନୀରେ ପ୍ରାଣବନ୍ତ ହୋଇ ଯେ କୌଣସି ମାତାର ହୃଦୟରେ କରୁଣ ରସର ସଞ୍ଚାର କରାଏ ।

"ବାବୁ କାହିଁ ଲୁଚିଅଛୁ ଆସରେ ।
ମୋ ଗଳାମାଳୀ ନୟନ ସର୍ଗାଳି
ପଣ୍ଡିରେବ ଫୁଲେ କେଶରେ ।
ତୁଳକ ମଣ୍ଡନ ଲଗି ହୋଇ ଧନ
ଉଭିଲ ହେବୁ ମୁରବେଶରେ ।
କଳାକାର ଭୂଳ ତୋ ମୁଖ ମଣ୍ଡନ
ମଣ୍ଡୁ କଲକଳ ହାସରେ ।

× × ×

ଆହା ମୋ ଖେଳ-ରଙ୍ଗ ଘରେ
କଳମଣି ପ୍ରତିମା !
ସକଳ ସମ୍ପତ୍ତି ମୋହରର
ଅକଳଙ୍କ ଚନ୍ଦ୍ରମା ।।
ଥାଉଥିଲୁ କେତେ ବଢ଼ୁଥିଲ
ତୋତେ ମନାଇ ଜମା ।
ଭାଙ୍ଗି ଦେଲୁ ଘାଟ ଧଉଳ
ମୋର ସବୁ କାମନା ।।
ଆଜି କି ଦେଖିବି ମୋ ଧନ
ତୋ ମୁଖ ସୁଷମା ।
ଏଣି କରୁ ମୋତେ ଲକ୍ଷତେ
କେ ଡାକିବରେ ମା ମା ।।”

କବି ଶିଶୁ ଶଙ୍କର ଦାସ ପ୍ରଣୀତ ‘ଊଷା ବିଳାସ’ କାବ୍ୟରେ, ଊଷାର ସ୍ୱପ୍ନ ଦର୍ଶନ ପରେ ପ୍ରଳାପପୂର୍ଣ୍ଣ ବେଦନ ବର୍ଣ୍ଣନା କରି ଲେଖିଛନ୍ତି—

“ପଲଙ୍କ ତେଜିଣ ଉଠିଲ ସୁମୁଖୀ
ସପନ ସଙ୍କେତ ପାଇଣ ।
ଆହା ! ପ୍ରାଣନାଥ କେଉଣେ ଗଲ ବୋଲି
ଉଚ୍ଚସ୍ୱରେ କରେ କାନ୍ଦଣ ।
ଦଇବ ! ଦେଖାଇ ନିଧି ହରି ନେଲୁ ।
ଶିଶୁ କୁମାରୀ ମୁଁ କିଛି ନ ଜାଣଇଁ
କିପାଇଁ ମୋତେ ଏହା କଲୁ ?”

(ଶିଶୁ ଶଙ୍କର ଦାସଙ୍କ ‘ଊଷା ବିଳାସ’—୫ମ ଛାନ୍ଦ)

ଏହି ଛାନ୍ଦର ଅନୁକରଣରେ କବି ସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ତାଙ୍କ ‘ଲାବଣ୍ୟବତୀ’ କାବ୍ୟରେ ଲେଖିଲେ—

"ଚେତ ଚକ୍ଷୁସ୍ଥ ଶୃଙ୍ଖଳ ଜିଣି ନାଶେ
ପାଶେ ନାହିଁ ଐକ୍ୟ ତରୁଣୀ,
ମାଗି ଫୁଟେ ହାତ ନାଥ ନାଥ ବୋଲି
ଅତି ଖେଦେ କଲ କାରୁଣ୍ୟ
ଖୋଜେ ଅଧୀରେ; ଚେତନା ହତ ସେ ବାଧରେ,
ଶୋଧ ଲେଖିଛାଇ          ଜବଣୀ ପିଛାଇ
କର ଭରି କୃତ ପଦ୍ଦରେ ।"

ଏହି ରଚନାର ପ୍ରାୟ କୋଡ଼ିଏ ବର୍ଷ ପରେ ଉପେନ୍ଦ୍ର ଭଞ୍ଜଙ୍କ ପିତୃବ୍ୟ ଘୁମୁସରର ରାଜା ଘନ ଭଞ୍ଜ ତାଙ୍କ 'ରସନିଧି' କାବ୍ୟରେ ଲେଖିଲେ—

"ହେଲ ରାଧା ସତ୍ତ୍ୱଂ ଅନ୍ତରଗତ
ଶୃଙ୍ଖଳ ପାଶରେ କେହ୍ନେ ନାହିଁତ ।
ଭାବଇ ମନେ ଆଜ ଅବିଜ୍ଞାତ
ମୋ ମନ ମୋହିତ
କରଇ ତାହାଙ୍କୁ ନେଇ କାହିଁତ ।"

ଏହି ସବୁ ସ୍ମୃତିର ଅବଲମ୍ବନରେ କବି ବିଶ୍ୱମ୍ଭର ତାଙ୍କ 'ଉଷା ବିଳାସ' କାବ୍ୟରେ ଉଷାର ସ୍ୱପ୍ନ ଦର୍ଶନ ପରେ କରୁଣ କ୍ରନ୍ଦନକୁ ଟିକିଏ ଭଜନଙ୍କ ଉପଯୋଗୀ କରି ରଚନା କରିଛନ୍ତି ।

"ହେ ରସମୟ ମଧୁର ମାଦକ ମୋ ମତି,
କଳାପ-କୁନ୍ତଳା-କୁଳ-ନୂପୁର ଧରଣୀ ।
ଆସ ଆସ ମୋ ଧନୁଟି,
ଦେଖାଅ ଦେଖିବ କଳାକର ବଦନୁଟି ।
ମନପୂଆ କରି ପିଇ ନଅଳି ଅଧର,
ତମ୍ଭି ଢାଣିକାହିଁ ଗଣ୍ଡ ଖଣ୍ଡର ମଧୁର
ମିଳି ମିଳି କୋଳିବାର,
ଶୁଣି ନାହିଁ କାନକୁହା ବାଣୀ ମୋ ଧନର ।"

କବି ବିଶ୍ୱମ୍ଭର ରାଜେନ୍ଦ୍ର 'ଉଷା ବିଳାସ' ଗ୍ରନ୍ଥରେ ନିଜ ବଂଶାବଳୀ ବର୍ଣ୍ଣନ କରିଅଛନ୍ତି । ଏ ବର୍ଣ୍ଣନା ସହିତ କୃଷ୍ଣଚନ୍ଦ୍ର ରାଜେନ୍ଦ୍ର ଓ ରାଧାମୋହନ ରାଜେନ୍ଦ୍ରଙ୍କ ବଂଶାବଳୀ ବର୍ଣ୍ଣନାର କୌଣସି ପାର୍ଥକ୍ୟ ପରିଲକ୍ଷିତ ହୁଏ ନାହିଁ । ତେଣୁ ଏକଟି ରାଜବଂଶ ସମ୍ବନ୍ଧରେ ଆଲୋଚକମାନଙ୍କ ପକ୍ଷେ ଏହା ଯେ ଏକ ଉପାଦେୟ ତଥ୍ୟ, ଏଥିରେ ସନ୍ଦେହ ନାହିଁ ।

“ହେ ବିବୁଧ ଜନେ ଶୁଣ          କରୁଛୁ କିଛି ବର୍ଣ୍ଣନ
ମୋର ପୂର୍ବ ପୁରୁଷଙ୍କ କୀର୍ତ୍ତି କଳାପ ।
× × ×
--ଲୋକନାଥ ପଟ୍ଟମଣି          ଶାରକୃଷ୍ଣ ମହାମଣି
ତାଙ୍କ ସୁତ ସାକ୍ଷାତରେ ମୋହନ ନାମ
× × ×
ଯେ ଅଟନ୍ତି ମଧୁସୂଦନ          ଭୁବନ୍ତ ତଳ ମଦନ
କୁଳମଣି ତାଙ୍କ ସୁତ          ପାଣ୍ଡିତ୍ୟ ରସ ପଣ୍ଡିତ
କୃଷ୍ଣଚନ୍ଦ୍ର ତାଙ୍କ କୁମାର ।
ସମ୍ଭବିଲେ ତାଙ୍କ ତନୁରୁ ଶ୍ରୀ ପୀତାମ୍ବର ।”

## ଚୌପଦୀ ଚିନ୍ତାମଣି :—

ବିଶ୍ୱମ୍ଭର ରାଜେନ୍ଦ୍ରଙ୍କ ନାମରେ ଭଣିତା ହୋଇଥିବା 'ଚୌପଦୀ ଚିନ୍ତାମଣି' ନାମରେ ଖଣ୍ଡିଏ ଗ୍ରନ୍ଥ ଦେଖିବାକୁ ମିଳେ । ଉକ୍ତ ଗ୍ରନ୍ଥଟି ପ୍ରାୟ ୭୧ଟି ରାଗରାଗିଣୀରେ ପୂର୍ଣ୍ଣ । ପ୍ରତ୍ୟେକ ରାଗରାଗିଣୀର ଅବଲମ୍ବନରେ ଗ୍ରନ୍ଥରେ କେତୋଟି କବିତା ରଚନା କରାଯାଇଛି । ତାର ବିଶେଷଜ୍ଞଙ୍କ କୌତୂହଳ ଉପଶମ ନିମିତ୍ତ, ସେଗୁଡ଼ିକ ନିମ୍ନରେ ପ୍ରଦତ୍ତ ହେଲା । ଯଥା—

“ଅଠାଣ, ଆଶାବରୀ, ଆହାରୀ, ଇମନ୍‌ଖ୍ୟାଲ, ଇମନ୍‌ପୁରୀ, ଏରକଳା କାମୋଦୀ, କନଡ଼ା, କାମୋଦୀ, କୁମ୍ଭ କାମୋଦୀ, କେଦାର, କଲ୍ୟାଣ ଶ୍ରୀ, କାନଡ଼ ଗୌଡ଼ା, କାଫି, କଲହଂସ କେଦାର, କୋଳାହଳ, କଲ୍ୟାଣ, କୌଶିକ, କର୍ଣ୍ଣାଟ, କାନଡ଼, କେଦାର ଗୌଡ଼ା, ଘଣ୍ଟାରବ,

ଖମ୍ବା କେଦାର, ଝୁଲ, ଡମନ, ତୋଡ଼ି, ଦକ୍ଷିଣ ଦେଶାଖ, ଦକ୍ଷିଣାଶ୍ରୀ, ଦେଶାକ୍ଷ, ଦ୍ୱିଜାବନ୍ତୀ, ନଟ, ନଟକୁଞ୍ଜର, ନାଟ କୁରଙ୍ଗ, ପରଜ, ପଞ୍ଚମ ବରାଡ଼ି, ପହ୍ଲାର, ପ୍ରାନ୍ତ ବରାଡ଼ି, ପୂର୍ବୀ, ପୁନ୍ନାଗ, ଫୁରସା, ବସନ୍ତ, ବରାଡ଼ି, ବଙ୍ଗାଳଶ୍ରୀ, ବେଲାବଳୀ, ଭୂପାଳ, ଭୈରବ, ଭୈରବୀ, ଭୋଗଡ଼ା, ଭଟିଆରୀ, ମୁଖାରୀ, ମୁଖାବରୀ, ମାଧବୀ, ମନୋହରୀ, ମାଳବ, ମାଳୁଆ, ମାଳୁଆ କେଦାର, ମାଳଶ୍ରୀ, ସୁଜାବନ୍ତ ବା ସୁବାବନ୍ତ, ରାମକେରୀ, ରେବଗୁପ୍ତ, ରସକୁଲ୍ୟା, ଶଙ୍କରାଭରଣ, ଶବରୀ, ଶ୍ରୀ, ଶୀଖରୀ, ଶ୍ୟାମ କଲ୍ୟାଣୀ, ଶ୍ରୀରାଗ, ସିନ୍ଧୁ କାମୋଦ, ସାରଙ୍ଗ, ସୁରଠ, ସୁହବ, ହିନ୍ଦୋଳ ।"

ଗ୍ରନ୍ଥଟିର ବିଷୟବସ୍ତୁ ଧାରାବାହିକ ଭାବେ ନ ଥାଇ କେବଳ ଆଦି ରସାତ୍ମକ ଖଣ୍ଡ କବିତା ଗୁଡ଼ିକ ମଧ୍ୟରୁ ଅଧିକାଂଶ ରାଧାକୃଷ୍ଣ ଲୀଳା ବିଷୟକ ଅଟେ ଏବଂ ଅନ୍ୟ ସଙ୍ଖ୍ୟକ କବିତାରେ ସାଧାରଣ ନାୟକ-ନାୟିକା ବର୍ଣ୍ଣିତ ହୋଇଅଛନ୍ତି । ଉକ୍ତ ରାଗ ଶ୍ରେଣୀ ମଧ୍ୟରୁ 'ଟୋଡ଼ି', 'ଭୋଗଡ଼ା', 'ସୁରଠ' ଓ 'ସୁଜାବନ୍ତ' ଆଦି ରାଗ ପ୍ରାଚୀନ ଓଡ଼ିଆ କାବ୍ୟ ଗୁଡ଼ିକରେ ପ୍ରାୟ ଦେଖିବାକୁ ମିଳେନାହିଁ । ତେଣୁ ଉକ୍ତ ରାଗଗୁଡ଼ିକର ଉଦ୍ଧୃତାଂଶ ନିମ୍ନରେ ପ୍ରଦତ୍ତ ହେଲା ।

ରାଗ—ଟୋଡ଼ି

"ଶୁଣ ମୋ ଗିରି ଧର କେଶବରେ ।
ସ୍ମର ଆକୁଳେ, ହରିଣା ନୟନ
କହୁଛି ତୋହ ପ୍ରୀତି ଆଶାରେ ।
ରସବତୀରେ, ଯଦି ଶ୍ରୀ ଭବେ,
ନାପାରେ କଣ୍ଠାସକୁ ପ୍ରସାରେ ।
ତେଜି ଦେହକୁ, ଅଣି ପ୍ରାଣକୁ,
ନେଉଛି ତନ୍ତ୍ର ରକ୍ଷା ଉପାରେ ।
ରସ ଭୂଷାଦର, କାମ ଭୂଷାକର,
ମନ୍ତ୍ରିଛି ବନ୍ଧୁ ହବା ନିଶାରେ ।'

ରାଗ—ଚକ୍ରଗଣ୍ଡା

"ଅରେ ବନ୍ଧୁ, ନାହିଁ ନାହିଁ ସତେ ମୋତେ ତୁ କରୁଣା ।

× × ×

ଜର ମୋର ହୃଦୟ, ହୋଇ ତୁ ସଦୟ,
ପ୍ରେମବଶେ ଆସି ତନୁ ଦେଇ ଦେଶ ଜଣ୍ଡ
ହର ଏ ବେଦନା ।
ଶିଖଣ୍ଡକ ଚନ୍ଦ୍ରକ୍, ବଦନ ଚନ୍ଦ୍ରକ୍-ଚଞ୍ଚ ରୂପେ ଗତି ଦେଲୁ
ରତେ ମାତି ହୋଇ ଚୋଷମନା ।"

ରାଗସୁ—ରଠ

"ଦେଖରେ ବନ୍ଧୁ ଆ ସଖୀ ଭୁଲିଲି ।
ଜଳକେଳି ମଲ୍ଲୀ-ଚମ୍ପା ଧନ ବାଳୀ
ବକସୁ ବନ୍ଧୁ ତିଳେ ନ ଚିହ୍ନିଲି ।

× × ×

ହୃଦରେ ଦେଖସ୍ତେ ଶାଦରେ ମୁଁ ଚଳିବେ
ଏ କି ମା ହୋଇଲି ଚେତ ନ ଭୁଲିଲି ।
ରଜନ-ଇନ୍ଦୁ ବାଣୀ ଶୁଣି ବୋଲେ ତରୁଣୀ
କୁନ୍ତଳ ମଲ୍ଲିକ ଅଟେ କମଳ ।"

ରାଗ—ଶୁଜାବଣ୍ଡ

"ଅରେ ରତିମୁରତି ମୋହନଦନ୍ତୀ ହ୍ଳଦନ୍ତୀ ମୋର ଗତିକ ।
ଘନ-ଦଳିତାଞ୍ଜନ ବର୍ଣ୍ଣ ମନ ମୋହନ—
ଠାରେ କି ଭୁଲ ଲଗା ପ୍ରୀତି ସତିକ ।
କ୍ଷଣକ ସୁରସନ୍ ହୋଇଲଣି କଶୋର
ସମ୍ଭାଳିବ କେମନ୍ତେ ଦୁତି ଶତକ ।"

ସମୁଦାୟ 'ଚୌଦଶ ଚନ୍ଦ୍ରାମଣି' ଛନ୍ଦରେ ଯମକ ଅନୁପ୍ରାସାଦି ଅଳଙ୍କାରରେ ପୂର୍ଣ୍ଣ ହୋଇଅଛି । ଉପିନ ପଦ୍ମଦସ୍ତ୍ର ଛାଠକର ଉତ୍କର୍ଷକ

ଶବ୍ଦାବଳୀ, ସୁବେଶ୍ୟ ଛନ୍ଦ, ଅଭିନବ ଭାବଧାରା, ଅଲୌକିକ ଅଭିବ୍ୟକ୍ତି ତଥା ଉନ୍ନତ ବର୍ଣ୍ଣନାରେ ଗ୍ରନ୍ଥଟିକୁ ଅଳଂକୃତ କରିବାରେ କବି ସମ୍ପୂର୍ଣ୍ଣ କୌଣସି ତ୍ରୁଟି କରି ନାହାନ୍ତି । ଉଦାହରଣ ସ୍ୱରୂପ ଗୋଟିଏ ଉଦ୍ଧୃତାଂଶ ଏଠାରେ ପ୍ରଦତ୍ତ ହେଲା ।

"କଳୀ ଶୋଭୀ ରଙ୍ଗରେ, ଜଳ ସ୍ରବେ ଅଙ୍ଗରେ
କଳ ମୋ ମାନସ ଝଳକରେ ପୀୟୂଷ
ସରସ ବାଣୀକି ଭାଷିଲା ରେ ।

ଝୁଲଇ ନାସା-ମୋତି, ହଲାଇ ଦେଇ ଧୂତି
ଭୁଲଇ ନୟନ ଭୁଲାଇ ମୋ ମନ
ବିଷପ୍ରାଣ-ବନ୍ଧେ ରସିଲା ରେ ।

ଚଳୁଥିଲା ଅଳକ, ଝଳୁଥିଲା ଝଲକ
ଗଳୁଥିଲା ଇନ୍ଦୁମୁଖୁ ସ୍ୱେଦ ବିନ୍ଦୁ
ଲକ୍ଷଣକୁ ବନ୍ଧୁ ତୋଷିଲା ରେ ।

ଲୁଳୁଥିଲା ଗାଁ ବେଣୀ ଝୁଲୁଥିଲା କି ଫଣୀ
ଭାସୁଥିଲା ମୋର ମନେ ସୁନ୍ଦର
ଦେଖିବାକୁ ବାକେ ପଶିଲା ରେ ।

ଅନୁଭବୁ ତା ଭାଳି କୃଷ୍ଣାନନ୍ଦ ଏ ବୋଲି
ସମ୍ପୂର୍ଣ୍ଣର ଖଣ୍ଡ ଲକ୍ଷ୍ମୀ ଦେବସ୍ୱର
ତଦ୍ଭେ ଏମନ୍ତ ଅଭାଷିଲା ରେ ।"

ପ୍ରାଚୀନ କାବ୍ୟଗ୍ରନ୍ଥକରେ ନାୟିକା ରୂପବର୍ଣ୍ଣନା ବିଶେଷ ଭାବେ ଥିବାର ଦେଖାଯାଏ । ମହାକବି କାଳିଦାସ, ଶ୍ରୀହର୍ଷ ଓ ବାଣ ପ୍ରଭୃତି ଧୁରୀଣ କାବ୍ୟ ପ୍ରଣେତାଙ୍କ ଲେଖନୀରେ ନାୟିକା ନଖଶିଖ ବର୍ଣ୍ଣନା ଯେପରି ଜୀବନ୍ତ ହୋଇ ଉଠିଛି, ପରବର୍ତ୍ତୀ କାଳର ଭରସାରୁ କବିମାନେ ସେହି ସରଣୀର ଅନୁଧାବନ କରିଛନ୍ତି । ପ୍ରାନ୍ତୀୟ ସାହିତ୍ୟର କବିମାନେ ନିଜ ନିଜ କାବ୍ୟରେ ନାୟିକା ରୂପବର୍ଣ୍ଣନାରେ ଦକ୍ଷତା ଦେଖାଇବା ସଙ୍ଗେ ସଙ୍ଗେ ଆଞ୍ଚଳିକ ଦୃଷ୍ଟିଭଙ୍ଗୀରେ ନାୟିକା ରୂପରେଖା ଉପରେ ଲେଖନୀ

ସୂଚନା କରେ । ସେହି ପରମ୍ପରାର ଅନୁକରଣରେ କବି ବଂଶୀଧର ମଧ୍ୟ ନାୟିକାର ରୂପବର୍ଣ୍ଣନା କରିଛନ୍ତି —

\+ \+ \+

"ଗଣ୍ଡ କି କନ୍ଦର୍ପ ଗଣ୍ଡ-ମୋହିନୀର
ମସ୍ତକ ଶୋଭାଏ ଏପରି,
ସୁବର୍ଣ୍ଣ ଭଙ୍ଗାର ଧରି ମଣି କଳସ
ଚକ୍ଷୁ ଆସିଲାର ଘର ।
ଭଲି ଶତଦଳ ଦଳ ନୟନାର
ଶୋଭା! ଚଞ୍ଚଳ ଚକ୍ଷୁଷୀ,
ଯୁବା ଭୁଜ ଧୈର୍ଯ୍ୟ ଦେଖିବାକୁ କି ବଶ
କାମ କଳ୍ପିତ କଳୁଷ ।
ପୀନ କୁଚ କୁମ୍ଭ ସୁଷମା ନମ୍ରାର
ଲଙ୍ଘନ ଲମ୍ବିତ ସୁନା ।
ମନ୍ଦ ମନ୍ଦ ଗତି ଆସିବାରେ ବାଣୀ
ଜାଣେ ଦେଖି ମୋ ବେଦନା ।

× \+ ×

ବଂଶୀଧର ରାଜେନ୍ଦ୍ର ଦେବ କହେ
ଦେଖିଲେ କେ ଦେବ ଏବେ ।"

କବି ବଂଶୀଧର 'ଚୌତିଶ ଶକୁନ୍ତଳା' ଗ୍ରନ୍ଥରେ ନିଜ ପିତା ବୃନ୍ଦାବନଚନ୍ଦ୍ର ରାଜେନ୍ଦ୍ର ଓ ଜ୍ୟେଷ୍ଠଭ୍ରାତା ଜଗନ୍ନାଥ ରାଜେନ୍ଦ୍ରଙ୍କ ନାମରେ କେତେଗୋଟି ଚୌତିଶା ରଚନା କରିଛନ୍ତି ।

"କନ୍ଦ କଳ କୁନ୍ଦ ଜ୍ୱଳ ଦଶନା,
କୃଷି ମୋହିନୀ ମୋରେ ରୁଷି ବସନା;
ସୁଧାରସ ଖାଦ୍ୟ ସୁଧାରେ ଭୁ ଖସ

× × ×

କ୍ଷୁଦ୍ର ଦଶ ଝୀନ ବସନା ।

ବୃନ୍ଦାବନ ବ୍ରଜଇନ୍ଦ୍ର ଦେବରାଜ
କରେ ପାଦ୍ମ ଫରୁମାସନ ।”

“କଣ କହିବ ବସି ଧୀର ଧୀରକୁ ରେ ।
ସେ ଅଟେ ପୂର୍ଣ୍ଣ-ପୁରୁଷଙ୍କୁ ରେ ।
ମୋ ମୁଖକର ଧନ      ରମଣୀମଣି ଧନ
ପ୍ରସନ୍ନ ଓଷ୍ଠେ ଦାସ ଶ୍ରୀରଙ୍କୁ ରେ ।

× × ×

ଶ୍ରୀ ଜଗନ୍ନାଥ ସୁନ୍ଦର ଯୋଗାଡ଼ବର—
ଶାରଙ୍ଗ-ନେତ୍ର ଦେଖ ଠାକୁ ରେ ॥”

## ରାଧାମୋହନ ଗୀତା :—

ବଂଶୀଧର ରାଜେନ୍ଦ୍ରଙ୍କ ନାମରେ ରଚିତ ହୋଇଥିବା 'ରାଧାମୋହନ ଗୀତା' ନାମରେ ଖଣ୍ଡିଏ ନାଟଗ୍ରନ୍ଥ ଦେଖୁ ମିଳେ । ଶାଶୁ ନଣନ୍ଦଙ୍କ ଭୟରେ ଯମୁନାକୁ ଜଳ ଆଣିଯିବା, କୁଞ୍ଜକାନନକୁ ଫୁଲ ତୋଳିଯିବା ତଥା ଚଣ୍ଡୀପୂଜା ଓ ସୂର୍ଯ୍ୟ ପୂଜା ଛଳରେ ରାଧାକୃଷ୍ଣଙ୍କ ମିଳନକୁ ପ୍ରାୟ କୃଷ୍ଣ କାବ୍ୟ ଗୁଡ଼ିକର ବିଷୟବସ୍ତୁ ରୂପେ ପରିଲକ୍ଷିତ ହୁଏ । ଠିକ୍ ସେହିପରି କବି ବଂଶୀଧର ଏକ କାଳ୍ପନିକ ବିଷୟବସ୍ତୁର ଅବଲମ୍ବନରେ ମଧ୍ୟ 'ରାଧାମୋହନ ଗୀତା'ଟି ରଚନା କରିଛନ୍ତି । ନନ୍ଦ ମନ୍ଦିରକୁ ଶ୍ରୀକୃଷ୍ଣଙ୍କ ଲାଗି ଅନ୍ନ ବ୍ୟଞ୍ଜନ ରନ୍ଧନ କରିବା ଛଳରେ ରାଧାଙ୍କ ଆଗମନ ଏବଂ ସେହି ଅବସରରେ ରାଧାକୃଷ୍ଣଙ୍କ ମିଳନ ତଥା ରାଧାଙ୍କ ଭୁଜ ଛନ୍ଦାଇବା ବ୍ୟାଜରେ କୃଷ୍ଣ ରାଧାଙ୍କ ଲୀଳା ଛନ୍ଦର ବିଷୟବସ୍ତୁ । ଗ୍ରନ୍ଥର ପ୍ରାରମ୍ଭରେ କବି ଅନୁପ୍ରାସ ପୂର୍ଣ୍ଣ ପଦାବଳୀ ବିନ୍ୟାସ ଦ୍ୱାରା କବିତାଟିଏ ରଚନା କରି ସମୁଦାୟ ଗ୍ରନ୍ଥଟିର ମହତ୍ତ୍ୱ ବୃଦ୍ଧି କରିଛନ୍ତି—

“ମୁକ୍ତ-ମଞ୍ଜରୀ-ମଣ୍ଡନ ଆଜି ହେ ।
ମଣ୍ଡି ଏ ବଦନ ଖଣ୍ଡିଲ ମୋ ମନ
ସରୋଜ-କଦନ ଦ୍ୱିଜ ହେ ।

× × ×

ନତ ଭୁଲି ଭୁଲି ମନ ହାଉଛି,
କଳଙ୍କିନି ହୋଇଲିଣି ଥିଉଛି ।
କି ଅବା ସେ ବନ ଦେବାର ନୟନ
ଚଢ଼ି ଚାହୁଁଗଲା ଗଜ ହେ ।"

## ରହାସ ଲୀଳା :—

'ରହାସଲୀଳା' ନାମରେ ଖଣ୍ଡିଏ ଗ୍ରନ୍ଥର ଭଣିତାରେ ମଧ୍ୟ ବିଶ୍ୱମ୍ଭର ରାଜେନ୍ଦ୍ରଙ୍କ ନାମ ଭଣିତା ହୋଇଥିବାର ଦେଖାଯାଏ । କୁଞ୍ଜବନର ଲତା ଗୃହରେ ମଦନରସର ନଟନାଗରଙ୍କ ସହିତ ନାରଙ୍ଗ ଯୁବ କୃଷ୍ଣଙ୍କୁ ମୁଗ୍ଧା ରାଧା ଓ ମୁରଲିମନୋହାରିଣୀ ଗୋପବାଳାଙ୍କ ରାସଲୀଳା ହିଁ ଗ୍ରନ୍ଥର ବିଷୟବସ୍ତୁ । ରାଧା କୃଷ୍ଣଙ୍କ ଭକ୍ତି ପ୍ରବୃତ୍ତି ମୂଳକ ଗୋଟିଏ କବିତା ଉଦାହରଣ ସ୍ୱରୂପ ଉଦ୍ଧୃତ ହେଲା ।

"ମୁରଲି ବାଣୀ ହେ, ଏ ଭୁବନ ଜଗତରେ ଜାଣି ହେ ।
କଞ୍ଜ ଲଳିତତର ରଞ୍ଜନ ମୁଖ-ମଣ୍ଡଳ
ଅଞ୍ଜନ-ତନୁ ଶୋଭ କଞ୍ଜ ନୟନ ହେ ।
× × ×
ଚଞ୍ଚଳ ନୟନ ! ଏ ସଞ୍ଚ ବଶିଖ-ବନ୍ଧୁ ବଞ୍ଚନ-କାରୀ
ଘନ ଘଞ୍ଚୁ ଲୁଣ୍ଠ କେଶୀ ।
× × ×
ଘନ ବର୍ତ୍ତିକ ଧନ ନାଳନ ଜଳ କୁଚ
ତାଳି ଦେଇ ମୋର ଅଙ୍ଗରେ ଖୋଳି ଦେଇ ଝୁଲି ଗନ୍ଥୁ ।"

ଏହି ଗ୍ରନ୍ଥଟି 'ରସିକ ରହାସ' ନାମରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ପ୍ରକାଶ ପାଇଛି ।

ପ୍ରସ୍ତୁତ ପ୍ରବନ୍ଧରେ ବର୍ଣ୍ଣିତ ଗ୍ରନ୍ଥଗୁଡ଼ିକ ବ୍ୟତୀତ ବିଶ୍ୱମ୍ଭର ରାଜେନ୍ଦ୍ରଙ୍କ ନାମରେ ଭଣିତା ଅନେକ ଖଣ୍ଡ କବିତା ଖୋଜିଲେ ମିଳେ । ସେ ଗୁଡ଼ିକର ବିସ୍ତୃତ ବର୍ଣ୍ଣନା ଏ କ୍ଷୁଦ୍ର ପ୍ରବନ୍ଧରେ ସମ୍ଭବ ନୁହେଁ । ଏ ବି

ଏହି ପ୍ରବନ୍ଧରେ ବର୍ଣ୍ଣିତ ଦୁ'ଖଣ୍ଡି ମୁଦ୍ରିତ ଗ୍ରନ୍ଥ ବ୍ୟତୀତ ଆଉ ଯେ ଅନ୍ୟଗ୍ରନ୍ଥ ନାହିଁ ତା କହିବା ସମ୍ଭବ ନୁହେଁ । ଆଲୋଚନା ଫଳରେ ବିଶ୍ୱମ୍ଭରଙ୍କ ରଚିତ ଆହୁରି କେତେଖଣ୍ଡି ଗ୍ରନ୍ଥ ମିଳିପାରେ ।

**କିଶୋରଚନ୍ଦ୍ର ରାଜେନ୍ଦ୍ର :—**

ବିଶ୍ୱମ୍ଭର ରାଜେନ୍ଦ୍ରଙ୍କ ଦୁଇ ପୁତ୍ର ମଧ୍ୟରୁ ଜ୍ୟେଷ୍ଠ କିଶୋର ଚନ୍ଦ୍ର ରାଜେନ୍ଦ୍ର ପ୍ରାୟ ଖ୍ରୀ:ଅ: ୧ ୮୨ରେ ଜଗତୀ ସିଂହାସନ ଅଳଂକୃତ କରିଥିଲେ । ତାଙ୍କ କୃତ 'ଉଦବଗ୍ୟ ମାଧବ ନାଟକ', 'ରାଧା ପ୍ରେମଲୀଳା', 'ବସନ୍ତରାସ', 'ସୁଲକ୍ଷଣ ଚମ୍ପୂ', 'ଚନ୍ଦନ ଯା ଶ୍ରୀପାଳି' ଓ 'କିଶୋର ଚନ୍ଦ୍ର ଗୀତ' ପ୍ରଭୃତି ଗ୍ରନ୍ଥ ଦେଖିବାକୁ ମିଳେ । ଏତଦ୍ ବ୍ୟତୀତ କିଶୋରଚନ୍ଦ୍ର 'ରଘୁନାଥ ବିଳାସ' ନାମରେ ଖଣ୍ଡିଏ ଗ୍ରନ୍ଥ ଲେଖିଥିଲେ ବୋଲି ଶ୍ରୀ ଶ୍ୟାମସୁନ୍ଦର ପାଣିଗ୍ରାହୀ 'କବିବର ରାଧାମୋହନ' ନାମକ ପୁସ୍ତକ (୧୮ଶ ପୃଷ୍ଠାରେ ଲେଖିଛନ୍ତି । ଏହାଙ୍କ ସମ୍ବନ୍ଧରେ ତାଙ୍କ ପୁତ୍ର ରାଧା ମୋହନ ରାଜେନ୍ଦ୍ର 'ପ୍ରେମ ମଞ୍ଜରୀ' କାବ୍ୟରେ ଲେଖିଛନ୍ତି—

"ତାଙ୍କ ଜ୍ୟେଷ୍ଠ ପୁତ୍ର ମୋର ପିତୃଦେବ
ଶ୍ରୀ କିଶୋର ଚନ୍ଦ୍ର ରାଜେନ୍ଦ୍ର ।
ନୃପ ହୋଇ ଅଷ୍ଟାଦଶ ଅବ୍ଦ ଭଲେ
ଉଦବସ୍ଥ ମାଧବ ଅନୁବାଦ ।"

କିଶୋର ଚନ୍ଦ୍ରଙ୍କ ନାମରେ ଲିଖିତ ହୋଇଥିବା ଗ୍ରନ୍ଥ ଗୁଡ଼ିକ ମଧ୍ୟରୁ 'ରାଧା ପ୍ରେମଲୀଳା' ନାଟକଟି ତାଙ୍କ ପିତା ବିଶ୍ୱମ୍ଭର ରାଜେନ୍ଦ୍ରଙ୍କ ଦ୍ୱାରା ପ୍ରଣୀତ ହୋଇଥିଲା । ଏ ସମ୍ବନ୍ଧରେ ସମାଲୋଚକ ଶ୍ୟାମସୁନ୍ଦର ପାଣିଗ୍ରାହୀ ତାଙ୍କ ପୁସ୍ତକରେ ଲେଖିଛନ୍ତି

"ଏ ବିଶ୍ୱମ୍ଭର ରାଜେନ୍ଦ୍ର ଜଣେ ଉଚ୍ଚ ଧରଣର ଭକ୍ତ କବି । ଯେଉଁ 'ରାଧା ପ୍ରେମ ଲୀଳା'ର ଅଭିନୟ ଆମ ଦେଶର ପୁର ପଲ୍ଲୀରେ ହୋଇ ଆସୁଛି, ତା'ର ରଚୟିତା ହେଉଛନ୍ତି ଜଗତୀର ରାଜା ବିଶ୍ୱମ୍ଭର ରାଜେନ୍ଦ୍ର

ଦେବ । ସେହି ମନ୍ଦାସଣା ନରପତି ଏହି ଲୀଳା ରଚନା କରି 'ଶ୍ରୀମ୍ ଶ୍ରୀ କିଶୋର ଚନ୍ଦ୍ରଙ୍କ ନାମରେ ଭଣିତା କରିଥିଲେ ।"

(ରାଜକବି ରାଧାମୋହନ, ପୃଷ୍ଠା—୧୦)

ଏ ସମ୍ବନ୍ଧରେ ଅନ୍ୟତ୍ର ମଧ୍ୟ କିମ୍ବଦନ୍ତୀ ଶୁଣାଯାଏ ଯେ ରଘୁନାଥ ରାଜଗୁରୁ ନାମକ ଜଣେ ପଣ୍ଡିତ ଏହି ଗ୍ରନ୍ଥଟି ରଚନା କରି ରାଜକବି ବିଶ୍ୱମ୍ଭରଙ୍କ ଆଦେଶରେ ଯୁବକୁମାର କିଶୋର ଚନ୍ଦ୍ରଙ୍କ ନାମରେ ଭଣିତା କରିଥିଲେ । ଠିକ୍ ସେହିପରି ଅନ୍ୟାନ୍ୟ ପୁସ୍ତକ ଗୁଡ଼ିକ ସମ୍ବନ୍ଧରେ ମଧ୍ୟ ଏତାଦୃଶ କିମ୍ବଦନ୍ତୀ ରହିଛି । କିଶୋର ଚନ୍ଦ୍ରଙ୍କ ଗ୍ରନ୍ଥ ଗୁଡ଼ିକ ସମ୍ବନ୍ଧରେ ସଂକ୍ଷିପ୍ତ ଆଲୋଚନା ନିମ୍ନରେ ପ୍ରଦତ୍ତ ହେଲା ।

**ଝୁଲଣ ଚମ୍ପୂ :—**

ରାଧା ସମେତ ଗୋପୀମାନେ ବନରୁ ପୁଷ୍ପଚୟନ କରୁଥିବା ବେଳେ କୃଷ୍ଣଙ୍କ ସହିତ ଭେଟ ଏବଂ କୃଷ୍ଣଙ୍କୁ ବନଫୁଲରେ ମଣ୍ଡନ କରି ହିନ୍ଦୋଳରେ ବସାଇ ଝୁଲାଇବା ଦେଖାଇଛି ଗ୍ରନ୍ଥଟିର ବିଷୟବସ୍ତୁ । ଗ୍ରନ୍ଥଟି କ୍ଷୁଦ୍ର ହେଲେ ହେଁ ଗଦ୍ୟ ଓ ପଦ୍ୟ କବିତା ଦ୍ୱାରା ଖୁବ୍ ମନୋଜ୍ଞ ହୋଇଛି । ଗଦ୍ୟ-କବିତାରୁ ଗୋଟିଏ ଉଦ୍ଧୃତାଂଶ ପ୍ରଦତ୍ତ ହେଲା—

"ଶ୍ରୀ ମନ୍ମହିକର୍ଣ୍ଣୀ ରାଜ୍ୟାଧିପ ନୃପକଳାପକଶ୍ଚେତ୍ ଚିତ୍ତ ମୁକୁଟ ମଣି ଶ୍ରୀ ଶ୍ରୀ ଶ୍ରୀ ବିଶ୍ୱମ୍ଭର ବୀରେନ୍ଦ୍ର ଦେବ-ତନୁଭବ ଯୁବକବର ମଣ୍ଡଳ—ମୁକୁଟାଳଂକାରହାର ଶ୍ରୀ କିଶୋର ଚନ୍ଦ୍ର ବର୍ଣ୍ଣିତ—ପଦାରବିନ୍ଦ ଦ୍ୱନ୍ଦ୍ୱ ଲୁବ୍ଧନ ସୁନ୍ଦରୀ ରାଧାଙ୍କୁ ବାଧା ନ ଘଟିଲା ପରି ବନ୍ଧୁର ଗୁରୁ ସ୍ନେହ ଅନୁରାଗଜ ମାନେ ବାରିଜ ଦଳ ବତ୍ସଳ ସରଣୀରେ ମଣିମା ପୁର ଭଣିମାରେ ଅଣିମାଦ୍ୱ ସୁଖଦାୟୀ ହୋଇ ବୃନ୍ଦାରକ ମନମୋହନ ବୃନ୍ଦାବନକୁ ବାହାରିଲେ ।"

**ଚାଂଦନ ଯାତ୍ରା ଡାଲି :—**

ଗ୍ରୀଷ୍ମ କାଳରେ ରାଧା ମାଧବ ଓ ଗୋପୀମାନେ ଚନ୍ଦନ ଖେଳରେ ମାତି ଜଳ ଉପରେ ମଜ୍ଜିବା ହିଁ ଏ ଗ୍ରନ୍ଥର ବିଷୟବସ୍ତୁ । କେବଳ

ଉଦାହରଣ ସ୍ୱରୂପ ଗ୍ରନ୍ଥର ମୂଳ ଓ ଶେଷରୁ କେତେକାଂଶ ଏଠାରେ ପ୍ରଦତ୍ତ ହେଲା ।

ଆରମ୍ଭ —

"ଦେଖ ଗୋ ସଙ୍ଗାତ ଏ ଚନ୍ଦନ ଯାତ
କାହ୍ନଂ ଥିବ କି ସେ ରୂପରେ ।
ଯା ନୟନ ଭୃଙ୍ଗୀ ନାହ୍ନଂ ପ୍ରିୟସଖୀ
ଜାଣି ପେଖୁ ସଖୁ ରୂପରେ ।"

× × ×

ଶେଷ —

"ଏଣୁ ଚୋର ଟସ ଛଇଳାଙ୍କ ଦାସ
ହୃଦ ରଖିଥିଲେ ଗୋପରେ ।
ଲୁମ୍ଭ ସୁନା ମନ-ଖେଦ ଦଇଛି ଏ
କମ୍ବୁକଣ୍ଠୀ ଜମ୍ବୁ ଦ୍ୱୀପରେ ।
ଭାସ୍ତୁଜା ବନ୍ଧୁଣ୍ଡା ଆସ୍ରବ ସରିଲା
ଅନ୍ତୁଣ କରୁଣ ଲେଖରେ ।
ଖେଳି ଗଲେ ପୁରେ ଶ୍ରୀ କିଶୋର ଚନ୍ଦ୍ର
ଧ୍ୟାୟିଲ ସେ ସୁବ ଭୂପରେ ।"

## କିଶୋର ଚଂଦ୍ର ଘାଲି :—

ସୁନ୍ଦରୀ ଚନ୍ଦ୍ରାବଳୀଙ୍କୁ ପାଇବାଲାଗି କୃଷ୍ଣଙ୍କ ବିରହ ଓ ନାନାପ୍ରକାର ବେଶଧାରଣ ପରେ କୁଙ୍କୁମବାଦ ସଖୀମାନଙ୍କ ଚେଷ୍ଟାରୁ ଗୌରୀ ପୂଜା-ବେଳେ କୃଷ୍ଣଙ୍କ ସହିତ ଚନ୍ଦ୍ରାବଳୀଙ୍କ ମିଳନହିଁ ଏ ଗାଳିର ବିଷୟବସ୍ତୁ । କବି ଏହାକୁ ଏକ ନାଟକ ଢଙ୍ଗରେ ଲେଖିଛନ୍ତି । ଗ୍ରନ୍ଥଟିରେ ପ୍ରାୟ ଚଉଦ ଅକ୍ଷର ବିଶିଷ୍ଟ ପଦ ରହିଛି ଏବଂ ମଧ୍ୟେ ମଧ୍ୟେ କେତେଗୁଡ଼ିଏ ଚଉପଦୀଦ୍ୱାରା ନାଟକଟିକୁ ସର୍ବାଙ୍ଗ ସୁନ୍ଦର କରାଯାଇଛି । ଏ ସମ୍ବନ୍ଧରେ ଗ୍ରନ୍ଥର ପ୍ରସ୍ତାବନାରୁ କେତେକ ସୂଚନା ମିଳେ ।

"ଅଳପ କଟାକ୍ଷ ହେବେ ହୋଇବ ଭ୍ରମର,
ଏ ଗାଲ୍ ନାଟକ ନପା ହୋଇଯିବ ପାର ।

× × ×

ତନୁପ ଅଷରେ ଏହା ଚରିତ କହୁତ,
ମଧ୍ୟରେ ମାଝକ ତତ୍ତ୍ୱପଦ ଲଗାଇବ ।

× × ×

ଯେଣୁ ମୋର ଶ୍ରୀ କଶୋରଚନ୍ଦ୍ର ନାମ ହେଲା,
ନାମ ହେଲା ଏହାକୁ କଶୋର ଚନ୍ଦ୍ର ଚଂପୁ ।"

କବ ଅନ୍ୟାନ୍ୟ ନେକେକ ଗ୍ରନ୍ଥରେ ତେଲଙ୍ଗୀ ସ୍ୱରରେ ଗୀତ ରଚନା କରିଥିବାର ପ୍ରମାଣ ମିଳେ । ଏ ଗ୍ରନ୍ଥ ରଚନାରେ ସେ ଅଦୌ ତେଲଙ୍ଗା ପ୍ରଭାବରେ ପ୍ରଭାବିତ ନହୋଇ କେବଳ ଓଡ଼ିଶୀ ରାଗରାଗିଣୀ ରଚନା କରନ୍ତି ବୋଲି ପ୍ରସ୍ତାବନାରେ ତାଂର ସୂଚନା ଦେଇଛନ୍ତି ।

"ତେଲଙ୍ଗା ଦେଶର ଗାଣା ଏଥେ ମାତ୍ର ନାହିଁ ।

× × ×

ଓଡ଼ିଶୀ ଦେଶର ଗାଣ ବଡ଼ିଶୀ ହୋଇବ,
ତାହାଙ୍କ ମନ ମୀନକୁ ଝିଙ୍କି ଘେନ ଯିବ ।"

ଗ୍ରନ୍ଥରେ ବର୍ଣ୍ଣିତ ଚମତ୍କାର କବିତା ମଧ୍ୟରୁ ଟିକ୍ ପ୍ରସ୍ତାବନା ହେଉ ଚନ୍ଦ୍ରାବଳୀ ଲଳିତାଙ୍କୁ ଦେଖାଇ କୃଷ୍ଣଚନ୍ଦ୍ରଙ୍କ ଯଶୋବର୍ଣ୍ଣନାଟି ଏଠାରେ ଉଦାହରଣ ସ୍ୱରୂପ ପ୍ରଦତ୍ତ ହେଲା ।

"ଲଳିତା, ଏ ବ୍ରଜ ବଜାରର ହାଟରେ,
ନନ୍ଦ ସିଂହଦ୍ୱାର ବାଟ ଲୋ,
ଗୃହାଂ ଗୃହାଂ ନୂଆ ନଟ ଲୋ ।
ଏହି ସ୍ଥାନେ କରେ ନାଟ ଲୋ,
ମାଗଇ ଏଠାରେ ଘାଟ ଲୋ ।
ଏହିଟି ଯମୁନା ଘାଟ ଲୋ,
ଦେଖିବ ହେଲା ଗୋପୀ ଠାଟ ଲୋ ।

କୁଞ୍ଜେ ପଡ଼ିଅଛି ଖଟ ଲୋ,
ରାଧାଙ୍କୁ ଲଗିଲା ଲାଟ ଲୋ ।

× × ×

ଶ୍ରୀ କିଶୋରଚନ୍ଦ୍ର (ବୋଲେ) ଭାଟ ଲୋ ।"

'ବସନ୍ତ ରାସ' ଗ୍ରନ୍ଥଟି ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀଦ୍ୱାରା ପ୍ରକାଶ ପାଇଛି । ଏହା ମଧ୍ୟ ନାଟକ ଆକାରରେ ଲେଖା ଯାଇଛି । ଏଥିରେ ତେଲୁଗୁ, ହିନ୍ଦୁସ୍ଥାନୀ ଓ ବଙ୍ଗଳା ଗୀତର ସ୍ୱରସରିଣୀ ଅବଲମ୍ବନରେ ଗୀତ ରଚନା କରାଯାଇଛି ।

## ରାଧା ପ୍ରେମ ଲୀଳା :—

ଏହି ଗ୍ରନ୍ଥଟି ମଧ୍ୟ 'ରାଧା ପ୍ରେମମାଳା' ନାମରେ କଥିତ ହୁଏ । ଏହା ଗୋଟିଏ ନାଟକ ଗ୍ରନ୍ଥ । ସଂସ୍କୃତ ନାଟକ ଗୁଡ଼ିକରେ ଯେପରି ସର୍ବ ପ୍ରସ୍ତାବନାରେ କବି ନିଜର ତଥା ଗ୍ରନ୍ଥ ସମ୍ବନ୍ଧରେ ସୁବିସ୍ତୃତ ବିବରଣୀ ଦେଇଥାନ୍ତି, 'ରାଧା ପ୍ରେମମାଳା' ଗ୍ରନ୍ଥର ପ୍ରସ୍ତାବନାରେ ମଧ୍ୟ କବି ସେହିପରି ବିସ୍ତୃତ ବିବରଣୀ ଦେଇଛନ୍ତି ।

"ମଞ୍ଜୁଳ ଲୋଲ କଲ୍ଲୋଳମାଳା କଳିତ-କଳିନ୍ଦ ନନ୍ଦିନୀଙ୍କ ତଟ ନିକଟ ମାଧବୀ ମଣ୍ଡପ ସମୀପରେ ନିତମ୍ବିନୀକୁଳ କାମଦା ନାମ୍ନୀ ଗଜେନ୍ଦ୍ର-ଗମନଙ୍କ ସ୍ୱପ୍ନ ଉତ୍ପାତ ଅଙ୍କରୁ ବାହାରିଥିଲା ସେହି ବୈଷ୍ଣବସଙ୍ଗ ଭଙ୍ଗିରେ ନଟ ପ୍ରବେଶ ହୋଇ ଏମନ୍ତ ବୋଲୁଅଛି ।

× × ×

ଅହୋ ! ଭୂତଳ ଅତୁଳିତ ସକଳ ଗୁଣବିଦ୍ୟା ବିଦ୍ୟା ପଣ୍ଡିତ-ମଣ୍ଡଳୀଳଙ୍କାର ଜୟ ବିଜୟଧ୍ୱଜ ଶ୍ରୀ ବିଶ୍ୱମ୍ଭର ରାଜେନ୍ଦ୍ର ଦେବରାଟ୍-ପାଟତନୁଜ ମହାନାଗ ଧ୍ୱଜବର କିଶୋରଚନ୍ଦ୍ର ନାମା ସରସିଜ ଲୁବ୍ଧର ଶ୍ରୀ ରାଧା ପ୍ରେମମାଳା ନାଟକରେ ରାଧା ଚନ୍ଦ୍ରାବଳୀ ଲଳିତା ଆଦି ସଖୀମାନେ କିମ୍ପା ହୋଇ କୋପରେ ବିହରିଲେ କିପରି ?"

କବି ମଧ୍ୟ ମଙ୍ଗଳାଚରଣ ଗୀତରେ ଗ୍ରନ୍ଥର ନାମ ଆଦି ଉଲ୍ଲେଖ କରିବା ସଙ୍ଗେ ସଙ୍ଗେ ନିଜର ଗର୍ବ ପରିହାର କରିଛନ୍ତି—

"ଦେବୀ ରାଧାଙ୍କର ପ୍ରେମ ମାଳା ସାର
ଗୀତରେ ବର୍ଣ୍ଣିବାକୁ ହୋଇ ଲାଳସୀ,
ରାଜେନ୍ଦ୍ର ତନୁଜ ଶ୍ରୀ କିଶୋର ଚନ୍ଦ୍ର
ବନ୍ଦୁଛି ଅମଳ ଶୁଭ ମନାସି ।
ଦୁର୍ଜ୍ଜନ ଛାଡ଼ି, ଅଳପ ବୁଝି
ଦେବେ ଯେବେ ଯିବ ନିନ୍ଦାରେ ଖସି ।
କୃଷ୍ଣ ଦେବ ଏଥି କୃପା ବରଷି ।"

କବି କିଶୋର ଚନ୍ଦ୍ରଙ୍କ ରଚିତ ବିଦଗ୍ଧ ମାଧବ ନାଟକଟି ରୂପଗୋସ୍ୱାମୀଙ୍କ 'ବିଦଗ୍ଧ ମାଧବ' ( ସଂସ୍କୃତ ) ଅବଲମ୍ବନରେ ରଚିତ ହୋଇଛି । ଏହା ମଧ୍ୟ ୧୯୧୦ ସାଲରେ ପ୍ରକାଶ ପାଇଛି ।

କବି କିଶୋରଚନ୍ଦ୍ର ରାଜେନ୍ଦ୍ରଙ୍କ ସହୋଦର ଭ୍ରାତା ପୀତାମ୍ବର ଭ୍ରମରବର ଦେବ 'ଜାନକୀ ବିଳାସ' ନାମକ ଏକ ଖଣ୍ଡକାବ୍ୟ ରଚନା କରିଛନ୍ତି । ପୁସ୍ତକଟି ୧୯୧୧ରେ ଆମ୍ଭେ ପ୍ରକାଶ କରିଛୁ ।

ଏ ପ୍ରବନ୍ଧରେ ବର୍ଣ୍ଣିତ ଗ୍ରନ୍ଥଗୁଡ଼ିକ ବ୍ୟତୀତ କବି କିଶୋର ଚନ୍ଦ୍ର ଓ ପୀତାମ୍ବର ଭ୍ରମରବର ଦେବଙ୍କ ରଚିତ ଆହୁରି କେତେ ଖଣ୍ଡି ଗ୍ରନ୍ଥ ପୁଣି ଲେଖକ ଲୋଚନର ଅଗୋଚରରେ ରହିଥିବା ଅସମ୍ଭବ ନୁହେଁ ।

ରାଧାମୋହନ ରାଜେନ୍ଦ୍ର :— କିଶୋରଚନ୍ଦ୍ର ରାଜେନ୍ଦ୍ରଙ୍କ ପରେ ରାଧାମୋହନ ରାଜେନ୍ଦ୍ର ଝକଟୀ ସିଂହାସନ ମଣ୍ଡନ କରିଥିଲେ । ରାଧାମୋହନଙ୍କ ବ୍ୟକ୍ତିଗତ ଜୀବନ ଯାହା ଥାଉନା କାହିଁକି ସାହିତ୍ୟିକ ହିସାବରେ ତାଙ୍କର ଆସନ ଶୀର୍ଷସ୍ଥାନ ଅଧିକାର କରିଥିଲା । ସେ ସ୍ୱ ପ୍ରତିଭା ବଳରେ ଅନେକ ଗ୍ରନ୍ଥ ରଚନା କରିଥିଲେ । ତନ୍ମଧ୍ୟରୁ କେତେଖଣ୍ଡି ନାଟକ, କାବ୍ୟ ଓ ପଦ୍ୟାବଳୀ ପାଠ କରିବାର ସୁଯୋଗ ଲାଭ ହୋଇଛି । ସେଗୁଡ଼ିକର ସଂକ୍ଷିପ୍ତ ଆଲୋଚନା ନିମ୍ନରେ ପ୍ରଦତ୍ତ ହେଲା ।

**ପ୍ରେମ ମଞ୍ଜରୀ କାବ୍ୟ** :— ଗ୍ରନ୍ଥଟି ୧୯୧୩ ସାଲରେ ଆମ୍ଭ ପ୍ରକାଶ ଲାଭ କରିଥିଲା । ଏହା ଛବିଶଟି ସର୍ଗରେ ପୂର୍ଣ୍ଣ ହୋଇଛି । କାଶ୍ମୀର ରାଜା ବୀରସେନଙ୍କ କନ୍ୟା ପ୍ରେମ ମଞ୍ଜରୀ ସହିତ ବିଦର୍ଭ ଦେଶର ରତ୍ନପୁର ରାଜା ରାଜଶେଖରଙ୍କ ପୁତ୍ର ଶୂରସେନଙ୍କ ମିଳନହିଁ ଗ୍ରନ୍ଥର ବିଷୟବସ୍ତୁ । ଉକ୍ତ ଗ୍ରନ୍ଥରେ କବି ରାଧାମୋହନ କବିସମ୍ରାଟ ଭଞ୍ଜ ଆଦି କବିମାନଙ୍କ ପରି ଶବ୍ଦାଳଂକାରର ଚତୁରାଳୀ ଦେଖାଇବାରେ ବହୁ ଯତ୍ନ କରିଅଛନ୍ତି । ତନ୍ମଧ୍ୟରୁ 'ଏକାକ୍ଷରୀ' ଓ 'ଦ୍ୟକ୍ଷରୀ'ର ଦୁଇଟି ଉଦାହରଣ ପ୍ରଦତ୍ତ ହେଲା—

"ଶ୍ରସ୍ୟା ସୁଶଂସା ସାଶେଷ ଶେଷଶୋଷ ଶଂସ୍ୟା,
ଶଂସ୍ୟା ଶଶିଶିଶ ସେ ଶଶ୍ୟାସ୍ୟା ଶଶିଶଂସ୍ୟା ।

ଦ୍ୟକ୍ଷରୀ— ଧୁରାରି ଧୁରଧର ଧାର ଧର ଧାର ଧର
ଧର ଧୁର ଧାର ଧୀର ଧରାଧର ଧୀର ।"

କବି ଉକ୍ତ ଗ୍ରନ୍ଥଟିକୁ ରଘୁନାଥ ବିଶ୍ୱାସବାବୁ ( ଷଡ଼୍‌ଦର୍ଶନବେତ୍ତା ), ଗଦାଧର ବିଦ୍ୟାଭୂଷଣ ଓ ରାଧାମୋହନ ଶର୍ମା ଆଦି ପଣ୍ଡିତଙ୍କ ସାହାଯ୍ୟରେ ୧୯୧୨ ମସିହା ଜ୍ୟେଷ୍ଠ କୃଷ୍ଣାଷ୍ଟମୀ ଶୁକ୍ରବାରରେ ସମ୍ପୂର୍ଣ୍ଣ କରିଥିଲେ ।

**ପ୍ରକୃତି ବର୍ଣ୍ଣନ** :—

ଗ୍ରନ୍ଥଟିରେ ଷଡ଼୍‌ଋତୁର ବର୍ଣ୍ଣନା ଅତି ଚମତ୍କାର ଭାବରେ କରାଯାଇଛି । ହେମନ୍ତ ଋତୁରୁ ଆରମ୍ଭ କରାଯାଇ ଶରତ୍ ଋତୁରେ ଶେଷ କରାଯାଇଛି । ଗ୍ରନ୍ଥଟି ୧୯୬୧ ସାଲରେ ପ୍ରକାଶିତ ହୋଇଛି । ଗ୍ରୀଷ୍ମ ବର୍ଣ୍ଣନା ପ୍ରସଙ୍ଗରେ କବି ଲେଖିଛନ୍ତି—

"ଓକିଲଙ୍କ ଗୁଣ ଧରି ମଶାଗଣ ଦଂଶିଲେ ଜନଙ୍କୁ ଯାହା,
ଅକ୍ଷତ ଦଶନା ବୃଦ୍ଧ ବାରଙ୍ଗନା ଚୁମ୍ବନରୁ ଲାଗେ ତାହା ।"

**ପ୍ରକ୍ରମ ପଦ୍ୟାବଳୀ** :—ଗ୍ରନ୍ଥଟିରେ ସ୍ତବ, ଜାତୀୟ ସଂଗୀତ, ଋତୁ ବର୍ଣ୍ଣନା ଓ ଆଦି ରସାତ୍ମକ କବିତା ସମ୍ବଳିତ ପ୍ରାୟ ଶହେଟି ପଦ୍ୟ ସ୍ଥାନ

ଥାଇଛି । ତନ୍ମଧ୍ୟରେ ଓଡ଼ିଆ ଜାତି ଉଦ୍ଦେଶ୍ୟରେ ଆହ୍ୱାନ ଜଣାଇ କବି ସ୍ୱଜାତି-ପ୍ରବଣତାର ପରିଚୟ ଦେଇଛନ୍ତି—

"ଚେତିଲେଣି ଦେଶ ସକଳ,
ଏତେବେଳେ କିମ୍ପାଇଁ ଜଡ଼ ଉତ୍କଳ ।

× × ×

ଉଠ ଉଠ ପ୍ରିୟ ଭାଇ    ମତ କରେ 'ଶ୍ରମ' ନାହିଁ
ଶଠପଣ ନ ଦେଖାଇ ପୌରୁଷ ଟାଳ,
ଚିର ଗୌରବକୁ ଦୂର    ଶତ୍ରୁ ଦୂରତର କର
ସ୍ଥିତ ଯଥେ ଗଜପୁରବର କାଳ ।"

ପ୍ରତାପ ନାଟକ :—

ବଙ୍ଗଳାର ପ୍ରସିଦ୍ଧ ନାଟ୍ୟକାର ଦ୍ୱିଜେନ୍ଦ୍ରଲାଲ ରାୟଙ୍କ ରାଣା ପ୍ରତାପ ସିଂହ ନାଟକ ଅବଲମ୍ବନରେ କବି ଏହି ନାଟକଟିକୁ ରଚନା କରି-ଥିବାର ଆଭାସ ଉକ୍ତ ଗ୍ରନ୍ଥର ମୁଖବନ୍ଧରୁ ମିଳେ । ନାଟକଟି ପାଞ୍ଚ ଅଙ୍କ ବିଶିଷ୍ଟ ।

**ପ୍ରକୃତି ପ୍ରଣୟ**—ଗ୍ରନ୍ଥଟି ଛଅ ଅଙ୍କ ବିଶିଷ୍ଟ ଏକ ସାମାଜିକ ନାଟକ । ଦୁଃସ୍ଥାବସ୍ଥାପନ୍ନ ହିନ୍ଦୁ ସମାଜର ସଂସ୍କାର ଉଦ୍ଦେଶ୍ୟରେ ନାଟକଟିର ଅବତାରଣା । ନାଟକଟିର ସମୁଦାୟ ଅଭିନେତା ଅଭିନେତ୍ରୀ ମିଶି ପ୍ରାୟ ୫୬ ଜଣ, ତନ୍ମଧ୍ୟରେ ବନବାସୀଙ୍କର ମଧ୍ୟ ଭୂମିକା ରହିଛି ।

କବି ପ୍ରାଚୀନ ସଂସ୍କୃତ ଛନ୍ଦ ଅନୁକରଣରେ ମଧ୍ୟ ଗୀତ ରଚନା କରୁଥିଲେ । 'ପ୍ରକୃତି ପ୍ରଣୟ' ନାଟକର ଶେଷ ପଦ୍ୟଟି ସଂସ୍କୃତ ଛନ୍ଦ ଶାସ୍ତ୍ରର ଶିଖରିଣୀ ବୃତ୍ତରେ ଲେଖା, ତାହା ଏଠାରେ ପ୍ରଦତ୍ତ ହେଲା ।

"ଜଗତେ ହୃଷ୍ଟାପୋଷେ ବସଧା ଗୁଣ ଅର୍ଜନ୍ତୁ ଅବଧେ,
ମଦନ ପ୍ରାଣେ ବୀର୍ଯ୍ୟ ପ୍ରକଟନ କରନ୍ତୁ ସ୍ଥିରତରେ ।
ସମାଜ-ବ୍ୟୋମେ ସ୍ତ୍ରୀ-ଗଉରବ ଶଶୀ ଖେଳନ କରନ୍ତୁ
ସଦା ବର୍ଷନ୍ତୁ ସଭ୍ୟ ପ୍ରଣୟ ମହିମା ଶାନ୍ତି ବଢ଼ନ୍ତୁ ।"

**ପ୍ରକୃତି ରହସ୍ୟ :—**

ଏହି ଗ୍ରନ୍ଥଟି ଗୋଟିଏ ପଞ୍ଚ ଅଙ୍କ ବିଶିଷ୍ଟ ନାଟକ । କବିଙ୍କ ଭାଷାରେ ଗ୍ରନ୍ଥଟି "ବିବିଧ ରସାତ୍ମକ ଓ ଷଟ ସନ୍ଧ୍ୟାନ ସମ୍ବଳିତ ପ୍ରାଚୀନ ନୟନ-ମନ—ପରିତୋଷକ ପ୍ରକୃତିର ଶାନ୍ତିଦ୍ୟୋତକ ସଦୁପଦେଶ ଗର୍ଭକ ରୂପକ" ଅଟେ ।

**ପ୍ରେମ ତରଙ୍ଗ :—**

ଗ୍ରନ୍ଥଟି ବାଣ ଭଟ୍ଟଙ୍କ ରଚିତ କାଦମ୍ବରୀ କଥାବସ୍ତୁର ଅବଲମ୍ବନରେ ରଚିତ ଏକ ସାତ ଅଙ୍କ ବିଶିଷ୍ଟ ନାଟକ । ଏ ଗ୍ରନ୍ଥର ଭରତ ବାକ୍ୟରେ କବି ମଧ୍ୟ ସଂସ୍କୃତ ଛନ୍ଦ ବ୍ୟବହାର କରି ପଦ୍ୟ ରଚନା କରିଛନ୍ତି—

"ଦେଶକାଳ ସୁଛନ୍ଦେ ବର୍ଷନ୍ତୁ ଜଳଦାଳେ ବସୁନ୍ଧରା,
ଶସ୍ୟେ ସମ୍ପନ୍ନା କରନ୍ତୁ ଗଚ୍ଛନ୍ତୁ ବଶ୍ୟ ଜଗତୀ ।

ସଦା ଶୁଦ୍ଧ ସ୍ୱାନ୍ତେ ଭଜନ୍ତୁ କରୁ କାନ୍ତା ଶିବ ପଦେ,
ସ୍ୱଧର୍ମେ ବର୍ତ୍ତିନ୍ତୁ ଭ୍ରମ ନ ରଖି ଲୋକେ ଅତି ମୁଦେ ।।"

ଏତଦ୍‌ବ୍ୟତୀତ କବି ସ୍ୱାଧୀନ ଭାବେ ମଧ୍ୟ 'ପ୍ରେମମନା ସତୀ ଜାନକୀ', 'ପାଞ୍ଚାଳୀ ବସ୍ତ୍ରହରଣ,' 'ପାଣ୍ଡବ ବନବାସ' ଆଦି ବହୁ ଗ୍ରନ୍ଥ ରଚନା କରିଛନ୍ତି । କବିଙ୍କ ଦ୍ୱାରା ସଂସ୍କୃତ 'ଯୋଗବାଶିଷ୍ଠ ରାମାୟଣ ଓଡ଼ିଆ ଭାଷାରେ ଅନୂଦିତ ହୋଇଥିଲା ବୋଲି କେତେକ ବିଶିଷ୍ଟ ଲୋକଙ୍କଠାରୁ ଶୁଣାଯାଏ ।

ଶଳନ୍ଦୀ ରାଜବଂଶର ଓଡ଼ିଆ ସାହିତ୍ୟକୁ ଦାନ ଅତୁଳନୀୟ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ପ୍ରାଚୀନ କାଳରେ ମୁଖ୍ୟତଃ ରାଜାମାନେ ନାନା ପ୍ରକାରରେ ସାହିତ୍ୟକୁ ବଞ୍ଚାଇ ରଖିଥିଲେ । ସେମାନଙ୍କ ପୃଷ୍ଠ-ପୋଷକତାରେ ଲିଖିତ ଶହ ଶହ ପ୍ରାଚୀନ ଗ୍ରନ୍ଥରୁ ରସାସ୍ୱାଦନ କରିବାରେ ଆଜିକାଲି ଲୋକମାନେ ସମର୍ଥ ହେଉଛନ୍ତି ।

ଥାଉଛନ୍ତି । ତନ୍ମଧ୍ୟରେ ଓଡ଼ିଆ ଜାତି ଉଦ୍ଦେଶ୍ୟରେ ଆହ୍ୱାନ ଜଣାଇ କବି ଭାବ-ପ୍ରବଣତାର ପରିଚୟ ଦେଇଛନ୍ତି—

"ଦେଖିଲେଣି ଦେଶ ସକଳ,
ଏତେବେଳେ କମ୍ପାଇ ନିଦ୍ରା ଭୂତଳ ।

× × ×

ଉଠ ଉଠ ପ୍ରିୟ ଭାଇ    ମଠ ଘରେ 'ଶ୍ରମା ନାହିଁ'
ଶଠପଣ ନ ଦେଖାଇ ଚୈତନ୍ୟ ପାଇ,
ତବ ଗୌରବକୁ ସ୍ମର    ଶତ୍ରୁ ଦୂରତର କର
ଜିତ ଯାଏ ସ୍ୱଜନ୍ମଭୂମିର କାଳ ।"

ପ୍ରତାପ ନାଟକ :—

ବଙ୍ଗଳାର ପ୍ରସିଦ୍ଧ ନାଟ୍ୟକାର ଦ୍ୱିଜେନ୍ଦ୍ରଲାଲ ରାୟଙ୍କ ରାଣା ପ୍ରତାପ ସିଂହ ନାଟକ ଅବଲମ୍ବନରେ କବି ଏହି ନାଟକଟିକୁ ରଚନା କରି-ଥିବାର ଆଭାସ ଗ୍ରନ୍ଥର ମୁଖବନ୍ଧରୁ ମିଳେ । ନାଟକଟି ପାଞ୍ଚ ଅଙ୍କ ବିଶିଷ୍ଟ ।

ପ୍ରକୃତ ପ୍ରଣୟ—ଗଳ୍ପଟି ଛଅ ଅଙ୍କ ବିଶିଷ୍ଟ ଏକ ସାମାଜିକ ନାଟକ । କୁସଂସ୍କାରଛନ୍ନ ହିନ୍ଦୁ ସମାଜର ସଂସ୍କାର ଉଦ୍ଦେଶ୍ୟରେ ନାଟକଟିର ଅବତାରଣା । ନାଟକଟିର ସମୁଦାୟ ଅଭିନେତା ଅଭିନେତ୍ରୀ ମିଶି ପ୍ରାୟ ୫୬ ଜଣ, ତନ୍ମଧ୍ୟରେ ସ୍ୱର୍ଗବାସୀଙ୍କର ମଧ୍ୟ ଭୂମିକା ରହିଛି ।

କବି ପ୍ରାଚୀନ ସଂସ୍କୃତ ଛନ୍ଦ ଅନୁକରଣରେ ମଧ୍ୟ ଗୀତ ରଚନା କରୁଥିଲେ । 'ପ୍ରକୃତ ପ୍ରଣୟ' ନାଟକର ଶେଷ ପଦ୍ୟଟି ସଂସ୍କୃତ ଛନ୍ଦ ଶାସ୍ତ୍ରର ଶିଖରିଣୀ ବୃତ୍ତରେ ଲେଖା, ତାହା ଏଠାରେ ପ୍ରଦତ୍ତ ହେଲା ।

"ଜନେ ଛାଡ଼ିଯୋଗର ବଳଂ ଗୁଣ ଅର୍ପିଲୁ ଅବରେ,
ମନେ ସ୍ଥାନେ ଐକ୍ୟ ପ୍ରକଟନ କରନ୍ତୁ ସ୍ଥିରତରେ ।
ସମାଜ-ବ୍ୟୋମେ ସ୍ତ୍ରୀ-ଶିକ୍ଷାରବ ଶଶୀ ଶୋଭନ କରୁ
ସଦା ହୃଦେ ସତ୍ୟ ପ୍ରଣୟ ମହିମା ଶାନ୍ତି ବଢ଼ାଉ ।"

**ପ୍ରକୃତି ରହସ୍ୟ :—**

ଏହି ଗ୍ରନ୍ଥଟି ଗୋଟିଏ ପଞ୍ଚ ଅଙ୍କ ବିଶିଷ୍ଟ ନାଟକ । କବିଙ୍କ ଭାଷାରେ ଗ୍ରନ୍ଥଟି ନବଧା ରସାତ୍ମକ ତଥା ସଦଧ୍ୟାନ ସମ୍ବଳିତ ପ୍ରାଚୀନ ନବୀନ-ମତ-ପରିପୋଷକ ପ୍ରଚଳିତ ନୀତିଉପଦେଶକ ସଦୁପଦେଶ ଗର୍ଭିତ ଭୂଷଣ ଅଟେ ।

**ପ୍ରେମ ତରଙ୍ଗ :—**

ଗ୍ରନ୍ଥଟି ବାଣ ଭଟ୍ଟଙ୍କ ରଚିତ କାଦମ୍ବରୀ କଥାବସ୍ତୁର ଅବଲମ୍ବନରେ ରଚିତ ଏକ ସାତ ଅଙ୍କ ବିଶିଷ୍ଟ ନାଟକ । ଏ ଗ୍ରନ୍ଥର ଭରତ ବାକ୍ୟରେ କବି ମଧ୍ୟ ସଂସ୍କୃତ ଛନ୍ଦ ବ୍ୟବହାର କରି ପଦ୍ୟ ରଚନା କରିଛନ୍ତି—

> "ଦେବାଳେ ସୁଛନ୍ଦେ ବର୍ଷନ୍ତୁ ଜଳଜାଳେ ବସୁମତୀ,
> ସର୍ବସ୍ୟ ସମ୍ପଦା ଭବନ୍ତୁ ଭବତ୍ୱାଜା ନିବିଡ଼ ଜଗତୀ ।
>
> ସଦା ଶୁଭ ସ୍ମୃତେନ୍ତ୍ର ଭଜନ୍ତୁ ଭବନ୍ତୁ ମାନ୍ୟା ସର୍ବ ଜନେ,
> ସ୍ୱଧର୍ମେ ବର୍ତ୍ତନ୍ତୁ ଭ୍ରମ ନ ଗଣି ଲୋକେ ଅତି ମୁଦେ ॥"

ଏତଦ୍ବ୍ୟତୀତ କବି ଶ୍ରୀଧାମେ ଦାସ ମଧ୍ୟ ଦମୟନ୍ତୀ ବନ ଗମନ', 'ପାଞ୍ଚାଳୀ ବସ୍ତ୍ରହରଣ,' 'ପାଣ୍ଡବ ବନବାସ' ଆଦି ବହୁ ଗ୍ରନ୍ଥ ରଚନା କରିଛନ୍ତି । କବିଙ୍କ ଦ୍ୱାରା ସଂସ୍କୃତ 'ଯୋଗବାଶିଷ୍ଟ ରାମାୟଣ ଓଡ଼ିଆ ଭାଷାରେ ଅନୂଦିତ ହୋଇଥିଲା ବୋଲି କେତେକ ବିଶିଷ୍ଟ ଲୋକଙ୍କଠାରୁ ଶୁଣାଯାଏ ।

ଟିକଟୀ ରାଜବଂଶର ଓଡ଼ିଆ ସାହିତ୍ୟକୁ ଦାନ ଅତୁଳନୀୟ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ପ୍ରାଚୀନ କାଳରେ ମୁଖ୍ୟତଃ ରାଜାମାନେ ନାନା ଭାବରେ ସାହିତ୍ୟକୁ ବଞ୍ଚାଇ ରଖିଥିଲେ । ସେମାନଙ୍କ ପୃଷ୍ଠ-ପୋଷକତାରେ ଲିଖିତ ଶହ ଶହ ପ୍ରାଚୀନ ଗ୍ରନ୍ଥରୁ ରସାସ୍ୱାଦନ କରିବାରେ ଆଜିକାଲି ଲୋକମାନେ ସମର୍ଥ ହେଉଛନ୍ତି ।

ଉକ୍ତ ରାଜାମାନଙ୍କ ଦ୍ୱାରା ଲିଖିତ ଗ୍ରନ୍ଥରେ ତାଙ୍କ ବଂଶାବଳୀ ସମ୍ବନ୍ଧରେ ମଧ୍ୟ ଯଥେଷ୍ଟ ଆଭାସ ମିଳେ । ରାଜା କୃଷ୍ଣଚନ୍ଦ୍ର ରାଜେନ୍ଦ୍ର ଦେବ, ବିଶ୍ୱମ୍ଭର ରାଜେନ୍ଦ୍ର ଦେବ ଓ ରାଧାମୋହନ ରାଜେନ୍ଦ୍ର ଦେବ ନିଜର ବଂଶାବଳୀ ସମ୍ବନ୍ଧରେ ଯେଉଁ ଆଲୋଚନା କରିଛନ୍ତି ଯଥାକ୍ରମେ ତାହା ଏଠାରେ ପ୍ରଦତ୍ତ ହେଲା ।

ରାଜା କୃଷ୍ଣଚନ୍ଦ୍ର ରାଜେନ୍ଦ୍ର ଅର୍ଷ ରାମାୟଣର ଅଯୋଧ୍ୟା କାଣ୍ଡ ଏକୋନବିଂଶତିତମ ସର୍ଗରେ ତାଙ୍କ ପୂର୍ବବର୍ତ୍ତୀ ପାଞ୍ଚପୁରୁଷ ପର୍ଯ୍ୟନ୍ତ ରାଜାମାନଙ୍କ ନାମୋଲ୍ଲେଖ କରିବା ସଙ୍ଗେ ସଙ୍ଗେ ତାଙ୍କ ଗୁଣବର୍ଣ୍ଣନା ମଧ୍ୟ କରିଛନ୍ତି ।

"ଉକ୍ତ ନଗେ ରାଜ୍ୟ ଯନ୍ତ୍ରଂ
ଯେତେ ନୃପତି ଏବେଲ୍ ତନ୍ତ୍ରଂ ।
ଦାତା ଗୁଣର ମହାଶୂର,
କୀର୍ତ୍ତି ପ୍ରତାପେ ପୂର୍ଣ୍ଣକର !
ନେତ୍ରମଣ୍ଡ ନାମେ ତାଙ୍କ କୁଳେ,
ନୃସିଂହ ନାମେ ରାଜା ହେଲେ ।
× × ×
ତାହାଙ୍କ ସୁତ ଲୋକନାଥ,
ସମସ୍ତ କୀର୍ତ୍ତିରେ ମଣ୍ଡିତ ।
ତାଙ୍କର ସୁତ ଯଦୁମଣି,
ତେଜରେ ଦିବସ ଦ୍ୟୁମଣି ।
ରାଜେନ୍ଦ୍ର ଦେବ ପଦବୀରେ,
ମଣ୍ଡିତ ହେଲେ ସେ ସଂସାରେ ।
ଧୀର ଗୁଣରେ ଧରାଧର,
କ୍ଷମାରେ କ୍ଷମା ପରକାର ।
କ୍ରୋଧରେ ଈଶାନ ସମାନ,
ସୁନ୍ଦର ପଣରେ ମଦନ ।
ଧରଣୀ ପାଳନରେ ହରି,
ମନ୍ତ୍ରରେ ବୃହସ୍ପତି ପରି ।

କୁଳ କୁମୁଦ ଚନ୍ଦ୍ର ଯେହ୍ନ,
ତା' ସଙ୍ଗେ ପୂର୍ଣ୍ଣ ହେଲା ମର୍ତ୍ତ୍ୟ ।
ମଧୁସୂଦନ ନରନାଥ,
ତାଙ୍କର ସୁତ ସେ ଅଟନ୍ତି ।
ଜନ୍ମରୁ କରନ୍ତି ଧ୍ୟାଣି
ଜନ ପ୍ରଗତ୍ୟ ଉଦ୍ୟମାନ ।

× × ×

ତାଙ୍କର ସୁତ କୁଳମଣି,
ରାଜେନ୍ଦ୍ର ଦେବ ନାମ ପୁଣି ।
ପାଣ ନୃପଙ୍କ ଦେଶକୁ ହିଁ,
ବାହୁ ବଳରେ ସେ ଜିଣିଲ ।
କଣ୍ଠରୁ ହୃଦୟ ଯାହାର,
ସମସ୍ତ' ଗୁଣଙ୍କ ଆକର ।
ତାଙ୍କର ଅଟଇ ମୁଁ ସୁତ,
ମୋ ନାମ କୃଷ୍ଣଚନ୍ଦ୍ର ଖ୍ୟାତ ।"

(ଅର୍ଦ୍ଧ ସମାପ୍ତ)

କୃଷ୍ଣଚନ୍ଦ୍ର ରାଜେନ୍ଦ୍ର ଭଙ୍ଗେନ୍ଦ୍ର ମତେ ସ୍ୱ-ବଂଶାବଳୀ ଲେଖିବାର ପ୍ରାୟ ଏକଶତ ବର୍ଷ ପରେ ଶ୍ରୀମୁକ୍ତ ରାଜେନ୍ଦ୍ର ସ୍ୱ ରଚିତ 'ରସାରୁକାଷ' ଗ୍ରନ୍ଥରେ ନିମ୍ନଲିଖିତ ପ୍ରକାର ବଂଶ ପରିଚୟ ଦେଇଛନ୍ତି—

"ହେ କଦମ୍ବ ଜନେ ଶୋଭ କରୁଛୁ କଣ୍ଟ ବର୍ଣ୍ଣନ
ମୋ ପୂର୍ବ ପୁରୁଷଙ୍କର କୀର୍ତ୍ତି କଳାପ,
ଲୋକନାଥ ପ୍ରଭୁମଣି ଗୁରୁବୁଦ୍ଧ ମଥାମଣି
ତାଙ୍କ ସୁତ ସାକ୍ଷାତରେ ମୋହନ ନାମ ।

× × ×

ତତନନ୍ତ ମଧୁସୂଦନ ଅବଳା ଭଲ ମଦନ
ପର ଅବତରି ମଣ୍ଡିଥିଲେ ଏ ସୀମା,

ତଳଚୀ ରାଜାମାନଙ୍କ ଦ୍ୱାରା ଲିଖିତ ଗ୍ରନ୍ଥରେ ତାଙ୍କ ବଂଶାବଳୀ ସମ୍ବନ୍ଧରେ ମଧ୍ୟ ଯଥେଷ୍ଟ ଆଭାସ ମିଳେ । ରାଜା କୃଷ୍ଣଚନ୍ଦ୍ର ରାଜେନ୍ଦ୍ର ଦେବ, ବିଶ୍ୱମ୍ବର ରାଜେନ୍ଦ୍ର ଦେବ ଓ ରାଧାମୋହନ ରାଜେନ୍ଦ୍ର ଦେବ ନିଜର ବଂଶାବଳୀ ସମ୍ବନ୍ଧରେ ଯେଉଁ ଆଲୋଚନା କରିଛନ୍ତି ଯଥାକ୍ରମେ ତାହା ଏଠାରେ ଉଦ୍ଧୃତ ହେଲା ।

ରାଜା କୃଷ୍ଣଚନ୍ଦ୍ର ରାଜେନ୍ଦ୍ର ଆର୍ଷ ରାମାୟଣର ଅଯୋଧ୍ୟା କାଣ୍ଡ, ଏକୋନବିଂଶତିତମ ସର୍ଗରେ ତାଙ୍କ ପୂର୍ବବର୍ତ୍ତୀ ଚାରିପୁରୁଷ ପର୍ଯ୍ୟନ୍ତ ରାଜାମାନଙ୍କ ନାମୋଲ୍ଲେଖ କରିବା ସଙ୍ଗେ ସଙ୍ଗେ ତାଙ୍କ ଗୁଣବର୍ଣ୍ଣନା ମଧ୍ୟ କରିଛନ୍ତି ।

"ଖଳଚୀ ନାମେ ରାଜ୍ୟ ଖଣ୍ଡ
ଯେତେ ନୃପତି ଥିଲେ ତହିଁ ।
ତାହା କୁଳର ମହାଶୂର,
କୀର୍ତ୍ତି ପ୍ରତାପେ ପୂର୍ଣ୍ଣତର ।
ନୈଷଧକ ନାମେ ତାଙ୍କ କୁଳେ,
ନୃସିଂହ ନାମେ ରାଜା ହେଲେ ।
× × ×
ତାହାଙ୍କ ସୁତ ଲୋକନାଥ,
ସମସ୍ତ କୀର୍ତ୍ତିରେ ମଣ୍ଡିତ ।
ତାଙ୍କର ସୁତ ଯଦୁମଣି,
ତେଜରେ ଦିଶନ୍ତି ଦ୍ୟୁମଣି ।
ରାଜେନ୍ଦ୍ର ଦେବ ଉପାଧିରେ,
ମଣ୍ଡିତ ହୋଇଲେ ସେ ସଂସାରେ ।
ଧୀର ଗୁଣରେ ଧରାଧର,
କ୍ଷମାରେ କ୍ଷମା ପରକାର ।
କ୍ରୋଧରେ ଈଶାନ ସମାନ,
ସୁନ୍ଦର ପଣରେ ମଦନ ।
ଧରଣୀ ପାଳନରେ ହରି,
ମନ୍ତ୍ରରେ ବୃହସ୍ପତି ପରି ।

କୁଳ କୁମୁଦ ଚନ୍ଦ୍ର ସେହି,
ଯା' ଯଶେ ପୃଥ୍ୱୀ ହେଲା ମଣ୍ଡି ।
ମଧୁସୂଦନ ନରପତି,
ତାଙ୍କର ସୁତ ସେ ଅଟନ୍ତି ।
ଜଗତୁ କରନ୍ତେ ତ୍ରାଣ
ନବ ଗଣ୍ଡରସୁ ଉଦ୍ୟମାନ ।

× × ×

ତାଙ୍କର ସୁତ କୁଳମଣି,
ରାଜେନ୍ଦ୍ର ଦେବ ନାମ ପୁଣି ।
ଘାଣ ନୃପଙ୍କ ଦେଶକୁ ଧାଇଁ,
ବାହୁ ବଳରେ ଯେ ଭୁଞ୍ଜାଇ ।
ଜଗତୁ ହୁଦସୁ ଯାହାର,
ସମସ୍ତେ ଗୁଣଙ୍କ ଆକର ।
ତାଙ୍କର ଅଟଇ ମୁଁ ସୁତ,
ମୋ ନାମ କୃଷ୍ଣଚନ୍ଦ୍ର ଖ୍ୟାତ ।"

(ଅର୍ଦ୍ଧ ସମାପ୍ତ)

କୃଷ୍ଣଚନ୍ଦ୍ର ରାଜେନ୍ଦ୍ର, ଭଞ୍ଜଙ୍କ ମତେ ସ୍ୱ-ବଂଶାବଳୀ ଲେଖିବାର ପ୍ରାୟ ଏକଶତ ବର୍ଷ ପରେ ବଣ୍ଡମୁର ରାଜେନ୍ଦ୍ର ସୁ ରଚିତ 'ଭଞ୍ଜଭୂଷଣ' ଗ୍ରନ୍ଥରେ ନିମ୍ନଲିଖିତ ପ୍ରକାର ବଂଶ ପରିଚୟ ଦେଇଛନ୍ତି—

"ହେ ସୁବୃତ୍ତ ଜନେ ଶୁଣ    କହୁଛି କିଛି ବର୍ଣ୍ଣନ
ମୋ ପୂର୍ବ ପୁରୁଷଙ୍କର କୀର୍ତ୍ତିକଳାପ,
ଲୋକନାଥ ସଦ୍‌ଗୁଣୀ    ସାରସ୍ୱତ ମଥମଣି
ତାଙ୍କ ସୁତ ସାକ୍ଷାତରେ ମୋହନ ରୂପ ।

× × ×

ତଦନ୍ତେ ମଧୁସୂଦନ    ଅବନୀ ତଳ ମଦନ
ଯାହା ଅବତରି ମଣ୍ଡିଥିଲେ ଏ ସୀମା,

କୁଳମଣି ତାଙ୍କ ସୁତ          ସାହିତ୍ୟ ରସ-ପଣ୍ଡିତ
ସୁକୂଳ ବନସ୍ତୁ ଜନନ୍ତୁ ଅର୍ଯ୍ୟମାଃ
କୃଷ୍ଣଚନ୍ଦ୍ର ତାଙ୍କ କୁମର
ସମ୍ଭବିଲେ ତାଙ୍କ ତନୁଜ ପୀତାମ୍ବର ।

ଗୋବିନ୍ଦ ଚନ୍ଦ୍ର ସେ ସୁତ          କବିତ୍ୱ କଳା ମଣ୍ଡିତ
ଜଗ ଲଲନା ନୟନ ମୋହନ ଶିର
କୁଳମଣି ବଳ ଘୃତ          ହୋଇ ନ ଥିଲା ପ୍ରଖ୍ୟାତ
ନସ ଏଥିରୁ ନ କହିଲି ବିଶେଷ କରି;
ତାଙ୍କର ପିତୃବ୍ୟ ଅଟନ୍ତି
ବୃନ୍ଦାବନ ଚନ୍ଦ୍ର ନାମ ବସ୍ତୁକ୍ର ମତି ।

ଥିଲେ ମୋହର ପୂର୍ବଜ          ନାମ ଜଗନ୍ନାଥ ଦେବ
ତାହାଙ୍କ ଅନୁଜ ମୂର୍ଦ୍ଧ୍ନି ଅଟଇ ଜାଣ,
ମୋର ଜନ୍ମର ନାମ          କୁଳ ପରମ୍ପରାକ୍ରମ
ପଢ଼ିଅଛି ରାଜେନ୍ଦ୍ର ଦେବ ରଜନ ।"

(ଦୁଃଖବିଳାପ, ଶେଷ କବିତା)

ଜଣ୍ମୁର ରାଜେନ୍ଦ୍ରଙ୍କର ପ୍ରାୟ ୩୦।୪୦ ବର୍ଷ ପରେ ରାଜକବି ରାଧାମୋହନ ଖ୍ରୀ:ଅ: ୧୯୧୨ରେ ତାଙ୍କ ଲିଖିତ 'ପ୍ରେମ ମଞ୍ଜରୀ' କାବ୍ୟର ଷଡ୍‌ବିଂଶ ଛାନ୍ଦରେ ନିଜ ବଂଶାବଳୀ ବର୍ଣ୍ଣନା କରି ଅଛନ୍ତି । ସେଥିରେ କବି ନିଜ ବଂଶର ପ୍ରଥମ ଉତ୍ପତ୍ତିଠାରୁ ଆରମ୍ଭ କରି ନିଜ ପିତା କିଶୋର ଚନ୍ଦ୍ରଙ୍କ ପର୍ଯ୍ୟନ୍ତ କେତେଜଣ ରାଜାଙ୍କ ସମ୍ବନ୍ଧରେ ଆଲୋଚନା କରିବା ସଙ୍ଗେ ସଙ୍ଗେ କିଏ କେତେ ବର୍ଷ ରାଜତ୍ୱ କରିଅଛନ୍ତି ତହିଁର ଏକ ସୁବିସ୍ତୃତ ତାଲିକା ଦେଇଛନ୍ତି ।

"ଅଷ୍ଟମଶତ ତିନି ଶକାବେ ପୁରୁଷୋତ୍ତମ ରାଜାଙ୍କ ବଂଶଧର,
ସଇଦାର କେଶବ ନାୟକ ବୀର
ଭୋଇଙ୍କ ସେବ ଲଭି ବର

ଏ ରାଜ୍ୟକୁ ଦେଇ ଭକତୀ ନାମ
ଦୋଦାଗିଖ ଦୁର୍ଗେ କଲେ ବିଶ୍ରାମ ।

× × ×

ସେ ବଂଶର ଷୋଡ଼ଶ ପୁରୁଷରେ
ପଦ୍ମମଣି ସୁଭଦ୍ରରାଜ ହେଲେ ।

× × ×

ତାଙ୍କ ପୁତ୍ର ଦଶ୍ୱାଦାକ୍ଷିଣ୍ୟ ଚନ୍ଦ୍ର ;
ହେଲେ ମଧୁସୂଦନ ରଜଇନ୍ଦ୍ର ।

ପାଳିଲେ ସେ ରାଜ୍ୟ ପଞ୍ଚ ତ୍ରିଂଶ—
ବର୍ଷ ତାଙ୍କ ସୁତ କୁଳମଣି ।
ରଜଇନ୍ଦ୍ର ସପ୍ତ ବିଂଶତ୍ ସମା ମାତ୍ର
କ୍ଷମା ଗୁଣେ ମଣ୍ଡିଲେ ସେ କ୍ଷୌଣୀ ।
ତାଙ୍କ ପୁତ୍ର କୃଷ୍ଣଚନ୍ଦ୍ର ସୁରେନ୍ଦ୍ର,
ଜନଚିତ୍ତ-କୁମୁଦ ମୋଦ ଦାନେ ଚନ୍ଦ୍ର ।

ଏକବିଂଶ ବର୍ଷ ରାଜ୍ୟ ପାଳି କଲେ
ଶ୍ରୀମଦ୍ ରାମାୟଣ ଅନୁବାଦ,
ଯହିଁ ନୃପଗଣ ସମସ୍ତେ ସମସ୍ତେ
କରିଥିଲେ ହେଲେ ଦୁର୍ଗଭେଦ ।
ଗଲେ ଦୁର୍ଗ ପାଇକ ଗଡ଼ା ଯଥା
ଅଦ୍ୟାପି ସେ ଆନ୍ଧ୍ର ବାସ ବସୁଧା ।

ତାଙ୍କ ସୁତ ପୀତାମ୍ବର ରାଜେନ୍ଦ୍ର,
ଊନବିଂଶ ଅବ୍ଦ ରାଜ୍ୟ କଲେ ।
ତାଙ୍କ ପୁତ୍ର ଗୋବିନ୍ଦ ଚନ୍ଦ୍ର ସୁରେନ୍ଦ୍ର
ଦ୍ୱାଦଶ ମାସୁକ ରାଜା ହେଲେ ।
କୁଳମଣି ସୁରେନ୍ଦ୍ର ତାଙ୍କ ସୁତ,
ଦ୍ୱି ବତ୍ସର ମାସ କଲେ ରାଜତ୍ୱ ।

ଜ୍ୟେଷ୍ଠାନୁକ୍ରମିକ ଏଯାବତ୍ ପର୍ଯ୍ୟନ୍ତ
ହେଉଅଛନ୍ତି ରାଜସିଂହାସନ ଯୋଗ,
ଏହାଙ୍କ ପିତୃବ୍ୟ ବୃନ୍ଦାବନ ଚନ୍ଦ୍ର
କଲେ ମାତ୍ର ପ୍ରାଜ୍ୟ ରାଜ୍ୟ ଭୋଗ;
ଦ୍ୱାଦଶାବ୍ଦ ମାତ୍ର ପାଳନ କରି,
ଗଲେ ସ୍ୱର୍ଗ ଦ୍ୱୀପ ଘଣ ଦସ୍ତାର ।

ତାଙ୍କ ସୁତ ଜଗନ୍ନାଥ ଦ୍ୱିଜରାଜ,
ନରନାଥ ହୋଇ ନବ ବୟସ,
ସ୍ୱର୍ଗେ ଗମ୍ୟଂ ତାଙ୍କ ଭ୍ରାତା ଚନ୍ଦ୍ରମଣ
ଦ୍ୱିଜରାଜ ହେଲେ ନରବର;
ଏକତ୍ରିଂଶ ସମା ପାଳିଲେ କ୍ଷମା,
କ୍ଷମାରେ ନୋହିବ କ୍ଷମା ତ ସମା ।

ତାହାଙ୍କର ପୂର୍ବବର୍ତ୍ତୀ ନରପତିଗଣ
ସାହିତ୍ୟ ସେବାରେ ରତ—
ଥିଲେହେଁ ଉତ୍କଳ ରଚନା-ପଟୁ
ସର୍ବାପେକ୍ଷା ଏହାଙ୍କର ଖ୍ୟାତି;
ବହୁ ଗ୍ରନ୍ଥ ଲୀଳା ସ୍ୱରୂପ କରି,
ଅଛନ୍ତି ଭାରତୀଙ୍କ ତୁଣୀ ଧରି ।

ତାଙ୍କ ଜ୍ୟେଷ୍ଠପୁତ୍ର ମୋର ପିତୃଦେବ
ଶ୍ରୀ କିଶୋରଚନ୍ଦ୍ର ଦ୍ୱିଜରାଜ ।

× × ×

ନୃପ ହୋଇ ଅଷ୍ଟାଦଶ ଅବ୍ଦ
କଲେ ଏକାଦଶ ମାଧବ ଅନୁବାଦ ।"

ଉପର୍ଯ୍ୟୁକ୍ତ ରାଜବଂଶାବଳୀରେ ଶକଟୀ ରାଜବଂଶର ନୃସିଂହଙ୍କଠାରୁ କିଶୋରଚନ୍ଦ୍ରଙ୍କ ପର୍ଯ୍ୟନ୍ତ ତେର ପୁରୁଷଙ୍କ ନାମ ଓ ମଧୁସୂଦନ ରାଜେନ୍ଦ୍ରଙ୍କ

ଠାରୁ କିଶୋରଚନ୍ଦ୍ରଙ୍କ ପର୍ଯ୍ୟନ୍ତ କିଏ କେତେ ବର୍ଷ ରାଜତ୍ୱ କରିଥିଲେ, ତହିଁର ବିସ୍ତୃତ ଆଲୋଚନା କରାଯାଇଛି; କିନ୍ତୁ ଏଠାରେ ଗୋଟିଏ ବିଷୟ ବିଶେଷ ଆଲୋଚ୍ୟ ଯେ ୮୦୩ ଶକାବ୍ଦ ( ଅସ୍ତଗତ ଚିହ୍ନ ଶକାବ୍ଦ ) ଅର୍ଥାତ୍ ୮୮୧ ଖ୍ରୀଷ୍ଟାବ୍ଦରେ ପୁରୁଷୋତ୍ତମ ରାଜାଙ୍କ ବଂଶଧର ସରଦାର କେଶବ କୋଠାରୀ (ଶକଟୀ ରାଜବଂଶର ଇଷ୍ଟଦେବୀଙ୍କୁ ସେବା କରି ଶକଟୀ ରାଜ୍ୟ ଆରମ୍ଭ କଲେ, ଏବଂ ତାଙ୍କର ଷୋଡ଼ଶ ପୁରୁଷରେ ପଦୁମଣି ରାଉତରାୟ ରାଜା ହେଲେ ବୋଲି ଗ୍ରନ୍ଥକାର ଉଲ୍ଲେଖ କରିଅଛନ୍ତି । 'ପ୍ରେମ ମଞ୍ଜରୀ' କାବ୍ୟରେ ପ୍ରତ୍ୟେକ ରାଜାଙ୍କର ରାଜତ୍ୱକାଳ ଦିଆଯାଇଛି । ତେଣୁ ରାଧାମୋହନ ରାଜେନ୍ଦ୍ରଙ୍କଠାରୁ ପ୍ରତ୍ୟେକଙ୍କ ରାଜତ୍ୱକାଳ ଗଣନା କଲେ ପଦୁମଣି ରାଉତରାୟଙ୍କ ରାଜତ୍ୱ ପ୍ରାୟ ଖ୍ରୀ:ଅ: ୧୬୨୨ରେ ଆରମ୍ଭ ହୋଇ ବର୍ତ୍ତମାନର ରାଜା ଶ୍ରୀଯୁକ୍ତ ସଚ୍ଚିଦାନନ୍ଦ ରାଜେନ୍ଦ୍ର ଦେବଙ୍କ ପର୍ଯ୍ୟନ୍ତ ପ୍ରାୟ ୨୯୯ ବର୍ଷ ଭୋଗ ହେଲା । ଯେତେବେଳେ ୧୩ ପୁରୁଷ ଭୋଗ କରିବାକୁ ମାତ୍ର ୨୯୯ ବର୍ଷ ଭୋଗ ହେଲା, ସେତେବେଳେ ୧୫ ପୁରୁଷ ଭୋଗ କରିବାକୁ ପ୍ରାୟ ୮୦୦ ବର୍ଷ ଲାଗିବା ଅସମ୍ଭବ ପରି ବୋଧହୁଏ । ଗୋଟିଏ ରାଜବଂଶ ସମ୍ବନ୍ଧରେ ନିର୍ଦ୍ଦିଷ୍ଟ ସମୟ ଉପଲବ୍ଧ ନ ହେଲେ, ଐତିହାସିକ-ମାନେ ପ୍ରତ୍ୟେକ ପୁରୁଷ ଲାଗି ହାରାହାରି ୨୫ ବର୍ଷ ସମୟ ନିର୍ଦ୍ଧାରିତ କରିଅଛନ୍ତି । ଏହି ପ୍ରକାର ଅନୁମାନ ପ୍ରାୟ ସବୁ ସ୍ଥଳରେ ଅଭ୍ରାନ୍ତ ବୋଲି ପ୍ରମାଣିତ ହୋଇଛି । ତେଣୁ 'ପ୍ରେମ ମଞ୍ଜରୀ' କାବ୍ୟରେ ପ୍ରଦତ୍ତ ୮୦୩ ଶକାବ୍ଦ ସମ୍ବନ୍ଧରେ ସନ୍ଦେହ ଜାତ ହୁଏ ।

ଶକଟୀ ରାଜବଂଶର ପ୍ରତିଷ୍ଠାତା କେଶବଙ୍କ ଉପାଧି 'ସର୍ଦ୍ଦାର' ଥିବାର ଗ୍ରନ୍ଥକାରଙ୍କ ଲେଖାରୁ ଜଣାପଡ଼େ; କିନ୍ତୁ ଏହି ସର୍ଦ୍ଦାର ଉପାଧି ଅଷ୍ଟମ ନବମ ଶତାବ୍ଦୀରେ ପ୍ରଚଳିତ ଥିବାର ପ୍ରମାଣ ପ୍ରାୟ ଉପଲବ୍ଧ ହୁଏ ନାହିଁ । ତାହା ପରବର୍ତ୍ତୀ କାଳର ମୋଗଲ ଦରବାରର ଉପାଧି । ପୁନଶ୍ଚ ନବମ ଶତାବ୍ଦୀରୁ ଯେଉଁ ରାଜବଂଶର ଅଭ୍ୟୁଦୟ ହେଲାଣି ସେ ବଂଶର ରାଜାମାନଙ୍କ ପ୍ରଦତ୍ତ ତାମ୍ର ଶାସନାଦି ନିଶ୍ଚୟ ମିଳିବାର କଥା; କିନ୍ତୁ ସେ ଅଞ୍ଚଳରୁ ଅନ୍ୟାନ୍ୟ ପ୍ରାଚୀନ ରାଜବଂଶର ତାମ୍ର ଶାସନ ଉପଲବ୍ଧ ହୋଇଥିଲେ ହେଁ ଶକଟୀ ରାଜବଂଶର କୌଣସି ପ୍ରାଚୀନ ରାଜା

(୧୨ଶ ଶତାବ୍ଦୀର ପୂର୍ବବର୍ତ୍ତୀ)ଙ୍କ ପ୍ରଦତ୍ତ ତାମ୍ର ଶାସନ ଅଦ୍ୟାପି ଗବେଷକମାନଙ୍କ ଗୋଚରକୁ ଆସିନାହିଁ ।

ଶକାବ୍ଦ ୮୦୩ ବା ଖ୍ରୀ.ଅ. ୮୮୧ ସାଲରେ ଖଣ୍ଡୀ ରାଜବଂଶର ଉତ୍ପତ୍ତି ସମ୍ବନ୍ଧରେ ଯେଉଁ କିମ୍ବଦନ୍ତୀ ଅଛି ଏହା ସେ କୌଣସି ପ୍ରାଚୀନ ଜନଶ୍ରୁତି ଏହାର ପ୍ରମାଣ 'The Ganjam District manual'ରୁ ମଧ୍ୟ ମିଳେ । T. J. Multby ସାହେବ ବ୍ରହ୍ମପୁର ସରକାରଙ୍କ ସମସ୍ତ ସମ୍ବନ୍ଧରେ ଆଲୋଚନା କରି ଲେଖିଛନ୍ତି ସେ ସେ ଖ୍ରୀ.ଅ. ୧୮୭୨।୮୩ ପର୍ଯ୍ୟନ୍ତ ଜୀବିତ ଥିଲେ । The Ganjam District manual ରେ ସେ (T. J. Multby) ଅଳ୍ପ ମଧ୍ୟ ଦକ୍ଷିଣ ଓଡ଼ିଶାର ଛୋଟ ବଡ଼ ଜମିଦାରୀ ଗୁଡ଼ିକ ବିଷୟରେ ଅତି ସଂକ୍ଷେପରେ ଆଲୋଚନା କରି ଖଣ୍ଡୀ ସମ୍ବନ୍ଧରେ ଲେଖିଛନ୍ତି—

"The name of the present Zemindar is Sri Viswambhara Rajendra Deo, X X X A king of Cuttack is said to have granted this Zemindary to one Kasano, a Sirdar, who Conquered the Country from the aboriginel wild tribes, and built a fort in A. D. 881."

(The Ganjam District manual, Page--21)

ଏଠାରେ ବିଚାର କରିବାର କଥା; ଏ କିମ୍ବଦନ୍ତୀ ମୂଳରେ ନିଶ୍ଚୟ କୌଣସି ସତ୍ୟର କ୍ଷୀଣ ଆଭାସ ରହିଛି, ଅନ୍ୟଥା ଏତେ ବଡ଼ କଳ୍ପନା କରାଯିବା ସମ୍ଭବ ନୁହେଁ ।

'କଳିଙ୍ଗ'ର ପ୍ରାଚୀନ ଗଙ୍ଗବଂଶ, ଉତ୍କଳରେ ଯେବେ ପ୍ରତିପତ୍ତି-ଶାଳୀ ହୋଇଥିବା ଭୌମକର ବଂଶର ଅଭ୍ୟନ୍ତର ବିରୋଧ ଦେଖି 'କଙ୍ଗୋଦ' ଓ 'କଳିଙ୍ଗ'ର ମଧ୍ୟବର୍ତ୍ତୀ ସ୍ଥାନ 'ଶ୍ବେତକ'ରେ ଜୟବର୍ମ ଦେବ ନାମକ ଜଣେ ବ୍ୟକ୍ତିଙ୍କୁ କେତେକ କ୍ଷମତା ଦେଇ ବସାଇଲେ । ଜୟବର୍ମ ଦେବ ପ୍ରାଚୀନ ଗଙ୍ଗବଂଶ ଅଧୀନରେ ନିଜକୁ 'ରାଣକ' ବା ଅଧୀନସ୍ଥ (?)

ଥାଆନ୍ତି ବୋଲି ଘୋଷିତ କରିଲେ 'ଶ୍ୱେତକ'ରେ ରାଜତ୍ୱ କଲେ । ପରେ ନାନା କାରଣ ବଶତଃ ଗଙ୍ଗ ବଂଶ ସହିତ ତାଙ୍କର ଶତ୍ରୁତା ଜାତ ହେଲା ଓ ସେମାନେ ଭୌମକର ବଂଶୀୟ ରାଜାଙ୍କ ସହିତ ବନ୍ଧୁତା ସ୍ଥାପନ କରି 'ଶ୍ୱେତକ'କୁ ସ୍ୱାଧୀନ ରାଜ୍ୟରେ ପରିଣତ କରିଥିଲେ । ଏ ପ୍ରକାର କାର୍ଯ୍ୟରେ ତାଙ୍କୁ ଭୌମମାନଙ୍କଠାରୁ ନିଶ୍ଚୟ ସାହାଯ୍ୟ ମିଳିଥିବ ବୋଲି ଗବେଷକ ଶ୍ରୀଯୁକ୍ତ ସତ୍ୟନାରାୟଣ ରାଜଗୁରୁ ବହୁ ଯୁକ୍ତିଯୁକ୍ତ ପ୍ରମାଣ ଦେଇ ଅନୁମାନ କରିଛନ୍ତି ।

"After the decline of the Sailodbhavas of Kangoda, the Gangas of Kalinga nagar seem to have annexed the territory of Kangoda to their own and used the title of Sakala Kalingadhipati. × × It was then required to create an outpost in between Kalinga and Kangoda for their own safety. So, Jayavarma Deva was posted in Svetaka as a Ranaka under the Gangas of Kalinga nagar. × × Thus it is persumed that there was contest between the gangas of Kalinga nagar and the Bhoumakaras for subjugation of Kangoda and Svetaka. During the conflicting period Jayavarma Deva of Svetaka gave up the title of Ranaka and used Maharaja establishing an alliance with the Bhoumas."

(Inscription of Orissa, Vol. II

By S. N. Rajaguru, Page—365)

ଏହି 'ଶ୍ୱେତକ'କୁ ଚିକିଟି ସହିତ କେତେକ ଐତିହାସିକ ତୁଳିତ କରିଆସୁଛନ୍ତି । ଉଦେବଗଡ଼ ଘଟଣା ପ୍ରାୟ ଅଷ୍ଟମ ନବମ ଶତାବ୍ଦୀରେ ଘଟିଥିଲା । ତେଣୁ ଏହା ଚିକିଟିରେ ପ୍ରଚଳିତ କିମ୍ବଦନ୍ତୀର ସହାୟକ ବୋଲି ମନେହୁଏ । ପରେ ଭୌମକର ଓ ସୋମବଂଶର ପତନ ପରଠାରୁ ଏହି ଶ୍ୱେତକ ରାଜାମାନେ କଳିଙ୍ଗ ଗଙ୍ଗମାନଙ୍କ ଅଧୀନକୁ ଆସି ପୁଣି ଦୁର୍ବଳ ହୋଇ ପଡ଼ିଥିବେ, ଏବଂ ସେହି ଦୁର୍ବଳତା ତାଙ୍କର ଶେଷ ପର୍ଯ୍ୟନ୍ତ ରହିଥିଲା ।

ବୋଲି ଅନୁମାନ କରାଯାଏ । ପଦ୍ମମଣି ରାଜତ୍ୱରୁ କୌଣସି କାରଣରୁ ଖୋର୍ଦ୍ଧା ରାଜାଙ୍କୁ ସନ୍ତୁଷ୍ଟ କରାଇ 'ରାଜେନ୍ଦ୍ର ଦେବ' ଉପାଧିରେ ଭୂଷିତ ହୋଇଥିବେ । ସେ କାଳର 'ଶ୍ୱେତକ' ନାମଟି କାଳକ୍ରମେ ଉଚ୍ଚାରଣଗତ ଅଭ୍ୟାସରୁ 'ତକଟୀ' ହେବାରେ ଅତେଟି ଅସମ୍ଭବ ପରି ବୋଧ ହେଉ ନାହିଁ । କାରଣ 'ଉପାଧ୍ୟାୟ' ଶବ୍ଦରୁ 'ଝା' ଶବ୍ଦ ହୋଇଛି ବୋଲି ଯେତେବେଳେ ଭାଷାବିଜ୍ଞାନ ସମର୍ଥନ କରୁଛି, ସେତେବେଳେ ପୂର୍ବ ସମ୍ବନ୍ଧିତ ବର୍ଣ୍ଣ ପୂର୍ବରୁ ପ୍ରଚଳିତ 'ଶ୍ୱେତକ' ଶବ୍ଦରୁ 'ତକଟୀ' ହେବା ଅତେଟି ଆଶ୍ଚର୍ଯ୍ୟକର ବିଷୟ ପରି ବୋଧ ହେଉନାହିଁ ।

'ଅର୍ଦ୍ଧ ରାମାୟଣ', 'ଲୀଳାବିଳାସ' ଓ 'ପ୍ରେମ ମଞ୍ଜରୀ' ଆଦି ଗ୍ରନ୍ଥରେ ବର୍ଣ୍ଣିତ ଟିକଟୀ ରାଜବଂଶର ରାଜାମାନଙ୍କ ନାମ ପରସ୍ପରଙ୍କ ସମ୍ବନ୍ଧ ଓ ରାଜତ୍ୱକାଳ ଉଲ୍ଲେଖ ପୂର୍ବକ ଗୋଟିଏ ବଂଶବୃକ୍ଷ (ପୃ: ୭୦ । ୧୯୭) ଏଠାରେ ପ୍ରଦତ୍ତ ହେଲା—

ଭଆନଥିବ ସର୍ଦ୍ଦାର କେଶବଙ୍କ ୧୩ ପୁରୁଷ ପରେ—

ନୃସିଂହ ଦେବ ଅନୁମାନିକ ସମୟ ଖ୍ରୀ:ଅ: ୧୬୧୨ ୧୬୩୭

ଲୋକନାଥ ଦେବ (ନୃସିଂହ ଦେବଙ୍କ ପୁତ୍ର) ଆ: ସ: ଖ୍ରୀ: ଅ: ୧୬୩୭—୧୬୬୨

ପଦ୍ମମଣି ରାଜେନ୍ଦ୍ର (ଲୋକନାଥଙ୍କ ପୁତ୍ର) ଆ: ସ: ଖ୍ରୀ: ଅ: ୧୬୬୨—୧୬୮୨

ମଧୁସୂଦନ ରାଜେନ୍ଦ୍ର (ପଦ୍ମମଣିଙ୍କ ପୁତ୍ର) ଆ: ସ: ଖ୍ରୀ: ଅ: ୧୬୮୨—୧୭୩୨

କୁଳମଣି ରାଜେନ୍ଦ୍ର (ମଧୁସୂଦନଙ୍କ ପୁତ୍ର) ଆ: ସ: ଖ୍ରୀ: ଅ: ୧୭୩୨—୧୭୭୪

କୃଷ୍ଣଚନ୍ଦ୍ର ରାଜେନ୍ଦ୍ର (କୁଳମଣିଙ୍କ ପୁତ୍ର) ଆ: ସ: ଖ୍ରୀ: ଅ: ୧୭୭୪—୧୭୮୨

ପୀତାମ୍ବର ରାଜେନ୍ଦ୍ର (କୃଷ୍ଣଚନ୍ଦ୍ରଙ୍କ ପୁତ୍ର) ଆ: ସ: ଖ୍ରୀ: ଅ: ୧୭୮୨—୧୮୧୫

ଗୋବର୍ଦ୍ଧନ ରାଜେନ୍ଦ୍ର (ପୀତାମ୍ବରଙ୍କ ପୁତ୍ର) ଆ: ସ: ଖ୍ରୀ: ଅ: ୧୮୧୫—୧୮୨୭

କୁଳମଣି ରାଜେନ୍ଦ୍ର (୨ୟ) (ଗୋବିନ୍ଦଙ୍କ ପୁତ୍ର) ଆ: ସ: ଖ୍ରୀ: ଅ:
୧୮୨୨—୧୮୩୦

ବୃନ୍ଦାବନଚନ୍ଦ୍ର ରାଜେନ୍ଦ୍ର (କୁଳମଣି (୨ୟ)ଙ୍କ ପିତୃବ୍ୟ) ଆ:ସ:ଖ୍ରୀ:ଅ:
୧୮୩୦—୧୮୪୨

ଜଗନ୍ନାଥ ରାଜେନ୍ଦ୍ର (ବୃନ୍ଦାବନଙ୍କ ପୁତ୍ର) ଆ: ସ: ଖ୍ରୀ: ଅ.
୧୮୪୨—୧୮୫୧

ବିଶ୍ୱମ୍ଭର ରାଜେନ୍ଦ୍ର (ଜଗନ୍ନାଥଙ୍କ କନିଷ୍ଠ ଭ୍ରାତା) ଆ: ସ: ଖ୍ରୀ: ଅ:
୧୮୫୧—୧୮୮୨

କିଶୋରଚନ୍ଦ୍ର ରାଜେନ୍ଦ୍ର (ବିଶ୍ୱମ୍ଭରଙ୍କ ପୁତ୍ର) ଆ: ସ: ଖ୍ରୀ: ଅ:
୧୮୮୨—୧୯୦୨

(ଏହାଙ୍କ ମୃତ୍ୟୁ ବତ୍ସର ନିର୍ଦ୍ଦିଷ୍ଟ ପ୍ରମାଣ ମିଳିଲେ ତାଙ୍କ ପୂର୍ବ ପୁରୁଷ ପଦ୍ମମଣିଙ୍କ ପର୍ଯ୍ୟନ୍ତ ପ୍ରତ୍ୟେକ ରାଜାଙ୍କର ରାଜତ୍ୱ କାଳ ନିଶ୍ଚିତ ଭାବରେ ଗଣନା କରାଯିବ ।)

ରାଧାମୋହନ ରାଜେନ୍ଦ୍ର (କିଶୋର ଚନ୍ଦ୍ରଙ୍କ ପୁତ୍ର)
ଖ୍ରୀ: ଅ: ୧୯୦୦—୧୯୨୩

ଗୌରଚନ୍ଦ୍ର ରାଜେନ୍ଦ୍ର (ରାଧାମୋହନଙ୍କ ପୁତ୍ର)
ଖ୍ରୀ.ଅ. ୧୯୨୩—୧୯୩୪

ସରକାରଙ୍କ ଅଧୀନରେ ଖ୍ରୀ: ଅ: ୧୯୩୭—୧୯୪୫

(ଗୌରଚନ୍ଦ୍ର ରାଜେନ୍ଦ୍ରଙ୍କୁ ଖ୍ରୀ: ୧୯୨୩ରେ ରାଜ୍ୟଭାର ଅର୍ପଣ କରି ରାଜା ରାଧାମୋହନ ରାଜେନ୍ଦ୍ରଦେବ ବାନପ୍ରସ୍ଥ ଗ୍ରହଣ କରିଥିଲେ, ମାତ୍ର ଖ୍ରୀ:ଅ: ୧୯୩୪ରେ ଗୌରଚନ୍ଦ୍ରଙ୍କ ଅକାଳ ବିୟୋଗ ହେବାରୁ ସେ ପୁଣି ପୋଢ଼ଅବି ରାଜକାର୍ଯ୍ୟ ଚଳାନ୍ତେ, ତାହା ବିଧାନ ସମ୍ମତ ନୁହେଁ ବୋଲି ଆପତ୍ତି କରାଇ ଏଜେଣ୍ଟୀ ରାଜ୍ୟର ପରିଚାଳନା ୧୯୩୭ରୁ ୧୯୪୫ ଜୁନ ମାସ ୩୦ ତାରିଖ ପୂର୍ବା ସରକାରଙ୍କ ହାତରେ ଥିଲା ।)

ଏହା ପରେ ରାଜା ସଚ୍ଚିଦାନନ୍ଦ ରାଜେନ୍ଦ୍ର ଉକ୍ତ ରାଜବଂଶର ଦାୟାଦରୂପେ ବର୍ତ୍ତମାନ ପୁରୀ ଗଜେନ୍ଦ୍ର ବଙ୍ଗଳାର ଅଞ୍ଚଳ ସ୍ଥିତ ବିଦ୍ୟମାନ ।

ଏହି ରାଜବଂଶର ଦାୟାଦମାନେ ଯେ କେବଳ ବାଣୀ ଆରାଧନାରେ କାଳତିପାତ କରୁଥିଲେ ତା' ନୁହେଁ ଏହାଙ୍କ ସଭାସଦ୍ ଅନେକ ପଣ୍ଡିତ ସଂସ୍କୃତ ଓ ଓଡ଼ିଆ ସାହିତ୍ୟରେ ଅନେକ ଗ୍ରନ୍ଥ ରଚନା କରିଥିବାର ପ୍ରମାଣ ମିଳେ ।

---

# କବି ପୀତାମ୍ବର ଦାଶ

'ନୃସିଂହ ପୁରାଣ' ଗ୍ରନ୍ଥ ଉତ୍କଳର ଘରେ ଘରେ ପ୍ରଚଳିତ। ପ୍ରତ୍ୟେକ ଗାଁରେ ଓଡ଼ିଆ 'ନୃସିଂହ ପୁରାଣ'ର ଗୋଟିଏ ଦୁଇଟି 'ରତ୍ନାକର' (ଖଣ୍ଡ) ବା ସମ୍ପୂର୍ଣ୍ଣ ଗ୍ରନ୍ଥ ପାଠ କରିଥିବେ। ଉତ୍କଣ୍ଠିତ ଗାଁମାନର ଲୋକେ 'ବ୍ରାହ୍ମଣଙ୍କ ହାତ ଦେଇ କମ୍ପା ନକର ଅଗ୍ନିପୁଙ୍କ ଦ୍ୱାରା ଦେଇ ଜଳସ୍ଥ ଭକ୍ତ ଗ୍ରନ୍ଥରୁ କେତୋଟି ଅଧ୍ୟାୟ ଶୁଣିଥିବେ। ଦୁର୍ଲଭ ସଂସ୍କୃତ ଶାସ୍ତ୍ର 'ଭାଗବତ' ପରି ଜଟିଳ ଦାର୍ଶନିକ ଗ୍ରନ୍ଥକୁ ଯେପରି ମହାମନା 'ଜଗନ୍ନାଥ ଦାସ' ଉତ୍କଳ ଭାଷାରେ ଅନୁବାଦ କରି 'ଭାଗବତ' ନାମରେ ପ୍ରକାଶିତ ହୋଇଛନ୍ତି, ଠିକ୍ ସେହିପରି ମହାମନା "ପୀତାମ୍ବର ଦାଶ" 'ନୃସିଂହ ପୁରାଣ'କୁ ସଂସ୍କୃତରୁ ଅନୁବାଦ କରି ଉତ୍କଳ ବାସୀଙ୍କର ସମ୍ମାନଭାଜନ ହୋଇଛନ୍ତି। ସେହି ମହାପୁରୁଷ ଓଡ଼ିଆ ଜାତିର ତଥା ସାହିତ୍ୟର ଏତେ ବଡ଼ ଉପକାର କରିଛନ୍ତି, ତାଙ୍କ ସମ୍ବନ୍ଧରେ କିଛି ଜାଣିବା ଲାଗି ପ୍ରତ୍ୟେକ ଲୋକର ଆଗ୍ରହ ଥିବ ସନ୍ଦେହ ନାହିଁ। କିନ୍ତୁ ଆଜ ସୁଦ୍ଧା କୌଣସି ସମାଲୋଚକ ତାଙ୍କ ସମ୍ବନ୍ଧରେ ସବିଶେଷ ଆଲୋଚନା କରି ଥିବାର ଦେଖାଯାଏ ନାହିଁ।

## ପୀତାମ୍ବରଙ୍କ ସମ୍ବନ୍ଧରେ ବିଭିନ୍ନ ଆଲୋଚକଙ୍କ ମତ :—

ବିଦେଶୀ ସମାଲୋଚକ 'ଜନ୍ ବିମ୍ସ୍' ଓ 'ହଣ୍ଟର୍' "ପୀତାମ୍ବରଙ୍କ ସମ୍ବନ୍ଧରେ ଅଧିକ ଆଲୋଚନା କରି ନାହାନ୍ତି। ଓଡ଼ିଆ ସମାଲୋଚକ ତାରିଣୀ ଚରଣ ରଥ ଓ ପଣ୍ଡିତ ଶ୍ରୀଯୁକ୍ତ ବିନାୟକ ମିଶ୍ର ପ୍ରଭୃତି ସମାଲୋଚକମାନେ ତାଙ୍କ ସମ୍ବନ୍ଧରେ ଯେଉଁ ଆଲୋଚନା କରିଛନ୍ତି, ନିମ୍ନରେ ଜିଜ୍ଞାସୁର କୌତୁହଳ ଉପଶମ ହୁଏନା। ସ୍ୱର୍ଗତ ରଥ ଓ ପଣ୍ଡିତ ମିଶ୍ରଙ୍କ ମତ ଏଠାରେ ଉଦ୍ଧାର କରାଗଲା।

"ପୀତାମ୍ବର ଦାଶ, ଓଡ଼ିଶାର ରାଜା ବୀରକିଶୋର ଦେବଙ୍କ ସମୟରେ ଜୀବିତ ଥିଲେ। ଭକ୍ତ ରାଜା ୧୭୩୬—୭୩ ଖ୍ରୀ:ରେ ରାଜତ୍ୱ

କରୁଥିଲେ । ବୀରକେଶରୀ ଦେବଙ୍କ ୩୨ ଅଙ୍କରେ କବି ତାହାଙ୍କ 'ନୃସିଂହ ପୁରାଣ' ନାମକ ବୃହତ୍କାଣ୍ଡ ଗ୍ରନ୍ଥ ରଚନା କରିଥିଲେ । ଗ୍ରନ୍ଥ ରଚନା କାଳରେ କବିଙ୍କର ବୟସ ୩୨ ବର୍ଷ ମାତ୍ର ଥିଲା । ତାହାଙ୍କ ପିତାଙ୍କ ନାମ ବାଳୁକେଶ୍ୱର ଦାଶ ଓ ପିତାମହଙ୍କ ନାମ ଲକ୍ଷ୍ମୀଧର ଦାଶ । କବି ତାହାଙ୍କ ଗ୍ରନ୍ଥରେ ପୁସ୍ତକଟି କୁଡ଼ିକୁଳା ଛନ୍ଦରେ ଲେଖିଲି ଏହି ପ୍ରକାଶ କରିଛନ୍ତି ।" (୧)

"ପୀତାମ୍ବର ଦାଶ ଓଡ଼ିଶାର ରାଜା ବୀରକେଶରୀ ଦେବଙ୍କ ରାଜତ୍ୱ କାଳରେ ଜୀବିତ ଥିଲେ । ଖୁର୍ଦ୍ଧାରେ ନାନା ସମୟରେ ବୀରକେଶରୀ ନାମରେ ଅନେକ ରାଜା ଥିଲେ । ପୀତାମ୍ବର ଦାଶ କେଉଁ ବୀରକେଶରୀ ଦେବଙ୍କ ରାଜତ୍ୱ କାଳରେ ଗଞ୍ଜାମ ଜିଲ୍ଲାରେ ଜନ୍ମଗ୍ରହଣ କରି 'ନୃସିଂହ ପୁରାଣ' ଲେଖିଥିଲେ, ତାହା ନିରୂପଣ କରିବା କଠିନ । ତାରିଣୀ ଚରଣ ରଥ ଅଷ୍ଟାଦଶ ଶତାବ୍ଦୀର ବୀରକେଶରୀ ଦେବଙ୍କ ରାଜତ୍ୱ କାଳରେ ପୀତାମ୍ବର ଦାଶ 'ନୃସିଂହ ପୁରାଣ' ଲେଖିଥିଲେ ବୋଲି ନିର୍ଦ୍ଦେଶ କରିଛନ୍ତି । କିନ୍ତୁ ଆଠଗଡ଼ର କବିରାଜ ବିନାୟକ ଦାସ କହନ୍ତି ସେ ପୀତାମ୍ବର ଊନବିଂଶ ଶତାବ୍ଦୀର ବ୍ୟକ୍ତି । ସୁତରାଂ କେବଳ ରାଜାଙ୍କ ନାମରେ ଉଲ୍ଲେଖ ଦେଖି କବିଙ୍କ ସମୟ ନିରୂପଣ କରିବା ଉଚିତ ନୁହେଁ । ମୁଁ ଶୁଣିଛି, କବି ଜାତିରେ ବ୍ରାହ୍ମଣ ଥିଲେ ଓ ତାହାଙ୍କ ନାତି ବର୍ତ୍ତମାନ ଜୀବିତ ଅଛନ୍ତି ।" (୨)

୰ ଜଗବନ୍ଧୁ ସିଂହ 'ପୀତାମ୍ବର'ଙ୍କ ସମ୍ବନ୍ଧରେ ଯେଉଁ ମତ ଦେଇଛନ୍ତି, ତାହା ୰ ତାରିଣୀ ବାବୁଙ୍କ ମତ ସହିତ ପ୍ରାୟ ସମାନ । ଅନ୍ୟାନ୍ୟ ଆଲୋଚକଙ୍କ ମତ ସେତେ ପ୍ରାଞ୍ଜଳ ବୋଲି ମନେ ହୁଏ ନାହିଁ । ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ ତାଙ୍କ 'ଓଡ଼ିଆ ସାହିତ୍ୟର ଇତିହାସ'ର

---

(୧) ଉତ୍କଳ-ସାହିତ୍ୟର ଇତିହାସ, ୰ ତାରିଣୀ ଚରଣ ରଥଙ୍କ ପ୍ରଣୀତ, ଦ୍ୱିତୀୟ ସଂସ୍କରଣ, ୨୬ ପୃଷ୍ଠା ।

(୨) ଓଡ଼ିଆ ସାହିତ୍ୟର ଇତିହାସ, ବିନାୟକ ମିଶ୍ରଙ୍କ ପ୍ରଣୀତ, ୧୯୨୮ରେ ପ୍ରକାଶିତ । ୧୬୯ ପୃଷ୍ଠା ।

୧ମ ଓ ୨ୟ ଭାଗରେ 'ପୀତାମ୍ବର'ଙ୍କ ସମ୍ବନ୍ଧରେ ଆଲୋଚନା କରି ନାହାନ୍ତି ।

## ପୀତାମ୍ବରଙ୍କ ସମ୍ବନ୍ଧେ ଆଲୋଚନା :—

ଓଡ଼ିଶାର ପ୍ରସିଦ୍ଧ ଗ୍ରନ୍ଥ 'ନୃସିଂହ ପୁରାଣ'ର ଲେଖକ 'ପୀତାମ୍ବର ଦାସ'ଙ୍କ ସମ୍ବନ୍ଧରେ ଆଲୋଚନା କଲେ ଜଣାଯାଏ ଯେ ସ୍ୱର୍ଗତଃ ତାରିଣୀ ବାବୁ ସଂକ୍ଷେପରେ ଯେଉଁ ମତ ଦେଇଛନ୍ତି, ତାହା ସମ୍ପୂର୍ଣ୍ଣ ତଥ୍ୟ ମୂଳକ । ପଣ୍ଡିତ ମିଶ୍ର ୰ ତାରିଣୀ ବାବୁଙ୍କ ନିର୍ଭୁଲ ମତ ଉପରେ ଯେଉଁ ଦୋଷ ଦେଖାଇଛନ୍ତି, ତାହା ଆଦୌ ତଥ୍ୟ ମୂଳକ ନୁହେଁ । ପଣ୍ଡିତ ମିଶ୍ରଙ୍କ ଆଲୋଚନାରୁ ଜଣାଯାଏ ଯେ ସେ କେବଳ କେତୋଟି ଶୁଣା କଥା ଉପରେ ଯୋର ଦେଇ ଆଲୋଚନା କରିଛନ୍ତି ।

ପ୍ରାଚୀନ କାଳରେ କବିମାନେ ଗ୍ରନ୍ଥ ଆରମ୍ଭରେ, ଅଧ୍ୟାୟ ଶେଷରେ ଓ ଗ୍ରନ୍ଥ ଶେଷରେ ନିଜର ବଂଶ, ଜାତି, ଗୋତ୍ର, ସମୟ ତଥା ଇଷ୍ଟଦେବାଦି ବିଷୟରେ ଅନେକ ଜ୍ଞାତବ୍ୟ ବିଷୟ ଦେଇଥାନ୍ତି । ସେହି ପ୍ରାଚୀନ ପରଂପରାକୁ ଅନୁସରଣ କରି କବି 'ପୀତାମ୍ବର' ଅନେକ ସ୍ଥଳରେ ତାଙ୍କ ନିଜ ସମ୍ବନ୍ଧରେ ଯେଉଁ ତଥ୍ୟ ଦେଇଛନ୍ତି, ନିମ୍ନରେ ପ୍ରଦତ୍ତ ହେଲା ।

"ଜାତିରେ ବ୍ରାହ୍ମଣ ମୁଁ ଯଜୁର୍ବେଦୀ ଅଟେ ।

× × ×

କାଣ୍ୱଶାଖା କୌଣ୍ଡିନ୍ୟ ଗୋତ୍ର କଥି ଦୃଢ଼,
ବ୍ରହ୍ମ ସମ୍ପ୍ରଦା ମାଧବାନନ୍ଦ ଗୁରୁଦେବ ।

+ + +

ବଡ଼ ମନ୍ତ୍ରର ବ୍ରହ୍ମ ସଂହିତା ଅଧିକାରୀ ।

× × ×

ବାଜପେୟୀ ଦଳାଗ୍ରୁଧ ଏ ରୂପେ ବ୍ରାହ୍ମଣ ।

× × ×

ଚେଣ୍ଡୁ ବଂଶ କୁଳେ ମୁଁ ଜନ୍ମିଲି ଦେବ ବନ୍ଧୁ,

+ + +

ବୃଦ୍ଧ ପ୍ରପିତାମହ ମୁକୁନ୍ଦ ନାମ ମୋର ।

\+ \+ \+

ଲକ୍ଷ୍ମୀଧର ଦାଶ ପୁଣି ତାହାଙ୍କ ବାଳକ,
ସେ କରିଅଛନ୍ତି ଟୀକାଣ ବର୍ଣ୍ଣାକର ଶ୍ଳୋକ ।
ପ୍ରଣବ ବ୍ୟାଖ୍ୟାନ ଟୀକା ବୋଲି ସେହି ନାମ ଦେଲେ,
ସହସ୍ର ନାମକୁ ପୁଣି ପରିଷ୍କୃତ କଲେ ।

\+ \+ \+

ତାହାଙ୍କର ପୁତ୍ର ପୁଣି ବାଲୁକେଶ୍ୱର ଦାଶ,
ତିନି ଗୋଟି ଗ୍ରନ୍ଥ କରି ଅଛନ୍ତି ହରଷ ।

\+ \+ \+

ପ୍ରଥମ ଖଣ୍ଡ ନାମ 'ବଚନ ବୋଲି' କହି,
ଦୂଜେ 'ବଚନ ଚର୍ଣ୍ଣ' ଅଛନ୍ତି ଜାଣି ଲିଖି ।
ତୃତୀୟ ଖଣ୍ଡ 'ଦୂତସ୍ଥ ରମଣୀ ଦାମ'.
ଏ ରୂପେ ମୋ ପିତାଙ୍କର ଅଟେ ପରିଶ୍ରମ ।

\+ \+ \+

ତତ୍ପୁଂ ଜନ୍ମ ହେଲି ପ୍ରଥମ ପଣ୍ଡିତ ଭତ୍ତୁ ।*

× × ×

ବଳ୍ପ ମଠର ବ୍ରହ୍ମ ସମ୍ପ୍ରଦା ଅଧିକାରୀ,
ଦାସ ଲକ୍ଷ୍ମୀଧର ପିତାମହ ଯେ ମୋହର ।
ତାଙ୍କ ଜ୍ୟେଷ୍ଠ ନନ୍ଦନ ବାଲୁକେଶ୍ୱର ଦାଶ,
ନାମ ମୋ ପୀତାମ୍ବର ଅଟଇଂ ତାଙ୍କ ଶିଷ୍ୟ ।**

× × ×

ବନ୍ଧୁଙ୍କେ ଜନ୍ମି ବୋଲଇଲି ସବୁବେଦ.
କଷ୍ଟେ ନୃସିଂହ ପୁରାଣ ବଂଶ ଭେଦ ।

---

* ନୃସିଂହ ପୁରାଣ ୬ଷ୍ଠ ରତ୍ନାକର, ଓଡ଼ିଶା ମ୍ୟୁଜିଅମ୍ ପୋଥି ।
Or.P. No ( , ପତ୍ର ୨୦୭

** ନୃସିଂହ ପୁରାଣ, ୬ଷ୍ଠ ରତ୍ନାକର, ଓଡ଼ିଶା ମ୍ୟୁଜିଅମ୍ ପୋଥି,
Or. F. No. ]: ( ପତ୍ର ୭୫ ।

ମାଧବାଚାର୍ଯ୍ୟ ବେଃ ଜଗ ମୋହନଙ୍କ ସର,
ବ୍ରହ୍ମ ସମ୍ପ୍ରଦା ତିଳକ ଦେଶ ହରି ମନ୍ଦିର ।
ନୃସିଂହ ମନ୍ତ୍ର ବତିଶ ଅକ୍ଷର ଆଭରଣ,
ଏମନ୍ତ କୁଳରେ ଜନ୍ମ କଲେ ମୋହିତ ଜନ୍ମ ।" **

ଉପରେ ଲିଖିତ ପଦ୍ୟାଂଶରୁ ସ୍ପଷ୍ଟ ଜଣାଯାଏ ଯେ କବି 'ଗୀତାମୃତ' ଗ୍ରନ୍ଥରେ ଯଜୁର୍ବେଦୀୟ କାଣ୍ୱଶାଖାନ୍ତର୍ଗତ କୌଣ୍ଡିନ୍ୟଗୋତ୍ରଜ ବାଜପେୟୀ ବ୍ରାହ୍ମଣ ଥିଲେ । ତାଙ୍କର ପୂର୍ବପୁରୁଷମାନେ 'ମାଧ୍ୱାଚାର୍ଯ୍ୟ'ଙ୍କ ଶିଷ୍ୟ ପରମ୍ପରାରେ ଦୀକ୍ଷିତ ହୋଇଥିବାରୁ ସେ ହରି ମନ୍ଦିର ଟୀକା କାଟୁଥିଲେ । ସେ ପଦ୍ୟାଂଶରୁ ଆହୁରି ମଧ୍ୟ ଜଣାଯାଏ ଯେ କବିଙ୍କ ପିତାମହ ଲକ୍ଷ୍ମୀଧର "ପ୍ରଣବ ବ୍ୟାହୃତି ଗୀତା" ଓ "ସହସ୍ର ନାମ" (ବିଷ୍ଣୁ ସହସ୍ର ନାମ ବୋଧହୁଏ)ର ରଚୟିତା ଥିଲେ ଏବଂ ତାଙ୍କ ପିତା "ବସନ୍ତ ବୋଲି", "ବଦନ ବେଣୁର" ଓ "ବୃନ୍ଦାବନ ରମଣୀ ବାମ" (?)ର ପ୍ରଣେତା ଥିଲେ । ଉପର୍ଯ୍ୟୁକ୍ତ ଗ୍ରନ୍ଥଗୁଡ଼ିକ ମଧ୍ୟରୁ "ପ୍ରଣବ ବ୍ୟାହୃତି ଗୀତା" ବ୍ୟତୀତ ଅନ୍ୟ କୌଣସି ଗ୍ରନ୍ଥ ମୁଁ ଦେଖି ନାହିଁ । କିନ୍ତୁ 'ପ୍ରଣବ ବ୍ୟାହୃତି ଗୀତା'ଟି ଆମେ ଭଲ ପଢ଼ି ସେଥିରୁ କୌଣସି ସ୍ଥଳରେ 'ଲକ୍ଷ୍ମୀଧର'ଙ୍କ ନାମ ପାଇଲୁ ନାହିଁ । ଗ୍ରନ୍ଥଟି ଗଦ୍ୟାନୁବାଦ ସହ (ପ୍ରାଚୀନ ଗଦ୍ୟ) ପୁସ୍ତକାକାରରେ ପ୍ରକାଶ ପାଇଛି । ସେ ଗ୍ରନ୍ଥର ଲେଖକ "ମହନ୍ତ ପରମେଶ୍ୱର ଦାସ" ବୋଲି ପ୍ରତ୍ୟେକ ଅଧ୍ୟାୟର ଶେଷ ବଚନିକାରୁ ଜଣାଯାଉଛି ।

"ଇତିଶ୍ରୀ ନୃସିଂହ ପୁରାଣୋକ୍ତଂ ପ୍ରଣବ ବ୍ୟାହୃତି ଗୀତାୟାଂ (?) ବ୍ରହ୍ମା ନୃସିଂହ ସମ୍ବାଦେ ପରମ ହଂସ ପ୍ରଣବ—ଓଁକାର ମହାମନ୍ତ୍ର ନିର୍ଣ୍ଣୟ (?) ଶ୍ରୀ ନୃସିଂହ ଅନ୍ତର୍ଦ୍ଧାନେ ସୁବ୍ରହ୍ମ ଦେବ ଗମନେ (?) ବ୍ରହ୍ମା ସନ୍ତୋଷଂ ବିପ୍ର ମହନ୍ତ ପରମେଶ୍ୱର ଦାସ ବିରଚିତ ଏକାଦଶ ଅଧ୍ୟାୟ" ।**

---

** Or. M/ ' ପ୍ରଣବ ବ୍ୟାହୃତି ଗୀତା ଶେଷ ପତ୍ର ମ୍ୟୁଜିଅମ ପୋଥି ।

*** ପଣ୍ଡିତ ୰ ଶ୍ରୀ ରତ୍ନାକର ଗର୍ଗବଟୁଙ୍କ ଦ୍ୱାରା ସମ୍ପାଦିତ ନୃସିଂହ ପୁରାଣ— ୨୮୫ ପୃଷ୍ଠା ୨ୟ ସଂସ୍କରଣ ।

ଏଠାରେ ଗୋଟିଏ ପ୍ରକାର ଅନୁମାନ କରାଯାଇ ପାରେ । 'ଲକ୍ଷ୍ମୀଧର ଦାସ' ବୃଦ୍ଧ ବୟସରେ ସନ୍ନ୍ୟାସ ଧର୍ମ ଗ୍ରହଣ କରି କୌଣସି ମଠରେ ମହନ୍ତ ହୋଇ 'ପରମେଶ୍ୱର' ନାମ ଧାରଣ କରିଥିବେ, କିମ୍ବା 'ପରମେଶ୍ୱର ଦାସ' କେବଳ 'ଗଦ୍ୟାନୁବାଦକ' ହୋଇଥିବ । 'ପୀତାମ୍ବର ଦାସ'ଙ୍କ ପ୍ରମାଣ ଅନୁଯାୟୀ 'ଲକ୍ଷ୍ମୀଧର'ଙ୍କ ଲିଖିତ 'ପ୍ରଣବ ବ୍ୟାହୃତି ଗୀତା'ଟି ୩୭୭ (ତିନିଶହ ସତସ୍ତରି) ଶ୍ଲୋକ ବିଶିଷ୍ଟ ଗୋଟିଏ ଗ୍ରନ୍ଥ । ମାତ୍ର ପ୍ରାଦେଶିକ ସଂଗ୍ରହାଳୟରେ ଥିବା ପୋଥି ଓ ଛପା ବହିରୁ ୩୫୭ ଶ୍ଲୋକ ମିଳୁଛି । ଏ ସମ୍ବନ୍ଧରେ ଏତିକି କୁହାଯାଇ ପାରେ ଯେ 'ଲକ୍ଷ୍ମୀଧର ଦାସ' ଗ୍ରନ୍ଥଟି ଲେଖିଲାବେଳେ ୩୭୭ ଶ୍ଲୋକ ବିଶିଷ୍ଟ 'ପ୍ରଣବ ବ୍ୟାହୃତି ଗୀତା' ଲେଖିଥିବେ, ପରେ ଯେ ଗୋଟିଏ ଦୁଇଟି ପ୍ରକ୍ଷିପ୍ତ ଶ୍ଲୋକ ମିଶି ୩୫୭ ହୋଇ ଯାଇ ପାରେ । କାରଣ 'ମହନ୍ତ ପରମେଶ୍ୱର'ଙ୍କ ନାମ ପରିଚୟ ଓ ଗୁରୁଙ୍କ ନାମ ମିଶି ଗ୍ରନ୍ଥଟିରେ ୨୦ଟି ଶ୍ଲୋକ ଅଛି ।

'ପ୍ରଣବ ବ୍ୟାହୃତି ଗୀତା'ର ରଚନା କାଳ କଣ ନିମ୍ନ ଲିଖିତ ମତରୁ ଦେଖନ୍ତୁ ।

"ଯୁଗାବ୍ଦ ଜାୟତେ ଶ୍ୱେତ
ମୁନିବେଦ ମୁନିବେଦ ଚ" ।

× × ×

"ଅତ୍ର ସ୍ୱଳ୍ପରସସ୍ୟଙ୍କ ଗ୍ରନ୍ଥକୃତୋ ମତମ୍" (?) ପ୍ରଥମଟି ଯୁଗାବ୍ଦ = ୪୭୪୭ ଓ ଦ୍ୱିତୀୟଟି ଶକାବ୍ଦ ବୋଲି ଓଡ଼ିଆ ଗଦ୍ୟାନୁବାଦରେ ଦିଆଯାଇଛି । ଦୁଇଟି ଯାକ ଅଙ୍କକୁ ବିଚାର କଲେ ଜଣାଯାଏ ଗ୍ରନ୍ଥକାର ଖ୍ରୀ: ୧୬୪୬ରେ 'ପ୍ରଣବ ବ୍ୟାହୃତି ଗୀତା' ଲେଖିଥିଲେ । 'ନୃସିଂହ ପୁରାଣ'ର କବି 'ପୀତାମ୍ବର' ୧୬୫୯ ଖ୍ରୀ ରେ ଗ୍ରନ୍ଥଟି ଲେଖିଥିଲେ ବୋଲି (ଗ୍ରନ୍ଥକାରଙ୍କ ସମୟ ଅନୁଚ୍ଛେଦରେ ଆଲୋଚନା କରାହେବ) ସେ ନିଜେ ଲେଖିଛନ୍ତି । ସେତେବେଳକୁ ତାଙ୍କୁ ୨୨ ବର୍ଷ ବୟସ ହୋଇଥିଲା ବୋଲି ଅନ୍ୟ ଏକ ପ୍ରମାଣରୁ ଜଣାଯାଉଛି । ତା'ହେଲେ ପୀତାମ୍ବରଙ୍କ ରଚନାକାଳ ଓ 'ପ୍ରଣବ ବ୍ୟାହୃତି ଗୀତା'ର ରଚନା କାଳ ମଧ୍ୟରେ ମାତ୍ର ୧୩ ବର୍ଷ

ପାର୍ଥକ୍ୟ ରହୁଛି ଏବଂ ପୀତାମ୍ବରଙ୍କ ଜନ୍ମ ଓ ପ୍ରଣବ ବ୍ୟାହୃତ ଗୀତାର ରଚନା କାଳ ମଧ୍ୟରେ ମାତ୍ର ୭ ବର୍ଷ ପାର୍ଥକ୍ୟ ରହୁଛି । ଏପରି ସ୍ଥଳେ ଉପଲବ୍ଧ 'ପ୍ରଣବ ବ୍ୟାହୃତ ଗୀତା'ର ପ୍ରଣେତା 'ପୀତାମ୍ବର'ଙ୍କ ଉପନାମ 'ଲକ୍ଷ୍ମୀଧର' ବୋଲି ଧରିନେଲେ ନିତାନ୍ତ ଅଯୌକ୍ତିକ ହେବ ନାହିଁ । ଅନ୍ୟ କୌଣସି ସୁଦୃଢ଼ ପ୍ରମାଣ ମିଳିବା ପର୍ଯ୍ୟନ୍ତ ଏପରି ଅନୁମାନ ଅସମୀଚୀନ ନୁହେଁ ।

## ପୀତାମ୍ବରଙ୍କ ବାସସ୍ଥାନ ଓ ବଂଶଲତା : --

ସମାଲୋଚକ ୰ ତାରିଣୀ ବାବୁ, 'ପୀତାମ୍ବର ଦାଶ' ଋଷିକୁଲ୍ୟା ତଟରେ 'ନୃସିଂହ ପୁରାଣ' ଲେଖିଥିଲେ ବୋଲି ତାଙ୍କ ଇତିହାସରେ ଲେଖିଛନ୍ତି । ତାହା ବ୍ୟତୀତ ପୀତାମ୍ବର ବଂଶ ଓ ତାଙ୍କ ନାତି 'ନଗୀଙ୍ଗ ଦାଶ' ( 'ଦାମୋଦର ପୁରାଣ'ର ପ୍ରଣେତା ) ନିଜ ବାସସ୍ଥାନ ସମ୍ବନ୍ଧରେ ନିମ୍ନଲିଖିତ ମତେ ଲେଖିଛନ୍ତି ।

"ଏଥୁ ଉତ୍ତାରୁ ଗଉଡ଼କେଶ୍ୱର ରାଜା କାଳେ ।
ଶାରଦାଙ୍କୁ ଭକ୍ତି ପେଷିଲେ ଆତ୍ମଭୂଳେ ॥
ବୋଇଲେ ଋଷିକୁଲ୍ୟା ନଦୀକୁ ବିଜେ କର ।
ସେଠାରେ ଅଛନ୍ତି ତପ ଭକ୍ତ ଦାଶ ପୀତାମ୍ବର ॥

( ନୃସିଂହ ପୁରାଣ, ୭ମ ରତ୍ନାକର )

× × ×

"ଆମର ଜନ୍ମଭୂମି ଏବେ କହୁଅଛି ଶୁଣ ।

× × ×

ଜମ୍ବୁଦ୍ୱୀପେ ଭରତ ଖଣ୍ଡେ ସାରସ୍ୱତ ଭୂମି ।
ମଧ୍ୟ କଳିଙ୍ଗ ଦେଶ ଦକ୍ଷିଣ ସ୍ଥାମି ॥
ନୀଳାଚଳକୁ ପଥ ଦ୍ୱାଦଶ ସ୍ୱଣ ଛଡ଼ା ।
ଋଷିକୁଲ୍ୟା ନଦୀ ତଟେ ଆଶ୍ରମ ମୋର ଭିଟା ॥
ତ୍ରିବେଣୀ ପ୍ରାଙ୍ଗଣେ 'ଭଅର' ବୋଲି ଗ୍ରାମ ।
ପିତୃ ପିତା କାହ୍ନୁ ତୀର୍ଥରେ ଆଶ୍ରମ ॥
ଶ୍ରୀ ରାଧା ଦାମୋଦର ଅଟନ୍ତି ମୋର ଇଷ୍ଟ ।

× × ×

ମୋହର ତୋମର ନାମ ପୀତାମ୍ବର ।

× × ×

ତାହାଙ୍କର ପୁତ୍ର ଶ୍ରୀନିବାସ ମୋ ପିତା ନାମ ।
ମୋ ନାମ ଗୌରାଙ୍ଗ ତାଙ୍କ କନିଷ୍ଠ ନନ୍ଦନ ।"*

'ଦାମୋଦର ପୁରାଣ'ର କବି 'ଗୌରାଙ୍ଗ ଦାଶ'ଙ୍କ ଉକ୍ତିରୁ ସ୍ପଷ୍ଟ ଜଣାପଡ଼ୁଛି ଯେ ତାଙ୍କ ପିତୃପିତାମହମାନେ ଚୁଡ଼ିକୁଲା ନଗର ପୂର୍ବପଟେ ଥିବା 'ତଅର' ଗ୍ରାମରେ ବାସ କରୁଥିଲେ । କବି ଗୌରାଙ୍ଗ 'ଦାମୋଦର ପୁରାଣ' ଲେଖିଲା ବେଳେ ମଧ୍ୟ ନିଜର ପୂର୍ବ ପୁରୁଷଙ୍କ ବାସ ସ୍ଥାନରେ ରହି ଗ୍ରନ୍ଥ ଲେଖିଥିଲେ । କବି ପୀତାମ୍ବର ନିଜର ଜାତି, ଗୋତ୍ରାଦି ସମ୍ବନ୍ଧରେ ଯେଉଁପରି ପ୍ରମାଣ ଦେଇଛନ୍ତି, ଗୌରାଙ୍ଗ ମଧ୍ୟ ନିଜ ଗୋତ୍ରାଦି ସମ୍ବନ୍ଧରେ ଠିକ୍ ସେହିପରି ପ୍ରମାଣ ଦେଇଛନ୍ତି ।

"ସଙ୍କର୍ଷଣ ବ୍ରାହ୍ମଣ ଗାୟତ୍ରୀ ମନ୍ତ୍ର ଘେନା ।
କୌଣ୍ଡିନ୍ୟ ପ୍ରବର ଗୋତ୍ର ଅମୃତ୍ତିକ ପଣା ॥
ବୃନ୍ଦ ସମ୍ପ୍ରଦା ତିଳକ ହରିପାଦାକୃତି ।

× × ×

ଶତ ସହସ୍ର ପ୍ରଣମିତ ପୀତାମ୍ବର ଜାତି ॥ **

କବି 'ପୀତାମ୍ବର ଦାଶ'ଙ୍କ ବଂଶଲତା ସମ୍ବନ୍ଧରେ 'ନୃସିଂହ ପୁରାଣ'ରେ ଦିଆଯାଇଥିବା ପଦ୍ୟଗୁଡ଼ିକ ପୂର୍ବରୁ ଦିଆଯାଇଛି । ସେଥିରେ କବି ତାଙ୍କୁ ମିଶାଇ ସାତ ପୁରୁଷଙ୍କ ନାମ ଲେଖିଛନ୍ତି । ମାତ୍ର କବି ଗୌରାଙ୍ଗ ଦାଶ ତାଙ୍କ 'ଦାମୋଦର ପୁରାଣ'ରେ ତାଙ୍କୁ ମିଶାଇ ଆଠ ପୁରୁଷର ନାମ ଲେଖିଛନ୍ତି ।

---

* ଗୌରାଙ୍ଗ ଦାଶଙ୍କ 'ଦାମୋଦର ପୁରାଣ', ୧ମ ଖଣ୍ଡ ଶେଷ
Or P/୧୫ , ଓଡ଼ିଶା ମ୍ୟୁଜିଅମ୍ ପୋଥି ।

** ଗୌରାଙ୍ଗ ଦାଶଙ୍କ 'ଦାମୋଦର ପୁରାଣ', ଅନ୍ତ୍ୟ ଖଣ୍ଡ ଶେଷ,
Or P/148 ଓଡ଼ିଶା ମ୍ୟୁଜିଅମ୍ ପୋଥି ।

"କ୍ଷତ୍ର କୁଳେ ଜନ୍ମିଲି ଉତ୍ତମ ଗୋତ୍ରେ ସ୍ଥିତି ।
ଋଷିକୁଲ୍ୟା ନଦୀ ତୀର୍ଥ ଦକ୍ଷିଣ ତଟ ଗତ ॥
ସପତ ପୁରୁଷ ମୋ ବାସ କରିଥିଲେ ।

× × ×

ଶତେ ପୁରୁଷ ଲେଖିଲେ ବହୁଳ ସଂଖ୍ୟା ହେବ ।
ସାତ ପୁରୁଷ ନାମ କହୁଛି ଶୁଣ ଏବେ ॥

× × ×

ମହା ପରମ ପିତା ନାମଟି ଉଦ୍ଧବ
ତାହାଙ୍କ ପୁତ୍ର ନାମଟି ମାଧବ ॥
ମୁକୁନ୍ଦ ନାମ ପରମ ପିତାମହ ମୋର ।
ତାହାଙ୍କ ପୁତ୍ର ନାମ ଅଟଇ ଲକ୍ଷ୍ମୀଧର ॥

× × ×

ତାଙ୍କ ଜ୍ୟେଷ୍ଠ ପୁତ୍ର ବାଲୁଙ୍କେଶ୍ୱର ଦାଶ ॥
ତାଙ୍କର ଜ୍ୟେଷ୍ଠ ପୁତ୍ର ନାମ ପୀତାମ୍ବର ।
ମୋହର ପିତାଙ୍କ ସେହୁ ଅଟନ୍ତି ପିଅର ॥
ତାହାଙ୍କ ଗର୍ଭଂ ବେନି ପୁତ୍ର ହୋଇଲେ ଜନମ ।
ଶ୍ରୀନିବାସ ବୋଲି ନାମ କନିଷ୍ଠ ନନ୍ଦନ ॥
ସେହି ମୋହର ପିତା ମୁହିଁ ତାହାଙ୍କ ସୁତ ।" *

'ପୀତାମ୍ବର ଦାଶ'ଙ୍କର ଦୁଇଟି ପୁତ୍ର ଥିଲେ ବୋଲି ଉଲ୍ଲେଖ କରି, କେବଳ ସାନ ପୁଅ 'ଶ୍ରୀନିବାସ'ଙ୍କ ନାମ 'ଦାମୋଦର ପୁରାଣ'ରେ ଉଲ୍ଲେଖ କରିଛନ୍ତି । କିନ୍ତୁ ତାଙ୍କ ବଡ଼ ପୁଅ ନାମ 'ବଳରାମ' ଥିଲା ବୋଲି 'ନୃସିଂହ ପୁରାଣ'ରେ ନିଜେ ପୀତାମ୍ବର ଲେଖିଛନ୍ତି । ବଳରାମଙ୍କ ପ୍ରସାଦରୁ ପୁତ୍ରଟି ଜନ୍ମି ଥିବାରୁ ତାଙ୍କ ନାମ ସେ ବଳରାମ ଦେଇଥିଲେ ବୋଲି ଉକ୍ତ ଅଂଶରୁ ଜଣାଯାଏ ।

---

* ଦାମୋଦର ପୁରାଣ, ୪ର୍ଥ ଖଣ୍ଡ, ପୃଷ୍ଠା ୧୬୬.

"ପୁତ୍ରଦାନ ଦେବା ମୋତେ ଉଚିତ ଜଗତେ ।
ବଡ଼ ଠାକୁର ବୋଇଲେ ଶୁଣି ହେଉ ହେଜ ।
ପ୍ରଥମ ଗର୍ଭେ ବାଳକ ହୋଇ ତୋର ରହୁ ।
ଅନ୍ତର ଜାଣନ୍ତି ଏକା ଦେବୁ ତା'ର ନାମ ।
ଏମନ୍ତେ ବୋଲିଣ ଆଜ୍ଞା ଦେଲେ ବଳରାମ ।" *

ଉପର୍ଯ୍ୟୁକ୍ତ ଉଦ୍ଧୃତାଂଶ ମତେ କବିଙ୍କର ଗୋଟିଏ ବଂଶାବଳୀ ନିମ୍ନରେ ପ୍ରଦତ୍ତ ହେଲା ।

ଉଦ୍ଧବ
|
ମାଧବ
|
ମୁକୁନ୍ଦ
|
ଲକ୍ଷ୍ମୀଧର ('ପ୍ରଣବ ବ୍ୟାହୃତି ଗୀତା' ଓ 'ସହସ୍ର ନାମ'ର କବି)
|
ବାଲ୍ମିକେଶ୍ୱର ('ବସନ ନବୋଳି', 'ଚପଳ ରେଖା', 'ଦ୍ୱିଜାଶ୍ରୁ ରମଣୀ ନାମ'ର କବି)
|
ପୀତାମ୍ବର ('ନୃସିଂହ ପୁରାଣ'ର କବି)
|
ବଳରାମ (ଜ୍ୟେଷ୍ଠ) — ଶ୍ରୀନିବାସ (ଗୌରାଙ୍ଗ ଦାସଙ୍କ ପିତା)
|
ଜ୍ୟେଷ୍ଠ × × (କନିଷ୍ଠ) ଗୌରାଙ୍ଗ ଦାସ
(ଦାମୋଦର ପୁରାଣର କବି)

* ନୃସିଂହ ପୁରାଣ, ୨ୟ ବିଭାଗ, ଡକ୍ଟର ରତ୍ନାକର ଚଇନିଙ୍କ ସମ୍ପାଦିତ, ପ୍ରଥମ ସଂସ୍କରଣ, ୨୩୫ ପୃଷ୍ଠା ।

## ପୀତାମ୍ବରଙ୍କ ସମୟ ଓ ଗ୍ରନ୍ଥ ରଚନା ସମୟ :—

'କବି ପୀତାମ୍ବର ଦାସ'ଙ୍କ ସମୟ ସମ୍ବନ୍ଧରେ ୬ ତାରିଣୀ ଚରଣ ରଥ ଯେଉଁ ମତ ଦେଇଛନ୍ତି, ତାହା ସମ୍ପୂର୍ଣ୍ଣ ଯୁକ୍ତି ମୂଳକ ଅଟେ । କିନ୍ତୁ ପଣ୍ଡିତ ବିନାୟକ ମିଶ୍ର ଯେଉଁ ସମୟକୁ ସମର୍ଥନ କରନ୍ତି, ତାହା ଅନେକ ତଥ୍ୟ ମୂଳକ ନୁହେଁ । କବି 'ପୀତାମ୍ବର' ଯେତେବେଳେ 'ନୃସିଂହ ପୁରାଣ'ର କେତେକ ସ୍ଥଳରେ ନିଜର ସମୟ ସମ୍ବନ୍ଧରେ ସୂଚନା ଦେଇଛନ୍ତି, ସେତେବେଳେ ଆଉ ସନ୍ଦେହର ଅବକାଶ କେଉଁଠି ? ପଣ୍ଡିତ ମିଶ୍ର 'ବୀରକେଶରୀ ଦେବ'ଙ୍କ ସମ୍ବନ୍ଧରେ ଯେଉଁ ଶଙ୍କା ଉତ୍ଥାପିତ କରିଛନ୍ତି, 'ନୃସିଂହ ପୁରାଣ'ର ପାଠ ପଢ଼ିଲେ ସେ ଶଙ୍କା ଆପେ ଆପେ ସମାଧାନ ହୋଇଯାଏ । ଖୋର୍ଦ୍ଧା ରାଜବଂଶରେ ବୀରକେଶରୀ ଦେବ (୧ମ) ୧୬୭୨ ଖ୍ରୀ:ରେ ରାଜତ୍ୱ କରିଥିଲେ ବୋଲି ପ୍ରସିଦ୍ଧ ଐତିହାସିକ ଶ୍ରୀଯୁକ୍ତ କେଦାର ନାଥ ମହାପାତ୍ର ତାଙ୍କ ପ୍ରବନ୍ଧରେ ଲେଖିଛନ୍ତି (୧) ଏବଂ ମୁଁ ମଧ୍ୟ କେତେକ ପୋଥିରୁ ସଂଗ୍ରହ କରି "ହୃଦୟା ରାମାୟଣ ଓ କବି ବନମାଳୀ" ନାମକ ପ୍ରବନ୍ଧରେ ଲେଖିଛି । ସର୍ବୋପରି କବି 'ପୀତାମ୍ବର' 'ନୃସିଂହ ପୁରାଣ'ରେ ଉକ୍ତ ଗ୍ରନ୍ଥର ପ୍ରଥମ ରତ୍ନାକରର ଶେଷ ବର୍ଷ (ଶକାବ୍ଦ) ଦେଇ ସମସ୍ତ ସନ୍ଦେହ ମୋଚନ କରିଛନ୍ତି ।

କବି ପୀତାମ୍ବର ବୀରକେଶରୀ ଦେବ (୧ମ)ଙ୍କ ୩୨ ଅଙ୍କ, ସିଂହ ଶୁକ୍ଳପକ୍ଷ ସପ୍ତମୀ ଚନ୍ଦ୍ରବାର ଦିନ 'ନୃସିଂହ ପୁରାଣ' ଆରମ୍ଭ କରିଥିଲେ ଓ ସେତେବେଳେ କବିଙ୍କୁ ୨୨ ବର୍ଷ ହୋଇଥିଲା ବୋଲି ନିମ୍ନଲିଖିତ ଉଦ୍ଧୃତାଂଶରୁ ଜଣାଯାଏ ।

"ବୀରକେଶରୀ ଦେବଙ୍କ ବତିଶ ଅଙ୍କରେ ।
ପ୍ରଥମ ରତ୍ନାକର ଆରମ୍ଭ ସେ ଦିନରେ *

---

(୧) "Manimala hatika and Anadi Kavi" by K. N. Mahapatra, O.H.R.J. Vol IV, No, 3&4, Page 60.

* 'ନୃସିଂହ ପୁରାଣ', ପ୍ରଥମ ରତ୍ନାକର. Or. P. 1 5', ମ୍ୟୁଜିୟମ ପୋଥି, ଶେଷ ଅଧ୍ୟାୟ ।

× × ×

ସିଂହ ଶୁକ୍ଳପକ୍ଷ ପଞ୍ଚମୀ ଚନ୍ଦ୍ରବାର ।
ବୀର କେଶରୀ ଦେବଙ୍କ ବତିଶ ଅଙ୍କର ॥
ଆଗରେ ଯେ ଜନ୍ମ ଥିଲି ହୋଇଲେ ମୋହର ।
ଆଜ୍ଞା ଦେଲେ ନୃସିଂହ ପୁରାଣ ଛନ୍ଦ କର ॥"*

× × ×

"ଜନ୍ମରୁ ବାଳୁତ ଗୁଣେ ବୁଦ୍ଧି ମୋର ଗଲ ।
ବୟସ ଲେଖନ୍ତେ ଦୁଇ ଅଙ୍କେ ପାଞ୍ଚ ହେଲ ॥"**

ବୀରକେଶରୀ ଦେବଙ୍କ ୩୨ ଅଙ୍କ ସିଂହ ଶୁକ୍ଳ ପଞ୍ଚମୀ ଚନ୍ଦ୍ରବାର (ଖ୍ରୀ: ୧୭୩୬ରୁ ଗଣନା କଲେ) ଖ୍ରୀ: ୧୭୫୯ ଅଗଷ୍ଟ ୨୭ ତାରିଖରେ ପଡ଼ୁଥିଲା (୧) । ଖ୍ରୀ: ୧୭୫୯ ବେଳକୁ କବି 'ପୀତାମ୍ବର'ଙ୍କ ବୟସ ୨୫ ହୋଇଥିଲେ ତାଙ୍କ ଜନ୍ମ ଖ୍ରୀ: ୧୭୩୨-୩୩ ମଧ୍ୟରେ ହୋଇଥିବ ।

କବି 'ପୀତାମ୍ବର' 'ନୃସିଂହ ପୁରାଣ'ର '୧ମ ରତ୍ନାକର'ଟିକୁ ଠିକ୍ ସାତ ବର୍ଷ ପରେ "ଶକାବ୍ଦ ଷୋଳଶହ ଅଠାଶୀ"ରେ ଶେଷ କରିଥିଲେ ବୋଲି ନିଜେ 'ନୃସିଂହ ପୁରାଣ'ର ୧ମ ରତ୍ନାକର ଶେଷରେ ଲେଖିଛନ୍ତି । ସେତେବେଳକୁ କବିଙ୍କ ବୟସ ୩୨ ହୋଇଥିଲା ବୋଲି ମଧ୍ୟ ସେ ସୂଚନା ଦେଇଛନ୍ତି ।

"ହେ ସୁଜ୍ଞଜନ-ମାନେ, ଏ ଗ୍ରନ୍ଥ ହେଲା ଯେଉଁ ଦିନ,
ଷୋଳଶ ଅଠାଶୀ ଶକାବ୍ଦରେ ଏ ଗ୍ରନ୍ଥ ନିର୍ବାଣ ।" (୨)

---

* 'ନୃସିଂହ ପୁରାଣ' ୨ୟ ରତ୍ନାକର, ରଘୁନନ୍ଦନ ପାଠାଗାର ପୋଥି, ଜୟପୁର, No. 511.

** 'ନୃସିଂହ ପୁରାଣ' ୨ୟ ରତ୍ନାକର ଓ ରତ୍ନାକର ଧର୍ମଦାସଙ୍କ ପ୍ରକାଶିତ ପୁସ୍ତକ, ସପ୍ତମ ସଂସ୍କରଣ, ୨୩୫ ପୃଷ୍ଠା ।

(୧) An Indian Ephemeries, Vol. VI, Page, 321.

(୨) 'ନୃସିଂହ ପୁରାଣ' ୧ମ ରତ୍ନାକର, Or. P. 167 ଶେଷ ଅଧ୍ୟାୟ ।

× × ×

"ପୂର୍ଣ୍ଣ ହେଲକୁ ମୋର ବୟସ ବତିଶ ।" (୩)

ଉପର ଲଖିତ ମତରୁ ସ୍ପଷ୍ଟ ଜଣାଯାଉଛି ଯେ କବି ୧୬୮୮ ଶକାବ୍ଦ ବା ଖ୍ରୀ: ୧୭୬୬ରେ 'ପ୍ରଥମ ରତ୍ନାକର' ଶେଷକରି '୨ୟ ରତ୍ନାକର' ଆରମ୍ଭ କରିଥିଲେ । ଗୋଟିଏ 'ରତ୍ନାକର' ଶେଷ କରିବାକୁ ତାଙ୍କୁ ପ୍ରାୟ ୫ ବର୍ଷ ଲାଗିଥିବାରୁ ୭ଟି ରତ୍ନାକର ଲେଖିବାକୁ ଅନ୍ତତଃ ୨୫।୩୦ ବର୍ଷ ସମୟ ଲାଗିଥିବ ।

କବି ପୀତାମ୍ବରଙ୍କ ନାତି ଖ୍ରୀ: ୧୯୨୦ ୩୦ ମଧ୍ୟରେ ବଞ୍ଚିଥିଲେ ବୋଲି ପଣ୍ଡିତ ବିନାୟକ ମିଶ୍ରଙ୍କ ଅନୁଶୀଳନରୁ ଆଭାସ ମିଳେ । 'ପୀତାମ୍ବର'ଙ୍କ କନିଷ୍ଠ ନାତି 'ଗୌରାଙ୍ଗ ଦାଶ' (ଦାମୋଦର ପୁରାଣ ରଚୟିତା) ଙ୍କ ସମୟ ସମ୍ବନ୍ଧରେ ଏପର୍ଯ୍ୟନ୍ତ କୌଣସି ପ୍ରମାଣ ମିଳନାହିଁ । ତଥାପି ତାଙ୍କ 'ଦାମୋଦର ପୁରାଣ'ର ପୁଷ୍ପିକାରୁ ତାଙ୍କ ସମୟ ସମ୍ବନ୍ଧରେ କିଞ୍ଚିତ ଆଭାସ ମିଳେ ।

"ମୁକୁନ୍ଦ ଦେବଙ୍କ ୩୨ ଅଙ୍କ ଆଷାଢ଼ ଶୁକ୍ଳ ଦଶମୀ ସୋମବାର ଦ୧୦।୧୪ ଲଗ୍ନରେ ଅଠଗଡ଼ ତାଲୁକା ଉତ୍ତରମୁଠା ମୁକ୍ତାମାଳା-ଦେଇପୁର ଶାସନ ମହାଜନ ଅନନ୍ତ ମିଶ୍ର ।" (୧)

ମୁକୁନ୍ଦ ଦେବଙ୍କ ୩୨ ଅଙ୍କ ଆଷାଢ଼ କୃଷ୍ଣ ନବମୀ ଦିନ ଅଠଗଡ଼ ତାଲୁକା ଉତ୍ତରମୁଠା ମୁକ୍ତାମାଳାଦେଇପୁର ଗ୍ରାମରେ ଥିବା ବାଲୁକେଶ୍ୱର ଛାମୁରେ ସମ୍ପୂର୍ଣ୍ଣ ହେଲା, ଲେଖନକାର ଅନନ୍ତ ମିଶ୍ର ।" (୨)

---

(୩) ନୃସିଂହ ପୁରାଣ, ୨ୟ ରତ୍ନାକର, ରଘୁନନ୍ଦନ ପାଠାଗାର ପୋଥି No. 138.

(୧) ଦାମୋଦର ପୁରାଣ, ୨ୟ ଖଣ୍ଡ, Or. P. 179, ପୁଷ୍ପିକା (Colophon) ମ୍ୟୁଜିଅମ୍ ପୋଥି ।

(୨) ଦାମୋଦର ପୁରାଣ, ୧ମ ଖଣ୍ଡ, Or. P. 178 ପୁଷ୍ପିକା, ମ୍ୟୁଜିଅମ୍ ପୋଥି ।

୧ମ ଓ ଦ୍ୱିତୀୟ ମୁକୁନ୍ଦଦେବଙ୍କ ପ୍ରଶ୍ନ ଏଠାରେ ଉଠି ନପାରେ। ୩ୟ ମୁକୁନ୍ଦଦେବଙ୍କ ରାଜତ୍ୱ ଖ୍ରୀ: ୧୮୬୭-୮୧ ମଧ୍ୟରେ ଆରମ୍ଭ ହୋଇଥିଲା ବୋଲି ବିଭିନ୍ନ ପ୍ରମାଣରୁ ଜଣାଯାଏ। ତାଙ୍କ ୩୨ ଅଙ୍କ ଅର୍ଥାତ୍ ରାଜତ୍ୱର ୨୫ ବର୍ଷ ବା ଖ୍ରୀ: ୧୯୦୧-୧୯୦୨ ମଧ୍ୟରେ ଅନନ୍ତ ମିଶ୍ରଙ୍କ ଦ୍ୱାରା 'ଦାମୋଦର ପୁରାଣ' ନକଲ କରାଯାଇଥିଲା ବୋଲି ଉପର ଲିଖିତ ଉଦ୍ଧୃତାଂଶରୁ ପ୍ରମାଣ ମିଳୁଛି। କବି ଗୌରାଙ୍ଗ ଦାସ ଅନ୍ତତଃ ୩୦ ବର୍ଷ ପୂର୍ବରୁ ଗ୍ରନ୍ଥଟି ଲେଖିଥିଲେ ବୋଲି ଧରାଗଲେ ପଣ୍ଡିତ ମିଶ୍ରଙ୍କ ମତାନୁଯାୟୀ ସେ ଖ୍ରୀ: ୧୯୨୦-୩୧ ମଧ୍ୟରେ ଜୀବିତ ଥିଲାପରି ଆଦୌ ବୋଧ ହେଉନାହିଁ।

## କବିଙ୍କ ଅନ୍ୟାନ୍ୟ ରଚନା ଓ କୃତିତ୍ୱ :—

'ପୀତାମ୍ବର ଦାସ' 'ନୃସିଂହ ପୁରାଣ' ବ୍ୟତୀତ ଅନ୍ୟ କୌଣସି ଗ୍ରନ୍ଥ ଲେଖି ଥିବାର ନିର୍ଦ୍ଦିଷ୍ଟ ପ୍ରମାଣ ମୁଁ ପାଇନାହିଁ। କିନ୍ତୁ ଗତ ମାର୍ଚ୍ଚ ମାସରେ 'ସାଧନ ଦର୍ପଣ' ବୋଲି ଖଣ୍ଡିଏ ପୋଥି ସଂଗୃହୀତ ହୋଇ ଓଡ଼ିଶା ମ୍ୟୁଜିଅମ୍‌ରେ ସୁରକ୍ଷିତ ହୋଇଛି। ଗ୍ରନ୍ଥଟିର କବି 'ପୀତାମ୍ବର ଦାସ' ବୋଲି ଗ୍ରନ୍ଥପାଠ ପରେ ଜଣାଯାଉଛି। ଗ୍ରନ୍ଥଟି ରାଧାକୃଷ୍ଣ ଲୀଳା ମୂଳକ ଅଟେ। ସେଥିରେ କବି 'ପୀତାମ୍ବର ଦାସ' ନିଜ ସମ୍ବନ୍ଧରେ ଅନ୍ୟ କୌଣସି ସୂଚନା ନ ଦେଇ କେବଳ ନିଜ ଗୁରୁଦେବ 'ଭକ୍ତ ରାମଦାସ'ଙ୍କ ନାମ କେତେଥର ସ୍ମରିଅଛନ୍ତି। ଗ୍ରନ୍ଥଟିର ନଅଟି ଯାକ ଅଧ୍ୟାୟରେ କୁତ୍ରାପି କବି ନିଜ ସମ୍ବନ୍ଧରେ କିଛି ହେଲେ ସୂଚନା ଦେଇ ନଥିବାରୁ 'ନୃସିଂହ ପୁରାଣ'ର ଲେଖକ ଓ 'ସାଧନ ଦର୍ପଣ'ର ଲେଖକ ଏକ କି ନା ଏ ବିଷୟରେ ସନ୍ଦେହ ଜାତ ହୁଏ।

କବି 'ପୀତାମ୍ବର ଦାସ', 'ଜଗମୋହନ ରାମାୟଣ'ର କବି 'ବଳରାମ ଦାସ' ଓ ଭାଗବତର ରଚୟିତା 'ଜଗନ୍ନାଥ ଦାସ'ଙ୍କ ପରି ନିଜର ସ୍ୱାତନ୍ତ୍ର୍ୟ ବଜାୟ ରଖି 'ନୃସିଂହ ପୁରାଣ' ରଚନା କରିଥିଲେ ବୋଲି ଜଣାଯାଏ। କବି ସାଧୁ ପଣ୍ଡିତମାନଙ୍କଠାରୁ ସଂସ୍କୃତ 'ନୃସିଂହ ପୁରାଣ' ଶୁଣି ନିଜ ପ୍ରତିଭା

ବଳରେ ଓଡ଼ିଆ ଭାଷାରେ 'ନୃସିଂହ ପୁରାଣ' ଅନୁବାଦ କରିଥିଲେ ବୋଲି ଯେଉଁମାନେ ମତ ଦିଅନ୍ତି ସେମାନେ ପୀତାମ୍ବର ଦାଶଙ୍କ ଭକ୍ତିଭାବକୁ ଅବମାନନା କରନ୍ତି । କାରଣ ସଂସ୍କୃତରେ ଯେଉଁ 'ନୃସିଂହ ପୁରାଣ' ରହିଛି ତା ସହିତ ପୀତାମ୍ବରଙ୍କ 'ନୃସିଂହ ପୁରାଣ'ର କେବଳ ନାମ ସାମ୍ୟ ବ୍ୟତୀତ ବିଷୟଗତ ସାମଞ୍ଜସ୍ୟ ଆଦୌ ନାହିଁ । କବି ପୀତାମ୍ବର ଦାଶ ସାଧୁମାନଙ୍କ ମୁଖରୁ ବିଭିନ୍ନ ପୁରାଣ ତଥା ନୃସିଂହ ଅବତାରଙ୍କ ସମ୍ବନ୍ଧରେ ଯେଉଁ ତଥ୍ୟ ଶୁଣିଥିଲେ, ନିଜର ଭକ୍ତିର ବଳରେ ତାକୁହିଁ ଓଡ଼ିଆ ପାଠକ ପାଠିକା ତଥା ଭକ୍ତମାନଙ୍କ ଆଗରେ ଉପସ୍ଥାପିତ କରିଥିଲେ ।

"କେବଳ ଏହା ମୁହିଁ ସାଧୁଙ୍କ ସନ୍ମୁଖେ ।
ଏ ଗ୍ରନ୍ଥ ଶୁଣିଥିଲି ବସି ତାଙ୍କ ପାଖେ ॥
କି ବୁଝେ ପଦବନ୍ଧେ କରିବି ଲେଖନ ।
ଏହି କଥା ଭାଳୁ ଭାଳୁ ଗଲା ମୋର ଦିନ ॥" (୧)

× × ×

"ମୋର ପିତାମହ ନାମ ପୀତାମ୍ବର ।
ସେହୁ ଲେଖିଥିଲେ ନୃସିଂହ ପୁରାଣ ସାର ॥" (୨)

କବି ପୀତାମ୍ବର ଦାଶ ନିଜର ଅଜାଣତା ଅନେକ ସ୍ଥଳରେ ପ୍ରକାଶ କରିଛନ୍ତି ଏବଂ ଶାରଦା ଓ ନାରାୟଣଙ୍କ କୃପାରୁ ସେ ନୃସିଂହ ପୁରାଣ ପରି ବିରାଟ ଗ୍ରନ୍ଥ ଲେଖିବାରେ ସମର୍ଥ ହୋଇଛନ୍ତି ବୋଲି ସୂଚନା ଦେଇଛନ୍ତି ।

"ଏଥି ଉତ୍ତାରେ ବୀରକେଶରୀ ରାଜ୍ୟ କାଳେ ।
ଶାରଦାଙ୍କୁ ଡାକି କହିଲେ ଆଦ୍ୟମୂଳେ ॥
ବୋଇଲେ ଋଷିକୁଲ୍ୟା ନଦୀକ ନିକଟରେ ।
ସେଠାରେ ଅଛନ୍ତି ଯେ ବିପ୍ର ଦାଶ ପୀତାମ୍ବର ॥
ତାହାଙ୍କୁ ଶୀଘ୍ର ଯାଇ ବର ଦେଇ ଆସ ।
ନୃସିଂହ ପୁରାଣ ସେହୁ କରିବ ପ୍ରକାଶ ॥

---

(୧) ନୃସିଂହ ପୁରାଣ, ୨ୟ ଚନ୍ଦ୍ରାକର, ପଦ ୨୭, ଉପନନ୍ଦନ ପାଠାଗାର No. 134
(୨) ଦାମୋଦର ପୁରାଣ, ୮ମ ଖଣ୍ଡ Or P./180 ମ୍ୟୁଜିଅମ୍ ପୋଥି ।

ଶୁଣିଣ ସରସ୍ୱତୀ ଆଜ୍ଞା ଚରଣାଣେ ।
ସୁଦନେ ଅର୍ପି ମୋତେ କହନ୍ତି ନାରାୟଣେ ॥
ବୋଇଲେ ନୃସିଂହ ପୁତ୍ରଣ ବେଦଶ କର ।
ଗୋବିନ୍ଦ ଆଜ୍ଞା ଦେଇ ଅଛନ୍ତି ତୋତେ ମୋର ॥

× × ×

ମୋହର କେତେ ବୁଦ୍ଧି ଜାଣିମା ତୋର ଗୁଣ ।
ଅଧର୍ମୀ ପୁରୁଷ ତ୍ରାସୁ ଅଛି ମୁଁ ସଂସାରେଣ ॥
ଚନ୍ଦ୍ରରେ ଯାଏଁ କର୍ପି ଶୁଣିବ ସେହିଁ ପଦ ।
ସେ ପଦ ଅର୍ଥ କରି କଥାରେ ନମୋର ଦୁତ ॥

+ + +

ଶ୍ରୀ ନୃସିଂହ ସ୍ୱରଣ ଅଛନ୍ତି ଅଗୋଚର ।
ଶ୍ରୀ ଗୋବିନ୍ଦ କୃପାରୁ କହୁଛି ମାତର ॥

+ + +

ଶାରଦା ଯାହା କହନ୍ତି ହୃଦର ପ୍ରାକୃତ ।
ଶ୍ରୀମୁଖେ ଆଜ୍ଞା ଦେଅନ୍ତି ଲେଖଇଁ ମୁଁ ଭକ୍ତେ ॥

+ + +

ଏଥକୁ ବୁଦ୍ଧିଜନେ ନଧର ମୋ ଦୋଷ ।
ଶାସ୍ତ୍ର ନ ପଢ଼ିଣ ମୁଁ କହିଲି ସାହସ ॥

+ + +

ଭକ୍ତି ଭଣ୍ଡାରକୁ ମତେ ଦେଲ ମାତା ନେଇ ।
ଦେବଙ୍କ କୃପାରୁ ଲେଖେଁ ଭରସା ମୁଁ ପାଇ ॥"

ଏଣୁ 'ପୀତାମ୍ବର' ସେଖୁଁ ଅମୂଲ୍ୟ ରତ୍ନ ଦାନ କରି ଉତ୍କଳ-ସାରସ୍ୱତ ଭଣ୍ଡାର ପୂର୍ଣ୍ଣ କରିଛନ୍ତି, ସେଥିପାଇଁ ସେ ପ୍ରତ୍ୟେକ ଓଡ଼ିଆର ନମସ୍ୟ ହୋଇଛନ୍ତି । ତାଙ୍କର ନିଜର ଦାନ ଯୋଗୁଁ ଓଡ଼ିଆର ଗୋଟିଏ ବଡ଼ ଅଭାବ ପୂରଣ ହୋଇ ପାରିଛି । ଏହାହିଁ ସୌଭାଗ୍ୟର ବିଷୟ ।

# କବି ସମ୍ରାଟ୍‌ଙ୍କର ଘନ ଭଞ୍ଜ

ଗୋଟିଏ ରାଜବଂଶର ରାଜା ମାନେ ପୁରୁଷାନୁକ୍ରମେ ଓଡ଼ିଆ ସାହିତ୍ୟରେ ଉନ୍ନତ ଗ୍ରନ୍ଥ ରଚନା କରିବାର ପ୍ରମାଣ ଦକ୍ଷିଣ ଓଡ଼ିଶା ଘୁମୁସରର ରାଜବଂଶ ବ୍ୟତୀତ ଅନ୍ୟ କୌଣସିଠାରେ ଦେଖାଯାଏ ନାହିଁ । ଘୁମୁସରର ରାଜବଂଶ ଶାସକ ଦୃଷ୍ଟିରୁ ପ୍ରଜାମାନଙ୍କର ଉପକାର ସାଧନା କରି ଥାଉନା କାହିଁକି ସାହିତ୍ୟିକ ହିସାବରେ ଦେଶ ମାତୃକାର ଯେଉଁ ପ୍ରଭୂତ କଲ୍ୟାଣ ସାଧନ କରିଛନ୍ତି, ତାହା ଅନିର୍ବଚନୀୟ । ସେହି ରାଜବଂଶର ଜନୈକ ରାଜା ବଳଭଦ୍ର ଭଞ୍ଜ 'ଭାବବତୀ' ନାମକ ଏକ କାବ୍ୟ ରଚନା କରିଥିବାର ପ୍ରମାଣ ସ୍ୱର୍ଗୀୟ ତାରିଣୀ ଚରଣ ରଥଙ୍କ 'ଉତ୍କଳ ସାହିତ୍ୟର ଇତିହାସ'ରୁ ସୂଚନା ମିଳେ । ଶ୍ରୀ ବିକ୍ରମ ଭଞ୍ଜ ନାମକ ଅନ୍ୟ ଏକ ରାଜା ଉକ୍ତ ବଂଶର ପରମ୍ପରାରେ ଦୀକ୍ଷାକରି 'କନକଲତା' ନାମକ ଏକ କାଳ୍ପନିକ କାବ୍ୟ ରଚନା କରିଥିଲେ । ଉକ୍ତ ଗ୍ରନ୍ଥଟି ପାଠକଲେ, ଯଦ୍ୟପି ତାହା ଖୁବ୍ ପ୍ରାଚୀନ ବୋଲି ମନେହୁଏ ନାହିଁ ତଥାପି ସମାଲୋଚକ ପଣ୍ଡିତ ସୂର୍ଯ୍ୟନାରାୟଣ ଦାସ ଓ ସ୍ୱର୍ଗତ ତାରିଣୀ ଚରଣ ରଥ ଗ୍ରନ୍ଥଟିକୁ ଖୁବ୍ ପ୍ରାଚୀନ କାବ୍ୟ ବୋଲି ମତ ଦେଇଛନ୍ତି । ସମାଲୋଚକ ପଣ୍ଡିତ ବିନାୟକ ମିଶ୍ର ଉକ୍ତ 'କନକଲତା' କାବ୍ୟ ସମ୍ବନ୍ଧରେ ଯେଉଁ ଶଙ୍କା ଉପସ୍ଥାପିତ କରିଛନ୍ତି, ପରବର୍ତ୍ତୀ କାଳୀନ କେତେକ ଗବେଷଣା ମୂଳକ ଉପାଦାନରୁ ତାହା ପୂର୍ଣ୍ଣତଃ ଯୁକ୍ତିଯୁକ୍ତ ବୋଲି ମନେହୁଏ ।

ସେହି ବଂଶର ଅନ୍ୟ ଏକ ପ୍ରଖ୍ୟାତଯଶା ନରପତି ଧନଞ୍ଜୟ ଭଞ୍ଜ ସ୍ୱରଚିତ ବଳରେ 'ଇଚ୍ଛାବତୀ', 'ଅନଙ୍ଗରେଖା', 'ମଦନ ମଞ୍ଜରୀ', 'ରଘୁନାଥ ବିଳାସ', 'ତ୍ରିପୁର ମହିମା' ଓ ଅଶ୍ୱଶାସ୍ତ୍ର ସମ୍ବନ୍ଧୀୟ ଖଣ୍ଡିଏ 'ଶାଳିହୋତ୍ର' ଗ୍ରନ୍ଥ (ଓଡ଼ିଆ ଆଦି ବହୁ ପୁସ୍ତକ ରଚନା କରିବା ସଙ୍ଗେ ସଙ୍ଗେ କେତେକ ଚଉତିଶା ଓ ଚଉପଦୀର ରଚୟିତା ରୂପେ ଉତ୍କଳର ସୁଧୀ ସମାଜରେ ସୁପରିଚିତ ହୋଇଛନ୍ତି । ଧନଞ୍ଜୟଙ୍କ ପୌତ୍ର କବି ସମ୍ରାଟ୍ ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟ ପ୍ରତିଭା ଉତ୍କଳର ପୁରପଲ୍ଲୀରେ ସୁବିଦିତ । ଧନଞ୍ଜୟଙ୍କ କନିଷ୍ଠ ଭ୍ରାତା ଥାଟ ରାଜା ଗୋବିନ୍ଦ ଭଞ୍ଜଙ୍କ ପୁତ୍ର ଘନଭଞ୍ଜ

ସ୍ୱରକୈଶିକ ଏଡ଼ିଦ୍ୱୟଙ୍କାର ସଙ୍କୀର୍ଣ୍ଣ ଦୋଷ ମଧ୍ୟ କାବ୍ୟ ଶାସ୍ତ୍ର ଆଲୋ-ଚନାରେ କାଳ ଅତିବାହିତ କରୁଥିବାର ପ୍ରମାଣ ମିଳୁଛି ।

ଧନଭଞ୍ଜ ସ୍ୱପ୍ରତିଭାବଳରେ ଦୁଇଗୋଟି ଅନବଦ୍ୟ ଗ୍ରନ୍ଥ ଓଡ଼ିଆ ସାହିତ୍ୟର ଗ୍ରନ୍ଥଭଣ୍ଡାରକୁ ଦାନ କରିଥିବାର ପ୍ରମାଣ ବିଭିନ୍ନ ଆଲୋଚକଙ୍କ ଆଲୋଚନାରୁ ମିଳେ ।

\+ + +

"ନୀଳକଣ୍ଠ ଭଞ୍ଜ ପରଲୋକଗତ ହେବାରୁ ଧନଭଞ୍ଜ ୧୭୦୨ ଖ୍ରୀଷ୍ଟାବ୍ଦରୁ ୧୭୫୮ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ଏ 'ତ୍ରୈଲୋକ୍ୟ ମୋହିନୀ' ଓ 'ରସନିଧି' ନାମରେ ଦୁଇଖଣ୍ଡ କାଳ୍ପନିକ କାବ୍ୟ ରଚନା କରିଥିଲେ । ଏହାଙ୍କ ରଚନା ପ୍ରଣାଳୀ ସରଳ ।" (୧)

× × ×

ଧନଭଞ୍ଜ ଘୁମୁସରର ରାଜ୍ୟର ଜଣେ ରାଜା ଥିଲେ । ସେ ଉକ୍ତ ରାଜ୍ୟରେ ୧୭୦୨ ଠାରୁ ୧୭୫୮ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । × × × ଏହାଙ୍କର ପିତା ଗୋବିନ୍ଦ ଭଞ୍ଜ । × × × ପୁରୀ ମହାରାଜାଙ୍କୁ ଧନ ଭଞ୍ଜ-ସାହାଯ୍ୟ କରିଥିବାରୁ ସେ ତାହାଙ୍କୁ ହରୀଶ୍ୱର ଉପାଧି ପ୍ରଦାନ କରିଥିଲେ । କବି ତାହାଙ୍କ ଗ୍ରନ୍ଥମାନଙ୍କରେ ନିଜକୁ ହରୀଶ୍ୱର ବୋଲି ପରିଚୟ ପ୍ରଦାନ କରିଅଛନ୍ତି । + + + କବିଙ୍କ ଦ୍ୱାରା ନିମ୍ନଲିଖିତ ଦୁଇଗୋଟି କାବ୍ୟ ରଚିତ ହୋଇଛି ।

୧—ତ୍ରୈଲୋକ୍ୟ ମୋହିନୀ, ୨—ରସନିଧି ।

ଧନ ଭଞ୍ଜଙ୍କ ଭାଷା କଠିନ ନୁହେଁ କିନ୍ତୁ ସରଳ ଓ ମଧୁର ବୋଧହୁଏ । ଏହାର ବିଶେଷତ୍ୱ ଏହି ଯେ ପ୍ରତ୍ୟେକ ସ୍ଥଳରେ ବିଭିନ୍ନ ଛନ୍ଦ ବର୍ଣ୍ଣିତ ଅନେକ ପଦ୍ୟାବଳୀ ଦେଖାଯାଏ । ଉତ୍କଳ ସାହିତ୍ୟରେ ଏପରି ଅନ୍ୟ କୌଣସି ଗ୍ରନ୍ଥ ଦେଖାଯାଏ ନାହିଁ ।" (୨)

---

(୧) ଓଡ଼ିଆ ସାହିତ୍ୟର ଇତିହାସ, ପ୍ରଥମ ସଂସ୍କରଣ, by ପଣ୍ଡିତ ବିନାୟକ ମିଶ୍ର ପୃଷ୍ଠା ୧୪୪ ।

(୨) ଉତ୍କଳ ସାହିତ୍ୟର ଇତିହାସ, ସ୍ୱର୍ଗତ ତାରିଣୀ ଚରଣ ରଥ, ପୃଷ୍ଠା ୨୪ ।

\+ \+ \+

"କାବ୍ୟକଳା କେଉଁ ରାଜ ମନ କଷି
ଲେଖିଲେ ସେ କାବ୍ୟ ନିପୁଣ (ତ୍ରୈଲୋକ୍ୟ ମୋହିନୀ)।"

× × ×

"କମନ୍ତି ସେ ନବ ରସର ବାନ୍ଧି,
ଲେଖିଲେ ଆବର କାବ୍ୟ ରସନିଧି।" (୩)

ଉପରୋକ୍ତ ପ୍ରମାଣ ଗୁଡ଼ିକରୁ ଜଣାଯାଏ ଯେ ସନ ରାଜା ରାଜ୍ୟ ଶାସନ କରିବା ସଙ୍ଗେ ସଙ୍ଗେ କବି ପଣ୍ଡିତମାନଙ୍କ ସଂସ୍ପର୍ଶରେ ଆସୁଥିଲେ ଏବଂ ମନୋବିନୋଦନ ନିମିତ୍ତ କିମ୍ବା ଗୌରବ ଲାଭ ଦୃଷ୍ଟିରୁ ହେଉ, ସେ ଗ୍ରନ୍ଥ ରଚନାରେ ମନ ବଳାଇ ଥିଲେ।

## ତ୍ରୈଲୋକ୍ୟ ମୋହିନୀ :—

ତ୍ରୈଲୋକ୍ୟ ମୋହିନୀ କାବ୍ୟଟିର ଆଲୋଚନା କରିବା ପୂର୍ବରୁ ଗ୍ରନ୍ଥର କଥାବସ୍ତୁ ଜାଣିବା ନିତାନ୍ତ ଆବଶ୍ୟକ। ତେଣୁ କାବ୍ୟର କଥାବସ୍ତୁ ନିମ୍ନରେ ପ୍ରଦତ୍ତ ହେଲା।

ସୌରାଷ୍ଟ୍ର ଦେଶର ରାଜା ଇନ୍ଦ୍ରସେନଙ୍କ ରାଣୀ ସର୍ବାଙ୍ଗ ସୁନ୍ଦରୀଙ୍କ କୋଳରେ ତ୍ରୈଲୋକ୍ୟ ମୋହିନୀ ନାମକ ସର୍ବଗୁଣସମ୍ପନ୍ନା କନ୍ୟା ଜନ୍ମଗ୍ରହଣ କଲା। ବାଲ୍ୟ କାଳ ଅତିକ୍ରମ କରି ସେ ଯୌବନରେ ପଦାର୍ପଣ କରନ୍ତେ ଦିନେ ସଖୀମାନଙ୍କ ଗହଣରେ ମଦନ ପୂଜା କରିବାକୁ ଯାଇ ଉଦ୍ୟାନର କ୍ରୀଡ଼ା ସରୋବରରେ ଗୋଟିଏ ହଂସୀକୁ ଦେଖିଲା। ହଂସୀର ରୂପଲାବଣ୍ୟରେ ମୁଗ୍ଧ ହୋଇ ତାକୁ କୌଶଳ କ୍ରମେ ରାଜଜେମା କରସ୍ଥ କଲା। ହଂସୀ ରାଜଜେମାର ବ୍ୟବହାରରେ ମୁଗ୍ଧ ହୋଇ କନ୍ୟାର ଅନୁରୋଧ କ୍ରମେ ପୃଥିବୀର ସମସ୍ତ ରାଜକୁମାରଙ୍କ ବର୍ଣ୍ଣନା

(୩) ଦ୍ରୁମସୁନ୍ଦର କାବ୍ୟ—୮ କବି ଶେଖର ଚିନ୍ତାମଣି ମହାନ୍ତି।

କହିବାକୁ ଲାଗିଲା । ରାଜକୁମାରମାନଙ୍କ ବର୍ଣ୍ଣନା ପ୍ରସଙ୍ଗରେ ହଂସୀ ଅଯୋଧ୍ୟା ରାଜକୁମାର ପଞ୍ଚବାଣର ରୂପ ଓ ଗୁଣ ସମ୍ବନ୍ଧରେ ଏପରି ବିସ୍ତୃତ ବିବରଣୀ ଦେଲା । ସେ ରାଜକୁମାରୀ ଉକ୍ତ ରାଜକୁମାର ପ୍ରତି ଆସକ୍ତ ହୋଇ ପଡ଼ିଲା । କୌଣସି ଉପାୟରେ ରାଜକୁମାରଙ୍କୁ ପାଇବା ଲାଗି ହଂସୀ ନିକଟରେ ଅନୁରୋଧ କଲାରୁ ହଂସୀ ସ୍ୱୀକୃତି ପ୍ରଦାନ କରି ଅଯୋଧ୍ୟାପୁରକୁ ଫେରିଗଲା ।

ଅଯୋଧ୍ୟା ରାଜଉଦ୍ୟାନର ପୁଷ୍କରିଣୀରେ ଏକ ଅପରୂପ ହଂସୀ ବସି ଥିବାର ଦେଖି ରାଜକୁମାର ନିଜର ମିତ୍ର ମନ୍ତ୍ରୀକୁମାରଙ୍କୁ ଧରିବା ଲାଗି ଅନୁରୋଧ କଲା । ମନ୍ତ୍ରୀକୁମାର ହଂସୀକୁ ଧରି ରାଜକୁମାର ନିକଟରେ ଦେଲା । ରାଜକୁମାର ତାଙ୍କୁ ଅତି ସ୍ନେହରେ ପାଳନ କରି ସବୁବେଳେ ନିଜର ପାଖେ ପାଖେ ରଖିଲା ।

ଥରେ ଅଯୋଧ୍ୟା ରାଜକୁମାର 'ପଞ୍ଚବାଣ' ମନୋରମା ନାମ୍ନୀ ଏକ ବେଶ୍ୟାର ନୃତ୍ୟ ଦେଖି ତାର ରୂପ ଗୁଣ ପ୍ରଶଂସା କରନ୍ତେ, ହଂସୀ ସୌରାଷ୍ଟ୍ର ରାଜକୁମାରୀ ତ୍ରୈଲୋକ୍ୟମୋହିନୀର ରୂପ ଗୁଣ ବର୍ଣ୍ଣନା କଲା । ରାଜକୁମାର ତ୍ରୈଲୋକ୍ୟମୋହିନୀଙ୍କୁ ପାଇବା ଲାଗି ବ୍ୟାକୁଳ ହୋଇ ନିଜର ମୋତିମାଳା ରାଜକୁମାରୀ ଉଦ୍ଦେଶ୍ୟରେ ଅର୍ପଣ ପୂର୍ବକ ହଂସୀକୁ ସୌରାଷ୍ଟ୍ର ଦେଶକୁ ପଠାଇଲା । ହଂସୀ ସୌରାଷ୍ଟ୍ର ଦେଶରେ ପହଞ୍ଚି ରାଜକୁମାରୀ ଅନ୍ତରରେ ରାଜକୁମାର 'ପଞ୍ଚବାଣ'ର ମନୋହର ଜଗାର ମୋତିମାଳା ପ୍ରଦାନ କଲା ଏବଂ ରାଜକୁମାରୀଠାରୁ ଚିଠିଟେ ନେଇ ହଂସୀ ପୁଣି ଅଯୋଧ୍ୟା ପ୍ରତ୍ୟାଗମନ କଲା ।

ରାଜକୁମାର ହଂସୀଠାରୁ ତ୍ରୈଲୋକ୍ୟମୋହିନୀର ଚିଠିଟି ପାଇ ଓ ଅନୁରାଗ ବିଷୟ ଶୁଣି ମନ୍ତ୍ରୀପୁତ୍ର ସାହାଯ୍ୟରେ ସୌରାଷ୍ଟ୍ର ଦେଶର ସୋମନାଥଙ୍କୁ ପୂଜା କରିବା ଛଳରେ ପିତାଙ୍କଠାରୁ ଅନୁମତି ଲାଭକରି ସେଠାକୁ ପ୍ରସ୍ଥାନ କଲା । 'ପଞ୍ଚବାଣ' ଆସି ସୌରାଷ୍ଟ୍ରର ପ୍ରସିଦ୍ଧ ଯୋଗୀ ଜ୍ଞାନାନନ୍ଦଙ୍କ ଆଶ୍ରମରେ ରହି ରାଜକୁମାରୀ ନିକଟକୁ ସମ୍ବାଦ ଦେଲା । ରାଜକୁମାରୀ ଅତ୍ୟନ୍ତ ଆନନ୍ଦିତା ହୋଇ ସଖୀମାନଙ୍କ ପରାମର୍ଶରେ ମାଳିନୀ (ମାଲୁଣୀ) ଦ୍ୱାରରେ ସମ୍ବାଦ ପ୍ରେରଣ କଲା । ତାପରେ ଉଭୟ ପ୍ରେମିକ ଓ ପ୍ରେମିକାଙ୍କ ମଧ୍ୟରେ

କଣ୍ଟକାକୀ ଉପବନମସ୍ତ ହେଲା । ଏବେ ମାଧବୀ କୁଞ୍ଜରେ ରାଜକୁମାର ପଞ୍ଚବାଣଙ୍କୁ ଦେଖି ତ୍ରୈଲୋକ୍ୟମୋହିନୀର ଅଙ୍ଗେ ମଦନ ବିକାର ଜାତ ହେଲା । ସଖୀମାନେ ଅନେକ ଉପଚାର କରି ବିଫଳ ହେବାରୁ ପରି-ଶେଷରେ ରାଜକୁମାର 'ପଞ୍ଚବାଣ'ଙ୍କୁ ଗୋପନରେ ଆଣି ରାଜକୁମାରୀ ସହିତ ମିଳନ କରାଇଲେ । ପ୍ରଥମ ସାକ୍ଷାତରେ ଲଜ୍ଜାଶୀଳା ରାଜକୁମାରୀ ମୌନାବଲମ୍ବୀ ହୁଅନ୍ତେ ରାଜକୁମାର ଅନେକ ଚାଟୁବଚନ ପ୍ରକାଶ କଲେ; ତଥାପି ରାଜକୁମାରୀଙ୍କ ମୌନଭଙ୍ଗ ନ ହେବାରୁ ରାଜକୁମାର ତ୍ରୈଲୋକ୍ୟ ମୋହିନୀର ପାଦ ଧରିବାକୁ ଉଦ୍ୟତ ହେଲେ । ବୁଦ୍ଧିମତୀ ରାଜକୁମାରୀ ରାଜକୁମାରଙ୍କୁ ସେଥିରୁ ନିବୃତ୍ତ କରି ପ୍ରଥମେ ତାଙ୍କ ପାଦତଳେ ପ୍ରଣାମ କଲେ । କୁମାର ମଦନ ବାଣରେ ପୀଡ଼ିତ ହୋଇ ରାଜଦୁଲାଳୀଙ୍କୁ ଆଲିଙ୍ଗନ କରିବାକୁ ଉଦ୍ୟତ ହୁଅନ୍ତେ, ସଖୀମାନେ ଗନ୍ଧର୍ବ ରୀତିରେ ଉଭୟଙ୍କ ବିବାହ ସମ୍ପନ୍ନ କରାଇବାକୁ କୁମାରଙ୍କୁ ଅନୁରୋଧ କଲେ । ତହୁଁ ଗନ୍ଧର୍ବ ରୀତିରେ କୁମାର କୁମାରୀଙ୍କ ବିବାହ ସମ୍ପନ୍ନ ହେଲା । ବିବାହ ପରେ ପ୍ରେମିକ ପ୍ରେମିକାଙ୍କର ଗ୍ରୀଷ୍ମ, ବର୍ଷା, ଶିଶିର ଓ ବସନ୍ତାଦି ଋତୁରେ କେଳୀ ଆରମ୍ଭ ହେଲା ।

ତ୍ରୈଲୋକ୍ୟ ମୋହିନୀ ଓ ପଞ୍ଚବାଣର ଗୁପ୍ତପ୍ରେମ ପ୍ରକଟ ହୁଅନ୍ତେ ରାଜା କନ୍ୟାନ୍ତଃପୁରରେ କଡ଼ା ପହରା ନିଯୁକ୍ତ କଲେ । ତହୁଁ ଉଭୟଙ୍କ ଅବାଧ ମିଳନରେ ବାଧା ସୃଷ୍ଟି ହେବାରୁ ରାଜକୁମାର ତ୍ରୈଲୋକ୍ୟ ମୋହିନୀର ଗୁଣ ଗୁଣି ଅନୁଦିନ କୃଶ ହେବାକୁ ଲାଗିଲେ । ମନ୍ତ୍ରୀପୁତ୍ର ଗୁଣାକର ବହୁ ପ୍ରବୋଧନା ଦେଇ ରାଜକୁମାରଙ୍କୁ ଆଶ୍ୱସ୍ତ କଲା ।

ଏଣେ ରାଜା ଇନ୍ଦ୍ରସେନ ସନ୍ନ୍ୟାସୀ ଜ୍ଞାନାନନ୍ଦଙ୍କର ଲୋକୋତ୍ତର ଖ୍ୟାତି ଶୁଣି ଆଶ୍ରମରେ ଉପସ୍ଥିତ ହେଲେ । ସେଠାରେ ଅପୂର୍ବ ସୁନ୍ଦର ରାଜକୁମାରଙ୍କୁ ଦେଖି ତଥା ସନ୍ନ୍ୟାସୀଙ୍କଠାରୁ ପଞ୍ଚବାଣର କୁଳ ଗୋତ୍ରର ପରିଚୟ ପାଇ ମୁଗ୍ଧ ହେଲେ । ଯୋଗୀ ଜ୍ଞାନାନନ୍ଦ ମଧ୍ୟ ରାଜକୁମାରୀ ତ୍ରୈଲୋକ୍ୟ ମୋହିନୀ ଓ ପଞ୍ଚବାଣର ସମ୍ପର୍କ ସମ୍ବନ୍ଧରେ ସୂଚନା ଦେଇ ଉଭୟଙ୍କ ବିବାହ ଶୀଘ୍ର ସମ୍ପନ୍ନ କରାଇବାକୁ ଉପଦେଶ ଦେଲେ । ତହୁଁ ରାଜା ଇନ୍ଦ୍ରସେନ ମନ ଆନନ୍ଦରେ ରାଜପ୍ରାସାଦକୁ ପ୍ରତ୍ୟାବର୍ତ୍ତନ କରି

ରାଜମନ୍ତ୍ରୀଙ୍କ ସହିତ ପରାମର୍ଶ କରି ପଞ୍ଚବାଣର ସହିତ ତ୍ରୈଲୋକ୍ୟ ମୋହିନୀର ବିବାହ ସମ୍ପନ୍ନ କରାଇଲେ ।

ଅଯୋଧ୍ୟା ରାଜନ ବିଶ୍ୱସେନ ଏ ସମ୍ବାଦରେ ଆନନ୍ଦିତ ହୋଇ ଶାସନମନ୍ତ୍ରୀ ଗହଣରେ ସୌରାଷ୍ଟ୍ର ଦେଶକୁ ଗମନ କଲେ । ପଞ୍ଚବାଣ ଓ ତ୍ରୈଲୋକ୍ୟ ମୋହିନୀର ବିବାହ ସହିତ ମନ୍ତ୍ରୀପୁତ୍ର ଗୁଣାକରର ବିବାହ ମଧ୍ୟ ସୌରାଷ୍ଟ୍ର ମନ୍ତ୍ରୀ ଦୁହିତା ଲୀଳାବତୀର ବିବାହ ସମ୍ପନ୍ନ ହେଲା । ସମସ୍ତେ ମହା ଆଡ଼ମ୍ବରରେ ସୌରାଷ୍ଟ୍ରରୁ ଅଯୋଧ୍ୟା ଅଭିମୁଖେ ପ୍ରସ୍ଥାନ କଲେ ।

ଗ୍ରନ୍ଥଟିର କଥାବସ୍ତୁରେ ସେପରି କୌଣସି ନୂତନତା ପରିଲକ୍ଷିତ ହେଉ ନଥିଲେ ହେଁ ଶୈଳୀ ଓ ଚଲଚାତୁରୀରେ, ପୂର୍ବବର୍ତ୍ତୀ କବିଙ୍କ ରଚନା ଅପେକ୍ଷା, ଅନେକ ପାର୍ଥକ୍ୟ ପରିଲକ୍ଷିତ ହୁଏ । ଯଦିଓ କାବ୍ୟଟି ଉପରେ ବିଷ୍ଣୁଦାସଙ୍କ ଲିଖିତ ଲୀଳାବତୀ (ବାଣପୁର ରାଜା ରଘୁନାଥ ହରିଚନ୍ଦନଙ୍କ ନାମରେ ରଚିତ) ଓ କବିସମ୍ରାଟ୍ ଭଞ୍ଜଙ୍କ ଲାବଣ୍ୟବତୀର ପ୍ରଭାବ ଜଣା ଅଧିକେ ଅନେକ ସ୍ଥଳରେ ପଡ଼ିଛି ତଥାପି ଚିତ୍ରବର୍ଣ୍ଣନା ଦେଶାଲାପ ଆଦି ବହୁ ପ୍ରସଙ୍ଗରେ କବି ଷଣ୍ଢି ସୁବର ଭଙ୍ଗୀ ନିଜ ପ୍ରତିଭାର ଯଥେଷ୍ଟ ପରିଚୟ ଦେଇ ନିଜ କାବ୍ୟର ସ୍ୱାତନ୍ତ୍ର୍ୟ ବଜାୟ ରଖିଛନ୍ତି ।

'ତ୍ରୈଲୋକ୍ୟ ମୋହିନୀ' କାବ୍ୟଟି ପଚାଶକ ଛାନ୍ଦରେ ସମାପ୍ତ ହୋଇଛି । ଅନ୍ୟାନ୍ୟ ପୂର୍ବବର୍ତ୍ତୀ କବିମାନଙ୍କ କାବ୍ୟରେ ଯେପରି ଗୋଟିଏ ଛାନ୍ଦରେ ଗୋଟିଏ 'ଛନ୍ଦ' ର ବ୍ୟବହାର ହୋଇ ଥିବାର ଦେଖାଯାଏ, 'ତ୍ରୈଲୋକ୍ୟ ମୋହିନୀ' କାବ୍ୟରେ ସେପରି ଛନ୍ଦ ଯୋଜନା କରାଯାଇ ନାହିଁ । କବି ନିଜର ମାଧ୍ୟମରେ ବହୁ ପ୍ରାଚୀନ ଅର୍ବାଚୀନ 'ଛନ୍ଦ'ରେ ଗୀତ ରଚନା କରି କାବ୍ୟଟିର ସୌନ୍ଦର୍ଯ୍ୟ ବଢ଼ାଇବାକୁ ଯଥାସମ୍ଭବ ଚେଷ୍ଟା କରିଛନ୍ତି । ପ୍ରତ୍ୟେକ ଛାନ୍ଦରେ କବି ଗୋଟିଏ ଗୀତରୁ ଆରମ୍ଭ କରି ଅନେକଟି ଗୀତ ସନ୍ନିବେଶ କରି ଏକାନେକଟି ଛନ୍ଦ ବା ବୃତ୍ତକୁ ଦୁଇଟିକ ଏକ-ସ୍ଥଳରେ ଥର ବ୍ୟବହାର କରିଛନ୍ତି । 'ତ୍ରୈଲୋକ୍ୟମୋହିନୀ' କାବ୍ୟରେ ବ୍ୟବହୃତ ବୃତ୍ତ ବା ରାଗ ରାଗିଣୀର ନାମ ଏଠାରେ ପ୍ରଦତ୍ତ ହେଲା ।

ଆନନ୍ଦ ଭୈରବ, ଆଶାବରୀ, ଅଷ୍ଟପଦ ଶୁକ୍ଳ ବାଣୀ, ଆହାରୀ, ଆହିରୀ ତୋଡ଼ି, ଇମନ, ଓଡ଼ିଶୀ କାମୋଦ, କଉଶିକ, କନଡ଼ା, କରୁଣାଶ୍ରୀ, କର୍ଣ୍ଣାଟ, କଳସା, କଲ୍ୟାଣ, କଳହଂସ କେଦାର, କାଫି, କାମୋଦ, କାଳୀ, କାଳୀପଡ଼ିଆନ, କୁମ୍ଭକାମୋଦ, କେଦାର, କେଦାର ଗୌଡ଼ା, କେଦାର କାମୋଦ, ଖଞ୍ଜରା, କୋଇଲି, କୋଳାହଳ, ଗଉଡ଼ୀ, ଗନ୍ଧମାଳିଆ, ଗନ୍ଧମାଳିଆ ତୋଡ଼ି, ଗୁଜ୍ଜରୀ, ଗୁଣସାଗର ବାଣୀ, ଗୁଣ୍ଡ, ଗୁଣ୍ଡକାମୋଦ, ଘଣ୍ଟାରବ, ଚଉକେଳି, ଚକ୍ରା କେଦାର, ଚକ୍ରାଦେଶାକ୍ଷ ଚକ୍ରା ଭୈରବ, ଚକ୍ରୀ, ଜୟଜୟନ୍ତ, ଜୟନ୍ତ ଶ୍ରୀ, ଜଳଦ ପୁଲିଆ, ଜଳଦ ପୁଲିଆ ତୋଡ଼ି, ଟଙ୍କକ, ତୋଡ଼ି, ତୋଡ଼ି ବରାଡ଼ି, ଦକ୍ଷିଣ କାମୋଦ, ଦକ୍ଷିଣ ତୋଡ଼ି, ଦକ୍ଷିଣ ମୁଖାରୀ, ଦକ୍ଷିଣାଶ୍ରୀ, ଦେଶାକ୍ଷ, ଦେଶାକ୍ଷ ବରାଡ଼ି, ଧନାଶ୍ରୀ, ଧନାଶ୍ରୀ କେଦାର, ନଳଗଉଡ଼ା, ନାଟ, ପରଜ, ପାହାଡ଼ିଆ କେଦାର, ପୂରବୀ, ବଙ୍ଗଳାଶ୍ରୀ, ବସନ୍ତ, ବସନ୍ତ ତୋଡ଼ି, ବସନ୍ତ ବରାଡ଼ି, ବସନ୍ତ ମଠା, ବଙ୍ଗଳ ଦେଶାକ୍ଷ, ବାଗେଶ୍ରୀ, ବାଗେଶ୍ରୀ ବରାଡ଼ି, ଭାଟିଆରୀ, ଭୈରବ, ମଙ୍ଗଳ, ମଙ୍ଗଳ ଗୁଜ୍ଜରୀ, ମଙ୍ଗଳ ଧନାଶ୍ରୀ, ମହ୍ଲାର, ମାଲୁଆ, ମାଳବ, ମାଳଶ୍ରୀ, ମୁଖାରୀ, ମୁଖାରୀ ବସ୍ତ୍ର, ମୁନବର ବାଣୀ, ମେଘ ମହ୍ଲାର, ରସକୋଇଲି, ରାମକେରୀ, ଲଳିତ ବସନ୍ତ, ଶଙ୍କରାଭରଣ, ଶାବେରୀ, ଶ୍ରୀକେଦାର, ସିନ୍ଧୁଡ଼ା, ସିନ୍ଧୁ ଦେଶାକ୍ଷ, ସୋମ, ହମ୍ବିରକଲ୍ୟାଣ, ହରି ଚଉତିଶା, ହିନ୍ଦୋଳ।

କବି ତ୍ରୈଲୋକ୍ୟ ମୋହିନୀ କାବ୍ୟର ପ୍ରତ୍ୟେକ ଗୀତ ଶେଷରେ ନିଜକୁ ଷଟ୍‌ପୁର ଭଞ୍ଜ, ନରପତି, ଭଞ୍ଜଭୂପତି ଆଦି ନାମରେ ଉଲ୍ଲେଖ କରିଅଛନ୍ତି। ଗ୍ରନ୍ଥର ଆରମ୍ଭରେ ନନ୍ଦ ଗୋପ ବାଳକ, ବେଣୁବାଦନ ଶୀଳ, କଂସ ନାଶନ, କେଶୀ ନିସୂଦନ, ଗୋପୀକାଜନ ଗୃହଗାବନ, ଗୋବର୍ଦ୍ଧନଧାରୀ କୃଷ୍ଣଙ୍କୁ ପ୍ରାର୍ଥନା କରି ମଙ୍ଗଳାଚରଣ ଆରମ୍ଭ କରିଅଛନ୍ତି।

"ନନ୍ଦନନ୍ଦନ ଦେବ ବନ୍ଦନ ଯାଦବ ବାନ୍ଧବ ନାଥ ହେ।
ଗୋପ ଧାରକ କମ୍ବୁକନ୍ଧର ତନୁ ସାରସ ନାଥ ହେ॥
ଭୃତ୍ୟ ପାଳକ ଗୋପବାଳକ କେଳୀ ଧାମୁକ ବସ୍ତୁ ହେ।
ବେଣୁ ବାଦନଶୀଳ ଯାମୁନା କୂଳଚାରକ ବସ୍ତୁ ହେ॥

କଂସ ନାଶନ କେଶୀ ସୂଦନ ଦେବକୀନନ୍ଦନ ନାଥ ହେ ।
ଆଧି ଦୈବିକ ଆଧି ଭୌତିକ ତାପ ଖଣ୍ଡନ ନାଥ ହେ ।
ଗୋପିକାଜନ ବସ୍ତ୍ର ହରଣ ଶୀତ ଲୋଲୁପ ଭୂପ ହେ ।”

କବି ଷଷ୍ଠି ସୁନ୍ଦର ଘନ ଭଞ୍ଜ କାବ୍ୟର ମଙ୍ଗଳାଚରଣରେ ଶ୍ରୀକୃଷ୍ଣଙ୍କୁ ପ୍ରାର୍ଥନା କରିଥିଲେ ହେଁ ସ୍ଥାନବିଶେଷରେ ଓଡ଼ିଶାର ବଡ଼ଠାକୁର ଜଗନ୍ନାଥ ଆଦ୍ୟାଶକ୍ତିଙ୍କୁ ସ୍ତୁତି କରିଛନ୍ତି ।

“ଆହେ ପ୍ରଭୁ ଦୀନଜନ ପ୍ରଭୁ ଜଗନ୍ନାଥ,
ମୁଁ ଅଟେ ଅନାଥ ତୁମ୍ଭେ ଅଟ ମୋର ନାଥ ।
ଆନ ଜଣେ କେହି ନାହିଁ ତୁମ୍ଭ ପରି ରକ୍ଷା,
ଏହା ଜାଣି ପଦ୍ମପାଦେ କରୁଛି ଭରସା ।

× × ×

ଜୟ ଉମା ଶିବ ବାମା ଜୟ ଚିଦାନନ୍ଦ ସୀମା,
ତିନି ଲୋକ ମଧ୍ୟେ ତୁମ୍ଭେ ଉତ୍ତମା
ଆଉ ତ ନାହିଁ ଦେବାକୁ ଉପମା ।
ଜୟ ଜଗଧାତ୍ରୀ ଗୋ ମା ଜୟ ଜୟ କାଳଜିତି
ଜୟ ଗିରି ନୃପତିର ପୁତ୍ରୀ ଗୋ,
ଜୟ କାଳିକା ବେତାଳି
ଗଳେ ଶୋଭେ ମୁଣ୍ଡମାଳି,
ଜୟ ପିଙ୍ଗଳ ଦ୍ୱାମର ବାଳୀ
ଜୟ ଶିବ ଉର ନୃତ୍ୟ ଶାଳୀ ।”

କବି ଷଷ୍ଠି ସୁନ୍ଦର ଭଞ୍ଜ ତ୍ରୈଲୋକ୍ୟ ମୋହିନୀ କାବ୍ୟରେ ଏପରି ଅନେକ ବର୍ଣ୍ଣନା କରିଛନ୍ତି । ଯାହା ସୁଜ୍ଞ ପାଠକମାନଙ୍କ ଚିତ୍ତରେ କାବ୍ୟାନନ୍ଦ ଜାତ କରିବା ସଙ୍ଗେ ସଙ୍ଗେ ରସିକ ପାଠକମାନଙ୍କ ମନରେ ମଧ୍ୟ ରସ ସଞ୍ଚାର କରଏ । ଏପରି ଅନେକ ବର୍ଣ୍ଣନା ମଧ୍ୟରୁ ଅଳ୍ପ କେତୋଟି ଉଦାହରଣ ସ୍ୱରୂପ ଏଠାରେ ପ୍ରଦତ୍ତ ହେଲା ।

“ମୁଖ ସମାନ ବିଧୁ ନୋହିଲାକ ହେତୁ ,
ନଖ ବ୍ୟାଜେ ଚରଣେ ଶରଣ ହେଲା ହେତୁ ।

ଦକ୍ଷ ଶ୍ୱଶୁରଙ୍କ ମହା ପ୍ରମାଦ କି ହେଲା,
ଏଣୁ ଠାରୁ ଚନ୍ଦ୍ରମାର ବଢ଼ ଯଶ ଗଲା ।
ମନେ ପାଞ୍ଚି ଶିବଠାରେ ଯେଉଁ ବନ୍ଧୁ ଥିଲା,
ତାହାକୁ ବାନା ଲଲାଟ ରୂପରେ ରଖିଲା ।
ଏଣୁ ନୀଳକଣ୍ଠ ମହା ସନ୍ତାପିତ ହେଲେ,
ବାନା ଗଳ ରୂପେ ତହୁ ରଖିବା ଜାଣିଲେ ।
ତେଣୁ ଜେମା ହୃଦ କୃତ ରୂପେ ସମ୍ଭବିଲେ,
ଚନ୍ଦ୍ରଶେଖର ନାମକୁ ସଫଳ ସେ କଲେ ।
ବଧୂ ହେଲେ ଜନେ ବଧୂଙ୍କଠାରେ ବର,
ଅଳକା ଯାଦେଶ୍ୱ ଧାତା ହେଲା କ ଯାସର ।"

× × ×

"ନିରେଖି ବରଷା ଋତୁର ଏମନ୍ତ ବ୍ୟବସ୍ଥା ନୃପତି ନନ୍ଦନ ।
ଜାନୁରେ ବସାଇ ଆଲିଙ୍ଗନ କରି କହନ୍ତି ପ୍ରିୟାକୁ ଯେସନ ।
ଦେଖ ଦେଖ ସଖି ଶୁଭ୍ରଚନ୍ଦ୍ର ମୁଖି କି ଶୋଭା ଧରେଣ କାଦମ୍ବିନୀ ।
ତୁ ମୋ କୋଳେ ଥିଲୁ ପରି ତାଙ୍କ କୋଳେ ସ୍ଫଟିକର ସଉଦାମିନୀ ।
ହେଳକୁ ହେଳ ହୋଇ ଅତି ସୁବଳ ବାୟୁ ଅଛି ସନସନ ।
ତୋ ସଖୀଙ୍କୁ ମୋ ଆନନ୍ଦ ପ୍ରାଏ ସେ କରେ ଜଗତ ଉଲ୍ଲାସ ।
ତୁ ମୋହର ହୃଦ ଯେଉଁ ରୂପେ ଆସି ଗ୍ଲାନ ହୋଇଛୁ ଗୁଣବତୀ ।
ଦେଖ ସେହି ରୂପେ ନଦୀମାନେ ସିନ୍ଧୁ ସଙ୍ଗତରେ ମିଶି ଯାଆନ୍ତି ।
ଜଗତ୍ରେ ଧନ ବର୍ଷି ଆମ୍ଭେ ବେଳା ଯେଉଁରୂପେ କରି ବଢ଼ାଉ ।
ଦେଖ ପକ୍ଷୀମାନେ ରହି ଉଚ୍ଚ ସ୍ଥାନେ ଶୀଘ୍ର ରୁନ୍ତି ସେହି ପ୍ରକାର ।

ଯେମନ୍ତେ ରମ୍ଭୋରୁ ମୁଁ ତୋର ଅଧରୁ
କରଇ ପୀୟୂଷ ଭୋଜନ ।
ଦେଖ ସେହି ରୂପେ ମଧୁପ ମାଳତୀ—
ଠାରୁ କରଇ ମଧୁ ପାନ ।
ତୁ ଅନୁରାଗରେ ବସି ଆନନ୍ଦରେ
କରୁ ମୋତେ ଧନ ଯେମନ୍ତ ।

ଚଞ୍ଚଳ ପୁଞ୍ଜିତ ଲତା ତଙ୍କ ତନ୍ତୁ
ଅଧରେ ମାତ୍ର ଧରେ ରେଖନ୍ତୁ ।"

× × ×

"ଅଙ୍ଗନ ସ୍ପନ୍ଦନ ବେଶ ଆବେଶକୁ ଗ୍ରହିଲା ।
ମଣିମାଳାକୁ ରମଣୀମଣି ଫଣି ମଣିଲା ।"

× × ×

"ଶାବଶଙ୍କୀ ସଙ୍ଗ ଭଙ୍ଗ କରି ଅଙ୍ଗ ଯେତେ ହୋଇଲା ଅଜଣ୍ଡ ।"

× × ×

"ଆସିବା ବସିବା ହସିବା ଭାଷିବା ରସିବାର
ରସ ବେଳେ ।"

× × ×

"ରେଣୁ ଜଳ ଜଗମନ ଘନଘନ ଶ୍ୱାସ ବାତୁଳ ବଚନ ।"

ତ୍ରୈଲୋକ୍ୟ ମୋହିନୀ କାବ୍ୟରେ ବର୍ଣ୍ଣିତ ହଂସୀର କାର୍ଯ୍ୟକ୍ରମ ସହିତ ଶ୍ରୀହର୍ଷ ନୈଷଧୀୟ ଚରିତରେ ହଂସର ଅଲୌକିକ କାର୍ଯ୍ୟର ସମାନତା ରହିଛି । କବି ନୈଷଧୀୟ ଚରିତର ହଂସ କାର୍ଯ୍ୟାବଳୀକୁ ଆଂଶିକ ଭାବରେ ଗ୍ରହଣ କରିଛନ୍ତି ମାତ୍ର । କିନ୍ତୁ ଶ୍ରୀହର୍ଷଙ୍କ ଲେଖନୀରେ ତାହା ଯେପରି ଚମତ୍କାର ଭାବରେ କାବ୍ୟଟିକୁ ଉପାଶିତ କରି ପାରିଛି ତ୍ରୈଲୋକ୍ୟ ମୋହିନୀ କାବ୍ୟରେ ସେ ପ୍ରକାର ଚମତ୍କାରିତା ବ୍ୟକ୍ତ ହୋଇ ପାରି ନାହିଁ ।

ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ମିଳନର ସୂତ୍ରଧର ରୂପେ ହଂସୀର କାର୍ଯ୍ୟ କଳାପ ସମ୍ବନ୍ଧରେ ଯଦୁ ଭଞ୍ଜଙ୍କ ପୂର୍ବରୁ ବନ୍ଧୁ ଦାସ ସ୍ୱରଚିତ କାବ୍ୟ 'ପ୍ରେମଲୋଚନା'ରେ ବର୍ଣ୍ଣନା କରିଛନ୍ତି । ଉକ୍ତ କାବ୍ୟରେ ରତ୍ନାକର ରାଜ୍ୟର ରାଜକୁମାରୀ ପ୍ରେମଲୋଚନାର ଦୂତୀ ହୋଇ ହଂସୀ ମଧୁମଣିପୁରର ରାଜକୁମାର ସୁଧାକର ନିକଟକୁ ଗମନ କରିଥିଲା । ଏବଂ ରାଜକୁମାର ଏବେ ଫଗୁ ଖେଳରେ ଉନ୍ମତ୍ତ ନର୍ତ୍ତକୀ ନବ ଯୌବନାର ସୌନ୍ଦର୍ଯ୍ୟ ମୁଗ୍ଧ ଥିବା ସମୟରେ ହଂସୀ ତା' ଆଗରେ ପ୍ରେମଲୋଚନାର ସୌନ୍ଦର୍ଯ୍ୟ ବର୍ଣ୍ଣନା କରିଥିଲା ।

ହଂସୀ ମଧ୍ୟ ରାଜକୁମାରଠାରୁ ପ୍ରୀତିଉପହାର ସ୍ୱରୂପ ମୁଦ୍ରିକା ଆଣି ପ୍ରେମଲୋଚନାଠାରେ ସମର୍ପଣ କରିଥିଲା ।

ଅତଏବ ତ୍ରୈଲୋକ୍ୟ ମୋହିନୀ ଓ ପ୍ରେମଲୋଚନା କାବ୍ୟରେ ହଂସୀକୁ ଦୂତୀ ରୂପେ ଗ୍ରହଣ କରାଯାଇଛି । ପ୍ରେମଲୋଚନା କାବ୍ୟ ହଂସୀ ନୈଷଧୀୟ ଚରିତର ହଂସ ସଦୃଶ ମିଳନର ସୂତ୍ରଧାରଠାରୁ ଆରମ୍ଭ କରି ସ୍ୱୟଂବର ସଭାରେ ଉପସ୍ଥିତ ରହିଛି, ମାତ୍ର ତ୍ରୈଲୋକ୍ୟ ମୋହିନୀର ହଂସୀ ଉଭୟ ନାୟକ ନାୟିକାଙ୍କ ମଧ୍ୟରେ ସମ୍ବନ୍ଧ ସ୍ଥାପନ କରାଇ କାବ୍ୟରୁ ଅନ୍ତର୍ହିତ ହୋଇଛି । ନୈଷଧୀୟ ଚରିତ ଓ ପ୍ରେମଲୋଚନା କାବ୍ୟରେ ହଂସ ଓ ହଂସୀର କାର୍ଯ୍ୟକଳାପ ଉପରେ ଯେପରି ଅଧିକ ଗୁରୁତ୍ୱ ଦିଆ ଯାଇଛି, ତ୍ରୈଲୋକ୍ୟ ମୋହିନୀ କାବ୍ୟରେ ସେପରି ଗୁରୁତ୍ୱାରୋପ କରା ଯାଇ ନାହିଁ ।

ଅତଏବ ପ୍ରେମଲୋଚନା ଓ ତ୍ରୈଲୋକ୍ୟ ମୋହିନୀ କାବ୍ୟରେ ନାୟକ ଦ୍ୱାରା ଭର୍ତ୍ସନା ଇତର ନାରୀର ପ୍ରଶଂସା ଶୁଣି ହଂସୀ ନାୟିକାର ରୂପ ଗୁଣ ବର୍ଣ୍ଣନା କରିଛି ।

"ନୃପତି ସ୍ୱପନ ଅପନ୍ନ ବଚନ
ଶୁଣିଣ ହଂସିଣୀ କହିଲା ।
ରାଜନ ମଦନ ଯେସନ ତେସନ
ତୋତେ ସେ ପୂର୍ଣ୍ଣ ନ ରସିଲ ।
ତାହାକୁ, ଶୁଣ ତୋର ସ୍ୱେତଶ୍ରୀ ଉଚ୍ଛନ୍ନ ।
ନୂଆଇ ନାରୀଗ ନୃପତି କୁମାରୀ ନାହିଁ ଉପବନ ବଧାନ ।

ତୁମ୍ଭେ ମନ କଲେ ସେ ମହୀମଣ୍ଡଳେ
ସେତେ ଅନ୍ତ ରାଜା କୁମାରୀ ।
ବାରତା ପାଇଲେ ସ୍ୱରୂପ ଶୁଣିଲେ
ନେବେ ସେ ଅଲଙ୍କାର କରି ।
ରାଜନ, ସେଥି କୋଟି ଗୁଣେ ସୁନ୍ଦର,
ଦେଖିଅଛି ମୁହିଁ ନୃପତି କୁମାରୀ ପାଇଲେ ତୁମ୍ଭେ ତାଙ୍କୁ ବର ।"

(ପ୍ରେମଲୋଚନା କାବ୍ୟ—୧୦ମ ଛାନ୍ଦ, ୨୧ଶ ଓ ୨୨ଶ ପଦ ।)

"କୁମାର ଏ ଶୁଣି ଦେଖି କହିଲା ହଂସିନୀ ।
ତୁମ୍ଭ ରୂପ ଦେଖି ମୋହ ହେବେ ସୁର ଭଜି ।
ହେ ପ୍ରଭୁ ଏହାକୁ ଦେଖିଣ,
ଏତେକେ ଆଚରଣ ହୋଇଲ କହ କି କାରଣ ?

ଏ ମହୀ ମଣ୍ଡଳେ ଛନ୍ତି ଅନେକ ସୁନ୍ଦରୀ ।
ମହାରାଜାଙ୍କ ନନ୍ଦିନୀମାନେ ରୂପବତୀ ।
ସେ ଏହ ଠାରୁ କୋଟି ଗୁଣେ ।
ଦୁର୍ଲଭ ସୁନ୍ଦରୀମାନେ ଛନ୍ତି ଜଣେ ଜଣେ ।।

ଏଥି ମଧ୍ୟେ ଅଛି ଏକ ଅପୂର୍ବ ସୁନ୍ଦରୀ ।
ସୌରାଷ୍ଟ୍ର ଉଗ୍ରସେନ ନୃପତି କୁମାରୀ ।
ତା ନାମ ତ୍ରୈଲୋକ୍ୟ ମୋହିନୀ,
ତୁମ୍ଭ ଅନୁରୂପେ କନ୍ୟା ଅଟେ ସେ କାମିନୀ ।।

ଧାଇଲେ ଜୀବାସୁ କର ବୋଲେ ସେ ଉତ୍ତର ।
ବିନା ଶୌର୍ଯ୍ୟ ତାର ଅଙ୍ଗ ଛୁଇଁବ କେ ନର ।"

( ତ୍ରୈଲୋକ୍ୟ ମୋହିନୀ, ଏକାଦଶ ଛାନ୍ଦ, ଦଶମ ଗୀତ )

ଏହିପରି ସ୍ଥଳରେ ଆଲୋଚନା କଲେ ଜଣାଯାଏ ଯେ ତ୍ରୈଲୋକ୍ୟ ମୋହିନୀ କାବ୍ୟ ଉପରେ ବିଷ୍ଣୁଦାସଙ୍କ 'ପ୍ରେମଲୋଚନା' କାବ୍ୟର ଆଂଶିକ ପ୍ରଭାବ ପଡ଼ିଛି । କବି ବିଷ୍ଣୁଦାସ ସେହି ଦକ୍ଷିଣାଞ୍ଚଳର କବି ହୋଇଥିବାରୁ ତାଙ୍କ ଲିଖିତ କାବ୍ୟ ଦକ୍ଷିଣାଞ୍ଚଳର ପ୍ରତ୍ୟେକ ରାଜ ଦରବାରରେ ଶୀଘ୍ର ପ୍ରଚଳିତ ହୋଇଥିବ ଏବଂ ତାଙ୍କ କାବ୍ୟର ଅନୁସରଣରେ ଅନେକ କାବ୍ୟ ଲେଖା ହୋଇଥିବା ଅସମ୍ଭବ ନୁହେଁ ।

## ରସନିଧି :—

କବି ଷଷ୍ଠ ସୁକର ପଦ ଭଞ୍ଜଙ୍କର 'ରସନିଧି' ନାମକର ଅନ୍ୟ ଏକ ରସମୟ କାବ୍ୟ ଥିବାର ସୂଚନା ପୂର୍ବରୁ ଦିଆଯାଇଛି । ଉକ୍ତ କାବ୍ୟ ସମ୍ବନ୍ଧରେ ପୂର୍ଣ୍ଣାଙ୍ଗପୂର୍ଣ୍ଣ ଆଲୋଚନା କରିବା ପୂର୍ବରୁ କାବ୍ୟର କଥାବସ୍ତୁ ସଂକ୍ଷେପରେ ଏଠାରେ ପ୍ରଦତ୍ତ ହେଲା ।

ପରମ ଯୋଗୀ ପିଙ୍ଗିଳାଙ୍କ ଉଦ୍ଦେଶ୍ୟରେ ତପସ୍ୟା କରନ୍ତେ ଶିବଙ୍କ ଆଦେଶରେ ଉମା ସ୍ୱ ଶରୀରରୁ ଏକ ଅନନ୍ୟ ସୁନ୍ଦରୀ କନ୍ୟା ଜାତ କଲେ । ଉମାଙ୍କର ସେହି ମାନସୀ କନ୍ୟାଙ୍କ ରୂପରେ ପରମ ଯୋଗୀ ମୁଗ୍ଧ ହୁଅନ୍ତେ ଶିବ ପରମ ଯୋଗୀଙ୍କୁ ମର୍ତ୍ତ୍ୟରେ ଜାତ ହୋଇ ସେହି କନ୍ୟାଙ୍କୁ ଉପଭୋଗ କରିବା ନିମିତ୍ତ ଆଦେଶ ଦେଲେ । ସେହି ଅନୁସାରେ ଉମାଙ୍କ ମାନସୀ କନ୍ୟା ମାଳବ ଦେଶର ରାଜା ବାସବ ସେନଙ୍କ ମନ୍ତ୍ରୀ ପଦ୍ମାଙ୍କ କୋଳରେ ରୂପନିଧି ନାମରେ ଜନ୍ମଗ୍ରହଣ କଲେ ଓ ପରମ ଯୋଗୀ ବଙ୍ଗର ଦେଶର ରାଜା ମଦନଧରଙ୍କ ଗୃହରେ ଜଗବନ୍ଧନ ନାମରେ ଜନ୍ମଗ୍ରହଣ କଲେ ।

ରାଜକୁମାରୀ ରୂପନିଧି ବାଲ୍ୟ, କୈଶୋର ଅତିକ୍ରମ କରି ଯୌବନରେ ପଦାର୍ପଣ କରନ୍ତେ ବସନ୍ତ କାଳରେ ଥରେ ସଖୀମାନଙ୍କ ସଙ୍ଗେ ମଦନ ପୂଜା କରିବାକୁ ଯାଇ ବିରହ ସନ୍ତପ୍ତା ହେଲେ । ଶରତ୍ କାଳରେ ଦୁର୍ଗାପୂଜା କରିବାବେଳେ ସେଠାରେ ଏକ ଯୋଗିନୀଙ୍କ ସହ ସାକ୍ଷାତ ଓ ଘନିଷ୍ଠ ବନ୍ଧୁତା ହେଲା ।

ଥରେ ରାତିରେ ରାଜକୁମାରୀ ଏକ ଅପୂର୍ବ ସୁନ୍ଦର ଯୁବକଙ୍କୁ ସ୍ୱପ୍ନରେ ଦେଖି ସ୍ୱ ପରିଚୟ ଓ ଯୋଗିନୀଙ୍କ ଆଗରେ ପ୍ରକାଶ କଲେ । ତହୁଁ ଯୋଗିନୀ ନିଜର ସମସ୍ତ ଶକ୍ତି ବିନିମୟରେ ସ୍ୱପ୍ନଦୃଷ୍ଟ ରାଜକୁମାରଙ୍କ ସହିତ ରୂପନିଧିଙ୍କ ମିଳନ କରାଇ ଦେବାର ପ୍ରତିଶ୍ରୁତି ଦେଇ ଦେଶ ବିଦେଶ ପରିଭ୍ରମଣ କରିବା ଉଦ୍ଦେଶ୍ୟରେ ପ୍ରସ୍ଥାନ କଲେ । ବହୁ ଦେଶ ଭ୍ରମଣ ପରେ ଯୋଗିନୀ ବଙ୍ଗର ଦେଶରେ ଉପସ୍ଥିତ ହୋଇ ଛଦ୍ମ ବେଶରେ ରାଜ ନଗରରେ ପ୍ରବେଶ କଲେ ।

ଥରେ ଜଗବନ୍ଧନ ସ୍ୱ ସଖା ଗୁଣାକର ସହିତ ଉଦ୍ୟାନ ଭ୍ରମଣରେ ରତ ଥିବା ବେଳେ ଜଣେ ଐନ୍ଦ୍ରଜାଲିକ ସେଠାରେ ଉପସ୍ଥିତ ହୋଇ ସ୍ୱ ବିଦ୍ୟାର ଚମତ୍କାରିତା ଦେଖାଇଲେ । ଉକ୍ତ ପ୍ରଦର୍ଶନରେ ଐନ୍ଦ୍ରଜାଳିକ ପୃଥିବୀର ସମସ୍ତ ରାଜକୁମାରୀଙ୍କ ପ୍ରତିଛବି ଦେଖାନ୍ତେ, ରାଜକୁମାର ଜଗବନ୍ଧନ ରାଜକୁମାରୀ ରୂପନିଧିଙ୍କ ରୂପଲାବଣ୍ୟରେ ମୁଗ୍ଧ ହେଲେ । ଐନ୍ଦ୍ରଜାଲିକ

ଜଗବନ୍ଦନଙ୍କ ମନୋଭାବ ଜାଣି ରୂପନାଥ୍ ସତ୍ୱର ତାଙ୍କର ବିବାହ କରାଇ ଦେବାକୁ ପ୍ରତିଶ୍ରୁତି ଦେଇ ମାନଭଦ୍ର ଅଭିମୁଖରେ ପ୍ରସ୍ଥାନ କଲା ।

ଏହାପରେ ଯୋଗିନୀ ଆସି ରାଜକୁମାରଠାରେ ନିଜର ପରିଚୟ ଦିଅନ୍ତେ ଜଗବନ୍ଦନ ନିଜର ମନୋଭାବ ତାଙ୍କ ଆଗରେ ବ୍ୟକ୍ତ କଲେ । ତତ୍ପରେ ଯୋଗିନୀ ରାଜକୁମାରୀ ରୂପନାଥ୍ର ସ୍ୱପ୍ନ ବୃତ୍ତାନ୍ତ ବର୍ଣ୍ଣନା କରି ଜଗବନ୍ଦନଠାରୁ ଚିତ୍ରଫଳକ ନେଇ ସେଠାରୁ ବିଦାୟ ନେଲେ ।

ଐନ୍ଦ୍ରଜାଲିକ ମାନଭଦ୍ର ଦେଶରେ ଉପସ୍ଥିତ ହୋଇ ଜାଦୁମନ୍ତ୍ର-ସୂତ୍ରରେ ମହାଭାରତ ଯୁଦ୍ଧଦୃଶ୍ୟ ଦେଖାଇଲା ଏବଂ ଶେଷରେ ପରେ ପୃଥିବୀର ସମସ୍ତ ରାଜକୁମାରଙ୍କ ଚିତ୍ର ଦେଖାଇଲା । ରାଜକୁମାରୀ 'ରୂପନାଥ୍' ସ୍ୱପ୍ନଦୃଷ୍ଟ, ରାଜକୁମାର ଜଗବନ୍ଦନଙ୍କୁ ସେଠାରେ ଦେଖି କାମ ବାଣରେ ଅସ୍ଥିର ହେଲା । ଏହି ସମୟରେ ଯୋଗିନୀ ଉପସ୍ଥିତ ହୋଇ ରାଜକୁମାରଙ୍କ ଚିତ୍ର-ପଟ ଦେଖାଇ ରୂପନାଥ୍ଙ୍କୁ ଆଶ୍ୱସ୍ତ କଲା । ରାଜକୁମାରୀ ଅତି ଆନନ୍ଦିତା ହୋଇ ଜଗବନ୍ଦନଠାରୁ ପତ୍ର ପାଇବାର ଇଚ୍ଛାପ୍ରକାଶ କରନ୍ତେ ଯୋଗିନୀ ଚନ୍ଦ୍ରଶାଳ୍ୱ ବନ୍ଦର ଦେଶକୁ ପ୍ରସ୍ଥାନ କଲେ ।

ଜଗବନ୍ଦନ ରୂପନାଥ୍ ଚିନ୍ତାରେ ଅସ୍ଥିର ହେଉଥିବା ବେଳେ ଯୋଗିନୀ ସେଠାରେ ପହଞ୍ଚି ରାଜକୁମାରୀର ଅଭିପ୍ରାୟ ତାଙ୍କ ଆଗରେ ଜଣାଇଲେ । ରାଜକୁମାର ମହା ଆନନ୍ଦରେ ପତ୍ର ଲେଖି ଜଣେ ବ୍ରାହ୍ମଣ ହସ୍ତରେ ପ୍ରେରଣ କଲେ ।

ସୁନ୍ଦରୀ ରୂପନାଥ୍ କାମ ଜ୍ୱରରେ ଅସ୍ଥିର ହୋଇଥିବା ବେଳେ ଯୋଗିନୀ, ରାଜକୁମାରଙ୍କ ପ୍ରେରିତ ପତ୍ର ବ୍ରାହ୍ମଣଠାରୁ ନେଇ ତାଙ୍କୁ ଅର୍ପଣ କଲେ । ପତ୍ର ପାଠକରି କୁମାରୀ ମହା ଆନନ୍ଦରେ ସହଚରୀମାନଙ୍କ ପରାମର୍ଶ ନେଇ, ଆଗାମୀ ନଗର ଯାତ୍ରା ଦେଖିବା ଉଦ୍ଦେଶ୍ୟରେ ମାନଭଦ୍ର ଦେଶକୁ ଆସିବା ଲାଗି ରାଜକୁମାରଙ୍କୁ ନିମନ୍ତ୍ରଣ କରି ପତ୍ର ଲେଖିଲେ । ରାଜକୁମାର ସେ ପତ୍ର ପାଠକରି ସଙ୍ଗେ ସଙ୍ଗେ ସ୍ୱ ମିତ୍ର ଗୁଣାକର ସହିତ ପରାମର୍ଶ କରି ପିତାଙ୍କ ଅନୁମତି ନେଇ ମାନଭଦ୍ର ଅଭିମୁଖେ ଯାତ୍ରାକଲେ ।

ମାନବଦ୍ଧୁ ରାଜଧାନୀର ଲୋକେ ଜଗବନ୍ଧନଙ୍କ ଶୋଭା ଦେଖି ଶତମୁଖରେ ପ୍ରଶଂସା କଲେ ଏବଂ ସଖୀମାନେ କୁମାରଙ୍କ ଆଗମନ ବୃତ୍ତାନ୍ତ ରସନିଧି ଆଗରେ କହନ୍ତେ ସେ କୁମାରଙ୍କଠାରୁ ସନ୍ଦେଶ ପାଇବା ନିମନ୍ତେ ଦୁଇଜଣ ସଖୀଙ୍କୁ ପ୍ରେରଣ କଲେ । ସଖୀ ଦୁହେଁ ରାଜକୁମାରଙ୍କ ସମସ୍ତ ବୃତ୍ତାନ୍ତ ବୁଝି ତାଙ୍କଠାରୁ ପତ୍ର ନେଇ ରାଜକୁମାରୀଙ୍କୁ ଦେଲେ । ରାଜକୁମାରୀ, ମକର ଯାତ୍ରାର ଏକ ପାର୍ଶ୍ୱରେ ସ୍ୱର୍ଣ୍ଣର୍ଜିତ ରଥ ଉପରେ ବସିବା ଲାଗି ଅନୁରୋଧ କରି ରାଜକୁମାରଙ୍କୁ ପତ୍ର ଲେଖିଲେ । ଜଗବନ୍ଧନ ପତ୍ର ପାଠ କରି ରସନିଧିଙ୍କ ନିର୍ଦ୍ଦେଶନରେ ନିର୍ଦ୍ଦିଷ୍ଟ ସ୍ଥାନରେ ରଥରେ ବସିଲେ ।

କୁମାରୀ ମକର ଯାତ୍ରାରେ ଉପସ୍ଥିତ ହୋଇ ରାଜକୁମାରଙ୍କୁ ନଦେଖି ଯୋଗିନୀଙ୍କୁ ସ୍ମରଣ କଲେ । ଇତ୍ୟବସରରେ ଯୋଗିନୀ ଆସି ଉପସ୍ଥିତ ହେଲାନ୍ତେ ରାଜକୁମାରୀ ମକର ଯାତ୍ରାରେ ଉପସ୍ଥିତ ରାଜକୁମାରମାନଙ୍କ ସଂକ୍ଷିପ୍ତ ପରିଚୟ ଦେବାକୁ ଅନୁରୋଧ କଲେ । ଯୋଗିନୀ ରାଜକୁମାରୀର ମନୋଭାବ ବୁଝିପାରି ଜଗବନ୍ଧନ ବସିଥିବା ସ୍ଥାନକୁ ନିର୍ଦ୍ଦେଶ କରି କୁମାରର ଗୁଣ ବର୍ଣ୍ଣନା କଲେ । ତା'ପରେ ଯୋଗିନୀ ସେଠାରୁ ଆସି ଜଗବନ୍ଧନ ନିକଟରେ ପହଞ୍ଚନ୍ତେ ସେ ନଥ ରସନିଧିଙ୍କୁ ଦେଖିବା ଲାଗି ଅନୁରୋଧ କଲେ । ତହୁଁ ଯୋଗିନୀ ଫେରିଆସି ରସନିଧି ସମ୍ମୁଖରେ ଗୋଟିଏ ଦର୍ପଣ ଧରିଥା ଜାଳବାରୁ ରାଜକୁମାର ରସନିଧିର ଲାବଣ୍ୟ ଅବୟବ ଦେଖି ମୁଗ୍ଧ ହେଲେ ।

ଇତ୍ୟବସରରେ ବଜ୍ରନାଭ ନାମକ ଏକ ରାକ୍ଷସ ରାଜକୁମାରୀ ରସନିଧିଙ୍କୁ ଅପହରଣ କରିନେବା ଅଭିଳାଷରେ ଆସି ମକର ଯାତ୍ରାରେ ଉପସ୍ଥିତ ହୋଇ ମହା ଗୋଳମାଳ ଆରମ୍ଭ କଲା । ସମାଗତ ରାଜକୁମାରମାନେ ବଜ୍ରନାଭର ସୈନ୍ୟ ସାମନ୍ତ ଦେଖି ଭୀତ ତ୍ରସ୍ତ ହୋଇ ଛତଭଙ୍ଗ ହେଲେ । କିନ୍ତୁ ଯୋଗିନୀ ଆସି ଜଗବନ୍ଧନଙ୍କୁ ରସନିଧିର ସୁରକ୍ଷା ନିମିତ୍ତ ଅନୁରୋଧ କରନ୍ତେ, ରାଜକୁମାର ଅତି ଶୀଘ୍ର ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ରାକ୍ଷସକୁ ବଧ କଲେ ।

ରାକ୍ଷସ ବଧ ହୁଅନ୍ତେ ନଗରବାସୀ ମହାଆନନ୍ଦରେ ଜଗବନ୍ଧନଙ୍କୁ ଅଭିନନ୍ଦନ ଜଣାଇଲେ ଏବଂ ରାଜା ବାସବସେନ ରାକ୍ଷସ ବଧର

ଇତ୍ୟପ୍ରକାରେ ନିମିତ୍ତ ସ୍ୱ କନ୍ୟା ରସନିଧିଙ୍କୁ ଜଗଦ୍ବନ୍ଦନ ସହିତ ବିବାହ କରାଇଦେଲେ ।

ବନ୍ଦରେଶ୍ୱର ମନ୍ଦରଙ୍ଗଙ୍କର ସୁନ୍ଦର ଆତିଥ୍ୟ ତଥା ମାନଭଦ୍ର ଦେଶର ନିମନ୍ତ୍ରଣ ପାଇ ସେଠାରେ ଉପସ୍ଥିତ ହେଲେ ଓ ପୁତ୍ରବଧୂଙ୍କୁ ଆଶୀର୍ବାଦ କରି ବରକନ୍ୟାଙ୍କ ଗହଣରେ ସ୍ୱଦେଶକୁ ପ୍ରତ୍ୟାଗମନ କଲେ ।

ଶତ୍ରୁସୁନ୍ଦର ଘନ ଭଞ୍ଜଙ୍କ ରଚିତ ରସନିଧି କାବ୍ୟର କଥାବସ୍ତୁ ଓ ବର୍ଣ୍ଣନାଶୈଳୀ ଉପରେ କବିସମ୍ରାଟ୍ ଭଞ୍ଜଙ୍କ 'ଲାବଣ୍ୟବତୀ' କଥାବସ୍ତୁର ପ୍ରଭାବ ଅନେକାଂଶରେ ପଡ଼ିଥିବାର ଜଣାଯାଏ । ତେଣୁ ଉଭୟ କାବ୍ୟର କଥାବସ୍ତୁ ସମ୍ବନ୍ଧରେ ଏଠାରେ ଆଲୋଚନା କରାଗଲା ।

'ଲାବଣ୍ୟବତୀ' କାବ୍ୟର ନାୟିକା ପୂର୍ବଜନ୍ମରେ ପାର୍ବତୀଙ୍କର ମାନସୀ କନ୍ୟା ଚାମ୍ପାବତୀ ଥିବା ଉକ୍ତ କାବ୍ୟରୁ ଜଣାଯାଏ । ଚାମ୍ପାବତୀ ଶତ୍ରୁସୁ କୁମାର ପ୍ରଭାକରର ପ୍ରଣୟ ଅଭିଳାଷିଣୀ ହୁଅନ୍ତେ ପାର୍ବତୀଙ୍କର ଶାପାନୁସାରେ ସେ ତତ୍କାଳୀନ ଲୀଳା ଶେଷ କରି ସିଂହଳ ରାଜକୁମାରୀ ଲାବଣ୍ୟବତୀ ରୂପେ ଜନ୍ମଗ୍ରହଣ କରିଥିଲେ ଏବଂ ପ୍ରଭାକର ମଧ୍ୟ କର୍ଣ୍ଣାଟ ରାଜକୁମାର ଚନ୍ଦ୍ରଭାନୁ ରୂପେ ମର୍ତ୍ତ୍ୟରେ ଅବତୀର୍ଣ୍ଣ ହୋଇଥିଲେ ।

ଠିକ୍ ସେହିପରି ରସନିଧି ଓ ଜଗଦ୍ବନ୍ଦନ ଦୁହେଁ ପୂର୍ବଜନ୍ମରେ ଯଥାକ୍ରମେ ଉମାଙ୍କ ମାନସୀ କନ୍ୟା ଓ ପ୍ରେମଯୋଗୀ ରୂପେ ଜନ୍ମଗ୍ରହଣ କରିଥିଲେ । ଉଭୟେ ଉଭୟଙ୍କ ପ୍ରେମରେ ଆକୃଷ୍ଟ ହୁଅନ୍ତେ ହର ପାର୍ବତୀଙ୍କ ଇଚ୍ଛାରେ ଦୁହେଁ ଯଥାକ୍ରମେ ମାନଭଦ୍ର ଓ ବନ୍ଦର ଦେଶରେ ରସନିଧି ତଥା ଜଗଦ୍ବନ୍ଦନ ନାମରେ ଜନ୍ମଗ୍ରହଣ କଲେ ।

ସିଂହଳ ରାଜକୁମାରୀ ଲାବଣ୍ୟବତୀର ଚିତ୍ରପଟ ନେଇ ଜ୍ଞାନାନନ୍ଦ ନାମକ ସନ୍ନ୍ୟାସୀ କର୍ଣ୍ଣାଟ ରାଜକୁମାର ଚନ୍ଦ୍ରଭାନୁ ନିକଟରେ ଉପସ୍ଥିତ ହୋଇ ବାଳାର ରୂପ ଗୁଣ ପ୍ରଶଂସା କରନ୍ତେ ରାଜକୁମାର କୁମାରୀର ରୂପସାଗରରେ ନିମଜ୍ଜିତ ହୋଇ କାମବାଣର ଲକ୍ଷ୍ୟ ହେଲେ ।

ଠିକ୍ ସେହିପରି ରସନିଧିର ଶୁଭକାଂକ୍ଷିଣୀ ଯୋଗିଣୀ ବାଳାର ଚିତ୍ରପଟ ନେଇ ବିଦର୍ଭ ଦେଶର ରାଜକୁମାର ଜଗଦଳନଙ୍କ ସହ ଉଦ୍ୟାନରେ ସାକ୍ଷାତ କରନ୍ତେ, ରାଜକୁମାର ରସନିଧିର ଅପୂର୍ବ ରୂପ-ଲାବଣ୍ୟରେ ସମ୍ମୋହିତ ହୋଇ ମଦନ ବ୍ୟାଧିରେ ପୀଡ଼ିତ ହେଲେ ।

ରସନିଧିର ବିରହ ଦୁଃଖ ଦୂର କରିବା ଲାଗି ଯୋଗିଣୀ ତାକୁ ସମ୍ପୂର୍ଣ୍ଣ ସାହାଯ୍ୟ କରିଥିଲା କିନ୍ତୁ ଲାବଣ୍ୟବତୀ ଗ୍ରନ୍ଥରେ କେବଳ ସ୍ୱପ୍ନ ଦର୍ଶନ ପ୍ରସଙ୍ଗରେ କବି ଏକ ଯୋଗିନୀଙ୍କୁ ପ୍ରବେଶ କରାଇଛନ୍ତି ।

ସିଂହଳ ରାଜକୁମାରୀ ଲାବଣ୍ୟବତୀର ସ୍ୱପ୍ନ ଦର୍ଶନ ପରି ମାନଭଦ୍ର ରାଜକୁମାରୀ ରସନିଧିର ସ୍ୱପ୍ନ ଦର୍ଶନ ବୃତ୍ତାନ୍ତ ନାୟକ ନାୟିକାଙ୍କର ପ୍ରେମାଙ୍କୁର ସମ୍ଭବର ମୂଳ କାରଣ ହୋଇଛି । ଲାବଣ୍ୟବତୀ ଗ୍ରନ୍ଥର ପ୍ରସିଦ୍ଧ ଲୋକପ୍ରିୟ ଛାନ୍ଦ—

“ଚେତ ଚକ୍ଷୁଷ ସ୍ୱପ୍ନିଲି ଜଣୀ ନାଟେଶ
ଜାଣେ ନାହିଁ ଦିବ୍ୟ ତରୁଣ ।”

ପରି ସ୍ୱପ୍ନ ଦର୍ଶନ ପରେ ସଖୀମାନଙ୍କ ସମ୍ମୁଖରେ ରସନିଧିର ସ୍ୱପ୍ନ ବର୍ଣ୍ଣନ—

“ହେଲା ରାତ୍ରୀ ଯାମ ଅନ୍ତରହିତ,
ବୁଝିଂଲି ଖାଣ୍ଡେର ନାହିଁ କେଉଁ ତ ।
ଶବ୍ଦ ମନେ ଆଜ ଅଚିହ୍ନିତ,
ମୋ ମନ ମୋହିତ,
କରିଲ ତାହାଙ୍କୁ ନେଲା କାନ୍ତଂତ ।
ଦିବ୍ୟ ପୁରୁଷ ଦେଖିଣ ସପନ,
କାମଜିତ ରୂପ ତେଜ ବଦନ ।
ଚଳନ୍ତେ କହିଲି ହୋଇ ସ୍ୱପନ,
ମୃଦୁ ଆଳାପନ—
କରି ଉଦନ୍ତେ ଚୁମ୍ବିଲି ଲପନ ।।”

(ରସନିଧି, ଷଷ୍ଠ ଛାନ୍ଦ)

ଅତି ହୃଦୟଗ୍ରାହୀ ଓ ରସପୂର୍ଣ୍ଣ ହୋଇଛି ।”.

ଲାବଣ୍ୟବତୀ ଗ୍ରନ୍ଥରେ ବର୍ଣ୍ଣିତ ଚନ୍ଦ୍ରଭାନୁ ଓ ଲାବଣ୍ୟବତୀର ବିବାହ ପୂର୍ବରୁ ପଞ୍ଚ ବନମସ୍ତ ଯେପରି ରସନିଧି ଓ ଜଗବନ୍ଦନଙ୍କ ମଧ୍ୟରେ ବିବାହ ପୂର୍ବରୁ ପଞ୍ଚ ବନମସ୍ତ ହୋଇଛି । ଶିବଗଣି ଯାହାରେ ଲାବଣ୍ୟବତୀ ଓ ଚନ୍ଦ୍ରଭାନୁ ହାଣ୍ଡ ଚ ହୋଇଥିଲା, ମକର ଯାହାରେ ରସନିଧି ଓ ଜଗବନ୍ଦନଙ୍କର ସାକ୍ଷାତର ପରିକଳ୍ପନା କରାଯାଇଛି ଏବଂ ଲାବଣ୍ୟବତୀ ଓ ଚନ୍ଦ୍ରଭାନୁର ବିବାହ ଓ କେଳି ବର୍ଣ୍ଣନା ପରି ରସନିଧି ଓ ଜଗବନ୍ଦନଙ୍କ ବିବାହ ତଥା କେଳି ବର୍ଣ୍ଣନାର ସାମଞ୍ଜସ୍ୟ ଅନେକ ସ୍ଥଳରେ ରହିଛି ।

କବିସମ୍ରାଟଙ୍କ 'ଲାବଣ୍ୟବତୀ' କାବ୍ୟରେ ବର୍ଣ୍ଣିତ ଐନ୍ଦ୍ରଜାଲିକ ବୃତ୍ତାନ୍ତ ତାଙ୍କ ନିଜ କଳ୍ପନା ପ୍ରସୂତ ନୁହେଁ । କବି ବିଷ୍ଣୁ ଦାସ ଦ୍ୱାରା ଲିଖିତ ଓ ବାଣପୁର ହରିଚନ୍ଦନ ରଘୁନାଥଙ୍କ ନାମରେ ଭଣିତ ଲୀଳାବତୀ କାବ୍ୟରେ ଏହାର ମୂଳ ଉତ୍ସର ଆଭାସ ମିଳେ । ବିଷ୍ଣୁ ଦାସଙ୍କ ବର୍ଣ୍ଣିତ ଐନ୍ଦ୍ରଜାଲିକ ପ୍ରକରଣଟିକୁ କବିସମ୍ରାଟ ଭଞ୍ଜ ଦ୍ୟର୍ଥକ ପଦାବଳୀର ବିନ୍ୟାସରେ ଅଧିକ ହୃଦୟଗ୍ରାହୀ କରିଛନ୍ତି । ଉପେନ୍ଦ୍ର ଭଞ୍ଜଙ୍କ ଯେହ୍ନେ 'ରାମଚରିତ'ର ଅବଲମ୍ବନରେ କବି ଘନ ଭଞ୍ଜ ମଧ୍ୟ ରସନିଧି କାବ୍ୟରେ ବର୍ଣ୍ଣିତ ଐନ୍ଦ୍ରଜାଲିକ ଜରିଆରେ 'ମହାଭାରତ' ଶୁଣି ରାଜକୁମାରୀ ଆଗରେ ପ୍ରଦର୍ଶନ କରାଇଛନ୍ତି ଏବଂ ଐନ୍ଦ୍ରଜାଲିକଠାରୁ ଜଗବନ୍ଦନଙ୍କ ବୃତ୍ତାନ୍ତ ତଥା ରୂପ ଗୁଣ ବିଷୟରେ ଅବଗତ ହୋଇ; ଲାବଣ୍ୟବତୀ ମନରେ ପ୍ରେମାଙ୍କୁର ସଞ୍ଚରିବା ପରି, ରସନିଧିର ହୃଦୟରେ ଜଗବନ୍ଦନଙ୍କ ଅଭିନବ ମଦନ ବାଣ୍ଡ ଅଙ୍କିତ ହୋଇଛି ।

ଏହି ପ୍ରସଙ୍ଗରେ ଅନ୍ୟ ଏକ ଗ୍ରନ୍ଥର କଥାବସ୍ତୁ ସମ୍ବନ୍ଧରେ ଏଠାରେ ଆଲୋଚନା ପ୍ରାସଙ୍ଗିକ ବୋଲି ମନେହୁଏ । ଉଭୟ ଲାବଣ୍ୟବତୀ ଓ ରସନିଧି କାବ୍ୟର ରଚନା ପୂର୍ବରୁ ଓଡ଼ିଶାରେ ଅନାଦି ମିଶ୍ର ନାମକ ଜନୈକ ପ୍ରତିଷ୍ଠ ଓଡ଼ିଆ ପଣ୍ଡିତଙ୍କ ଦ୍ୱାରା 'ମଣିମାଳା' ନାମକ ଖଣ୍ଡିଏ ସଂସ୍କୃତ ନାଟିକା ରଚିତ ହୋଇଥିଲା । ଉକ୍ତ ନାଟିକା କଥାବସ୍ତୁରୁ ଜଣାଯାଏ ସେ ଜୟନ୍ତପୁରର ରାଜା ଶୃଙ୍ଗାରଶେଖର ପୁଷ୍କରଦ୍ୱୀପ ରାଜକୁମାରୀ ମଣିମାଳାକୁ ସ୍ୱପ୍ନରେ ଦେଖି ମଦନ ବାଣରେ ପୀଡ଼ିତ ହେଲେ । ରାଜକୁମାରୀ ମଧ୍ୟ ରାଜା ଶୃଙ୍ଗାରଶେଖରଙ୍କୁ ସ୍ୱପ୍ନରେ ଦେଖି ଅନୁରୂପ କାମବାଣରେ ପୀଡ଼ିତା ହେଲେ ।

ରାଜା ଶୃଙ୍ଗାରଶେଖର ଦୁର୍ଗାପୂଜା ସମୟରେ ଜଣେ ତାନ୍ତ୍ରିକ ଯୋଗୀ ଓ ଜଣେ ଅଦ୍ଭୁତ କର୍ମଶାଳିନୀ ଯୋଗିନୀଙ୍କ ସହ ସହୃଦୟତା ଜନ୍ମାଇ ତାଙ୍କର ସାହାଯ୍ୟରେ ମଣିମାଳାକୁ ଲାଭ କଲେ । ନାୟକ ନାୟିକାଙ୍କ ମିଳନର ଅବ୍ୟବହିତ ପୂର୍ବରୁ ମଦନଦଂଷ୍ଟ୍ର ଓ ପ୍ରଚଣ୍ଡା ନାମକ ରାକ୍ଷସ, ରାକ୍ଷସୀ ଦ୍ୱାରା ମଣିମାଳା ଅପହୃତା ହୁଅନ୍ତି; ଶୃଙ୍ଗାରଶେଖର ସେହି ଯୋଗୀ ଓ ଯୋଗିନୀଙ୍କ ସାହାଯ୍ୟରେ ନାୟିକାଙ୍କୁ ଉଦ୍ଧାର କରି ବିବାହ କରିଥିଲେ । *

ଉକ୍ତ କଥାବସ୍ତୁ ତଥା ମୂଳଗ୍ରନ୍ଥର ଆଲୋଚନାରୁ ସ୍ପଷ୍ଟ ଜଣାଯାଏ ଯେ 'ମଣିମାଳା ନାଟିକା'ର ପ୍ରଭାବ ଉଭୟ 'ଲାବଣ୍ୟବତୀ' ଓ 'ରସନିଧି' ଉପରେ ପଡ଼ିଛି । କିନ୍ତୁ ଅନାଦି ମିଶ୍ର ସପ୍ତଦଶ ଶତାବ୍ଦୀର ଶେଷାର୍ଦ୍ଧର କବି ହୋଇଥିବାର ନିଶ୍ଚିତ ପ୍ରମାଣ ମିଳୁଥିବାରୁ ଏପ୍ରକାର ଅନୁମାନ ଆଦୌ ଅସମୀଚୀନ ନୁହେଁ ।

## ରାଜକବି ଘନ ଭଞ୍ଜଙ୍କ ପରିଚୟ ଓ ସମୟ :—

କବି ଘନ ଭଞ୍ଜ ଘୁମୁସର ଭଞ୍ଜବଂଶରେ ଅଷ୍ଟାଦଶ ଶତାବ୍ଦୀରେ ରାଜତ୍ୱ କରୁଥିଲେ । କବିସମ୍ରାଟ ଉପେନ୍ଦ୍ରଭଞ୍ଜଙ୍କ ପିତାମହ ଧନଞ୍ଜୟ ଭଞ୍ଜଙ୍କୁ କୂଟଚକ୍ରାନ୍ତ କରି, ତାଙ୍କ ରାଣୀ ନୟାଗଡ଼ ରାଜକୁମାରୀ ମନ୍ତ୍ରା ଦେଈ, ନିଜ ପୁତ୍ର ନୀଳକଣ୍ଠ ଭଞ୍ଜ (ଉପେନ୍ଦ୍ର ଭଞ୍ଜଙ୍କ ପିତା)ଙ୍କୁ ରାଜା କରିବା ଉଦ୍ଦେଶ୍ୟରେ, ବିଷ ଦେଇ ହତ୍ୟା କରିଥିଲେ । ତା'ପରେ ତାଙ୍କର ଇଙ୍ଗିତରେ ନୀଳକଣ୍ଠ ଭଞ୍ଜ ରାଜବଂଶର ସମସ୍ତଙ୍କୁ ହତ୍ୟାକରି ରାଜସିଂହାସନ ଅଧିକାର କଲେ । କିନ୍ତୁ ଧନଞ୍ଜୟଙ୍କ କନିଷ୍ଠ ଭ୍ରାତା ଆଠଗଡ଼ରାଜା ଗୋବିନ୍ଦ ଭଞ୍ଜଙ୍କ ପୁତ୍ର ଘନ ଭଞ୍ଜ ବହୁ ପୂର୍ବେ ରାଜ୍ୟରୁ ବିତାଡ଼ିତ ହୋଇ ପଡ଼ୋଶୀ ରାଜ୍ୟ ଧରାକୋଟରେ ଆଶ୍ରୟ ଗ୍ରହଣ କରିଥିଲେ ।

---

* ମଣିମାଳା ନାଟିକା ସମ୍ବନ୍ଧରେ Orissa Historical research journal. Vol. IV Nos. 3 & 4ରେ ପ୍ରକାଶିତ ଐତିହାସିକ ଶ୍ରୀଯୁକ୍ତ କେଦାରନାଥ ମହାପାତ୍ରଙ୍କ ଇଂରାଜୀ ପ୍ରବନ୍ଧ ଦ୍ରଷ୍ଟବ୍ୟ ।

ଧନଞ୍ଜୟଙ୍କ ଜ୍ୟେଷ୍ଠ ପୁତ୍ର ଘୁମୁସର ରାଜସିଂହାସନର ସ୍ୱତ୍ତ୍ୱ ଉତ୍ତରାଧିକାରୀ । ଶତ୍ରୁଭଞ୍ଜଙ୍କ ରାଣୀ ଗର୍ଭବତୀ ଥିବାରୁ କେତେକ ଦସ୍ତାବ୍ରୁ ହୁଦସୁ ପାରିକ, ନୀଳକଣ୍ଠ ହାତରୁ ତାଙ୍କୁ ଲୁଚାଇ ରଖିଥିଲେ । ତାଙ୍କଠାରୁ ରଣ ଭଞ୍ଜ ନାମରେ ଏକ ପୁତ୍ର ଜନ୍ମିଥିଲା । ସେହି ରଣ ଭଞ୍ଜ ପ୍ରକୃତରେ ଘୁମୁସର ରାଜସିଂହାସନର ଉତ୍ତରାଧିକାରୀ ବୋଲି ପ୍ରସ୍ତୁତ କରି ଘନ ଭଞ୍ଜ ନୀଳକଣ୍ଠ ଭଞ୍ଜଙ୍କ ବିରୁଦ୍ଧରେ ମାଳଅଞ୍ଚଳର କନ୍ଧଙ୍କୁ ଏକତ୍ର କରି ବିଦ୍ରୋହ ଆରମ୍ଭ କରିଥିଲେ । ଖ୍ରୀ, ଅ. ୧୭୦୧ ରେ ତିନି ବର୍ଷ ମାତ୍ର ରାଜା ହୋଇଥିବା ନୀଳକଣ୍ଠ ଭଞ୍ଜଙ୍କୁ ପରାସ୍ତ କରି ଘନ ଭଞ୍ଜ ଘୁମୁସର ରାଜସିଂହାସନ ବଳପୂର୍ବକ ଅଧିକାର କରିବାରେ କୃତକାର୍ଯ୍ୟ ହେଲେ । ନୀଳକଣ୍ଠ ଭଞ୍ଜ ସେଠାରୁ ପଳାୟନ କରି ନିଜ ପୁତ୍ର ଉପେନ୍ଦ୍ର ଭଞ୍ଜଙ୍କ ସହିତ ନୟାଗଡ଼ରେ ଆଶ୍ରୟ ନେଇ ଦୁର୍ଦ୍ଦଶାଗ୍ରସ୍ତ ଜୀବନ ଯାପନ କଲେ ।

"ନୀଳକଣ୍ଠ ଭଞ୍ଜ ଯାଇ ପୁତ୍ର ପାଶେ ।
ରହିଲେ ସ୍ୱରାଜ୍ୟ ଉପେକ୍ଷି ପ୍ରବାସେ ॥
ତିନି ବର୍ଷ ମାତ୍ର କରି ରାଜପଣ ।
ଭୁଞ୍ଜିଲେ ଦୁର୍ଭାଗ୍ୟ ଅକାଳ ପତନ ॥" *

× × ×

"ନୀଳକଣ୍ଠ ଭଞ୍ଜେ ଅଧୀନ ହୋଇଲେ ।
କୁଳିଡ଼ ଦେଶକୁ ସେ ଗୁଡ଼ି ପଳାଇଲେ ॥

\+ + +

ଯେଣୁ କରି ସେ ବଂଶ କରିଥିଲେ ଧ୍ୱଂସ ।
ଦୁଡ଼ିଲ ତାଙ୍କ ବଂଶ ହୋଇଲ କ୍ଷୟ ।" **

ଘନ ଭଞ୍ଜ କାଷ୍ଠ ପୁତ୍ତଳିକା ସଦୃଶ ଶିଶୁ ରଣ ଭଞ୍ଜଙ୍କୁ ସିଂହାସନରେ ବସାଇ ନିଜେ ସର୍ବପ୍ରାପ୍ତ ଶାସକ ରୂପେ କାର୍ଯ୍ୟ ଚଳାଇଲେ । କିଛିଦିନ ପରେ ମୃଗୟା ବ୍ୟାଜରେ କୁମାର ରଣ ଭଞ୍ଜଙ୍କୁ ବନକୁ ନେଇ ସେଠାରେ

* ଘୁମୁସର କାବ୍ୟ—ଡ଼ କବି ଶେଖର ଚିନ୍ତାମଣି ମହାନ୍ତି । ପୃ.୧୦୯

** ଭଞ୍ଜ ବଂଶାନୁଚରିତ By ମାଗୁଣି ଦାଶ ।

ସ୍ୱରାଜ୍ୟର ପ୍ରଜାମାନଙ୍କୁ ଉଦ୍ଧାରଣ କରିବା ଉଦ୍ଦେଶ୍ୟରେ ବହୁ ଆନ୍ଦୋ-ଳୋଚନା ପ୍ରକାଶ ହେତୁକ ତାଙ୍କର ଶ୍ରେଷ୍ଠ କାର୍ଯ୍ୟ ରାଜବାହ୍ୟ ସମାଚୋଯ୍ୟତରେ ସମ୍ମାନ କରାଇ ରକ୍ତରଞ୍ଜିତ ଧୂମ୍ରତର ସିଂହାସନ ଆରୋହଣ କଲେ ।

କିନ୍ତୁ ଜଣେ ଅନ୍ତ ରାଜାଙ୍କ ପୁତ୍ର ପ୍ରତାରଣା କରି ସିଂହାସନ ଅଧିକାର କରିଥିବାରୁ ପ୍ରଜାମାନେ ତାଙ୍କ ବିରୁଦ୍ଧରେ ବିଦ୍ରୋହୀ ହେଲେ । ରାଜ୍ୟର ଏ ପ୍ରକାର ବିଦ୍ରୋହ ସମ୍ବାଦ ପାଇ ଲକ୍ଷ୍ମୀପୁରର ନବାବ ତାଙ୍କୁ ଧରି ନେଇ ପରେ କେତେକ ଦିନରୁ ପୂର୍ଣ୍ଣ କାର୍ଯ୍ୟକଳାପରେ ମୁଗ୍ଧ ହୋଇ ତାଙ୍କୁ ଛାଡ଼ିଦେଲେ । ତହୁଁ ଆସି ସେ ବିଦ୍ରୋହୀ ପ୍ରଜାମାନଙ୍କୁ ଦମନକରି ରାଜା ହେଲେ । କିଛିଦିନ ପରେ ସେ ଓଡ଼ିଶାର ଗଜପତି ରାଜାଙ୍କୁ ଗୋଟିଏ ଯୁଦ୍ଧରେ ସାହାଯ୍ୟ କରି 'ବୀର ସୁବର' ଉପାଧିରେ ଭୂଷିତ ହେଲେ ।

'ଭ୍ରମରବର' କାବ୍ୟରୁ ଜଣାଯାଏ ଯେ ଖୋର୍ଦ୍ଧା ରାଜା ଗଜପତି ରାମଚନ୍ଦ୍ର ଦେବ (୨ୟ) ଯବନ ଆକ୍ରମଣରେ ପରାଜିତ ହୋଇ ଆଠଗଡ଼ (ଗଞ୍ଜାମ) ରାଜ୍ୟରେ ଆଶ୍ରୟ ଗ୍ରହଣ କଲେ । ଘନ ଭଞ୍ଜ ଏ ସମ୍ବାଦ ପାଇ ଗଜପତି ରାମଚନ୍ଦ୍ର ଦେବଙ୍କ ସପକ୍ଷରେ ଯୁଦ୍ଧ କରି ତାଙ୍କୁ ପୁଣି ସିଂହାସନରେ ବସାଇଲେ । ତାଙ୍କ ବୀରତ୍ୱପୂର୍ଣ୍ଣ କାର୍ଯ୍ୟାବଳୀରେ ମୁଗ୍ଧ ହୋଇ ଗଜପତି ତାଙ୍କୁ ବୀର ସୁବର ଉପାଧିରେ ଭୂଷିତ କରିଥିଲେ ।

ଗଜପତି ରାମଚନ୍ଦ୍ର ଦେବ (୨ୟ) ଯବନମାନଙ୍କ ଦ୍ୱାରା ଆକ୍ରାନ୍ତ ହୋଇ ଆଠଗଡ଼ ରାଜାଙ୍କ ଦ୍ୱାରା ସାହାଯ୍ୟପ୍ରାପ୍ତ ହୋଇଥିବାରୁ ତତ୍କାଳୀନ ଓଡ଼ିଶାର ସୁବାଦାର ମୁର୍ଶିଦ କୁଲିଖାଁ ଆଠଗଡ଼ ରାଜାଙ୍କୁ 'ହୀକାଶିଦେଲା' ଦେଇଥିଲେ ବୋଲି ସ୍ୱର୍ଗୀୟ ଲକ୍ଷ୍ମୀନାରାୟଣ ହରିଚନ୍ଦନ ଜଗଦେବ 'ସହକାର'ରେ ଗୋଟିଏ ପ୍ରବନ୍ଧ ପ୍ରକାଶ କରିଥିଲେ ।

ଯବନମାନଙ୍କ ଆକ୍ରମଣ କାଳରେ ପଣ୍ଡାମାନେ ଜଗନ୍ନାଥ ମହାପ୍ରଭୁଙ୍କୁ ଆଠଗଡ଼ର 'ମେର୍ଦା' ନାମକ ସ୍ଥାନରେ ଲୁଚାଇଥିବା ଏବଂ ତାହାଦ୍ୱାରା ଯାତ୍ରୀ ଆୟରେ ବାଧା ହେବାରୁ ମୁର୍ଶିଦ କୁଲିଖାଁ ଜଗନ୍ନାଥଙ୍କୁ ଆଣି ବସାଇବା ଲାଗି ପଣ୍ଡାମାନଙ୍କୁ ଅନୁରୋଧ କରିବାର ଘଟଣା ଜନ୍ ବିମ୍ସ ଗୋଟିଏ ପ୍ରବନ୍ଧରେ ଲେଖିଛନ୍ତି ।

" In 1734 Murshid Kuli Khan was appointed Governor of Orissa + + + + The first thing Murshid did was to induce the Brahmans to bring back to Puri the idol of Jagannath, which had been carried off for safety to the hills across the Chilka, " ※

ତେଣୁ ଜଣାଯାଏ ଯବନ ଆକ୍ରମଣ କାଳରେ ଯେତେବେଳେ ଜଗନ୍ନାଥଙ୍କୁ ଲୁଚାଇ ରଖାଯାଇଥିଲା, ସେତେବେଳେ ନିଶ୍ଚୟ ରାଜା ଅନ୍ୟ କୌଣସି ଅଞ୍ଚଳରେ ଆଶ୍ରୟ ଗ୍ରହଣ କରିଥିବେ ।

କିନ୍ତୁ ମାଗୁଣି ଦାସଙ୍କ ସମ୍ପାଦିତ 'ଗଙ୍ଗ ବଂଶାନୁଚରିତ'ରୁ ଜଣାଯାଏ ଯେ ଗଜପତି ରାମଚନ୍ଦ୍ର ଦେବ (୨ୟ) ମୁସଲମାନ ଦ୍ୱାର-ପିଡ଼ାରୁ ଗର୍ଭବତୀ ରାଜମହିଷୀଙ୍କୁ ଧରି ଆଠଗଡ଼ (ଗଞ୍ଜାମ)ରେ ଆଶ୍ରୟ ନେଇଥିଲେ । ମାତ୍ର ସେଠାରୁ ନିରାଶ ହୋଇ ପରିଶେଷରେ ଧୂମୁସରରେ ଘନ ଭଞ୍ଜଙ୍କଠାରେ ଆଶ୍ରୟ ନେଲେ । ସେହିଠାରେ ବୀର କେଶରୀ ଦେବ (୧ମ)ଙ୍କ ଜନ୍ମ ହୋଇଥିଲା । ରାମଚନ୍ଦ୍ରଙ୍କ ମୃତ୍ୟୁ ପରେ ଘନ ଭଞ୍ଜ ଯବନ-ମାନଙ୍କ ସହ ଯୁଦ୍ଧ କରି ବୀର କେଶରୀ ଦେବ (୧ମ)ଙ୍କୁ ରାଜସିଂହାସନରେ ବସାଇଲେ । ତହୁଁ ଗଜପତି ତାଙ୍କୁ ଷଡ୍‌ଯୁବର ଉପାଧିରେ ଅଲଂକୃତ କରିଥିଲେ ।

ବୀର କେଶରୀ ଦେବ (୧ମ) ଯବନମାନଙ୍କ ଦ୍ୱାରା ପରାସ୍ତ ହୋଇ ଅନୁଗୁଳ ଓ ଧୂମୁସର ମାଳରେ ଅତି ଦୁଃଖରେ କାଳଯାପନ କରୁଥିବାର ପ୍ରମାଣ ଗବେଷକ ଶ୍ରୀଯୁକ୍ତ କେଦାରନାଥ ମହାପାତ୍ରଙ୍କ ଦ୍ୱାରା ପ୍ରକାଶିତ ଉକ୍ତ ରାଜାଙ୍କର ଏକ ଦ୍ୱିଭାଷୀ ( ଫାର୍ସୀ ଓ ଓଡ଼ିଆ ) ତାମ୍ରଶାସନରୁ ଜଣାଯାଏ ।

---

※ The History of Orissa under the Mahommedan, Maratha and English rule, By Beams History of Orissa, part 2, Edited By Dr. N.K. Sahoo, Page 292.

"ପଶ୍ଚିମ ଦ୍ୱାର ପଡ଼ିଲା ବୃନ୍ଦାବନ କୁଅଁର ଗୁରୁମହାପାତ୍ରଙ୍କୁ ଶ୍ରୀହସ୍ତ ତାମ୍ରପଟ୍ଟିଆ ଘୁମୁସର ଜଗାପାତ୍ରୁ ମାଳିଏ; ଅନଗ୍ରଳ ମାଳରେ ଅସମସ୍ତରେ ମହାଶ୍ରମ କାର୍ଯ୍ୟ କଲକୁ X X ଗଡ଼ ମାଳୁ ହାଟ ଖାଟଣା ଓଡ଼ିଶାର ପାବନ୍ ଚନ୍ଦ୍ରାର୍କ X X ଭୋଗ କରିବ X X ୫ ଅଙ୍କ ତୁଳ ବୃଷ ଦିନ ।" *

ଘୁମୁସରର ଜଗାପାତ୍ରମାନଙ୍କର ବୀର କେଶରୀ ଦେବଙ୍କୁ ସଜ ଭକ୍ତି ସାହାଯ୍ୟ କରିଥିବା ମଧ୍ୟ ଅସମ୍ଭବ ନୁହେଁ । ଗଜପତି ରାମଚନ୍ଦ୍ର ଦେବ (୨ୟ)ଙ୍କଠାରୁ ହେଉ କିମ୍ବା ଗଜପତି ବୀର କେଶରୀ ଦେବଙ୍କଠାରୁ ହେଉ ସେ ଖ୍ରୀଷ୍ଟାବ୍ଦ ୧୬୩୫ରୁ ୧୬୮୦ ଖ୍ରୀ: ଅ: ମଧ୍ୟରେ 'ଛତ୍ରଧର' ଉପାଧି ଲାଭ କରିଥିଲେ ଏବଂ ତା ପରେ ସେ ତ୍ରୈଲୋକ୍ୟ ମୋହିନୀ ଆଦି କାବ୍ୟ ରଚନା କରି ନିଜର ପରିଚୟ 'ଛତ୍ରଧର' ନାମରେ ଭଣିତା କରିଥିଲେ ।

ଘୁମୁସର ଭଞ୍ଜ ବଂଶର ଗୋବିନ୍ଦ ଭଞ୍ଜଙ୍କ ପୁତ୍ର 'ଛତ୍ରଧର' ଆପଣ ବୋଲି କବି ତ୍ରୈଲୋକ୍ୟ ମୋହିନୀ କାବ୍ୟର ଶେଷରେ ଦେଇଛନ୍ତି ଏବଂ ଘୁମୁସର ଭଞ୍ଜ ବଂଶର ସଂକ୍ଷିପ୍ତ ଇତିହାସ ମଧ୍ୟ ସନ୍ନିବେଶିତ କରିଛନ୍ତି । ଉଦାହରଣ ସ୍ୱରୂପ ନିମ୍ନରେ ପ୍ରଦତ୍ତ ହେଲା ।

"ସାଧୁଜନେ ଶୁଣ ଭଞ୍ଜ ବଂଶ ଚରିତ ।
ଧନିଷ୍ଠ ନାମରେ ପିତାମହଙ୍କ ସୁତ ।
X X X
ମୃଗ ଦମଣ୍ଡଳ ସେ ଦେଖିଲେ ସୁରତ ।
ମଦନେ ଟଂକାର ଚାପ ସ୍ଖଳିତ ହେତ ।
ତବନେ ସେ ରେତ ଅଙ୍ଗୁଷ୍ଠେ ରଖିଲା ।
ଜଳଭ୍ରମ ତୃଷାରେ ମଣ୍ଡୁକ ଖାଇଲା ।
ଅସମ୍ଭ ଗର୍ଭ୍ୟ ତା ଗର୍ଭେ ଜାଣ ହୋଇଲା ।
ବେଣୀ ଜନ୍ମ ତଭୁନାକେ ଜାତ ସେ କଲା ।

* ବୀର କେଶରୀ ଦେବ (୧ମ)—ଶ୍ରୀ କେଦାରନାଥ ମହାପାତ୍ର, ଝଙ୍କାର, ୧ମ ବର୍ଷ, ୧୦ମ ସଂଖ୍ୟା, ପୃଷ୍ଠା ୧୦୩୨–୩୪ ।

× × ×

ଆରକ ତମ୍ଭକୁ ଭାଙ୍ଗିଲେ ସତ୍ତୁଂ ।

ଭଞ୍ଜ ବଂଶ ବୋଲି ଖ୍ୟାତ ହୋଇଲା ତହୁଂ ॥

× × ×

ହରିହରପୁରେ କଲ୍ଲି ପୁରୁଷ ଅନନ୍ତ ।

ମହାରାଜା ରଣ କରି ଖ୍ୟାତ ଜଗତେ ॥

ତହୁଁ ଭ୍ରାତା ସୁତେ କେନ୍ଦୁଝର ବଣତେ ।

ଅସି ଭୁଜବଳେ ରାଜା ହେଲେ ପ୍ରମୋଦେ ॥

ତହୁଁ ପୁମ୍ଭଟେ କେତୁ ହେଲେ ରାଜନ ।

× × ×

ଗାଡଲୀ ପୁରବ ଗୋପୀନାଥ ନାମରେ ।

× × ×

ତାଙ୍କ ସୁତ ରଣ ଭଞ୍ଜ ନାମ ରାଜନ ।

× × ×

ଜଗନ୍ନାଥ ନାମେ ତାଙ୍କ ସୁତ ଭୂପତି ।

ପୁରୁଷୋତ୍ତମ ନାମରେ ତାଙ୍କ ସନ୍ତତି ॥

ପ୍ରତାପ ଭଞ୍ଜ ସୁଜନ ତାଙ୍କ ନନ୍ଦନ ।

× × ×

ଗୋପୀନାଥ ତାଙ୍କ ପୁତ୍ର ତାହାଙ୍କ ସୁତ ।

ଗୋବିନ୍ଦ ଭଞ୍ଜ ବୋଲି ନାମ ବିଦିତ ॥

ତାହାଙ୍କ ତନୟ ଖଣ୍ଡବର ରାଜନ ।

ଲଭିଲେ ଏ ଗୀତ କଲ୍ପି ନନ୍ଦନନ ॥" *

ରାଜା ଘନ ଭଞ୍ଜ ଖ୍ରୀ:ଅ. ୧୬୭ରୁ ୧୭୬୪ ରାଜତ୍ୱ କରିଥିବାର ପ୍ରମାଣ ୪ ତାରିଣୀ ଚରଣ ରଥ ଓ ପଣ୍ଡିତ ବିନାୟକ ମିଶ୍ରଙ୍କ ଆଲୋଚନାରୁ ଜଣାଯାଏ । ରାଜା ଧନଞ୍ଜୟ ଭଞ୍ଜ ଖ୍ରୀ:ଅ. ୧୭୦୧ରେ ପ୍ରାଣତ୍ୟାଗ କରିବା

---

* ପୈଲେଜା ମୋହନ OL-490; ମ୍ୟୁଜିୟମ ପୋଥି—କ୍ରମାଙ୍କ ପଦ ।

ବିଷୟ ୰ 'ଜଗବନ୍ଧୁ ସିଂହଙ୍କ ଲିଖିତ 'ପ୍ରାଚୀନ ଉତ୍କଳ' ଗ୍ରନ୍ଥର ଏକ ଉଦ୍ଧୃତଖଣ୍ଡରୁ ଜଣାଯାଏ।

"ଏହାଙ୍କ ପୁତ୍ର ବଡ଼ ଧନଞ୍ଜୟ ଭଞ୍ଜ ରାଜତ୍ୱ କଲେ। × × ଏ ରାଜା ଧନଞ୍ଜୟପୁର ଶାସନ ୧୫୮୫ ଶକାବ୍ଦରେ କଲେ। ଏହିପରି ସନମାନଙ୍କୁ ଗଣି ରାଜତ୍ୱ କହିବାରେ ଏ ରାଜତ୍ୱ କଲେ ୧୬୨୩ ଶକାବ୍ଦ ପର୍ଯ୍ୟନ୍ତ।" *

ଧନଞ୍ଜୟଙ୍କ ପରେ ନୀଳକଣ୍ଠ ତିନି ବର୍ଷ ମାତ୍ର ରାଜତ୍ୱ କରିଥିବାର ପ୍ରମାଣ ପୂର୍ବରୁ ଜଣାଯାଇଛି ଏବଂ ଶିଶୁ ରାଜା ରଣ ଭଞ୍ଜ ଅଳ୍ପ କେତେକ ବର୍ଷ ସିଂହାସନରେ ବସିଥିବେ ବୋଲି ଅନୁମାନ କରାଯାଇପାରେ। କାରଣ ତାଙ୍କୁ ହତ୍ୟାକରି ଘନ ଭଞ୍ଜ ସିଂହାସନ ଆରୋହଣ କରିଥିଲେ। ତା'ହେଲେ ସେ ୧୭୧୦ରୁ ୧୭୧୫ ମଧ୍ୟରେ ସିଂହାସନ ଆରୋହଣ କରିଥିବା ବିଷୟ ଅସମୀଚୀନ ନୁହେଁ। ଘନ ଭଞ୍ଜ ୩୭ ବର୍ଷ ରାଜତ୍ୱ କରିଥିବା ବିଷୟ 'ଘୁମୁସର' କାବ୍ୟରେ ଉଲ୍ଲେଖ ଅଛି।

"ସପ୍ତତ୍ରିଂଶ ବର୍ଷ କରି ରାଜପଣ।
ଭବଲୀଳା ନୃପ କଲେ ସମ୍ବରଣ"।

ଯଦି ଉପରୋକ୍ତ ମତ ଉପରେ ବିଶ୍ୱାସ କରାଯାଏ, ତା'ହେଲେ ସେ ଖ୍ରୀ: ଅ: ୧୭୧୫ରୁ ଖ୍ରୀ: ଅ: ୧୭୫୦—୫୨ ପର୍ଯ୍ୟନ୍ତ ରାଜସିଂହାସନରେ ବସିଥିବା ସମ୍ଭବ।

କ୍ଷତ୍ରିୟବର ଘନ ଭଞ୍ଜ ସୁଶାସକ ରୂପେ ପ୍ରଜାମଣ୍ଡଳୀରେ ସୁଖ୍ୟାତ ହୋଇଥାନ୍ତୁ ବା ନଥା'ନ୍ତୁ କିନ୍ତୁ ସୁଲେଖକ ରୂପେ ଓଡ଼ିଆ ଜାତିର ଶିର ନମସ୍ୟ ହୋଇ ରହିଛନ୍ତି, ସନ୍ଦେହ ନାହିଁ।

—୫—

* ପ୍ରାଚୀନ ଉତ୍କଳ, ପୃଷ୍ଠା ୨୦୮।

# ଅନୁରାଗ କଳ୍ପଲତା
# ଓ
# କବି ଶ୍ୟାମସୁନ୍ଦର ଦେବ

ପ୍ରାଚୀନ ଓଡ଼ିଆ ସାହିତ୍ୟରେ ରାମ ଓ କୃଷ୍ଣ ଭକ୍ତିମୂଳକ କାବ୍ୟ ଯେତେ ରଚିତ ହୋଇଥିଲା ତନ୍ମଧ୍ୟରେ କୃଷ୍ଣ କାବ୍ୟର ସଂଖ୍ୟା ଅପେକ୍ଷାକୃତ ବହୁତ ଅଧିକ ବୋଲି ଜଣାଯାଏ । ଶ୍ରୀଚୈତନ୍ୟଙ୍କର ଓଡ଼ିଶା ଆଗମନ ଫଳରେ କୃଷ୍ଣଭକ୍ତି ଧାରାର ପ୍ରବାହ ଦେଶରେ ଯେତେ ପ୍ରବଳ ବେଗରେ ନ ବ୍ୟାପିଛି, ତା ଠାରୁ ଅଧିକ ବେଗରେ ବଳଦେବ ବିଦ୍ୟାଭୂଷଣ ଓ ରସିକାନନ୍ଦ ଗୋସ୍ୱାମୀ ଆଦି ଅଷ୍ଟାଦଶ ଶତାବ୍ଦୀର ଗୌଡ଼ୀୟ ବୈଷ୍ଣବମାନଙ୍କ ପ୍ରଚୁର ପ୍ରଭାବ ଦେଶକୁ କୃଷ୍ଣ ରସରେ ଆପ୍ଳୁତ କରିଛି । ଏ ଦୁଇ ମହାତ୍ମାଙ୍କ ପ୍ରଚୁର ପ୍ରଭାବ ଦେଶରେ କେବଳ ରାଧାକୃଷ୍ଣ ଉପାସନାର ପ୍ରଚଳନ ହେଲା ତା' ନୁହେଁ, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ମଧ୍ୟ ଏହାର ପ୍ରଭାବ ଖୁବ୍ ପଡ଼ିଥିବାର ଦେଖାଯାଏ । ଅଷ୍ଟାଦଶ ଶତାବ୍ଦୀ ପୂର୍ବରୁ ଓଡ଼ିଆ ସାହିତ୍ୟରେ ରାଧାକୃଷ୍ଣ ଲୀଳା ମୂଳକ ଖୁବ୍ କମ୍ କାବ୍ୟ ରଚିତ ହୋଇଥିଲା । କିନ୍ତୁ ଅଷ୍ଟାଦଶ ଶତାବ୍ଦୀ ମଧ୍ୟରେ ଏହାର ସଂଖ୍ୟା ଦ୍ରୁତ ବେଗରେ ବଢ଼ି ସାହିତ୍ୟ ଭଣ୍ଡାରକୁ ସମୃଦ୍ଧ କରିଥିଲା । ଲୀଳା, ଚଉତିଶା, ଚଉପଦୀ, ପୋଇ, ବୋଲି, ଛାନ୍ଦ, ବନ୍ଦାଣ ଆଦି କ୍ଷେତ୍ରରେ ମଧ୍ୟ ରାଧାକୃଷ୍ଣ ଲୀଳାର ମାଧ୍ୟମ ଗ୍ରହଣ କରାଗଲାଣି ।

ରାମ କାବ୍ୟ ଅପେକ୍ଷା କୃଷ୍ଣ କାବ୍ୟର ଦ୍ରୁତ ଦ୍ରୁତ ବେଗରେ ବୃଦ୍ଧି ପାଇବାର ଅନ୍ୟତମ ଗୋଟିଏ କାରଣ ରହିଛି । ପିତୃସତ୍ୟ ପାଳକ ସତ୍ୟସନ୍ଧ ଏକ ପତ୍ନୀ ବ୍ରତ ରାମଚନ୍ଦ୍ରଙ୍କ ଜୀବନ ଚରିତ ଅବଲମ୍ବନରେ ଯେଉଁ କାବ୍ୟ, କବିତାଦି ରଚିତ ହେଲା, ତା' ଅପେକ୍ଷା ବୃନ୍ଦାବନର ନିଭୃତ କୁଞ୍ଜରେ ଷୋଳ ସହସ୍ର ଗୋପ ଲଳନାଙ୍କ ସହିତ ଶ୍ରୀକୃଷ୍ଣଙ୍କ ରାସଲୀଳା ଓ ପ୍ରେମ ପ୍ରସଙ୍ଗରେ ଶୃଙ୍ଗାର ରସର ପରିପ୍ରକାଶ ସାଧାରଣ ପାଠକଙ୍କ ମନକୁ ସହଜରେ ଆକୃଷ୍ଟ କରିପାରିଲା । ତେଣୁ ଜନତାର

ଅଭିରୁଚି ଅନୁସାରେ ତତ୍‌କାଳୀନ କବିମାନେ ମଧ୍ୟ ଶୃଙ୍ଗାର ରସର ବିଭବ, ଅନୁଭାବ ଓ ସଞ୍ଚାରୀ ଭାବର ସଂଯୋଗରେ ଯେଉଁ ରସାପ୍ଳୁତ କାବ୍ୟ ପରିବେଷଣ କଲେ, ତା'ଫଳରେ ସେମାନେ ଜନତା ଜନାର୍ଦ୍ଦନ ନିକଟରେ ଅଧିକ ଲୋକପ୍ରିୟ ହୋଇ ପଡ଼ିଲେ । ତେଣୁ ଅଷ୍ଟାଦଶ ଓ ଊନବିଂଶ ଶତାବ୍ଦୀରେ ଯେଉଁ ସବୁ କାବ୍ୟ ଓଡ଼ିଶାରେ ରଚିତ ହେଲା ତନ୍ମଧ୍ୟରେ କୃଷ୍ଣଲୀଳା ମୂଳକ କାବ୍ୟ ସର୍ବାଧିକ ବୋଲି ଜଣାଯାଏ ।

ଅଷ୍ଟ ଦଶ ଶତାବ୍ଦୀରେ କୃଷ୍ଣ କାବ୍ୟର ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ଛନ୍ଦ ଓ ଅଳଙ୍କାରର ମାତ୍ରା ମଧ୍ୟ କାବ୍ୟରେ ଅଧିକ ପ୍ରଯୁକ୍ତ ହେଲା । ଦରବାରୀ କବିମାନେ ନିଜ ପୃଷ୍ଠପୋଷକଙ୍କ ସମ୍ମୁଖରେ ନିଜର ପ୍ରାଧାନ୍ୟ ଦେଖାଇବା ଉଦ୍ଦେଶ୍ୟରେ ଯମକ, ଅନୁପ୍ରାସ, ଶ୍ଳେଷ, ଉତ୍ପ୍ରେକ୍ଷା, ଅତିଶୟୋକ୍ତି, ଅନ୍ୟୋକ୍ତି, ବକ୍ରୋକ୍ତି, ଦ୍ୱ୍ୟର୍ଥଭାଷର ଆଦିର ପ୍ରୟୋଗ କଲେ । କେତେକ କବି ମଧ୍ୟ ଅନ୍ୟ କବିମାନଙ୍କ ତୁଳନାରେ ନିଜର ପ୍ରାଧାନ୍ୟ ଅଧିକ ପ୍ରତିଷ୍ଠିତ କରିବା ଉଦ୍ଦେଶ୍ୟରେ ଗୋଟିଏ ଗୋଟିଏ ବର୍ଣ୍ଣକୁ ସମୁଦାୟ କାବ୍ୟର ଆଦ୍ୟାନୁପ୍ରାସ ରୂପେ ବ୍ୟବହାର କରି ପ୍ରଶଂସିତ ହେଲେ । ସେହି ପରମ୍ପରାରେ ଅନୁପ୍ରାଣିତ ହୋଇ 'କ' ଆଦ୍ୟାନୁପ୍ରାସରେ (ରସକଲ୍ଲୋଳ) ଦୀନକୃଷ୍ଣ, ବ, ସ ଓ କ ଆଦ୍ୟାନୁପ୍ରାସରେ (ବୈଦେହୀଶ-ବିଳାସ, ସୁଭଦ୍ରା ପରିଣୟ, କଳାକଉତୁକ) ଉପେନ୍ଦ୍ରଭଞ୍ଜ, ବ ଆଦ୍ୟାନୁପ୍ରାସରେ (ବିଶ୍ୱମୋହିନୀ) ରାଜ ଦାଶରଥି, 'ଜ' (ଯ) ଆଦ୍ୟାନୁପ୍ରାସରେ (ଜାନକୀଶ ବିଳାସ) ସୀତା ଚରଣ ଦାସ, 'ଅ' ଆଦ୍ୟାନୁପ୍ରାସରେ (ଅଖିଳରସ ଚିନ୍ତାମଣି) ପୀତାମ୍ବର ଅଗ୍ରଦେବ, 'ବ' ଆଦ୍ୟାନୁପ୍ରାସରେ (ବୀର ରାମଚନ୍ଦ୍ର ବିଳାସ) ବିଶ୍ୱମ୍ବର ରାଜେନ୍ଦ୍ର, 'ଅ' ଆଦ୍ୟାନୁପ୍ରାସରେ (ଅମ୍ବିକା ବିଳାସ) ବ୍ରଜନାଥ ବଡ଼ଜେନା, 'ସ' ଆଦ୍ୟାନୁପ୍ରାସରେ (ଶ୍ରୀଚରଣ ବିଳାସ) କବିଚନ୍ଦ୍ର ଭୁବନେଶ ଆଦି କବିମାନେ କାବ୍ୟ ରଚନା କରିଥିଲେ ।

କବି ଶ୍ୟାମସୁନ୍ଦର ଦେବ ଓଡ଼ିଆ ସାହିତ୍ୟ ଜଗତରେ ଆଉଟି ସୁପରିଚିତ ନକ୍ଷତ୍ର ବୋଲି କହିଲେ ଅସମୀଚୀନ ହେବ ନାହିଁ । ତାଙ୍କଦ୍ୱାରା ରଚିତ ଅଦ୍ୟାପି କୌଣସି ଗ୍ରନ୍ଥ ଉପଲବ୍ଧ ହୋଇ ନ ଥିଲା; କିନ୍ତୁ

ବର୍ତ୍ତମାନର ଆଲୋଚନାରୁ ଜଣାଯାଏ ଯେ ସେ 'ଅନୁରାଗ କଳ୍ପଲତା' ନାମରେ ଖଣ୍ଡିଏ ଗ୍ରନ୍ଥ ଲେଖିଥିଲେ।

'ଅନୁରାଗ କଳ୍ପଲତା' ଗ୍ରନ୍ଥଟି 'ଅ' ଆଦ୍ୟାନୁପ୍ରାସରେ ଲିଖିତ। କେତେକ ସ୍ଥଳରେ 'ଆ' ଆଦ୍ୟାନୁପ୍ରାସ ରୂପେ ବ୍ୟବହୃତ ହୋଇଛି। ଗ୍ରନ୍ଥଟି ମୋଟ ୫ଟି 'ସ୍ତବକ'ରେ ସମାପ୍ତ ହୋଇଛି। ପ୍ରତ୍ୟେକ ସ୍ତବକରେ ପ୍ରାୟ ଛଅଟିରୁ ଆଠଟି 'କୁସୁମ' ରହିଛି। ପ୍ରତ୍ୟେକ 'କୁସୁମ'ରେ ବୋଲି ବା ଛାନ୍ଦ ଅଛି। ପ୍ରତ୍ୟେକ ଛାନ୍ଦରେ ଭିନ୍ନ ଭିନ୍ନ ଛନ୍ଦରେ କେତୋଟି ଲେଖାଏଁ ଗୀତ ସନ୍ନିବେଶିତ ହୋଇଛି। ପ୍ରାଚୀନ ରାଗ ରାଗିଣୀ ବ୍ୟତୀତ ପ୍ରାଚୀନ କବିମାନଙ୍କ କବିତାର ମୂଳ ପାଦଟିକୁ କବି ଶ୍ୟାମସୁନ୍ଦର ନିଜ ଗୀତର ଛନ୍ଦ ରୂପେ ବ୍ୟବହାର କରିଛନ୍ତି। ଉଦାହରଣ ସ୍ୱରୂପ କବି ଶ୍ୟାମସୁନ୍ଦରଙ୍କ ଦ୍ୱାରା ବ୍ୟବହୃତ କେତୋଟି ଛନ୍ଦ ଏଠାରେ ଛନ୍ଦଶାସ୍ତ୍ର କୁଶଳୀମାନଙ୍କ କୌତୂହଳର ଉପଶମ ନିମିତ୍ତ ପ୍ରଦତ୍ତ ହେଲା।

"ଆଶାବରୀ, କଲ୍ୟାଣ (ଏକତାଳୀ), କାଫି (ଆଡ଼ତାଳ), କାଫି ମୂଳତାଳି, କୁମ୍ଭକାମୋଦ, କାମୋଦ (ସଂସ୍କୃତ ବାଣୀ), କେଦାର ଗୌଡ଼ା (ତାଳ ତ୍ରିପୁଟା), କେଦାର, କଲ୍ୟାଣ (ତାଳ ସମମାନ), କେଦାର କାମୋଦ, ଖଣ୍ଡିକ, କାନଡ଼ାଗୌଡ଼ା, ଗୁର୍ଜରୀ (ସଙ୍ଗମ ଶୃଙ୍ଗାର ବାଣୀ), ଗୁଣସାଗର, ଚୋଖି ବାଣୀ, ଚୋପକେଳି ବାଣୀ, ଗୋପବୋଲି ବାଣୀ, ଚକ୍ରମାଳିଆ, ଚିନ୍ତାଦେଶାକ୍ଷ, ଚଉତିଶା ବୋଲି ବାଣୀ, ଝୋଟି, ଛ'ପୋଇ ବାଣୀ, ତୋଡ଼ି (ତାଳ-ସମପଟ), ଦମୟନ୍ତୀ ବୃତ୍ତି, ଦଣ୍ଡକ ବୃତ୍ତି, ଧନାଶ୍ରୀ, ପଟମଞ୍ଜରୀ, ପଞ୍ଚମ ବରାଡ଼ି (ବଡ଼ସିଂହା ବାଣୀ), ପୂରବୀ, ବଙ୍ଗାଳଶ୍ରୀ, ଭାଟିଆରୀ, ଭୂପାଳ ଚଉତିଶା ବାଣୀ, ମଙ୍ଗଳଗୁର୍ଜରୀ, ମୁଖାରୀ (ତାଳ ସମପଟ', ମଲାର (ଚକ୍ରମାଳିଆ ବୃତ୍ତି), ମାଳବଗୌଡ଼ା, ଲୀଳା-ସାଗର ଚଉତିଶା ବୋଲି ବାଣୀ, ବରାଡ଼ି (କଳସା ବାଣୀ), ବସନ୍ତ ବରାଡ଼ି (ପ୍ରଭାତ ଚଉତିଶା ବାଣୀ), ହିନ୍ଦୁସ୍ଥାନୀ ଆଦି ବହୁ ପ୍ରଚଳିତ ଓ ଅପ୍ରଚଳିତ ଛନ୍ଦର ସମେତ।"

ଭିନ୍ନ ଭିନ୍ନ ଛନ୍ଦ ଓ ତାଳମାନ ଆଦିର ବ୍ୟବହାର କରିଥିବାରୁ କବି ଶ୍ୟାମସୁନ୍ଦରଙ୍କୁ ଜଣେ ବିଶିଷ୍ଟ ସଙ୍ଗୀତଜ୍ଞ ଭାବରେ ଧାରଣା କରାଯାଇ-

ଶାରେ । ସେ କେବଳ ସଙ୍ଗୀତଜ୍ଞ ନୁହନ୍ତି, ଅଳଙ୍କାର ଶାସ୍ତ୍ରରେ ମଧ୍ୟ ଜଣେ ସୁଦକ୍ଷ ପଣ୍ଡିତ ଥିବାର ଅନୁମାନ କରାଯାଏ । କବିସମ୍ରାଟ ଭଞ୍ଜ ପ୍ରଭୃତି କବିମାନେ ଯେପରି ସ୍ୱ କାବ୍ୟର ମହତ୍ତ୍ୱ ବୃଦ୍ଧି କରିବା ଉଦ୍ଦେଶ୍ୟରେ ବହୁବିଧ ଅଳଙ୍କାରର ପ୍ରୟୋଗ କରିଛନ୍ତି, କବି ଶ୍ୟାମସୁନ୍ଦର ମଧ୍ୟ ସେହି ପରମ୍ପରାର ଅନୁକରଣ କରି ଯମକ, ଶ୍ଳେଷ, ଉତ୍ପ୍ରେକ୍ଷା, ରୂପକ, ଉପମା-ଶ୍ରୟ ପ୍ରଭୃତି ଅଳଙ୍କାର ସମାବେଶ କରି 'ଅନୁରାଗ କଳ୍ପଲତା' କାବ୍ୟର ସୌନ୍ଦର୍ଯ୍ୟ ବୃଦ୍ଧି କରିଛନ୍ତି ।

କେବଳ ଅଳଙ୍କାର ନୁହେଁ; ଅଳଙ୍କାର ଶାସ୍ତ୍ର ସମ୍ମତ ନାୟିକା ଭେଦ ଯଥା—ମୁଗ୍‌ଧା, ମଧ୍ୟା, ପ୍ରଗଲ୍‌ଭା ଆଦିର ବିଶେଷ ବର୍ଣ୍ଣନା କରି ବର୍ତ୍ତମାନ-ସୁରତ ଗୋପନା, ଭୂତ-ସୁରତ ଗୋପନା, ଭବିଷ୍ୟ-ସୁରତ ଗୋପନା, ସାହସ-ସୁରତ ଗୋପନା ଆଦିର ବିଶେଷ ଉଦାହରଣ ଆଦି ସମାବେଶ କରି କାବ୍ୟଟିକୁ ରସାଣିତ କରିଛନ୍ତି । ସ୍ଥଳ ବିଶେଷରେ ହାସ୍ୟରସ ସୃଷ୍ଟି କରିବା ଉଦ୍ଦେଶ୍ୟରେ କବି ନାୟକ ନାୟିକାଙ୍କ ମଧ୍ୟରେ ରଙ୍ଗୋକ୍ତି ଓ ରଙ୍ଗ ଆଦିର ଉଲ୍ଲେଖ କରିଛନ୍ତି ।

ପ୍ରାଚୀନ କବିମାନଙ୍କ ପରି କବି ଶ୍ୟାମସୁନ୍ଦର ଦେବ କାବ୍ୟର ଆରମ୍ଭରେ ମଙ୍ଗଳାଚରଣ ଲେଖିଥିଲେହେଁ, ଅନୁରାଗ କଳ୍ପଲତାର ମଙ୍ଗଳାଚରଣ ଅନ୍ୟାନ୍ୟ କାବ୍ୟର ମଙ୍ଗଳାଚରଣଠାରୁ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର । କାବ୍ୟର ପ୍ରଥମ ଛାନ୍ଦଟିକୁ କବି ମଙ୍ଗଳାଚରଣ ଛାନ୍ଦ ରୂପେ ବ୍ୟବହାର କରି ପ୍ରାରମ୍ଭ ଗୀତରେ 'ସଭଙ୍ଗ ଶ୍ଳେଷ' ପ୍ରୟୋଗ କରି ରାଧାକୃଷ୍ଣଙ୍କ ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ ଗୋପପୁରରେ ଶ୍ରୀକୃଷ୍ଣଙ୍କର କାର୍ଯ୍ୟାବଳୀକୁ ଶୃଙ୍ଗାରିକ ରସ ସହିତ ତୁଳନା କରି ତାଙ୍କୁ ପ୍ରତ୍ୟେକ ରସର ନାୟକ ରୂପେ ଉଲ୍ଲେଖ କରିଛନ୍ତି ।

"ଅବଶ୍ୟ ସର୍ବଦା କୃଷ୍ଣଚନ୍ଦ୍ର ଗୋ-ଲୋକରେ ।
ଅଂଶୁକରେ ରୂଢ ଅଗ୍ର ରବି ଆଲୋକରେ ॥
ଅଳି ରାଶି ସୁବେଣୀରେ ରାଧା ସୁଶୋଭନ ।
ଅଙ୍ଗେଶ୍ୱରକୁ କରି ହରିଛନ୍ତି ତାଙ୍କ ମନ ସେ ॥

× × ×

ଅଶ୍ୱିର ବାମ ଲୋଚନା ବନ୍ଧୁ ସମ୍ମୁଖେ ।
ଅନଙ୍ଗ ଦଣ୍ଡ ରମଣ ଶରଦ ନିଶିରେ ଯେ ।

(ଶୃଙ୍ଗାର)

ଅଘ ଅଶ୍ୱ ଲୁଚୀ କେଶୀ ଆଦ୍ୟ ଦୈତ୍ୟଚୟ ।
ଆୟୁଧ ବିନାରେ କଲେ କରେ ସର୍ବ କ୍ଷୟ ।

(ବୀର)

ଅର୍କସୁତା ତଟଜଳ ଖାଇଣ ବତ୍ସବାଳ ।
ଆଲୋକି ମରଣ ନେଇଁ ମୁଖ୍ୟ ଅଶ୍ରୁଜଳ ଯେ ।

(କରୁଣ)

ଆଖଣ୍ଡଳ ବାଦେ ଟେକି ଗୋବର୍ଦ୍ଧନାଳିକ ।
ଅଶନି-ଧାର ସ୍ମନ୍ଦାର ରକ୍ଷିଲେ ଗୋକୁଳ ଯେ ।।

(ଅଦ୍ଭୁତ)

ଅର୍କଜା ଘରରେ ହରି ଶୋଭକନ୍ୟା ବାସ ।
ଅବଲୋକି ଭୂଲଗ୍ନ ରହିଲେ ଭିତବାସ ଯେ ।

(ହାସ୍ୟ)

ଅଚନ୍ତୁ ଶ୍ରୀ ପଞ୍ଚମୀ ନିଶାରେ ଚନ୍ଦ୍ର ମାତ୍ର (?)
ଅତି ଭୟେ ପଳାୟନ ବ୍ୟଥାଯୁକ୍ତ ଲୋକେ ଯେ ।

(ଭୟାନକ)

× × ×

ଅର୍ଦ୍ଧଜ କାଳେ ପ୍ରଚଣ୍ଡ ଶୁଣ ଖାଇନ ମାର ।
ଅକାଣ୍ଡ ବଳେ ଆପ୍ତଂ ଦୁଷ୍ଟ ନିବାରି ଯେ ।

(ରୌଦ୍ର)

ଏତଦ୍‌ବ୍ୟତୀତ କବି ଅନ୍ୟ କେତେକ ସ୍ଥଳରେ ଶ୍ରୀକୃଷ୍ଣଙ୍କୁ 'ଆଶ୍ରିତର, ମୁରଲୀଧର, ବ୍ରଜସୁନ୍ଦର, ନଟନାଗର ତଥା ଗୋବିନ୍ଦ, ଅଚ୍ୟୁତ, ଜଗନ୍ନିବାସ' ଆଦି ନାମରେ ବନ୍ଦନା କରିଛନ୍ତି । ଅନ୍ୟ କେତୋଟିଏ ସ୍ଥଳରେ ଘନଶ୍ୟାମ, ଶ୍ରୀପତି, ବନମାଳୀ, ବେଣୁଧର ଆଦି ନାମର ସାର୍ଥକତା ସମ୍ବନ୍ଧରେ ଉଲ୍ଲେଖିତ କରି କାବ୍ୟଟିକୁ ବେଶ୍ ଉପଭୋଗ୍ୟ କରିଛନ୍ତି ।

"ଅଭ୍ରବପୁ ବିଭ୍ରାଜିତ, ଘନଶ୍ୟାମ ନାମ ବହନ୍ତି ବୋଲିକ ଯେ,
ଅନ୍ତ ଯୋଗୀର ଧ୍ୟାନଗ, ସୁଜନେ ହେ ।

ଅମ୍ଭୋଜ ଆଳୟାପତି, ଅଟନ୍ତି ଏ ହେତୁ ନାମ ଶ୍ରୀପତି ଯେ,
ଅଧିକେ ଭକ୍ତ ସମ୍ପତ୍ତି, ସୁଜନେ ହେ ।

ଅତି ରମ୍ୟ ବନମାଳୀ, ଉରେ ବନମାଳ ଥିବାରୁ ମିଳି ଯେ,
ଅଙ୍ଗେ ଅନନ୍ତ ଶୋଭାବଳୀ, ସୁଜନେ ହେ ।

ଅଟନ୍ତି ସେ ବେଣୁଧର, କଳନାଦେ ଜାତି ପଞ୍ଚମସ୍ୱର ଯେ,
ଆନନ୍ଦଙ୍କ ଚିତ୍ତ ହର, ସୁଜନେ ହେ ॥"

କୃଷ୍ଣଲୀଳା ମୂଳକ ରଚନାରେ ଅନ୍ୟାନ୍ୟ ଓଡ଼ିଆ କବିମାନେ ଯେପରି ଗୋପୀମାନଙ୍କ ସହିତ ନଟନାଗର କୃଷ୍ଣଙ୍କର କ୍ରୀଡ଼ା ପ୍ରସଙ୍ଗରେ ଆଦିରସପୂର୍ଣ୍ଣ ବର୍ଣ୍ଣନା କରିଥାନ୍ତି, କବି ଶ୍ୟାମ ସୁନ୍ଦରଙ୍କ ବର୍ଣ୍ଣନାରେ ସେ ପ୍ରକାର ଆଦିରସର ବାହୁଲ୍ୟ ପରିଦୃଷ୍ଟ ହୁଏ ନାହିଁ । ଗ୍ରନ୍ଥକାର ପ୍ରାଚୀନ ସଂସ୍କୃତ କବିମାନଙ୍କ ପଦ୍ଧତି ଅନୁସରଣ କରି ପ୍ରତ୍ୟେକ ଆଦିରସ ବର୍ଣ୍ଣନାସ୍ଥଳରେ ସମାସପୂର୍ଣ୍ଣ ଭାଷାର ପ୍ରୟୋଗ କରି କାବ୍ୟର ମାହାତ୍ମ୍ୟ ବୃଦ୍ଧି କରିଛନ୍ତି ।

କବି ବର୍ଣ୍ଣନାସ୍ଥ ଋତୁ ପ୍ରସଙ୍ଗରେ ଓଡ଼ିଶାରେ ପ୍ରଚଳିତ ସ୍ତ୍ରୀମାନଙ୍କ ଅଳଙ୍କାରର ବର୍ଣ୍ଣନା ଓ ଓଡ଼ିଶାରେ ମିଳୁଥିବା ବିଭିନ୍ନ ପ୍ରକାର ପୁଷ୍ପର ବର୍ଣ୍ଣନା ଅତି ମନୋଜ୍ଞ ପଦାବଳୀରେ ବିନ୍ୟାସ କରିଛନ୍ତି ।

ଅଳଙ୍କାର ବର୍ଣ୍ଣନା :—

"ଅଙ୍ଗ ତୋ ହେମ କେତକୀ
ଗାଞ୍ଚି କରୁଅଛୁ ହେମ କେତକୀ ଗୋ
ଅଳ୍ପ ବେଣୀ ମୂଳେ ଚେଳ, ଅଙ୍ଗନା ଗୋ ।

ଆରେ ଶାରଦ ବଦନ
ଶାରଦ ଚାନ୍ଦଙ୍କ ମନରେ ଖେଦି ହେ
ଆନନ ପୋଛୁ ମାଉସ, ଅଙ୍ଗନା ଗୋ ।

ଅହ୍ ବନ୍ଧୁ ଚନ୍ଦ୍ର ହାସୀ
ଅଳ୍ପ ଚନ୍ଦ୍ରମଲ୍ଲୀକାନ୍ତି କି ରଶ୍ମି ହେ
ଅତ ଶୋଭା କଣ୍ଠେ ବସି, ଅଙ୍ଗନା ଗୋ ।

ଅକ୍ଷୀଣ ଚନ୍ଦ୍ର ଲପନା
ଚନ୍ଦ୍ର ପୂର୍ଣ୍ଣମା ପାଇଁ ବୃଥା କୋପନା ହେ
ଅହେ ଆନନ ଶୋଭନା, ଅଙ୍ଗନା ଗୋ ।

ଅବଳାଙ୍କ ଶିରୋମଣି
ପିନ୍ଧାଣିଆ ମନେ ଧରିଲୁ ଆଣି ହେ
ସାଜ ପାଟଦେଶ ବେଣୀ, ଅଙ୍ଗନା ଗୋ ।

ଆନେକ ନ ଅଣ୍ଟିବ କେ
ନଥ ଥୁବଲ ଭଳ କୁସୁମ ନାକେ ଗୋ
ଅଳ୍ପ ଚେନ୍ଦୁଲକ ନାକେ, ଅଙ୍ଗନା ଗୋ ।

ଅଙ୍ଗୁଳି ଚମ୍ପ ଅଧର

ମୋକ୍ଷ ବୃଷଭର ମନେ ଆଦର ଗୋ
ଅଙ୍ଗୁ କମ୍ବୁ କଣ୍ଠେ ଧର, ଅଙ୍ଗନା ଗୋ ।

ଆରେ ଶିରୀଷ କୋମଳା

ଷୋଡ଼ଶିଆ ମାଳ ଚନ୍ଦ୍ରଲୁ ବାଳା ଗୋ
ଆଣି ମଣ୍ଡିକ ଗୋ ଗଳା, ଅଙ୍ଗନା ଗୋ ।

× × ×

ଅଙ୍ଗୁ ମନେ ପେଷ୍ଟ କଷ

ଚକ୍ଷୁ ମାଣୀ ଖୁଣ୍ଟି ଆରେ ସେବେକ ଦେ
ଅଙ୍ଗଣମୁ ଶୋଭାବନ୍ତ, ଅଙ୍ଗନା ଗୋ ॥

+ + +

ଅନଙ୍ଗ ଭଙ୍ଗ ଚନ୍ଦ୍ରିକା

ଇଚ୍ଛା କରିଅଛୁ ଭରନ ଚକା ଗୋ
ଅର୍ଦ୍ଧ ଚନ୍ଦ୍ର ଭାଲ ସ୍ଥିତା, ଅଙ୍ଗନା ଗୋ ।”

ଇତ୍ୟାଦି ।

ପୁଷ୍ପ ବର୍ଣ୍ଣନା :—

ଆଗମେ ବେଷ୍ଟିତ ଆଳୀ

ଆକାଙ୍କ୍ଷା ସୁଧାର କୋଇଲ କଥାକ ଯେ
ଅଛୁ ଚବ ନଖାଦନ, ସଜନୀ ରେ ।

ଅବଧାନ ରଙ୍ଗ ମିଳି
ଅଙ୍ଗ ଝଙ୍କୃତ ରଙ୍ଗିଣିକ ଯେ
ଅଧରୁ ଭ୍ରମର ଧ୍ୱନି, ସଜନୀ ରେ ।

ଅବଲୋକ ଚନ୍ଦ୍ର ଫୁଲି
ଆନନକୁ ତୋର ଦେଖିଲି ଭୁଲି ଯେ
ଅମ୍ବରେ ଭୃଙ୍ଗ ବ୍ୟାକୁଳ, ଅଙ୍ଗନା ରେ ।

ଅଙ୍ଗ କାନ୍ତି ଅଳ୍ପି ଶମ୍ପା
ଅଳର ଦୁର୍ଲଭା ଅଟଇ ଏ ଚମ୍ପା ଲୋ,
ଅଳ୍ପି ଲେଖ ଅନୁକମ୍ପା, ସଜନୀ ରେ ।

ଅମୃତ ଅଧିକ କାନ୍ତି
ଆମୋଦ ଭରତ କଣ୍ଠ ସେବନ୍ତୀ ଯେ
ଆଳୀ ଚୁମ୍ବନ ଦନ୍ତୀ, ସଜନୀ ରେ ।।

+ + +

ଆଲୋକ ଏ ହୁଲି କଳି
ଆନନ୍ଦର ଧ୍ୱନି ମୋତି ଆବଳି ଯେ,
ଆସ ମିଶି ସବେ ଖେଳି, ସଜନୀ ରେ ।"

ଇତ୍ୟାଦି ।

କାବ୍ୟଟିକୁ ଅଧିକ ରୋଚକ କରିବା ଉଦ୍ଦେଶ୍ୟରେ କବି ନାୟକ ନାୟିକାଙ୍କ ମଧ୍ୟରେ ଛନ୍ଦୋକ୍ତି ପ୍ରୟୋଗ କରିଛନ୍ତି ।

ନାୟକ :—

"ଅଧରେ କୀର, ରେଖ ଚିତ୍ତର
ଅନୁଭବୁ ପ୍ରୀତି କରେ କି ଦୂର ।

ଅନଳେ ଦାହ, ପତଙ୍ଗ ଦେହ
ଅଛି କି ଶୁଣା ତେଜଇ ତା ସ୍ନେହ ।

ନାୟିକା :—

ଅଳି ସୁବାସ, କୁସୁମ ବଂଶ
ଉଛନ୍ତି ତ ଲୁବ୍ଧବନେ ଅଶେଷ ।

ଆଗ୍ରହ କଲେ, କେତକୀ ଫୁଲେ
ଉଣା ହୋଇ ଯଶ ନାଶିବ ଭୁଲେ ॥

କୃଷ୍ଣଙ୍କୁ ନନ୍ଦି, ଅଙ୍ଗନା କେନ୍ଦି
ଆଜଠାରୁ ବଂଶୀ ଧରିବ ନାହିଁ ।

ଅଧରେ ଧର, ବାଦନ କର
ଆଗ୍ରି·ମୋ ନାମ ଏଥିରୁ ନ ଧର ॥

ନାୟକ :—

ଅତ୍ୟନ୍ତ ବୋଲି, ଗୋ ହେମବଲ୍ଲି
ଆଜ ହେଲୁ ନାମ ନଖରେ ପେଲି ।

ଅବଲମ୍ବକୁ, ଜାନୁ ରମ୍ଭାକୁ
ଅଧିକ ମାଗୁଣି କୁଚ ବମ୍ବକୁ ॥

ନାୟିକା :—

ଆବେଶ ହୋଇ, କଣ୍ଠାସେ ଭୁଜିଂ
ଅବଲମ୍ବେ ଆଜ ହେଲଟି ବନ୍ଧ ।

ଅବଶ୍ୟ ଧିବ, ଉଲଟି ଦେବ
ଅପକୀର୍ତ୍ତି ଆଉ ମନେ ନୋହିବ ।

ନାୟକ :—

ଆନନ୍ଦେ ଭଣି, ମୁରଲୀ ଛାଣି
ଆଉ କି ମାଗିବ ବର ତରୁଣି ।

ଆକାଙ୍‌କ୍ଷା ମୋର, ଏତେ ମାତର
ଅଯୁ ଦେଉ ଉବ କଣ୍ଠବା ଗିର ।”

କବି ଶ୍ୟାମ ସୁନ୍ଦର ଚନ୍ଦ୍ରାବଳୀ ଓ ରାଧାଙ୍କର ଯୌବନ ବର୍ଣ୍ଣନା ପ୍ରସଙ୍ଗରେ ବୟଃସନ୍ଧି, କେଶ, ହାସ, ବେଣୀ, ସ୍ତନ, ଭ୍ରୂ, କଟାକ୍ଷ, ଅବଗାଣ୍ଡି ମଦନ ବିକାର, ପ୍ରେମ, ଅନୁରାଗ ଓ ମହାଭାବ ଆଦି ଅନୁଭାବ ଓ ସାତ୍ତ୍ୱିକ ଭାବର ବର୍ଣ୍ଣନା କରି ଉନ୍ନତ କାବ୍ୟ ରଚନାରେ ନିଜର ଦକ୍ଷତା ଦେଖାଇବା ସଙ୍ଗେ ସଙ୍ଗେ ରସିକମାନଙ୍କୁ ରସସାଗରରେ ନିମଜ୍ଜନ କରାଇଛନ୍ତି ।

## କବିଙ୍କ ପରିଚୟ ଓ ସମୟ :—

ଅନୁରାଗ କଳ୍ପଲତାର ରଚୟିତା ଶ୍ୟାମ ସୁନ୍ଦର ଦେବଙ୍କ ପରିଚୟ ଓ ସମୟ ସମ୍ବନ୍ଧରେ ଅନୁରାଗ କଳ୍ପଲତାରେ ଅନେକ ଉପାଦାନ ରହିଛି । କବି ଗ୍ରନ୍ଥରେ ତାଙ୍କ ପୂର୍ବ ପୁରୁଷମାନଙ୍କ ଇତିହାସ ବିଶେଷତଃ ପିତା, ପିତାମହ, ପ୍ରପିତାମହ ଆଦିଙ୍କ ନାମ, ବୀରତ୍ୱ ଓ ଅନ୍ୟାନ୍ୟ କାର୍ଯ୍ୟାବଳୀର ସମ୍ୟକ ବର୍ଣ୍ଣନା କରି ନିଜ ପରିଚୟ ସମ୍ବନ୍ଧରେ ବହୁ ରହସ୍ୟ ଉଦ୍‌ଘାଟନ କରିଛନ୍ତି । କବି ଗ୍ରନ୍ଥର ପ୍ରଥମ ସ୍ତବକର ଶେଷରେ ନିଜର ବାସସ୍ଥାନ, ପିତାମହ, ପିତା ଓ ଗ୍ରନ୍ଥର ସ୍ତବକ ସଂଖ୍ୟା ଆଦିର ବିବରଣୀ ନିମ୍ନଲିଖିତ ମତେ ଉଲ୍ଲେଖ କରିଛନ୍ତି ।

"ଅବନୀ ବୈକୁଣ୍ଠ କ୍ଷେତ୍ର ଶ୍ରୀପୁରୁଷୋତ୍ତମ ।
ଅତ୍ୟନ୍ତ ସହଜା ନ ଚେତନ୍ତି ସେହୁ ଧାମ ଯେ ॥

× × ×

ଅଧୁନା ଗଜେଶ ଚକ୍ରବର୍ତ୍ତୀ ସେ ଶ୍ରେଷ୍ଠରେ ।
ଆଜ୍ଞାପ୍ତ ଜଗନ୍ନାଥଙ୍କର ଯାହା ଶିରେ ଯେ ॥

ଆନ ଲକ୍ଷ ନୁହି ଯେଣୁ ସେ କୁଳେ ସେ ଜାତ ।
ଅବନୀପାଳ ଶ୍ରୀରାମଚନ୍ଦ୍ର ଦେବ ଖ୍ୟାତ ଯେ ॥

ଅଶ୍ୱ ପଦ୍ମ କ୍ଷେତ୍ର ମୁଦ କୁଳ କୁମୁଦର ।
ଅନୁଜ ଯାର କେଶରୀ ଦେବ ନୃପବର ଯେ ॥

ଅଧିରାଜ ରାଜାଙ୍କର ବଂଶ ପଦ୍ମ ରବି ।
ଅନୁଜ ଶ୍ୟାମ ସୁନ୍ଦର ଦେବ ଖ୍ୟାତ ଭୁବି ॥

ଅନବରତରେ ରତି ମାଧବରେ ଧ୍ୟାନ ।
ଅନୁକମ୍ପା ବଶୁ ଲୀଳା ବର୍ଣ୍ଣନାରେ ମନ ଯେ ॥

ଏକାର ଆଦ୍ୟରେ ବ୍ରଜକେଳୀ ବରଣିଲା ।
ଅଷ୍ଟ ସ୍ତବକରେ ଅନୁରାଗ କଳ୍ପଲତା ଯେ ॥'

ଏହି ଶ୍ୟାମ ସୁନ୍ଦର ଅନୁରାଗ କଳ୍ପଲତାର ଅଷ୍ଟମ ସ୍ତବକର ଅଷ୍ଟମ କୁସୁମରେ ଗଜପତି ପୁରୁଷୋତ୍ତମ ଦେବ (କାଞ୍ଚି ବିଜେତା) ଙ୍କଠାରୁ ଆରମ୍ଭ କରିଛନ୍ତି । ବର୍ଣ୍ଣନା ପ୍ରସଙ୍ଗରେ ସେ କେବଳ ଗଜପତି ପୁରୁଷୋତ୍ତମ ଦେବ ଓ ମୁକୁନ୍ଦ ଦେବ (ତେଲଙ୍ଗା) ଙ୍କ ନାମ ଉଲ୍ଲେଖ କରି ତତ୍ପରେ ଦିବ୍ୟସିଂହ ଦେବ (ପ୍ରଥମ) ଙ୍କଠାରୁ ନିଜ ପର୍ଯ୍ୟନ୍ତ ଧାରା-ବାହିକ ଇତିହାସ ଉଲ୍ଲେଖ କରିଛନ୍ତି ।

*ଅହନ୍ତୁ ଗଜପତି ଦେ ସାଜ
ଅଧୀଶ ପଞ୍ଚ ଗୌଡ଼ରେ ବିରାଜ ।

ଆଭେଷ୍ଟି ସେବକ ଜନବତ୍ସଳ
ଆକ୍ରାନ୍ତ ନବକୋଟି କର୍ଣ୍ଣାଟକ !

ଅକମ୍ପ ଧନ ବୃତ୍ତି ବାସବ
ଅଭିଧେୟ ପୁରୁଷୋତ୍ତମ ଦେବ ।

ଅଙ୍ଗେ ସାହାର ହେଲେ ବାହାର
ଅଗ୍ରଜ ସେନ ରମା ନୃପଦ୍ୱାର ।

ଅମଲୁଷରେ ନାଞ୍ଚି ଦେଶରେ
ଆଣିଲେ ଚନ୍ଦ୍ରିମା କନ୍ୟା ତୋଷରେ ।

× × ×

ଅରି କାମିନୀ ଅଶ୍ରୁ ଡିଣ୍ଡିମା
ଅଙ୍କାଧରେ ଝାଙ୍କେ ଯଶ ହଂସିନୀ ।

× × ×

ଅନ୍ତୁ ପ୍ରବଳ ପ୍ରତାପାନଳ
ଅତୁଳ ଧୃତ ଶାର୍ଙ୍ଗୀ ବିଗତାଳ ।

ଆବେଷ୍ଟ ଜମ୍ବୁ ଅମ୍ବୁଧି ଅମ୍ବୁ
ଅତରେ ଲଙ୍ଘି ବ୍ରହ୍ମ ଆଦି ସ୍ୱୟୁ ।

× × ×

ଆମନ୍ତି ଶ୍ୱେତ ବର୍ଣ୍ଣରେ ବେଶ
ଆମ୍ରି ଶୀତଳ ଅଙ୍ଗ ବଙ୍ଗ କଳଙ୍କ ।

ଆଗତ କାଶୀ କାଣ୍ଡିରେ ଚଢ଼ି
ଆଦେ ତେଜ ବେଦ ଶ୍ରେଷ୍ଠେ ହରି ।

ଅଟେ ସୁବାହୁ ସେ ମହାବାହୁ
ଅଛି ଗୁଜରାଟ ବେଲ କର୍ଣ୍ଣାଟ ।

ଅଖ୍ୟା କେଦ୍ରିଳ ଆଦି ସକଳ
ଅବସ୍ଥିତ କ୍ରମ ଲଭି ଉତ୍କଳ ।”

ଏହାପରେ ଗଜପତି ପ୍ରତାପରୁଦ୍ର ଦେବଙ୍କଠାରୁ ଆରମ୍ଭ କରି ଭୋଇ ବଂଶର ବଳଭଦ୍ର ଦେବ ପର୍ଯ୍ୟନ୍ତ ରଜାଙ୍କ ନାମ ଓ ବୀରତ୍ୱ ସମ୍ବନ୍ଧରେ କବି ଶ୍ୟାମ ସୁନ୍ଦର ଦେବ କିଛି ଉଲ୍ଲେଖ କରି ନାହାନ୍ତି । ତତ୍ପରେ ମୁକୁନ୍ଦ ଦେବ, ଦିବ୍ୟସିଂହ ଦେବ, ହରେକୃଷ୍ଣ ଦେବ, ଗୋପୀନାଥ ଦେବ, ରାମଚନ୍ଦ୍ର ଦେବ (୨ୟ) ଓ ନିଜ ପିତା ବୀର କେଶରୀ ଦେବ (ପ୍ରଥମ) ଙ୍କ ସମ୍ବନ୍ଧରେ ବିଶଦ୍ ବିବରଣୀ ଦେଇଛନ୍ତି ।

“ଅଖ୍ୟା ମୁକୁନ୍ଦ ଦେବ ନରେନ୍ଦ୍ର,
ଅଧିକ କୀର୍ତ୍ତି ଖ୍ୟାତ ଚନ୍ଦ୍ରକୁନ୍ଦ ।

ଅମ୍ଭକ ଖ୍ୟାତ ସେପରି କୀର୍ତ୍ତି
ଅଟନ୍ତି ଦିବ୍ୟସିଂହ ଚକ୍ରବର୍ତ୍ତୀ ।

\+ \+ \+

ଅଟେ କୌସ୍ତୁଭ ଶାନ୍ତ ସ୍ୱଭାବ
ଅବନୀପାଳ ହରେକୃଷ୍ଣ ଦେବ ।

ଅଧୀଶ୍ୱର ଯେ ପୁନଃ ବସ୍ତେଜ
ଅସମ ଗୋପୀନାଥ ଦେବ ସ୍ତଜ ।

ଅଧିକ ତେଜ ଓ ଗୁଣବଜ
ଆଖ୍ୟା ରାମଚନ୍ଦ୍ର ଦେବ ଭୂଭୁଜ ।

ଅର୍ଜୁନ ସମ ଧୀର ଉତ୍ତମ୍,
ଅଶ୍ୱାରୂଢ଼େ କ୍ଷେତ୍ରପାଳ ଅସମ ।

ଅସି କଳିତ କଳିକ ବତ
ଅଭିମନ୍ୟେ ନାଶି ଶତ୍ରୁ ସଂଘାତ ।

× × ×

ଅତେ ତଦ୍‌ବତ ସେ ନୃପସୁତ
ଆଖ୍ୟା ଶ୍ରୀବୀର କେଶରୀ ଭୂଭୃତ ।

+ + +

ଅଳ୍ପ ମଣ୍ଡଳୀ ଯଶ ପ୍ରକାଶି
ଅବଣୀ ଶୂନ୍ୟ କରି ଚୂନସ୍ୱର୍ଣୀ ।

ଆଲେଖ କଲେ ଖଣ୍ଡ ଦେଉଳେ
ଅଣ୍ଟିଲି ନାହିଁ କପର୍ଦ୍ଦି ବହିଲେ ।"

କବି ଶ୍ୟାମ ସୁନ୍ଦରଙ୍କ ଦ୍ୱାରା ପ୍ରଦତ୍ତ ଉପରୋକ୍ତ ବିବରଣୀରୁ ଜଣାଯାଏ ଯେ ତାଙ୍କ ପିତା ବୀର କେଶରୀ ଦେବଙ୍କ ପଟ୍ଟମହିଷୀ ଶାନ୍ତି ଖଣ୍ଡ ଦେଉଳରେ ଚୂନ ଲେପିଥିଲେ । ଖଣ୍ଡଦେଉଳ ଲାଗି ଚୂନ ସଂଗ୍ରହ କରିବା

ନିମିତ୍ତ ତାଙ୍କୁ ଆଖପାଖ ଅଞ୍ଚଳରୁ କଇଡ଼ ସଂଗ୍ରହ କରିବାକୁ ପଡ଼ିଥିଲା । ସେତେ ଦୂର ସଂଗୃହୀତ ହେଲେ ହେଁ ବଡ଼ ଦେଉଳକୁ ତାହା ନିଅଣ୍ଟ ହୋଇଥିଲା ।

କବିଙ୍କର ଏ ଉକ୍ତି ପ୍ରତି କେତେକ ଅତିଶୟୋକ୍ତି ବୋଲି ଭାବି ପାରନ୍ତି କିନ୍ତୁ ବଡ଼ ଦେଉଳର ଇତିହାସ ମାଦଳା ପାଞ୍ଜିରୁ ଏହାର ପ୍ରମାଣ ମିଳୁଛି ।

"ଏ ମହାରାଜାଙ୍କର ପାଟମହାଦେଈ ବଡ଼ ଦେଉଳକୁ ଚୂନ ଦେଲେ ।" *

କବି ଶ୍ୟାମ ସୁନ୍ଦର ଏହାପରେ ନିଜ ସମ୍ବନ୍ଧରେ କହିବାକୁ ଯାଇ ନିଜର ଗୀତଜ୍ଞାନ, ବହୁପଣ୍ଡିତା, ଭକ୍ତି ଭାବନା ତଥା ସୁଦର୍ଶୀ, ଟେକାଲି ରାଜା ରଘୁନାଥ ଜଗଦେବଙ୍କ ଦୁଇ କନ୍ୟା ସୁଶ୍ରୀ ଦେଈ ଓ ଅରକ ଦେଈଙ୍କ ସମ୍ବନ୍ଧରେ ଉଲ୍ଲେଖ କରିଛନ୍ତି ।

"ଆତ୍ମଜ ସେହି ନୃପର ମୁହିଁ
ଆଖ୍ୟା ଦେବ ଶ୍ୟାମ ସୁନ୍ଦର କହି ।

ଅଟେ ଧୀମାନ କବିଭୂମାନ
ଅଶେଷ ରଚନାରେ କେ ସମାନ ।

ଆଳଙ୍କାରିକ କାବ୍ୟ ପାଠକ
ଆଲୋଚନାରେ ସୂକ୍ଷ୍ମ ବୋଲି ଲୋକ ।

ଅଣ୍ଡି ଦୁଷ୍ଟ ଖଳ ଅପବାଦ
ଆଶ୍ରମ ଚୂଡ଼ ପଦରୁ ଭପ୍ରୁତ ।

---

* ମାଦଳା ପାଞ୍ଜି, ପୃଷ୍ଠା ୭୯, ବାରକେଶରୀ ଦେବଙ୍କ ପ୍ରକରଣ ।

ଅଟେ ପାର୍ଥିବ ଟେକିଲା ଯବ
ଆଖ୍ୟାତ ରଘୁନାଥ ଜଗଦେବ ।

ଆତୁଳା ବିବକ ମଧ୍ୟ ମନ୍ତ୍ରମ
ଅଟେ ଦେବୀ ସୁର୍ଣ୍ଣ ପ୍ରାରକ ନାମ୍ନୀ ।

ଅଧିକେ ଦୁତ ଦାର ସୁଖଦ
ଅନ୍ୟାଙ୍ଗନା ଅବଲୋକରେ ଖେଦ ।

ଅନନ୍ୟ ଗତି ଶ୍ରୀକୃଷ୍ଣେ ମତି
ଅତି ଶୁଷ୍ୟନ୍ତୁ ଲୀଳା କଲି ଖ୍ୟାତି ।"

କବିଙ୍କ ଦ୍ୱାରା ପ୍ରଦତ୍ତ ବିବରଣୀରୁ ସ୍ପଷ୍ଟ ଜଣାଯାଏ ଯେ ସେ ରାମଚନ୍ଦ୍ର ଦେବ (୨ୟ)ଙ୍କ ପୌତ୍ର ଓ ବୀରକିଶୋର ଦେବ (୧ମ)ଙ୍କ ପୁତ୍ର ଥିଲେ । ବୀରକିଶୋର ଦେବ ଖ୍ରୀ: ଅ: ୧୭୩୬ରୁ ଖ୍ରୀ: ଅ: ୧୭୯୩ ପର୍ଯ୍ୟନ୍ତ ଘର୍ଦ୍ଦ ଏକ କାଳ ରାଜଭୁବନର ସ୍ୱର୍ଗାରୋହଣ କରନ୍ତେ ତାଙ୍କ ନାତି ଦିବ୍ୟସିଂହ ଦେବ ଖୋର୍ଦ୍ଧା ରାଜବଂଶରେ ଦ୍ୱିତୀୟ ଦିବ୍ୟସିଂହ ଦେବ ନାମରେ ରାଜା ହେଲେ । ଏ ସମ୍ବନ୍ଧରେ ମାଦଳା ପାଞ୍ଜିରୁ ଏକ ସଂବାଦ ଜାଣି ହୁଏ । ମାଦଳା ପାଞ୍ଜିରେ ବୀରକିଶୋର ଦେବଙ୍କ ପୁତ୍ରଙ୍କ ନାମ ଦିବ୍ୟସିଂହ ଦେବ ଥିବାର ଓ ତାଙ୍କ ନାତିଙ୍କ ନାମ ଦିବ୍ୟସିଂହ ଦେବ ଥିବାର ପ୍ରମାଣ ମିଳୁଛି ।

"ରାଜା ରାମଙ୍କ ସମୟରେ ବୀରକିଶୋର ଦେବ ପାଗଳ ହୋଇ ମରହଟ୍ଟାମାନଙ୍କ ଦ୍ୱାରା ବନ୍ଦୀ ହେଲେ । ଏହାଙ୍କ ପୁଅ ଦିବ୍ୟସିଂହ ଦେବ ସହସ୍ର ଟଙ୍କା ଦେବା ପାଇଁ ସ୍ୱୀକାର କରିବାରୁ ତାଙ୍କୁ ଖୋରଧା ଛାଡ଼ିଦେଲେ ।" *

* ମାଦଳା ପାଞ୍ଜି (ପ୍ରାଚୀ ସଂସ୍କରଣ)—ପୃଷ୍ଠା ୭, ୯,

"ଏ ଉତ୍ତାରେ ଏହାଙ୍କ (ବୀରକେଶରୀ ଦେବ) ନାତି ଜଗନ୍ନାଥ ରାଏଙ୍କ ପୁଅକୁ ଦିବ୍ୟସିଂହ ବୋଲି ରାଜା କରି ମରହଟ୍ଟାଏ ଟୀକା ସିନ୍ଦୁରା ଦେଇ ପୃଥ୍ୱୀ ଭୋଗ କଲେ । ଏ ରାଜା ଖୋରଧା ପଥରଗଡ଼ ଛାଡ଼ି ବରୁଣୀଇ ପଥର ଖୋଲରେ ଘାଟି ନାମକ ଗଡ଼ କରି ରହିଲେ । ବାଣପୁର, ଟେଲ୍ମାଳ, ଖୋରଧା ଅମଳ କଲେ ।" ✻

ପୂର୍ବୋକ୍ତ ପ୍ରଥମ ଉଦ୍ଧୃତାଂଶରୁ ସ୍ପଷ୍ଟ ଭାବରେ ଜଣାଯାଏ ଯେ ବୀରକେଶରୀ ଦେବଙ୍କ ପୁତ୍ର ଦିବ୍ୟସିଂହ ଦେବ ଥିଲେ । ଦ୍ୱିତୀୟ ଉଦ୍ଧୃତାଂଶରୁ ଜଣାପଡ଼େ ଯେ ବୀରକେଶରୀଙ୍କ ପୁତ୍ର ଜଗନ୍ନାଥ ରାଏଙ୍କ ପୁତ୍ର ଅର୍ଥାତ୍ ବୀରକେଶରୀ ଦେବଙ୍କ ନାତିଙ୍କ ନାମ ଦିବ୍ୟସିଂହ ଦେବ ଥିଲା ଏବଂ ବୀରକେଶରୀ ଦେବଙ୍କ ପରେ ସେ ହିଁ ମରହଟ୍ଟାମାନଙ୍କ ଦ୍ୱାରା ଖୋରଧାର ରାଜା ରୂପେ ସ୍ୱୀକୃତ ହୋଇଥିଲେ ।

ମାଦଳା ପାଞ୍ଜିର ଏହି ପରସ୍ପର ବିରୋଧୀ ଉକ୍ତିରୁ ଦିବ୍ୟସିଂହ ଦେବ ପ୍ରକୃତରେ ବୀରକେଶରୀ ଦେବଙ୍କ ପୁଅ କିମ୍ବା ନାତି ଥିଲେ ତାହା ଜାଣିବା ସମ୍ଭବ ନୁହେଁ । ବୋଧହୁଏ ମାଦଳା ପାଞ୍ଜିର ଏହି ଉକ୍ତି ଅର୍ଥାତ୍ ବୀରକେଶରୀ ଦେବଙ୍କ ନାତି ଦିବ୍ୟସିଂହ ଦେବ, ଅନୁସାରେ ସମାଲୋଚକ ଓ ଐତିହାସିକମାନେ ତାଙ୍କୁହିଁ ସମର୍ଥନ କରିଛନ୍ତି ।

ଶ୍ୟାମସୁନ୍ଦର ଦେବ ଏ ସମ୍ବନ୍ଧରେ ତାଙ୍କ ଗ୍ରନ୍ଥରେ କିଛି ଆଲୋକ ପାତ କରିନାହାନ୍ତି । ଜଗନ୍ନାଥ ରାଏ କିମ୍ବା ଦିବ୍ୟସିଂହଙ୍କ ସମ୍ବନ୍ଧରେ ସେ ଅନୁସୃତ କଳ୍ପଲତା କାବ୍ୟର ବଂଶାବଳୀ ବିବରଣୀରେ କିଛି ଆଲୋଚନା ନ କରିବାର କାରଣ ସ୍ୱରୂପ ଏତିକି କୁହାଯାଇ ପାରେ ଯେ, ବୋଧହୁଏ ସେ (ଶ୍ୟାମସୁନ୍ଦର ଦେବ) ବୀରକେଶରୀ ଦେବଙ୍କ

---

✻ ମାଦଳା ପାଞ୍ଜି (ପ୍ରାଚୀ ସଂସ୍କରଣ) —ପୃଷ୍ଠା ୮୦ ।

ଜ୍ୟେଷ୍ଠ ପୁତ୍ର ଥିଲେ । କେବଳ ଆଠଗଡ଼ା ବା ଟ୍ରେଞ୍ଚସମ୍ପୁ ପଦରେ ରହି ସେ କାବ୍ୟକଳାଉପରେ ନିଜକୁ ସମର୍ପିତ କରାଇଥିଲେ ।

ଏଠାରେ ହୁଏତ କେହି କେହି ଅନୁମାନ କରିପାରନ୍ତି ଯେ ଶ୍ୟାମ ସୁନ୍ଦର ଦେବଙ୍କ ଅପର ନାମ ଜଗନ୍ନାଥ ସିଂହ ହୋଇଥିବ ଏବଂ ତାଙ୍କ ଅକାଳ ବିୟୋଗ ପରେ ତାଙ୍କ ପୁତ୍ର ଦିବ୍ୟସିଂହ ଦେବ ଟିକାମହଙ୍କ ଅନ୍ତେ ରାଜଗାଦିରେ ବସିଥିବେ କିନ୍ତୁ ଅନୁରାଗ କଳ୍ପଲତା ଗ୍ରନ୍ଥରେ ପ୍ରଦତ୍ତ ଶ୍ୟାମ ସୁନ୍ଦର ଦେବଙ୍କ କାବ୍ୟ ରଚନା ସମୟରୁ ଏ ପ୍ରକାର ଅନୁମାନ ସଂପୂର୍ଣ୍ଣ ଅମୂଳକ ବୋଲି ମନେହୁଏ ।

“ଅଙ୍କ ଯେ ଶାଳିବାହନ ଶକ ଅବ୍ଦ ସଂଖ୍ୟାମାନ
ଅଧିକ ଚବିଶ ସପ୍ତଦଶ ଶତ
ଯେ ମାସ ମାର୍ଗଶୀର ପୂର୍ଣ୍ଣ ।”

ଏଠାରେ ପ୍ରଦତ୍ତ ସମୟରୁ ଜଣାଯାଏ ଶ୍ୟାମ ସୁନ୍ଦର ଦେବ ଶକାବ୍ଦ ୧୭୨୪ ଅର୍ଥାତ୍ ଖ୍ରୀ: ଅ. ୧୮୦୨ରେ ଅନୁରାଗ କଳ୍ପଲତା କାବ୍ୟଟିକୁ ସଂପୂର୍ଣ୍ଣ କରିଥିଲେ । ତା'ହେଲେ ଖ୍ରୀ: ଅ: ୧୮୦୨ ସୁଦ୍ଧା ସେ ନିଶ୍ଚିତ ଜୀବିତ ଥିବାର ପ୍ରମାଣ ଉପଲବ୍‌ଧ ହେଉଛି । ପାରୁ କେଶରୀ ଦେବଙ୍କ ରାଜତ୍ୱ ଖ୍ରୀ: ଅ: ୧୭୯୩ରେ ଶେଷ ହୋଇଯାନ୍ତେ, ଦିବ୍ୟସିଂହ ଦେବ ସେହି ଦିନଠାରୁ ଖୋର୍ଦ୍ଧା ସିଂହାସନ ଅଧିକାର କରିଥିଲେ । ଶ୍ୟାମ-ସୁନ୍ଦର ଦେବ ଯଦି ଦିବ୍ୟସିଂହ ଦେବଙ୍କ ପିତା ହୋଇଥାନ୍ତେ, ତା'ହେଲେ ଖ୍ରୀ: ଅ: ୧୮୦୨ ପର୍ଯ୍ୟନ୍ତ ସେ ଜୀବିତ ଥିବା ହେତୁ ତାଙ୍କ ପୁତ୍ର (ଦିବ୍ୟସିଂହ) ଖ୍ରୀ: ଅ: ୧୭୯୩ ରେ କିପରି ସିଂହାସନ ଆରୋହଣ କରିଥାନ୍ତେ । ତେଣୁ ଅନ୍ୟାନ୍ୟ ପ୍ରାମାଣିକ ତଥ୍ୟ ଉପଲବ୍ଧ

ହେବା ପର୍ଯ୍ୟନ୍ତ ଶ୍ୟାମ ସୁନ୍ଦର ଦେବଙ୍କୁ ଗାରକେଶରୀ ଦେବ (୧ମ) ଙ୍କ ଅନ୍ୟତମ ପୁତ୍ର ରୂପେ ସ୍ୱୀକାର କରାଯାଇ ପାରେ । ଏହାଙ୍କ ଲିଖିତ ଅନୁରାଗ କଳ୍ପଲତା, ଓଡ଼ିଆ ରାଧାକୃଷ୍ଣ ଲୀଳା ମୂଳକ ଗ୍ରନ୍ଥ ମଧ୍ୟରେ ଯେ ଏକ ଅନୁପମ କାବ୍ୟଗ୍ରନ୍ଥ ଏଥିରେ ସନ୍ଦେହ ନାହିଁ ।

— ସମାପ୍ତ —

ମୁଦ୍ରାକର—
ବୈଦ୍ୟ ଶିବରାମ ଦାଶ, ଏମ୍, ଏ.,
ଶତଦଳ ପ୍ରେସ
କଟକ